ମୁକ୍ତି ଓ ସମତାର ମହାଯୋଦ୍ଧା

ପ୍ରାଣନାଥ

ଆଶିଷ ମହାପାତ୍ର

Digitized by PPRACHIN, SOA

ମୁକ୍ତି ଓ ସମତାର ମହାଯୋଦ୍ଧା

ପ୍ରାଣନାଥ

ଆଶିଷ ମହାପାତ୍ର

ପ୍ରକାଶକ :

ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ବିନୋଦ ବିହାରୀ, କଟକ-୨

Digitized by PPRACHIN, SOA

ମୁକ୍ତି ଓ ସମତାର ମହାଯୋଦ୍ଧା

ପ୍ରାଣନାଥ

ଜୀବନ ଚରିତ

ଲେଖକ : ଆଶିଷ ମହାପାତ୍ର ■ ପ୍ରକାଶକ : ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦବିହାରୀ, କଟକ-୨ ■ ଅକ୍ଷରସଜ୍ଜା : ଅକ୍ଷର, କଲ୍ୟାଣୀନଗର, କଟକ-୧୩ ■ ମୁଦ୍ରଣ : ଟେକ୍‌ନୋ ଆର୍ଟସ ଅଫ୍‌ସେଟ୍, କଲ୍ୟାଣୀନଗର, କଟକ-୧୩ ■ ମୂଲ୍ୟ : ଟ. ୭୦/-

ପ୍ରଥମ ପ୍ରକାଶ
୫ ଅକ୍ଟୋବର, ୧୯୯୮

Mukti O Samatara Mahayoddha .

PRANANATHA

A Biography

Author : Ashish Mohapatra ■ Publisher : Prachi Sahitya Pratisthan, Binodbehari, Cuttack-2 ■ Typesetting : Akshara, Kalyani Nagar, Cuttack-13 ■ Printed at : Techno Arts Offset, Kalyani Nagar, Cuttack-13 ■ Price : Rs.70/-.

First Edition :
5th October, 1998

Digitized by PPRACHIN, SOA

ଉତ୍ସର୍ଗ

ସାଥୀ ପ୍ରାଣନାଥ ପଟ୍ଟନାୟକଙ୍କ ଜାତୀୟ ସ୍ୱାଧୀନତା ସଂଗ୍ରାମରେ ଓ ଏକ ସମତା ଓ ନ୍ୟାୟପୂର୍ଣ୍ଣ ସମାଜର ଗଠନ ପାଇଁ ସଂଗ୍ରାମରେ ସମସ୍ତ ସହଯୋଦ୍ଧା ଏବଂ ଶିକ୍ଷା ସଂସ୍କୃତି ଓ ସାହିତ୍ୟର ବିକାଶ ସାଧନ ପାଇଁ ସମସ୍ତ ସହଯୋଗୀ, ବନ୍ଧୁମାନଙ୍କର ଉଦ୍ଦେଶ୍ୟରେ ଏ ପୁସ୍ତକକୁ ଉତ୍ସର୍ଗ କରାଗଲା ।

— ଲେଖକ

Digitized by PPRACHIN, SOA

ଅଭିମତ

ଶ୍ରଦ୍ଧେୟ ସାଥୀ ଆଶିଷ ମହାପାତ୍ର ଓଡ଼ିଶାରେ ସାମ୍ୟବାଦର ବାହକ, ବିପ୍ଳବୀ ଜନନେତା ପ୍ରାଣନାଥ ପଟ୍ଟନାୟକଙ୍କର ଏକ ପୂର୍ଣ୍ଣାଙ୍ଗ ଜୀବନୀ ପୁସ୍ତକ **'ମୁକ୍ତି ଓ ସମତାର ମହାଯୋଦ୍ଧା - ପ୍ରାଣନାଥ'** ରଚନା କରିଥିବାରୁ ତାଙ୍କୁ ସାଧୁବାଦ ଜଣାଉଛି। ଏହି ପୁସ୍ତକ କେବଳ ପ୍ରାଣନାଥ ବାବୁଙ୍କ ଜୀବନୀ ମଧ୍ୟରେ ସୀମିତ ରହି ନାହିଁ, ଏଥିରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ, ଗଡ଼ଜାତ ପ୍ରଜା ଆନ୍ଦୋଳନ ସମେତ ବିଗତ ଅର୍ଦ୍ଧଶତାବ୍ଦୀର ସମସ୍ତ ପ୍ରଗତିଶୀଳ ଆନ୍ଦୋଳନର ନିଖୁଣ ଚିତ୍ର ପ୍ରତିବିମ୍ବିତ ହୋଇଛି। ଏହି ପୁସ୍ତକଟିର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ଯେ, ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେବା ଏବଂ ୧୯୪୭ରେ ଦେଶ ସ୍ୱାଧୀନତା ହାସଲ କରିବା ପରେ ଯେତେସବୁ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଘଟଣାବଳୀ ସଂଘଟିତ ହୋଇଛି, ତାହା ଏଥିରେ ସ୍ଥାନ ପାଇଛି। ଓଡ଼ିଶାରେ ବାମପନ୍ଥୀ ଆନ୍ଦୋଳନର ଏକ ପୂର୍ଣ୍ଣାଙ୍ଗ ଇତିହାସ ଆଜି ପର୍ଯ୍ୟନ୍ତ ସଂକଳିତ ହୋଇପାରି ନାହିଁ। ଏହି ଆନ୍ଦୋଳନର ବହୁ ରଥୀ ମହାରଥୀ ଚାଲି ପଡ଼ିଲେଣି। ଏହି ପୃଷ୍ଠଭୂମିରେ ଶ୍ରୀମାନ୍ ଆଶିଷ ପ୍ରାଣନାଥଙ୍କ ଜୀବନୀ ମାଧ୍ୟମରେ ବାମପନ୍ଥୀ ଆନ୍ଦୋଳନର କ୍ରମବିକାଶର ଏକ ବିବରଣୀ ପ୍ରଦାନ କରିବାକୁ ଉଦ୍ୟମ କରିଛନ୍ତି।

ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ସାଥୀ ପ୍ରାଣନାଥ ପଟ୍ଟନାୟକଙ୍କ ସହିତ ମୋର ସମ୍ପର୍କ ଦୀର୍ଘଦିନର। ପୁରୀ ଜିଲ୍ଲା ସ୍କୁଲ୍‌ରେ ସେ ମୋ'ଠାରୁ ଦୁଇଟି ଶ୍ରେଣୀ ଉପରେ ପଢୁଥିଲେ। ୧୯୩୦ ମସିହାରୁ ମୃତ୍ୟୁ ପର୍ଯ୍ୟନ୍ତ ମୁଁ ତାଙ୍କ ପାଖେପାଖେ କଟାଇଛି। ଦୁହେଁ ଏକାଠି ସଂଗ୍ରାମ କରିଛୁ, ଜେଲ୍ ଯାଇଛୁ। ତାଙ୍କ ଚରିତ୍ରରେ ଏଭଳି କେତେକ ବୈଶିଷ୍ଟ୍ୟ ଥିଲା, ଯାହା ଅନ୍ୟ କୌଣସି ନେତାଙ୍କ ଠାରେ ଦେଖିବାକୁ ମିଳେ ନାହିଁ। ସେ ଯାହା କହୁଥିଲେ, ଯେଉଁ ନୀତି ଦର୍ଶନରେ ବିଶ୍ୱାସ କରୁଥିଲେ, ତାହାକୁ ସେ ବ୍ୟକ୍ତିଗତ ଜୀବନରେ ଅଭ୍ୟାସ କରୁଥିଲେ। ସେ ନିଜକୁ ଦରିଦ୍ର ଜନସାଧାରଣଙ୍କ ମଧ୍ୟରେ

Digitized by PPRACHIN, SOA

ମିଶାଇ ଦେଇଥିଲେ । ତାଙ୍କର ଖାଦ୍ୟ, ପୋଷାକ, ଚଳଣି, କଥାବାର୍ତ୍ତା ଭିତରେ ତାହା ପ୍ରକଟିତ ହେଉଥିଲା । ସ୍ୱାଧୀନତା ପରେ ବହୁ ପ୍ରଲୋଭନ ତାଙ୍କ ପାଖକୁ ଆସିଛି ମନ୍ତ୍ରୀ ହେବା ପାଇଁ, ବିଳାସ ବ୍ୟସନରେ ଦିନ କଟାଇବା ପାଇଁ । କିନ୍ତୁ ତାକୁ ପରିହାସ କରି ଖୋର୍ଦ୍ଧା କମ୍ୟୁନିଷ୍ଟ ପାର୍ଟି ଚାଳଘରକୁ ସେ ପ୍ରାସାଦ ବୋଲି ବରଣ କରି ନେଇଥିଲେ । ଜନସାଧାରଣଙ୍କ ମନସ୍ତତ୍ତ୍ୱକୁ ସେ ଭଲ ଭାବରେ ଜାଣି ପାରୁଥିଲେ ଓ ସେହି ଅନୁଯାୟୀ ସଠିକ୍ ବିଶ୍ଳେଷଣ କରୁଥିଲେ । କମ୍ୟୁନିଷ୍ଟ ପାର୍ଟି ଭିତରେ ତାଙ୍କର କାର୍ଯ୍ୟଧାରା ଅତ୍ୟନ୍ତ ନିର୍ଭୁଲ୍ ଥିଲା । 'ଉଦାହରଣ ସ୍ୱରୂପ ବଙ୍ଗଳାରେ ଐତିହାସିକ ତେଭାଗା ଆନ୍ଦୋଳନର ବହୁ ପୂର୍ବରୁ ସେ ଓଡ଼ିଶାରେ ଭାଗଚାଷୀ ଆନ୍ଦୋଳନ ଆରମ୍ଭ କରିଥିଲେ । ସେ ଥିଲେ ଚିର ସଂଗ୍ରାମୀ ଓ ସଦାସର୍ବଦା ସଂଗ୍ରାମର ଅଗ୍ରଭାଗରେ ରହୁଥିଲେ । ତାଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତ ଥିଲା ଘଟଣାବହୁଳ ଓ ସଂଗ୍ରାମମୟ । ସେହି ଦୃଷ୍ଟିରୁ ତାଙ୍କର ଜୀବନୀ ହେଉଛି ଏକ ଇତିହାସ । ମୁଁ ଜୀବନରେ ବହୁ ନେତା ଦେଖିଛି । କିନ୍ତୁ ଏ ପର୍ଯ୍ୟନ୍ତ ଏପରି ନେତା ବାସ୍ତବିକ ଦେଖି ନାହିଁ । ସମସ୍ତ ପ୍ରଗତିଶୀଳ ଗଣ ଆନ୍ଦୋଳନର ଅବିରାମ ସ୍ରୋତ ସହିତ ପ୍ରାଣନାଥ ପଟ୍ଟନାୟକ ଚିର ଅମର ହୋଇ ରହିବେ ।

ପ୍ରାଣନାଥଙ୍କ ଜୀବନୀ ପ୍ରଣୟନ କରିଥିବାରୁ ଆଶିଷଙ୍କୁ ପୁଣି ଧନ୍ୟବାଦ ଜଣାଉଛି ।



Digitized by PPRACHIN, SOA

ଭୂମିକା

'ମୁକ୍ତି ଓ ସମତାର ମହାଯୋଦ୍ଧା' **ପ୍ରାଣନାଥ** ପୁସ୍ତକର ଭୂମିକା ଲେଖିଲା ବେଳେ କେହି ହୁଏତ ଭାବୁଥିବେ ଯେ ଲେଖକ ଏହି ମହାନ୍ ଜୀବନ ଜନନାୟକଙ୍କ ଉପରେ ଆଉ କିଛି ଲେଖିବ । ମାତ୍ର ସେ ପ୍ରୟାସ ମୁଁ କରୁନାହିଁ । ବହି ତା କଥା କହିବ । ମୋ ପୂର୍ବରୁ ପ୍ରାଣନାଥ ପଟ୍ଟନାୟକଙ୍କର ଜୀବନ ଓ କାର୍ଯ୍ୟ ଉପରେ ଅନେକ ଜ୍ଞାନୀ ଗୁଣୀ ବ୍ୟକ୍ତି ବହୁ ମୂଲ୍ୟବାନ୍ ବିଷୟ ଲେଖିଯାଇଛନ୍ତି । ସେମାନଙ୍କ ପ୍ରତି ଅନ୍ତରର କୃତଜ୍ଞତା ଜଣାଇବା ଓ ବହିକୁ ଆଲୋକର ଜଗତକୁ ଆଣିବା ଦିଗରେ କାର୍ଯ୍ୟ କରିବା ସାଥୀ ବନ୍ଧୁମାନଙ୍କୁ ଧନ୍ୟବାଦ ଜ୍ଞାପନ କରିବା ହେଉଛି ଭୂମିକାର ଉଦ୍ଦେଶ୍ୟ ।

ମୋର ନମ୍ର ମତରେ ଏହା କେବଳ ପ୍ରାଣନାଥ ବାବୁଙ୍କ ଜୀବନ ଚରିତ ନୁହେଁ । ଓଡ଼ିଶାର ଅର୍ଦ୍ଧ ଶତାବ୍ଦୀର ରାଜନୀତି, ଅର୍ଥନୀତି, ସାମାଜିକ ପ୍ରଥାର ବହୁ ଚିତ୍ର ଏଥିରେ ଦେଖିବାକୁ ମିଳିବ । ପ୍ରାଣନାଥ ତ ନାହାନ୍ତି, ଏ ତାଙ୍କର ଜୀବନ ଚରିତ, ତାଙ୍କୁ ଧନ୍ୟବାଦ ଦେବା ହାସ୍ୟାସ୍ପଦ ହେବ । ମାତ୍ର ୧୯୬୭ରେ ନୂଆଦୁନିଆର ଭଗବତୀ ବିଶେଷାଙ୍କରେ 'ବିସ୍ମୃତିର ଗର୍ଭରୁ' ଶୀର୍ଷକ ଯେଉଁ ଅନନ୍ୟ ପ୍ରବନ୍ଧ ଲେଖିଥିଲେ, ତାହା ହୋଇଛି ଏ ଲେଖା ଦିଗରେ ପ୍ରଥମ ପାଥେୟ । ପ୍ରାଣନାଥ ପଟ୍ଟନାୟକଙ୍କ ଘନିଷ୍ଠତମ ଯୋଦ୍ଧା ମହାନ୍ ସ୍ୱାଧୀନତା ସଂଗ୍ରାମୀ ଗୋକୁଳମୋହନ ରାୟ ଚୂଡ଼ାମଣିଙ୍କର 'ଇତିହାସର ପାଦକ୍ଷେପ'ର ଅସଂଖ୍ୟ ଛତ୍ର ମୋତେ ଏ ଲେଖା ଲେଖିବାରେ ସାହାଯ୍ୟ କରିଛି । ତାଙ୍କ ସହିତ ନିବିଡ଼ ଆଲୋଚନାରୁ ଅନେକ ତଥ୍ୟ ଉଦ୍‌ଘାଟିତ ହୋଇଛି । ସେ ଯେ ଏ ପୁସ୍ତକ ପାଇଁ ଆନନ୍ଦରେ ଅଭିମତ ଦେଇଛନ୍ତି, ତାହା ମୋ ପାଇଁ ସୌଭାଗ୍ୟର ବିଷୟ ।

ଓଡ଼ିଶା କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଲେଖକ ଗୁରୁଚରଣ ପଟ୍ଟନାୟକଙ୍କର ଅନେକ ଲେଖା ମୋତେ ଆଲୋକ ଦେଖାଇଛନ୍ତି ।

Digitized by PPRACHIN, SOA

ବିଶିଷ୍ଟ ଶିକ୍ଷାବିତ୍ ଓ ଖୋର୍ଦ୍ଧା କଲେଜର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ଅମୂଲ୍ୟକୃଷ୍ଣ ମିଶ୍ରଙ୍କର ପ୍ରାଣନାଥଙ୍କ ଜୀବନୀ ଉପରେ ଏକ ସୁଚିନ୍ତିତ ପୁସ୍ତକ 'ଅଲିଭା ଶିଖା' ମୋତେ ବହୁ ତଥ୍ୟ ଯୋଗାଇବାରେ ସାହାଯ୍ୟ କରିଛି । ପ୍ରାଣନାଥବାବୁଙ୍କ ଅନ୍ୟତମ ସହଯୋଦ୍ଧା, ସ୍ୱାଧୀନତା ସଂଗ୍ରାମୀ ପରଶୁରାମ ପଦାତିକ ରାୟଙ୍କର ବହୁ ପୃଷ୍ଠା ବିଶିଷ୍ଟ ଏକ ଲେଖାର ପାଣ୍ଡୁଲିପି ମୋର ତଥ୍ୟାବଳୀକୁ ସମୃଦ୍ଧ କରିଛି ।

ଖୋର୍ଦ୍ଧା କଲେଜ ପକ୍ଷରୁ ପ୍ରାଣନାଥଙ୍କ ଜୀବନର ବହୁ ବିଷୟକୁ ସଂକଳିତ କରି ୧୯୭୧ ଜାନୁଆରୀ ୨୮ରେ ପ୍ରକାଶିତ 'ପ୍ରାଣନାଥ ସ୍ମରଣେ'ର ପ୍ରେରଣା ଏ ପୁସ୍ତକର ପ୍ରସ୍ତୁତି ପଛରେ ରହିଛି ।

ଏହାଛଡ଼ା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ-ଶ୍ରମିକ ନେତା ରାମଚନ୍ଦ୍ର ରାମଙ୍କର ପୁସ୍ତକ 'ସଂଗ୍ରାମୀ' ଓ ଓଡ଼ିଶାର ଲବ୍ଧପ୍ରତିଷ୍ଠ ଆଇନ୍‌ଜୀବୀ ଗଙ୍ଗାଧର ରଥଙ୍କର 'ଭୁଲିନାହିଁ'ର ବହୁ ଅଧ୍ୟାୟର ଆଶ୍ରୟ ଲେଖକ ନେଇଛି ।

ସେହିପରି ପ୍ରାଣନାଥବାବୁଙ୍କ ଦ୍ୱାରା ଲିଖିତ, 'ଆସନ୍ତାକାଲିର ସାହିତ୍ୟ', ସେ ଓ ଅଧ୍ୟାପକ ଜାନକୀବଲ୍ଲଭ ମହାନ୍ତି, (ଭରଦ୍ୱାଜ)ଙ୍କ ଦ୍ୱାରା ସମ୍ପାଦିତ 'କୃଷ୍ଣମୋହନ ପଦାବଳୀ'ର ସହାୟତା ମୁଁ ନେଇଛି ।

କଟକ ବାଲୁବଜାରର ଅଗ୍ରଣୀ ଅନୁଷ୍ଠାନ 'ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ'ର ସଂସ୍ଥାପକ ଗଙ୍ଗାଧର ତ୍ରିପାଠୀଙ୍କର ଦୃଢ଼ ସଂକଳ୍ପ ଓ ନିଷ୍ପତ୍ତି ଯୋଗୁଁ 'ମୁକ୍ତି ଓ ସମତାର ମହାଯୋଦ୍ଧା' ପୁସ୍ତକଟି ପ୍ରକାଶିତ ହୋଇପାରିଲା । ମୋର କନିଷ୍ଠ ଭ୍ରାତୃପ୍ରତିମ ସାହିତ୍ୟିକ ଗିରିଜାକୁମାର ବଳୀୟାରସିଂହ ଓ ତାଙ୍କର କର୍ମଠ ସହକର୍ମୀମାନଙ୍କର ଉଦ୍ୟମ ହେତୁ ଏ ପୁସ୍ତକ ପ୍ରକାଶ ପାଇଲା ।

ଭୁବନେଶ୍ୱରର 'ପ୍ରାଣନାଥ ସ୍ମୃତି ପରିଷଦ' ଦ୍ୱାରା ସଂକଳିତ ପ୍ରାଣନାଥ ପରିକ୍ରମାର ମହାନ୍ ଲେଖକ, ଯାହାଙ୍କ ଭିତରେ ଅଛନ୍ତି ଜନନେତା, ଶିକ୍ଷାବିତ୍, ସାହିତ୍ୟିକ, ଓ ପ୍ରାଣନାଥବାବୁଙ୍କର ଅନେକ ଗୁଣମୁଗ୍ଧ ବନ୍ଧୁ ଓ ସାଥୀ, ସେ ସମସ୍ତଙ୍କର ଲେଖା ମୋତେ ମାର୍ଗଦର୍ଶନ କରାଇଛି ।

ମୋର କନିଷ୍ଠ ଭଗ୍ନୀ ତୁଲ୍ୟ । ପ୍ରାଣନାଥ ପଟ୍ଟନାୟକଙ୍କର ପୁତ୍ରବଧୂ ଓ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କର ପତ୍ନୀ ଲିଲି ପଟ୍ଟନାୟକ ନିଜର ଅଜସ୍ର ଝଂଝାଳ ସତ୍ତ୍ୱେ ମୋର ଲେଖାକୁ ସୁନ୍ଦର ଅକ୍ଷରରେ ଲିପିବଦ୍ଧ କରି ଏହି କାର୍ଯ୍ୟକୁ ଆଗେଇ ନେଇଛନ୍ତି । ଠିକ୍ ସେହିପରି ମହତ୍ କାର୍ଯ୍ୟ କରିଛନ୍ତି ସାହିତ୍ୟପ୍ରେମୀ ରବୀନ୍ଦ୍ରନାଥ ରାଉତରାୟ ।

Digitized by PPRACHIN, SOA

ଏହି ସମସ୍ତ ବନ୍ଧୁଙ୍କର ଅମୂଲ୍ୟ ସାହାଯ୍ୟର ମୁଁ ଋଣ ସ୍ୱୀକାର କରୁଛି ଓ ମୋର ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଛି । ସେମାନଙ୍କୁ ଧନ୍ୟବାଦ ଦେବା ପାଇଁ ମୋର ଭାଷା ନାହିଁ ।

ସେହିପରି 'ପ୍ରାଚୀ ପ୍ରକାଶନୀ'ର କର୍ମକର୍ତ୍ତା, ବନ୍ଧୁ ଓ ଟେକ୍ନୋ ଆର୍ଟସ ଅଫ୍‌ସେଟ୍ ମୁଦ୍ରଣ ଅନୁଷ୍ଠାନ ସହିତ ସଂପୃକ୍ତ ବନ୍ଧୁମାନଙ୍କୁ ସେମାନଙ୍କର ପ୍ରଗାଢ଼ ପରିଶ୍ରମ ପାଇଁ ମୋର ଗଭୀର କୃତଜ୍ଞତା ଜ୍ଞାପନ କରୁଛି । ସେମାନଙ୍କୁ ବଧେଇ ଜଣାଉଛି ।

ଓଡ଼ିଶାର ସାହିତ୍ୟ, ସଂସ୍କୃତି, ଶିକ୍ଷାପ୍ରେମୀ ତଥା ଦେଶପ୍ରେମୀ ପାଠକମାନଙ୍କ ହାତରେ ଏ ପୁସ୍ତକର ମୂଲ୍ୟାୟନ କରିବାର ଦାୟିତ୍ୱ ନ୍ୟସ୍ତ କରୁଛି । ସେହି ସୁଧୀ ପାଠକମାନେ ହେଲେ ପୁସ୍ତକର ବିଚାରକ । ଯଦି ମୋର ଲେଖାରେ କିଛି ଦୋଷ ତ୍ରୁଟି ଥାଏ ତେବେ ସେମାନେ ଉଦାରତା ଗୁଣରେ ମୋତେ କ୍ଷମା ଦେବେ, ଏ ବିଶ୍ୱାସ ମୋର ଅଛି ।

ଏ ସମସ୍ତଙ୍କୁ ମୋର ନମସ୍କାର ।

ବିନୀତ ଲେଖକ

ଅକ୍ଟୋବର ପହିଲା, ୧୯୯୮
ବିଜୟାଦଶମୀ

Digitized by PPRACHIN, SOA

ସୂଚୀପତ୍ର

■ *ପ୍ରଥମ ଅଧ୍ୟାୟ*
ପ୍ରାଣନାଥ ଏକ ସମୁଜ୍ଜ୍ୱଳ ତାରକା ୧

■ *ଦ୍ୱିତୀୟ ଅଧ୍ୟାୟ*
ଜିନ୍ମ, ବାଲ୍ୟକାଳ, କୈଶୋର ଓ ପାଠପଢ଼ା ୫

■ *ତୃତୀୟ ଅଧ୍ୟାୟ*
ବିବାହ ଓ ଦେଶପ୍ରେମୀର ସଂସାର ୧୪

■ *ଚତୁର୍ଥ ଅଧ୍ୟାୟ*
ଦେଶପ୍ରେମର ମହାଯଜ୍ଞରେ ୨୩

■ *ପଞ୍ଚମ ଅଧ୍ୟାୟ*
ଖୋର୍ଦ୍ଧାମାଟିର ବରପୁତ୍ର ୩୦

■ *ଷଷ୍ଠ ଅଧ୍ୟାୟ*
କାଶୀ ବିଦ୍ୟାପୀଠରେ ଶାସ୍ତ୍ରୀ ୪୬

■ *ସପ୍ତମ ଅଧ୍ୟାୟ*
ବ୍ୟବସ୍ଥାସଭାରେ ପ୍ରାଣନାଥ ୫୪

■ *ଅଷ୍ଟମ ଅଧ୍ୟାୟ*
କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ଆଦ୍ୟ ସ୍ରଷ୍ଟା ୫୯

■ *ନବମ ଅଧ୍ୟାୟ*
ଗଡ଼ଜାତ ପ୍ରଜାମଣ୍ଡଳ ସଂଗ୍ରାମରେ ଭୂମିକା ୮୧

■ *ଦଶମ ଅଧ୍ୟାୟ*
ବ୍ରହ୍ମପୁର ଜେଲ୍-ଶିକ୍ଷାଗାର ୯୩

■ *ଏକାଦଶ ଅଧ୍ୟାୟ*
ସୂର୍ଯ୍ୟୋଦୟର ପୂର୍ବରୁ ଓ ପରେ ୧୦୬

■ *ଦ୍ୱାଦଶ ଅଧ୍ୟାୟ*
ଗଣତାନ୍ତ୍ରିକ ନିର୍ବାଚନର ରଣାଙ୍ଗନରେ ୧୨୩

■ *ତ୍ରୟୋଦଶ ଅଧ୍ୟାୟ*
ଅଜସ୍ର ସଂଗ୍ରାମର କ୍ଷେତ୍ରରୁ ମୃତ୍ୟୁଶଯ୍ୟା ଯାଏଁ... ୧୪୬

■ *ଚତୁର୍ଦ୍ଦଶ ଅଧ୍ୟାୟ*
ସାହିତ୍ୟ, ସଂସ୍କୃତି ଓ ଶିକ୍ଷାର ଉଦ୍‌ଗାତା ୧୬୬

Digitized by PPRACHIN, SOA

ଜନନାୟକ
ପ୍ରାଣନାଥ ପଟ୍ଟନାୟକ

ଜୀବନସାଥୀ
ମଂଜରୀ ପଟ୍ଟନାୟକ

Digitized by PPRACHIN, SOA

ତରୁଣ ପ୍ରାଣନାଥ ଓ ସହଧର୍ମିଣୀ ମଂଜରୀ
ଏକ ବିରଳ ମୁହୂର୍ତ୍ତରେ

Digitized by PPRACHIN, SOA

ଖୋର୍ଦ୍ଧାସ୍ଥିତ ପ୍ରାଣନାଥ
ମହାବିଦ୍ୟାଳୟ
ପ୍ରାଙ୍ଗଣରେ ପ୍ରତିଷ୍ଠିତ
ପ୍ରାଣନାଥଙ୍କ ପ୍ରତିମୂର୍ତ୍ତି :
ସମ୍ମୁଖରେ ଶ୍ରୀମତୀ
ମଂଜରୀ ପଟ୍ଟନାୟକ

ଓଡ଼ିଶାରେ ସାମ୍ୟବାଦୀ ଆନ୍ଦୋଳନର
ଭଗୀରଥ : ଭଗବତୀ ଚରଣ ପାଣିଗ୍ରାହୀ

ଅନ୍ତରଂଗ ବିପ୍ଳବୀ ବଂଧୁ : ଗୁରୁଚରଣ ପଟ୍ଟନାୟକ

ପ୍ରାଣନାଥଙ୍କ ଘନିଷ୍ଠତମ ସହଯୋଦ୍ଧା :
ଗୋକୁଳମୋହନ ରାଏଚୂଡ଼ାମଣି

Digitized by PPRACHIN, SOA

ଭୁବନେଶ୍ୱର ପି.ଇ.ଏନ୍. ସମ୍ମିଳନୀରେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ସହ ଆଲୋଚନାରତ ପ୍ରାଣନାଥ । ପ୍ରାଣନାଥ କାଶୀ ବିଦ୍ୟାପୀଠରେ ଅଧ୍ୟୟନ କାଳରେ ନେହେରୁଙ୍କର ଘନିଷ୍ଠ ସମ୍ପର୍କରେ ଆସିଥିଲେ ।

Digitized by PPRACHIN, SOA



ଭାରତୀୟ ସାମ୍ବାଦିକ ପ୍ରତିନିଧି ଦଳରେ ସୋଭିଏତ୍ ରୁଷ ଗସ୍ତ କାଳରେ ମସ୍କୋଠାରେ 'ପ୍ରଭଦା' କାର୍ଯ୍ୟାଳୟରେ ସମ୍ପାଦକଙ୍କ ସହ ଆଲୋଚନାରତ ।

Digitized by PPRACHIN, SOA

ଓଡ଼ିଶାରେ ବାମପନ୍ଥୀ ଆନ୍ଦୋଳନର ପ୍ରସିଦ୍ଧ ପ୍ରବକ୍ତା ତଥା 'ମୁକ୍ତି ଓ ସମତାର ମହାଯୋଦ୍ଧା : ପ୍ରାଣନାଥ' ପୁସ୍ତକର ପ୍ରଣେତା

ଆଶିଷ ମହାପାତ୍ର

Digitized by PPRACHIN, SOA

ପ୍ରଥମ ଅଧ୍ୟାୟ

ପ୍ରାଣନାଥ- ଏକ ସମୁଜ୍ଜ୍ୱଳ ତାରକା

ଉପୋଦ୍‌ଘାତ

ବିଂଶ ଶତାବ୍ଦୀରେ ଓଡ଼ିଶା ଯେତେଜଣ ବରପୁତ୍ର ବା ମନୀଷୀମାନଙ୍କୁ ଜନ୍ମ ଦେଇଛି, ସେମାନଙ୍କ ମଧ୍ୟରେ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଗରିବ କୃଷକ, କ୍ଷେତ ମଜୁରିଆ ଶ୍ରେଣୀର ପ୍ରବକ୍ତା, ଓଡ଼ିଆରେ ସାମ୍ୟବାଦୀ ସମାଜବାଦୀ ଆନ୍ଦୋଳନର ଅନ୍ୟତମ ପ୍ରାଣପ୍ରତିଷ୍ଠାତା ଓ ଉନ୍ନତ ସଂସ୍କୃତି, ସାହିତ୍ୟ ଓ ଶିକ୍ଷାର ଉଦ୍‌ଗାତା ଏବଂ ଏକ ସମ୍ମାନାସ୍ପଦ ବିଧାୟକ ତଥା ଜନନେତା ପ୍ରାଣନାଥ ପଟ୍ଟନାୟକ ଅନ୍ୟତମ ।

ଓଡ଼ିଆ ଜାତିର ଏକ ସଙ୍କଟମୟ ସମୟ—ଏକ ଐତିହାସିକ ସନ୍ଧିକ୍ଷଣରେ ସେ ଜନ୍ମ ନେଇ, ଜାତୀୟ ଜୀବନରେ ଯେଉଁ ଉଲ୍ଲେଖଯୋଗ୍ୟ ତଥା ନିୟାମକ ଭୂମିକା ଗ୍ରହଣ କରିଛନ୍ତି, ସେଥିପାଇଁ ସେ ଯୁଗଯୁଗ ଧରି ସ୍ମରଣୀୟ ହୋଇ ରହିବେ । ଏକ ଅଖ୍ୟାତ ଗ୍ରାମରେ ନିମ୍ନ ମଧ୍ୟବିତ୍ତ ପରିବାରରେ ୧୯୦୫ରେ ଜନ୍ମ ନେଇଥିବା ପ୍ରାଣନାଥଙ୍କର ଜୀବନ ଥିଲା ବଳିଷ୍ଠ ଦେଶପ୍ରେମ, ଦରିଦ୍ର ନିଷ୍ପେଷିତ ଚାଷୀ ମୂଲିଆ ଶ୍ରେଣୀ ପାଇଁ ଗଭୀର ମମତା, ଦୁଃଖୀ ନିରନ୍ନ ନିପୀଡ଼ିତ ଜନସାଧାରଣଙ୍କ ପାଇଁ ସୀମାହୀନ ଦରଦ ଓ ସର୍ବୋପରି ଉନ୍ନତ ସାଂସ୍କୃତିକ, ସାରସ୍ୱତ ନିର୍ଯ୍ୟାସରେ ଭରା । ଅତ୍ୟନ୍ତ ବିନୟୀ; ସରଳ, ଆଡ଼ମ୍ବରଶୂନ୍ୟ ଓ ଆସ୍ଫାଳନହୀନ ତାଙ୍କର ବ୍ୟକ୍ତିତ୍ୱ ଓ ଉଜ୍ଜ୍ୱଳ ଚରିତ୍ର ତାଙ୍କୁ ଏହି ଶତାବ୍ଦୀର ଅନ୍ୟତମ ଆଲୋକିତ ତାରକା ଭାବରେ ରାଜ୍ୟର ଜନସାଧାରଣଙ୍କ ପାଖରେ ପରିଚିତ କରାଇଛି ।

୧୯୩୦ରୁ ୧୯୭୦ ମସିହା ପର୍ଯ୍ୟନ୍ତ ପ୍ରାଣନାଥ ଅତିବାହିତ କରିଥିବା କର୍ମବହୁଳ ଜୀବନ, ସଙ୍ଗଠନ ଓ ସେ କରିଥିବା ଅସଂଖ୍ୟ ଆନ୍ଦୋଳନ ତଥା ସଂଗ୍ରାମର ଇତିହାସ ଭିତରେ ଓଡ଼ିଶା ଇତିହାସର ବହୁ ଛତ୍ରକୁ ଦେଖାଯାଇ ପାରିବ । ନିଜର ନମ୍ର, ଶାନ୍ତ,

Digitized by PPRACHIN, SOA

ସମାହିତ ଚରିତ୍ର ସତ୍ତ୍ୱେ ଏହି ମହାନ ବ୍ୟକ୍ତିତ୍ୱ ଥିଲେ ଐତିହାସିକ ସ୍ୱାଧୀନତା ସଂଗ୍ରାମରେ ଅନମନୀୟ ଯୋଦ୍ଧା; ଗରିବ, ନିଷ୍ପେଷିତ ଜନସାଧାରଣଙ୍କ ଆନ୍ଦୋଳନରେ ଅକୁତୋଭୟ, ଅବିଚଳ ରଥୀ ଏବଂ ଦୁର୍ଭିକ୍ଷ, ମହାମାରୀ ମଡକରେ ସଢ଼ି ରହୁଥିବା ଅସହାୟ ମଣିଷଙ୍କର ଦାବିର ଦୁର୍ବିନୀତ ପ୍ରବକ୍ତା । ତେଣୁ ତାଙ୍କୁ କେବଳ ସମାଜବାଦୀ ସାମ୍ୟବାଦୀ ଚିନ୍ତାଧାରା ତଥା ଆନ୍ଦୋଳନର ସ୍ରଷ୍ଟା ବା ଜାତୀୟ ମୁକ୍ତି ସଂଗ୍ରାମର ଯୋଦ୍ଧା ବା ବ୍ରିଟିଶ୍ ଅମଳର ଲାଟ୍ ସଭାରେ ବା ସ୍ୱାଧୀନତା ପ୍ରାପ୍ତି ପରେ ୧୯୫୭ ବିଧାନସଭାର ଶ୍ରେଷ୍ଠ ବିଧାୟକ, 'ଆସନ୍ତାକାଲିର ସାହିତ୍ୟ' ଭଳି ଉଚ୍ଚ ସାରସ୍ୱତ ମୂଲ୍ୟବୋଧ ବିଶିଷ୍ଟ ପୁସ୍ତକର ଲେଖକ, ରାଜ୍ୟ ଚାଷୀ ଆନ୍ଦୋଳନର ଅନ୍ୟତମ ସଂସ୍ଥାପକ ବା ଖୋର୍ଦ୍ଧା ମାଟିର ଶିକ୍ଷାବିକାଶର ଉଜ୍ଜ୍ୱଳ ସ୍ମାରକୀ ଭାବେ ମୁଣ୍ଡଟେକି ଉଠିଥିବା ଖୋର୍ଦ୍ଧା କଲେଜର (ତାଙ୍କର ମୃତ୍ୟୁପରେ ମହାବିଦ୍ୟାଳୟ ନାମରେ ନାମିତ) ପ୍ରତିଷ୍ଠାତା, ଏହିଭଳି କୌଣସି ଗୋଟିଏ ଯୋଡ଼ିଏ ବିଭାଗକୁ ନେଇ, ତାଙ୍କର ସାମଗ୍ରିକ ପ୍ରତିଭା ଓ କୃତିତ୍ୱକୁ ସମନ୍ୱିତ ଭାବେ ବିଚାର ନକରି ଯଦି ବିଚ୍ଛିନ୍ନ ଭାବେ ଆଲୋଚନା କରାଯାଏ, ତେବେ ତାହା ପ୍ରାଣନାଥ ପଟ୍ଟନାୟକଙ୍କ ଭଳି ବହୁମୁଖୀ ପ୍ରତିଭାର ଅଧିକାରୀଙ୍କ ପ୍ରତି ଅନ୍ୟାୟ ହେବ । ତାଙ୍କର ପଞ୍ଚଷଠି ବର୍ଷ ଜୀବନକାଳ ମଧ୍ୟରେ ସେ ନିୟାମକ ଥିବା ଓ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ନିଜର ଅବଦାନର ଅମ୍ଳାନ ସ୍ୱାକ୍ଷର ବହନ କରିଥିବା ପ୍ରତ୍ୟେକ ଘଟଣାକୁ ଏକତ୍ର ଆନ୍ତଃ ସମ୍ପର୍କିତ ଭାବେ ଆଲୋଚନା କଲେ, ତାହା ହେବ ତାଙ୍କର ତ୍ୟାଗପୂତ ଆଲୋକିତ ସ୍ମୃତି ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି । ପୂଜ୍ୟପୂଜାର ବ୍ୟତିକ୍ରମ ଘଟି ଆସିଥିବା ଓଡ଼ିଶା ରାଜ୍ୟରେ ଜନ୍ମ ନେଇ ପ୍ରାଣନାଥ ଯେଉଁସବୁ ମହନୀୟ କାର୍ଯ୍ୟ କରିଯାଇଛନ୍ତି, ସେଥିରୁ ଉପଯୁକ୍ତ ଶିକ୍ଷା ତାଙ୍କର ବର୍ତ୍ତମାନ ପୀଢ଼ିର ଉତ୍ତର ପୁରୁଷ ଓ ଭବିଷ୍ୟତର ଦାୟାଦମାନେ ଗ୍ରହଣ କରିପାରିବେ ।

ନିଜ ମୃତ୍ୟୁପରେ ଦଳ, ମତ, ବୟସ, ଗୋଷ୍ଠୀ ନିର୍ବିଶେଷରେ ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକ ଶାସକ, ଲେଖକ, ଶିକ୍ଷକ, ଶିକ୍ଷାବିତ୍, ସାଧାରଣ ବୁଦ୍ଧିଜୀବୀ, ରାଜନୈତିକ ନେତା, ସର୍ବୋପରି ତାଙ୍କୁ ପ୍ରାଣଠାରୁ ଭଲ ପାଉଥିବା ଗରିବ କୃଷକ, ଶ୍ରମିକ, ଜନସାଧାରଣଙ୍କ ଠାରୁ ଯେଉଁ ଅମୂଲ୍ୟ ଶ୍ରଦ୍ଧାଞ୍ଜଳି ପାଇଛନ୍ତି, ତାହା କ୍ୱଚିତ ଦେଖିବାକୁ ମିଳେ । ସ୍ୱର୍ଣ୍ଣମଣିପରି ଥିଲେ ଓଡ଼ିଶାର ଏହି ଅନ୍ୟତମ ବରପୁତ୍ର ପ୍ରାଣନାଥ ପଟ୍ଟନାୟକ । ତାଙ୍କ ପାଇଁ ଡେଲାଙ୍ଗ ଥାନାର ଡିମିରି ଗାଁ ଧନ୍ୟ ହୋଇଛି । ଐତିହାସିକ ପାଇକ ବିଦ୍ରୋହ ପରେ ଶୋଇ ରହିଥିବା ବୀରରକ୍ତ ପିଣ୍ଡରେ ଗଠିତ ଖୋର୍ଦ୍ଧା ମାଟି ଯାହା ମୂର୍ଚ୍ଛିତ, ନିର୍ବାକ ହୋଇ ଶୋଇ ରହିଥିଲା, ତାହା ପ୍ରାଣନାଥଙ୍କର ରୁଦ୍ର ଆହ୍ୱାନରେ ଜାଗି ଉଠିଛି ଗଭୀର ସୁଷୁପ୍ତିରୁ । ଯଦିଚ ସମଗ୍ର ଓଡ଼ିଶା ଓ ସର୍ବୋପରି ପୁରୀ ଜିଲ୍ଲା ଥିଲା ପ୍ରାଣନାଥଙ୍କର କର୍ମ, ସଂଗ୍ରାମ ଓ ସାଧନାର ବ୍ୟାପକ କ୍ଷେତ୍ର, ମାତ୍ର ଐତିହାସିକ ଖୋର୍ଦ୍ଧା ମାଟି, ଯାହା ଅତୀତ ଦିନରେ ବୀରମାନଙ୍କ ରକ୍ତପିଣ୍ଡରେ ଗଢ଼ା ତା'ର କୋଳରେ ଆଶ୍ରୟ ନେଇ

Digitized by PPRACHIN, SOA

ପ୍ରାଣନାଥ ଜାତୀୟ ଆନ୍ଦୋଳନର ରୁଦ୍ର ଡ଼ମ୍ବରୁ ବଜାଇଛନ୍ତି । ତାଙ୍କର ମହାନ୍ ନେତୃତ୍ୱକାରୀ ବ୍ୟକ୍ତିତ୍ୱ ତାଙ୍କୁ ନେଇଯାଇଛି କେନ୍ଦୁଝରର ଅତ୍ୟାଚାରିତ ଆଦିବାସୀ ଶ୍ରମିକ ଉପରେ ଚାଲିଥିବା ଜୁଲମ ଅତ୍ୟାଚାରର ବିରୋଧ ପାଇଁ, ସେହି ଘନ ଜଙ୍ଗଲ ଭିତରକୁ । କଲିକତାର ଆବର୍ଜନାପୂର୍ଣ୍ଣ କାରଖାନାର ଓଡ଼ିଶା କୁଲିବସ୍ତିର ଓଡ଼ିଆ ଶ୍ରମିକଙ୍କୁ ସେ ସଙ୍ଗଠିତ କରିଛନ୍ତି । ସର୍ବୋପରି ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ବାମପନ୍ଥୀ ଜନନେତା ହିସାବରେ ସେ ଓଡ଼ିଶାର ବିଭିନ୍ନ ସହର, ଗ୍ରାମ ଓ ଜନପଦକୁ ଯାଇଛନ୍ତି । ମାତ୍ର ପୁଅ ମାଆ କୋଳକୁ ଫେରି ଆସିଲା ପରି, ସେ ସମସ୍ତ କାମଦାମ ସାରି ଫେରି ଆସିଛନ୍ତି ଖୋର୍ଦ୍ଧା ମାଟିର କୋଳକୁ । କିନ୍ତୁ ଅନେକ ମହାନ୍ ବ୍ୟକ୍ତିଙ୍କ ଜୀବନାବସାନ ନିଜ ମାଟିଠାରୁ ଦୂରରେ ହେବାଭଳି ତାଙ୍କ ମୃତ୍ୟୁ ଘଟିଛି କଲିକତା ମହାନଗରୀରେ । ପ୍ରାଣହୀନ ତାଙ୍କ ମରପିଣ୍ଡକୁ ଗ୍ରହଣ କରିବାକୁ ସନ୍ତାନବିଧୁରା ଖୋର୍ଦ୍ଧା ଧରିତ୍ରୀ ଯେପରି ଚାହୁଁ ନଥିଲା । ଖୋର୍ଦ୍ଧାମାଟି, ତାର ଅସଂଖ୍ୟ ଜନସାଧାରଣ, ବିଶାଳବକ୍ଷା ବରୁଣେଇ ପାହାଡ଼ ଜଙ୍ଗଲ ସେଦିନ ରକ୍ତଝରା କ୍ରନ୍ଦନରେ ବିଳପୁଥିଲେ । ନିଜ ଜୀବନରେ ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କରି ପ୍ରାଣନାଥ ସେବା ଓ ସଂଗ୍ରାମର ହୋମାଗ୍ନି ଜାଳିଛନ୍ତି, ଠିକ୍ ନିଜ ଚିତା ଭଳି ।

ଯଥାର୍ଥରେ ପ୍ରାଣନାଥଙ୍କର ଜୀବନ ବୃତ୍ତାନ୍ତ ହେଉଛି ବିଂଶ ଶତାବ୍ଦୀରେ ଘଟିଥିବା ଘଟଣାବହୁଳ ଓଡ଼ିଶାର ୫୦ ବର୍ଷର ଇତିହାସ । ନିଜର କୈଶୋରରେ ଉତ୍କଳମଣି ଗୋପବନ୍ଧୁଙ୍କ ତ୍ୟାଗପୂତ ଚରିତ୍ରକୁ ପ୍ରତ୍ୟକ୍ଷ ଭାବେ ଅବଲୋକନ କରି ଅନୁପ୍ରାଣିତ ହୋଇଥିବା ପ୍ରାଣନାଥ ନିଜକୁ ଜାତିପ୍ରେମ, ମାନବପ୍ରୀତି, ନିପୀଡିତ ମଣିଷ ପ୍ରତି ଶ୍ରଦ୍ଧା, ସମର୍ଥନ ଓ ଦରିଦ୍ରର ମହାଦୀକ୍ଷାରେ ଦୀକ୍ଷିତ କରାଇ ମାନବତା ଓ ଦେଶ କାମରେ ନିଜକୁ ସମର୍ପିତ କରିଥିଲେ । ତାଙ୍କର ପ୍ରତ୍ୟେକଟି ପଦକ୍ଷେପ, ସଂଗ୍ରାମର ନିଷ୍ପତ୍ତି ଓ କାର୍ଯ୍ୟ ପଛରେ ଥିଲା ଏକ ମହାନ୍ ବିଶ୍ୱ ଦୃଷ୍ଟିକୋଣ । ପରାଧୀନତା, ଶୋଷଣ, ଗୋଲାମୀ, ଅଶିକ୍ଷା, ଅନ୍ୟାୟ, ଅବିଚାର ବିରୋଧରେ ସେ ସାରା ଜୀବନ କରିଥିଲେ ଆପୋସହୀନ ସଂଗ୍ରାମ, ଯାହା ଏକ ବୈପ୍ଳବିକ ବିଶ୍ୱ ଦୃଷ୍ଟିକୋଣରୁ ସମ୍ଭୂତ । ଠିକ୍ ଏହି ଦୃଷ୍ଟିକୋଣ ନେଇ ପ୍ରାଣନାଥ ଏକ ଉନ୍ନତ ରୁଚିବୋଧର ସାହିତ୍ୟ ସୃଷ୍ଟି ପାଇଁ ଲେଖିଛନ୍ତି ଅନବଦ୍ୟ ଗ୍ରନ୍ଥ 'ଆସନ୍ତାକାଲିର ସାହିତ୍ୟ', ଯାହା ପ୍ରଗତିଶୀଳ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଏକ ସୈଦ୍ଧାନ୍ତିକ ବିଚାରର ସୂତ୍ରପାତ କଲା । ପ୍ରାଣନାଥ ଓଡ଼ିଶାର ସଙ୍ଗୀତଜ୍ଞ-ନୃତ୍ୟଶିଳ୍ପୀଙ୍କୁ ନେଇ ଓଡ଼ିଶା ବାହାରେ ଠିଆ କରାଇଛନ୍ତି ଓ ରାଜ୍ୟ ବାହାରେ ଓଡ଼ିଶାର କଳା ଓ ସାଂସ୍କୃତିକ ବୈଶିଷ୍ଟ୍ୟର ପରାକାଷ୍ଠାକୁ ପ୍ରଦର୍ଶିତ କରାଇଛନ୍ତି । ପ୍ରକୃତ ମଣିଷ ତିଆରି କରିବାର କାରଖାନା ଭାବେ ସେ ଏକନିଷ୍ଠ ପ୍ରଚେଷ୍ଟା କରି, ସମସ୍ତଙ୍କ ସହଯୋଗ ଓ ସାହାଯ୍ୟ ବଳରେ ଠିଆ କରାଇଛନ୍ତି ପ୍ରସିଦ୍ଧ ଖୋର୍ଦ୍ଧା କଲେଜ । ବର୍ଷ ପରେ ବର୍ଷ ମରୁଡ଼ି, ମଡ଼କ, ଦୁର୍ଭିକ୍ଷରେ ସଢ଼ି ମରୁଥିବା ସୁଦୂର କଳାହାଣ୍ଡି ମାଟିକୁ ସେ ଛୁଟି ଯାଇଛନ୍ତି ୧୯୬୫ରେ । କଳାହାଣ୍ଡି ଏକ ଦୁର୍ଭିକ୍ଷ ପ୍ରପୀଡିତ ଜିଲ୍ଲା, ଏହା ଆବିଷ୍କାର କରିଛନ୍ତି

Digitized by PPRACHIN, SOA

ପ୍ରଥମେ ପ୍ରାଣନାଥ ୧୯୬୫ରେ । ମାନବିକତାର ମହାନ୍ ଦୃଷ୍ଟିକୋଣରେ ଚାଳିତ ହୋଇ ଗରିବ ମଣିଷ, ଦେଶର ଗରିବ ଚାଷୀ, କ୍ଷେତ ମୂଲିଆ, ପାଇଟିଆଳ ଶ୍ରେଣୀକୁ ଶୋଷଣ, କଷଣ ଅତ୍ୟାଚାରରୁ ମୁକ୍ତ କରିବା ପାଇଁ ନିଜ ଜୀବନକୁ ପଳ ପଳ କରି ଜାଳି ଦେଇଛନ୍ତି । କ୍ଷୁଦ୍ର ସ୍ୱାର୍ଥ ଓ ପଦପଦବୀର ମୋହକୁ ଜଳାଞ୍ଜଳି ଦେଇ; ସୁଖ, ସମ୍ଭୋଗ ବିଳାସର ରାସ୍ତାକୁ ଏଡ଼ାଇ ଦେଇ ଦୁଃଖ, କଷ୍ଟ ଓ ସଂଗ୍ରାମର ରାସ୍ତାରେ ସେ ପଥିକୃତ୍ ହୋଇଛନ୍ତି । ସାଧାରଣ ମଣିଷ ହୋଇ ସେ ହୋଇଛନ୍ତି ଅସାଧାରଣ । ତେଣୁ ତାଙ୍କର ଜୀବନ ଯାହା ଏକ ଖୋଲା ପୁସ୍ତକ ଭଳି, ତାର ବିଭିନ୍ନ ଅଧ୍ୟାୟ, ପୃଷ୍ଠାକୁ ଅଧ୍ୟୟନ କରି ଆଜି ଓ ଆଗାମୀ ପିଢିର ଓଡ଼ିଆ ସନ୍ତାନ ନିଜକୁ ଗଢ଼ି ପାରିଲେ ତାହା ହେବ ତାଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି ।

■■■

Digitized by PPRACHIN, SOA

ଦ୍ୱିତୀୟ ଅଧ୍ୟାୟ

ଜନ୍ମ, ବାଲ୍ୟକାଳ, କୈଶୋର ଓ ପାଠପଢ଼ା

ଜଣେ ମହାନ ଲୋକକୁ ନିଜ କୋଳରେ ଜନ୍ମ ଦେଇ, ଏକ ଅଖ୍ୟାତ ପଲ୍ଲୀ ଗ୍ରାମ କିପରି ଧନ୍ୟ ହୁଏ, ତା'ର ଅନେକ ଦୃଷ୍ଟାନ୍ତ ରହିଛି । ସେହିପରି ଏକ ଗ୍ରାମ ହେଉଛି ପୁରୀ ଜିଲ୍ଲା ଡ଼େଲାଙ୍ଗ ଥାନାର ଡିମିରି । ଓଡ଼ିଶାର ଖୁବ୍ କମ୍ ଲୋକ ବୋଧେ ଏହି ଗ୍ରାମ ନାମ ଶୁଣିଥିବେ । ମାତ୍ର ଏହି ଛୋଟ ଗ୍ରାମରେ ୧୯୦୫ ମସିହା ନଭେମ୍ବର ୧୬ ତାରିଖ ଦିନ ପ୍ରାଣନାଥ ପଟ୍ଟନାୟକ ଜନ୍ମଗ୍ରହଣ କରିଥିଲେ । ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଏହି ପରିବାରର ମୁରବି ଓ ପ୍ରାଣନାଥଙ୍କ ପିତାଙ୍କ ନାମ ହେଉଛି ମଦନ ମୋହନ ପଟ୍ଟନାୟକ ଓ ମା'ଙ୍କ ନାମ ହେଉଛି ଚିତ୍ରା ଦେବୀ । ପିତା ମଦନ ମୋହନ ଥିଲେ ଖୁବ୍ ପରିଶ୍ରମୀ, ବନ୍ଧୁବତ୍ସଳ ଓ ଜନପ୍ରିୟ ବ୍ୟକ୍ତିତ୍ୱ । ପ୍ରାୟ ୧୫ ଏକର ଚାଷଜମି ଥିବା ନାତିସ୍ୱଚ୍ଛଳ ଏହି ନିମ୍ନ ମଧ୍ୟବିତ୍ତ ପରିବାର ବିଲରୁ ବର୍ଷକ ଖାଇବା ମୁତାବକ ଧାନ ପାଇ ଚଳି ଯାଉଥିଲେ । ତା ଛଡ଼ା ପିତା ମଦନ ମୋହନ ଚାଷ ଛଡା ପ୍ରତିବର୍ଷ ୪/୫ ମାସ ଅନ୍ୟାନ୍ୟ କାର୍ଯ୍ୟ କରି ପରିବାର ଗୁଜୁରାଣ ମେଣ୍ଟାଉଥିଲେ । ପ୍ରାଣନାଥଙ୍କୁ ଯେତେବେଳେ ଅଢେଇ ବର୍ଷ, ସେତେବେଳେ ମା ଚିତ୍ରା ଦେବୀ ପ୍ରାଣତ୍ୟାଗ କଲେ । ଚିତ୍ରା ଦେବୀ ଥିଲେ ସୁଗୃହିଣୀ, ସନ୍ତାନବତ୍ସଳା ଓ ଅତ୍ୟନ୍ତ ଦୟାଶୀଳା ନାରୀ । ସାହି ପଡିଶାର ଲୋକଙ୍କୁ ସ୍ନେହ କରିବା, ଗ୍ରାମବାସୀଙ୍କ ମଧ୍ୟରୁ କେହି ଗରିବ ମଣିଷ ଅଭାବରେ ପଡିଲେ, ତାକୁ ଯଥାସାଧ୍ୟ ସାହାଯ୍ୟ କରିବା ଚିତ୍ରାଦେବୀଙ୍କର ମହନୀୟ ଗୁଣର ପରିଚୟ ପ୍ରଦାନ କରେ ।

ପ୍ରାଣନାଥ ଥିଲେ ମଦନ ମୋହନ ପଟ୍ଟନାୟକ ଓ ଚିତ୍ରାଦେବୀଙ୍କର କନିଷ୍ଠତମ ସନ୍ତାନ । ପାଞ୍ଚ ଭାଇଙ୍କ ଭିତରୁ ଜ୍ୟେଷ୍ଠ ଭ୍ରାତା ବନ ବିହାରୀ, ଦ୍ୱିତୀୟ ବ୍ରଜବନ୍ଧୁ, ତୃତୀୟ ଉଦୟନାଥ, ଚତୁର୍ଥ ଶ୍ରୀନାଥ ଏବଂ ସବା ସାନଭାଇ ପ୍ରାଣନାଥ ଏବଂ ଏକମାତ୍ର ଭଉଣୀ ଧନମଣୀ । ଚିତ୍ରାଦେବୀଙ୍କ ବିୟୋଗ ପରିବାର ପାଇଁ ଏକ ଅକାଳ ବଜ୍ରପାତ ପରି

Digitized by PPRACHIN, SOA

ଥିଲା । ପ୍ରାଣନାଥ ଅମୂଲ୍ୟ ମାତୃ ସ୍ନେହରୁ ବାଲ୍ୟକାଳରୁ ବଞ୍ଚିତ ହେବା ତାଙ୍କ ଭିତରେ ଏକ ପ୍ରଚଣ୍ଡ ଅଭାବବୋଧ ସୃଷ୍ଟି କରିଥିଲା । ମାତ୍ର ଭଉଣୀ ଧନମଣୀ ସେ ଅଭାବ ପୂରଣ କରିଥିଲେ । ମା'ଙ୍କ ମୃତ୍ୟୁ ପରେ ସେ ସ୍ନେହ, ଯତ୍ନ ଓ ଆଦରରେ ପ୍ରାଣନାଥଙ୍କୁ ବଢ଼ାଇଥିଲେ । ମାତ୍ର ପରିବାରକୁ ଆଉ ଏକ ଦୁର୍ଯୋଗ ଭୋଗିବାକୁ ହେଲା, ଯେତେବେଳେ ସବୁଠାରୁ ବଡ଼ଭାଇ ବନ ବିହାରୀଙ୍କ ଅକାଳ ବିୟୋଗ ଘଟିଲା । ଅନ୍ୟ ତିନିଜଣ ବଡ଼ଭାଇ ପ୍ରାଣନାଥଙ୍କୁ ପାଠ ପଢ଼ାଇବାର ଓ ସୁଖଦୁଃଖ ବୁଝିବାର ଦାୟିତ୍ୱ ନେଇଗଲେ । ସେମାନଙ୍କର ଗଭୀର ସ୍ନେହ ଓ ମମତା ଭିତରେ ପ୍ରାଣନାଥ କୈଶୋର ଅତିକ୍ରମ କରି ଯୌବନରେ ପଦାର୍ପଣ କଲେ ।

ବିଂଶ ଶତାବ୍ଦୀ ପ୍ରଥମ ଦୁଇ ଦଶକରେ ଓଡ଼ିଶାର ଅବସ୍ଥା ଯାହା, ସେଥିରେ ଯେକୌଣସି ନିମ୍ନ ମଧ୍ୟବିତ୍ତ ପରିବାର ଭଳି ପ୍ରାଣନାଥଙ୍କ ବଡ଼ଭାଇମାନେ ଆଶା କରିବା ସ୍ୱାଭାବିକ ଥିଲା ଯେ, ସେମାନଙ୍କ ସାନଭାଇ ପାଠ ପଢ଼ି ଉଚ୍ଚଶିକ୍ଷିତ ହେବ । ଭଲ ଚାକରି କରି ପରିବାରର ଟେକ ରଖିବ । ଘରକୁ ସାହାଯ୍ୟ କରିବ ଓ ଆର୍ଥିକ ପ୍ରାଚୁର୍ଯ୍ୟରେ ଘର ଉଚ୍ଛୁଳି ପଡ଼ିବ । ମାତ୍ର ପ୍ରାଣନାଥଙ୍କର ଜୀବନର ପ୍ରବାହ ଯେଉଁ ଅନିର୍ବାର୍ଯ୍ୟ ଦିଗକୁ ଗତି କଲା, ସେଥିରେ ସେମାନଙ୍କୁ ନିରାଶ ହେବାକୁ ପଡ଼ିଥିଲା । ପ୍ରାଣନାଥ କଲେଜ ଜୀବନ କାଳରୁ କାରାବରଣ କରିବା ତାଙ୍କ ଭାଇମାନଙ୍କର ରହିଥିବା ସମସ୍ତ ଆଶାକୁ ମିଳାଇ ଦେଇଥିଲା । ସେମାନଙ୍କ ଅଲକ୍ଷ୍ୟରେ ଦେଶ, ଜାତି ସର୍ବୋପରି ଐତିହାସିକ ଖୋର୍ଦ୍ଧା ମାଟି ଯେଉଁ ନବଯୁବକକୁ ସେମାନଙ୍କର ଅଭୀପ୍ସାର ବାହକ ରୂପେ ବରିନେବାର ପ୍ରତିଷ୍ଠା ସୃଷ୍ଟି କରିଥିଲା, ତାହା ପ୍ରାଣନାଥଙ୍କ ଜୀବନର ମୋଡ଼ ପରିବର୍ତ୍ତନର ଦିଗ ଥିଲା ।

କୈଶୋରରେ ପ୍ରାଣନାଥ କଣାସ ପ୍ରାଇମେରୀ ସ୍କୁଲରେ ପଢୁଥିବା ବେଳେ ପ୍ରତିଦିନ ନିଜ ଗାଁ ଠାରୁ ଦୁଇ ମାଇଲ ବାଟ ଚାଲି ଚାଲି ଯାଉଥିଲେ । ବିଦ୍ୟାଳୟରେ ଜଳଖିଆ ଖାଇବା ପାଇଁ ତାଙ୍କୁ ପଇସାଟିଏ ମିଳୁଥିଲା । ସେତେବେଳେ ପଇସାଟିଏର କ୍ରୟଶକ୍ତି ଖୁବ୍ ଅଧିକ ଥିଲା । ସେ ସମୟରେ ଟଙ୍କାରେ ୧୬ ସେର ଚାଉଳ, ୧୬ ସେର ମୁଗ ଓ ୧୨ ସେର ହରଡ ମିଳୁଥିଲା । ଆଜିକାଲି ଗାଡି ମଟରର ବ୍ୟାପକ ପ୍ରଚଳନ, ଯନ୍ତ୍ରପାତି, ଜିନିଷପତ୍ର, ବଡ ବଡ ବଜାର, ଉତ୍କୃଷ୍ଟ ରାସ୍ତାଘାଟ ସେକାଳରେ ସ୍ୱପ୍ନ ଥିଲା । ତେଣୁ ପ୍ରାଣନାଥ ଜନ୍ମ ନେଇଥିବା ଓ ବାଲ୍ୟକାଳ ତଥା କୈଶୋର କାଳର ସାମାଜିକ ଅର୍ଥନୈତିକ ଜୀବନର ଏକ ଚିତ୍ର ନ ପାଇଲେ ତତ୍କାଳୀନ ଅବସ୍ଥାର ବାସ୍ତବତା ସମ୍ବନ୍ଧରେ ବାରିହେବ ନାହିଁ ।

ପ୍ରାଣନାଥଙ୍କ ଜନ୍ମସ୍ଥାନ ଡିମିରି ଗ୍ରାମଟି ଖୁବ୍ ବଡ ଗାଁ ହୋଇ ନଥିଲେ ମଧ୍ୟ ଏଥିରେ ବ୍ରାହ୍ମଣ କରଣ ପ୍ରଭୃତି ପ୍ରାୟ ସବୁ ସାମାଜିକ ଗୋଷ୍ଠୀ ତଥା ଜାତିର ଲୋକ ବାସ କରୁଥିଲେ । ଲୋକେ ଅଳ୍ପକେ ସନ୍ତୁଷ୍ଟ ଥିଲେ । ପ୍ରାଣନାଥ ନିଜ ଗାଁକୁ ଖୁବ୍ ଭଲ ପାଉଥିଲେ । ତାଙ୍କର ଗ୍ରାମ୍ୟ ଜୀବନ ପ୍ରତି ଶ୍ରଦ୍ଧା ଓ ଆବେଗ ତାଙ୍କୁ କୃଷକ, ଗ୍ରାମାଞ୍ଚଳର ମୂଲିଆ ଶ୍ରେଣୀର ଲୋକଙ୍କର ଦୁଃଖ କଷ୍ଟ ଦୈନ୍ୟ ଓ ଅସହାୟତାକୁ ଦୂର କରି ଏକ

Digitized by PPRACHIN, SOA

ସୁଷମ ସମାଜ ବ୍ୟବସ୍ଥା ଆଣିବା ପାଇଁ ପ୍ରରୋଚିତ କରିଥିଲା । ଗାଁ ଗଣ୍ଡାର ଗରିବ କୃଷକ, ଭାଗଚାଷୀ, କ୍ଷେତ ମୂଲିଆ, ଆର୍ଥିକ ଭାବେ ଦୁର୍ବଳ ଜନସାଧାରଣଙ୍କର ସମସ୍ୟାର ସମାଧାନ ପାଇଁ ପରବର୍ତ୍ତୀ କାଳରେ ପ୍ରାଣନାଥ ଜନନେତାର ଆସନ ନେଇ ବିପୁଳ ସଂଗ୍ରାମ ଚଳାଇଥିଲେ । ତାର ପ୍ରେରଣା ମିଳିଥିଲା ତାଙ୍କୁ ଡିମିରି ଓ ଆଖପାଖ ଗ୍ରାମର କୃଷିକାରୀ ଜନସାଧାରଣଙ୍କ ବାସ୍ତବ ଅବସ୍ଥାକୁ କୈଶୋର ଦିନର ସରଳ ସ୍ୱଚ୍ଛ ଆଖିରେ ଦେଖିଥିବା ଦୃଶ୍ୟପଟରୁ । ଡିମିରି ଗାଁର ଦାଣ୍ଡ ଥିଲା ପ୍ରାଣନାଥଙ୍କ ଭଳି ଛୋଟବଡ଼ ପିଲାମାନଙ୍କର ଧୂଳି ଧୂସରିତ ଖେଳରେ ଉଚ୍ଛଳ । ସେତେବେଳେ ଆଜିକାଲି ପରି ଫୁଟବଲ୍, ଭଲି, ବ୍ୟାଡମିଣ୍ଟନ, ହକି ବା କ୍ରିକେଟ ଖେଳର ପ୍ରବେଶ ଗାଁ ଅଞ୍ଚଳରେ ସ୍ୱପ୍ନ ଥିଲା । ଗାଁ ଗଣ୍ଡାରେ ପିଲାମାନେ ହା ଡୁଡୁ ବା ଡୁଡୁ ଖେଳ, ବୋହୂଚୋରୀ ଇତ୍ୟାଦି ଖେଳ ଖେଳୁଥିଲେ । ସାଙ୍ଗ ସାଥୀମାନଙ୍କ ସହିତ ପ୍ରାଣନାଥ ଏ ସବୁ ଖେଳରେ ମାତି ଯାଇଥିଲେ । ଖୁବ୍ ଭଲ ପାଉଥିଲେ ହା ଡୁଡୁ, ବୋହୂଚୋରୀ ଓ ଲୁଣଚୋରୀ ଖେଳକୁ । ସେ କାଳରେ ପିଲାମାନେ ବିଭିନ୍ନ ପ୍ରକାରର କୁସ୍ତି କସରତ ମଧ୍ୟ କରୁଥିଲେ । ପ୍ରାଣନାଥ ଏହି ସବୁ କୁସ୍ତି କସରତ ଦେଖିବାକୁ ଖୁବ୍ ଭଲ ପାଉଥିଲେ ଓ ବେଳେବେଳେ ଏଥିରେ ଭାଗ ନେଉଥିଲେ । ଏହାଛଡ଼ା ସମାଜରେ ରହିଥିବା ବିଭିନ୍ନ ପର୍ବପର୍ବାଣିରେ ମଧ୍ୟ ଗ୍ରାମ ମୁଖରିତ ହେଉଥିଲା । ଏ ସବୁ ଭିତରେ ଗ୍ରାମବାସୀ ନିଜର ଦାରିଦ୍ର୍ୟ ଅଭାବକୁ ଭୁଲି ଯାଉଥିଲେ । ସେମାନଙ୍କ ବାହାରେ ଆଉ ଏକ ପ୍ରାଚୁର୍ଯ୍ୟର ଦୁନିଆ ଅଛି, ତାହା ସେମାନେ ଯେପରି ମୋଟେ ଜାଣି ନଥିଲେ । ଏହି କଥାହିଁ ପ୍ରାଣନାଥଙ୍କୁ ନିଜ ଜୀବନର କୋମଳ କୈଶୋରରେ ମଧ୍ୟ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା । ତେଣୁ ସେ ଗ୍ରାମାଞ୍ଚଳ ଓ ଏହାର ଅଧିବାସୀମାନଙ୍କର ଉନ୍ନତି ଘଟାଇବାର ସଙ୍କଳ୍ପ କରିଥିଲେ ଜୀବନର ପ୍ରାରମ୍ଭରୁ ।

ତୁଳସୀ ଦୁଇପତ୍ରରୁ ବାସିଲା ପରି ପ୍ରାଣନାଥ ନିଜର ବାଲ୍ୟକାଳରୁ ଦୁଃଖୀ ଅଭାବୀ ମଣିଷର ସେବାରେ ନିଜର ଜୀବନକୁ ନିୟୋଜିତ କରିଥିଲେ । ଡିମିରି ଗାଁର ଗରିବ ଲୋକେ ଏପରି ଥିଲେ, ଯେଉଁମାନେ ଦିନକୁ ଥରେ ପେଟପୁରା ଖାଇବାକୁ ପାଉ ନଥିଲେ । ଏମାନଙ୍କ ଦୁଃଖ ସହି ନପାରି ପ୍ରାଣନାଥ ଘରୁ ଲୁଚାଇ କରି ଚାଉଳ ଓ ଅନ୍ୟ ଖାଦ୍ୟ ସାମଗ୍ରୀ ସେମାନଙ୍କୁ ଦେଉଥିଲେ । ନିଜେ ନଖାଇ ଭୋକିଲା ମଣିଷକୁ ନିଜର ଖାଦ୍ୟ ଖୁଆଉଥିଲେ ପ୍ରାଣନାଥ । ମାନବିକ ସମବେଦନାର ଏକ ଉଦାର ମନ୍ତ୍ରବାଣୀ ତାଙ୍କର ଅନ୍ତର ଭିତରେ ଅହରହ ଗୁଞ୍ଜରିତ ହେଉଥିଲା । ତାହା ଥିଲା ପରବର୍ତ୍ତୀ କାଳରେ ଦେଶସେବା ଓ ମାନବସେବା ଏବଂ ସେଥିପାଇଁ ସାମାଜିକ ବ୍ୟବସ୍ଥାକୁ ବଦଳାଇ ତାର ନୂତନ ବିନ୍ୟାସ ଆଣିବା ପାଇଁ ପ୍ରଚଣ୍ଡ ପ୍ରୟାସର ଅଙ୍କୁର । ଗାଁର ଦୁଃଖୀ ଦରିଦ୍ର ଶ୍ରେଣୀର ଲୋକଙ୍କୁ ସେ ଖୁବ୍ ଭଲ ପାଉଥିଲେ । ସାମାଜିକ କୁସଂସ୍କାର ଓ ଅସ୍ପୃଶ୍ୟତାର ଅର୍ଗଳ ତଳେ ସଢ଼ୁଥିବା ଅଛୁଆ ଶ୍ରେଣୀର ଲୋକଙ୍କୁ ଉଚ୍ଚ ଶ୍ରେଣୀର ଲୋକେ ଭଲ ପାଇବା ତ ଦୂରର କଥା, ସେମାନଙ୍କୁ ଭଲ ବ୍ୟବହାର ଦେଖାଉ ନଥିଲେ । ବରଂ ତାଙ୍କୁ ଘୃଣା କରୁଥିଲେ, ଗାଁରେ ରହୁଥିବା ତଥାକଥିତ ଶିକ୍ଷିତ ଲୋକେ, ଯାହା ପ୍ରାଣନାଥଙ୍କୁ ଖୁବ୍

Digitized by PPRACHIN, SOA

ବାଧୁଥିଲା । ତାଙ୍କ ମନରେ ଅହରହ ପ୍ରଶ୍ନ ଉଠୁଥିଲା "କାହିଁକି ଏ ବୈଷମ୍ୟ ?" ତେଣୁ ହରିଜନ ଶ୍ରେଣୀର ଜନସାଧାରଣଙ୍କ ସୁଖଦୁଃଖରେ, ସେମାନଙ୍କୁ ଆଶା ଭରସା ଓ ଆଶ୍ୱାସନା ଦେଉଥିଲେ ପ୍ରାଣନାଥ । ସେମାନଙ୍କ ହକ୍ ପାଇଁ ଲଢିବାର ଭବିତବ୍ୟ ତାଙ୍କୁ ଯେପରି ହାତଠାରି ଡାକୁଥିଲା । ଗରିବ ହରିଜନ ସାହିରେ, ପ୍ରାଣନାଥ ଗାଁରେ ରହୁଥିବା ସମୟରେ, ବହୁତ ସମୟ ବ୍ୟୟ କରୁଥିବାରୁ ତାଙ୍କୁ ରକ୍ଷଣଶୀଳ ବ୍ରାହ୍ମଣ-କରଣ ଶ୍ରେଣୀର ସମାଲୋଚନା ଓ ଭ୍ରୂକୁଞ୍ଚନର ସମ୍ମୁଖୀନ ହେବାକୁ ପଡିଥିଲା । ମାତ୍ର ସେଥିପ୍ରତି ପ୍ରାଣନାଥ ଭ୍ରୂକ୍ଷେପ କରିନଥିଲେ । ଏହି ରକ୍ଷଣଶୀଳ ବ୍ରାହ୍ମଣ-କରଣ ଲୋକଙ୍କର ହାମ୍‌ବଡା ଭାବ ଓ ହରିଜନ ତଥା ଗରିବ ଶ୍ରେଣୀ ପ୍ରତି ଘୃଣା ତଥା ଅବଜ୍ଞାକୁ ନିମ୍ନ ଶ୍ରେଣୀର ଲୋକେ ନୀରବରେ ମଥା ପାତି ସହି ନେବା ଛଡା ଅନ୍ୟ ଗତି ନଥିଲା । ସେତେବେଳେ ସେମାନଙ୍କୁ ଖୁବ୍ ବଡ଼ ସଂସ୍କାର ଦିଗରେ ଆଗେଇ ନେବାର ବାସ୍ତବତା ନଥିଲା । ମାତ୍ର ନିଜ ବିବେକ ଅନୁମୋଦିତ କାର୍ଯ୍ୟ କରିବାର ବୀଜ ପ୍ରାଣନାଥ ସେମାନଙ୍କ ହୃଦୟ ଭିତରେ ବପନ କରିଥିଲେ । ଏହାଛଡା ପ୍ରାଣନାଥ ପୁରୀରେ ମାଟ୍ରିକ୍ୟୁଲେସନ ପଢୁଥିବା ବେଳେ ବିଭିନ୍ନ ଛୁଟି ଅବକାଶରେ ଯେତେବେଳେ ଗାଁକୁ ଆସୁଥିଲେ, ସେତେବେଳେ ଅନ୍ୟ ସାଙ୍ଗସାଥୀମାନଙ୍କୁ ନେଇ ଗ୍ରାମ୍ୟ ପୁଷ୍କରିଣୀର ପଙ୍କୋଦ୍ଧାର, ଦଳ ସଫା କରିବା, ଗ୍ରାମ୍ୟ ବିଦ୍ୟାଳୟର ମରାମତି, ଗ୍ରାମ୍ୟ ପରିମଳ, ହରିଜନସାହି ସମେତ ସମସ୍ତ ଗ୍ରାମର ସଫେଇ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଥିଲେ । ପରବର୍ତ୍ତୀ କାଳରେ ତାଙ୍କର ଏହିସବୁ କାର୍ଯ୍ୟ ଫଳରେ ଡିମିରିର ଆଖପାଖରେ ଏକ ଦୃଷ୍ଟାନ୍ତ ରଖି ପାରିଥିଲେ । ଅନ୍ୟ ଗ୍ରାମର ଜନସାଧାରଣ ତାଙ୍କର ଆଦର୍ଶ ସ୍ଥାନୀୟ କାର୍ଯ୍ୟପାଇଁ ପ୍ରାଣନାଥଙ୍କୁ ଶ୍ରଦ୍ଧା କରୁଥିଲେ । କୈଶୋର କାଳରୁ ଦରିଦ୍ର ଶ୍ରେଣୀ ପାଇଁ ତାଙ୍କର ଦରଦ ଓ ଶ୍ରଦ୍ଧା ପରବର୍ତ୍ତୀ କାଳରେ ଗଣଚେତନାରେ ପରିଣତ ହୋଇଥିଲା ।

ଗ୍ରାମ ଚାଟଶାଳୀର ପଡା ସାରି ପ୍ରାଣନାଥ କଣାସ ସ୍କୁଲରେ ପଢିଲେ ଓ ସେଠାରୁ ମାଇନର ପାଶ୍ କଲା ପରେ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇଲେ । ସେତେବେଳେ ଗ୍ରାମ୍ୟ ନିମ୍ନ ମାଧ୍ୟମିକ ବିଦ୍ୟାଳୟ ବା ମାଇନର ସ୍କୁଲରେ ଇଂରେଜୀ ପଢାଯାଉ ନଥିଲା । ତେଣୁ ସେ ପୁରୀ ଜିଲ୍ଲା ସ୍କୁଲରେ ସପ୍ତମ 'କ' ଶ୍ରେଣୀରେ ନାମ ଲେଖାଇଲେ । ସେତେବେଳକୁ ପ୍ରାଣନାଥଙ୍କ ବଡଭାଇ ଉଦୟନାଥ ପୁରୀ ଜିଲ୍ଲା ସ୍କୁଲରେ ମାଟ୍ରିକ୍ୟୁଲେସନ ଶେଷ ବର୍ଷରେ ପଢୁଥାନ୍ତି ଓ ସେଠାରେ ତାଙ୍କ ସହପାଠୀ ଥିଲେ ପରବର୍ତ୍ତୀ କାଳର ବିଖ୍ୟାତ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ । କାଳିନ୍ଦୀ ଚରଣଙ୍କ ସାନଭାଇ ଓ ପରବର୍ତ୍ତୀ କାଳରେ ପ୍ରାଣନାଥଙ୍କ ସହଯୋଦ୍ଧା ଭଗବତୀ ଚରଣ ପାଣିଗ୍ରାହୀ ସେତେବେଳେ ଜିଲ୍ଲା ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଥାନ୍ତି । ଏହି ପୁରୀ ଜିଲ୍ଲା ସ୍କୁଲରେ ଭଗବତୀ ଚରଣ ଓ କାଳିନ୍ଦୀ ଚରଣଙ୍କ ସହିତ ପ୍ରାଣନାଥଙ୍କର ସାନ୍ନିଧ୍ୟ ତଥା ବନ୍ଧୁତ୍ୱ ପ୍ରତିଷ୍ଠିତ ହେଲା । ତାହା କାଳର ପ୍ରବାହରେ ଅନାବିଳ ନିବିଡ଼ ସମ୍ପର୍କରେ ପରିଣତ ହେଲା । ପ୍ରାଣନାଥ ପୁରୀ ଜିଲ୍ଲାସ୍କୁଲରେ ପାଠ ପଢୁଥିବା ବେଳେ କାଳିନ୍ଦୀ ଚରଣ ଓ ଭଗବତୀ

Digitized by PPRACHIN, SOA

ଚରଣଙ୍କ ବଡ଼ଭାଇ ସୁସାହିତ୍ୟିକ ଦିବ୍ୟସିଂହ ପାଣିଗ୍ରାହୀ ('ତୁ ମୋ ମା' ଉପନ୍ୟାସର ଲେଖକ) ଆଇନ ବ୍ୟବସାୟ ତ୍ୟାଗ କରି ପୁରୀ ଠାରେ ଅବସ୍ଥାନ କରୁଥିଲେ । ତାଙ୍କର ଏକ ଉନ୍ନତ ଧରଣର ଲାଇବ୍ରେରୀ ଥିଲା । କାଳିନ୍ଦୀ ଚରଣ ଓ ଭଗବତୀ ଚରଣଙ୍କ ସହିତ ସ୍ନେହ ତଥା ବନ୍ଧୁତାର ବନ୍ଧନରେ ବାନ୍ଧି ହୋଇଥିବା ପ୍ରାଣନାଥ ଦିବ୍ୟସିଂହ ପାଣିଗ୍ରାହୀଙ୍କ ପାଠାଗାରରୁ ଭଲ ଭଲ ପୁସ୍ତକ ଓ ଦୁର୍ଲ୍ଲଭ ପତ୍ର ପତ୍ରିକା ନେଇ ପଢୁଥିଲେ । ସେ ସବୁ ତାଙ୍କର ଜ୍ଞାନର ପରିସୀମାର ଦିଗ୍‌ବଳୟକୁ କ୍ରମେ ପ୍ରସାରିତ କରିଥିଲା । ଦେଶ ଦୁନିଆ ସମ୍ବନ୍ଧରେ ତାଙ୍କ ଭିତରେ ଏକ ମାର୍ଜିତ ଧାରଣା ଓ ଅଧିକ ଜ୍ଞାନ ଅର୍ଜନ କରିବାର ପିପାସା ତାଙ୍କ ଭିତରେ ଗଢି ଉଠୁଥିଲା ।

ପୁରୀ ଜିଲ୍ଲା ସ୍କୁଲରୁ ମାଟ୍ରିକ୍ୟୁଲେସନ (ସେତେବେଳେ ଏଣ୍ଟ୍ରାନ୍ସ ନାମରେ କଥିତ) ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପୂର୍ବରୁ ଓଡ଼ିଆ ସଂସ୍କୃତିର ଅନ୍ୟତମ କେନ୍ଦ୍ର ପୁରୀ ସହରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହ ପ୍ରାଣନାଥ ଦେଖା ହେବା ଘଟଣା ତାଙ୍କ ଜୀବନରେ ଗଭୀର ରେଖାପାତ କରିଥିଲା । ଜିଲ୍ଲା ସ୍କୁଲରେ ପ୍ରାଣନାଥ ପଢୁଥିବା ବେଳେ ଦାସ ଆପଣେ ପଥୁରିଆ ସାହିର ଗୋଲାଘର କୋଠାରେ ଅବସ୍ଥାନ କରୁଥାନ୍ତି । ସେହିଠାରୁ ପ୍ରକାଶ ପାଉଥିଲା ସାପ୍ତାହିକ 'ସମାଜ' । ଦେଶସେବା, ମାନବସେବା ଓ ତ୍ୟାଗ ଆଦର୍ଶର ସାଧକ ଭାବେ ଦାସେ ଆପଣେଙ୍କ ନାମ ଓଡ଼ିଶାରେ ସୁଖ୍ୟାତ ହୋଇ ସାରିଥାଏ । ତେଣୁ ସେ ବେଳେ ବେଳେ ପୁରୀରେ ରହୁଥିବା ବେଳେ ଅସଂଖ୍ୟ କିଶୋର ଛାତ୍ର ତାଙ୍କୁ ଭେଟି ଆଦର୍ଶର ଜୀବନ୍ତ ବିଗ୍ରହକୁ ପ୍ରତ୍ୟକ୍ଷ କରୁଥାନ୍ତି । ସ୍କୁଲ ଛୁଟି ହେବା ପରେ ପ୍ରାଣନାଥ ବାବୁ ଅନ୍ୟ ସାଙ୍ଗମାନଙ୍କୁ ସାଥିରେ ନେଇ ଗୋପବନ୍ଧୁଙ୍କ ପଥୁରିଆ ସାହି ଘରେ ପହଞ୍ଚନ୍ତି ଓ ତାଙ୍କ ଠାରୁ ଦେଶ ଜାତି ସମ୍ପର୍କରେ ଅନେକ ଉପାଦେୟ କଥା ଶୁଣନ୍ତି । "ମାନବ ସେବା ମାଧବ ସେବା"—ଏହି ମର୍ମବାଣୀ ଓ ସନ୍ଦେଶ ମିଳୁଥାଏ ଦାସେ ଆପଣେଙ୍କ କଥୋପକଥନରୁ ଯାହା ସମସାମୟିକ ଅନ୍ୟ ମନୀଷୀମାନଙ୍କ ବାଣୀଠାରୁ ଭିନ୍ନ । କିଶୋର ଛାତ୍ରମାନଙ୍କୁ ଦେଖି ଗୋପବନ୍ଧୁ ଆନନ୍ଦିତ ହୁଅନ୍ତି । ପରବର୍ତ୍ତୀ କାଳରେ ପ୍ରାଣନାଥ ବାବୁ କହିଥିଲେ "ଦାସେ ଆପଣେଙ୍କ ପାଖରେ ବସି ତାଙ୍କ ଠାରୁ ନାନା କଥା ଶୁଣିବାକୁ ଭଲ ଲାଗେ । ଲୋକଙ୍କୁ ଭଲ ପାଇବା ଓ ଦେଶକୁ ଭଲ ପାଇବାର ପ୍ରେରଣା ସେହିଠାରୁ ମିଳିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।" ପରବର୍ତ୍ତୀ କାଳରେ ଖୋର୍ଦ୍ଧାର ଆଇନ ଅଦାଲତରେ ନ୍ୟାୟ ବିଚାରର ପ୍ରହସନ ହୋଇ ଉତ୍କଳମଣି ହଜାରିବାଗ ଜେଲ୍‌କୁ ଯାଇଥିବା ବେଳେ, ତାଙ୍କରି ଦେଶଭକ୍ତି ମୂଳକ ମହାନ୍ ଭାବନାର ସାରସ୍ୱତ ଆଲେଖ୍ୟ 'ବନ୍ଦୀର ଆତ୍ମକଥା' ପ୍ରାଣନାଥଙ୍କ ପରି ଅନେକ ଆଦର୍ଶବାଦୀ ଯୁବକଙ୍କୁ ଦେଶ ଜାତି ପାଇଁ ଅସୀମ ତ୍ୟାଗ କରିବାର ଆହ୍ୱାନ ଦେଇଛି । ଗୋପବନ୍ଧୁଙ୍କ କବିତାବଳୀର ମୁଖ୍ୟବାଣୀ "ମିଶୁ ମୋର ଦେହ ଏ ଦେଶ ମାଟିରେ । ଦେଶବାସୀ ଚାଲି ଯାଆନ୍ତୁ ପିଠିରେ' ଥିଲା ପ୍ରାଣନାଥଙ୍କ ପରି ମାନବପ୍ରେମୀ ଦେଶଭକ୍ତ ତ୍ୟାଗୀ ଯୁବକଙ୍କ ପାଇଁ ମନ୍ତ୍ରବାଣୀ ଓ ଆଦର୍ଶର ଆଲେଖ୍ୟ ।

Digitized by PPRACHIN, SOA

ପୁରୀ ଜିଲ୍ଲା ସ୍କୁଲରେ ଶିକ୍ଷାର ସମାପ୍ତି ପରେ ପ୍ରାଣନାଥ ରେଭେନ୍ସା କଲେଜରେ ନାମ ଲେଖାଇଥିଲେ । ସେ ଥିଲେ ବିଜ୍ଞାନର ଛାତ୍ର । ବିଜ୍ଞାନର ଅଧ୍ୟୟନ ତାଙ୍କୁ ସମାଜ ବିଜ୍ଞାନର ଅଧ୍ୟୟନ ଦିଗରେ ଓ ଯୁକ୍ତିସମ୍ମତ ଭାବେ ସମାଜ ତଥା ବିଶ୍ୱର ସମସ୍ୟାକୁ ବିଚାର କରିବାରେ ସହାୟକ ହୋଇଥିଲା । ରେଭେନ୍ସା କଲେଜରେ ପଢିବାବେଳେ ପ୍ରାଣନାଥ ପଶ୍ଚିମ ଛାତ୍ରାବାସରେ ରହୁଥିଲେ, ଯାହାର ଅନ୍ତେବାସୀମାନଙ୍କ ମଧ୍ୟରୁ ବିଶିଷ୍ଟ ପ୍ରଶାସକ ଓ ସୁଲେଖକ ଜଗତ୍‌ବନ୍ଧୁ ମହାପାତ୍ର, ଓଡ଼ିଶାର ପୂର୍ବତନ ମନ୍ତ୍ରୀ ଓ ବିଶିଷ୍ଟ ଆଇନ୍‌ଜୀବୀ ଦୀନବନ୍ଧୁ ସାହୁ, ପ୍ରଶାସକ ଓ ଶିକ୍ଷାବିତ୍ ରତ୍ନାକର ଷଡ଼ଙ୍ଗୀ, ବିଶିଷ୍ଟ ଶିକ୍ଷାବିତ୍ ତଥା ଅର୍ଥନୀତିଜ୍ଞ ସଦାଶିବ ମିଶ୍ର, ବିଶିଷ୍ଟ ଇଞ୍ଜିନିୟର ଲିଙ୍ଗରାଜ ଦାସ, ଡକ୍ଟର ରଘୁନାଥ ସାହୁ, ଡାକ୍ତର ମହେନ୍ଦ୍ର ଚନ୍ଦ୍ର ମିଶ୍ର ତାଙ୍କର ବିଶିଷ୍ଟ ବନ୍ଧୁ ଓ ସହପାଠୀ ଥିଲେ । ତାଙ୍କର ସମସାମୟିକ ସାଥୀ ଥିଲେ ଭଗବତୀ ଚରଣ ପାଣିଗ୍ରାହୀ ଓ ଶ୍ୟାମ ସୁନ୍ଦର ମିଶ୍ରଙ୍କ ପରି ପରବର୍ତ୍ତୀ କାଳର ସମାଜସେବୀ । କଟକ ଥିଲା ଓଡ଼ିଶାର ରାଜନୈତିକ ଓ ସାଂସ୍କୃତିକ ଜୀବନର ପ୍ରାଣକେନ୍ଦ୍ର । ମାତ୍ର କଟକକୁ ଆସିବା ପୂର୍ବରୁ ଉଜାଣି ସ୍ରୋତ ଭଳି ମାଡି ଆସୁଥିବା ଜାତୀୟ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବାର ପ୍ରେରଣା ପ୍ରାଣନାଥଙ୍କୁ ମିଳିଥିଲା ପୁରୀରୁ । ୧୯୨୦ରେ ଅସହଯୋଗ ଆନ୍ଦୋଳନ କାଳରେ ପୁରୀ ଜିଲ୍ଲା ସ୍କୁଲର ଛାତ୍ରମାନେ ଧର୍ମଘଟ କରି ଏକତ୍ର ହୋଇଥିଲେ ସାମନ୍ତ ଚନ୍ଦ୍ରଶେଖର (ବ୍ରାହ୍ମଣ ସମିତି) ହଲ୍‌ରେ । ଲୋକନାଥ ମିଶ୍ର (ପଙ୍କ ବାବୁ ନାମରେ ସୁଖ୍ୟାତ) ଓ ନୟାଗଡ଼ର ଶ୍ରୀଧର ଦାସ ଛାତ୍ରମାନଙ୍କ ସାଧାରଣ ସଭାର ନେତୃତ୍ୱ ନେଇଥିଲେ ।

ଗାନ୍ଧିଜୀଙ୍କର ସ୍କୁଲ କଲେଜ ଛାଡ଼ିବାର ଆହ୍ୱାନକୁ ଛାତ୍ରମାନେ ଗ୍ରହଣ କରିଥିଲେ । ଏମାନେ ଶିକ୍ଷାନୁଷ୍ଠାନ ତ୍ୟାଗ କରି କିଛିମାସ ଘରେ ବସିବା ପରେ ପାଠ ପଢ଼ିବା ପାଇଁ ପୁଣି ସ୍କୁଲକୁ ଫେରି ଆସିଲେ । ଭଗବତୀ ଚରଣ ପୁରୀ ଜିଲ୍ଲା ସ୍କୁଲ ତ୍ୟାଗ କରି ବର୍ଷେ ଘରେ ବସିବା ପରେ ସତ୍ୟବାଦୀଠାରେ ବନବିଦ୍ୟାଳୟରେ ପଢିବା ପାଇଁ ଗଲେ । ପ୍ରାଣନାଥ ଜିଲ୍ଲାସ୍କୁଲ ତ୍ୟାଗ କରି ଘରକୁ ଫେରିଆସିଲେ । ଘରେ ମୁରବି ଥିବା ବଡ଼ଭାଇମାନଙ୍କଠାରୁ ଗାଳିଖାଇ ପ୍ରାଣନାଥ ପୁଣି ପୁରୀ ଜିଲ୍ଲା ସ୍କୁଲକୁ ଫେରିଲେ । ବାସ୍ତବରେ ଛାତ୍ରମାନେ ସ୍କୁଲ କଲେଜ ବର୍ଜନ କଲା ପରେ, ସେମାନଙ୍କୁ ଜାତୀୟବାଦୀ କାର୍ଯ୍ୟକ୍ରମରେ ନିୟୋଜିତ କରିବାର ବାସ୍ତବ ଯୋଜନା ଓଡ଼ିଶାରେ ନଥିଲା । ୧୯୨୦ ସାଲରେ ଅଖିଳ ଭାରତ କଂଗ୍ରେସ ଅନୁଷ୍ଠାନର ନାଗପୁର ଅଧିବେଶନରେ ଅସହଯୋଗ ଆନ୍ଦୋଳନର ଡାକରା ସାଙ୍ଗକୁ ଚାରିଗୋଟି ବିଷୟରେ ବର୍ଜନର ଆହ୍ୱାନ ଦିଆଯାଇଥିଲା । ତାହା ଇଂରେଜ ସରକାର ଚାଳିତ ସ୍କୁଲ କଲେଜକୁ ଛାତ୍ରମାନେ ବର୍ଜନ କରିବା, ଜନସାଧାରଣ ଓ ଆଇନଜୀବୀମାନେ ବିଦେଶୀ ସରକାର କର୍ତ୍ତୃତ୍ୱାଧୀନ କୋର୍ଟ କଚେରୀ ବର୍ଜନ କରିବା, ବିଦେଶୀ ଦ୍ରବ୍ୟର ବର୍ଜନ ଓ ସର୍ବୋପରି ବ୍ରିଟିଶ୍ ସରକାରର ସଂସଦୀୟ ପ୍ରହସନର ପ୍ରତୀକ- ଆସେମ୍ବ୍ଲି ଓ କାଉନସିଲକୁ ବର୍ଜନ କରିବା । ଏଥିମାନଙ୍କ ମଧ୍ୟରୁ

Digitized by PPRACHIN, SOA

ବିଦେଶୀ ଦ୍ରବ୍ୟ ବିଶେଷତଃ ବିଲାତରୁ ଆନୀତ ବସ୍ତ୍ରର ବର୍ଜନ ଆନ୍ଦୋଳନଟି ଠିକ୍ ଚାଲିଥିଲା । ତାର କାରଣ ଭାରତରେ ବିରାଟ ବୁଣାକାର ତନ୍ତୁବାୟ ଶ୍ରେଣୀର ଉନ୍ନତ ବୟନକଳାର ବସ୍ତ୍ରକୁ ପ୍ରୋତ୍ସାହିତ କରିବା ସାଙ୍ଗକୁ ସ୍ୱଦେଶୀ ବସ୍ତ୍ର ପରିଧାନ ପାଇଁ ଆନ୍ଦୋଳନ ଭଲଭାବରେ ଚାଲିଥିଲା । କିନ୍ତୁ ସ୍କୁଲ କଲେଜ ଓ କଚେରୀ ଅଦାଲତ ବର୍ଜନ ବେଶୀଦିନ ଫଳପ୍ରଦ ଭାବେ ଚାଲି ପାରି ନଥିଲା । ସେତେବେଳେ ପରାଧୀନ ଭାରତରେ ବିଦ୍ୟମାନ ଥିବା ଅବସ୍ଥା ଉପରେ ପରବର୍ତ୍ତୀ କାଳରେ ପ୍ରାଣନାଥ କହିଥିଲେ– ''ଆଜିର ଛାତ୍ରଛାତ୍ରୀମାନେ କଥା କଥାକେ ଧର୍ମଘଟ କରୁଛନ୍ତି, ମାତ୍ର ସେତେବେଳେ ଧର୍ମଘଟ କରିବା ଅତୀବ କଷ୍ଟକର ଥିଲା । ବିଶେଷତଃ ଛୋଟ ଛୋଟ ଛାତ୍ର, ଯେଉଁମାନେ ନିଜର ଭରଣ ପୋଷଣ ଓ ପାଠପଢା ପାଇଁ ପିତାମାତା ବା ନିଜ ଅଭିଭାବକମାନଙ୍କ ଉପରେ ନିର୍ଭର କରନ୍ତି, ତାହା ସେମାନଙ୍କ ପକ୍ଷରେ ଭୀଷଣ କଷ୍ଟକର ଥିଲା ।''

ମାଟ୍ରିକ ପାଶ୍ କରି ପ୍ରାଣନାଥ ରେଭେନ୍ସା କଲେଜକୁ ଆସିବା ପରେ ତାଙ୍କ ଭିତରେ ଭରି ରହିଥିବା ବଳିଷ୍ଠ ଦେଶପ୍ରେମୀ ଆଦର୍ଶ କଟକ ନଗରର ରାଜନୈତିକ ଉଷ୍ମତା ମଧ୍ୟରେ ସଂଗୋପନରେ ତେଜୀୟାନ ହେଉଥିଲା । ଏଠାରେ ପଢିବାବେଳେ ସେ ଗାନ୍ଧିଜୀ, ସୁରେନ୍ଦ୍ରନାଥ ବାନାର୍ଜୀ, ଲାଲା ଲଜପତ୍ ରାୟ, ଲୋକମାନ୍ୟ ତିଳକ, ବିପିନଚନ୍ଦ୍ର ପାଲ ପ୍ରଭୃତି ରାଷ୍ଟ୍ରୀୟ ନେତାଙ୍କର ବକ୍ତୃତାମାଳା ଓ ଲେଖାକୁ ପଢିବାକୁ ପାଇଲେ । ସ୍ୱାଧୀନତା ଆନ୍ଦୋଳନର ତଡିତ ପ୍ରବାହକାରୀ ଘଟଣା ସମ୍ବାଦ ତାଙ୍କର ହୃଦୟତନ୍ତ୍ରୀକୁ ସ୍ପର୍ଶ କରୁଥିଲା । ପ୍ରାଣନାଥ ଦେଶ ପାଇଁ ଛାତ୍ରମାନଙ୍କର କର୍ତ୍ତବ୍ୟ କ'ଣ ଏହି ପ୍ରଶ୍ନ ଉପରେ ଗାନ୍ଧିଜୀଙ୍କୁ ଏକ ପତ୍ର ଲେଖିଥିଲେ । ଗାନ୍ଧିଜୀ ନବଜୀବନର ସନ୍ଧାନୀ ପ୍ରାଣନାଥଙ୍କୁ ଏଭଳି ପ୍ରଶ୍ନ ପଚାରି ଥାଇପାରନ୍ତି । ଯାହାର ଫଳ ସ୍ୱରୂପ ଗାନ୍ଧିଜୀଙ୍କର ଏକ ପ୍ରସିଦ୍ଧ ଲେଖା, ''ଛାତ୍ରମାନେ କ'ଣ କରିପାରିବେ (What student can do)'' ଶୀର୍ଷକ ଲେଖା ଲେଖିଥିଲେ । ଜାତୀୟ ରାଜନୀତିରେ ଔପନିବେଶିକ ବିଦେଶୀ ଶାସନ ବିରୋଧରେ ଜନସଂଘର୍ଷର ଖବର ସବୁ ପ୍ରାଣନାଥଙ୍କ ଚିତ୍ତକୁ ଉଦ୍‌ବେଳିତ କରୁଥିଲା । ସେ ୧୯୨୮ରେ ରେଭେନ୍ସା କଲେଜରେ ପଢୁଥିବା ବେଳେ ଭାରତୀୟମାନଙ୍କୁ କିଛି ସୀମିତ ଅଧିକାର ଦେବା ପାଇଁ ଦେଶକୁ ଆସିଥିବା ସାଇମନ କମିଶନ ବିରୋଧରେ ଦେଶସାରା ଜନମତ ଗଢି ଉଠିଥିଲା, ''ସାଇମନ କମିଶନ ଫେରିଯାଅ'' (Simon commission go back) ଧ୍ୱନିରେ ଭାରତର ନଗରୀ ମହାନଗରୀ ପ୍ରକମ୍ପିତ ହୋଇଉଠିଥିଲା । ସବୁଆଡ଼େ ସାଇମନ କମିଶନ ବିରୋଧରେ କଳା ପତାକାର ବିପୁଳ ସମାରୋହ, ବିକ୍ଷୋଭ ହରତାଳର ମୁଖରିତ ଧ୍ୱନି ଉଠିଲା ଗୁରୁଗମ୍ଭୀର ନିର୍ଘୋଷ ପରି । ପଞ୍ଜାବର ରାଜଧାନୀ ଲାହୋରଠାରେ ସାଇମନ କମିଶନ ବିରୋଧରେ ଏକ ବିରାଟ ବିକ୍ଷୋଭର ନେତୃତ୍ୱ ନେଉଥିବା ବେଳେ ପଞ୍ଜାବକେଶରୀ ଲାଲା ଲଜପତ ରାୟଙ୍କ ଉପରେ ଗୋରା ପୁଲିସ ନିର୍ମମ ପ୍ରହାର ଚଳାଇ ତାଙ୍କୁ ଲହୁଲୁହାଣ ଓ ଶଯ୍ୟାଶାୟୀ କରିଦେଲେ । ଗୁରୁତର ଭାବରେ ଆହତ ଲାଲାଜୀଙ୍କ ଉପରେ ଆକ୍ରମଣ ବିରୋଧରେ କେବଳ ପଞ୍ଜାବ ନୁହେଁ, ସାରା ଭାରତରେ

Digitized by PPRACHIN, SOA

ବିପୁଳ କ୍ରୁଦ୍ଧ ଜନମତର ବିସ୍ଫୋରଣ ଦେଖାଗଲା । ନିଜେ ଲାଲାଜୀ ମୃତ୍ୟୁଶଯ୍ୟାରୁ ଘୋଷଣା କଲେ, "ତାଙ୍କ ଉପରେ ଗୋରା ପୁଲିସର ଯେତେଗୋଟି ଲାଠିର ପ୍ରହାର ଘଟିଛି, ତାହା ଭାରତରେ ବ୍ରିଟିଶ୍ ସାମ୍ରାଜ୍ୟବାଦର କଫିନ ଉପରେ ସେତେଗୋଟି ପୀରକ କଣ୍ଟାର କାରଣ ହେବ ।" ବୃଦ୍ଧ ବୟସରେ ଏହି ଶାରୀରିକ ଦାରୁଣ ଆଘାତରେ ପୀଡିତ ହୋଇ ମହାନ ରାଷ୍ଟ୍ରନେତା ଲାଲାଜୀ ପ୍ରାଣତ୍ୟାଗ କଲେ । ଦେଶସାରା କ୍ରୋଧଦୀପ୍ତ ଜନମତ ମାତି ଉଠିଲା ପ୍ରତିବାଦରେ । ଶୋକର ଏହି ବିଷଣ୍ଣ ମୁହୂର୍ତ୍ତରେ ଦେଶଭକ୍ତ ଭଗତସିଂହ, ଚନ୍ଦ୍ରଶେଖର ଆଜାଦ, ଶୁକଦେବ, ରାଜଗୁରୁ (ଏମାନେ ପରବର୍ତ୍ତୀ କାଳରେ ଦେଶର ମହାନ ଶହୀଦ ନାମରେ ଖ୍ୟାତ ଓ ପୂଜିତ ହେଲେ) ଓ ଯତୀନ ଦାସ ପ୍ରମୁଖ ଶପଥ ନେଲେ ଯେ ଲାଲାଜୀଙ୍କ ବଳିଦାନର ବଦଲା ନିଆଯିବ ଓ ଇନ୍‌କିଲାବ (ବିପ୍ଳବ ବା କ୍ରାନ୍ତିର ଅନ୍ୟନାମ) କୁ ଅସ୍ତ୍ରଜୋରରେ ଆଣିବାକୁ ହେବ । ଦେଶବ୍ୟାପୀ ଗଣ ଅସନ୍ତୋଷର ବିସ୍ଫୋରଣକୁ ଦବାଇ ଦେବାକୁ ଦିଲ୍ଲୀର ଔପନିବେଶିକ ଗୋରା ସରକାର କୁଖ୍ୟାତ ରାଓଲାଟ୍ ଆଇନ୍ ଜାରୀ କରି ସଭା ସମିତି, ସମ୍ମେଳନ, ଶୋଭାଯାତ୍ରା ଓ ଲେଖାରେ ମତପ୍ରକାଶର ଅଧିକାରକୁ ନିଷେଧ କଲେ । ମାତ୍ର ଲାଲାଜୀଙ୍କ ବଳିଦାନ ପରେ ଦେଶସାରା ଏକ ଚମକ ଓ ଜାଗରଣର ଜୁଆର ସୃଷ୍ଟି ହେଲା । ଲାଲାଜୀଙ୍କ ଦଶାହ ଶ୍ରାଦ୍ଧ ଦେଶସାରା ପାଳନ କରାଗଲା ଜାତୀୟ ଶୋକର ଓ ସଂକଳ୍ପର ଦିବସ ରୂପେ । ଏହି ଦିନ ରେଭେନ୍ସା କଲେଜର ଛାତ୍ରମାନେ ଦିନକ ପାଇଁ ପ୍ରତୀକ ଧର୍ମଘଟ କରିଥିଲେ ଓ ଛାତ୍ରାବାସରେ ରହୁଥିବା ଛାତ୍ରମାନେ ସେଦିନ ନଖାଇ ଅନଶନ କରି ସେଥିରୁ ମିଳିଥିବା ପଇସାକୁ ଲାଲାଜୀ ସ୍ମାରକ ପାଣ୍ଠିକୁ ପଠାଇଥିଲେ । ଏହା ଓଡ଼ିଶାର ଶିକ୍ଷା ବିକାଶର ପ୍ରାଣକେନ୍ଦ୍ରରେ ଏକ ନୂତନ ଚେତନାର ସୂତ୍ରପାତ କଲା । ପୁଲିସ୍ ଅନଶନ କରିଥିବା ଛାତ୍ରମାନଙ୍କୁ ଭୟଭୀତ କରିବା ପାଇଁ କିଏ କିଏ ଏଥିରେ ଯୋଗ ଦେଇଛନ୍ତି ତା'ର ତଦନ୍ତ କରୁଥାନ୍ତି । ମାତ୍ର ଲାଲାଜୀଙ୍କ ଶ୍ରାଦ୍ଧ ଦିବସରେ ଯୋଗଦାନ ପ୍ରାଣନାଥଙ୍କ ମନରେ ଜାତୀୟବାଦୀ କ୍ରାନ୍ତିକାରୀ ଚିନ୍ତାଧାରାକୁ ବଳବତ୍ତର କରିଥିଲା ।

ପଶ୍ଚିମ ଛାତ୍ରାବାସରେ ପ୍ରାଣନାଥ ଅନ୍ତେବାସୀ ହୋଇ ରହିଥିବା ବେଳେ ଆନ୍ଧ୍ରରୁ ଆସିଥିବା ଜନୈକ ଛାତ୍ର ହନୁମନ୍ତ ରାଓଙ୍କ ଜୀବନଚର୍ଯ୍ୟା ଓ ଶୃଙ୍ଖଳିତ କାର୍ଯ୍ୟ ତାଙ୍କୁ ବହୁ ଭାବେ ପ୍ରଭାବିତ କରିଥିଲା । ଆଇନ ପଢ଼ିବା ପାଇଁ ଆସିଥିବା ହନୁମନ୍ତ ରାଓ ୧୯୨୦-୨୧ରେ ଗାନ୍ଧିଜୀଙ୍କ ଡାକରାରେ ସଂଗଠିତ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇ ତାର ସାତବର୍ଷ ପରେ ପୁଣି ପଢ଼ିବାକୁ ରେଭେନ୍ସା କଲେଜକୁ ଆସିଥାନ୍ତି । ଭଲ ଭାବରେ ପଢ଼ାପଢ଼ି କରିବା ଛଡ଼ା, ପ୍ରତ୍ୟହ ବ୍ୟାୟାମ କରିବା, ବଡ଼ି ଅନ୍ଧାରରୁ କେନାଲରେ ସ୍ନାନ କରିବା ଓ ଛୋଟ ଛୋଟ ଘଟଣାରେ ସାମିଲ ନହେବା ପ୍ରଭୃତି ତାଙ୍କର କାର୍ଯ୍ୟକୁ ପ୍ରାଣନାଥ ନିବିଷ୍ଟ ଚିତ୍ତରେ ନିରୀକ୍ଷଣ କରୁଥିଲେ । ଯେପରି ଆଗାମୀ ସଂଗ୍ରାମ ପାଇଁ ଉକ୍ତ ଛାତ୍ରଙ୍କର ସାଧନା ଅଭିପ୍ରେତ ଥିଲା । ସତ୍‌ଗୁଣର ପୂଜାରୀ ପ୍ରାଣନାଥ ନିଜ ଜୀବନରେ ଏସବୁ ଗୁଣକୁ ଫୁଟାଇବା ପାଇଁ ଯତ୍ନଶୀଳ ଥିଲେ । ଦେଶ ପାଇଁ ଆତ୍ମୋତ୍ସର୍ଗର ଭବିଷ୍ୟ ଯେପରି ତାଙ୍କୁ ବାଟ କଢ଼ାଇ ନେଉଥିଲା । ଏହି ସମୟରେ "ଲାଲ ବାଲ ପାଲ" ତ୍ରୟୀ ମଧ୍ୟରୁ

Digitized by PPRACHIN, SOA

ଅନ୍ୟତମ ପ୍ରସିଦ୍ଧ ନେତା ଓ ବାଗ୍ମୀ ବିପିନ ଚନ୍ଦ୍ର ପାଲ୍ କଟକ ଟାଉନହଲ୍ ଠାରେ ଏକ ସଭାରେ ଭାଷଣ ଦେଇଥିଲେ । ଶାରୀରିକ ମାନସିକ ଭାବେ ରୁଗ୍ଣ, ଶ୍ରାନ୍ତ, କ୍ଳାନ୍ତ ବିପିନଚନ୍ଦ୍ର ପାଲଙ୍କ ସଭାକୁ ନଯିବାକୁ ନିଷେଧାଜ୍ଞା ସତ୍ତ୍ୱେ ପ୍ରାଣନାଥ ଏହି ସଭାରେ ଯୋଗ ଦେଇଥିଲେ । ମାତ୍ର ବିଦ୍ରୋହର ଉତ୍ତାପ ନଥିବା ଶ୍ରୀ ପାଲଙ୍କ ଭାଷଣ ପ୍ରାଣନାଥଙ୍କୁ ପ୍ରଭାବିତ ଓ ଉତ୍ସାହିତ କରି ପାରିନଥିଲା । ୧୯୨୮, ଓଡିଶା ପାଇଁ ଏକ ଦାରୁଣ ଶୋକ ସମ୍ବତ୍ସର ଥିଲା । ଉତ୍କଳମଣି ଗୋପବନ୍ଧୁ ଏହି ବର୍ଷ ମୃତ୍ୟୁବରଣ କରିଥିଲେ । ଦାସେ ଆପଣେଙ୍କ ବିୟୋଗ ପ୍ରାଣନାଥଙ୍କୁ ଶୋକାକୁଳ କରିଥିଲା ।

୧୯୩୦ରେ ଜାତୀୟ ମୁକ୍ତି ସଂଗ୍ରାମର ଯଜ୍ଞବେଦୀ ପାଖରେ ନିଜକୁ ସମର୍ପଣ କରିବା ପୂର୍ବରୁ ପ୍ରାଣନାଥ କିଛିଦିନ ପାଇଁ ଫେରିଥିଲେ ନିଜ ପ୍ରିୟ ଗ୍ରାମ ଡିମିରିକୁ । ଗ୍ରାମର ୨୦/୨୫ ସମବୟସ୍କ ଯୁବକମାନଙ୍କ ସହ ମିଶି ଯୁବକ ସଂଘ ଗଢିବା, ଗ୍ରାମର ରାସ୍ତାଘାଟକୁ ପରିଷ୍କାର ପରିଚ୍ଛନ୍ନ କରିବା, ପୋଖରୀରୁ ଦଳ କାଢିବା ଇତ୍ୟାଦି ପଲ୍ଲିମଙ୍ଗଳ କାମରେ ପ୍ରାଣନାଥ ନିଜକୁ ନିୟୋଜିତ କରିଥିଲେ । ଗ୍ରାମର ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଅସୂୟା ମୂଳକ ଭାବେ ଏସବୁ ରଚନାତ୍ମକ କାର୍ଯ୍ୟକୁ ଦେଖିଲେ ଓ ଯୁବକ ସଂଘକୁ ବିଭେଦଗ୍ରସ୍ତ କରିବାକୁ ଚେଷ୍ଟା କଲେ । ସେମାନଙ୍କ ଦୁର୍ଗୁଣ ଗୁଡିକୁ ଜନଚକ୍ଷୁକୁ ଆଣିବା ପାଇଁ ପ୍ରାଣନାଥ ଅନଶନର ରାସ୍ତା ବାଛି ନେଲେ । ସଂଖ୍ୟାଧିକ ଗ୍ରାମବାସୀଙ୍କ ମନରେ ଏହା ଦମ୍ଭ ଓ ପ୍ରତ୍ୟୟ ଆଣିଥିଲା ।

ମହାତ୍ମାଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହ–ଐତିହାସିକ ଦାଣ୍ଡିଯାତ୍ରା ଭାରତରେ ଏକ ଜାତୀୟ ଉଦ୍‌ବେଳନ ସୃଷ୍ଟି କରିଥାଏ । ଯୁବକ ପ୍ରାଣନାଥଙ୍କୁ ଏହା ଆଲୋଡିତ କରିଥାଏ । ଏଥିରେ ଯୋଗଦେବା ପାଇଁ ପ୍ରସ୍ତୁତି ଆରମ୍ଭ କଲେ । ତାଙ୍କର ନିଜ ଭାଷାରେ "ପ୍ରଥମେ ପ୍ରଥମେ ମୁଁ ନିଜକୁ ଶୁଦ୍ଧ କରି ଗଢିବା, ନିଜର ଦୋଷଗୁଣ ନିଜ ଭିତରେ ଆଲୋଚନା ଓ ବିଶ୍ଳେଷଣ କରିବା, ଦୋଷକୁ ଦୂରକରି ଗୁଣକୁ ବଢାଇବା, ଶରୀର ଓ ମନକୁ ଦୃଢ଼ କରିବା ପାଇଁ ଛାତ୍ର ଜୀବନରେ ମଝିରେ ମଝିରେ ମୌନବ୍ରତ ଓ ଉପବାସ କରୁଥିଲି ।" ଏସବୁ ବିଭବ ଥିଲା ପ୍ରାଣନାଥଙ୍କ ଚରିତ୍ରର ବିଶେଷତ୍ୱ । ଲବଣ ସତ୍ୟାଗ୍ରହରେ ଯୋଗଦାନ ସଂପର୍କରେ ପ୍ରାଣନାଥ କହିଥିଲେ, "ମୁଁ ମୋର କାର୍ଯ୍ୟ କ୍ଷେତ୍ରକୁ ଅଧିକ ବ୍ୟାପକ ଓ ଅଧିକ ଗଭୀର କରିବା ପାଇଁ ଲବଣ ସତ୍ୟାଗ୍ରହରେ ଯୋଗଦେବା ପାଇଁ ମନେ ମନେ ସ୍ଥିର କଲି, ଯଦ୍ୱାରା ଅଧିକ ଲୋକ ସେବା କରିବାର ସୁଯୋଗ ଓ ବ୍ୟାପକ କ୍ଷେତ୍ର ମିଳିପାରିବ ।" ଲବଣ ସତ୍ୟାଗ୍ରହରେ ଯୋଗଦେବା ସହିତ ରେଭେନ୍ସା କଲେଜର ବିଜ୍ଞାନ ଶ୍ରେଣୀର ଛାତ୍ର ପ୍ରାଣନାଥଙ୍କ ଉଚ୍ଚଶିକ୍ଷା ଓ ପଦପଦବୀ ଲାଭ କରିବାର ପାରିବାରିକ ଆଶା ଉପରେ ଯବନିକା ପଡିଲା । ଆସିଲା ଗଣ ସଂଗ୍ରାମର ତୋଫାନୀ ଯୁଗ । ଜୀବନରଥର ଚକ ଗଡିଗଲା । ସ୍ୱାଧୀନତା ସଂଗ୍ରାମର ସୈନିକ ହେଲେ ପ୍ରାଣନାଥ । ସତ୍ୟାଗ୍ରହରେ ଯୋଗଦାନ, ଆଇନ୍ ଅମାନ୍ୟ ଆନ୍ଦୋଳନ ଓ ନିଶାନିବାରଣ ଆନ୍ଦୋଳନ, ଓ ବିଦେଶୀ ବସ୍ତ୍ରର ବର୍ଜନ ଭଳି ଆନ୍ଦୋଳନରେ ଯୋଗଦେଇ ବାରମ୍ବାର କାରାବରଣ କଲେ ପ୍ରାଣନାଥ । ହେଲା ନବସରଣୀର ଉନ୍ମୋଚନ । ■■■

Digitized by PPRACHIN, SOA

ତୃତୀୟ ଅଧ୍ୟାୟ

ବିବାହ ଦେଶପ୍ରେମୀର ସଂସାର

୧୯୩୫ ମସିହା ଜୁନ୍ ମାସ ୨୮ ତାରିଖ ଶନିବାର—ପ୍ରାଣନାଥଙ୍କ ଜୀବନରେ ଥିଲା ଏକ ନିଷ୍ପତ୍ତିମୂଳକ ଦିବସ । ସେଦିନ ଥାଏ ଶ୍ରୀଜଗନ୍ନାଥଙ୍କ ନେତ୍ରୋତ୍ସବ । ଏହି ଦିନରେ ପ୍ରାଣନାଥଙ୍କ ବିବାହ ସମ୍ପନ୍ନ ହେଲା ପୁରୀ ଜିଲ୍ଲାର ଚଣାହାଟର ସମ୍ଭ୍ରାନ୍ତ ବଂଶର କନ୍ୟା ମଞ୍ଜରୀ ପଟ୍ଟନାୟକଙ୍କ ସହିତ । କନ୍ୟାପିତା ଥିଲେ ଓଡିଶାର ମହାନ୍ ଜାତୀୟବାଦୀ କବି କୃଷ୍ଣମୋହନ ପଟ୍ଟନାୟକ । କୃଷ୍ଣମୋହନଙ୍କ ପରିଚୟ ଚଣାହାଟର ପ୍ରସିଦ୍ଧ ସମ୍ଭ୍ରାନ୍ତ ପରିବାରର କନ୍ୟାପିତା ହିସାବରେ ଯେତେ ନୁହେଁ, ତା'ଠାରୁ ତାଙ୍କର ପ୍ରକୃତ ପରିଚୟ ହେଲା ଯେ, ସେ ପରାଧୀନ ଭାରତ ଓ ଛିନ୍ନ-ବିଛିନ୍ନ ବିକଳାଙ୍ଗ ଓଡ଼ିଶାରେ ଜାତୀୟ ସାଂସ୍କୃତିକ ଜାଗରଣମୂଳକ କବିତା କେବଳ ଲେଖିଲେ ନାହିଁ, ପ୍ରବାସୀ ଉତ୍କଳ ଓ ଖୋଦ୍ ଓଡ଼ିଶା ମାଟିରେ ସେହି ଦେଶପ୍ରୀତିର ବନ୍ଦନାରେ ସ୍ୱର ଦେଇ ନିଜର ସାରସ୍ୱତ କୃତିକୁ ଅମର କରିଗଲେ । ତାଙ୍କ ରଚିତ ''ଯେ ଜାତି ବୋଇତ ଭାସଇ ସାତ ସମୁଦ୍ରର ତେର ନଈରେ''.. ଓ ''ଆଜି ସଙ୍ଗରେ ଭୂଧରେ ପ୍ରାନ୍ତରେ ଅମ୍ବରେ ଶୁଭୁ ଉତ୍କଳର ଜୟଗୀତି''... ଭଳି କବିତା ଓଡ଼ିଶାରେ ଜାତୀୟବାଦୀ ଚେତନାର ହୋମାଗ୍ନି ଜାଳିବାରେ ଅଗ୍ରଣୀ ଭୂମିକା ନେଇଥିଲା । ଓଡ଼ିଶାର ଜାତୀୟ କବି ବୀରକିଶୋର ଦାସ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଓ କବି ପଦ୍ମଚରଣ ପଟ୍ଟନାୟକଙ୍କ ସହିତ ସମ୍ମାନଜନକ ଜାତୀୟ ଚେତନାର ମହାନ୍ ସାରସ୍ୱତ ସାଧକଙ୍କ ଆଗୁଆ ପଙ୍କ୍ତୀରେ କୃଷ୍ଣମୋହନଙ୍କ ସ୍ଥାନ । ତେଣୁ ଦେଶସେବାକୁ ମହାଦୀକ୍ଷା ଭାବେ ଗ୍ରହଣ କରିଥିବା, ବାରମ୍ବାର ଜାତୀୟ ମୁକ୍ତି-ସଂଗ୍ରାମରେ ଯୋଗଦାନ ଯୋଗୁଁ କାରାବରଣ କରିଥିବା, ଉଚ୍ଚଶିକ୍ଷିତ ଓ ସଂସ୍କୃତିବନ୍ତ ହୋଇଥିବା ସତ୍ତ୍ୱେ ଉଚ୍ଚ ସରକାରୀ ଚାକିରି ଓ ଅର୍ଥ ଉପାର୍ଜନର ରାସ୍ତା ଛାଡି ଦୁଃଖ, କଷ୍ଟ, ତ୍ୟାଗ ଓ କଷଣର ରାସ୍ତା ବାଛି ନେଇଥିବା ସୌମ୍ୟକାନ୍ତ ପ୍ରାଣନାଥ ପଟ୍ଟନାୟକଙ୍କ ହାତରେ ନିଜର ଅଲିଅଳୀ ସୁନ୍ଦରୀ କନ୍ୟା ମଞ୍ଜରୀଙ୍କୁ ପରିଣୟ-ସୂତ୍ରରେ ବାନ୍ଧିବାକୁ ଆଗେଇ ଆସିଥିବା

Digitized by PPRACHIN, SOA

କୃଷ୍ଣମୋହନଙ୍କ ଚେତନା—ରାଜ୍ୟରେ ଯେଉଁ କଥାଟି ପ୍ରମୁଖ ବିବେଚନା ଭାବେ ଆସିଥିଲା, ତାହା ଠିକ୍ ବାରି ହୋଇପଡେ । ବିପ୍ଳବୀ ଯୁବକ, ଦେଶଭକ୍ତ ପ୍ରାଣନାଥଙ୍କ ଚରିତ୍ର ଓ ବ୍ୟକ୍ତିତ୍ୱ ଭିତରେ ଭରି ରହିଥିବା ମାନବବାଦୀ ମହାନତା ଓ କ୍ରାନ୍ତିର ସ୍ଫୁଲିଙ୍ଗକୁ କବି କୃଷ୍ଣମୋହନ ସ୍ପଷ୍ଟ ଦେଖିପାରିଥିଲେ । ମାତ୍ର ନିଜ ଜୀବନକୁ ଦେଶ-ମାତୃକା ଓ ନିପୀଡିତ ଜନସାଧାରଣଙ୍କ ସେବାରେ ଉତ୍ସର୍ଗ କରିଥିବା ଓ ସେଥିପାଇଁ ବାରମ୍ବାର କାରାବରଣ କରିଥିବା, କାଶୀ ବିଦ୍ୟାପୀଠରେ ଆଗାମୀ କାଲିର ସାମାଜିକ- ଅର୍ଥନୈତିକ୍ ବିପ୍ଳବ ଓ ପରାଧୀନ ଭାରତର ମୁକ୍ତି ପାଇଁ ଜୀବନପଣ କରି ସଂଗ୍ରାମ କରିବାର ଜ୍ଞାନ ତଥା ଦର୍ଶନରେ ଅଭିମନ୍ତ୍ରିତ ହୋଇଥିବା ପ୍ରାଣନାଥ ବିବାହ ବନ୍ଧନରେ ବାନ୍ଧି ହୋଇ ଘର ସଂସାର କରିବାକୁ କାହିଁକି ଅନୁପ୍ରେରିତ ହେଲେ, ତାହା ପ୍ରଶ୍ନବାଚୀ ରୂପେ ଦେଖାଦିଏ ।

୧୯୩୫ ସାଲଟି ଭାରତ ଓ ବିଶ୍ୱ ପାଇଁ ଏକ ପ୍ରବଳ ସଂକଟର କାଳ । ୟୁରୋପର ଆକାଶକୁ ଇଟାଲୀର ଫାସିବାଦ ଓ ଜର୍ମାନୀର ନାଜିବାଦର କଳା ବାଦଲ ଆଚ୍ଛନ୍ନ କରିଥାଏ । ଭାରତର ସ୍ୱାଧୀନତା ସଂଗ୍ରାମରେ କଂଗ୍ରେସ ବ୍ରିଟିଶ୍ ସରକାର ଦ୍ୱାରା ସ୍ୱୀକୃତ ପ୍ରିତିନିଧିମୂଳକ ଶାସନ ଦାୟିତ୍ୱରେ ରହିବା -ନରହିବାର ଏକ ପ୍ରଶ୍ନ ଉଠିଥାଏ । କାଶୀ ବିଦ୍ୟାପୀଠରେ ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କ ଦ୍ୱାରା ଶିକ୍ଷିତ ପ୍ରାଣନାଥ ବିଶ୍ୱ ସମାଜବାଦୀ ଆନ୍ଦୋଳନ, ଅକ୍ଟୋବର ବିପ୍ଳବ ସମ୍ବନ୍ଧରେ ଓ ଫାସିବାଦର ବିପଦ ସମ୍ପର୍କରେ ବେଶ୍ ଶିକ୍ଷା ହାସଲ କରି ଫେରିଥାନ୍ତି । ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ ଚଳାଇବା ସହିତ ସମାଜରେ ଦଳିତ, ନିଷ୍ପେଷିତ ହୋଇ ରହିଥିବା ଚାଷୀ, ମୂଲିଆ, ସକଳ ଦରିଦ୍ର ମଣିଷଙ୍କ ପାଇଁ ସ୍ୱରାଜ ଅର୍ଥକୁ ସାକାର କରିବାକୁ ହେଲେ ଶୋଷଣ, କଷଣ, ଗୋଲାମୀର ଅବସାନ୍ ଘଟାଇବାକୁ ପ୍ରାଣନାଥ, ଭଗବତୀ ଚରଣ ପାଣିଗ୍ରାହୀ, ଗୁରୁଚରଣ ପଟ୍ଟନାୟକ, ଗୋକୁଳ ମୋହନ ରାୟ ଚୂଡ଼ାମଣି, ଗଙ୍ଗାଧର ମିଶ୍ର ଓ ଗତିକୃଷ୍ଣ ସ୍ୱାଇଁ ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସହିତ ମିଳିତ କାର୍ଯ୍ୟକ୍ରମ ଚଳାଇ ରଖିଥାନ୍ତି । ଦେଶର ସ୍ୱାଧୀନତା ହାସଲ ସାଙ୍ଗକୁ ଭବିଷ୍ୟତ ସମାଜରେ ଅର୍ଥନୈତିକ ସାମାଜିକ ଅଧିକାରକୁ ପ୍ରତିଷ୍ଠା କରିବାର ଦ୍ୱୈତ କର୍ତ୍ତବ୍ୟକୁ ଏମାନେ ଚୁଡାନ୍ତ ଲକ୍ଷ୍ୟ ରୂପେ ନିର୍ଦ୍ଧାରଣ କରିଥାନ୍ତି । ପୁନଶ୍ଚ ଓଡ଼ିଆ ଭାଷୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସମ୍ଭାବନା ସେତେବେଳକୁ ଭଲ ଭାବେ ଦେଖାଯାଉଥିଲା । ୧୯୩୬ ଏପ୍ରିଲ ପହିଲାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା । ଏପରି ଘନଘଟାମୟ ସମୟରେ ପ୍ରାଣନାଥ ନିଜର ଜୀବନସାଥୀଙ୍କୁ ବିବାହ କରିବାର ନିଷ୍ପତ୍ତି କିପରି ନେଲେ, ତାହା ହୁଏତ ବିସ୍ମୟକର ବୋଧହୁଏ । ମାତ୍ର ବହୁ ବନ୍ଧୁ ଓ ସାଥୀମାନଙ୍କର ପ୍ରବର୍ତ୍ତନା ଫଳରେ ପ୍ରାଣନାଥ ଜାତୀୟବାଦୀ କବି କୃଷ୍ଣମୋହନଙ୍କ ଦ୍ୱିତୀୟା କନ୍ୟା ପ୍ରେମମଞ୍ଜରୀଙ୍କୁ ବିବାହ କରିବା ପଛରେ କେବଳ ଏକ ଯଥାର୍ଥ ସହଧର୍ମିଣୀ ନୁହନ୍ତି, ଅନ୍ୟ ପକ୍ଷରେ ତାଙ୍କର ଜୀବନ ଡଙ୍ଗାକୁ ବାହିନେବା ପାଇଁ ଉପଯୁକ୍ତ ପଞ୍ଚାରୀ ତଥା ସହକର୍ମିଣୀଙ୍କୁ ପାଇବାର ଲକ୍ଷ୍ୟ ଥିଲା ମୁଖ୍ୟ ବିଷୟ । ମଣି-କାଞ୍ଚନର ସଂଯୋଗ ପରି ଏମାନଙ୍କ ବିବାହ ଥିଲା ଏକ ଅମୂଲ୍ୟ ସଂଯୋଗ । ମଞ୍ଜରୀ

Digitized by PPRACHIN, SOA

ଦେବୀ ଥିଲେ ଉନ୍ନତ ଜାତୀୟତା ବୋଧ ଓ ସାଂସ୍କୃତିକ ତଥା ସାରସ୍ୱତ ଚେତନାର ଅସାମାନ୍ୟା ନାରୀ । ସେ ନିଜର କୈଶୋର ଓ ଆଦ୍ୟ ଯୌବନର ପାଦଦେଶରେ ଦେଖିଛନ୍ତି ବଙ୍ଗଳା ଓ ଓଡ଼ିଶାରେ ନବଜାଗରଣର ମହାନ୍ ପର୍ବକୁ । ତାଙ୍କର ସ୍ମୃତିଶକ୍ତି ଥିଲା ପ୍ରଖର । ଓଡ଼ିଆ କବି ରାଧାନାଥ, ପଣ୍ଡିତ ନୀଳକଣ୍ଠ, ଗଙ୍ଗାଧର, ନନ୍ଦକିଶୋର ବଳ, ଗୋଦାବରୀଶ ମିଶ୍ରଙ୍କ ଠାରୁ ଆରମ୍ଭ କରି ବଙ୍ଗଳାର ଜାତୀୟବାଦୀ କବି ଦ୍ୱିଜେନ୍ ଲାଲ, ନବୀନଚନ୍ଦ୍ର ସେନ୍, କାଜି ନଜରୁଲ୍ ଇସ୍‌ଲାମ୍ ଓ କବିଗୁରୁ ରବୀନ୍ଦ୍ରନାଥଙ୍କ କବିତାର ପଂକ୍ତି ସବୁ ତାଙ୍କର କଣ୍ଠସ୍ଥ ଥିଲା । ସେ ଯେଉଁ ପରିବାରରୁ ଆସିଥିଲେ ତାହା ଭିତରୁ କବି ଅନନ୍ତ ପଟ୍ଟନାୟକ ଓ ବିଶିଷ୍ଟ ସାମ୍ୟବାଦୀ ନେତା ଗୁରୁଚରଣ ପଟ୍ଟନାୟକଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀ ତାଙ୍କର ବିବାହ ପୂର୍ବରୁ ଓଡ଼ିଶାର ଜାତୀୟ ଜୀବନରେ ଆତ୍ମପ୍ରକାଶ କରି ସାରିଥିଲେ । ଓଡ଼ିଶାରେ କମ୍ୟୁନିଷ୍ଟ ଆନ୍ଦୋଳନର ଭଗୀରଥ, ଭଗବତୀ ଚରଣ ପାଣିଗ୍ରାହୀ ମଞ୍ଜରୀ ପଟ୍ଟନାୟକଙ୍କ ଜନ୍ମସ୍ଥାନ ଚଣାହାଟ ଠାରୁ ଅନତିଦୂରସ୍ଥ ବିଶ୍ୱନାଥପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ମଧ୍ୟ ହେଉଛନ୍ତି ଓଡ଼ିଶାର ପ୍ରଥିତଯଶା ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଦିବ୍ୟସିଂହ ପାଣିଗ୍ରାହୀଙ୍କର ଅନୁଜ । ଅଧିକନ୍ତୁ ଭଗବତୀ, ପ୍ରାଣନାଥ ଓ ଗୁରୁଚରଣ ଥିଲେ ଓଡ଼ିଶାରେ କମ୍ୟୁନିଷ୍ଟ ଆନ୍ଦୋଳନର ପ୍ରତିଷ୍ଠା ପର୍ବର ଆଦ୍ୟତ୍ରୟୀ । ତେଣୁ ପ୍ରାଣନାଥଙ୍କ ଭାବୀ ପତ୍ନୀ ମଞ୍ଜରୀ କେଉଁ ସାଂସ୍କୃତିକ, ସାମାଜିକ ଓ ଦେଶପ୍ରେମୀ ପରିବାରରୁ ଆସିଥିଲେ ତାହାକୁ ଏହି ସବୁ ଘଟଣାରୁ ସ୍ପଷ୍ଟ ଭାବେ କଳନା କରାଯାଇପାରେ ।

୧୯୩୫ ଜୁନ୍ ୨୮ ତାରିଖ ଶନିବାର ଦିନ ପ୍ରାଣନାଥଙ୍କର କବି କୃଷ୍ଣମୋହନ ପଟ୍ଟନାୟକଙ୍କ କନ୍ୟା ମଂଜରୀଙ୍କ ସହ ବିବାହ ଅନୁଷ୍ଠିତ ହେଲା ଏକ ଅଭାବନୀୟ ପରିବେଶ ମଧ୍ୟରେ । ଚଣାହାଟ ଗ୍ରାମ ସେଦିନ ଶଙ୍ଖ, ଢୋଲକ, ପେଁକାଳି ଓ ତେଲିଙ୍ଗି ବାଇଦର ଐକତାନରେ ଓ ପରିବାରର ଅସଂଖ୍ୟ ଜ୍ଞାତି କୁଟୁମ୍ବ, ବନ୍ଧୁବାନ୍ଧବ ଓ ଗ୍ରାମବାସୀଙ୍କ କୋଳାହଳରେ ମୁଖରିତ ଥିଲା । ଜମିଦାର- ସାମନ୍ତବାଦୀ କୁଳର ପରମ୍ପରା ଅନୁଯାୟୀ ଶ୍ୱଶୁର ଘରୁ ସୁସଜ୍ଜିତ ପାଲିଙ୍କି ଓ ବାଜା ବାଲିପାଟଣା ବଜାର ବସ୍‌ଷ୍ଟାଣ୍ଡକୁ ପଠାଯାଇଥିଲା । ପ୍ରାଣନାଥ, ବଡ଼ଭାଇଙ୍କ ଘର ଖଲିକୋଟରୁ ବରଯାତ୍ରୀଙ୍କ ସାଙ୍ଗରେ ଟ୍ରେନ୍ ଯୋଗେ ଆସି ଭୁବନେଶ୍ୱରରେ ପହଁଚିଥାନ୍ତି ଓ ସେଠାରୁ ମଟର ଯୋଗେ ଯାଇ ବାଲିପାଟଣାରେ ଓହ୍ଲାଇଥାନ୍ତି । ମାତ୍ର ତାଙ୍କୁ ଚକିତ କଲା ଶ୍ୱଶୁର ଘରୁ ମଣିଷଙ୍କ କାନ୍ଧରେ ବୁହାହୋଇ ଆସିଥିବା ସୁସଜ୍ଜିତ ପାଲିଙ୍କି । ତାଙ୍କ ମନ ଦୁଃଖରେ ବିଚଳିତ ହେଲା । ପାରମ୍ପରିକ ବିଧିଭାବେ ପାଲିଙ୍କି ତାଙ୍କୁ ନେବା ପାଇଁ ପାଖକୁ ଆସିଲା । ମାତ୍ର ସହସା ଘଟିଲା ଏକ ଅଣ ପାରମ୍ପରିକ ଘଟଣା ଯାହା ପ୍ରାଣନାଥଙ୍କ ମହତ୍ତର କ୍ରାନ୍ତିକାରୀ ଜୀବନର ଏକ ଝଲକ ଭାବେ ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବ ।' ସେକାଳରେ ବିବାହରେ ବରକନ୍ୟାଙ୍କ ପାଇଁ ଆଜିପରି ମଟରଗାଡ଼ି, କାର ଜିପ୍‌ରେ ଯିବାର ବ୍ୟବସ୍ଥା ନଥିଲା । ପାଲିଙ୍କି ବାହକମାନଙ୍କୁ ଓ ପାଲିଙ୍କିକୁ ଦେଖି ପ୍ରାଣନାଥଙ୍କ ଭାବରାଜ୍ୟରେ ଯେଉଁ କଂପନ

Digitized by PPRACHIN, SOA

ଦେଖା ଦେଇଥିଲା, ସେଥିରେ ଥିଲା ମହାନ୍ ମାନବବାଦୀ ଦୃଷ୍ଟିକୋଣ । ତାଙ୍କର ସମଗ୍ର ଶରୀର ଓ ପ୍ରାଣରେ କ୍ଷୋଭ ଓ ପ୍ରଚଳିତ ସାଆଁନ୍ତିଆ ବ୍ୟବସ୍ଥା ବିରୋଧରେ ପ୍ରତିବାଦର ଧ୍ୱନି ଉଠିଥିଲା । ''ମଣିଷ ଦ୍ୱାରା ମଣିଷ ବୁହା ହୋଇ ବିବାହ ମଣ୍ଡପକୁ ଯିବ,'' ଏହା ଥିଲା ତାଙ୍କ ପାଇଁ ଅଚିନ୍ତନୀୟ । ବିବାହ ନହେଲେ ନହେଉ ପଛେ । ଉପରକୁ ଶାନ୍ତ ଗମ୍ଭୀର ଦେଖାଯାଉଥିବା ପ୍ରାଣନାଥଙ୍କ ମନ ବାରମ୍ବାର ଏହି ପ୍ରଶ୍ନ ପଚାରୁଥିଲା ''କେତେ ଦିନ ଏ ପ୍ରକାରର ବର୍ବରତା ଚାଲିବ ? ଆଉ କେତେଦିନ ମଣିଷ ଭାରବାହୀ ପଶୁଙ୍କ ଭଳି ଜିଅନ୍ତା ମଣିଷଙ୍କୁ ବୋହି ଚାଲିଥିବ ? ...'' ପାଲିଙ୍କିରେ ବସି ଯିବା ପାଇଁ ବନ୍ଧୁବାନ୍ଧବଙ୍କ ଅନୁରୋଧ ଓ ବରଧରାଙ୍କ ଅନୁନୟ ତାଙ୍କୁ ମୋଟେ ଶୁଣାଯାଉ ନଥିଲା । ଶେଷକୁ ଧୀର ଓ ଦୃଢ କଣ୍ଠରେ ଖାଲି ପାଲିଙ୍କିକୁ ଚଣାହାଟକୁ ଫେରିଯିବାକୁ ସେ ନିର୍ଦ୍ଦେଶ ଦେଲେ । ପାଲିଙ୍କିର ବାହକମାନେ ମଧ୍ୟ ସ୍ତମ୍ଭୀଭୂତ । ଅଗତ୍ୟା ଖାଲି ପାଲିଙ୍କିକୁ ଧରି ସେମାନେ କନ୍ୟା ଘରକୁ ଫେରିଗଲେ । କନ୍ୟା ଘରେ ଚାଲିଥିବା ସମସ୍ତ ଆନନ୍ଦ ଉତ୍ସବରେ ହଠାତ୍ ଭଙ୍ଗା ପଡିବା ଭଳି ଲାଗିଲା, ଯେତେବେଳେ ଅପେକ୍ଷମାଣ ଅଜସ୍ର ନରନାରୀ- ଗ୍ରାମବାସୀ ଖାଲି ପାଲିଙ୍କିକୁ ଦେଖିଲେ । ହେଲା କ'ଣ ? ଗୁରୁଜନ ଓ ପୁରବାସୀଙ୍କ ମନକୁ ପାପ ଛୁଇଁଲା । ଆସିଗଲା ସତେ ଏକ ବିସ୍ଫୋରଣ ! ଏଣେ ବାରିକ ଭାବୀ ଜାମାତାଙ୍କ ଗୋଡ ଧୋଇବ ବୋଲି ପିଢା ପାଣି ଧରି ଠିଆ ହୋଇଛି । ମାତ୍ର ସମସ୍ତ ପ୍ରଶ୍ନବାଚୀ ଓ ଆଶଙ୍କାର କାରଣ ଉପରେ ଯବନିକା ପକାଇ ପ୍ରାଣନାଥ ପଦବ୍ରଜରେ ଆସି କୃଷ୍ଣମୋହନଙ୍କ ଘର ସମ୍ମୁଖସ୍ଥ ଚାନ୍ଦିନୀ ପାଖରେ ପହଞ୍ଚି ଯାଇଥିଲେ । ମୁଣ୍ଡରେ ନାହିଁ ମୁକୁଟ, ବେକରେ ନାହିଁ ଫୁଲମାଳ । ତାଙ୍କୁ ଆବିଷ୍କାର କରି ପାରିଥିବା ଜଣେ ବୃଦ୍ଧା ପାଟି କରି ଉଠିଲେ ''ସେ ଆଡେ କ'ଣ ଅନାଉଛ- ବର ପରା ଏଠାରେ ।'' ଆନନ୍ଦ ଉତ୍ସାହର ଏକ ହିଲ୍ଲୋଳ ଓ କୋଳାହଳରେ ବିବାହମଣ୍ଡପ ମୁଖରିତ ହେଲା । ସମସ୍ତ ଅନ୍ତେବାସୀ ଦେଖିଲେ ଯେ, ଖଦଡ ଧୋତି ପଞ୍ଜାବୀ ପରିହିତ ସୌମ୍ୟକାନ୍ତ ଯୁବକ ଅପେକ୍ଷମାଣ ବାରିକ ଠାରୁ ପାଣିଲୋଟା ନେଇ ନିଜ ଗୋଡକୁ ନିଜେ ଧୋଇଲେ । ତା' ହାତରୁ ଗାମୁଛା ନେଇ ଗୋଡ ପୋଛି ତାଙ୍କ ସ୍ୱାଗତ ପାଇଁ ଅପେକ୍ଷା କରିଥିବା ଭାବୀ ଶ୍ୱଶୁର ଘରର ଲୋକମାନଙ୍କୁ ସମ୍ଭାଷଣ ଜଣାଇଲେ । ମୁଖମଣ୍ଡଳରେ ଗଭୀର ପ୍ରଶାନ୍ତି, ନମ୍ରତା ଯେପରି ଦାଉ ଦାଉ ହୋଇ ପ୍ରକାଶିତ ହେଉଛି । ସକାଳ ଦିବସଟିର ଅବସ୍ଥା ଜଣାଇବା ପରି-(Morning shows the day) ଏହାଥିଲା ପ୍ରାଣନାଥଙ୍କ ସଂସାରୀ ଜୀବନର- ଆଗାମୀ କାଲିର ପ୍ରଥମ ଝଙ୍କାର, ମାନବିକ ମୂଲ୍ୟବୋଧର ମନ୍ତ୍ରଗାନରେ ଉଦ୍‌ବେଳିତ, ଯାହା ଶତ ଶଙ୍ଖ ସାହାନାଇର ଝଙ୍କାର ଠାରୁ ଆହୁରି ଅଧିକା । ଏହା ଥିଲା ଏକ ଉଦ୍‌ଘୋଷଣ ମାତ୍ର ।

ଦେଶର ସ୍ୱାଧୀନତା ହାସଲ ସାଙ୍ଗକୁ ଗରିବ ନିଷ୍ପେଷିତ ମଣିଷ ପାଇଁ ଅର୍ଥନୈତିକ ସ୍ୱାଧୀନତା ହାସଲ କରିବା ସହିତ ପଣ୍ଡିତ-ପୁରୋହିତଙ୍କ ଦ୍ୱାରା ପ୍ରସାରିତ କୁସଂସ୍କାରର ପକ୍ଷଚ୍ଛେଦ ଓ ସମାନ୍ତବାଦୀ ସାମାଜିକ ବିଧି ବ୍ୟବସ୍ଥା ନାମରେ ଶ୍ରମଶୀଳ ମର୍ଯ୍ୟାଦାବନ୍ତ

Digitized by PPRACHIN, SOA

ମଣିଷକୁ ଭାରବାହୀ ପଶୁ ବନାଇବା ହେଉଛି ଦାସ ପ୍ରଥା- ଗୋଟି ପ୍ରଥା ଭଳି ଏକ ଭୟଙ୍କର ଅପମାନ । ମାନବତାର ଅବମାନନା, ତାହାକୁ ନିଜ କାର୍ଯ୍ୟରେ ପ୍ରତିଫଳିତ କଲେ ବିପ୍ଳବୀ ପ୍ରାଣନାଥ । ଘୁଣଖିଆ ସାମାଜିକ ବ୍ୟବସ୍ଥା ଓ କଷଣ ବିରୋଧରେ ଏହା ଥିଲା ତାଙ୍କର ଏକ ଯୁଦ୍ଧ ଘୋଷଣା । ସଂସ୍କାରପ୍ରୟାସୀ ପ୍ରାଣନାଥ ଅତ୍ୟନ୍ତ ନମ୍ର ସ୍ୱଭାବର ଓ ଆସ୍ଫାଳନହୀନ ବିପ୍ଳବୀ ହୋଇଥିବାରୁ କେବେ ସେ ତାଙ୍କର ଏହି କୁସଂସ୍କାର ବିରୋଧୀ ଆଭିମୁଖ୍ୟ ତଥା କାର୍ଯ୍ୟ ପାଇଁ ବାହାଦୁରୀ ନେଇ ନାହାନ୍ତି । କର୍ମଯୋଗୀ ଭଳି ସେହି ଉଦ୍ଦେଶ୍ୟରେ କାମ କରି ଯାଇଛନ୍ତି ଓ ନିଜ ଜୀବନରେ ତାକୁ ରୂପାୟିତ କରିଛନ୍ତି । ପରବର୍ତ୍ତୀ କାଳରେ ମଣିଷଟଣା ରିକ୍‌ସାରେ ବସିବା ପାଇଁ ତାଙ୍କର ତୀବ୍ର ବିତୃଷ୍ଣା ଓ ପଥଶ୍ରମ କରିବାର ଇଚ୍ଛା ପଛରେ ମହନୀୟ ମାନବିକ ଗୁଣ ପ୍ରତିଫଳିତ । ଜୀବନରେ ଚାଲି ଚାଲି ଯାଇଛନ୍ତି, ଖରାରେ ଏକ ପୁରୁଣା କାଳିଆ ଛତାର ସହାୟତାରେ ବାଟ ଅତିକ୍ରମ କରିଛନ୍ତି ।

ପ୍ରାଣନାଥ ଓ ମଞ୍ଜରୀଙ୍କ ବିବାହ ସମ୍ପନ୍ନ ହେବା ପରେ ହାତଗଣ୍ଠି ଫିଟାଇବାର ଚିରାଚରିତ ବିଧି । ଉଭୟ ପକ୍ଷ ନିଜ ନିଜର ପୁରୋହିତଙ୍କ ଦ୍ୱାରା ଏହା କରାଯିବ ବୋଲି ଜିଦ୍ ଧରି ବସିଲେ । କର୍ମକାଣ୍ଡର ଉଭୟ ପୁରୋହିତଙ୍କ ମଧ୍ୟରେ କଳି ଓ ତର୍କ ଉତ୍ସବର ମନୋଜ୍ଞ ପରିବେଶକୁ ନଷ୍ଟ କରୁଥିଲା । ଏହାର ସରଳ ସାମାଧାନ କରି ପ୍ରାଣନାଥ ନିଜ ହାତରେ ଗଣ୍ଠି ଫିଟାଇଦେଲେ । ବିବାହ-କର୍ମକାଣ୍ଡ ନାମରେ କୁସଂସ୍କାରର ସେ ଘୋର ବିରୋଧୀ ଥିଲେ । ରକ୍ଷଣଶୀଳ ଲୋକେ ପ୍ରାଣନାଥଙ୍କ ଏହି ସରଳ ସମାଧାନରେ କ୍ଷୋଭ ପ୍ରକାଶ କଲେ । ମାତ୍ର ସକଳ କୁସଂସ୍କାରର ପକ୍ଷଚ୍ଛେଦ କରି ନୂଆ ସମାଜ ପ୍ରତିଷ୍ଠା କରିବାର ବିନ୍ଧାଣୀ ପ୍ରାଣନାଥ ନିର୍ବିକାର ଭାବେ ରକ୍ଷଣଶୀଳ ଲୋକଙ୍କ ନାସିକା କୁଞ୍ଚନକୁ ଖାତିର କରି ନଥିଲେ । ନବ ସରଣୀର ଉନ୍ମୋଚକ ତାଙ୍କ ଆଗରେ ବହୁତ କଥା କରିବାକୁ ଥିଲା । କନ୍ୟା-ଜାମାତାଙ୍କୁ ଆଶୀର୍ବାଦ ଦେବା ଉପଲକ୍ଷେ ଶ୍ୱଶୁର ଜାତୀୟବାଦୀ କବି କୃଷ୍ଣମୋହନ ବିବାହ ଦିନ ଯେଉଁ ଅନବଦ୍ୟ କବିତା ଲେଖିଥିଲେ, ସେଥିରେ ପ୍ରାଣନାଥଙ୍କ ବିପ୍ଳବୀ ଯୁଗ୍ମ ଜୀବନର ବର୍ତ୍ତମାନ ଓ ସଂଘାତପୂର୍ଣ୍ଣ ଭବିଷ୍ୟତ ସମ୍ବନ୍ଧରେ ସ୍ପଷ୍ଟ ସଙ୍କେତ ଥିଲା । ଏହି କବିତା ପରବର୍ତ୍ତୀ କାଳରେ ବହୁ ମୁଖରେ ପ୍ରସାରିତ ହୋଇଥିଲା ।

କବିତାଟି ହେଲା:-

"କୋମଳେ କଠିନେ ଏ ଯେ ସମାବେଶ
ସତ୍ୟ ପିନ୍ଧେ ମାତ୍ର ସ୍ୱପ୍ନର ସୁବେଶ ।
ହୋମାନଳେ ଦୁହେଁ ଇନ୍ଧନ ଆହୁତି
ସାର୍ଥକତା ଲୋଡ଼େ ଗୋଟିଯାକ ସୃଷ୍ଟି ।
ନାହିଁ ଆଡମ୍ବର ନାହିଁ ସମାରୋହ,
ନାହିଁ ସମାଜର ଅତିଷ୍ଠ ବିଦ୍ରୋହ ।

Digitized by PPRACHIN, SOA

ରବିର ପ୍ରତିମା ପଦ୍ମର ପ୍ରେରଣା
କର୍ମକ୍ଷେତ୍ରେ ଆଣୁ ବେନିଙ୍କ ଯୋଜନା ।
କର୍ମ ମାତ୍ର ଧର୍ମ କର୍ମ ହିଁ ଜୀବନ,
କର୍ମକୁ ନ ବାନ୍ଧେ ଜନ୍ମ ବା ମରଣ ।
ଫିଟି ଯାଉ ପନ୍ଥା ଦିଶୁ ଲୋକସେବା
ସେବା ବିନା ନୋହେ କାହାରିଟି କେବା ।
ସୁଖ ଦୁଃଖ ସିନା ବୁଦ୍ଧିର ବିକାର,
ଆଲୋକର ମୂଲ୍ୟ ସମାନ ଛାୟାର ।
ହୀରାର ମୁକୁଟେ କଣ୍ଟକର ବ୍ୟଥା
କୁଟୀର ଭୁଞ୍ଜଇ ରାଜ-ପ୍ରଫୁଲ୍ଲତା ।
ବାୟୁ ଦେବ ଖାଦ୍ୟ, ବ୍ୟୋମ ଦେବ ଆଶା,
ମୁଖର ସାଗର ଶିଖାଇବ ଭାଷା ।
ଅକ୍ଷୟ ଅବାଧ ସେ ମହାକରୁଣା
ସାଧନାର ପଥେ ଝରେ କୋଟିଗୁଣା'' । x x x x

କେତେ ମାର୍ମିକ ଓ ଗଭୀର ଭାବରେ ଅର୍ଥବୋଧକ ହେଉଛି କବି କୃଷ୍ଣମୋହନଙ୍କର ଏହି କବିତା ! ଜଣେ କଠିନ, ଅନ୍ୟ ଜଣକ କୋମଳ । ଜଣେ ସତ୍ୟ ଓ ଅନ୍ୟଜଣକ ସୁବେଶିନୀ ସ୍ୱପ୍ନ । ଜାତିପ୍ରେମ ହୋମାନଳରେ ଜଣେ ଇନ୍ଧନ ଓ ଅନ୍ୟଟି ଆହୁତି । ଜଣଙ୍କ ଠାରେ ସୂର୍ଯ୍ୟର ଅଲୌକିକ ପ୍ରତିଭା ଓ ଅନ୍ୟଟି ପାଖରେ ସୃଷ୍ଟିଶୀଳ ସୁନ୍ଦର ପଦ୍ମର ପ୍ରେରଣା । ଏଭଳି ଅନେକ ଉପମାର ପ୍ରତୀୟମାନ ସଂଯୋଜନା ତଥା ମଧୁର ବ୍ୟଞ୍ଜନାରେ କବିତାଟି ହୋଇଛି ଉର୍ଜସ୍ୱଳ । ନିଜ କନ୍ୟା-ଜାମାତାଙ୍କ ନୂତନ ଜୀବନରେ କର୍ମର ଅଗ୍ରାଧିକାରକୁ ସୂଚାଇଛନ୍ତି କବି । ଆଲୋକ ସହିତ ଛାୟାର ସମ୍ବନ୍ଧ ଅର୍ଥାତ୍ ସୁଖ-ଦୁଃଖକୁ ସମଭାଗରେ ବାଣ୍ଟିନେବା ପାଇଁ ଇଙ୍ଗିତ ଏଥିରେ ଅଛି । ଜାଗତିକ ସୁଖ-ଦୁଃଖର ବିଚାରକୁ କୃଷ୍ଣମୋହନ ପ୍ରତ୍ୟାଖ୍ୟାନ କରିଛନ୍ତି ଏବଂ ଲୋକସେବା ବ୍ରତରେ ବ୍ରତୀ ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନବ ଦମ୍ପତିଙ୍କ ଆଗାମୀ କାଲିର ସଂସାର ସମ୍ପର୍କରେ ଗମ୍ଭୀର ବାସ୍ତବତାକୁ ଠିକ୍ କଳନା କରି କବିତାର ଶେଷ ପଂକ୍ତିରେ- ''ବାୟୁ ଦେବ ଖାଦ୍ୟ ବ୍ୟୋମ ଦେବ ଆଶା, ମୁଖର ସାଗର ଶିଖାଇବ ଭାଷା'' ଯେଉଁଠି ଲେଖିଛନ୍ତି, ଏଠାରେ କୃଷ୍ଣମୋହନଙ୍କ ବାସ୍ତବତା ଅନୁଭବର କଳାତ୍ମକ ପ୍ରକାଶ ଉତ୍କର୍ଷର ଶୀର୍ଷବିନ୍ଦୁକୁ ସ୍ପର୍ଶ କରିଛି । ଭବିଷ୍ୟତ ବକ୍ତା ଭଳି ସେ ଠିକ୍ ଜାଣିପାରିଥିଲେ ଯେ, ଏହି ନବଦମ୍ପତି ଦୁଃଖକଷ୍ଟରେ କାଳାତିପାତ କରି ପବନରୁ ଆହାର କରିବେ ଓ ଅସୀମ-ଅନନ୍ତ ଆକାଶରୁ ଆଶାର ବାରି ଝରି ପଡ଼ିବ । ମାତ୍ର ସେଥିପାଇଁ କବିଙ୍କର ଶୋଚନା ନାହିଁ । କୃଷ୍ଣମୋହନଙ୍କ ଏହି ମାର୍ମିକ କବିତା ପ୍ରାଣନାଥ ଓ ମଞ୍ଜରୀଙ୍କ ଜାତୀୟ ଓ ବ୍ୟକ୍ତିଗତ ଜୀବନରେ ଅମୂଲ୍ୟ ପାଥେୟ ହୋଇଛି । ତେଣୁ ତାର ମୂଲ୍ୟ ଅପରିମେୟ ।

Digitized by PPRACHIN, SOA

ଏକ ବର୍ଷଣମୁଖର ସନ୍ଧ୍ୟାରେ କୃଷ୍ଣମୋହନଙ୍କ ଅଲିଅଳୀ କନ୍ୟା ପ୍ରେମମଞ୍ଜରୀ ପାରିବାରିକ ପ୍ରଥା ଅନୁସାରେ କୁଳଦେବତା ରାଧାଗୋବିନ୍ଦଙ୍କ ଚରଣତୁଳସୀ ନେଇ ଜଣେ ବାସ୍ତବବାଦୀ-ଦେଶପ୍ରେମୀ-ବିପ୍ଳବୀ ଯୁବକ ପ୍ରାଣନାଥଙ୍କ ସଙ୍ଗେ ଶ୍ୱଶୁରାଳୟ ଯାତ୍ରା କଲେ । ରଥଯାତ୍ରା ଯୋଗୁଁ ଟ୍ରେନ୍‌ରେ ସେଦିନ ପ୍ରବଳ ଭିଡ଼ । ସେହି ଭିଡ଼ରେ ବହୁ କଷ୍ଟରେ ନବଦମ୍ପତି ଯାତ୍ରା କଲେ । ସେ ଯାତ୍ରାର ପଥ ଥିଲା ଦୀର୍ଘ । ବହୁ ପଥ ଅତିକ୍ରମ କରିବାକୁ ଯେପରି ତାହା ଅଭିପ୍ରେତ ଥିଲା । ୩୫ ବର୍ଷର ଦୀର୍ଘପଥରେ ତାଙ୍କ ସହିତ ମଞ୍ଜରୀ ଦେବୀ ଥିଲେ ପତ୍ନୀ, ସହଯାତ୍ରିଣୀ ସହକର୍ମିଣୀ ।

ବିବାହ ପରେ ନବ-ଦମ୍ପତିଙ୍କ ପାଇଁ ଆସିଲା ଚଉଠି ଦିନ ବା ଆଶୀର୍ବାଦ ଘର, ଯେଉଁଦିନ ବରକନ୍ୟା ପରସ୍ପର ସହିତ ମିଳିତ ହୁଅନ୍ତି । ଚଉଠି ପୂର୍ବରୁ ବରକନ୍ୟା ପରସ୍ପର ମଧ୍ୟରେ କଥାବାର୍ତ୍ତା ହେବା ଓ ଏପରିକି ଦେଖାଚାହାଁ ହେବା ନିଷିଦ୍ଧ । ବିଚିତ୍ର ଥିଲା ଏ ପ୍ରକାରର ସାମାଜିକ ବିଧାନ । କନ୍ୟା ଗୋଟେ ଘରେ ଚୁପ୍ ହୋଇ ଅବଗୁଣ୍ଠନ ଭିତରେ ଲୁଚିଲାଚି ବସିଥିବ । ଆଉ ତା'ର ନବ ବିବାହିତ ସ୍ୱାମୀ ତା'ଠାରୁ ଦୂରରେ ରହି ବୁଲୁଥିବ, ଏହା ସଚରାଚର ଘଟୁଥିଲା । ମାତ୍ର ପ୍ରାଣନାଥ ଏହାକୁ କୁସଂସ୍କାର ବୋଲି ବିବେଚନା କରି ଗୋଡ଼ରେ ଆଡ଼େଇ ଦେଇଥିଲେ । ନବବଧୂ ରୂପେ ସଜ୍ଜିତା ମଞ୍ଜରୀଙ୍କ ପାଖରେ ପହଞ୍ଚି ସେ ସେବର୍ଷର ଗୋପବନ୍ଧୁ ଶ୍ରାଦ୍ଧସଂଖ୍ୟା "ସମାଜ" ଧରି ସେଥିରେ ବାହାରିଥିବା ବିଷୟବସ୍ତୁ ଉପରେ ବୁଝାଉଥିଲେ । ନବବଧୂ ପ୍ରେମମଞ୍ଜରୀ ହୁଏତ ଲୋକାଚାର କଥାକୁ ବନାରସୀ ପାଟର ଅବଗୁଣ୍ଠନ ଭିତରେ କିଛିଟା ଲାଜରେ ଅପ୍ରତିଭ ହୋଇଥିବେ, ମାତ୍ର ସେ ଠିକ୍ ଠଉରେଇ ନେଇଯାଇଥିଲେ ନିଜର କର୍ମଯୋଗୀ ସ୍ୱାମୀର ଅମାୟିକ ସରଳ ଶାଳୀନ ବ୍ୟବହାର ଓ ଦେଶଭକ୍ତିର ନିର୍ଯ୍ୟାସରେ ଉଦ୍ଦୀପ୍ତ ଚରିତ୍ରକୁ । ନିଜର ନବ ପରିଣୀତା ପତ୍ନୀଙ୍କୁ ଯେପରି ନିଜର ବ୍ୟକ୍ତିଗତ ପାରିବାରିକ ଜୀବନ ଛଡ଼ା ଆଉ ଏକ ବିଶାଳ ଜୀବନ–ଜାତୀୟ ଜୀବନର ମହାସ୍ରୋତରେ ମିଶାଇନେବାକୁ ଚାହୁଁଥିଲେ ପ୍ରାଣନାଥ । ଲୁଚାଇ ସ୍ତ୍ରୀଙ୍କ ମୁହଁକୁ ଚାହିଁବା ଓ ଆମେ ଉପନ୍ୟାସରେ ପଢ଼ିଥିବା ସଂଳାପ କରିବାର ଅପରିଚ୍ଛନ୍ନତା ଠାରୁ ଏହି ଘଟଣା ଥିଲା ସମ୍ପୂର୍ଣ୍ଣ ଭିନ୍ନ । ଚତୁର୍ଥୀର ଚିର ଆକାଙ୍କ୍ଷିତ ରାତିରେ ପ୍ରାଣନାଥ ମଞ୍ଜରୀଙ୍କ କାନରେ ଧୀରେ ଧୀରେ କହିଥିଲେ– "ଆମର ମିଳନ ସେବା ପାଇଁ, ସମ୍ଭୋଗ ପାଇଁ ନୁହେଁ ।" ଏହା ଥିଲା ନବ ଦମ୍ପତିଙ୍କ ସମଗ୍ର ଜୀବନର ବୀଜମନ୍ତ୍ର । ଏହାକୁ ଅଣ-ରୋମାଣ୍ଟିକ୍ ବୋଲି ଭାବିବାର କିଛି କାରଣ ନାହିଁ । କାରଣ ପରବର୍ତ୍ତୀ ଜୀବନରେ ନାନା ଝଡ଼ଝଞ୍ଜା ଭିତରେ ଉଭୟେ ଏହି କଥାକୁ ଆଧାର କରି ବାସ୍ତବତାର ଶିଳାବନ୍ଧୁର ପଥରେ ଯାତ୍ରା କରିଥିଲେ । ଶ୍ୱଶୁର କୃଷ୍ଣମୋହନଙ୍କ ବିବାହ ଗୀତିକାର ପଙ୍‌କ୍ତି- "କର୍ମ ମାତ୍ର ଧର୍ମ କର୍ମ ହିଁ ଜୀବନ"...... ପୁନଶ୍ଚ "ଫିଟିଯାଉ ପନ୍ଥା ଦିଶୁ ଲୋକସେବା, ସେବା ବିନା ନୋହେ କାହାରିଟି କେବା" ସାରା ଜୀବନ ପ୍ରାଣନାଥଙ୍କ କର୍ଣ୍ଣକୁହରରେ ମୁହୂର୍ମୁହୁ ବାଜି ଉଠୁଥିଲା । ପ୍ରାଣନାଥଙ୍କର ଅନେକବାର କାରାବାସ, ଆନ୍ଦୋଳନାତ୍ମକ କାର୍ଯ୍ୟ ଯୋଗୁଁ ଘରେ ଅନୁପସ୍ଥିତି, ରାଜନୀତି ଓ ସଙ୍ଗଠନ

Digitized by PPRACHIN, SOA

କାର୍ଯ୍ୟରେ ବ୍ୟାପକ ଗସ୍ତ ଇତ୍ୟାଦି ଭିତରେ ମଞ୍ଜରୀ ଦେବୀ ନିଜ ପିଲାମାନଙ୍କର ଲାଳନ ପାଳନ, ସେମାନଙ୍କ ଶିକ୍ଷା ଓ ସର୍ବୋପରି ସେମାନଙ୍କୁ ଭବିଷ୍ୟତରେ ଉତ୍ତମ ସଭ୍ୟ ଶିକ୍ଷାପ୍ରାପ୍ତ ମଣିଷ ରୂପେ ଠିଆ କରାଇବାରେ ନିଜର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇଥିଲେ । ଦୁଃଖ-କଷ୍ଟ, ଅଭାବ ଅନଟନର କଷାଘାତ ସତ୍ତ୍ୱେ ସ୍ୱାମୀଙ୍କ ଦେଶସେବା-ବ୍ରତର କାର୍ଯ୍ୟରେ ସେ କେବେ ପ୍ରତିବନ୍ଧକ ହୋଇ ନଥିଲେ, ବରଂ ସହାୟତା କରିଥିଲେ । ତାଙ୍କର ଶୀତଳ ଛାୟା ତଳେ ପ୍ରାଣନାଥ ପରିବାର ଦୁଃଖ କଷ୍ଟର ଅଗ୍ନି ଦାଉକୁ ଭୁଲି ଯାଇଥିଲେ । ପ୍ରାଣନାଥ ବାବୁଙ୍କର ପାରିବାରିକ ଜୀବନ କିପରି ଅଭାବ ଅନଟନରେ ମୂଲ୍ୟବାନ୍ ହୋଇଥିଲା, ତାର ନିଛକ ଚିତ୍ର ମିଳେ ତାଙ୍କର ସେ କାଳର ସହଯୋଦ୍ଧା ବିପ୍ଳବୀ କବି ମନମୋହନ ମିଶ୍ରଙ୍କ ଲେଖାରୁ । ଉଭୟ କାରାବାସରେ ସମୟ କଟାଇଥାନ୍ତି । ମନମୋହନ ମିଶ୍ର ଲେଖିଛନ୍ତି- ''ପ୍ରାଣନାଥ ବାବୁଙ୍କର ଜେଲ ମିଆଦ ପରେ ତାଙ୍କୁ ଶଙ୍ଖୋଳିବାକୁ ଜଟଣୀକୁ ଓ ତାଙ୍କ ଘରକୁ ଗଲି । ସେ ଘର ସେତେବେଳେ ଏକ ତୀର୍ଥକ୍ଷେତ୍ର । ମନେ ପଡୁଛି ଯୋଡ଼ିଏ ଶିଶୁଙ୍କ କଥାଝୁଲୁ ଓ ସଦ୍ୟଜାତ (ପାଞ୍ଚ ଛଅ ମାସର) ଲୁଲୁ । ଘରେ ପିଲାଙ୍କ ପାଇଁ କ୍ଷୀରତ ଦୂରର କଥା ତଣ୍ଡୁଳ କଣାଏ ମଧ୍ୟ ନଥାଏ । ମୁଁ ଜଣେ କଲେଜରୁ ବିତାଡ଼ିତ ଏମ୍.ଏ. ଫାଇନାଲ୍ ବର୍ଷର ଛାତ୍ର । ପ୍ରାୟ ଯାଯାବର ଅବସ୍ଥା । ଜଟଣୀରେ ପ୍ରାଣନାଥ ବାବୁଙ୍କର ଦରଦୀ ସମର୍ଥକ ଅନେକ ଥିଲେ । କିନ୍ତୁ ସେ ଆତ୍ମସମ୍ମାନ ରକ୍ଷା କରି କାହାକୁ ତାଙ୍କର ସଂସାର ଚଳଣିର ବେଦନା କହି ନଥିଲେ ।''

ଭାତହାଣ୍ଡିରୁ ଗୋଟିଏ ଚିପିଲେ ଯାହା, ଏହା ହେଉଛି ପ୍ରାଣନାଥ ବାବୁଙ୍କ ସାଂସାରିକ ଜୀବନର ବାସ୍ତବତା ଓ ତେଲ ଲୁଣ ସଂସାର ଅବସ୍ଥାର ଏକ ନିଛକ ଚିତ୍ର । ତାରି ଭିତରେ ତାଙ୍କର ଅମୃତ ବିଧାନ ଭଳି ଛ'ଟି ପୁତ୍ର ଜନ୍ମ ନେଇଛନ୍ତି, ଉଚ୍ଚ ଶିକ୍ଷା, ଉନ୍ନତ ଚେତନା, ଉନ୍ନତ ସାମାଜିକ-ସାଂସ୍କୃତିକ ଅଭିରୁଚି ନେଇ ମଣିଷ ହୋଇ ଠିଆ ହୋଇଛନ୍ତି । ପ୍ରଥମ ପୁତ୍ରର ନାମ ପ୍ରଭାସ, ଡାକନାମ ଟୁଲୁ, ଜନ୍ମ ଗ୍ରହଣ କରିଥିଲା ୧୯୩୮ ନଭେମ୍ବର ୩ ତାରିଖରେ । ସେ ଫିଲିପ୍ସ ଇଣ୍ଡିଆ କମ୍ପାନୀରେ ଉଚ୍ଚ ପଦସ୍ଥ ଇଞ୍ଜିନିୟର୍ । ଦ୍ୱିତୀୟ ପୁତ୍ର ପ୍ରକାଶ ଜନ୍ମନିଏ ୧୯୪୦ ଜୁନ୍ ୨୩ ତାରିଖରେ, ଯାହାର ଡାକ ନାମ ଲୁଲୁ । ବର୍ତ୍ତମାନ ପ୍ରକାଶ ଆମେରିକାରେ ପ୍ରଖ୍ୟାତ ଇଞ୍ଜିନିୟର୍ ଭାବେ ଅବସ୍ଥାପିତ । ଲୁଲୁର ଜନ୍ମ ବେଳେ ପ୍ରାଣନାଥ ବାବୁ ପୁରୀ ଜେଲରେ ବନ୍ଦୀ ଥାନ୍ତି । ତୃତୀୟ ପୁତ୍ର ପ୍ରଭାତ, ଡାକନାମ ଭୁଲୁ, ଯେକି ଭାରତ ତଥା ବିଶ୍ୱର ସୁଖ୍ୟାତ ଅର୍ଥନୀତିଜ୍ଞ । ଅକ୍ସଫୋର୍ଡ ଓ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ଓ ଅଧ୍ୟାପନା କଲାପରେ ସମ୍ପ୍ରତି ଭାରତର ପ୍ରଖ୍ୟାତ ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟରେ ଅର୍ଥନୀତିରେ ପ୍ରଫେସର୍ । ତା'ର ଜନ୍ମ ୧୯୪୫ ସେପ୍ଟେମ୍ବର ୧୯ ତାରିଖରେ । ଚତୁର୍ଥ ପୁତ୍ର ପ୍ରଦୋଷ, ଡାକ ନାମ କୁଲୁର ଜନ୍ମ ୧୯୪୭ ଅକ୍ଟୋବର ମାସରେ । ଉଚ୍ଚ ଶିକ୍ଷିତ ପ୍ରଦୋଷ ଓଡ଼ିଶାର ପ୍ରାଣକେନ୍ଦ୍ର ଭୁବନେଶ୍ୱରରେ ଜଣେ ବରିଷ୍ଠ ସାମ୍ବାଦିକ । ଶିକ୍ଷା, ସଂସ୍କୃତି ଓ ଜନସେବାର ବାହକ ହିସାବରେ ବନ୍ଧୁ

Digitized by PPRACHIN, SOA

ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସହିତ ସଂପୃକ୍ତ । ପଞ୍ଚମ ପୁତ୍ର ପ୍ରଦ୍ୟୋତ, ତାଙ୍କ ନାମ ପୁପୁର ଜନ୍ମ ୧୯୪୯ ସେପ୍ଟେମ୍ବର ମାସରେ । ସେତେବେଳେ ପ୍ରାଣନାଥ ବାବୁ ଥାଆନ୍ତି ଜେଲ୍‌ରେ । ପ୍ରଦ୍ୟୋତ ସମ୍ପ୍ରତି ଆମେରିକାରେ ରସାୟନବିତ୍ ଭାବରେ ଅବସ୍ଥାପିତ । ଷଷ୍ଠପୁତ୍ର ପ୍ରଦୀପ୍ତ, ତାଙ୍କ ନାମ ଦିପୁ, ତାର ଜନ୍ମ ୧୯୫୨ ଜାନୁଆରୀ ୨୩ ତାରିଖ୍‌ରେ । ଆମେରିକା ଯୁକ୍ତରାଷ୍ଟ୍ରରେ ଦିପୁ ଜଣେ ଉଚ୍ଚ ଶିକ୍ଷିତ ଡାକ୍ତର ଭାବେ କର୍ତ୍ତବ୍ୟରତ । ପିତା ପ୍ରାଣନାଥଙ୍କୁ ପିଲାମାନେ କମ୍ ଦେଖୁଥିଲେ ମଧ୍ୟ, ସେ ସେମାନଙ୍କ ଆଗରେ ଆଦର୍ଶ, ବୌଦ୍ଧିକତା ଓ ଗଭୀର ମାନବିକ ମୂଲ୍ୟବୋଧର ଏକ ଜ୍ୱଳନ୍ତ ଦୀପସ୍ତମ୍ଭ ହୋଇ ରହିଥିଲେ । ପିତା ହିସାବରେ ପ୍ରାଣନାଥ ବାବୁ ନିଜ ପିଲାମାନଙ୍କ ଉପରେ କେବେ କଠୋର ହୋଇନାହାନ୍ତି । ଗଭୀର ମମତ୍ୱବୋଧ, ସ୍ନେହ-ଶ୍ରଦ୍ଧା ଭରା ବନ୍ଧୁ ଭାବେ ସେ ପିଲାମାନଙ୍କ ସହିତ ବ୍ୟବହାର କରିଛନ୍ତି । ପିତାଙ୍କର ଦୁଃଖକଷ୍ଟମୟ ସାଧାରଣ ଜୀବନ ସେମାନଙ୍କ ପରିବାର ଉପରେ ଅଭାବର କଳାଛାଇ ଭାବେ ରହିଛି ବୋଲି ତାଙ୍କର ଗୁଣଜ୍ଞ ପୁତ୍ରମାନେ କେବେ ଅଭିଯୋଗ କରିନାହାନ୍ତି ବା ଅସନ୍ତୋଷ ପ୍ରକାଶ କରି ନାହାନ୍ତି । ଏହା ହିଁ ହେଉଛି ବିଶେଷତ୍ୱ । ପ୍ରାଣନାଥ ''ଏଇ ଆସୁଛି'' କହି ପୋଲିସ୍ ସାଙ୍ଗରେ ବର୍ଷ ବର୍ଷ ଧରି ଜେଲଖାନାକୁ ଯାଉଥିବା ବେଳେ ବ୍ୟାକୁଳ ଭାବେ କାନ୍ଦି ତାଙ୍କୁ ଦୁର୍ବଳ କରିନାହାନ୍ତି । ବରଂ ୧୯୪୦ରେ ଯୁଦ୍ଧ ବିରୋଧରେ ଓ ବ୍ରିଟିଶ୍ ସରକାର ବିରୋଧରେ ହେଉଥିବା ବ୍ୟକ୍ତିଗତ ସତ୍ୟାଗ୍ରହ କାଳର ପ୍ରଥମ ଦିନର ସେନାପତି ଭାବେ ପ୍ରାଣନାଥ ଖୋର୍ଦ୍ଧା କଚେରୀ ସମ୍ମୁଖରେ ହଜାର ହଜାର ଜନସାଧାରଣଙ୍କୁ 'ସତ୍ୟାଗ୍ରହ'ର ରୁଦ୍ର ଆହ୍ୱାନ୍ ଶୁଣାଇ ଜେଲ୍ ବରଣ କରୁଥିବା ବେଳେ ପତ୍ନୀ ମଞ୍ଜରୀ ନିଜର ଶିଶୁପୁତ୍ରଙ୍କୁ ଧରି ସାହସର ସହ ତାଙ୍କୁ ଦେଖିଛନ୍ତି । ଛୋଟ ଛୋଟ ପିଲାଙ୍କୁ ଅତ୍ୟନ୍ତ ଅଭାବ ଓ କଷ୍ଟରେ ଯୋଗ୍ୟ କରି ଲାଳନ ପାଳନ କରିବା ସାଙ୍ଗକୁ ଫୁରୁସତ ପାଇଲେ ସ୍ୱାମୀଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଛନ୍ତି ମଞ୍ଜରୀ ଦେବୀ । ଏପରିକି ୧୯୬୩ରେ ଦିଲ୍ଲୀର ଲାଲକିଲ୍ଲାଠାରୁ ପାର୍ଲ୍ୟାମେଣ୍ଟ ସମ୍ମୁଖସ୍ଥ ବୋଟ୍‌କ୍ଲବ ପ୍ରାଙ୍ଗଣକୁ ଚାଲିଥିବା ଲକ୍ଷ ଲକ୍ଷ ଲୋକଙ୍କ ବିଶାଳ ଗଣ ଶୋଭାଯାତ୍ରାରେ ସେ ଓଡ଼ିଶା ଧାଡ଼ିରେ ରହି ୧୩ କିଲୋମିଟର ଲମ୍ବା ରାଜପଥକୁ ହସି ହସି ପାର ହୋଇଛନ୍ତି । ସ୍ୱାମୀଙ୍କ ସଂଗ୍ରାମ ପ୍ରତି ବିଶ୍ୱସ୍ତ ଅଙ୍ଗୀକାରର ଏହା ହେଉଛି ଏକ ଉଜ୍ଜ୍ୱଳ ଆଲେଖ୍ୟ ।

■■■

Digitized by PPRACHIN, SOA

ଚତୁର୍ଥ ଅଧ୍ୟାୟ

ଦେଶପ୍ରେମର ମହାଯଜ୍ଞରେ

୧୯୩୦ ମସିହା ଥିଲା ଭାରତ ଓ ଓଡ଼ିଶା ଇତିହାସରେ ଏକ ଘଡ଼ିସନ୍ଧିମୟ କାଳ। ସେତେବେଳେ ଗାନ୍ଧିଜୀଙ୍କ ନେତୃତ୍ୱରେ ହୋଇଥିବା ଲବଣ ସତ୍ୟାଗ୍ରହର ପ୍ରାକ୍‌କାଳରେ ଦେଶ ଭିତରେ ବିରାଟ ରାଜନୈତିକ ଅଭ୍ୟୁତ୍‌ଥାନ ଘଟି ଯାଇଥାଏ। ଅନ୍ୟ ପକ୍ଷରେ ପରବର୍ତ୍ତୀ କାଳରେ ଶହୀଦତ୍ୱରେ ଅମରତ୍ୱ ଲାଭ କରିଥିବା ମହାନ୍ କ୍ରାନ୍ତିକାରୀ ନେତା ଚନ୍ଦ୍ରଶେଖର ଆଜାଦ୍, ଭଗତ ସିଂ, ଶୁକଦେବ, ରାଜଗୁରୁ, ଯତୀନ୍ ଦାସ ପ୍ରମୁଖଙ୍କ ନେତୃତ୍ୱରେ ସଶସ୍ତ୍ର ସଂଗ୍ରାମର ଏକ ପ୍ଲାବନ ପଞ୍ଜାବ, ଯୁକ୍ତପ୍ରଦେଶ (ଯାହା ଆଜିର ଉତ୍ତର ପ୍ରଦେଶ), ମହାରାଷ୍ଟ୍ର ଓ ବଙ୍ଗଳା ପ୍ରଭୃତି ପ୍ରାନ୍ତମାନଙ୍କରେ ମୁଣ୍ଡଟେକି ଉଠିଥାଏ। ଦେଶ ମାତୃକାର ମୁକ୍ତିପାଇଁ ଆତ୍ମବଳି ଦେବାପାଇଁ ସଂଗ୍ରାମର ରାସ୍ତାକୁ ବାଛି ନେଇଥିବା ଏହି ଅଗ୍ନିମୁଖୀ ଆନ୍ଦୋଳନକୁ ଓ ସାମଗ୍ରିକ ଭାବେ ସ୍ୱାଧୀନତା ସଂଗ୍ରାମକୁ ଗୁଳିବନ୍ଧୁକରେ ଦବାଇ ଦେବାକୁ ବ୍ରିଟିଶ୍ ସରକାର ଆପ୍ରାଣ ଉଦ୍ୟମ ସେ ଦିନରେ ଚଳାଇଥିଲା। ୧୯୨୮ରେ ଲାହୋର ଷଡ଼ଯନ୍ତ୍ର ମାମଲାରେ ଭଗତ ସିଂ, ଶୁକଦେବ, ରାଜଗୁରୁ, ଯତୀନ୍ ଦାସ, ବଟୁକେଶ୍ୱର ଦତ୍ତ, ବି.କେ, ସିହ୍ନା ଓ ଅଜୟ ଘୋଷ ପ୍ରଭୃତିଙ୍କ ଗିରଫଦାରୀ, ଜେଲଖାନାରେ ପ୍ରବଳ ଯନ୍ତ୍ରଣା ପ୍ରଦାନ ଓ ବିଚାର ପ୍ରହସନ ସାରାଦେଶର ଯୁବ ସମାଜ ଭିତରେ ଉତ୍ତେଜନା ଓ ଉଷ୍ମତା ସୃଷ୍ଟି କରିଥିଲା। ୧୯୨୯ ଭିତରେ ସ୍ୱରାଜ୍ୟର ସର୍ବନିମ୍ନ ଦାବି ପୂରଣ କରିବା ପାଇଁ ମହାତ୍ମା ଗାନ୍ଧୀଙ୍କର ସମସ୍ତ ଆବେଦନ ନିବେଦନ ବ୍ରିଟିଶ୍ ସରକାର ଆଗ୍ରହ୍ୟ କରି ଦେଇଥାନ୍ତି। ପଣ୍ଡିତ ଜବାହରଲାଲ ନେହରୁଙ୍କ ସଭାପତିତ୍ୱରେ ଲାହୋର କଂଗ୍ରେସ ଅଧିବେଶନରେ ୧୯୨୯ ଡ଼ିସେମ୍ବର ୩୧ ତାରିଖ ଦିନ ରାତି ୧୨ଟା ପରେ ଅର୍ଥାତ ୧୯୩୦ ପ୍ରଥମ ଦିନରେ ପୂର୍ଣ୍ଣ ସ୍ୱରାଜ୍ୟ ବା ପୂରା ସ୍ୱାଧୀନତା ଲୋକଙ୍କର ଏକମାତ୍ର ଲକ୍ଷ୍ୟ ବୋଲି ଘୋଷଣା କରାଯାଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ୧୯୩୦ ଜାନୁୟାରୀ ପ୍ରତ୍ୟୁଷରୁ ଏହାକୁ କାର୍ଯ୍ୟକାରୀ କରିବାର ଉଦ୍ଦୀପ୍ତ ଆହ୍ୱାନ

Digitized by PPRACHIN, SOA

ଦିଆଗଲା । ଏଥିପାଇଁ ଦେଶର ଲକ୍ଷ ଲକ୍ଷ ସ୍ୱାଧୀନତାସଂଗ୍ରାମୀ ସତ୍ୟାଗ୍ରହର ପ୍ରତିଜ୍ଞା ପତ୍ରରେ ୧୯୩୦ ଜାନୁୟାରୀ ୨୬ ତାରିଖ (ଯାହାକି ସେକାଳର ସ୍ୱାଧୀନତା ଦିବସ ରୂପେ ପାଳିତ ହେଉଥିଲା)ରେ ଶପଥ ଗ୍ରହଣ କରିଥିଲେ । ସମଗ୍ର ଦେଶ ଜାଗି ଉଠିଲା । ଏଣେ ଭଗତ ସିଂ, ଚନ୍ଦ୍ରଶେଖର ଆଜାଦ୍, ଶୁକଦେବ, ଯତୀନ୍ ଦାସ ପ୍ରଭୃତି ବିପ୍ଳବୀଙ୍କ ସାହସିକ ଅଭିଯାନ ଓ ତ୍ୟାଗରେ ଦେଶ ମାତି ଉଠୁଥିଲା ଏକ ବୈପ୍ଳବିକ ସଂଗ୍ରାମର ରାସ୍ତାରେ ।

୧୯୩୦ରେ ଭାରତରେ ଉଜାଣି ଉଠୁଥିବା ଏହି ମହାନ ସଂଗ୍ରାମର ଜନ ଜୁଆରରେ ଅନ୍ୟମାନଙ୍କ ସହ ସାମିଲ ହୋଇଥିଲେ ରେଭେନ୍ସା କଲେଜର ବିଜ୍ଞାନ ଶ୍ରେଣୀର ଛାତ୍ର ପ୍ରାଣନାଥ ପଟ୍ଟନାୟକ । ତାଙ୍କର ନିଜ ଭାଷାରେ, ''ମୁଁ ମୋର କାର୍ଯ୍ୟକ୍ଷେତ୍ରକୁ ଅଧିକ ବ୍ୟାପକ ଓ ଅଧିକ ଗଭୀର କରିବାପାଇଁ ଲବଣ ସତ୍ୟାଗ୍ରହରେ ଯୋଗ ଦେବାପାଇଁ ମନେ ମନେ ସ୍ଥିର କଲି, ଯଦ୍ୱାରା ଅଧିକ ଲୋକସେବା କରିବାକୁ ସୁଯୋଗ ଓ ବ୍ୟାପକ କ୍ଷେତ୍ର ମିଳିପାରିବ ।'' ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗ ଦେବାପାରେ ପଛରେ ପଡ଼ି ରହିଲା ଉଚ୍ଚଶିକ୍ଷା ସମାପ୍ତ କରି ଉଚ୍ଚ ସରକାରୀ ଚାକିରିରେ ଯୋଗଦେଇ ସ୍ୱଚ୍ଛଳ ଜୀବନଯାପନ କରିବାର ଇଚ୍ଛା, ଯାହା ତାଙ୍କର ପରିବାର ସ୍ୱାଭାବିକ ଭାବେ ଆଶା କରିଥିଲେ, ଭୋଗ ଓ ସମୃଦ୍ଧିର ରାସ୍ତା ଛାଡ଼ି ତ୍ୟାଗ, ଦେଶସେବାର ରାସ୍ତା ବାଛି ନେଇଥିଲେ ସଂଗ୍ରାମୀ ପ୍ରାଣନାଥ । ୧୯୩୦ ରୁ ୧୯୩୧ ମାର୍ଚ୍ଚ ୫ ତାରିଖ ମଧ୍ୟରେ ଅର୍ଥାତ ଗାନ୍ଧି-ଇରୱିନ ଚୁକ୍ତି ସ୍ୱାକ୍ଷରିତ ହେବାର ସମୟ ଅବଧି ମଧ୍ୟରେ ପ୍ରାଣନାଥ ଦୁଇଥର କାରାବରଣ କରିଥିଲେ । ପ୍ରଥମେ ୧୯୩୦ରେ ବାଲେଶ୍ୱର ସହରରେ ପଣ୍ଡିତ ଲିଙ୍ଗରାଜ ମିଶ୍ରଙ୍କ ନେତୃତ୍ୱରେ ମଦ ଓ ଗଞ୍ଜେଇ ଅଫିମ ଦୋକାନ ସାମନାରେ ପିକେଟିଂ ଚାଲିଥିବା ବେଳେ, ସେଥିରେ ସାମିଲ ହୋଇ ସେ ନିର୍ଯ୍ୟାତନା ସହିଥିଲେ ଓ କାରାବରଣ କରିଥିଲେ । ପରବର୍ତ୍ତୀ ଜୀବନରେ ପ୍ରାଣନାଥ ପଟ୍ଟନାୟକଙ୍କ ଘନିଷ୍ଠ ସହଯୋଦ୍ଧା, କମ୍ୟୁନିଷ୍ଟ ଆନ୍ଦୋଳନର ନେତା, ପୂର୍ବତନ ବିଧାୟକ ଓ ସାଂସଦ ବୈଦ୍ୟନାଥ ରଥ ତାଙ୍କୁ ପ୍ରଥମେ ବାଲେଶ୍ୱର ସଂଗ୍ରାମର ଶିବିରରେ ଦେଖିଥିଲେ । ବୈଦ୍ୟନାଥ ରଥଙ୍କ ଭାଷାରେ ''ଏତିକିବେଳେ ଜଣେ ଲଣ୍ଡିତମୁଣ୍ଡ, ଆଣ୍ଠୁଲୁଚା ଲୁଗା ଓ କମିଜ ପିନ୍ଧା ଯୁବକ ଖଣ୍ଡେ ବ୍ୟାଗ ଧରି ହାଜର ହୋଇ କହିଲେ ଯେ ସେ କାମ କରିବେ । xxx ଯାହାହେଉ ଆମକୁ ନିଧି ମିଳିଗଲା । କାରଣ ଆମ ସାଙ୍ଗକୁ ଜଣେ ମିଳିଗଲେ ପିକେଟିଂ କରିବାକୁ । ଗିରଫ୍ ହେଲୁ, ହମିଦ ସାହେବଙ୍କ ନାଁ ଗାଁ ପଚାରିଲେ, କହିବୁ ନାହିଁ ଆମର ଉତ୍ତର ।'' ପାଣୁ ପଟ୍ଟନାୟକଙ୍କୁ (ଶ୍ରଦ୍ଧାରେ ବୈଦ୍ୟନାଥ ଏହି ନାମରେ ଡାକୁଥିଲେ)ବି ସେ ପଚାରିଲେ । ସେ ବି ନାହିଁ କଲେ । ମାତ୍ର ହମିଦ ସାହେବ କହିଲେ, ''କହିବ ନାହିଁ, ମୁଁ ଏଇଲେ ବାହାର କରି ଦେଉଛି କହି ତାଙ୍କ ପକେଟରେ ହାତ ପୂରାଇ ଖଣ୍ଡେ ଚଟି ଖାତା ବାହାର କରି କହିଲେ, ''ତୁମ ନାମ ପ୍ରାଣନାଥ ପଟ୍ଟନାୟକ, ନୁହେଁ ?'' ପୋଲିସ ସହ ଅସହଯୋଗ କରି ନିର୍ଭୀକ ଭାବେ ଲଢ଼େଇରେ ଠିଆ ହୋଇଥିବା ମଣିଷର ନାମ

Digitized by PPRACHIN, SOA

ଥିଲା ପ୍ରାଣନାଥ, ଯିଏ ଥିଲେ ବୈଦ୍ୟନାଥ ରଥଙ୍କ ପାଇଁ "ସରଳ ଅକପଟ ସାଙ୍ଗଟିଏ, କୂଟ କପଟ, କ୍ଷୁଦ୍ରତା ଓ ମିଥ୍ୟାଚାର ବଦଳରେ ସାରଲ୍ୟ, ସତ୍ୟନିଷ୍ଠା, ଅମାୟିକତା ସାଙ୍ଗକୁ ଦୃଢ଼ତା ଥିଲା ପ୍ରାଣନାଥଙ୍କ ଚରିତ୍ରର ଭୂଷଣ । ଏହି ପ୍ରାଣନାଥଙ୍କୁ ପୁଣି ଆମେ ଦେଖୁ ୧୯୩୦ରେ ପୁରୀ ଜିଲ୍ଲାରେ ଲବଣ ସତ୍ୟାଗ୍ରହ ସଂଗ୍ରାମରେ ଯୋଦ୍ଧା ହିସାବରେ । ଏହି ଆନ୍ଦୋଳନରେ ଗିରଫ୍ ହୋଇ ପ୍ରାଣନାଥ ପୁରୀ ଜେଲ୍‌ଖାନାରେ ବନ୍ଦୀ ହେଲେ । କିଛିକାଳ ରହିବାପରେ ରାଜବନ୍ଦୀମାନଙ୍କୁ ଯେତେବେଳେ ଖଲାସ କରାଗଲା, ତା ଫଳରେ ସେ ମୁକ୍ତ ହେଲେ । ତାଙ୍କ ପୂର୍ବରୁ କଟକ ଜେଲରେ ରାଜବନ୍ଦୀ ଥିବା ତାଙ୍କର ସହଯୋଦ୍ଧା ଗତିକୃଷ୍ଣ ସ୍ୱାଇଁ ପ୍ରଥମେ ଖଲାସ ହୋଇ ପ୍ରାଣନାଥଙ୍କ ଖଲାସ ହେବା ଦିନ ତାଙ୍କୁ ପାଛୋଟି ଆଣିବା ପାଇଁ ପୁରୀ ଜେଲ୍ ଗେଟ୍‌କୁ ଯାଇଥିଲେ । ତାଙ୍କର ମାର୍ମିକ ଭାଷାରେ, "ଲୌହ କବାଟ ଖୋଲିଲା । ଦେଖିଲେ ସେ (ପ୍ରାଣନାଥ) ଗେରୁଆ ଲୁଗା ପିନ୍ଧିଥାନ୍ତି । ମନରେ କୌଣସି ଦୁଃଖ ବା ବିରସତା ନାହିଁ- ପର ଆପଣାର ଭାବ ନାହିଁ । ଅଳ୍ପ ସମୟ ମଧ୍ୟରେ ସେ ସମସ୍ତଙ୍କୁ ଆପଣାର କରିନେଲେ । ସେହି ମୁହୂର୍ତ୍ତରୁ ଓ ଶେଷ ଦେଖାଯାଏ ଦେଖିଛି, ତାଙ୍କର ସେହି ହସହସ ଭାବ, କୌତୁକମୟ ପିଲାଳିଆ ଆମାୟିକତା ଅଥଚ ରାଜନୀତିଭରା ତତ୍ତ୍ୱଗତ ସାଧାରଣ ସ୍ୱାର୍ଥ ସଂଶ୍ଳିଷ୍ଟ, ସେହି ସରଳ ଉପଦେଶାତ୍ମକବାଣୀ ।" ଏହାହିଁ ଥିଲା ପ୍ରାଣନାଥଙ୍କର ବିଶେଷତ୍ୱ, ଜୀବନର ଶେଷ କ୍ଷଣ ପର୍ଯ୍ୟନ୍ତ ଏହି ମହନୀୟ ଗୁଣ ତାଙ୍କଠାରେ ବଳବତ୍ତର ରହିଥିଲା ।

୧୯୩୧ରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଭାପତିତ୍ୱରେ ଅଭ୍ୟର୍ଥନା ସମିତି ଗଠିତ ହୋଇ ପୁରୀଠାରେ ଅଖିଳ ଭାରତ କଂଗ୍ରେସ କମିଟିର ମହା ଅଧିବେଶନ ଅନୁଷ୍ଠିତ କରାଇବାର ପ୍ରସ୍ତୁତି ଚାଲିଥାଏ । ଜେଲ୍‌ଖାନାରୁ ଖଲାସ ହୋଇ ପ୍ରାଣନାଥ ବାବୁ କଂଗ୍ରେସ ସେବାଦଳର ଶିବିର ତଥା ଅଫିସ୍‌ରେ ରହି ଅଭ୍ୟର୍ଥନା କମିଟିର କାମଦାମରେ ବ୍ୟାପୃତ ରହୁଥିଲେ । ୧୯୩୧ ମସିହାରେ ଗାନ୍ଧିଜୀ ସ୍ୱାଧୀନତା ଲାଭର ଆଶା ନେଇ ବିଲାତରେ ଅନୁଷ୍ଠିତ ଗୋଲଟେବୁଲ ବୈଠକରେ ଯୋଗ ଦେଇଥିଲେ । ମାତ୍ର ସେ ବିଷୟରେ କିଛି ଆଲୋଚନା ନହେବାରୁ ନିରାଶ ଓ ବିରକ୍ତ ହୋଇ ସେ ଭାରତ ଫେରିଆସିବା ପରେ ଦେଶବ୍ୟାପୀ ଏକ ତୁମୁଳ ଆନ୍ଦୋଳନର ଝଡ଼ ବୋହିବାକୁ ଲାଗିଲା । ବ୍ରିଟିଶ୍ ସରକାର କଂଗ୍ରେସକୁ ବେଆଇନ ଘୋଷଣା କଲେ ଓ ତା'ର ଅଫିସ୍‌ମାନଙ୍କ ଉପରେ ଚଢ଼ାଉ କଲେ । ତା'ର ପ୍ରତିବାଦରେ ଦେଶବ୍ୟାପୀ ଯେଉଁ ବ୍ୟାପକ ଆନ୍ଦୋଳନର ଆବାଜ ଉଠିଲା ଓଡ଼ିଶାରେ ଓ ବିଶେଷତଃ ପୁରୀ ଜିଲ୍ଲାରେ ତାର ପ୍ରତିଧ୍ୱନି ଉଠିଲା । ପୁରୀଠାରେ କଂଗ୍ରେସ ଅଧିବେଶନ ହେବାର ପ୍ରସ୍ତୁତି କାର୍ଯ୍ୟ ବନ୍ଦ ରହିଲା । ପ୍ରାଣନାଥ ଆତ୍ମଗୋପନ କରି ଆନ୍ଦୋଳନକୁ ତୀବ୍ର କରିବାର ସଙ୍କଳ୍ପ ନେଇଥିଲେ । ବିଭିନ୍ନ ସ୍ଥାନରେ ଲୋକ ବିରୋଧୀ କଳା ଆଇନ୍ ଭଙ୍ଗ କରିବା ପାଇଁ ସତ୍ୟାଗ୍ରହୀମାନଙ୍କୁ ସଂଗ୍ରହ କରିବା, ସେମାନଙ୍କୁ ତାଲିମ୍ ଦେବା, ବିଦେଶୀ ସରକାର ବିରୋଧରେ ପ୍ରଚାରପତ୍ର ତିଆର କରି ତାକୁ ବାଣ୍ଟିବା ଥିଲା ତାଙ୍କର ମୁଖ୍ୟ କାର୍ଯ୍ୟ । ଜିଲ୍ଲାର ଚାରିଆଡେ ବୁଲି ପ୍ରାଣନାଥ ଏହି

Digitized by PPRACHIN, SOA

କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିଥିଲେ । ଏହି କାର୍ଯ୍ୟରେ ତାଙ୍କର ସହାୟକ ଥିଲେ ଗୋକୁଳ ମୋହନ ରାୟଚୁଡ଼ାମଣି, ଗତିକୃଷ୍ଣ ସ୍ୱାଇଁ ଯେ କି ଚିତା କାଟି, ପଇତା ପକାଇ, ବ୍ରାହ୍ମଣ ବେଶରେ ପୁରୀର ନୂଆମଠରେ ରହୁଥିଲେ । ତାଙ୍କର ସାହାଯ୍ୟକାରୀ ଥାଆନ୍ତି ବିଶ୍ୱନାଥ ପରିଡ଼ା । ଗଙ୍ଗାଧର ମିଶ୍ର ରଣପୁର, ଟାଙ୍ଗୀ, ବୋଲଗଡ, ବେଗୁନିଆ ପ୍ରଭୃତି ଅଞ୍ଚଳ ବୁଲି ପ୍ରଚାର କରୁଥାନ୍ତି । ସାଙ୍ଗରେ ଥାନ୍ତି ପରଶୁରାମ ପଦାତିକରାୟ, ନିମାପଡା, ଗୋପ, କାକଟପୁର, ପିପିଲି, ଡେଲାଙ୍ଗ ପ୍ରଭୃତି ଅଞ୍ଚଳରେ ସ୍ୱାଧୀନତାର ବାର୍ତ୍ତା ପ୍ରଚାର କରୁଥାନ୍ତି ମୋହନ ଦାସ ।

ଏହି ସବୁ କାମଦାମ ଭିତରେ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ସତ୍ୟାଗ୍ରହୀମାନେ ସତ୍ୟାଗ୍ରହ କରି କାରାବରଣ କରୁଥାନ୍ତି, ଯାହାର ତତ୍ତ୍ୱାବଧାରକ ଥାଆନ୍ତି ପ୍ରାଣନାଥ । ବିଦେଶୀ ବସ୍ତ୍ର ଓ ବିଦେଶୀ ଦ୍ରବ୍ୟ ବର୍ଜନ, ମଦ, ଅଫିମ, ଗଞ୍ଜେଇ ଭାଙ୍ଗ ପ୍ରଭୃତି ନିଶାଦ୍ରବ୍ୟର ବ୍ୟବସାୟକୁ ବନ୍ଦ କରିବାର ଦାବି ନେଇ ସତ୍ୟାଗ୍ରହୀମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରି ଗିରଫ୍ ହେଉଥାନ୍ତି ଓ କାରବରଣ କରୁଥାନ୍ତି । କମ୍ ବୟସ୍କ ସତ୍ୟାଗହୀମାନଙ୍କୁ ବେତ୍ରାଘାତରେ ଘଉଡାଇ ଦିଆଯାଉଥିଲା । ସ୍ୱାଧୀନତା ଆନ୍ଦୋଳନରେ ବିଲାତରୁ ଆଗତ ବସ୍ତ୍ରର ବର୍ଜନ ସ୍ୱଦେଶୀ ବସ୍ତ୍ରର ଆଦର ସାମ୍ରାଜ୍ୟବାଦୀ ଶାସକଙ୍କର ଅର୍ଥନୀତିର ଭିତ୍ତିଭୂମିକୁ ଦୋହଲାଇ ଦେବାପାଇଁ ଅଭିପ୍ରେତ, ସେହି କଥାକୁ ସଂଗ୍ରାମୀ ପ୍ରାଣନାଥ ଠିକ୍ ବୁଝିପାରିଥିଲେ । ଭାରତବର୍ଷର ବୁଣାକାର, ରଙ୍ଗଣି ପ୍ରଭୃତି ଉନ୍ନତ ଶ୍ରେଣୀର କାରିଗରମାନଙ୍କର ବୁଢା ଆଙ୍ଗୁଠିକୁ କାଟି ଦେଇ ଓ ହାତତନ୍ତକୁ ଭାଙ୍ଗି ଚୂରମାର କରି ବିଲାତର ମାଞ୍ଚେଷ୍ଟର ଓ ଲାଙ୍କାସାୟାରଠାରେ କଳଦ୍ୱାରା ପ୍ରସ୍ତୁତ ଲୁଗାକୁ ଭାରତରେ ଭର୍ତ୍ତି କରି ବ୍ରିଟିଶ୍ ପୁଞ୍ଜିପତି ଶାସକଶ୍ରେଣୀ ଔପନିବେଶିକବାଦୀ ଶୋଷଣର ଯେଉଁ ନଗ୍ନରୂପ ପ୍ରଦର୍ଶନ କରିଥିଲେ ସେହି ଉତ୍କଟ ଶୋଷଣର ରୂପକୁ ବିଶ୍ୱରେ ସାମ୍ୟବାଦୀ ମତାଦର୍ଶ ଓ କ୍ରାନ୍ତିର ଆଦ୍ୟ ମନ୍ତ୍ରଗୁରୁ କାର୍ଲମାର୍କ୍ସ ତାଙ୍କର ମହାନ କୃତି ''ଭାରତ ସମ୍ବନ୍ଧରେ ନିବନ୍ଧ''(Article on India) ଭିତରେ ଲିପିବଦ୍ଧ କରିଯାଇଛନ୍ତି । ଠିକ୍ ସେହି ଔପନିବେଶବାଦୀ ଶୋଷକମାନଙ୍କୁ ''ହାତରେ ନମାରି ଭାତରେ ମାରିବା'' ଅଭିପ୍ରାୟ ରଖି ଗାନ୍ଧିଜୀ ସ୍ୱେଦେଶୀ ଆନ୍ଦୋଳନ ଚଳାଇଥିଲେ । କୁଟି ଖାଅ କାଟି ପିନ୍ଧ, ଘରେ ଘରେ ଚରଖା ଚଳାଅ, ସୁତାକାଟ, ବିଦେଶୀ ଦ୍ରବ୍ୟ ତଥା ବସ୍ତ୍ରକୁ ବର୍ଜନ କର ଏବଂ ସେଥିପାଇଁ ଶାନ୍ତିପ୍ରିୟ ସତ୍ୟାଗ୍ରହ ଚଳାଅ, ଏହା ଥିଲା ମହାତ୍ମା ଗାନ୍ଧୀଙ୍କ ନିର୍ଦ୍ଦେଶ । ପ୍ରାଣନାଥ ପରବର୍ତ୍ତୀ କାଳରେ ମାର୍କ୍ସୀୟ ଶ୍ରେଣୀସଙ୍ଘର୍ଷର ଆଦର୍ଶ ବିଶ୍ୱାସୀ ଏହି ଅହିଂସାତ୍ମକ ଆନ୍ଦୋଳନ ପଛରେ ଥିବା ସାମ୍ରାଜ୍ୟବାଦୀ ଅର୍ଥନୀତିକୁ ପଙ୍ଗୁ କରିବାର ଚେତନା ତଥା ଆଦର୍ଶର ସାରବତ୍ତାକୁ ଉପଲବ୍ଧି କରିଥିଲେ । ମାତ୍ର କୃଷକ ମଜୁରିଆ, ଶ୍ରମିକ ଶ୍ରେଣୀକୁ ଶୋଷଣରୁ ମୁକ୍ତ କରିବା ପାଇଁ ଏହା ଯଥେଷ୍ଟ ନଥିଲା ।

ବିଦେଶୀ ଜିନିଷ ବର୍ଜନ କରିବା ଡାକରାକୁ ପୁରୀ ସହରରେ କାର୍ଯ୍ୟାନ୍ୱିତ କରିବାପାଇଁ ପ୍ରାଣନାଥ ଓ ତାଙ୍କର ସହଯୋଦ୍ଧାମାନେ ଲାଗି ପଡ଼ିଥିଲେ । ସେତେବେଳେ

Digitized by PPRACHIN, SOA

ବାରମ୍ବାର ଆନ୍ଦୋଳନ କରି ଥକିପଡିଥିବା ପୁରୀରେ ସତ୍ୟାଗ୍ରହ କରିବାପାଇଁ କର୍ମୀଙ୍କର ଅଭାବ ପଡିଥାଏ । ଶେଷକୁ ପ୍ରାଣନାଥ, ଗତିକୃଷ୍ଣ, ପରଶୁରାମ ପଦାତିକରାୟ ଓ ବଳରାମ ପାଇକରାୟ ଏକ ଯୋଜନା କଲେ, ପଦାତିକରାୟଙ୍କ ଭାଷାରେ "ପ୍ରାଣନାଥ ବାବୁ ଓ ଗତିକୃଷ୍ଣ ବାବୁ, ପୁରୀ ଟାଉନ କାଲୁରାମ ଗୋଦାମକୁ ଗଲେ; ସେମାନେ କାଲୁରାମ ବାବୁଙ୍କୁ କହିଲେ, ତୁମକୁ ବିଦେଶୀ ଲୁଗା ବନ୍ଦ କରିବାକୁ ହେବ, ଯଦି ବନ୍ଦ ନକରିବ ତେବେ ବହୁ ସତ୍ୟାଗ୍ରହୀ ଆସି ତୁମ ଗୋଦାମରେ ସତ୍ୟାଗ୍ରହ କରିବେ । ପୋଲିସ ସେମାନଙ୍କୁ ଗିରଫ୍ କରିବ ଓ ଜେଲ୍‌କୁ ପଠାଇବ । ଦେଶରେ ତୁମର ସୁନାମରେ କଳଙ୍କ ଲାଗିବ । ତେଣୁ ତୁମେ ଆମକୁ ଏକ ଲେଖା ଦିଅ ଯେ, ଏମାନଙ୍କୁ ବିଦେଶୀ ଲୁଗା ବନ୍ଦ କରିବାକୁ ଡ଼ାକିଥିଲି । ମୋ ପାଖରେ ଥିବା ବିଦେଶୀ ଲୁଗା ବିକ୍ରି ମୁଁ ବନ୍ଦ କରିବି । ସତ୍ୟାଗ୍ରହ କରିବା ଦରକାର ନାହିଁ । ପ୍ରାଣନାଥ ବାବୁ ଏହି ଲେଖାଟିକୁ ପାଖରେ ରଖିଥିଲେ । ମାତ୍ର କାଲୁରାମ କାର୍ଯ୍ୟରେ ଏହା ପରିଣତ ନକରିବାରୁ ପ୍ରାଣନାଥ ବାବୁ ଓ ଗତିକୃଷ୍ଣ ବାବୁ ସତ୍ୟାଗ୍ରହ କରୁଥିବା ବେଳେ ଗିରଫ୍ ହୋଇ କୋର୍ଟକୁ ଆସିଲେ । ପୋଲିସ୍ ସେମାନଙ୍କ ନାମରେ ଅଭିଯୋଗ ପତ୍ର ଦାଖଲ କଲାପରେ ଏହି ଦୁଇ ସତ୍ୟାଗ୍ରହୀ କାଲୁରାମଙ୍କ ଉକ୍ତ ଲେଖାକୁ ମାଜିଷ୍ଟ୍ରେଟଙ୍କୁ ଦେଖାଇଲେ । ମାଜିଷ୍ଟ୍ରେଟ ସେହି ଲେଖାଟି ଦେଖି ସେମାନଙ୍କୁ ସଙ୍ଗେ ସଙ୍ଗେ ଛାଡ଼ି ଦେଇଥିଲେ ।"

ପ୍ରାଣନାଥ ଓ ତାଙ୍କର ସାଥୀମାନେ ପୁରୀକୁ ସେମାନଙ୍କର କର୍ମକ୍ଷେତ୍ର କରିବା ବେଳେ ଜାତୀୟ କଂଗ୍ରେସର ଜିଲ୍ଲା ଅଫିସ୍ ଥିଲା ପୁରୀ ସହରର ରାମଚଣ୍ଡୀ ସାହିରେ, ଏବେ ଯେଉଁଠି ଠିଆ ହୋଇଛି ଲକ୍ଷ୍ମୀ ଟକିଜର ସିନେମା ହଲ୍ । କଂଗ୍ରେସ ସ୍ୱେଚ୍ଛାସେବୀଙ୍କ ଶ୍ରମବଳରେ ତିଆରି ଧାଡିଏ ଝାଟିମାଟି ଘର ଓ ତଳ ଧୂଳି ଧୂସରିତ । ତାହା ଥିଲା ଜାତୀୟ ଆନ୍ଦୋଳନର ପ୍ରାଣକେନ୍ଦ୍ର । ତା ପାଖରେ ରାମଦାସ ବାବାଜୀଙ୍କର ଏକ ଛୋଟ ପକ୍କା ଟୁଙ୍ଗୀ ଘର । ରାମଦାସ ବାବାଜୀ ଅଲଗା ଧରଣର ବାବାଜୀ ଥିଲେ । ଦେଶ ପ୍ରୀତିର ଧାରା ତାଙ୍କ ଭିତରେ ପ୍ରବାହିତ ହେଉଥିଲା । ତେଣୁ ତାଙ୍କର ଟୁଙ୍ଗୀରେ ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟର ଆଲୋଚନା, ପ୍ରସ୍ତୁତି, କର୍ମୀ ମୁତୟନ ହେଉଥିଲା । ଗତିକୃଷ୍ଣ ସ୍ୱାଇଁ, ଗୋକୁଳ ମୋହନ ରାୟଚୂଡାମଣି, ଗଙ୍ଗାଧର ମିଶ୍ର, ବଳରାମ ପାଇକରାୟ ଓ ସତ୍ୟବାଦୀ ତ୍ରିପାଠୀ (ପରବର୍ତ୍ତୀ କାଳରେ ବରିଷ୍ଠ ସାମ୍ବାଦିକ)ଥିଲେ ପ୍ରାଣନାଥଙ୍କ ସହଯୋଦ୍ଧା ଓ ସହକର୍ମୀ । ଆଶ୍ରମରେ ନିୟମିତ ଖାଇବାର ବ୍ୟବସ୍ଥା ନଥିଲା । ସ୍ୱାଧୀନତାର ଏହି ଯୁବ ସଂଗ୍ରାମୀମାନେ କାହାଠାରୁ ମାଗି ଚାଉଳ, ଲକ୍ଷ୍ମୀ ବଜାରରୁ ବାଇଗଣ, ମୂଳା, ଖଣ୍ଡେ କଖାରୁ, ଶାଗ ଚାନ୍ଦା କରି ତାକୁ ଝୁଲାମୁଣିରେ ପୂରାଇ ଯାହା ଆଣନ୍ତି, ସେଥିରେ ରୋଷେଇ କରୁଥିଲେ ଓ କ୍ଷୁଧା ନିବାରଣ କରୁଥିଲେ । ତା ନହୋଇ ପାରିଲେ, ସିଂହଦ୍ୱାର ପାଖ ଏମାର ମଠ ଚକଡା ଉପରେ ଧନୀ ସେମାନଙ୍କ ଦ୍ୱାରା ଦିଆଯାଇଥିବା କାଙ୍ଗାଳି ଭୋଜନ ପଂକ୍ତିରେ ନିର୍ବିକାର ଚିତ୍ତରେ ବସି ଯତ୍‌କିଞ୍ଚିତ ଖାଉଥିଲେ । କେତେ କଠୋର ଥିଲା ସେମାନଙ୍କ ଜୀବନ, କେତେ ଗଭୀର ଥିଲା ସେମାନଙ୍କ ସଙ୍କଳ୍ପ । ସେଥିରେ

Digitized by PPRACHIN, SOA

ସ୍ୱାଧୀନତା ସଂଗ୍ରାମୀ ଏବଂ ସେମାନଙ୍କ କାର୍ଯ୍ୟାଳୟ ଉପରେ ପୋଲିସର ତୁହାକୁ ତୁହା ଆକ୍ରମଣ । ପ୍ରାଣନାଥ ଓ ତାଙ୍କର ସାଥୀମାନେ ପୋଲିସ୍ ଦ୍ୱାରା ଆଶ୍ରମରୁ ବିତାଡ଼ିତ ହୋଇ ଯା ପିଣ୍ଡା, ତା ପିଣ୍ଡାରେ ଆଶ୍ରୟ ନେଉଥିଲେ । ପୋଲିସ ମାଡରେ ଲହୁ ଲୁହାଣ ହୋଇ ଫେରୁଥିଲେ । ମାତ୍ର ମନରେ ନଥିଲା ଗ୍ଲାନି ବା ଅବସାଦ । ଭାତ ଓ ତେନ୍ତୁଳି ଖଟା ଥାଏ ସେମାନଙ୍କର ମୁଖ୍ୟ ଖାଦ୍ୟ । ପ୍ରାଣନାଥ ଓ ତାଙ୍କର ସାଥୀମାନେ ଏ କଷ୍ଟ ଓ କୃଚ୍ଛ୍ର ସାଧନା କରୁଥିଲେ ନିଜପାଇଁ ନା, ଦେଶପାଇଁ ? ପ୍ରାଣନାଥ ପଟ୍ଟନାୟକ ସହରକୁ ଆସିଥିଲେ ଉଚ୍ଚଶିକ୍ଷା ଲାଭ କରି ‌୧ ୬ ଚାକିରି କରି ସ୍ୱଚ୍ଛଳ ଜୀବନଯାପନ ପାଇଁ । ମାତ୍ର ସେ ଯାଇ ଉଠିଲେ ଆଉ ଏକ ଦିଗରେ, ଯେଉଁଠି ସେ ଦେଶର ସ୍ୱାଧୀନତା ସଂଗ୍ରାମର ସୈନିକ ସାଜିରେ, ଜେଲ୍ ଗଲେ, ବିଦେଶୀ ଲୁଗା ପୋଡ଼ିଲେ, ମଦ, ଅଫିମ, ଗଞ୍ଜେଇ ଦୋକାନ ମୁହଁରେ ପିକେଟିଂ କଲେ । ଟାଣି ହୋଇଗଲେ ସ୍ୱାଧୀନତା ସଂଗ୍ରାମ ଭିତରକୁ । ଦେଶର ଘଡ଼ିସନ୍ଧି-ଜୀବନ ମରଣ ସମସ୍ୟାବେଳେ ନିଜର ସମସ୍ତ ତ୍ୟାଗ କରିବାକୁ ହେବ, ଏହା ଥିଲା ତାଙ୍କର ଉପଲବ୍ଧି ।

୧୯୩୦ରୁ ୧୯୭୦ ଅର୍ଥାତ ପ୍ରାଣନାଥଙ୍କ ଜୀବନର ଶେଷଭାଗ । ଏହି ଦୀର୍ଘ ୪୦ ବର୍ଷ ପ୍ରାଣନାଥଙ୍କ ଜୀବନର ଗତିକୁ ଦେଶସେବାର ମହାନ ଦିଗକୁ ଟାଣି ନେଇଗଲା । ତାଙ୍କର ପ୍ରିୟ ସହଯୋଦ୍ଧା ଗୁରୁଚରଣ ପଟ୍ଟନାୟକଙ୍କ ଭାଷାରେ, "୧୯୩୦ରେ ସେ ଯେଉଁ ବ୍ରତ ଗ୍ରହଣ କରିଥିଲେ, ଯେଉଁ ଶପଥ ନେଇଥିଲେ, ସେ ୧୯୭୦ ମସିହାରେ ଶେଷ ନିଃଶ୍ୱାସ ତ୍ୟାଗ ଯାଏ ଅକ୍ଷରେ ଅକ୍ଷରେ ଅଟଳ ଭାବେ ପାଳନ କରି ଆସିଛନ୍ତି ।" ଅତି କଠିନ ଏ ପ୍ରୀତି ପାଳିବା/ତୀକ୍ଷ୍ଣ ଅସି ଧାରରେ ପାଦ ଚାଳିବା । ଠିକ୍ ସେହିପରି ଦେଶପ୍ରୀତି/ମାନବ ପ୍ରୀତିର ଯେଉଁ ତୀକ୍ଷ୍ଣ ଅସି ଧାରରେ ପ୍ରାଣନାଥ ୪୦ ବର୍ଷ କାଳ ଚାଲିଛନ୍ତି, ସେଥିରେ ନଥିଲା କ୍ଷମତାର ଲାଭ, ପଦବୀ ଲାଭ, ସମ୍ପତ୍ତି ବା ଅର୍ଥଲାଭର ଲାଳସା, ନଥିଲା ଲାଭ କ୍ଷତିର ହିସାବ । ଦେଶଭକ୍ତିର ଉତ୍ତାଳ ଜୁଆର ତାକୁ ଉଠାଇ ଦେଇଛି ଇତିହାସର ମହାନ ତାରକିତ ଛାୟାପଥକୁ । ଯେଉଁଠି ସେ ଶତାବ୍ଦୀର ଉଜ୍ଜ୍ୱଳ ଜ୍ୟୋତିଷ୍କ ଭାବରେ ଉଦ୍‌ଭାସିତ ହେଉଛନ୍ତି । ଜାତିପ୍ରେମର ମହାଯଜ୍ଞରେ ସ୍ୱାର୍ଥକୁ ଆହୁତି ଦେଇ ସେ ନିଜର ଅଜ୍ଞାତରେ ହୋଇଛନ୍ତି ଓଡ଼ିଶା ଧରଣୀରେ ଶତାବ୍ଦୀର ଅନ୍ୟତମ ସୁପୁତ୍ର । ପୁନଶ୍ଚ ଗୁରୁଚରଣଙ୍କ ଭାଷାରେ ସେ, "ଇତିହାସ ସ୍ରୋତର ଧକ୍କାରେ ଧକେଇ ନଭାସି, ସେହି ସ୍ରୋତର ସୃଷ୍ଟିରେ ଆପଣାକୁ ନିୟୋଜିତ କରିଛନ୍ତି ।" ଜାତୀୟ ଆନ୍ଦୋଳନର ଗତିପଥରେ ସେ ଜାତୀୟ କଂଗ୍ରେସର ରଥୀ ହୋଇଛନ୍ତି । କାଶୀ ବିଦ୍ୟାପୀଠର ଶିକ୍ଷା ଓ ସର୍ବୋପରି ଚାଷୀ-ମୂଲିଆର ଶ୍ରେଣୀ ଭିତରେ କାମଦାମ ଓ ଘନିଷ୍ଠ ସମ୍ପର୍କର ଉପଲବ୍ଧି ବଳରେ ସେ ବରିଷ୍ଠ ସ୍ୱାଧୀନତା-ସଂଗ୍ରାମୀ ହୋଇଛନ୍ତି, ମାତ୍ର ସାମ୍ୟବାଦର ମହାଦୀକ୍ଷାରେ ଦୀକ୍ଷିତ ହୋଇ କମ୍ୟୁନିଷ୍ଟ ହୋଇଛନ୍ତି । ଖୋର୍ଦ୍ଧାର ଗରିବ, ତ୍ରସ୍ତ, ନିର୍ବାକ କୃଷିକାରୀ ଜନସାଧାରଣ ହୋଇଛନ୍ତି ପ୍ରାଣନାଥଙ୍କ ପାଇଁ ଶିକ୍ଷକ । ବିଶ୍ୱବିଖ୍ୟାତ ଚୀନ୍‌ର ରାଷ୍ଟ୍ରବିପ୍ଳବୀ ମାଓ-ସେ-ତୁଙ୍ଗ୍ କହିଲାପରି, "ଜନ ସାଧାରଣଙ୍କ

Digitized by PPRACHIN, SOA

ଠାରୁ ଶିକ୍ଷାକର, ଜନସାଧାରଣ ହେଉଛନ୍ତି ତୁମର ଶିକ୍ଷକ'' (Learn from the masses, masses are your teachers), ବାସ୍ତବରେ ସେ ଥିଲେ ମୂକ, ଦଳିତ, ବଞ୍ଚିତ ଓ ଅତ୍ୟାଚାରିତ ଜନସାଧାରଣଙ୍କ ପଟ୍ଟଶିଷ୍ୟ ଓ ସେଥିଯୋଗୁଁ ହୋଇଛନ୍ତି ସେହିମାନଙ୍କ ଜନନେତା । ଜନତା ପ୍ରତି ତାଙ୍କର ଅଙ୍ଗୀକାର ହେଉଛି ବଡ଼ କଥା । ତାଙ୍କୁ ଏହା କେହି ଦୟାକରି ଦେଇନାହିଁ । ୧୯୪୫ରେ ବ୍ରହ୍ମପୁର ଜେଲ୍ ପରିତ୍ୟାଗ କରିବା ପୂର୍ବରୁ ବିଭିନ୍ନ ବାଟରେ ପ୍ରାଣନାଥଙ୍କ ପାଖକୁ ବାର୍ତ୍ତା ଯାଇଛି ''କଂଗ୍ରେସକୁ ଆସ, ମନ୍ତ୍ରୀ ହୁଅ ।'' ଏ ସବୁ ପ୍ରରୋଚନାକୁ ସେ ପ୍ରତ୍ୟାଖ୍ୟାନ କରିଛନ୍ତି । କଂଗ୍ରେସର ତ୍ୟାଗର ଦିନରେ ରହି ଭୋଗର ଦିନରେ ତାକୁ ପରିତ୍ୟାଗ କରିଛନ୍ତି । ''ଧଳା ବଦଳରେ କଳା ହେଲେ ଜୋକ, ଘୁଞ୍ଚିବକି ଭାଇ ଜନତାର ଦୁଃଖ ।'' ଜାତୀୟ କବି ବୀରକିଶୋରଙ୍କ ଏହି ବାଣୀ ତାଙ୍କ କର୍ଣ୍ଣ-କୁହରରେ ପୁଞ୍ଜୀଭୂତ ହୋଇଛି । ସେ ଆଦରି ନେଇଛନ୍ତି ନିଜର ପ୍ରିୟ ସେହି ଗରିବ କୃଷକ, ମୂଲିଆ, ଦଳିତ ନିଷ୍ପେଷିତ ଜନସାଧାରଣଙ୍କୁ ନିଜର ଜପାମାଳି କରି । ହଁ, ଏହା ଭିତରେ ମହତ୍ତର ଲକ୍ଷ୍ୟରେ ଜଟଣୀରେ ଉଚ୍ଚ ବିଦ୍ୟାଳୟ ଓ ଖୋର୍ଦ୍ଧାରେ କଲେଜ ପ୍ରତିଷ୍ଠା କରିଛନ୍ତି, ତା'ର କାରଣ ହେଉଛି ଶିକ୍ଷାର ଆଲୋକ ବଳରେ ନିରକ୍ଷରତା ହଟିବ ଓ ଜ୍ଞାନର ଆଲୋକରେ ଜନସାଧାରଣ ନିଜର ଦୁଃଖ କଷଣର ପ୍ରକୃତ କାରଣକୁ ଜାଣି ପାରିବେ । ଏହି ଲକ୍ଷ୍ୟରେ ଓଡିଶାରେ ନୂଆ ଧାରାର ସାହିତ୍ୟ ସୃଷ୍ଟି କରିବା ଅଭିପ୍ରାୟରେ ସାହିତ୍ୟ ସମାଲୋଚନାର ମହାନ ପୁସ୍ତକ ଲେଖି ଯାଇଛନ୍ତି । ସେ ସବୁ ପଛରେ ରହିଛି ''ଦେଶପ୍ରେମ ମହାଯଜ୍ଞ''ର ବହ୍ନିମାନ ଆଦର୍ଶର ଧାରା । ତାହା ତାଙ୍କୁ ସାରା ୪୦ ବର୍ଷ ଧରି ଅସୁମାରି କାର୍ଯ୍ୟରେ ଅନୁପ୍ରେରିତ କରି ଆସିଛି । ଏହା କ୍ୱଚିତ ଦେଖିବାକୁ ମିଳେ ।

■■■

Digitized by PPRACHIN, SOA

ପଞ୍ଚମ ଅଧ୍ୟାୟ

ଖୋର୍ଦ୍ଧାମାଟିର ବରପୁତ୍ର

୧୯୩୦ ମସିହାରେ ଖୋର୍ଦ୍ଧାକୁ କେନ୍ଦ୍ରକରି ପ୍ରାଣନାଥ ପଟ୍ଟନାୟକଙ୍କ ସହିତ ମିଶି ଯେଉଁ ସହଯୋଦ୍ଧା କାମ କରୁଥିଲେ ସେ ହେଲେ ଗୋକୁଳ ମୋହନ ରାୟଚୂଡ଼ାମଣି । ସେମାନେ ଯେପରି ଥିଲେ ଏକ ବୃନ୍ତର ଦୁଇଟି ଫୁଲ । ଖୋର୍ଦ୍ଧା ମାଟିକୁ ପ୍ରାଣନାଥ କିପରି ନିଜ ପ୍ରାଣଠାରୁ ଅଧିକ ଭଲ ପାଉଥିଲେ ଓ ତା'ର ଆତ୍ମା ଭିତରେ ତାଙ୍କର ସଂଗ୍ରାମୀ ପରିଚିତି କିଭଳି ପ୍ରକାଶ ପାଇଲା, ତାର ଠିକ୍ ଖବର କେହି ରଖିନାହାନ୍ତି । ମାତ୍ର ରାୟ ଚୂଡ଼ାମଣିଙ୍କ ଭାଷାରେ ''ବ୍ରିଟିଶ୍ ସାମ୍ରାଜ୍ୟବାଦ ଖୋର୍ଦ୍ଧାର ପରାକ୍ରମୀ ପାଇକ ଜାତିକୁ ପାଇକ ବିଦ୍ରୋହ ପରେ ପରେ କବର ଦେଇ ଦେଇଥିଲା । 'ଉଠ କଙ୍କାଳ, ଜାଗ କଙ୍କାଳ, ଛିଡୁ ଶୃଙ୍ଖଳ ଆଜି' ବୋଲି ସ୍ୱର୍ଗତ ଗୋଦାବରୀଶ ମହାପାତ୍ର ଯେଉଁ ଡାକ ଦେଇଥିଲେ, ପ୍ରାଣନାଥ ପଟ୍ଟନାୟକ ଖୋର୍ଦ୍ଧାର ଅଜସ୍ର କଙ୍କାଳଙ୍କୁ ପୁନର୍ଜୀବିତ କରିଥିଲେ । ପ୍ରାଣନାଥ ଓ ମୁଁ (ରାୟଚୁଡାମଣି), ଦିହେଁ ଯେତେବେଳେ ଇଂରେଜ ସରକାରଙ୍କ ସଙ୍ଗେ ସିଧାସଳଖ ଲଢେଇ କରିବା ସକାଶେ ଖୋର୍ଦ୍ଧାକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ନେଇ ଆସିଲୁ, ସେତେବେଳେ ପ୍ରାଣନାଥ ବାବୁ ମତେ ଦୁଇଟା ଗଛକୁ ଚିହ୍ନାଇ ଦେଇଥିଲେ, ଆଉ ଚିହ୍ନାଇ ଦେଇଥିଲେ ଦାଣ୍ଡିଏ ଖପରଲି ଘର (ଏବେକାର ବସଷ୍ଟାଣ୍ଡ)- ଏହି ଧର୍ମଶାଳା (ଯାହାଥିଲା ଖପରଲି ଘର ବୈଠକ)ରେ ରହୁଥିଲେ ଫାଶୀ ଦଣ୍ଡ ପାଇବା ପୂର୍ବରୁ ଜୟୀ ରାଜଗୁରୁ (ପାଇକ ବିଦ୍ରୋହର ମୁଖ୍ୟନେତା ଖୋରଧା ରାଜାଙ୍କ ପରାମର୍ଶଦାତା) ମଝିରେ ମଝିରେ ଆତ୍ମଗୋପନ କରି । ଆଉ ଏହି ବରଗଛ ଦୁଇଟି ଥିଲା ପାଇକ ବିଦ୍ରୋହର ମୂକସାକ୍ଷୀ । କେତେ ପାଇକଙ୍କୁ ଏହି ଦୁଇଟିର ଡାଳରେ ଦଉଡା ଦେଇ ଝୁଲାଇ ମାରି ଦିଆଯାଇଥିଲା । ଏହି ଗଛ ଦୁଇଟି ନାମ ଫାଶୀ ଦିଆ ବରଗଛ– ଅତୀତ କରୁଣସ୍ମୃତିର ଏମାନେ ଥିଲେ ସ୍ମାରକ । ଏମାନେ ଅତୀତ ସଂଗ୍ରାମର ନିର୍ବାକ ସାକ୍ଷୀ ।''

Digitized by PPRACHIN, SOA

ଖୋର୍ଦ୍ଧାର ମାଟି ଥିଲା ବୀର ମାଟି— ସ୍ୱାଧୀନତା, ସ୍ୱାଭିମାନ, ଜାତୀୟ ଗୌରବର ତୀର୍ଥଭୂମି, ତାର କୋଳ ପ୍ରାଣନାଥଙ୍କୁ ଡାକିଥିଲା, "ଆ ବାପ, ମୋତେ ପୁଣି ଉର୍ଦ୍ଧ୍ୱକୁ ଉଠା ।" ଏହି ବୀର ମାଟି ଉପରେ କବି ପଦ୍ମଚରଣ ଲେଖିଥିଲେ "ଟେକା ଖଣ୍ଡେ ଯହିଁ ଟେକି ଦେଲେ ଏଠି/ ମିଳିଯିବ ବୀର ଅସ୍ଥି ମଜ୍ଜା ଗ୍ରନ୍ଥି ।" ଗୋକୁଳ ମୋହନଙ୍କ ଭାଷାରେ, କେଜାଣି କେଉଁଆଡୁ ଦେଉଳଟିକୁ (ପାଖରେ ପ୍ରବଳ ଗଛପତ୍ରରେ ଘୋଡାଇ ରହିଥିବା ସରସ୍ୱତୀ ମନ୍ଦିର) ଅଜଣା ଅଶୁଣା ଟୋକାଟିଏ ଆସିଲା । ସେ ଏଠି କେତେବେଳେ ରହେ, କେତେବେଳେ ଖାଏ, ତାହାବି କେହି ଜାଣନ୍ତି ନାହିଁ । ହଁ ସେ ଦିନର ଅଜଣା ଅଶୁଣା ଟୋକାଟି ପରେ ପରିଚିତ ହେଲା ଖୋର୍ଦ୍ଧାର କମ୍ୟୁନିଷ୍ଟ ପ୍ରାଣନାଥ ପଟ୍ଟନାୟକଙ୍କ ନାମରେ ସାରା ଓଡ଼ିଶାରେ । ଖୋର୍ଦ୍ଧାର ଐତିହାସିକ ପଲଟଣ ପଡିଆ, ଆଉ ଇଏ ସେହି ସରସ୍ୱତୀ ଦେଉଳ । ୧୯୩୨ ମସିହାରେ ଯେଉଁଠି ପ୍ରାଣନାଥ ଓ ଗୋକୁଳମୋହନ— ଏହି ଦୁଇଯୋଦ୍ଧା ଏକାଠି ହୋଇଥିଲେ ବ୍ରିଟିଶ୍ ସରକାର ବିରୋଧରେ ମୁକ୍ତି ସଂଗ୍ରାମର ସୈନିକ ଭାବେ । ସେମାନେ ଚାଲିଥିଲେ ଜୀବନର ନବଦିଗନ୍ତ ଆଡକୁ, କଣ୍ଟକିତ ପଥ ଅତିକ୍ରମ କରିବାକୁ । ସେତେବେଳେ ଇଂରେଜ ସରକାରଙ୍କ ଭୟରେ ଖୋର୍ଦ୍ଧାରେ ସେମାନଙ୍କୁ ଘରଖଣ୍ଡେ ମିଳିବା ଅସମ୍ଭବ ହେଲା । ପୋଲିସ ଆଖିରେ ଧୂଳିଦେଇ ପ୍ରାଣନାଥ ବାବୁ ତାଙ୍କର ସହକର୍ମୀମାନଙ୍କୁ ଧରି ପଲଟଣ ପଡିଆରେ ସରସ୍ୱତୀ ଦେଉଳରେ ଆଶ୍ରୟ ନେଇଥିଲେ । ପ୍ରାଣନାଥ ଓ ତାଙ୍କ ସାଥୀମାନଙ୍କୁ ପ୍ରକାଶ୍ୟରେ ଖାଇବାକୁ ଦେବାକୁ ଲୋକେ ଭୟ କରୁଥିଲେ । ପ୍ରବଳ ସରକାରୀ ଭୟ । ଇତିହାସର ମୂକସାକ୍ଷୀ ଫାଶୀଦିଆ ବରଗଛରେ ୨ପଇସାକର ଆଟିକା ଦୁଇଟିରେ ଦରଦୀ ବନ୍ଧୁମାନେ ରାତିରେ ଯାହା ଖାଇବା ଜିନିଷ ରଖି ଆସୁଥିଲେ, ତାହାଥିଲା ଦୁଇ ସହଯୋଦ୍ଧା ଓ ଅନ୍ୟ ସାଥୀମାନଙ୍କର ଖାଦ୍ୟ । ପ୍ରବଳ ଅତ୍ୟାଚାର ଭୋଗି ଭୋଗି ବୀର ଜନସାଧାରଣ ଏପରି ନିର୍ବେଦ ନିସ୍ତେଜ ହୋଇ ଯାଇଥିବାର ଏହା ହେଉଛି ଦୃଷ୍ଟାନ୍ତ । ମାତ୍ର ପ୍ରାଣନାଥ ସେମାନଙ୍କୁ ଏକ ଶହ ବର୍ଷର ଗଭୀର ସୁଷୁପ୍ତିରୁ ଉଠାଇଲେ । ସେମାନଙ୍କର ଅବସାଦ ଭାଙ୍ଗି ସେ ନୂତନ ଜାତୀୟ ଜୀବନର ହିଲ୍ଲୋଳରେ ହିଲ୍ଲୋଳିତ କଲେ ସେହି ବୀର ମାଟିର ସନ୍ତାନମାନଙ୍କ ମନ ଓ ପ୍ରାଣକୁ । ନବଚେତନାରେ ସେମାନେ ଜାଗରିତ ହେଲେ ଓ ଲଢ଼େଇରେ ଠିଆହେଲେ । ପୁରୀ ସହର ଜିଲ୍ଲାର ମହକୁମା ଥିଲେ ମଧ୍ୟ ଓଡ଼ିଶାର ଜନଜୀବନର କେନ୍ଦ୍ରସ୍ଥଳ— ବିଦ୍ରୋହର ବାରୁଦ ଭଣ୍ଡାର ଥିଲା ଖୋର୍ଦ୍ଧା । ଅତୀତ ଦିନର କେତେ ରକ୍ତାକ୍ତ ସଂଗ୍ରାମ ଦେଖିଛି ଖୋର୍ଦ୍ଧାମାଟି, ତାର ବରୁଣେଇ ଘାଟି । ବରୁଣେଇ ଝରଣା ଜଳ ଲହୁଧାରରେ ପରିଣତ ହୋଇଛି । ତେଣୁ ପୁରୀରେ ଅନେକ ରାଜନୈତିକ କାର୍ଯ୍ୟକ୍ରମ ପ୍ରାଣନାଥ କରିଥିଲେ । ମାତ୍ର ଖୋର୍ଦ୍ଧା ଥିଲା ଜନ୍ମଭୂମି ଓ କର୍ମଭୂମି । ଏ ପାଖରେ ରଥୀପୁର ଓଡିଶାର ଅଶ୍ୱବାହିନୀର ଅସ୍ତାବଲ (cavalry regiment)ର ନାଭିକେନ୍ଦ୍ର, ବରୁଣେଇର ପାଦଦେଶରେ ଭଗ୍ନ ଖୋର୍ଦ୍ଧାଗଡ, ଚାରିଆଡେ ଅସଂଖ୍ୟ ଭଗ୍ନ ଜରାଜୀର୍ଣ୍ଣ ଦୁର୍ଗର ଧ୍ୱଂସସ୍ତୂପ ଓ ଝଡ଼ପୂର୍ବର ଶାନ୍ତିରେ ରହିଥିବା ବିସ୍ଫୋରଣକ୍ଷମ ବାକ୍‌ଶକ୍ତି

Digitized by PPRACHIN, SOA

–ରହିତ ସୁପ୍ତ ଜନସାଧାରଣ । ତେଣୁ ଦିନେ ପ୍ରାଣନାଥ, ତାଙ୍କର ଅନ୍ୟତମ ସହଯୋଦ୍ଧା, ସ୍ୱାଧୀନତା–ସଂଗ୍ରାମୀ ପରଶୁରାମ ପଦାତିକରାୟଙ୍କୁ କହିଲେ, ପୁରୀରେ ଯାହା କାମ କରିବାର ତାହା କଲେ । ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପଣ୍ଡା ସେବାୟତ ଓ ଧର୍ମପ୍ରାଣ ଜନସାଧାରଣଙ୍କୁ ନେଇ ଗଠିତ ଏକ ତୀର୍ଥସ୍ଥଳୀ । ଏହାର ଅର୍ଥନୀତି, ରାଜନୀତି ଠାରୁ ଭିନ୍ନ ବିପ୍ଳବୀ ଖୋର୍ଦ୍ଧାମାଟିକୁ ଆମକୁ ଯିବାକୁ ହେବ ଓ ତାକୁ ଉଠାଇବାକୁ ହେବ । ଏହି ଖୋର୍ଦ୍ଧାରେ ବିଚାରାଳୟରେ ଜେଲଦଣ୍ଡର ଆଦେଶପାଇ ଉତ୍କଳମଣି ଗୋପବଂଧୁ ଦାସ ହଜାରିବାଗ ଜେଲ୍‌କୁ ରେଳଯୋଗେ ଯାଇଥିଲେ । ଯେଉଁଥିରୁ ସୃଷ୍ଟିହେଲା ମର୍ମସ୍ପର୍ଶୀ ମହାନ କାବ୍ୟଗାଥା "ବନ୍ଦୀର ଆତ୍ମକଥା" । ସେହି ପୁସ୍ତକରେ ଉତ୍କଳମଣି ମଲ୍ଲବୀର ଓ ପାଇକ ପ୍ରଧାନଙ୍କ ଦ୍ୱାରା ଅଧୁଷିତ ଖୋରଧା ଅବସ୍ଥାକୁ ମାର୍ମିକ ଭାବେ ଲେଖିଛନ୍ତି । "ଥିଲେ ଯେତେ ବୀର ଉତ୍କଳ ସୈନିକ/ ପାଇକ ପ୍ରଧାନ ମାଗୁଛନ୍ତି ଭିକ ।" କି ମର୍ମଭେଦୀ ଏ ଅନୁଭବ- ଯାହା ଜାତୀୟବାଦୀ ଗୋପବନ୍ଧୁଙ୍କ କାବ୍ୟ ଚେତନାରେ ଉର୍ଜ୍ଜସ୍ୱଳ । ଏହି ଉକ୍ତି ପ୍ରାଣନାଥଙ୍କୁ ଆଲୋଡିତ କରିଥିଲା ।

ଏହିପରି ଭାବେ ଅଜଣା ଅଶୁଣା ପ୍ରାଣନାଥଙ୍କ ମନରେ ଦେଶପ୍ରେମର ଦୀକ୍ଷା ନେଇ ଖୋର୍ଦ୍ଧାର ଐତିହାସିକ ଭୂମିକୁ ଆସିଥିଲେ । ଖୋର୍ଦ୍ଧା ମା କୋଳକୁ ଆସିବା ପାଇଁ ପ୍ରାଣନାଥ ଓ ତାଙ୍କର ସାଥୀମାନଙ୍କୁ କେତେ କଷ୍ଟ ସ୍ୱୀକାର କରିବାକୁ ପଡିଥିଲା ତାହା ଭାବିଲେ ଉଭୟ ବ୍ୟଥା ଓ ବିସ୍ମୟ ଜାତ ହୁଏ । ତାଙ୍କର ଅନ୍ୟତମ ସହଯୋଦ୍ଧା ସର୍ଦ୍ଦାର ଗତିକୃଷ୍ଣ ସ୍ୱାଇଁଙ୍କ ଭାଷାରେ, "୧୯୩୨ ମସିହା ମଧ୍ୟଭାଗ–ବର୍ଷାକାଳ ଭାଦ୍ର ଆଶ୍ୱିନମାସ, ଖୋର୍ଦ୍ଧା ମାଟିରେ ବିଦେଶୀ ଲୁଗା ଦୋକାନମାନଙ୍କରେ ପିକେଟିଂ ହେବ । ପ୍ରାଣନାଥ ଓ ଆମେ ସବୁ ପ୍ରାୟ ୩୦ ଜଣ କର୍ମୀ ଜଟଣୀ ଆସିଲୁ । ଜଟଣୀରୁ ବିଦେଶୀ ଲୁଗା କାରବାର ବନ୍ଦ କରିବାକୁ ହେବ । କେହି ପିଣ୍ଡା ଉପରକୁ ଉଠାଇ ଦେଲେ ନାହିଁ, ସାହାଯ୍ୟ କରିବାତ ଦୂରର କଥା । କେଉଁଠାରେ ରହିବୁ । ଶେଷରେ ଜଟଣୀରୁ ପ୍ରାୟ ୧ମାଇଲ ଦୂର ଦକ୍ଷିଣରେ ଗୋଟିଏ ମହାଦେବ (ତାରେଶ୍ୱର) ମନ୍ଦିର, ସେହି ମେଲା ବେଢାରେ ରହିଲୁ । ସାମନାରେ ଏକ ତେନ୍ତୁଳିଗଛ ମୂଳରେ ରୋଷେଇ ହୁଏ । ଗଛ ଡାଳରେ ଶିକାରେ ହାଣ୍ଡି ଟାଙ୍ଗି ଦେଉ । ପୋଲିସ କନେଷ୍ଟବଳ ଓ ହାକିମମାନେ ଆସି ହାଣ୍ଡି ଭାଙ୍ଗି ଦିଅନ୍ତି, ଶୀତ ବର୍ଷାରାତି କାହାପିଣ୍ଡାରେ ମୁଣ୍ଡ ଗୁଂଜିଲେ ରାତି ଅଧରେ ପୋଲିସ ଆସି ଘଉଡେଇ ଦିଅନ୍ତି । ମହାଦେବଙ୍କ ବେଢା ଭିତରେ ଥିବା ମାଳୀ ତା କୁଡିଆ ଭିତରକୁ ପୋଲିସ ଭୟରେ ପୂରାଇ ଦିଏ ନାହିଁ । ସବୁ ଦୁଃଖକଷ୍ଟ ପ୍ରାଣନାଥ ବାବୁଙ୍କ ହସ ହସ ମୁହଁରେ ନାନା ପ୍ରକାର ଗପ ଓ ଇତିହାସ କାହାଣୀ ଯୋଗୁ ମେଣ୍ଟିଯାଏ ।" ଖୋର୍ଦ୍ଧା ଓ ଜଟଣୀକୁ କେନ୍ଦ୍ରକରି ୧୯୩୨ର ମଧ୍ୟଭାଗରେ ଗଢିଉଠିଥିବା ସଂଗ୍ରାମ ଗାଥାକୁ ଆହୁରି ରୋମାଞ୍ଚକର ଭାବେ ପ୍ରକାଶ କରିଛନ୍ତି, ତାଙ୍କର ସହଯୋଦ୍ଧା ସ୍ୱାଧୀନତା ସଂଗ୍ରାମୀ ପରଶୁରାମ ପଦାତିକରାୟ । "ଡେଲାଙ୍ଗ ରେଳ ଷ୍ଟେସନରେ ଓହ୍ଲାଇ ଆମେ ୪/୫ ଜଣ ଭାଗ ଭାଗ ହୋଇ ବିଭିନ୍ନ ବାଟରେ ଜଟଣୀ ଆଡକୁ ଚାଲିଲୁ ।

Digitized by PPRACHIN, SOA

ପଛରେ ବ୍ୟାଧ ଭଳି ପୋଲିସ ଲାଗିଥାଏ । କାରଣ କଂଗ୍ରେସ ସଂଗଠନ ବେଆଇନ୍ ଏବଂ ସେମାନେ ଆମକୁ କାମ କରେଇ ଦେବେନି ଏହା ଥାଏ ଉପରୁ ନିର୍ଦ୍ଦେଶ । ବାଟରେ ପଡୁଥିବା ଗାଁ ଗଣ୍ଡାରେ ପୋଲିସ ଭୟରେ ଆମକୁ କେହି ଘରେ ସ୍ଥାନ ଦିଅନ୍ତି ନାହିଁ । ଦୟାନଦୀ ପାର ହୋଇ ଆମେ ପହଁଚିଲୁ ବରପଦା ଗ୍ରାମର ମହାଦେବ ମନ୍ଦିର ବେଢାରେ (ଠିକ୍ ଗତିବାବୁଙ୍କ ବର୍ଣ୍ଣନାରେ ଥିବା ଭଳି) ଆମେ ଆଉ ଏକ ଦଳରେ ୪ଜଣ । ଭୋକରେ ପେଟ ଆଉଟୁ ପାଉଟୁ । ପ୍ରାଣନାଥ ବାବୁଙ୍କ ପାଖରେ କିଛି ପଇସା ଥିଲା, ସେହି ଗାଁରେ ଥିବା ଆମ ସମର୍ଥକ ଅକ୍ରୁର ସାହୁ ହାତରେ ସେହି ସ୍ୱଳ୍ପ ପଇସାକୁ ଦେଇ ପ୍ରାଣନାଥ ବାବୁ ପଠାଇଲେ ଜଟଣୀ ବଜାରରୁ କିଛି ମୁଢ଼ୀ ଓ ପକୁଡି ଆଣିବାକୁ । ସେ ତାକୁ କିଣି ଫେରୁଥିବା ବେଳେ ପୋଲିସ ତାଙ୍କୁ ଧରିନେଇ ଜବରଦସ୍ତ ବସାଇଲା ବ୍ରହ୍ମପୁର ଆଡକୁ ଯାଉଥିବା ରେଳଗାଡିରେ । ଯାହା ଆଶଙ୍କା କରାଯାଉଥିଲା ଠିକ୍ ସେୟା ହେଲା । ଅକ୍ରୁର ସାହୁ ପୋଲିସ ଦ୍ୱାରା ଗିରଫ୍ ହେଲା । ପେଟରେ ପ୍ରବଳ ଯନ୍ତ୍ରଣା, ଅସହ୍ୟ ଭୋକ, ସଂଧ୍ୟା ହେଲା । ନିରାଶ ହୋଇ ପ୍ରାଣନାଥ ଓ ସେମାନଙ୍କ ସାଥୀମାନେ ମନ୍ଦିର ବେଢାରେ ଅନ୍ଧାରରେ ବସିଛନ୍ତି, ଏହି ସମୟରେ ସେହି ଗ୍ରାମର ଜଣେ ଶିକ୍ଷିତ ପ୍ରୌଢ ସେମାନଙ୍କୁ ଦେଖିଲେ । ସେ ଥିଲେ ଏଖରାଜାତ ମାହାଲର ସର୍ବରାକାର ଓ ଚୌକିଦାରୀ ୟୁନିଅନର ସଭାପତି । ଅଧିକାଂଶ ସମୟ ଗ୍ରାମ ବାହାରେ କଟାନ୍ତି । ସେ ଆମକୁ ଦେଖି, ଆମଠାରୁ ସବୁକଥା ଶୁଣିଲେ । ନିଜ ଘରୁ ଚୁଡା, ଗୁଡ, ଖଟା, ଲୁଣ, ଲଙ୍କା ସବୁ ଆଣିଦେଲେ । ଖାଇସାରି ଝରଣାରେ ହାତ ଧୋଇଲୁ । ଏକଥା କାହା ଆଗେ ନ କହିବାକୁ ସତର୍କ କରାଇଦେଲେ । ଜଣାପଡିଲେ ତାଙ୍କର ସର୍ବରାକାରୀ ଓ ସଭାପତି ପଦ ମଧ୍ୟ ଚାଲିଯିବ । ଜଟଣୀ ଓ ଡେଲାଙ୍ଗ ଥାନାର ଦୋସୀମାଳିରେ ଏହି ସ୍ଥାନଟି ଥିବାରୁ ପୋଲିସ ସହଜରେ ଗିରଫ୍ କରିପାରୁ ନଥିଲା ।

ତାପରେ ପ୍ରାଣନାଥ ଓ ତାଙ୍କର ସହକର୍ମୀମାନେ ଜଟଣୀ ରେଳଲାଇନର ଦକ୍ଷିଣ କଡେ ତାରେଶ୍ୱର ମହାଦେବ ମନ୍ଦିର ପାଖରେ ଥିବା ଏକ ତେନ୍ତୁଳିଗଛ ମୂଳରେ ଆଶ୍ରୟ ନେଲେ । ନିକଟବର୍ତ୍ତୀ ଗ୍ରାମମାନଙ୍କରୁ ଚାଉଳ ପଇସା ଓ ପରିବା ଆଦାୟ କରି ଏମାନେ ରୋଷେଇ କରି ଖାଉଥିଲେ । ଖାଇବାପରେ ହାଣ୍ଡି ଅଟିକାକୁ ଗଛମୂଳରେ ରଖୁଥିଲେ । ଦିନେ ପ୍ରାଣନାଥବାବୁ ଓ ଗତିବାବୁ ଜାଁଆଳା ପଟକୁ ଗଲେ ଚାନ୍ଦା ପାଇଁ । ପରଶୁରାମ ବାବୁ ଓ ବଳରାମ ପାଇକରାୟ ତାପଙ୍ଗ ଗଲେ । କିଛି ଚାନ୍ଦା ସଂଗ୍ରହ କରି ଆଶୟ ସ୍ଥଳକୁ ଫେରିବା ବେଳକୁ ପ୍ରବଳ ବର୍ଷା ହେଲା । ତେଣୁ ବର୍ଷାରେ ଆଶ୍ରୟ ନେବାକୁ ପରଶୁରାମ ଓ ବଳରାମଙ୍କୁ ରେଳବାଇ ଗ୍ୟାଙ୍ଗକୁଲିଙ୍କ ପଶ୍ଚିମପଟ ଘରେ ରହିବାକୁ ହେଲା । ସେ ଘର କୁକୁର ବିଲୁଆଙ୍କ ମଳରେ ଅପରିଚ୍ଛନ୍ନ ଥିଲା । ତାକୁ ସଫା କରି, ଗାମୁଛା ପାରି ଶୋଇଲା ବେଳକୁ ସେମାନେ ଜାଣିପାରିଲେ ଯେ ଘରର ପୂର୍ବପଟ ଘରେ ଅନ୍ୟ କେହି ଲୋକ ଆଶ୍ରୟ ନେଇଛନ୍ତି । ପୋଲିସ କି ? ପାହାନ୍ତାର ଶେଷ ପ୍ରହରର ଜାଙ୍ଗୁଲୁ ଜାଙ୍ଗୁଲୁ ଅନ୍ଧାରରେ ପରସ୍ପରକୁ ଦେଖିପାରିଲେ ଚାରି ସାଥୀ ।

Digitized by PPRACHIN, SOA

ପ୍ରାଣନାଥଙ୍କ ରାଜନୈତିକ ଜୀବନ ଥିଲା ଏହିପରି । ତାରେଶ୍ୱର ମହାଦେବଙ୍କ ବେଡାରେ ସେହି ତେନ୍ତୁଳିଗଛ ମୂଳରେ ୨ମାସ ରହି ସ୍ୱାଧୀନତା ସଂଗ୍ରାମର ଏହି ତ୍ୟାଗୀ ଯୁବକମାନେ ଜନ ସଂପର୍କ ବଢାଇ ଚାଲିଥିଲେ । ଉପନ୍ୟାସର କାହାଣୀ ଭଳି ଲାଗେ ଏସବୁ କାର୍ଯ୍ୟର ବର୍ଣ୍ଣନା ଯାହା ପ୍ରାଣନାଥଙ୍କ ଜୀବନ ଗାଥାରେ ମିଳିବ ।

ଖୋର୍ଦ୍ଧା ମାଟିରେ ପ୍ରାଣନାଥ ଓ ତାଙ୍କର ସହଯୋଦ୍ଧାମାନେ ଖାଲି ଭୋକ ଉପାସରେ ରହି, ଲୁଚି ଛପି ଜଟଣୀ ଓ ଖୋର୍ଦ୍ଧାରେ ବିଦେଶୀ ଲୁଗାର ବର୍ଜନ ଆନ୍ଦୋଳନ କରୁନଥିଲେ । ସେମାନେ ବିସ୍ତୀର୍ଣ୍ଣ ଅଂଚଳର ଗ୍ରାମ, ଜନପଦ ଓ ପଡାଗାଁର ଜନସାଧାରଣ, ବିଶେଷତଃ ଗରିବ ଚାଷୀ, ମୂଲିଆ, ମଧ୍ୟମ ଚାଷୀ, ନିମ୍ନ ମଧ୍ୟବିତ୍ତ ଶ୍ରେଣୀ ମଧ୍ୟରେ କାମକରି ଏକ ଘନିଷ୍ଠ ସଂପର୍କ ସୃଷ୍ଟି କରିଥିଲେ । ସେମାନଙ୍କର ଦାରିଦ୍ର୍ୟ, ଦୁରବସ୍ଥା, ଗ୍ରାମ୍ୟ କୁସଂସ୍କାର ସାଙ୍ଗକୁ ଗାଁ ଗଣ୍ଡାର ଅଭାବ ଅନାଟନ, ବନ୍ୟା ଓ ମରୁଡି ବିପତ୍ତିର ଭୟଙ୍କର ରୂପକୁ ଠିକ୍ ଭାବେ ଚିହ୍ନି ପାରିଥିଲେ । ଏହା ଥିଲା ଗଭୀର ଜନସଂପର୍କର କାମ ବା ଗ୍ରାସରୁଟ୍ ୱାର୍କ । ସରଳ ଗ୍ରାମ୍ୟ ଜନସାଧାରଣଙ୍କର ନିପୀଡନ, ବୁଭୁକ୍ଷା ସମସ୍ୟା, ଜମିଜମାର ସମସ୍ୟା, ଜମିଦାର, ମହାଜନ ଶ୍ରେଣୀର ଶୋଷଣ, ଉପଦ୍ରବର ପ୍ରକୃତ ଅବସ୍ଥାକୁ ସଠିକ ଭାବରେ ନିର୍ଦ୍ଧାରଣ କରି, ଆଗାମୀ କାଳରେ ସ୍ୱାଧୀନତା ପ୍ରାପ୍ତିର ସଂଗ୍ରାମ ସାଙ୍ଗକୁ ସାମାଜିକ ଅର୍ଥନୈତିକ ପ୍ରଶ୍ନ ଉପରେ ଗ୍ରାମାଞ୍ଚଳରେ ଆନ୍ଦୋଳନ ଚଳାଇବାକୁ ସଂକଳ୍ପ ନେଇଥିଲେ । ସେକାଳର ଗାଁଗଣ୍ଡାରେ ବିଦ୍ୟମାନ ଥିବା ଅବସ୍ଥା ଉତ୍କଳମଣି ଗୋପବନ୍ଧୁ ପ୍ରତ୍ୟକ୍ଷ କରି ବନ୍ଦୀର ଆତ୍ମକଥାରେ ଦେଇଥିବା ଚିତ୍ରଠାରୁ ଭିନ୍ନ ନଥିଲା । ପ୍ରାଣନାଥ ଥିଲେ ଗୋପବନ୍ଧୁଙ୍କ ସେବା, ତ୍ୟାଗ ଆଦର୍ଶ ଦୀକ୍ଷାରେ ଖୁବ୍ କମ୍ ବୟସରୁ ଦୀକ୍ଷିତ । ଉତ୍କଳମଣି ବନ୍ଦୀର ଆତ୍ମକଥାରେ ଲେଖିଥିଲେ—

"ଗ୍ରାମେ ପଶିଗଲେ ନଶୁଭେ ଶବଦ, ବେଦମନ୍ତ୍ର କିବା ଭାଗବତ ପଦ ।
ଗ୍ରାମବାସୀଙ୍କର ନାହିଁ ପୂର୍ବ ମେଳ, ଶିଶୁଖେଳେ ଦାଣ୍ଡ ନହୁଏ ଉଦ୍‌ବେଳ ।
ପ୍ରଜାରକ୍ତ ଶୋଷି କେତେ ଜମିଦାର, ହରନ୍ତି ସର୍ବସ୍ୱ ବଜାଇ ପ୍ରହାର ।
ଅର୍ଜନ୍ତି ଯା ତୁଣ୍ଡେ ମାରି ମୁଣ୍ଡଝାଳ, ଦୁଷ୍ଟ ମହାଜନ ଗ୍ରାମ କଟୁଆଳ ।
ମଜୁରୀ ନପାଇ ଘରକୋଣେ ପଡି, ରୋଗ ଅନାହରେ ମରେ କେହୁ ଗଡି ।
ଉତ୍କଳର କେତେ କନ୍ୟା ନାରଖାର, ନପାରନ୍ତି ପେଟ ପୂରାଇ ଆହାର ।"

ଏହି ବିକଟ ପରିସ୍ଥିତିର ପ୍ରତ୍ୟକ୍ଷ ପରିଚିତି ଭବିଷ୍ୟତ ସଂଗ୍ରାମରେ ପ୍ରାଣନାଥଙ୍କୁ ସାହାଯ୍ୟ କରିଥିଲା ।

ପ୍ରାଣନାଥ, ଗତିକୃଷ୍ଣ ଓ ପଦାତିକରାୟ ଜଟଣୀର ବଡ ଲୁଗା ବ୍ୟବସାୟୀ ତାର୍ ମହମ୍ମଦଙ୍କ ପାଖକୁ ଯାଇ ବିଦେଶୀ ଲୁଗା ବିକ୍ରି ବନ୍ଦ କରିବାକୁ କହିବାକୁ ରାତିରେ ବାହାରି ପଡିଲେ । କିନ୍ତୁ ଯେଉଁ ରାସ୍ତାରେ ଗଲେ, ସେ ପାଦଚଲା ରାସ୍ତା ପାଖରେ ସରକାରଙ୍କ ବନ୍ଧୁକର ଗନ୍ତାଘର ଥାଏ । ସେଠି ଡିଉଟିରେ ଥିବା ସଶସ୍ତ୍ର ପହରାଦାର ଏତିକିରେ ଆତଙ୍କିତ ହୋଇ ଫାୟାରିଙ୍ଗ କରିବ ବୋଲି ସତର୍କ କରାଇ, ର ବନ୍ଧୁକର

Digitized by PPRACHIN, SOA

କୁଳାକୁ ୩ଥର ଭୂମିରେ ପିଟି ଆବାଜ ଦେଲା । ପ୍ରାଣନାଥ ସବାଶେଷରେ ଥିଲେ । ତାର ଚାର୍ଜର ଜବାବ ଦେଲେ ସେ । ‘‘ଆମେ ବନ୍ଧୁ’’ ବୋଲି ଜୋରରେ କହିଲେ । ପ୍ରାଣନାଥଙ୍କ ନିର୍ଦ୍ଦେଶରେ ସମସ୍ତେ ସେତେବେଳକୁ ହାତ ଉପରକୁ ଉଠାଇ ସାରିଥାନ୍ତି । ତାହା ନହୋଇଥିଲେ ପ୍ରାଣନାଥଙ୍କ ସମେତ ସମସ୍ତ ସାଥୀ ସେଦିନ ଅକାରଣରେ ଲଛା ହୋଇ ମରିଥାନ୍ତେ । ଏହି ବିପଦକୁ ଅତିକ୍ରମ କରି ପ୍ରାଣନାଥ ଓ ସାଥୀମାନେ ତାର୍ ମହମ୍ମଦ ଗୋଦାମକୁ ଯାଇ ତାକୁ ଦେଖା କରିବାକୁ କହିଲେ । ମାତ୍ର ତାର୍ ମହମ୍ମଦ ଦେଖା ନଦେଇ ପୋଲିସକୁ ଖବର ଦେଲେ । ସେଠାରୁ ଅନ୍ୟ ରାସ୍ତା ଦେଇ ସଂଗ୍ରାମୀମାନେ ଜଟଣୀର ରେଳରାସ୍ତା ପାଖ ତାରେଶ୍ୱର ମହାଦେବ ମନ୍ଦିର ବେଢାକୁ ଫେରିଲେ । ତା’ର ଦୁଇଦିନ ପରେ ସମସ୍ତ ସ୍ୱାଧୀନତା ସଂଗ୍ରାମୀ ଜଟଣୀ ତଳବଜାରରେ ବିଦେଶୀ ବସ୍ତ୍ର ବର୍ଜନ ସ୍ଲୋଗାନ ଦେଇ ଶୋଭାଯାତ୍ରା କଲେ । ହାତରେ ତ୍ରିରଙ୍ଗା ପତାକା । ରାଧାକୃଷ୍ଣ ସୁରଜମଲଙ୍କ ଦୋକାନରୁ ବିଦେଶୀ ଲୁଗା ଆଣି ରାସ୍ତା ଉପରେ ପୋଡିଲେ । ‘‘ବିଦେଶୀ ଦ୍ରବ୍ୟ ବର୍ଜନ କର, ହାତକଟା ସୂତାଲୁଗା ପିନ୍ଧ’’, ଏହା ଥିଲା ପ୍ରାଣନାଥଙ୍କର ସରଳ ଭାଷାର ବକ୍ତବ୍ୟ ।

ତା ପରଦିନ ପ୍ରାଣନାଥଙ୍କ ୧୧ଜଣ ସହଯୋଗୀଙ୍କୁ ପୋଲିସ ଗିରଫ୍ କଲା ଓ ଖୋର୍ଦ୍ଧା ଜେଲକୁ ପଠାଇଲା । ତା ପରେ ଆଉ ୯ଜଣ ଗିରଫ୍ ହେଲେ । ପ୍ରାଣନାଥ ଓ ଗତିକୃଷ୍ଣଙ୍କୁ ୨ମାସ ଓ ଅନ୍ୟମାନଙ୍କୁ ୨ମାସ, ୪ମାସ ଜେଲ୍ ହେଲା । ଏ ହେଉଛି ୧୯୩୨ ଅକ୍ଟୋବରର କଥା । ଜଟଣୀରେ ଗିରଫ୍ ହେବାପରେ ପ୍ରାଣନାଥ ଓ ତାଙ୍କର ସାଥୀମାନଙ୍କୁ ପ୍ରଥମେ ପୁରୀ ଓ ତାପରେ ପାଟଣାର ବାଙ୍କିପୁର ଜେଲ୍‌କୁ ପଠାଗଲା । ପାଟଣା କ୍ୟାମ୍ପ ଜେଲରେ ଥିବାବେଳେ ପ୍ରାଣନାଥ ବସନ୍ତ ରୋଗରେ ଆକ୍ରାନ୍ତ ହୋଇ ବହୁତ ଯନ୍ତ୍ରଣା ଭୋଗ କରିଥିଲେ । ପ୍ରାଣନାଥ, ଗୋକୁଳମୋହନ, ଗତିକୃଷ୍ଣ ଓ ପରଶୁରାମ ପ୍ରମୁଖ ପାଟଣା ଜେଲରୁ ଏକ ଦିନରେ ଖଲାସ ହେଲେ । ସେଠାରେ ଅଳ୍ପ ସମୟ ରହି କଲିକତା ଆସିଲେ । କଲିକତାରେ ସେମାନେ ଗୋକୁଳ ମୋହନ ରାୟ ଚୂଡାମଣିଙ୍କର ଭଉଣୀଘରେ ଅତିଥି ହୋଇ ରହିଥିଲେ । ପ୍ରାଣନାଥ ପାଟନା ଜେଲ୍‌ରେ ଥିବା ବିଭିନ୍ନ ପ୍ରାନ୍ତର ବିପ୍ଳବୀ ସ୍ୱାଧୀନତା–ସଂଗ୍ରାମୀମାନଙ୍କ ସହ ଆଳାପ ଆଲୋଚନା ଜରିଆରେ ଦେଶ ବିଦେଶର ପରିସ୍ଥିତି ସମ୍ପର୍କରେ ପ୍ରଚୁର ଜ୍ଞାନ ଓ ଅଭିଜ୍ଞତା ହାସଲ କରିଥିଲେ । କଲିକତାରେ ଚାଲିଥିବା ବୈପ୍ଳବିକ ସଂଗ୍ରାମ ଓ ବିଶେଷତଃ ଶ୍ରମିକ ଶ୍ରେଣୀର ଆନ୍ଦୋଳନ ଓ ଗାଁ ଗଣ୍ଡାରେ ଉଜାଣି ଉଠୁଥିବା କୃଷକ ଶ୍ରେଣୀର ଆନ୍ଦୋଳନ ସମ୍ପର୍କରେ ସେ ପ୍ରତ୍ୟକ୍ଷ ଜ୍ଞାନ ହାସଲ କରିଥିଲେ । କଲିକତା ଥିଲା ଭାରତବର୍ଷର ରାଜନୈତିକ କାର୍ଯ୍ୟ କଳାପର ଅନ୍ୟତମ ମୁଖ୍ୟକେନ୍ଦ୍ର–ଷ୍ଟର୍ମ ସେଣ୍ଟର । ତାପରେ ପ୍ରାଣନାଥ ଖଡଗପୁର ଆସି ତାଙ୍କ ଭାଇ ଶ୍ରୀନାଥ ପଟ୍ଟନାୟକଙ୍କ ଘରେ ରହି ସେଠାରେ ଥିବା ରେଳବାଇ ଶ୍ରମିକ, ବିଶେଷତଃ ଓଡିଆ ଶ୍ରମିକମାନଙ୍କର ଅବସ୍ଥାକୁ ଦେଖିଥିଲେ ଓ ସେମାନଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ରଖିଥିଲେ । ପାଟଣା ଜେଲରୁ ଫେରି ପ୍ରାଣନାଥ ଯେପରି ନିଜର ରାଜନୈତିକ ଜୀବନକୁ

Digitized by PPRACHIN, SOA

ବିସ୍ତାରିତ କରିବାକୁ ଚାହୁଁଥିଲେ, ତା'ର ସୂତ୍ର ଜେଲଖାନା ଭିତରେ ରାଜନୈତିକ ସ୍ୱାଧୀନତା ସହିତ ଅର୍ଥନୈତିକ ଓ ସାମାଜିକ ସ୍ୱାଧୀନତା ଚାହୁଁଥିବା ବିପ୍ଳବୀମାନଙ୍କ ସହିତ ତାଙ୍କର ସମ୍ପର୍କ ଓ କଲିକତା ରହଣି ଭିତରେ ଗୋପନରେ କାମ କରୁଥିବା ସାମ୍ୟବାଦୀମାନଙ୍କ ସହିତ ସମ୍ପର୍କରୁ ଦେଖିବାକୁ ମିଳେ । ଏହି ସବୁ ପରିବେଶରେ ସେ କିପରି ନିଜର ରାଜନୈତିକ ଆଭିମୁଖ୍ୟକୁ ପ୍ରସାରିତ କରି କାଶୀ ବିଦ୍ୟାପୀଠରେ ବିଭିନ୍ନ ସମୟରେ ହାସଲ କରିଥିବା ମାର୍କ୍ସବାଦୀ ତତ୍ତ୍ୱକୁ କାର୍ଯ୍ୟରେ ପ୍ରୟୋଗ କରିବା ପାଇଁ ସମାଜବାଦୀ ଆନ୍ଦୋଳନ, ବିଶେଷତଃ କମ୍ୟୁନିଷ୍ଟ ପାର୍ଟିର ଗଠନରେ ପୁରୋଧା ହେଲେ ତାକୁ ବିବେଚନା କରାଇବାପରେ ସଠିକ ବୈପ୍ଳବିକ ରାସ୍ତାରେ ପଥିକୃତ୍ ହେବାପାଇଁ ପ୍ରାଣନାଥଙ୍କ ଅନ୍ୱେଷାର ଅନ୍ତ ନଥିଲା । ଆଖିରେ ଥିଲା ନବ ସମାଜର ସ୍ୱପ୍ନ ।

ପୁରୀ ସହର–ଖୋର୍ଦ୍ଧା ଜଟଣୀ ଏହି ଦୁଇ କେନ୍ଦ୍ରକୁ ନିଜର କର୍ମସ୍ଥଳୀ ଭାବେ ରଖି ପ୍ରାଣନାଥ ରାଜନୈତିକ କାର୍ଯ୍ୟକଳାପ ଚଳାଇଥିଲେ । ମାତ୍ର ଖୋର୍ଦ୍ଧା ମାଟିରେ ଏକ ଦୁର୍ମଦ ସଂଗ୍ରାମର ପୀଠସ୍ଥଳୀ ଗଢିବାକୁ ଓ ଏହି କେନ୍ଦ୍ରରୁ ବୈପ୍ଳବିକ ବାର୍ତ୍ତାର ଝଲକକୁ ଜିଲ୍ଲାର ବିଭିନ୍ନ ଅଞ୍ଚଳ ବିଶେଷତଃ ମୋଗଲବନ୍ଦୀ ଅଞ୍ଚଳଠାରୁ ପୃଥକ ଥିବା ରଣପୁର, ନୟାଗଡ, ଦଶପଲ୍ଲା ଓ ଖଣ୍ଡପଡା ପ୍ରଭୃତି ଗଡଜାତମାନଙ୍କରେ ପରିବ୍ୟାପ୍ତ କରାଇବାକୁ ତାଙ୍କର ଆଭିମୁଖ୍ୟ କ୍ରମେ ବଳବତ୍ତର ହୋଇଉଠିଲା । ଏହା ପୂର୍ବରୁ ଦଶପଲ୍ଲାର କନ୍ଧମେଳିକୁ କିପରି ଲହୁର ଜୁଆରରେ ଦବାଇ ଦିଆ ଯାଇଥିଲା ତାହା ପ୍ରାଣନାଥ ଭଲଭାବରେ ଜାଣିଥିଲେ । ଏସବୁ ଗଡଜାତରେ ଚାଲିଥିଲା ଅନ୍ଧାରୀ ଶାସନ । ଛୁଟୁଥିଲା ବ୍ରିଟିଶ ପଲିଟିକାଲ ଏଜେଣ୍ଟଙ୍କ କର୍ତ୍ତୃତ୍ୱ ତଳେ ସାମନ୍ତବାଦୀ ରାଜଶାସନର ଅତ୍ୟାଚାର ଓ ଶୋଷଣର ଜୁଆର । ତେଣୁ ଖୋର୍ଦ୍ଧା ସବଡିଭିଜନର ଖୋର୍ଦ୍ଧା, ଜଟଣୀ, ଚିଲିକା, ଟାଙ୍ଗୀ, ବୋଲଗଡ, ବେଗୁନିଆ, ବାଣପୁର, ସବୁଆଡେ ସ୍ୱାଧୀନତାର ବାର୍ତ୍ତା ପହଁଚାଇବା ସହିତ ଗ୍ରାମ୍ୟ ଗରିବଙ୍କ ସଂଗଠନ କୃଷକ ସଭା ଜରିଆରେ ଗ୍ରାମାଞ୍ଚଳରୁ ଜମିଦାରୀ, ମକଦ୍ଦମା, ମହାଜନଙ୍କର ଜୁଲମ, ଅତ୍ୟାଚାର ଶୋଷଣକୁ ହଟାଇ ବ୍ୟାପକ ଜନସାଧାରଣଙ୍କ ମଧ୍ୟରେ ସ୍ୱାଧୀନତାର ଅର୍ଥକୁ ସାକାର କରିବାପାଇଁ ପ୍ରାଣନାଥ ଓ ତାଙ୍କର ସହଯୋଦ୍ଧାମାନେ ପ୍ରାଣାନ୍ତକ ପରିଶ୍ରମ କରିଥିଲେ ।

ଅନ୍ୟ ଦିଗରେ ଗଡଜାତମାନଙ୍କରେ ଜନଜାଗୃତି ଏକ ବିସ୍ଫୋରକ ଅବସ୍ଥାକୁ ଚାଲି ଆସିଥିଲା । ଢେଙ୍କାନାଳ, ତାଳଚେର, ରଣପୁର ଓ ନୀଳଗିରି ରାଜାପକ୍ଷର ଭୟଙ୍କର ଅତ୍ୟାଚାର ବିରୋଧରେ ବିପୁଳ ପ୍ରଜାମଣ୍ଡଳ ଆନ୍ଦୋଳନ ଗଢି ଉଠୁଥିଲା । ବେଠି, ଭେଟି, ବେଗାରୀ ସାଙ୍ଗକୁ ରାଜାଙ୍କ ହାତୀଖେଦା ଓ ଶୀକାର ପାଇଁ ନିରସ୍ତ୍ର ପ୍ରଜାମାନଙ୍କୁ ଯିବାକୁ ବାଧ୍ୟ କରିବା, ବିନା ପରିଶ୍ରମରେ ଅବିଶ୍ରାନ୍ତ କାମ କରାଇବା ଇତ୍ୟାଦି ଜୁଲମ ଜାରିଥିଲା । କଦଳୀ ଗଛରେ କଦଳୀ ପାଚିଲେ, ଆମ୍ବ ପଣସ ପାଚିଲେ ନିଜେ ନଖାଇ ଆଗ ରାଜାଙ୍କ ଘରେ ଭେଟି ଭାବେ ଥୋଇବା । ବିବାହ ବ୍ରତ ଇତ୍ୟାଦି ସାମାଜିକ ଅନୁଷ୍ଠାନରେ ରାଜାଙ୍କ ଘରେ ରସଦ ରଖିବା, ରାଜାଙ୍କ ବିନାନୁମତିରେ ଗଛକାଟି ନପାରିବା, ରାଜା ନଅର

Digitized by PPRACHIN, SOA

ସାମନାରେ ଜୋତାପିନ୍ଧି ଓ ଛତା ଟେକି ଯାଇ ନପାରିବା ଇତ୍ୟାଦି ବ୍ୟବସ୍ଥା ଅନ୍ଧାରୀ ଶାସନର ନିଦର୍ଶନ ଭାବେ ଦେଖିବାକୁ ମିଳେ । ତେଣୁ ମୋଗଲବନ୍ଦୀରେ ବିଶେଷତଃ ପୁରୀ ଖୋର୍ଦ୍ଧା ଇଲାକାରେ କାମ କରୁଥିବା ବେଳେ ମଧ୍ୟ, ପ୍ରାଣନାଥ ଗଡ଼ଜାତ ପ୍ରଜାମଣ୍ଡଳ ଆନ୍ଦୋଳନକୁ ସଂଗଠିତ କରିବାରେ ବହୁ କାର୍ଯ୍ୟ କରିଥିଲେ । ଗଡଜାତର ନିର୍ଯ୍ୟାତିତ ଜନସାଧାରଣଙ୍କ ପାଇଁ ତାଙ୍କର ଏକ ବିଶେଷ ଅବଦାନ ଥିଲା । ପ୍ରଜାମଣ୍ଡଳ ଆନ୍ଦୋଳନର ଯୋଦ୍ଧାମାନଙ୍କୁ ଆଶ୍ରୟ ଦେବା, ରାଜନୈତିକ ଦିଗ୍‌ଦର୍ଶନ ଦେଇ କର୍ମଯୋଜନା ପ୍ରସ୍ତୁତ କରିବା ଥିଲା ପ୍ରାଣନାଥଙ୍କର କାର୍ଯ୍ୟ । ଦେଶସେବାରେ ଅଦମ୍ୟ ସଂକଳ୍ପ ନେଇଥିବା ପ୍ରାଣନାଥ ଓ ତାଙ୍କର ସହଯୋଦ୍ଧାମାନେ କିପରି ପ୍ରାଣପାତ ପରିଶ୍ରମ କରି ଅସୀମ ତ୍ୟାଗ ସ୍ୱୀକାର କରିଥିଲେ, ତାର ଭୂରି ଭୂରି ପ୍ରମାଣ ରହିଛି ।

ତାଙ୍କର ଶ୍ରେଷ୍ଠ ସହଯୋଦ୍ଧା ଗୋକୁଳମୋହନ ରାୟ ଚୂଡାମଣି ତାଙ୍କର 'ପୁରୁଣା କଥାରୁ ଦି ଚାରିପଦ' ଶୀର୍ଷକ ଲେଖାରେ ସେ ଘନଘୋର କାଳ ସମ୍ବନ୍ଧରେ ଲେଖିଛନ୍ତି । "୧୯୩୪ ମସିହା, ଗାନ୍ଧିଜୀ ଆନ୍ଦୋଳନ ପ୍ରତ୍ୟାହାର କରି ନେଇଥାନ୍ତି । ପ୍ରାଣନାଥ ପଟ୍ଟନାୟକ, ମୁଁ ଓ ଗଙ୍ଗାଧର ମିଶ୍ର ପ୍ରମୁଖ ପାଟଣା କ୍ୟାମ୍ପ ଜେଲରୁ ଫେରି ପୁରୀ କାଳିକାଦେବୀ ସାହିରେ ଏକ ଟଙ୍କାରେ ଗୋଟିଏ ଘର ଭଡା ନେଇ ରହିଥାଉ । ପାଟଣା କ୍ୟାମ୍ପ ଜେଲରୁ ଖଲାସ ହେବା ପୂର୍ବରୁ ଜେଲ ଭିତରେ କେତେକ ଯୁବକ ବସି ଶପଥ ନେଇଥିଲୁ, ଭାରତବର୍ଷର ସ୍ୱାଧୀନତା ହାସଲ ନ ହେବାଯାଏ, ଆମେ ଘରକୁ ଫେରିବୁ ନାହିଁ, କାମ କରିବୁ ।" ପାଟଣା କ୍ୟାମ୍ପ ଜେଲ୍‌ରେ ପ୍ରାଣନାଥ ବାବୁଙ୍କ ନେତୃତ୍ୱରେ ଶପଥ ପାଠ କରିଥିବା ଅନ୍ୟ ଯୁବକ ସାଥୀମାନେ ହେଲେ, ଗଙ୍ଗାଧର ମିଶ୍ର, ପର୍ଶୁରାମ ପଦାତିକରାୟ, ପୁରୀର ଜଗନ୍ନାଥ ମହାନ୍ତି, ଶ୍ରୀହର୍ଷ ମିଶ୍ର, ଗୋକୁଳମୋହନ ରାୟ ଚୂଡାମଣି, ବଳରାମ ପାଇକରାୟ, ଲୋକନାଥ ରାୟ, ଗତିକୃଷ୍ଣ ସ୍ୱାଇଁ ଓ ଗଙ୍ଗାଧର ପାଇକରାୟ । ପ୍ରାଣନାଥ ବାବୁ କେତେ ଦୂରଦୃଷ୍ଟିସଂପନ୍ନ ଥିଲେ ତାର ସ୍ମୃତିଚାରଣ କରି ଗତିକୃଷ୍ଣ ସ୍ୱାଇଁ ଲେଖିଛନ୍ତି, "୧୯୩୩ ପାଟଣା କ୍ୟାମ୍ପ ଜେଲ୍, ପ୍ରାଣନାଥ ବାବୁ ରୀତିମତ କ୍ଲାସ ନିଅନ୍ତି । ସେତିକିବେଳେ ଆମେ ନୂତନ ଯୁବକ ଗୋଷ୍ଠୀ ଏକତ୍ର କିପରି ସବୁଦିନ ପାଇଁ, ସ୍ୱାଧୀନତା ପାଇଁ ଏବଂ ଦେଶର ଗରିବ ଜନସାଧାରଣଙ୍କ ସ୍ୱାର୍ଥ ହାସଲ ପାଇଁ ଲଢେଇ କରିବୁ ତା'ର ବିଚାର ଚାଲେ । ତାଙ୍କରି ପରାମର୍ଶରେ ସେଥିପାଇଁ ଜେଲ ଭିତରେ ଥିବା ପୁରୀ ଜିଲ୍ଲାର କେତେକ ଦେଶପ୍ରେମୀମାନଙ୍କୁ ନେଇ ଗୋଟିଏ "ବଂଧୁ ସମାଜ" ଗଢାଗଲା । ସେହି ସମାଜପାଇଁ କିଛି ପ୍ରାଥମିକ ପାଣ୍ଠି ସୃଷ୍ଟି ଉଦ୍ଦେଶ୍ୟରେ ପୁରୀରେ ଗୋଟିଏ ଆଧୁନିକ ହୋଟେଲ ଓ ଗୋଟିଏ ଦରଜୀ ଦୋକାନ ପ୍ରତିଷ୍ଠା ହୋଇଥିଲା । ପ୍ରାଣନାଥ ବାବୁ ନିଜେ ମଧ୍ୟ ବନାରସରୁ କିଛି ଶାଲ୍ କନା ପ୍ରଭୃତି ଆଣି ପୁରୀରେ ବିକ୍ରିକରି ତାର ଲାଭାଂଶ "ବଂଧୁ ସମାଜ"ର ସମ୍ବଳ ସୃଷ୍ଟି ପାଇଁ ଦେଇଥିଲେ । ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଭବିଷ୍ୟତ କର୍ମପନ୍ଥା ସ୍ଥିର କରିବାରେ ପ୍ରାଣନାଥ ପାରଙ୍ଗମ ଥିଲେ । ପୁରୀରେ ସ୍ୱର୍ଗତ ରଘୁନାଥ ମିଶ୍ର ଓକିଲଙ୍କ ଠାରୁ ୮୦ଟଙ୍କା ଧାର

Digitized by PPRACHIN, SOA

କରି "ନେସନାଲ" ହୋଟେଲ ଆରମ୍ଭ ହେଲା । ଜଗନ୍ନାଥ ମହାନ୍ତି (ପୁରୀର) ଏହାର ଦାୟିତ୍ୱରେ ରହିଲେ । ଲୋକନାଥ ରାୟ ଓ ପର୍ଶୁରାମ ପଦାତିକରାୟ ଏହି ହୋଟେଲରେ ମଧ୍ୟ କାମକଲେ ।" ଶେଷକୁ ଏହି ହୋଟେଲ ମଧ୍ୟ ଭାଙ୍ଗିଗଲା । ଖାଇବାକୁ ନଥିଲେ ବିନା ଦ୍ୱିଧାରେ ଜଗନ୍ନାଥ ମନ୍ଦିର ସାମନା ଚକଡା ଉପରେ କାଙ୍ଗାଳୀ ଭୋଜନରେ ଏମାନେ ବସି ଯାଉଥିଲେ । ମାତ୍ର ପୁରୀ ସହରରେ ରହି ସଂଗଠିତ ଭାବେ କାର୍ଯ୍ୟକରିବା ଫଳରେ ପ୍ରାଣନାଥ, ଗୋକୁଳ ମୋହନ ଓ ଗଙ୍ଗାଧର ମିଶ୍ର ପ୍ରମୁଖ ଆଗୁଆ ନେତାମାନେ ବହୁ ଯୁବକଙ୍କୁ ଦେଶପ୍ରେମରେ ଦୀକ୍ଷିତ କରିପାରିଥିଲେ । ଏମାନଙ୍କ ମଧ୍ୟରେ ବନମାଳୀ ପଟ୍ଟନାୟକ, ଉପେନ୍ଦ୍ର ମହାନ୍ତି ଓ ଜୟକୃଷ୍ଣ ମହାନ୍ତି ଅନ୍ୟତମ । ଏହି ସମୟରେ ଆଚାର୍ଯ୍ୟ ନରେନ୍ଦ୍ର ଦେବ ପୁରୀରେ ତାଙ୍କର ସ୍ୱାସ୍ଥ୍ୟ ପରିବର୍ତ୍ତନ ପାଇଁ ଆସି ସମୁଦ୍ରକୂଳରେ ଗୋଟିଏ ଛୋଟିଆ ଘରେ ରହିଲେ । ସେ କାଶୀ ବିଦ୍ୟାପୀଠର ପ୍ରିନ୍ସିପାଲ ଓ କଂଗ୍ରେସ ସୋସିଆଲିଷ୍ଟ ପାର୍ଟିର ପ୍ରତିଷ୍ଠାତା, ଖୁବ୍ ବିଦ୍ୱାନ ଲୋକ । ଭଗବତୀ, ଗୁରୁଚରଣ, ଗୋକୁଳମୋହନ ଓ ପ୍ରାଣନାଥ ପ୍ରମୁଖ ସେଠାକୁ ପ୍ରତିଦିନ ଯାଇ ବହୁ ସମୟ କଟାଉଥିଲେ । ଭଗବତୀ ବାବୁଙ୍କ ରାମଚଣ୍ଡୀ ସାହି ଘରେ ଏକ ସପ୍ତାହ ପାଇଁ ସମସାମୟିକ ଇତିହାସ ଉପରେ ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କ ବକ୍ତୃତାର ବ୍ୟବସ୍ଥା କରାଗଲା । ପୃଥିବୀ ଇତିହାସର ଏକ ଚମତ୍କାର ବ୍ୟାଖ୍ୟା ନୂତନ ଢଙ୍ଗରେ ସେ ଦେଲେ । ତାହା ଶ୍ରୋତାମାନଙ୍କ ମନରେ ପୃଥିବୀ ଇତିହାସ ସଂପର୍କରେ ଏକ ନୂତନ ଧାରଣା ସୃଷ୍ଟିକଲା । ବାମପନ୍ଥୀ କଂଗ୍ରେସ ବାଲାଙ୍କୁ ଏହା ଏକ ମାର୍ଗ ଦର୍ଶନ ଦେଲା । ପୁରୀ ସହର ଛାଡି ଖୋର୍ଦ୍ଧାକୁ କେନ୍ଦ୍ରକରି ପ୍ରାଣନାଥ, ଗୋକୁଳମୋହନ ଏତିକିବେଳୁ କାର୍ଯ୍ୟ ଆରମ୍ଭ କରି ଦେଇଥାନ୍ତି ।

ଏ ଭିତରେ କୃଷକ ସଭାର କାର୍ଯ୍ୟକ୍ରମର ପ୍ରଚାର, ସଙ୍ଗଠନ ପୁରୀ ଜିଲ୍ଲାର ବ୍ୟାପକ ଅଞ୍ଚଳରେ ଚାଲିଥାଏ—ଯାର ପୁରୋଭାଗରେ ଥାନ୍ତି ପ୍ରାଣନାଥ । ମୂଲିଆ ଓ ଚାଷୀ ଶ୍ରେଣୀ ସେମାନଙ୍କର ବଞ୍ଚିବାର ହକ୍ ସମ୍ବନ୍ଧରେ ସଚେତନ ହୋଇ ଆଗେଇ ଆସୁଥାନ୍ତି । ଏପରି ସମୟରେ ୧୯୩୬ରେ ନିର୍ବାଚନ ଆସିଗଲା । ନିର୍ବାଚନ ଇସ୍ତାହାର ପ୍ରସ୍ତୁତ କରିବାକୁ ପ୍ରାଦେଶିକ କଂଗ୍ରେସ କମିଟି ବୈଠକ ଡେଲାଙ୍ଗ ବଜାର ଅଫିସ ଘରେ ବସିଲା । କଂଗ୍ରେସ କମିଟି କୃଷକ-ଶ୍ରମିକ ସପକ୍ଷବାଦୀ ବାମପନ୍ଥୀମାନଙ୍କର ସଂଖ୍ୟା ଅଧିକ ଥିଲା । ପ୍ରାଣନାଥ, ଗୋକୁଳମୋହନ, ମୋହନ ଦାସ ପ୍ରମୁଖ ବାମପନ୍ଥୀମାନେ କୃଷକସଭାର ଦାବିଗୁଡ଼ିକ କଂଗ୍ରେସର ନିର୍ବାଚନ ଇସ୍ତାହାରରେ ରଖିବାକୁ ଉଦ୍ୟମ କଲେ । ଏହା କରିବାରେ ସେମାନେ କଂଗ୍ରେସ ଭିତରେ ଥିବା ଜମିଦାର - ଉଚ୍ଚଭୂମ୍ୟଧିକାରୀ ଶ୍ରେଣୀର ରକ୍ଷଣଶୀଳ ପ୍ରତିନିଧିଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ । ମାତ୍ର ଖୁବ୍ କମ୍ ବାଧାରେ ରକ୍ଷଣଶୀଳ ନେତାମାନେ ସେ ସବୁ ଦାବିକୁ କଂଗ୍ରେସ ଇସ୍ତାହାରରେ ଗ୍ରହଣ କରି ନେଲେ । କାରଣ ଗାଁ ଗଣ୍ଡାର କୃଷିକାରୀ ଲୋକଙ୍କ ଭୋଟ ଦରକାର । ଏ ନିର୍ବାଚନ ସାର୍ବଜନୀନ ଭୋଟ ନଥିଲା । ମଧ୍ୟବିତ୍ତ ଶ୍ରେଣୀ ଓ ଧନୀଲୋକେ ଯେଉଁମାନଙ୍କର କିଛିଟା

Digitized by PPRACHIN, SOA

ସମ୍ବଳ ଥିଲା ବା ବେଶୀ ଟିକସ ଦେଉଥିବା ବା ନିର୍ଦ୍ଦିଷ୍ଟ ଶିକ୍ଷା ସୀମା ଟପିଥିବା ଲୋକଙ୍କର ଏହା ଏକ ସୀମିତ ନିର୍ବାଚନ ଥିଲା । ମାତ୍ର ଉକ୍ତ ଇସ୍ତାହାର ଫଳରେ ଗାଁ ଗଣ୍ଡାର ଜନସାଧାରଣଙ୍କ ମଧ୍ୟରେ ନବଜାଗରଣ ଆସିଲା । ଲୋକେ ଭାବିଲେ, କଂଗ୍ରେସ ଲୋକେ ମନ୍ତ୍ରୀ ହେଲେ ସେମାନେ ଜମିଦାରଙ୍କ ଦାଉରୁ ରକ୍ଷା ପାଇବେ । ସେତେବେଳେ ସମଗ୍ର ଓଡ଼ିଶାରେ ଜମିଦାରଙ୍କ ଜୁଲମ କହିଲେ ନସରେ । ଜମିଦାରଙ୍କ ଦାଣ୍ଡ ଆଗରେ ଛତା ଟେକି ଶଗଡରେ ବସି କାହାରି ଯିବାର ଶକ୍ତି ନଥିଲା । ଫସଲର ଅଧିକାଂଶ ଭାଗ ଜମିଦାର ପ୍ରଜାଠାରୁ ନେଇ ଯାଉଥିଲେ, ବେଠୀ କରାଉଥିଲେ । ଚାଷୀ ଗାଈଟିଏ ପାଳିଲେ କ୍ଷୀର ଜମିଦାର ବା ଗୁମାସ୍ତାର । ବାଡିରେ କଦଳୀ କାନ୍ଦିଟିଏ ପାଚିଲେ ସେଥିରେ ଜମିଦାରଙ୍କ ଭାଗ । ଖଜଣା ବା କରଜ ଧାନ ଦେଇ ନପାରିଲେ ନଡିଆଗଛରେ ବାନ୍ଧି ପ୍ରଜାଙ୍କୁ ନିସ୍ତୁକ ମାଡ଼ । ଅତ୍ୟନ୍ତ ମର୍ମନ୍ତୁଦ ଅବସ୍ଥା ।

ପ୍ରାଣନାଥ ବାବୁ ୧୯୩୬ ନିର୍ବାଚନରେ ପ୍ରାର୍ଥୀ ଥିବା ଖୋର୍ଦ୍ଧାର ଅବସ୍ଥା କହିଲେ ନସରେ । ଖୋର୍ଦ୍ଧାରେ ସେତେବେଳେ ଇଂରେଜ ସରକାରଙ୍କ ପ୍ରତ୍ୟକ୍ଷ ରାଜୁତି । ଏସ.ଡି.ଓ. ଏବଂ ସରବରାକାରମାନେ ସର୍ବେସର୍ବା । ଲୋକେ ଏମାନଙ୍କୁ କୋକୁଆପରି ଭୟକରି, ମଲାମୂଷାପରି ପଡିଥାନ୍ତି । ଏମାନଙ୍କ ଶୋଷଣ ଓ ଦମନରେ ଚାଷୀ ଏକାବେଳକେ ଶେତା ପଡିଯାଉଥାନ୍ତି । କଥାପଦେ ମୁହଁଖୋଲି କହିବାକୁ କାହାରି ସାହସ ନଥାଏ । ଅବସ୍ଥା ଏପରି ଥିଲା ଯେ ପଣ୍ଡିତ ଗୋଦାବରୀଶ ମିଶ୍ର ବିଧାନସଭାକୁ ବାଣପୁର ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ହୋଇ ଗସ୍ତ କରୁଥିବା ବେଳେ ତାଙ୍କ ମଟରରେ କଂଗ୍ରେସ ପତାକା ଉଡାଇବାକୁ ମନା କରିଦେଲେ, ଉଡାଇଲେ ନାହିଁ । ଏହିପରି ଅବସ୍ଥାରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ (ଖୋର୍ଦ୍ଧା, ଚନ୍ଦକା, ଭୁବନେଶ୍ୱର ଓ ଜଟଣୀ ଥାନାକୁ ନେଇ ଗଠିତ) ପ୍ରାଣନାଥ ବାବୁ ୧୯୩୬ରେ କଂଗ୍ରେସ ପ୍ରାର୍ଥୀ ହେଲେ । ମାତ୍ର ପାଞ୍ଚଅଣା ପଇସା ଧରି ପ୍ରାଣନାଥ ଖୋର୍ଦ୍ଧା ନିର୍ବାଚନ ମଇଦାନରେ ଛିଡା ହେଲେ । ଦୁଇ ବକ୍ତ ଖାଇବା ମିଳିଲା ଯଦି ଭାଗ୍ୟ, ନହେଲେ ଗୋଟିଏ ନଡିଆ ଓ ଦୁଇପଇସାର ମୁଢି ଖାଇ ପ୍ରାଣନାଥ ଓ ଗୋକୁଳମୋହନ ବୁଲିଲେ ଖୋର୍ଦ୍ଧା, ଚନ୍ଦକା, ଜଟଣୀର ଗାଁ କୁ ଗାଁ । ତାଙ୍କ ବିରୋଧରେ ଲଢୁଥାନ୍ତି କନିକା ରାଜାଙ୍କ ସମର୍ଥିତ ପ୍ରାର୍ଥୀ, ପୁରୀର ସରକାର ପକ୍ଷପାତୀ ଓକିଲ ବ୍ରହ୍ମାନନ୍ଦ ମହାନ୍ତି ଓ ପାରଳା ମହାରାଜାଙ୍କ ଜନୈକ ସମର୍ଥକ ମଧୁସୂଦନ ପଟ୍ଟନାୟକ ଏବଂ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ।

ପ୍ରାଣନାଥଙ୍କୁ ନିର୍ବାଚନରେ ସାହାଯ୍ୟ କରିବା ପାଇଁ ଭଗବତୀ ବାବୁ, ଗୁରୁଚରଣ ପଟ୍ଟନାୟକ, ଗଙ୍ଗାଧର ମିଶ୍ର, ପୂର୍ଣ୍ଣ ମହାନ୍ତି, ପର୍ଶୁରାମ ପଦାତିକରାୟ ଓ ଅନନ୍ତ ପଟ୍ଟନାୟକ ପ୍ରମୁଖ ନେତାମାନେ ଆସିଥିଲେ । ନିର୍ବାଚନରେ ବ୍ୟାପକ ପ୍ରଚାର, ଜମିଦାର-ସର୍‌ବରାକାର ଓ ସର୍ବୋପରି ଇଂରେଜ ସରକାରଙ୍କ ଶୋଷଣ ଓ ଅତ୍ୟାଚାରର ସ୍ୱରୂପ ପଦାରେ ପକାଇ ଦେଇଥିଲା । ଆସିଲା ଐତିହାସିକ ଖୋରଧା ମାଟିରେ ଜାଗରଣ । ନିର୍ବାଚନର ପ୍ରଚାର ପ୍ରକ୍ରିୟାରେ ଯେଉଁ ନୂତନ ଯୁବକମାନେ ସାମନାକୁ ଆସିଲେ,

Digitized by PPRACHIN, SOA

ସେମାନେ ହେଲେ ତାପଙ୍ଗଗଡର କାଳୀଚରଣ ମଙ୍ଗରାଜ, ଚିନ୍ତାମଣି ଧାତାଳସିଂହ, ଚନ୍ଦକା ଥାନାର ଦାମୋଦର ମିଶ୍ର, ବ୍ରଜ ମହାନ୍ତି, ଅନନ୍ତ ଡେଙ୍ଗ, ନିରଞ୍ଜନ ଜଗଦ୍ଦେବ, ଓଲସିଂର ଲକ୍ଷ୍ମଣ ପଟ୍ଟନାୟକ ଓ ପଣ୍ଡିତ ରଘୁନାଥ ପଟ୍ଟନାୟକ ଜବାହରଲାଲଙ୍କ ସଭା ଛଡା ଖୋର୍ଦ୍ଧାର ଚାନ୍ଦମାରି ପଡିଆରେ ପଣ୍ଡିତ ନୀଳକଣ୍ଠ ଦାସ, ନବକୃଷ୍ଣ ଚୌଧୁରୀ, ମୋହନ ଦାସ, ରାଜକୃଷ୍ଣ ବୋଷ୍ ଓ ଯଦୁମଣି ମଙ୍ଗରାଜଙ୍କୁ ନେଇ ଏକ ବିରାଟ ସାଧାରଣ ସଭା ହୋଇଥିଲା । ସଭାକୁ ନଯିବା ପାଇଁ ଲୋକଙ୍କୁ ଭୟଭୀତ କରିବା ପାଇଁ ଖୋର୍ଦ୍ଧା ଗଳିକନ୍ଦିରେ ପୋଲିସର ପଇଁତରା । ପୁଣି ଅଦିନିଆ ବର୍ଷାର ଆଶଙ୍କା । ଆକାଶ ମେଘାଚ୍ଛନ୍ନ । ମାତ୍ର ନାଲି ପଗଡିର ଭୟକୁ ତୁଚ୍ଛକରି ଜନସାଧାରଣ ହଜାର ହଜାର ସଂଖ୍ୟାରେ ଛୁଟି ଆସିଲେ ଚାନ୍ଦମାରି ପଡିଆକୁ । ଏତେ ଲୋକେ କିପରି ଆସିଲେ ? ଦିନପରେ ଦିନ ପ୍ରାଣନାଥ, ଗୋକୁଳମୋହନ ଓ ବାମପନ୍ଥୀ ଜାତୀୟ ନେତାମାନେ, ଗାଁ ଗଣ୍ଡାରେ ଯେଉଁ ପ୍ରଚାର ଚଳାଇଲେ, ସେଥିରେ ଉଜ୍ଜ୍ୱଳ ଭବିଷ୍ୟତର ଦିଗ୍‌ଦର୍ଶନ ଥିଲା । ତାହା ଥିଲା ପ୍ରକୃତ ସ୍ୱା ରଜ୍ୟର ବାର୍ତ୍ତା । ପ୍ରାଣନାଥ ଖୋର୍ଦ୍ଧାର ଜନସାଧାରଣଙ୍କୁ ଠିକ୍‌ଭାବେ ବୁଝାଇ ଦେଇଥିଲେ ଯେ ସେ ନିଜପାଇଁ ସମ୍ପତ୍ତି କମାଇବା ପାଇଁ ମନ୍ତ୍ରୀ ହେବାପାଇଁ ପ୍ରାର୍ଥୀ ହୋଇନାହାନ୍ତି । ତାଙ୍କ ପ୍ରାର୍ଥିତ୍ୱ ପଛରେ ଅଛି ଏକ ଆନ୍ଦୋଳନ, ଗରିବ ନିପୀଡ଼ିତ ମଣିଷର ବଞ୍ଚିବାର ଦାବି, ନୂତନ ସମାଜର ଅଭୀପ୍‌ସା । ଏହି ଶାଣିତ ଚେତନାର ସ୍ପର୍ଶ ଟାଣି ଆଣିଥିଲା ହଜାର ହଜାର ଜନସାଧାରଣଙ୍କୁ । ଟାଣିଆଣିଥିଲା ପଣ୍ଡିତ ନେହେରୁ ଓ ରାଜ୍ୟ କଂଗ୍ରେସ ନେତାମାନଙ୍କ ଜନସଭାକୁ । ତାହା ଛଡା ବ୍ୟକ୍ତିତ୍ୱର ଆକର୍ଷଣ ମଧ୍ୟ ଏକ ଉପାଦାନ ଥିଲା । ବିପୁଳ କରତାଳିରେ ସଭାସ୍ଥଳ ମୁଖରିତ ଥିଲା । ଶହେ ବର୍ଷ ତଳଠାରୁ ଖୋର୍ଦ୍ଧା ମାଟି ପାଷାଣୀ ଅହଲ୍ୟା ପରି ନିଶ୍ଚଳା ହୋଇ ପଡିରହିଥିଲା । ତା ଭିତରେ ଭରପୂର ହେଲା ନୂତନ ଜୀବନ । ଜାତୀୟ ଚେତନାର ଝଲକ । ଭୀରୁତା, ଜଡତା ପରିବର୍ତ୍ତେ ଜନସାଧାରଣ ହେଲେ ସଂଗ୍ରାମ ଅଭିମୁଖୀ ଓ ସାହସୀ । କଙ୍କାଳ ଓ ମଡା ଦୁର୍ଗ ପ୍ରାଚୀର କବରୁ ଉଠିଲେ, ନାଚିଲେ । ସଜାଗ ହେଲେ ଜାତୀୟ ଚେତନା ସହ । ଶ୍ରେଣୀ ଚେତନାର ପ୍ରବେଶ ଘଟାଇଥିଲେ ପ୍ରାଣନାଥ । ତାଙ୍କ ସହିତ ଓଡିଶା କୃଷକ ନେତା ସାଧୁଚରଣ ମହାନ୍ତି, ଗୋକୁଳମୋହନ ରାୟଚୂଡାମଣି ଗାଁ ଗାଁରେ କୃଷକ ସଭା, ମୂଲିଆ ସଭା, ଗ୍ରାମ୍ୟ ଯୁବକମାନଙ୍କର ସଙ୍ଗଠନ ତିଆରି କରିଥିଲେ । ଅସଂଖ୍ୟ ଯୁବକ ଡେଇଁ ପଡ଼ିଲେ ନିର୍ବାଚନ ପ୍ରଚାର ଅଭିଯାନକୁ । କେଉଁଠି ମୁଠେ ଖାଇବାକୁ ମିଳିଲାତ ଭଲ କଥା । ସ୍ୱାର୍ଥ ଓ ବ୍ୟକ୍ତିଗତ ଅଭିଳାଷର ପ୍ରଶ୍ନ ଏଠି ନଥିଲା ବା ସେମାନେ ଭାଡିଆ ଖିଆ କର୍ମୀ ନଥିଲେ । ଖୋର୍ଦ୍ଧା ଆଗେଇ ଚାଲିଲା ନିର୍ବାଚନରେ ଜନସାଧାରଣଙ୍କର ବିଜୟଦିଗକୁ । ତାର ସାରଥି ଥିଲେ ପ୍ରାଣନାଥ, ରଘୁନାଥ ଦାସ (ଏବେ ପଟ୍ଟନାୟକ) ଓ ଲକ୍ଷ୍ମଣ ପଟ୍ଟନାୟକ । ୧୯୩୬ର ନିର୍ବାଚନରେ ପ୍ରାଣନାଥଙ୍କ ସପକ୍ଷରେ ପ୍ରଚାର କରିବାପାଇଁ ଜାତୀୟ କଂଗ୍ରେସର ଅବିସମ୍ବାଦିତ ନେତା ପଣ୍ଡିତ ଜବାହରଲାଲ ନେହେରୁ ଖୋର୍ଦ୍ଧାର ପଲଟଣ ପଡିଆରେ ଅନୁଷ୍ଠିତ ବିରାଟ ସାଧାରଣ ସଭାରେ ଭାଷଣ

Digitized by PPRACHIN, SOA

ଦେଇଥିଲେ । ତାର ବହୁ ପୂର୍ବରୁ ୧୯୩୬ ଜାନୁଯାରୀ ୨୬ ତାରିଖରେ, ଜାତୀୟ କଂଗ୍ରେସ ଡାକରାରେ ସ୍ୱାଧୀନ ଭାରତ ଦିବସ ଭାବେ ପ୍ରାଣନାଥ ଓ ତାଙ୍କର ସାଥୀମାନେ ଏହି ପଡିଆରେ ଜାତୀୟ ପତାକା ଭାବେ ପରିଗଣିତ ହେଉଥିବା କଂଗ୍ରେସ ଚରଖା ଚିହ୍ନିତ ତ୍ରିରଙ୍ଗା ପତାକା ଉତ୍ତୋଳନ କରିଥିଲେ । ସାଥୀରେ ଥିଲେ ଗୋକୁଳମୋହନ ଓ ପରଶୁରାମ ଏବଂ ବହୁ ସାଥୀ । କାହାକୁ ଭୟ ଓ ଖାତିର ନକରି ଆନନ୍ଦରେ ଏମାନେ ପତାକା ଓ ମୁକ୍ତିର ସଂଗୀତ ଗାଉଥିଲେ । ମାତ୍ର ସରକାରର ଦଣ୍ଡର ଭୟରେ ଲୋକମାନେ ସେ ସ୍ଥାନକୁ ନଆସି ଦୂରରୁ ଏହି ଉତ୍ସବ ଦେଖୁଥିଲେ । ନିର୍ଭୟ ଓ ଆନନ୍ଦରେ ପ୍ରାଣନାଥ ଓ ତାଙ୍କର ସାଥୀମାନେ ଜାତୀୟ କବି ବୀରକିଶୋର ଦାସଙ୍କ ମହାନ ପତାକା ସଂଗୀତକୁ ଗାନ କରିଥିଲେ । ତାର ପ୍ରଥମ ପଂକ୍ତି ଏହିପରି ଥିଲା:-

"ରେ ପତାକା ଜାତୀୟ ଜୀବନ ଜାତିର ଗୌରବ ପରାଣ ତୁହିରେ
ଏକତା ପୀରତି ଶାନ୍ତି ମୁକତି ସୁନ୍ଦର ତୋ ସମ ସଂସାରେ ନାହିଁରେ" ।

ମୁକ୍ତି-ପାଗଳ ଥିଲେ ପ୍ରାଣନାଥ ଓ ତାଙ୍କର ସହଯୋଦ୍ଧାମାନେ । ତେଣୁ ସେହିମାନଙ୍କ ମଧ୍ୟରୁ ପ୍ରାଣନାଥ ପଟ୍ଟନାୟକ ୧୯୩୬ ଏପ୍ରିଲ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବାପରେ ବ୍ରିଟିଶ୍ ସରକାର ବିଭିନ୍ନ ପ୍ରାନ୍ତରେ ଦାୟିତ୍ୱ ମୂଳକ ସରକାର ଗଠନ ପାଇଁ ଯେଉଁ ଆଇନ ଗ୍ରହଣ କରିଥିଲେ ତାର ସୀମିତ ପରିସର ମଧ୍ୟରେ କଂଗ୍ରେସର ହଳଦିଆ ବାକ୍ସରେ ଓଡିଶାର ୬୦ ଜଣିଆ ବିଧାନ ସଭାକୁ କଂଗ୍ରେସ ପ୍ରାର୍ଥୀ ଠିଆ ହୋଇଥିଲେ । ଯିଏ ଅଧିକ ଚୌକିଦାରୀ ଟିକସ ଦେଇଥିବ ବା ନିର୍ଦ୍ଦିଷ୍ଟ ମାନର ଶିକ୍ଷା ଥିବ, ସେହିମାନେ କେବଳ ଭୋଟ ଅଧିକାର ପାଉଥିଲେ । ଓଡ଼ିଶାରେ ଏହି ଅନୁସାରେ ମୋଟ ଭୋଟର ସଂଖ୍ୟା ଥିଲା ୫ଲକ୍ଷ ୨୦ହଜାର ୫୮୪ । ମାତ୍ର ଭୋଟର ସଂଖ୍ୟା ବାହାରେ ଥିବା ହଜାର ହଜାର ଗରିବ ଗ୍ରାମ୍ୟ ଚାଷୀ ମୂଲିଆ ଭୋଟ ଅଧିକାର ପାଇନଥିଲେ ମଧ୍ୟ, ସେମାନଙ୍କର କଣ୍ଠ ସ୍ୱରରେ ନିର୍ବାଚନ ସଭାସ୍ଥଳ ମୁଖରିତ ହେଉଥିଲା । ପଣ୍ଡିତ ନେହେରୁଙ୍କ ସଭାରେ ଭୋଟରଙ୍କ ଛଡା ହଜାର ହଜାର ଗରିବ ଜନସାଧାରଣ ଯୋଗ ଦେଇଥିଲେ । ଆଉ ଏହି ସଭାରେ ଯୋଗ ଦେଇଥିଲେ ଖୋର୍ଦ୍ଧା ହାଇସ୍କୁଲର ବହୁତ ଛାତ୍ର । ସେମାନଙ୍କୁ ଧମକାଇବା ପାଇଁ ତତ୍କାଳୀନ ବ୍ରିଟିଶ୍ ରାଜଭକ୍ତ ପ୍ରଧାନଶିକ୍ଷକ ବାଙ୍କନିଧି ପଟ୍ଟନାୟକ ସଭାସ୍ଥଳର ଏକ କୋଣରେ ପହଁଚିବାରୁ ଭୟରେ ଅନେକ ଛାତ୍ର ସଭାରୁ ଡରିମରି ପଳାଇଥିଲେ । ଜବାହରଲାଲ ଏହାକୁ ଦେଖିପାରି ବିରକ୍ତି ପ୍ରକାଶ କରିଥିଲେ, ଭବିଷ୍ୟତରେ ଏପରି ନହେବାକୁ ତାଗିଦ୍ କରିଯାଇଥିଲେ । ମାତ୍ର ପ୍ରଧାନଶିକ୍ଷକଙ୍କ ଡରାଣ ଓ ଭୃକୁଟିକୁ ଖାତିର ନକରି ଖୋର୍ଦ୍ଧା ସ୍କୁଲର ଛାତ୍ର ରାମଚନ୍ଦ୍ର ମିଶ୍ର, ଦୁର୍ଗାଚରଣ ମହାନ୍ତି ଓ ରାମଚନ୍ଦ୍ର ରାମ ପ୍ରମୁଖ ନିର୍ବାଚନ ପ୍ରଚାର ଅଭିଯାନରେ ଯୋଗ ଦେଇଥିଲେ । ଖୋର୍ଦ୍ଧାର ବହୁ ଅଞ୍ଚଳ ବହୁ ଭାବେ ଗ୍ରାମାଞ୍ଚଳରେ ପ୍ରାଣନାଥ ଓ ତାଙ୍କର ସହକର୍ମୀମାନେ ଗଣ ଅଭ୍ୟୁତ୍ଥାନ ପାଇଁ ଡାକରା ଦେଲେ । ନିର୍ବାଚନ ପ୍ରଚାର ଥିଲା ସ୍ୱରାଜ୍ୟପ୍ରାପ୍ତିର ଡାକରା । ଚାଷୀ ଓ ମୂଲିଆଙ୍କୁ, ଗରିବ, ଉପାସିଆ ସକଳ

Digitized by PPRACHIN, SOA

ନିପୀଡିତ ମଣିଷଙ୍କୁ ଦୈନ୍ୟ, ଶୋଷଣରୁ ମୁକ୍ତ କରିବାର ମୁକ୍ତିର ଡାକରା, ଯାହା ଖୋର୍ଦ୍ଧାର ବଣବିଲ, ବୁଦା, ଘାଟି, ବଡ ବଡ ଗ୍ରାମ, ଛୋଟ ପଡା, ଜଟଣୀ ଓ ଖୋର୍ଦ୍ଧାପରି ନାମମାତ୍ର ସହରରେ ଏକ ନୂତନ ଉନ୍ମାଦନା ସୃଷ୍ଟିକରିଥିଲା । ପାଇକ ବିଦ୍ରୋହ ପରେ ପୁଣି ଆଉଥରେ ଖୋର୍ଦ୍ଧାରେ ଲାଲ୍ ଟାଙ୍ଗରା ମାଟି କମ୍ପିଉଠିଲା । ପ୍ରଖ୍ୟାତ କବି ଜ୍ଞାନୀନ୍ଦ୍ର ବର୍ମା ତାଙ୍କର ପାଇକ ବିଦ୍ରୋହ କବିତାରେ ଲେଖିବାପରି, ଖୋର୍ଦ୍ଧାର ବାତାବରଣ ନବଚେତନାରେ ମାତି ଉଠିଥିଲା । କବିତାଂଶଟି ଏହିପରି:-

“ଖୋରଧାର ବନ, ଖୋରଧା ଗ୍ରାମ ଧୀରେ ଧୀରେ ହେଲା କଲ୍ଲୋଳିତ
ଗ୍ରାମେ ଗ୍ରାମେ ଶୁଭେ ଶିଙ୍ଗା ବାଦନ ପ୍ରାଣକରି ଅତି ଉଚ୍ଛ୍ୱସିତ ।
ସମର ସମର ବିପୁଳ ସମର୍ ନୁହେଁ ଏ ଗତ ଦିନର
ଅଶନ, ବସନ ଜୀବନର ଲାଗି ସମର ଯାତ୍ରା ଏ ମହାଜନର ।”

କେତେ ପ୍ରାସଙ୍ଗିକ ଏ କବିତାର ପଂକ୍ତି । ବାସ୍ତବରେ ୧୯୩୬ ଶୀତକାଳରେ ଖୋର୍ଦ୍ଧାର ମଳିମୁଣ୍ଡିଆ ଜନସାଧାରଣ- ମହତଜନର ରୂପ ନେଇ ଏକ ଦେଶପ୍ରେମୀ ନିର୍ବାଚନ ସଂଗ୍ରାମରେ ମାତି ଉଠିଥିଲେ । ଯାହାର ମହାରଥୀ ଥିଲେ ପ୍ରାଣନାଥ । ନିର୍ବାଚନ ଏକ ନବଚେତନାର ବାହକ ହେଲା । ଖୋର୍ଦ୍ଧା ରଣାଙ୍ଗନରେ ନିର୍ବାଚନ ଯୁଦ୍ଧ ଅନ୍ୟସ୍ଥାନଠାରୁ ଏହି ଦିଗରୁ ଭିନ୍ନ ଥିଲା ଯେ ଏଥିରେ ସ୍ୱାଧୀନତାର ପ୍ରଶ୍ନ ସହିତ ଗରିବ ମଣିଷର ଭାତ, ଜମି, କାମ, ଅଧିକାର, ମୂଳ ମଜୁରୀ ଓ ସର୍ବୋପରି ପେଟର ପ୍ରଶ୍ନ ଜଡିତ ଥିଲା । ଏହି ନିର୍ବାଚନ ସଂଗ୍ରାମରେ ସାଥୀ ଭଗବତୀ ଚରଣ ଓ ଗୁରୁଚରଣ ପ୍ରମୁଖ ଖୋର୍ଦ୍ଧାର ବ୍ୟାପକ ଅଞ୍ଚଳରେ ପ୍ରଚାର କରିଥିଲେ ।

ପ୍ରାଣନାଥ ବାବୁ ବହୁ ଭୋଟରେ ନିର୍ବାଚିତ ହେଲେ । କଂଗ୍ରେସର ହଳଦିଆ ବାକ୍ସରେ ବହୁ ଭୋଟ ପଡିଲା । ମୋଟ ୫୦୦୦ ଭୋଟରୁ ୩୫୦୦ ଖଣ୍ଡ ଭୋଟ ପାଇ ଥିଲେ ପ୍ରାଣନାଥ ପଟ୍ଟନାୟକ । ବାମପନ୍ଥୀ କଂଗ୍ରେସ କର୍ମୀମାନଙ୍କ ଜବରଦସ୍ତ ପ୍ରଚାର, ଶକ୍ତିଶାଳୀ, ମର୍ମଭେଦୀ ଭାଷା ଜନସାଧାରଣଙ୍କ ଭାବନାକୁ ଉର୍ଦ୍ଧ୍ୱକୁ ଟେଳି ନେଇଥିଲା । ନିର୍ବାଚନ ପାଇଁ ଖୋର୍ଦ୍ଧାର ଚାନ୍ଦମାରୀ ପଡିଆରେ ୧୯୩୬ ଡିସେମ୍ବରରେ ଏକ ବିରାଟ ସାଧାରଣ ସଭା ହୋଇଥିଲା, ଯେଉଁଥିରେ ଭାରତବର୍ଷର ସର୍ବମାନ୍ୟ ନେତା ଜବାହରଲାଲ ଭାଷଣ ଦେଇଥିଲେ । ସେଥିରେ ଯୋଗ ନ ଦେବାକୁ ଖୋର୍ଦ୍ଧା ହାଇସ୍କୁଲର ପ୍ରତାପଶାଳୀ ପ୍ରଧାନଶିକ୍ଷକ ବାଙ୍କନିଧି ପଟ୍ଟନାୟକ ସବୁ ଛାତ୍ରଙ୍କୁ ବାରଣ କରିଥିଲେ । ମାତ୍ର ପ୍ରାଣନାଥ ଓ ଗୋକୁଳ ମୋହନଙ୍କ ପ୍ରବର୍ତ୍ତନା ଫଳରେ ଉଦ୍‌ବୁଦ୍ଧ ଏହି ସ୍କୁଲର ଛାତ୍ର ରାମଚନ୍ଦ୍ର ମିଶ୍ର ଦୁର୍ଗାଚରଣ ମହାନ୍ତି ଓ ରାମଚନ୍ଦ୍ର ରାମ ଦଶମ ଏକାଦଶ ଶ୍ରେଣୀର ପିଲାମାନଙ୍କୁ ନେଇ ଶ୍ରେଣୀ ବର୍ଜନ କରି ଏହି ସଭାରେ ଯୋଗ ଦେଇଥିଲେ । ପରବର୍ତ୍ତୀ କାଳରେ ରାମ ମିଶ୍ର, ଦୁର୍ଗାଚରଣ ଓ ରାମଚନ୍ଦ୍ର ରାମ କମ୍ୟୁନିଷ୍ଟ ଆନ୍ଦୋଳନର ମୁଖ୍ୟ ନେତୃତ୍ୱକୁ ଆସିଲେ । ଦେଶତ୍ମାବୋଧ କାର୍ଯ୍ୟପାଇଁ ରାମଚନ୍ଦ୍ର ମିଶ୍ର ଖୋର୍ଦ୍ଧା ସ୍କୁଲରୁ ବହିଷ୍କୃତ ହୋଇଥିଲେ । ନିର୍ବାଚନରେ ପ୍ରାଣନାଥ ପଟ୍ଟନାୟକ ଜୟଯୁକ୍ତ ହେବା ସଙ୍ଗକୁ ପୁରୀ ଜିଲ୍ଲାର

Digitized by PPRACHIN, SOA

ଅନ୍ୟଭାଗ ନିମାପଡ଼ା, ଗୋପ, କାକଟପୁର, ପିପିଲି ନିର୍ବାଚନ ମଣ୍ଡଳୀରୁ ପ୍ରସିଦ୍ଧ ବାଗ୍ମୀ ତଥା କୃଷକ ନେତା ମୋହନ ଦାସ କଂଗ୍ରେସପ୍ରାର୍ଥୀ ରୂପେ ଏମାର ମଠର ମହନ୍ତଙ୍କୁ ପରାସ୍ତ କରି ଜୟଯୁକ୍ତ ହେଲେ । ପ୍ରାଣନାଥ ଓ ମୋହନ ଦାସଙ୍କୁ ହରାଇବା ପାଇଁ ବ୍ରିଟିଶ୍ ପକ୍ଷପାତୀ ଦଳର ପ୍ରାର୍ଥୀମାନେ ଖିଆପିଆ, ଲାଞ୍ଚ ରିସପତ୍, ମହାପ୍ରସାଦ ଖୁଆଇ ହଲପ ନେବା ଇତ୍ୟାଦିକୁ ଆୟୁଧ କରି ଥାଆନ୍ତି । ଜମିଦାର, ମଠମହନ୍ତ, ମହାଜନ ଓ ସର୍ବରାକାର ଶ୍ରେଣୀ ଅଣ୍ଟାଭିଡି ଲାଗି ପଡିଥାନ୍ତି । ମାତ୍ର ଉଜାଣି ସ୍ରୋତ ସମ୍ମୁଖରେ ଘାସବିଡା ପରି ଭାସିଗଲା ପ୍ରଲୋଭନ ସବୁ । ପ୍ରାଣନାଥ ପଟ୍ଟନାୟକ ବିଧାନସଭାକୁ ନିର୍ବାଚିତ ହେବାପରେ ଖୋର୍ଦ୍ଧାର ବୁଢାବୁଢୀ ଲୋକେ କହିଲେ "ହଳଦିଆ କାଗଜ ଖଣ୍ଡକ ଖୋର୍ଦ୍ଧାକୁ ଦୋହଲାଇ ଦେଇଥିଲା ।" ବିପୁଳ ଭୋଟରେ ଜୟଯୁକ୍ତ ହେବାପରେ କ୍ଳାନ୍ତ ଶ୍ରାନ୍ତ ପ୍ରାଣନାଥ ଠିକ୍ ସେହିପରି ଅବସ୍ଥାବିଶିଷ୍ଟ ରାୟଚୂଡାମଣିଙ୍କୁ ଭେଟିଲାବେଳେ ତାଙ୍କ କାନ୍ଧରେ ହାତପକାଇ କହିଲେ, "ଦେଖିଲୁ ଲୋକେ କେମିତି ଜବାବ ଦେଲେ" । ଖୋର୍ଦ୍ଧାର ଜନସାଧାରଣ ଏତେବେଳକୁ ଗଭୀର ସୁଷୁପ୍ତିରୁ ଉଠି ସାରିଥିଲେ ।

ନିର୍ବାଚନ ପରେ ପ୍ରାଣନାଥ ଆଉ ନିଶ୍ୱାସ ନନେଇ ନିଜ ସାଥୀମାନଙ୍କ ସହ ଖୋର୍ଦ୍ଧାର ଦାବିପତ୍ର ପ୍ରସ୍ତୁତ କଲେ । ୧୦ହଜାର ପୁସ୍ତିକା ଛପାହୋଇ ଜନସାଧାରଣଙ୍କ ମଧ୍ୟରେ ବଣ୍ଟାଗଲା । ତାରି ଉପରେ ବହୁ ସଭାସମିତି ଅନୁଷ୍ଠିତ ହେଲା । ପ୍ରାଣନାଥଙ୍କ ଦ୍ୱାରା ପ୍ରସ୍ତୁତ ଏହି ଦାବିପତ୍ରରେ ଖୋର୍ଦ୍ଧାର ଜନସାଧାରଣଙ୍କ ଏହି ଦାବିଗୁଡିକ ଏପରିଭାବେ ଉପସ୍ଥାପିତ ହୋଇଥିଲା ଯେ ତାହା ସମଗ୍ର ଖୋର୍ଦ୍ଧା ସବ୍‌ଡିଭିଜନ ଲୋକଙ୍କୁ ସଂଗଠିତ କରିପାରିଥିଲା ଓ ଦାବିହାସଲ ପାଇଁ ସଂଗ୍ରାମ ସକାଶେ ଉତ୍ସାହିତ କରିଥିଲା । ଏହାଛଡା ୧୯୩୬ରେ ଜଟଣୀରେ ରେଳବାଇ ଶ୍ରମିକମାନଙ୍କ ଯେଉଁଠି ଧର୍ମଘଟ ହୋଇଥିଲା ପ୍ରାଣନାଥ ବାବୁ ତାହାକୁ ମଧ୍ୟ ପରିଚାଳନା କରିଥିଲେ । ଖୋର୍ଦ୍ଧାମାଟିକୁ ଚଳଚଞ୍ଚଳ ଓ କର୍ମମୁଖର କଲେ ପ୍ରାଣନାଥ ଓ ତାଙ୍କର ସହଯୋଦ୍ଧାମାନେ ।

୧୯୩୬ସାଲ ଶେଷ ଓ ୧୯୩୭ର ପ୍ରାରମ୍ଭ ଦେଖିଥିଲା ପ୍ରାଣନାଥଙ୍କ ଅଭୀପ୍ସା ଓ ସ୍ୱପ୍ନର ଖୋର୍ଦ୍ଧାମାଟିକୁ ନୂତନ ରୂପରେ । ଶତାବ୍ଦୀବ୍ୟାପୀ ତନ୍ଦ୍ରାଚ୍ଛନ୍ନ ଭାବ, ବ୍ରିଟିଶ୍ ଅତ୍ୟାଚାରଜନିତ ନିର୍ବେଦ ବଦଳରେ ଆସିଥିଲା ଦେଶର ସ୍ୱାଧୀନତା ନିଜର ବର୍ତ୍ତମାନ ଓ ଭବିଷ୍ୟତକୁ ବଦଳାଇବାର କଠୋର ସଂକଳ୍ପ ଖୋର୍ଦ୍ଧାର ଜନସାଧାରଣଙ୍କ ଭିତରେ, ଯାହାର ଉଦ୍‌ଗାତ୍ରୀ ଥିଲେ ପ୍ରାଣନାଥ ପଟ୍ଟନାୟକ । ଖୋର୍ଦ୍ଧାର ଜନ ଉଦ୍‌ବେଳନ ସାକାର କରି ୧୯୩୭ ଫେବୃୟାରୀରେ ଗୁରୁଜଙ୍ଗଠାରେ ଖୋର୍ଦ୍ଧାଥାନାର ଯେଉଁ ଯୁବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ତାହା ଥିଲା ଐତିହାସିକ ଓ ଅଭୂତପୂର୍ବ । ପ୍ରାଣନାଥଙ୍କର କାଶୀ ବିଦ୍ୟାପୀଠରେ ସହପାଠୀ ଶରତ୍ ପଟ୍ଟନାୟକ ଏହି ସଭାରେ ସଭାପତିତ୍ୱ କରିଥିଲେ ଓ ଏକଦା ବିଲାତ ପାର୍ଲାମେଣ୍ଟ (ହାଉସ ଅଫ୍ କମନ୍‌ସ)ର ସଦସ୍ୟ ଥିବା ପ୍ରସିଦ୍ଧ କମ୍ୟୁନିଷ୍ଟ ନେତା ସୋଲି ବଟଲିୱାଲା ଥିଲେ ଏହାର ମୁଖ୍ୟବକ୍ତା । ବହୁ ବର୍ଣ୍ଣରେ ବର୍ଣ୍ଣାଢ୍ୟ ଥିଲା ଏହି ମହା ସମ୍ମିଳନୀ । ପୂର୍ବରୁ ଖୋର୍ଦ୍ଧାରେ କଡା ଆଇନ ଥିଲା ଯେ କେହି ଛଅ ଇଞ୍ଚରୁ

Digitized by PPRACHIN, SOA

ଅଧିକ ଲମ୍ୱା ଛୁରୀ ବା ଲାଠି ଧରି ରାସ୍ତାରେ ଚାଲିପାରିବ ନାହିଁ । ତାହା ଅପରାଧରେ ଗଣ୍ୟ ଥିଲା । ଖୋର୍ଦ୍ଧାର ମେରୁଦଣ୍ଡ ଥିବା କୃଷକ ପାଇକମାନେ ଥିଲେ ଇତିହାସର ଦାୟାଦ, ଯେଉଁମାନଙ୍କ ଘରେ ଲମ୍ୱା ତରବାରି, ଢାଲ, ଭାଲ୍ଲା, କୁନ୍ତ କଳଙ୍କି ଲାଗିଥିଲା ଓ ସେମାନେ ଅସ୍ତ୍ରଶସ୍ତ୍ରକୁ ସଫା ସୁତରା କରି ଚକ୍ ଚକ୍ କରିଥିଲେ । ଅତୀତ ଦିନର ଦୁର୍ଦ୍ଧର୍ଷ ପାଇକ ସେନାନୀ ହାତରୁ ହାତ ହତିଆରକୁ ଛଡାଇ ନେଇଥିଲା ବିଦେଶୀ ସରକାର । ସେହି ଅସ୍ତ୍ରଶସ୍ତ୍ରକୁ ଧରି ନବଉନ୍ମାଦନାରେ ମାତି ଉଠିଥିଲେ ଖୋର୍ଧାର ସୁପ୍ତ ପାଇକ । ଶିର ଥିଲା ସେମାନଙ୍କର ଉନ୍ନତ । କାରଣ ଏତେବେଳକୁ ଖୋର୍ଦ୍ଧାର ବ୍ୟାପକ ଅଞ୍ଚଳର କୃଷକ ଜନସାଧାରଣ ଜାତୀୟ ଆନ୍ଦୋଳନର ମହାସ୍ରୋତରେ ଯୋଗଦେଇ ସାରିଥିଲେ । ଘରେ ଘରେ ପହଞ୍ଚିଥିଲା ସ୍ୱାଧୀନତା ସଂଗ୍ରାମର ଲଢେଇ ସହିତ ଗରିବ ମଣିଷର ବଞ୍ଚିବାର ବାର୍ତ୍ତା । ଗୁରୁଜଙ୍ଗ ସଭା ପୂର୍ବରୁ ଯେଉଁ ବିଶାଳ ତଥା ବିପୁଳ ଶୋଭାଯାତ୍ରା ଖୋର୍ଦ୍ଧାର ଗିରି କନ୍ଦରକୁ କମ୍ପମାନ କରି ରାଜରାସ୍ତାରେ ବାହାରିଲା ସେଥିରେ କି ବୃଦ୍ଧ କି ଯୁବକ ସମସ୍ତେ ଜେଜେବାପା, ଅଜାବାପାଙ୍କ ଅମଳରୁ ବା ତା ପୂର୍ବରୁ ପେଡିରେ ସାଇତା ହୋଇ ରହିଥିବା ପାଟଲୁଗାର ପାଗ ଭିଡି, କୃଷକ ସଭାର ଲାଲପତାକା ଧରି, ହାତରେ କରବାଳ, ବର୍ମ, ବର୍ଚ୍ଛାକୁ ପ୍ରଦର୍ଶିତ କରି, ପାଇକ ଖେଳ ଖେଳି ଓ ରଣବାଦ୍ୟ ବଜାଇ ସଭାସ୍ଥଳକୁ ଆସିଲେ । କବି ଗୋଦାବରୀଶ ମହାପାତ୍ରଙ୍କ ଭାଷାରେ ଅତୀତର କଙ୍କାଳ ସବୁ ଶୃଙ୍ଖଳର ଫାଶକୁ ଛିନ୍ନ କରି ମହାକାଳକୁ ଭେଦକରି ନୂତନ ଯୁଗର ନବପ୍ରକାଶର ନଟରାଜ ଶଙ୍କର ରୂପେ ଉଭା ହେଲେ । ସେମାନେ ଥିଲେ ଚଳଚଞ୍ଚଳ ଓ ଚେତନାର ହିଲ୍ଲୋଳରେ ମୁଖରିତ ଥିଲା ସେମାନଙ୍କ କଣ୍ଠସ୍ୱର । ସାଙ୍ଗରେ ଚାଲିଥିଲେ ଖୋର୍ଦ୍ଧାର ହଜାର ହଜାର ଜନସାଧାରଣ, ଶିଶୁ, ନାରୀ, ବୃଦ୍ଧ ଓ ଯୁବକ । ଖାଲି ଚନ୍ଦକା ଥାନାରୁ ସହସ୍ରାଧିକ କବାରୀ ଠେଙ୍ଗା ଧରି ଆସିଥିଲେ ଏହି ସମ୍ମିଳନୀକୁ । ଖୋର୍ଦ୍ଧାର ବଣ, କାନନ, ବରୁଣେଇ ପାହାଡମାଳା ଓ ଛୋଟବଡ ଭଗ୍ନ ଦୁର୍ଗ ଭିତରୁ ଯେପରି ଏକ ବିଶାଳ ରଣ ହୁଙ୍କାରର ପ୍ରତିଧ୍ୱନି ଦେଇଥିଲେ, ସେପରି ପ୍ରତୀତ ହେଉଥିଲା । ଅନିର୍ବଚନୀୟ ଥିଲା ଏ ଜାଗରଣ । ଏହାପରେ ଖୋର୍ଦ୍ଧାର ଚେହେରା ବଦଳିବାକୁ ଲାଗିଲା । ଏସବୁର ନିୟାମକ ଥିଲେ ବିପ୍ଳବୀ ପ୍ରାଣନାଥ ଓ ତାଙ୍କର ସହୋଦର ତୁଲ୍ୟ ଗୋକୁଳ ରାୟଚୂଡାମଣି, ଗଙ୍ଗାଧର ମିଶ୍ର, ପରଶୁରାମ, ପ୍ରମୁଖ ରଥୀ ମହାରଥୀ । ଏମାନେ ଖୋର୍ଦ୍ଧାର ଅନବଦ୍ୟ ପ୍ରାଚୀନ ଇତିହାସରେ ନୂତନ ଇତିହାସର ନୂଆ ଅଧ୍ୟାୟର ପୃଷ୍ଠାକୁ ସଂଯୋଗ କଲେ । ଇତିହାସର ରଥଚକ ଆଗକୁ ଗଡି ଚାଲିଲା । ମାତ୍ର ପ୍ରାଣନାଥଙ୍କୁ ଆହୁରି ଅନେକ ପଥ ଚାଲିବାକୁ ହେବ, ସଂଗ୍ରାମର ଦୁର୍ଗମ ପଥ ଅତିକ୍ରମ କରିବାକୁ ତାଙ୍କୁ ଓ ତାଙ୍କର ସହଯୋଦ୍ଧାମାନଙ୍କୁ ।

ବ୍ରିଟିଶ୍ ଅମଳରେ ସୀମିତ କ୍ଷମତାର ପରିସର ଭିତରେ ଗଠିତ ହୋଇଥିବା ରାଜ୍ୟ ବିଧାନସଭାକୁ ନିର୍ବାଚିତ ହେବାପରେ, ପ୍ରାଣନାଥ ପଟ୍ଟନାୟକ ଏହି ସଂସଦୀୟ ଫୋରମକୁ ଜନସାଧାରଣଙ୍କ ଦାବି ଉପସ୍ଥାପନା କରିବା କ୍ଷେତ୍ରରୂପେ ବ୍ୟବହାର କଲେ । ରେଭେନ୍ସା

Digitized by PPRACHIN, SOA

କଲେଜ ଭିତରେ ଥାଏ ବିଧାନସଭାର ଦଲ୍ । ଏହି ସମୟରେ ମେଡିକାଲରେ ଛାତ୍ର ଧର୍ମଘଟ ଏକ ବୃହତ ଛାତ୍ର ଆନ୍ଦୋଳନରେ ପରିଣତ ହୋଇଥାଏ । ଛାତ୍ର ଆନ୍ଦୋଳନ ଢରିଆରେ ଏକ ଉଦ୍‌ବେଳନ ଆସିଥାଏ । ବିଧାନସଭାରେ ଛାତ୍ରମାନଙ୍କ ଦାବି ଉଠାଇଲେ ପ୍ରାଣନାଥ ଓ ମୋହନ ଦାସ ପ୍ରମୁଖ କଂଗ୍ରେସ ବାମପନ୍ଥୀ ବିଧାୟକ । ମଠ ମହନ୍ତ ଓ ଜମିଦାରଙ୍କ ଅତ୍ୟାଚାର ବିରୋଧରେ ଚାଷୀର ସ୍ୱତ୍ୱ ଓ ଦାବି ପାଇଁ ସେମାନେ ବୈଧାନିକ ଲଢାଇ ଚଳାଇଲେ । ବାହାରେ ଗଣସଂଗ୍ରାମ ଓ ବିଧାନସଭା ଭିତରେ ଗଣଦାବି ପାଇଁ ସଂଗ୍ରାମ ଏକତ୍ର ଚଳାଇଲେ ।

■■■

Digitized by PPRACHIN, SOA

ଷଷ୍ଠ ଅଧ୍ୟାୟ

କାଶୀ ବିଦ୍ୟାପୀଠରେ ଶାସ୍ତ୍ରୀ

ପ୍ରାଣନାଥଙ୍କର ଜୀବନ ବିକାଶର ଚକ ପୁଣି ଘୂରିଗଲା । ୧୯୩୧ରେ ଗାନ୍ଧୀ ଇରଉଇନ ଚୁକ୍ତିନାମା ପରେ ସମସ୍ତ ରାଜବନ୍ଦୀ ଖଲାସ ହେବାପରେ ସେ ଚାଲିଲେ କାଶୀ । ଜୀବନର ଦୁର୍ବାର ପିପାସା ନିଜର ଅଧ୍ୟୟନ ପାଇଁ, ଜ୍ଞାନାର୍ଜନ ପାଇଁ ସେ ଚାଲିଲେ କାଶୀ ବିଦ୍ୟାପୀଠକୁ, ଯାହାକୁ ବିଶିଷ୍ଟ ମନୀଷୀ ଭଗବାନ ଦାସ ଗଢିଥିଲେ ଏକ ଜାତୀୟବାଦୀ ଶିକ୍ଷା ଓ ଜ୍ଞାନର କେନ୍ଦ୍ର ହିସାବରେ । ସେଠାରେ ଦେଶ ବିଦେଶର ଇତିହାସ, ରାଜନୀତି, ଦର୍ଶନ, ଅର୍ଥନୀତି, ସମାଜବିଜ୍ଞାନ ଓ ପ୍ରଗତିଶୀଳ ସଂସ୍କୃତି ସମ୍ବନ୍ଧରେ ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କ ଅଧ୍ୟକ୍ଷତାରେ ତାତ୍ତ୍ୱିକ ଶିକ୍ଷା ଦିଆଯାଉଥିଲା । ଭବିଷ୍ୟତ ବିପ୍ଳବ ଓ ସଂଗ୍ରାମର ଯୋଦ୍ଧା ରୂପେ ଗଢି ତୋଳିବାକୁ ଏହି ବିଦ୍ୟାପୀଠ ଥିଲା ଏକ ମହାନ୍ ତାଲିମ କେନ୍ଦ୍ର । ଓଡିଶା କମ୍ୟୁନିଷ୍ଟ ଆନ୍ଦୋଳନର ଅନ୍ୟତମ ଶ୍ରେଷ୍ଠ ଗୁରୁଚରଣ ପଟ୍ଟନାୟକ ମଧ୍ୟ ଏହି ବିଦ୍ୟାପୀଠକୁ ଶିକ୍ଷାପାଇଁ ଆସିଥିଲେ । ବିହାର କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା ଶରତ ପଟ୍ଟନାୟକ (ଯେକି ପରବର୍ତ୍ତୀ କାଳରେ ଓଡିଶାରେ କମ୍ୟୁନିଷ୍ଟ ପାର୍ଟିର ସଂପାଦକ ଓ ବରିଷ୍ଠ ନେତା ହେଲେ) ସେ ଥିଲେ ପ୍ରାଣନାଥଙ୍କର କାଶୀ ବିଦ୍ୟାପୀଠରେ ଅନ୍ୟତମ ସହପାଠୀ । କାଶୀ ବିଦ୍ୟାପୀଠରେ ପାଠପଢିବା ସମ୍ବନ୍ଧରେ ପ୍ରାଣନାଥଙ୍କ ଉକ୍ତି ଏଠାରେ ଉଲ୍ଲେଖଯୋଗ୍ୟ । "ପାଠ ନପଢିଲେ, ପଥ ନଜାଣିଲେ ଚାଲିବ କିପରି ?" ପରବର୍ତ୍ତୀ କାଳରେ ସେ ବୈପ୍ଳବିକ ସଂଗ୍ରାମର ସଠିକ ରାସ୍ତାରେ ଚାଲିବା ପାଇଁ ଜେଲଖାନା ଭିତରେ ଓ ବାହାରେ ଅସଂଖ୍ୟ କ୍ଲାସ ନେଇଛନ୍ତି । ଅସଂଖ୍ୟ ସାଥୀଙ୍କୁ ନିଜର ଆଦର୍ଶରେ ଉଦ୍‌ବୁଦ୍ଧ କରିଛନ୍ତି । ତାଙ୍କ ପାଇଁ ତତ୍ତ୍ୱ ନଥିଲା ଶୁଷ୍କ ଧୂସର ଜ୍ଞାନର ଆହରଣ । ମହାମତି ଲେନିନ୍ କହିବା ପରି ତତ୍ତ୍ୱ ଥିଲା ପ୍ରାଣନାଥଙ୍କ ପାଇଁ ସଂଗ୍ରାମ ପଥରେ ଆଗେଇ ଯିବାପାଇଁ ପଥ ପ୍ରଦର୍ଶନକାରିଣୀ ଆଲୋକବର୍ତ୍ତିକା । ସାଧାରଣ ଜୀବନ ଓ ବ୍ୟକ୍ତିକ ଜୀବନର ସଂଗ୍ରାମ ଭିତରେ ସେ

Digitized by PPRACHIN, SOA

ମତାଦର୍ଶକୁ ସଠିକ ଭାବେ ପ୍ରୟୋଗ କରିଛନ୍ତି ଏବଂ ସଂଗ୍ରାମର କଷଟି ପଥରରେ ତାଙ୍କର ତାତ୍ତ୍ୱିକ ଆଦର୍ଶ ଅଧିକ ଶାଣିତ ହୋଇଛି । କାଶୀ ବିଦ୍ୟାପୀଠରେ ପ୍ରାଣନାଥ ବିଶ୍ୱ ବିପ୍ଳବର ଖଡିପାଠ ପଢିଛନ୍ତି । ପୁଞ୍ଜିବାଦ ସାମନ୍ତବାଦୀ ଅର୍ଥନୀତି ଯୋଗୁ ଚାଲୁଥିବା ଶୋଷଣ କଷଣ ଦୂର କରି ଶାନ୍ତି, ସ୍ୱାଧୀନତା ଓ ସାମ୍ୟର ନୂତନ ସମାଜ ଗଠନ ପାଇଁ ସମାଜବାଦୀ- ସାମ୍ୟବାଦୀ ଚିନ୍ତାଧାରାର ଅନିବାର୍ଯ୍ୟତା ଉପରେ ଗଭୀର ଉପଲବ୍ଧି ମିଳିଥିଲା ତାଙ୍କୁ ଏହି ବିଦ୍ୟାପୀଠରୁ । ନିଜ ଜୀବନରେ ଅଜସ୍ର ଦୁଃଖ-କଷ୍ଟ ଦୁର୍ଯ୍ୟୋଗର ଦୁର୍ଭେଦ୍ୟ ପ୍ରାଚୀର ଲଂଘନ କଲାବେଳେ ଏହି ମହାନ ତତ୍ତ୍ୱରେ ବିଶ୍ୱାସୀ ପ୍ରାଣନାଥ କେବେହେଲେ ନିଜ ସ୍ୱାର୍ଥକୁ ଦେଖିନାହାନ୍ତି । ଦେଶ ଜାତି ସମାଜର କଥା ତାଙ୍କର ପ୍ରମୁଖ ଧ୍ୟେୟ ହୋଇଛି ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ । ତତ୍ତ୍ୱ ସହିତ, ସାଲିସହୀନ ସଂଗ୍ରାମର ସମ୍ମିଶ୍ରଣ ଘଟାଇ ସେ ଜନ ସାଧାରଣଙ୍କର ବଞ୍ଚିବାର ପ୍ରଶ୍ନ ଓ ଦେଶର ମୁକ୍ତି ସାଧନର ରାସ୍ତାରେ ଚାଲିଛନ୍ତି । ୧୯୧୭ ନଭେମ୍ବରରେ ରୁଷିଆ ଭୂଖଣ୍ଡରେ ମହାନ୍ ଅକ୍ଟୋବର ସମାଜବାଦୀ ବିପ୍ଳବର ଝଲକ ପରାଧୀନ ଭାରତବର୍ଷରେ ଯେପରି ଭାବରେ ପଡିଥିଲା ତାହା ଯୁବକ ପ୍ରାଣନାଥଙ୍କ ହୃଦୟରେ ଗଭୀର ରେଖାପାତ କରିଥିଲା । ଉତ୍କଳମଣି ଗୋପବନ୍ଧୁ ଦାସ ତାଙ୍କର ସମାଜ କାଗଜ ପୃଷ୍ଠାରେ ମହାମତି ଲେନିନ୍‌ଙ୍କୁ ତ୍ରିର ଅମର ଓ ସୋଭିଏତ୍ ବିପ୍ଳବର ବିନ୍ଧାଣୀମାନଙ୍କୁ କୋଠବାଦୀ ବୋଲି ସ୍ୱାଗତ କରିଥିଲେ । ଜଣେ କାହିଁକି କୋଟୀଶ୍ୱର ହୋଇ ପ୍ରାଚୁର୍ଯ୍ୟ ତଥା ବିଳାସରେ ରହିବ ତ ଆଉମାନେ କାହିଁକି ହାଡଭଙ୍ଗା ପରିଶ୍ରମ କରି ମଧ୍ୟ ଭୋକ ଉପାସରେ ରହିବେ । ଏହି ପ୍ରଶ୍ନକୁ ଉକ୍ତ ପ୍ରସଙ୍ଗରେ ଉତ୍କଳମଣି ନିଜ ଲେଖାରେ ଉଠାଇଥିଲେ । ତେଣୁ ଜ୍ଞାନପିପାସୁ ଓ ମାନବର ସକଳ ପ୍ରକାର ମୁକ୍ତିର ପ୍ରୟାସୀ ପ୍ରାଣନାଥ ପଟ୍ଟନାୟକ କାଶୀ ବିଦ୍ୟାପୀଠରେ ସୋଭିଏତ୍ ରାଷ୍ଟ୍ର ବିପ୍ଳବ, ଅନ୍ୟସବୁ ମୁକ୍ତି ସଂଗ୍ରାମ, ମାର୍କ୍ସ, ଏଞ୍ଜେଲେସ ଓ ଲେନିନ୍‌ଙ୍କ ଦ୍ୱାରା ପ୍ରସାରିତ ମହାନ ବୈପ୍ଳବିକ ଚିନ୍ତାଧାରା ଉପରେ ଅଧ୍ୟୟନ କରିଥିଲେ । ସାମ୍ରାଜ୍ୟବାଦର ଅର୍ଗଳ ତଳେ ଆର୍ତ୍ତନାଦ କରୁଥିବା ପରାଧୀନ ଭାରତର ଅବସ୍ଥା, ତାର ଅତୀତ ଇତିହାସ ଓ ସକଳ ପ୍ରକାର ପରାଧୀନତା କବଳରୁ ମୁକ୍ତି ପାଇବାର ରାସ୍ତା ସମ୍ବନ୍ଧରେ ସେ ଦିଗ୍‌ଦର୍ଶନ ପାଇଥିଲେ କାଶୀ ବିଦ୍ୟାପୀଠରୁ । କାଶୀ ବିଦ୍ୟାପୀଠରେ ଆଚାର୍ଯ୍ୟ ନରେନ୍ଦ୍ରଦେବଙ୍କ ତତ୍ତ୍ୱାବଧାନରେ ପ୍ରଗତିଶୀଳ ଜନସେବାର ଶିକ୍ଷା ଓ ମହାଦୀକ୍ଷା ନେଲେ ପ୍ରାଣନାଥ । ମାର୍କ୍ସବାଦୀ ତତ୍ତ୍ୱ ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦ, ଐତିହାସିକ ବସ୍ତୁବାଦ, ରାଜନୈତିକ ଅର୍ଥନୀତି, ଉଦ୍‌ବୃତ୍ତ ମୂଲ୍ୟର ବିଶେଷତ୍ୱ, ଆନ୍ତର୍ଜାତିକ ରାଜନୀତିରେ ବିଭିନ୍ନ ଘଟଣା, ଭାରତବର୍ଷର ପରାଧୀନତାର କାରଣ, ଦେଶର ମେରୁଦଣ୍ଡ—କୃଷକ ସମାଜର ଶୋଷଣର ନିରାକରଣ ରାସ୍ତା, ଭାରତର ଇତିହାସ, ସାମାଜିକ- ଅର୍ଥନୈତିକ ବିକାଶର ଧାରା ଉପରେ ବ୍ୟାପକ ଜ୍ଞାନ ଆହରଣ କରିଥିଲେ । ପ୍ରାଣନାଥ ଆଗରୁ ମୁକ୍ତି ସଂଗ୍ରାମର ଯୋଦ୍ଧା ଥିଲେ । ମାତ୍ର କାଶୀ ବିଦ୍ୟାପୀଠ ଶିକ୍ଷା ପରେ ସମତା ଓ ଆନ୍ତର୍ଜାତିକ ଭ୍ରାତୃତ୍ୱର ଭାବଧାରା ତାଙ୍କର ଓ ଅନ୍ୟ ସହପାଠୀ ଗୁରୁଚରଣ, ଶରତ୍ ପ୍ରଭୃତିଙ୍କ ଚିନ୍ତା, ଚେତନା

Digitized by PPRACHIN, SOA

ଓ କାର୍ଯ୍ୟାବଳୀକୁ ପ୍ରଭାବିତ କଲା । ଭାରତର ବିପୁଳ ଜନସାଧାରଣଙ୍କ ପାଇଁ ସମତାର ଚିନ୍ତାଧାରା ବିଶିଷ୍ଟ ସମାଜବାଦୀ ଭାବାଦର୍ଶ ପ୍ରାଣନାଥଙ୍କୁ ବେଶୀ ଭାବେ ଆକର୍ଷିତ କଲା ଦେଶର ସ୍ୱାଧୀନତା ହାସଲ ସାଙ୍ଗକୁ, କୋଟିକୋଟି ଦରିଦ୍ର କୃଷକ, କ୍ଷେତମୂଲିଆ ଓ ଶ୍ରମିକ ଶ୍ରେଣୀର ମୁକ୍ତିପାଇଁ । ଶ୍ରେଣୀ ସଂଗ୍ରାମ ଚଳାଇବାକୁ ସେ କୃତସଂକଳ୍ପ ହେଲେ । ବିଶ୍ୱ ସମାଜବାଦ ଓ ବିଶେଷତଃ ୟୁରୋପରେ ଦାନବୀ ମୁଖ ବ୍ୟାଦାନ କରି ବିଶ୍ୱ ସଭ୍ୟତାକୁ ଗ୍ରାସକରିବାକୁ ବସିଥିବା ଫାସିବାଦର ବିପଦ ସମ୍ବନ୍ଧରେ ପ୍ରତ୍ୟେକ ସାମ୍ୟବାଦୀ- ଆନ୍ତର୍ଜାତିକ ବାଦୀଙ୍କ ପରି ଏକ ଆଲୋଡନ ତାଙ୍କୁ ଉଦ୍‌ବେଳିତ କଲା । ମାର୍କ୍ସ, ଏଙ୍ଗେଲେସ ଓ ଲେନିନ୍‌ଙ୍କ ବିଭିନ୍ନ ରଚନାବଳୀ ଯାହା ପରାଧୀନ ଭାରତବର୍ଷରେ ମିଳିବା କଷ୍ଟକର ଥିଲା, ତାକୁ କୌଣସିମତେ ପାଇଗଲେ, ପ୍ରାଣନାଥ କୋଟିନିଧି ପାଇବାପରି ମନେ କରୁଥିଲେ । ତାକୁ ତନ୍ନ ତନ୍ନ କରି ଅଧ୍ୟୟନ କରୁଥିଲେ । ସେ ଭାରତରେ ଦୁର୍ଲ୍ଲଭ, ଚୋରାରେ ଦେଶ ଭିତରକୁ ଆଗତ ମାର୍କ୍ସ, ଏଙ୍ଗେଲେସଙ୍କ ଦ୍ୱାରା ପ୍ରଣୀତ ଦ୍ୱାନ୍ଦ୍ୱିକ ବସ୍ତୁବାଦ ଓ ଐତିହାସିକ ବସ୍ତୁବାଦ ଶ୍ରମିକର ଶ୍ରମଜନିତ ଉଦ୍‌ବୃତ୍ତ ମୂଲ୍ୟର ପୁସ୍ତକ ଏବଂ ଲେନିନ୍‌ଙ୍କ ବିଭିନ୍ନ ଲେଖା ପଢିଥିଲେ । ସାମ୍ରାଜ୍ୟବାଦ ହେଉଛି ପୁଞ୍ଜିବାଦର ସର୍ବୋଚ୍ଚ ଅବସ୍ଥା, ଏହି କଥା ପ୍ରାଣନାଥ ଲେନିନ୍‌ଙ୍କ ଲେଖାରୁ ଅଧ୍ୟୟନ କରିଥିଲେ । ତାରି ଭିତରୁ ଶିକ୍ଷା ଗ୍ରହଣ କରି ବ୍ରିଟିଶ ସାମ୍ରାଜ୍ୟବାଦର ଅର୍ଗଳିତଳେ ସଢୁଥିବା ଜନସାଧାରଣଙ୍କୁ ମୁକ୍ତକରିବା ଓ ବିଦେଶୀ ଦେଶୀ ଶୋଷକଙ୍କ ଶୋଷଣ, ଅତ୍ୟାଚାର, ଅନାଚାରକୁ ହଟାଇବାର ପ୍ରଶ୍ନକୁ ସେ ସ୍ୱାଧୀନତା ଅର୍ଜନ ପାଇଁ ପ୍ରବଳ ମୁକ୍ତି ସଂଗ୍ରାମ ଚଳାଇବାର ପ୍ରଶ୍ନ ସହିତ ଏକସୂତ୍ରରେ ଗ୍ରଥିତ କରିଥିଲେ । ତା ସହିତ ଦୁନିଆର ସକଳ ଉପନିବେଶର ପରାଧୀନ ମଣିଷଙ୍କର ମୁକ୍ତିର ପ୍ରସଙ୍ଗ ମଧ୍ୟ ଯୋଡିହୋଇଥିଲା । ତେଣୁ ପ୍ରାଣନାଥଙ୍କ ପାଇଁ ଜାତୀୟ କର୍ତ୍ତବ୍ୟ ଥିଲା । ଅର୍ଥାତ ଭାରତମାତାକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବାର ମହାନ କର୍ତ୍ତବ୍ୟର ଅବିଚ୍ଛେଦ୍ୟ ଅଂଗ ସହିତ ଜନତାର ଅର୍ଥନୈତିକ ମୁକ୍ତିର ପ୍ରଶ୍ନ ସମ୍ମିଳିତ ଭାବରେ ରହିଥିଲା । ପୁଣି ବିପ୍ଳବୀ ପ୍ରାଣନାଥ ଭଲଭାବେ ଜାଣିଥିଲେ ଭାରତମାତାର କୋଟି କୋଟି ଜନସାଧାରଣ, ଚାଷୀ, ମୂଲିଆ ଓ ଶ୍ରମିକମାନଙ୍କର ମୁକ୍ତିବିନା ଦେଶ—ମାତୃକାର ମୁକ୍ତି ଏକ ଅଲୀକ ଅଭୀପ୍ସା । ତେଣୁ ପ୍ରାଣନାଥ ଏହି ଜ୍ଞାନାଲୋକରେ ଉଦ୍‌ଭାସିତ ହୋଇ ଆଗେଇ ଚାଲିଥିଲେ ଦୁର୍ଗମ, ବନ୍ଧୁର ପଥରେ କଠୋର ସଂଗ୍ରାମର ରାସ୍ତାରେ । ବିଭିନ୍ନ ଦେଶର ମୁକ୍ତିସଂଗ୍ରାମ ଓ ଗରିବ ମଣିଷଙ୍କ ଶୋଷଣମୁକ୍ତ ସମାଜ ପାଇଁ ଲହୁଲୁହାଣ ସଂଗ୍ରାମରୁ ସେ ନିଜର ଲଢେଇର ରାସ୍ତାକୁ ନିରୂପଣ କରିଥିଲେ । ଇଟାଲିର ସ୍ୱାଧୀନତା ସଂଗ୍ରାମ, ମହାନ୍ ଅକ୍‌ଟୋବରବିପ୍ଳବ, ଚୀନ୍‌ର ମୁକ୍ତିସଂଗ୍ରାମ ଓ ଆୟାରଲ୍ୟାଣ୍ଡର ସିନ୍‌ଫିନ୍ ଆନ୍ଦୋଳନ, ଆମେରିକାର ଦାସତ୍ୱ ମୋଚନ ପାଇଁ ଲଢେଇ ଓ ବିଶ୍ୱ ଶ୍ରମିକ ଶ୍ରେଣୀର ସମ୍ମିଳିତ ଲଢେଇର ଘଟଣାବଳୀ ତାଙ୍କର ବିଶ୍ୱ ଦୃଷ୍ଟିକୋଣକୁ ବ୍ୟାପକ ଓ ସ୍ୱଚ୍ଛ କରିଥିଲା ।

କାଶୀ ବିଦ୍ୟାପୀଠର ଶିକ୍ଷାପ୍ରାପ୍ତି ସେତିକିବେଳେ ବନ୍ଦ ରହିଲା, ଯେତେବେଳେ

Digitized by PPRACHIN, SOA

ଗାନ୍ଧୀ-ଇରଓ୍ୱିନ ଚୁକ୍ତିର ନିର୍ଯ୍ୟାସ ସବୁ ଅକାମୀ ସାବ୍ୟସ୍ତ ହେବାପରେ ଦେଶବ୍ୟାପୀ ଆଉ ଏକ ଜାତୀୟ ଆନ୍ଦୋଳନର ସୁରୁଆତ୍ ହେଲା । କାଶୀ ଜାତୀୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷାର୍ଥୀମାନେ ଖାଲି ତତ୍ତ୍ୱ ଘୋଷିବାର ଲୋକ ନଥିଲେ । ଗାନ୍ଧୀଜୀ ଗିରଫ୍ ହେବାମାତ୍ରେ ସେମାନେ ଓ ଦେଶର ଲକ୍ଷ ଲକ୍ଷ ସଂଗ୍ରାମୀ ଆନ୍ଦୋଳନକୁ ଲମ୍ଫ ଦେଲେ । ପ୍ରାଣନାଥ ମଧ୍ୟ ଓଡ଼ିଶାକୁ ଫେରିଆସି ଆନ୍ଦୋଳନର ସଂଗ୍ରାମୀ ହେଲେ ।

କାଶୀ ବିଦ୍ୟାପୀଠ ରେ ଆଉ ଏକ ଅଭାବନୀୟ ବିଷୟ ହେଉଛି, ଏଠାରେ ପ୍ରାଣନାଥ ଭାରତରେ ଜାତୀୟ ଆନ୍ଦୋଳନର ବହୁ ତେଜସ୍ୱୀ ଯୁବନେତା, ଯେଉଁମାନେ ପରବର୍ତ୍ତୀ କାଳରେ ଭାରତର ସମାଜବାଦୀ-ସାମ୍ୟବାଦୀ ଆନ୍ଦୋଳନର ପ୍ରମୁଖ ନେତା ରୂପେ ପ୍ରତିଷ୍ଠିତ ହେଲେ, ସେମାନଙ୍କର ସଂସ୍ପର୍ଶରେ ଆସିଥିଲେ । କାଶୀ ବିଦ୍ୟାପୀଠରେ ସମସ୍ତ ବିପ୍ଳବବାଦୀଙ୍କ ସହିତ ତାଙ୍କର ସଂପର୍କ ସମ୍ବନ୍ଧରେ ପ୍ରାଣନାଥଙ୍କ ଘନିଷ୍ଠ ସହଯୋଦ୍ଧା ଗୁରୁଚରଣ ପଟ୍ଟନାୟକ କହିଛନ୍ତି "ସେଠାରେ ସେତେବେଳେ ସଂତ୍ରାସବାଦୀ ବା ଟେରରିଷ୍ଟ (ବର୍ତ୍ତମାନ ବିନା କାରଣରେ ହିଂସାକରୁଥିବା ସଂତ୍ରାସବାଦୀ ହତ୍ୟାକାରୀ ଗୋଷ୍ଠୀ ପରି ନୁହେଁ) ମାନେ ଥିଲେ କନିଷ୍ଠ ଦେଶପ୍ରେମୀ—ମାତ୍ର ବାଛି ନେଇଥିଲେ ସଶସ୍ତ୍ର ସଂଗ୍ରାମର ରାସ୍ତା । ଏଥିପାଇଁ ହସି ହସି ନିଜ ଜୀବନକୁ ବଳି ପକାଇଥିଲେ ସରକାରୀ ଗୁଳିରେ ବା ଫାଶୀର ଫନ୍ଦାରେ । ବନାରସ୍ ସେମାନଙ୍କର ଏକ ଆଡ୍‌ଡା ଥିଲା । ସେ (ପ୍ରାଣନାଥ) ମଧ୍ୟ କିଛି କାଳପାଇଁ ସେ ଦିଗକୁ ଆକୃଷ୍ଟ ହୋଇଥିଲେ । ମାତ୍ର ସେ ଚିନ୍ତାଧାରା ପରିବର୍ତ୍ତିତ ହେଲା । ରୁଷ ବିପ୍ଳବର ଧାରା ସହିତ ଲେନିନ୍‌ଙ୍କ ଚିନ୍ତାଧାରା ତାଙ୍କର ଭବିଷ୍ୟତ ରାଜନୀତିର ପଥକୁ ସଞ୍ଚାଳିତ କଲା । ମହାନ ବିଶ୍ୱ ବିପ୍ଳବୀ ଲେନିନ୍‌ଙ୍କର ବଡଭାଇ ଶାସା ସଂତ୍ରାସବାଦୀ- ଦେଶପ୍ରେମୀ ଅଭିଯୋଗରେ ଫାଶୀ ପାଇବାକୁ ଯାଉଥିବା ବେଳେ ତରୁଣ ଲେନିନ୍ ତାଙ୍କ ମା'ଙ୍କୁ ଯାହା କହିଥିଲେ, ତାହା ଥିଲା ପ୍ରାଣନାଥଙ୍କ ପାଇଁ ମନ୍ତ୍ରବାଣୀ । ଲେନିନ୍ କହିଥିଲେ, "ମା, ସେଟା ଆମ ପାଇଁ ବାଟ ନୁହେଁ" (that is not our path), ଅର୍ଥାତ୍ ଦେଶପ୍ରେମୀ କାର୍ଯ୍ୟପାଇଁ ଲେନିନ୍‌ଙ୍କ ଭାଇ ଭୁଲ ରାସ୍ତା ବାଛି ନେଇଥିଲେ । ଗୋଟେ ଅଧେ ଅତ୍ୟାଚାରୀଙ୍କୁ ମାରିଦେଲେ କିଛି ହେବନାହିଁ । ଶୋଷଣ, କଷଣ, ଦାସତ୍ୱର ହେତୁ ଶାସନ ବ୍ୟବସ୍ଥା, ତାର ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ବ୍ୟବସ୍ଥାକୁ ଭାଙ୍ଗି ଚୂରମାର କରିଦେଲେ ଶୋଷଣ, ନିସ୍ପେଷଣ ଓ ଦାସତ୍ୱର ବେଢ଼ି କଟିବ । ଶେଷକୁ ଖୁବ୍ କମ୍‌ରକ୍ତ ପାତରେ ଓ ଗଣବିପ୍ଳବର ଜୁଆର ଛୁଟାଇ ଲେନିନ୍ ରାଜତନ୍ତ୍ର ଓ ଶୋଷଣ କଷଣର ଶାସନର ଅବସାନ ଘଟାଇଲେ । କୃଷକ ଶ୍ରମିକର ରାଷ୍ଟ୍ର ସୋଭିଏତ୍ ଗଢ଼ିଉଠିଲା ।

ଭାରତର ସ୍ୱାଧୀନତା ସଂଗ୍ରାମ ଚଳାଇବା ସାଙ୍ଗକୁ ସମତାଳରେ ଗରିବ, ଚାଷୀ, ମୂଲିଆ ଓ ଶ୍ରମିକମାନଙ୍କ ଅର୍ଥନୈତିକ ମୁକ୍ତି ପାଇଁ ଦେଶର ପ୍ରମୁଖ ଜାତୀୟବାଦୀ ସଂଗଠନ କଂଗ୍ରେସ ଭିତରେ ଏ ବିଷୟରେ ଚିନ୍ତା କରୁଥିବା ସତୀର୍ଥ ସାଥୀମାନେ ୧୯୩୪ ମଇମାସ ୨୮ ତାରିଖରେ ଗୟାଠାରେ ପ୍ରଥମେ କଂଗ୍ରେସ ସମାଜବାଦୀ ସମ୍ମିଳନୀ

Digitized by PPRACHIN, SOA

ବସାଇଲେ । ଭୂ-ସଂସ୍କାର, ଜମି ଉପରେ ଚାଷୀର ଅଧିକାର, ମୂଲିଆ, ପାଇଟିଆଳଙ୍କୁ ଉପଯୁକ୍ତ ମଜୁରି, ବେଠି ଗୋତି ପ୍ରଥାର ବିଲୋପ ଓ ରାଜା, ଜମିଦାର, ମହନ୍ତମାନଙ୍କର ଅତ୍ୟାଚାର ଶୋଷଣର ଅବସାନ, ଶ୍ରମିକ ସଂଗଠନକୁ ବ୍ୟାପକ କରି ମିଲ-ମାଲିକର ଅତ୍ୟାଚାର ଶୋଷଣ, ଛଟେଇରୁ ସେମାନଙ୍କୁ ରକ୍ଷା କରିବାର ମହାନ୍ ଲକ୍ଷ୍ୟକୁ ଘୋଷଣା କଲା ଐତିହାସିକ ଗୟା ସମ୍ମିଳନୀ । ଏହା ବିରୋଧରେ କଂଗ୍ରେସ ଭିତରେ ଥିବା ରକ୍ଷଣଶୀଳ ଗୋଷ୍ଠୀ ବଡ ଜମିଦାରକୁଳ ଓ ପୁଞ୍ଜିପତିମାନେ ନାସିକା କୁଞ୍ଚନ କଲେ । ମାତ୍ର ସମାଜତାତ୍ତ୍ୱିକ ପରିବର୍ତ୍ତନକୁ ଭବିଷ୍ୟତର ସ୍ୱାଧୀନ ଭାରତରେ ଆଣିବା ପଛରେ ମାର୍କ୍ସବାଦୀ ଲେନିନବାଦୀ ଚିନ୍ତାଧାରା ଓ ଜାତୀୟ ମୁକ୍ତିପାଇଁ ଗାନ୍ଧିଜୀଙ୍କ ଚିନ୍ତାଧାରାରେ ସମ୍ମିଳିତ ଧାରା କାମ କରୁଥିଲା । ପ୍ରସିଦ୍ଧ ଜର୍ମାନ ଦାର୍ଶନିକ କେଣ୍ଟ୍ ଏକଦା କହିଥିଲେ 'ସମତାର ଭାବଧାରାରୁ ସ୍ୱାଧୀନତା ଆସେ ଓ 'ସ୍ୱାଧୀନତାରୁ ସମତାର ଜନ୍ମ' । (Freedom emanates from equality and equality emanates from freedom) ଗୟାର କଂଗ୍ରେସ ସମାଜବାଦୀ ଦଳ (ଯାହାକି ମୂଳ କଂଗ୍ରେସ ଦଳର ଅନ୍ତର୍ଭୁକ୍ତ ଥିଲା)ର ସମ୍ମିଳନୀ ସରିବା ପରେ ୧୯୩୪ ସାଲ୍ ଜୁନ୍ ୫ ତାରିଖରେ ଓଡିଶାର କଟକଠାରେ ବରିଷ୍ଠ କଂଗ୍ରେସ ନେତା ନବକୃଷ୍ଣ ଚୌଧୁରୀଙ୍କ ନେତୃତ୍ୱରେ କଂଗ୍ରେସ- ସାମ୍ୟବାଦୀ ସମ୍ମିଳନୀ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଥିଲା । ପ୍ରାଣନାଥ ପଟ୍ଟନାୟକ ଏହାର ଅଧିବେଶନରେ ସଭାପତିତ୍ୱ କରିଥିଲେ । ଗୟା ସମ୍ମିଳନୀର ଅନୁରୂପ କାର୍ଯ୍ୟକ୍ରମ ଓ ଘୋଷଣାବଳୀ ଓଡିଶା ସମ୍ମିଳନୀ ପ୍ରକାଶ କଲା । ଓଡିଶାରେ ଖଟିଖିଆ ଆନ୍ଦୋଳନର ମହାନ୍ ଯୋଦ୍ଧା ଭଗବତୀ ଚରଣ ପାଣିଗ୍ରାହୀ ଏହାର ସାଧାରଣ ସଂପାଦକ ରୂପେ ନିର୍ବାଚିତ ହୋଇଥିଲେ । ଅନ୍ୟ ସଭ୍ୟମାନଙ୍କ ମଧ୍ୟରେ ନବକୃଷ୍ଣ ଚୌଧୁରୀ, ଗୁରୁଚରଣ ପଟ୍ଟନାୟକ, ଗୋକୁଳ ଚରଣ ରାୟଚୂଡାମଣି, ମାଳତୀ ଚୌଧୁରୀ, ସୁରେନ୍ଦ୍ର ନାଥ ଦ୍ୱିବେଦୀ, ମୋହନ ଦାସ, ଗତିକୃଷ୍ଣ ସ୍ୱାଇଁ, ପରଶୁରାମ ପଦାତିକରାୟ, ଗଙ୍ଗାଧର ମିଶ୍ର, ଫନି ପାଲ, ରବି ଘୋଷ, ଗୌରାଙ୍ଗ ଚରଣ ଦାସ ଓ ସୁଧୀର ଘୋଷ ପ୍ରମୁଖ ସଦସ୍ୟ ରହିଲେ । ନବକୃଷ୍ଣ ଚୌଧୁରୀ ନିଜର ଯତ୍ କିଞ୍ଚିତ ଜମି, କ୍ଷୁଦ୍ର ଜମିଦାରୀର ଅଂଶ ଏହି ସଂଘ ହାତରେ ସମର୍ପଣ କରିଥିଲେ । ନବବାବୁଙ୍କ ପତ୍ନୀ ମାଳତୀ ଚୌଧୁରୀ ନିଜର ଗହଣା ଗୁଡିକ ସଂଘ କାମ ପାଇଁ ଦେଇଥିଲେ । ଏହି ଗହଣା ଲବ୍ଧ ଧନକୁ ପୁଞ୍ଜିକରି ଆତ୍ମପ୍ରକାଶ କଲା ନୂତନ ଧାରାର ସାପ୍ତାହିକ 'ସାରଥି' । ଓଡିଶାର ଅସାମାନ୍ୟ ପ୍ରତିଭା ଭଗବତୀ ଚରଣ, ଗୁରୁଚରଣ ଓ ପ୍ରାଣନାଥ ପ୍ରମୁଖଙ୍କ ଚିନ୍ତାସମୃଦ୍ଧ ଲେଖାରେ 'ସାରଥି' ସମୃଦ୍ଧ ହେଲା । ୧୯୩୪ ଜୁନ୍ ୫ କଂଗ୍ରେସ ସାମ୍ୟବାଦୀ ସଂଗଠନର ଅଧିବେଶନର ସଭାପତି ଭାବେ ପ୍ରାଣନାଥ ଯେଉଁ ବକ୍ତବ୍ୟ ରଖିଥିଲେ, ତାହା ମଧ୍ୟ ସାରଥିରେ ପ୍ରକାଶିତ ହୋଇଥିଲା ।

ବ୍ରିଟିଶ୍ ଶାସନ କାଳରେ ପ୍ରାଣନାଥ ସ୍ୱାଧୀନତା ଆନ୍ଦୋଳନ ଓ ଚାଷୀ ମୂଲିଆ ଶ୍ରେଣୀର ଆନ୍ଦୋଳନ କରିବା ହେତୁ କେତେ କଷଣ ସହିଛନ୍ତି ଓ କାରାର ମେଘନାଦ

Digitized by PPRACHIN, SOA

ପ୍ରାଚୀର ଭିତରେ ବର୍ଷ ବର୍ଷ ଧରି ଜେଲ୍‌ଦଣ୍ଡ ଭୋଗିଛନ୍ତି । ଏକଥା ଶୁଣିବାବେଳକୁ ଆଶ୍ଚର୍ଯ୍ୟ ଲାଗେ । କାରାଗାରରେ ଶ୍ରୀକୃଷ୍ଣଙ୍କ ଏକୁଡିଶାଳ ଥିଲା ବୋଲି ଭାଗବତରେ ବର୍ଣ୍ଣିତ ହେବାପରି ପ୍ରାଣନାଥ ଜେଲଖାନାରେ ସଂଗ୍ରାମର ଅଗ୍ନିଶିଖା ଭିତରେ ଉଜ୍ଜ୍ୱଳ ବ୍ୟକ୍ତିତ୍ୱ ଧରି ଠିଆହେଲେ । ଜେଲ୍‌ଖାନାର ଅସ୍ୱାସ୍ଥ୍ୟକର ନିଭୃତ ସେଲ୍ ଭିତରେ ବସି ସେ ଭାବିଛନ୍ତି ପଛରେ ଛାଡ଼ି ଆସିଥିବା ଲକ୍ଷ ଲକ୍ଷ ଭାଗ୍ୟହୀନ, ଅସହାୟ ଅତ୍ୟାଚାରିତ ଶୋଷିତ ଚାଷୀ ମୂଲିଆର ଦୁଃଖକଷ୍ଟ ସମ୍ବନ୍ଧରେ ଓ ଆଙ୍କିଛନ୍ତି ସେମାନଙ୍କର ମୁକ୍ତିର ନକ୍ସାକୁ । ଖୋଦ୍ ବ୍ରିଟିଶ୍ ଶାସନ କାଳରେ ସେ ୧୯୩୦, ୧୯୩୧, ୧୯୩୨, ୧୯୩୯, ୧୯୪୦, ୧୯୪୨ ଓ ୧୯୪୫ରେ ବାରମ୍ବାର ଜେଲ୍ ଯାଇଛନ୍ତି । କାରାଗାରର ଲୌହ ଫାଟକ ସେପାଖେ ତାଙ୍କ ଯୌବନ ଓ ଜୀବନର ବର୍ଷ ପରେ ବର୍ଷ, ମାସ ପରେ ମାସ କଟିଯାଇଛି । ପୁନଶ୍ଚ ଦେଶ ୧୯୪୭ ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ପାଇବା ପରେ, ପୁରୁଣା ଗୋରା ମାଲିକ ବଦଳରେ ନୂତନ କଳା ମାଲିକ ଶୋଷକ ଆସିବା ଫଳରେ ଚାଷୀ ମୂଲିଆ ଶ୍ରେଣୀର ଅର୍ଥନୈତିକ-ସାମାଜିକ ଶୋଷଣ କଷଣ ଦୂର ନହେବା ଦେଖି ମହାନ୍ ସ୍ୱାଧୀନତା ଯୋଦ୍ଧା ପ୍ରାଣନାଥଙ୍କ ପ୍ରାଣରେ ଦୁଃଖ ଉଚ୍ଛ୍ୱାସ ଉଠିଛି ଓ ସେ ବିଦ୍ୟମାନ ବୈଷମ୍ୟଯୁକ୍ତ ଅର୍ଥନୈତିକ ବ୍ୟବସ୍ଥା ବିରୋଧରେ ଲଗାତାର ପ୍ରବଳ ସଂଗ୍ରାମରେ ପ୍ରବୃତ୍ତ ହୋଇଛନ୍ତି । ସ୍ୱାଧୀନ ଭାରତରେ ଦେଶର ସ୍ୱାଧୀନତା ପାଇଁ ସ୍ୱାର୍ଥକୁ ଆହୁତି ଦେଇଥିବା ପ୍ରାଣନାଥ ପୁଣି ବର୍ଷ ବର୍ଷ କାରାବରଣ କରିଛନ୍ତି । ସରକାରରେ ରହି ମନ୍ତ୍ରୀ ଶାସକ ହେବାର ପ୍ରବୃତ୍ତି ତାଙ୍କୁ କର୍ତ୍ତବ୍ୟ ପଥରୁ ବିରତ କରିନାହିଁ । ତାହା ହେଉଛି ଏକ ଲକ୍ଷଣୀୟ ବିଷୟ । ତ୍ୟାଗରେ ଜୀବନ ବିତାଇବା, ଭୋଗ ଓ ପଦ ପଦବୀକୁ ପାଦରେ ଦଳିଦେବା ଥିଲା ତାଙ୍କର ଆଦର୍ଶ । ପୁରୀ ଜେଲରେ ପ୍ରାଣନାଥ ବନ୍ଦୀ ହୋଇଥିବା ବେଳେ ଶ୍ୱଶୁର କୃଷ୍ଣମୋହନ ଅସୁସ୍ଥ ହୋଇ ପ୍ରାଣତ୍ୟାଗ କରିଛନ୍ତି । ଅସୁସ୍ଥ ଶ୍ୱଶୁରଙ୍କୁ ଦେଖି ଯିବାକୁ ପ୍ରାଣନାଥ ବାବୁ ସ୍ୱଳ୍ପ ଦିନର ପ୍ୟାରୋଲ ଚାହିଁଛନ୍ତି । ମାତ୍ର ତାହା ମିଳିପାରିନାହିଁ । ପିତାଙ୍କ ମୃତ୍ୟୁପରେ ମଂଜରୀ ଦେବୀ ଆସିଛନ୍ତି ଜେଲ୍ ଫାଟକ ପାଖକୁ । ସ୍ୱାମୀଙ୍କ ଠାରୁ ମିଳିଛି ସାନ୍ତ୍ୱନା । ଆଖିରେ ଲୁହକୁ ଚାପି ପ୍ରାଣନାଥ ସେ ଦୁଃଖ ସହିଛନ୍ତି ।

ପୂର୍ବରୁ ଜାତୀୟ ସ୍ୱାଧୀନତା ଆନ୍ଦୋଳନରେ ପ୍ରାଣନାଥ ପଟ୍ଟନାୟକ କିପରି ନିର୍ଭୀକ ଭାବେ ସଂଗ୍ରାମୀର ଭୂମିକା ନେଇ ଆସିଥିଲେ ତାହା ପରବର୍ତ୍ତୀ ପର୍ଯ୍ୟାୟରେ ଆନ୍ଦୋଳନର ତ୍ରିପଥଗା ଗଙ୍ଗାନଦୀର ଧାରା ଭଳି ବହୁମୁଖୀ ହୋଇଥିଲା । ସର୍ବ ଭାରତୀୟ ସ୍ତରରେ ଲକ୍ଷ୍ନୌଠାରେ କଂଗ୍ରେସ ଅଧିବେଶନ ପରେ ଅଖିଳ ଭାରତ କୃଷକ ସଭା ଏକ ପ୍ରମୁଖ ସଙ୍ଗଠନ ରୂପେ ମୁଣ୍ଡ ଟେକିଲା । ତାପରେ ପୁରୀ ଜିଲ୍ଲାର କୃଷକ ସଭାର ଏକ ସମ୍ମିଳନୀ ଗୋପ ଥାନାର ନୂଆହାଟ ଠାରେ ଗତିକୃଷ୍ଣ ସ୍ୱାଇଁ, ଲୋକନାଥ ରାଏ, ବଳରାମ ପାଇକରାୟ ଓ ମୋହନ ଦାସ ପ୍ରମୁଖଙ୍କ ନେତୃତ୍ୱରେ ସଙ୍ଗଠିତ ହେଲା । ପ୍ରାଣନାଥ, ସାଧୁଚରଣ ମହାନ୍ତି, ଗୋକୁଳ ରାୟଚୂଡ଼ାମଣି, ଭଗବତୀ ଚରଣ ଓ ଗୁରୁଚରଣ ପ୍ରମୁଖ

Digitized by PPRACHIN, SOA

କଂଗ୍ରେସ ସାମ୍ୟବାଦୀ ନେତୃବର୍ଗ ଏଥିରେ ଯୋଗ ଦେଇଥିଲେ । ଝଡ଼ବର୍ଷାର ଘୋର ପ୍ରତିବନ୍ଧକ ସତ୍ତ୍ୱେ କୃଷକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ହଜାର ହଜାର ଲୋକ ଭାଗ ନେଇଥିଲେ । ପୁରୀ ଜିଲ୍ଲାର କୃଷକମାନଙ୍କ ମଧ୍ୟରେ ଏହି ସମ୍ମିଳନୀ ନାହିଁ ନଥିବା ଜାଗରଣ ସୃଷ୍ଟି କରିଥିଲା । ବେଠି. ତଉଟି, ଦେ । ଛାଡ (ରୋସମ୍ ହେଉଛି ପ୍ରଜା ଜମି ବିକ୍ରି କଲେ ମିଳୁଥିବା ଦାମ୍‌ର ଶତକଡା ୨୫ ଭାଗ ଜମିଦାରଙ୍କୁ ଦେବା) 'ଗଛ ମାଛ ଉପରେ' ପ୍ରଜାର ଅଧିକାର ଦେବା ପ୍ରଥମ ଦାବି, ଯାହାପରେ ହିଁ କୃଷକ ଆନ୍ଦୋଳନ ଆରମ୍ଭ ହେଲା । ତା ପରେ ପରେ ମଠ ଜମି କୋଠ ହେଉ, ଲଙ୍ଗଳ ଯାର ଜମି ତାର, ଅନ୍ୟାୟ ଖଜଣା, ସିସ୍ତ ପାନୁ ଚାଷୀ ଦେବନାହିଁ ବୋଲି ଆନ୍ଦୋଳନ ଚଳାଇଲା କୃଷକସଭା । ଜୀବନର ଶେଷ କାଳ ପର୍ଯ୍ୟନ୍ତ ପ୍ରାଣନାଥ ଶୋଷିତ ଗରିବ, ମଧ୍ୟମବର୍ଗର ଚାଷୀ ଓ କ୍ଷେତମୂଲିଆଙ୍କ ପାଇଁ ଲଢି ଯାଇଛନ୍ତି । ତା'ର ସଙ୍ଗଠନ (କୃଷକସଭା)ର ଅଧ୍ୟକ୍ଷ ରହିଛନ୍ତି । ସେମାନଙ୍କ ପାଇଁ କାରାବରଣ କରିଛନ୍ତି । ଭୋକ ଉପାସରେ ରହିଛନ୍ତି । ମନରେ ଗଭୀର ପ୍ରତ୍ୟୟ ଓ ଆତ୍ମବିଶ୍ୱାସ ଯେ କୃଷକର ସଂଗ୍ରାମ ସଫଳ ହେବ । ପ୍ରାଣନାଥ ବାବୁ ଇତିହାସର ସେହି କ୍ଷଣରେ କ'ଣ କହୁଥିଲେ, ତା'ର ନିଦର୍ଶନ ମିଳେ ପ୍ରଖ୍ୟାତ ଗାଳ୍ପିକ ଅଖିଳ ମୋହନ ପଟ୍ଟନାୟକଙ୍କ ଲେଖାରୁ, "ଗିରଫ୍ ହୋଇ ଜେଲ୍ ଯିବାବେଳେ ପ୍ରାଣନାଥ କହୁଥିଲେ ସବୁଦିନ କାହାର ପୁଷମାସ ପଡେ ନାହିଁ । ଏମାନଙ୍କୁ ଦିନେ ନା ଦିନେ ତାଙ୍କ ଗାଦୀରୁ ଓହ୍ଲେଇ ଆସିବାକୁ ପଡିବ । ଏମାନଙ୍କୁ ଆମେ ଚାନ୍ଦମାରୀ ପଡିଆରେ ବିଚାର କରିବୁ ।" ପୁଣି ଅଖିଳ ମୋହନ କହିଛନ୍ତି, "ମୁଁ ବୁଝିଲି ଯେ ଜମିଦାରମାନଙ୍କ ବିରୋଧରେ ପ୍ରାଣନାଥ ବାବୁଙ୍କ କୌଣସି ବ୍ୟକ୍ତିଗତ ଆକ୍ରୋଶ ନାହିଁ ଓ ସେଥିପାଇଁ ସେ କମ୍ୟୁନିଷ୍ଟ ପ୍ରାଣନାଥ ପଟ୍ଟନାୟକ ଉପାଧିରେ ଭୂଷିତ । ବାସ୍ତବରେ ସେ ଥିଲେ ଖୋର୍ଦ୍ଧା ମାଟିର ଆଦରର ପାତ୍ର, ତେଣୁ ତାଙ୍କର ଏହି ପରିଚୟ ଥିଲା ପ୍ରାଣନାଥଙ୍କ ଯଥାର୍ଥ ସମ୍ମାନ ।"

କାଶୀ ବିଦ୍ୟାପୀଠରେ ପ୍ରାଣନାଥ ଯେଉଁ ମହାନ୍ ଶିକ୍ଷା ଆହରଣ କରିଥିଲେ, ସେଥିରେ ମାର୍ଗ ସମ୍ବନ୍ଧରେ ସ୍ୱଷ୍ଟ ଧାରଣା ଆସିଥିଲା । ଭାରତ, ବିଶ୍ୱ ଓ ଓଡିଶାର ସାମାଜିକ, ରାଜନୈତିକ, ଅର୍ଥନୈତିକ ଓ ମାନବିକ ସମସ୍ୟାକୁ ବୁଝିବା ପାଇଁ ଯେଉଁ ଅବବୋଧ ଆବଶ୍ୟକ, ତାହା ପ୍ରାଣନାଥ, ଗୁରୁଚରଣ ପ୍ରଭୃତି କାଶୀ ବିଦ୍ୟାପୀଠର ବିଦ୍ୟାର୍ଥୀମାନେ ଶିକ୍ଷା କରିଥିଲେ । ସେହି ଶିକ୍ଷା ଥିଲା "ପାପକୁ ଘୃଣା କର, ପାପୀକୁ ନୁହେଁ" । ତେଣୁ ପ୍ରାଣନାଥ ପୁରୀ ଓ ଖୋର୍ଦ୍ଧାର ମହା ବଳବାନ୍ ଜମିଦାର, ମହାଜନ ଓ ସର୍ବରାକାରମାନଙ୍କର ବିରୋଧରେ ତୀବ୍ର ଶ୍ରେଣୀ-ସଙ୍ଘର୍ଷରେ ବ୍ୟାପୃତ ଥିବା ବେଳେ ତାଙ୍କ ମନରେ କୌଣସି ପରିପନ୍ଥୀ ବ୍ୟକ୍ତିର ବ୍ୟକ୍ତିଗତ ହାନି କରିବା ବା କୁତ୍ସା ଅସୂୟା ପ୍ରଚାର କରିବାର ଧାରଣା କେବେ ଆସି ନଥିଲା । ର୍ଶ ନୀତିନିଷ୍ଠ ଥିଲା ତାଙ୍କର ସାମଗ୍ରିକ ମନୋଭାବ । କାଶୀ ବିଦ୍ୟାପୀଠର ଏକ ବ୍ୟାପକ ବିଶ୍ୱ ଦୃଷ୍ଟିକୋଣ ପ୍ରାଣନାଥଙ୍କୁ ସଞ୍ଚାଳିତ କରୁଥିଲା, ଯାହାର କଷଟି ପଥରରେ ସେ ପ୍ରତ୍ୟେକ ଗଣ ସମସ୍ୟା, ଦେଶର

Digitized by PPRACHIN, SOA

ସ୍ୱାଧୀନତା ପ୍ରାପ୍ତିର ମାର୍ଗ, ସ୍ୱାଧୀନତାର ପ୍ରକୃତ ତାତ୍ପର୍ଯ୍ୟ, ସାମ୍ରାଜ୍ୟବାଦର ଗତିଧାରା, ବିଶ୍ୱ ପୁଞ୍ଜିବାଦର ସଙ୍କଟ, ଯୁଦ୍ଧ, ଶାନ୍ତିର ପ୍ରଶ୍ନଠାରୁ ଆରମ୍ଭ କରି ଚାଷୀ ପାଇଁ ଜମି, ଜମିର ଉର୍ବରତା ବୃଦ୍ଧି ପାଇଁ ଜଳ ସେଚନର ସୁବିଧା, ମୂଲିଆ ପାଇଁ ଉପଯୁକ୍ତ ମଜୁରି ଇତ୍ୟାଦି ବହୁବିଧ ପ୍ରଶ୍ନର ପରୀକ୍ଷା ନିରୀକ୍ଷା କରି ପାରୁଥିଲେ ଓ ଠିକ୍ ସିଦ୍ଧାନ୍ତରେ ଉପନୀତ ହେଉଥିଲେ । ତେଣୁ ଶିକ୍ଷା ଥିଲା ପ୍ରାଣନାଥଙ୍କ ପାଇଁ ବାସ୍ତବ ସଂଗ୍ରାମର ସଠିକ ମାର୍ଗ ପ୍ରଦର୍ଶକ । ଆଚାର୍ଯ୍ୟ ନରେନ୍ଦ୍ରଦେବ ପୁରୀ ଆସିବା ଅବକାଶରେ ଭଗବତୀ ବାବୁଙ୍କ ପ୍ରୟାସରେ ପୁରୀରେ ତାଙ୍କର ରାମଚଣ୍ଡୀ ସାହିସ୍ଥ ଘରେ ଭଗବତୀ, ପ୍ରାଣନାଥ, ଗୁରୁଚରଣ, ଗୋକୁଳ ମୋହନ ପ୍ରଭୃତିଙ୍କୁ ଯେଉଁ ଶିକ୍ଷା ଦେଇଥିଲେ ସେଥିରେ ଆନ୍ତର୍ଜାତିକ ବ୍ୟାପାର, ପୁଞ୍ଜିବାଦର ସଙ୍କଟର ଘମାଘୋଟ ଆବର୍ତ୍ତ, ଯୁଦ୍ଧ ଶାନ୍ତିର ସମସ୍ୟା ଠାରୁ ଆରମ୍ଭ କରି ଭାରତ ଇତିହାସ, ଦେଶର ସାମାଜିକ ଇତିହାସ, ଜାତି ବଦଳରେ ଶ୍ରେଣୀ, ଧନ୍ଦା ମୂଳକ ଶ୍ରେଣୀ ବ୍ୟବସ୍ଥା, ଭୂ-ସଂସ୍କାର, ଭାରତର ଅନୈକ୍ୟର ଐତିହାସିକ କାରଣ ପ୍ରଭୃତି ଥିଲା । ସମସ୍ୟାର ପ୍ରସଙ୍ଗ ଉଠାଇ ତାର ସମାଧାନର ପନ୍ଥା ବାହାର କରିବାକୁ, ବାସ୍ତବ କାର୍ଯ୍ୟକ୍ରମରେ ଡେଇଁ ପଡ଼ିବାକୁ ସେ ଛାତ୍ରମାନଙ୍କୁ ଉତ୍ସାହିତ କରୁଥିଲେ । ସେତେବେଳେ ନରେନ୍ଦ୍ର ଦେବଙ୍କ ପାଖରେ କାର୍ଲମାର୍କ୍ସଙ୍କ ପ୍ରସିଦ୍ଧ ନିବନ୍ଧ (Asian mode of production) ''ଏସୀୟାଧାରାର ଉତ୍ପାଦନ'' ପହଁଚି ଥିଲା କି ନାହିଁ ଜଣା ନାହିଁ । ମାତ୍ର ସାମାଜିକ ଅର୍ଥନୈତିକ ବୈଷମ୍ୟର ସମାଧାନ ସୂତ୍ର ପ୍ରାୟ ତାଙ୍କର ସେହିପରି ଥିଲା । ମାର୍କ୍ସଙ୍କ ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦୀ ଚିନ୍ତନ,ଐତିହାସିକ ଦ୍ୱନ୍ଦ୍ୱର ଚିନ୍ତନ ଧାରାର ଇତିହାସର ବିବର୍ତ୍ତନକୁ ବିପ୍ଳବର ରାସ୍ତାକୁ ଯେପରି ଦେଖାଇଥିଲେ ଓ ସେଥିରୁ ସାର୍ବଜନୀନ, ସର୍ବକାଳୀନ ଯେଉଁ deduction ବା ସମ୍ପାଦ୍ୟ ବାହାରୁଥିଲା, ପ୍ରାଣନାଥ ତାକୁ ଠିକ୍ ଭାବେ ବୁଝି ଗଣସମସ୍ୟା ଉପରେ ପଦକ୍ଷେପ ନେଉଥିଲେ । କେବଳ କାଶୀ ବିଦ୍ୟାପୀଠର ଶାସ୍ତ୍ରୀ ହୋଇ ଶାସ୍ତ୍ର ସେ ଚୋବାଉ ନଥିଲେ, ତାହାକୁ କାର୍ଯ୍ୟତଃ ଠିକ୍ ଭାବେ ଉପଯୋଗ କରିବାରେ ସେ ବ୍ରତୀ ଥିଲେ ।

■■■

Digitized by PPRACHIN, SOA

ସପ୍ତମ ଅଧ୍ୟାୟ

ବ୍ୟବସ୍ଥାସଭାରେ ପ୍ରାଣନାଥ

୧୯୩୬ ମସିହାରେ ବିଧାନସଭା ନିର୍ବାଚନରେ ପ୍ରାଣନାଥ ପଟ୍ଟନାୟକ ଜୟଯୁକ୍ତ ହେବାରେ ବିଶେଷତ୍ୱ ଥିଲା ଏହା ଯେ ଖୋର୍ଦ୍ଧାର ପ୍ରତ୍ୟେକ ଜନ-ସାଧାରଣ, ସେମାନେ ନିଜେ ଯେ ଜୟଯୁକ୍ତ ହୋଇଛନ୍ତି—ଏକଥା ଅନୁଭବ କରିଥିଲେ । ହଁ, ପ୍ରାଣନାଥ ଥିଲେ ସେମାନଙ୍କର ଅଭୀପ୍ସା, ଆଶା ଆକାଂକ୍ଷାର ପ୍ରତୀକ ନିର୍ବାଚିତ ପ୍ରତିନିଧି । ନିରହଙ୍କାର ଚରିତ୍ରର ପ୍ରାଣନାଥ ଠିକ୍ ଏହାହିଁ ଅନୁଭବ କରିଥିଲେ । ଓଡ଼ିଶାରେ କଂଗ୍ରେସର ବିପୁଳ ବିଜୟରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ 'ସାବାସ୍' ସାଧୁବାଣୀ ଆସିଥିଲା । ଓଡ଼ିଶାର ଛଅଗୋଟି ଜିଲ୍ଲା କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ, କୋରାପୁଟ ଓ ସମ୍ବଲପୁରରେ ସର୍ବମୋଟ ୬୦ଟି ଆସନରୁ ୫୬ଟି ଥିଲା ନିର୍ବାଚନ ପାଇଁ ଉଦ୍ଦିଷ୍ଟ ଆସନ । ଆଉ ଚାରିଗୋଟି ଆସନ ଥିଲା ମନୋନୀତ- ଆଦିବାସୀମାନଙ୍କ ପାଇଁ ଆସନ । ଛପନଟି ନିର୍ବାଚିତ ଆସନରୁ ୪୧ଟି ଥିଲା ସାଧାରଣ, ୬ଟି ଥିଲା ଅନୁସୂଚିତ ଜାତିମାନଙ୍କ ପାଇଁ, ଦୁଇଟି ମହିଳା, ଦୁଇଟି ଜମିଦାର ଶ୍ରେଣୀଙ୍କ ପାଇଁ, ଚାରିଗୋଟି ଆସନ ମୁସଲ୍‌ମାନ୍‌ମାନଙ୍କ ପାଇଁ ଓ ଗୋଟିଏ ଆସନ ଖ୍ରୀଷ୍ଟିୟାନମାନଙ୍କ ପାଇଁ ।

କଂଗ୍ରେସ ବିପୁଳ ସଂଖ୍ୟାଗରିଷ୍ଠତାରେ ବିଜୟଲାଭ କରିସାରିବା ପରେ, ଗଞ୍ଜାମର ପୁରୁଖା ନେତା ବିଶ୍ୱନାଥ ଦାସ କଂଗ୍ରେସ ବିଧାୟକ ଦଳର ନେତାରୂପେ ନିର୍ବାଚିତ ହୋଇ ପ୍ରଧାନମନ୍ତ୍ରୀ ଭାବରେ ମନ୍ତ୍ରିମଣ୍ଡଳ ଗଠନ କରିବାପାଇଁ ୧୯୩୭ ମାର୍ଚ୍ଚ ୨୭ ତାରିଖରେ ପ୍ରାଦେଶିକ ଗଭର୍ଣ୍ଣରଙ୍କ ଦ୍ୱାରା ଆମନ୍ତ୍ରିତ ହେଲେ । ଓଡ଼ିଶା ସମେତ ଭାରତର ଅଧିକାଂଶ ପ୍ରଦେଶରେ କଂଗ୍ରେସ ମଧ୍ୟ ଜୟଯୁକ୍ତ ହୋଇ ସରକାର ଗଠନ କରିବାପାଇଁ ପ୍ରସ୍ତୁତ ହେଉଥିଲା । ମାତ୍ର ୧୯୩୫ରେ ଗୃହୀତ ଶାସନ ଖସଡ଼ାରେ ପ୍ରାଦେଶିକ ଗଭର୍ଣ୍ଣରମାନଙ୍କୁ ଏକ ଅବାଞ୍ଛିତ, ଅତିରିକ୍ତ ଭିଟୋ କ୍ଷମତା ଦିଆ ଯାଇଥିଲା, ଯାହା ଫଳରେ ସଂଖ୍ୟାଗରିଷ୍ଠ ଜନପ୍ରତିନିଧିମାନଙ୍କ ଦ୍ୱାରା ଗୃହୀତ ଯେ କୌଣସି ବିଲ୍ ବା

Digitized by PPRACHIN, SOA

ପ୍ରସ୍ତାବକୁ ଗଭର୍ଣ୍ଣର ଇଚ୍ଛା କଲେ ଭିଟୋ ବଳରେ ଉଡ଼ାଇ ଦେଇ ପାରିବେ ବୋଲି ଆଶଙ୍କା ଥିଲା । ତେଣୁ ଗଭର୍ଣ୍ଣରମାନେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ଗୃହୀତ ହୋଇଥିବା ପ୍ରସ୍ତାବ ଉପରେ ଭିଟୋ ପ୍ରୟୋଗ କରିବେ ନାହିଁ, ଏହି ନିର୍ଭର ପତିଶ୍ରୁତି ନପାଇଲେ କଂଗ୍ରେସ କୌଣସି ପ୍ରଦେଶରେ ସରକାର ଗଠନରେ ଭାଗ ନେବ ନାହିଁ ବୋଲି ଘୋଷଣାନାମ ପ୍ରକାଶ କଲା । ତେଣୁ ବିଦେଶୀ ସରକାରଠାରୁ ଭିଟୋ ସଂକ୍ରାନ୍ତୀୟ ପ୍ରତିଶ୍ରୁତି ନ ପାଇବାରୁ କଂଗ୍ରେସ ଅନ୍ୟରାଜ୍ୟ ଭଳି ଓଡ଼ିଶାରେ ସରକାର ଗଠନ କଲାନାହିଁ । ତା ବଦଳରେ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ଯାହାଙ୍କର ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଯଥେଷ୍ଟ ଅବଦାନ ଥିଲା (ମାତ୍ର ସେ ଥିଲେ କଂଗ୍ରେସର ବିରୋଧୀ, ବ୍ରିଟିଶ୍ ଶାସନ ପ୍ରତି ଅନୁରକ୍ତ) ତାଙ୍କରି ପ୍ରଧାନମନ୍ତ୍ରିତ୍ୱରେ ଓଡ଼ିଶାରେ ପ୍ରଥମ ମନ୍ତ୍ରିମଣ୍ଡଳ ଗଠିତ ହେଲା ୧୯୩୭ ଏପ୍ରିଲ ପହିଲାରେ—ଠିକ୍ ସ୍ୱତନ୍ତ୍ର ଉତ୍କଳ ଗଠନର ପ୍ରଥମ ବାର୍ଷିକୀରେ । ସେତେବେଳେ ପ୍ରାଦେଶିକ ସରକାରମୁଖ୍ୟଙ୍କୁ ମୁଖ୍ୟମନ୍ତ୍ରୀ ନକହି ପ୍ରଧାନମନ୍ତ୍ରୀ ବୋଲି କୁହାଯାଉଥିଲା । ପାରଳା ମନ୍ତ୍ରିମଣ୍ଡଳର ଅନ୍ୟତମ ସଭ୍ୟ ରୂପେ ବିଶିଷ୍ଟ ଆଇନଜ୍ଞ ଗୋରାଚାନ୍ଦ ପଟ୍ଟନାୟକ ରାଜସ୍ୱମନ୍ତ୍ରୀ ଓ ଲତିଫୁର ରହମାନ ଶିକ୍ଷାମନ୍ତ୍ରୀ ରୂପେ ଦାୟିତ୍ୱ ବହନ କଲେ । ମାତ୍ର ପାରଳା ମହାରାଜାଙ୍କ ନେତୃତ୍ୱରେ ଗଠିତ ମନ୍ତ୍ରିମଣ୍ଡଳ ପଛରେ ସଂଖ୍ୟାଗରିଷ୍ଠତା ନଥିଲା ଓ ବିରୋଧୀ କଂଗ୍ରେସଦଳ ବିପୁଳ ଭାବରେ ସଂଖ୍ୟାଗରିଷ୍ଠ ଥିଲେ । ତେଣୁ ସଂଖ୍ୟା ଗରିଷ୍ଠତା ଅଭାବରୁ କୃଷ୍ଣଚନ୍ଦ୍ରଙ୍କ ମନ୍ତ୍ରିମଣ୍ଡଳ ବିଧାନସଭାର ସମ୍ମୁଖୀନ ହେବାକୁ ଭୀତ ଥିଲେ । ବିଧାନସଭାରେ କୌଣସି ବୈଧାନିକ ନିଷ୍ପତ୍ତି ଅଭାବରୁ ଶେଷକୁ ଏହି ମନ୍ତ୍ରିମଣ୍ଡଳ ଇସ୍ତଫା ଦେବାକୁ ବାଧ୍ୟ ହେଲା । ଏଣେ କେନ୍ଦ୍ରର ବ୍ରିଟିଶ୍ ସରକାରଙ୍କ ଭାଇସ୍‌ରାୟ କଂଗ୍ରେସର ନିଷ୍ପତ୍ତି ସାମନାରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହେଲେ । ପ୍ରାଦେଶିକ ଗଭର୍ଣ୍ଣର ବା ଛୋଟଲାଟମାନଙ୍କୁ ନିର୍ଦ୍ଦେଶନାମା ଆସିଲା ବିଶେଷ ଜରୁରୀ ପରିସ୍ଥିତି ଉପୁଜିଲେ ସେମାନେ ଭିଟୋ ପ୍ରୟୋଗ କରିବେ ନାହିଁ । ଏହାପରେ ୧୯୩୭ ଜୁଲାଇ ୧୯ରେ ବିଶ୍ୱନାଥ ଦାସଙ୍କ ପ୍ରଧାନମନ୍ତ୍ରିତ୍ୱରେ ନୂତନ ମନ୍ତ୍ରିମଣ୍ଡଳ ଗଠିତ ହେଲା । ଯାହାର ଅନ୍ୟତମ ଦୁଇଜଣ ମନ୍ତ୍ରୀ ହେଲେ ନିତ୍ୟାନନ୍ଦ କାନୁନଗୋ ଓ ବୋଧରାମ ଦୁବେ । ଏହାଛଡ଼ା ବିତ୍ତ ଓ ପ୍ରଚାର ବିଭାଗ ପାଇଁ ଯଦୁମଣି ମଙ୍ଗରାଜ, ଘରୋଇ ରାଜସ୍ୱ ଓ ପୂର୍ତ୍ତ ବିଭାଗ ପାଇଁ ଜଗନ୍ନାଥ ମିଶ୍ର, ଶିକ୍ଷା ଓ ସ୍ୱାୟତ୍ତଶାସନ ପାଇଁ ରାଜକୃଷ୍ଣ ବୋଷ୍, ଆଇନ ଓ ବାଣିଜ୍ୟ ପାଇଁ ବିଶ୍ୱାସ ରାୟ, ପାର୍ଲ୍ୟାମେଣ୍ଟାରୀ ସେକ୍ରେଟାରୀ ଭାବେ ନିଯୁକ୍ତ ହେଲେ ମୁକୁନ୍ଦ ପ୍ରସାଦ ଦାସ ବିଧାନସଭାର ବାଚସ୍ପତି ଓ ନନ୍ଦକିଶୋର ଦାସ ଉପବାଚସ୍ପତି ରୂପେ ନିର୍ବାଚିତ ହୋଇଥିଲେ ।

ପ୍ରାଣନାଥ ଓ ଯୁବକଗୋଷ୍ଠୀର ପ୍ରଗତିଶୀଳ ମନୋଭାବାପନ୍ନ ସଦସ୍ୟମାନେ ପରାଧୀନ ଭାରତରେ ସୀମିତ କ୍ଷମତାର ପରିସର ମଧ୍ୟରେ ରାଜ୍ୟରେ ବ୍ୟାପକ ସଂସ୍କାର ମୂଳକ କାର୍ଯ୍ୟ ଓ ରାଜ୍ୟବାସୀଙ୍କ ସର୍ବବିଧ ଉନ୍ନତି ପାଇଁ ସରକାରଙ୍କୁ ପ୍ରଭାବିତ କରିବାକୁ

Digitized by PPRACHIN, SOA

ଲାଗି ପଡିଲେ । ପ୍ରାଣନାଥ, ମୋହନ ଦାସ, ଗୋବିନ୍ଦ ପ୍ରଧାନଙ୍କ ଭଳି ବାମପନ୍ଥୀ ସଦସ୍ୟମାନେ ପୂର୍ବରୁ ପ୍ରଚଳିତ ଥିବା ବିହାର ଓଡିଆ ପ୍ରଜାସ୍ୱତ୍ୱ ଆଇନର ସଂଶୋଧନ କରାଇବା ଫଳରେ ଗଛ ମାଛ ଉପରେ ପ୍ରଜାମାନଙ୍କ ଅଧିକାରକୁ ସାବ୍ୟସ୍ତ କଲେ । ବେଠି, ଭେଟି, ଦାଖଲ ଖାରଜ, ରୋସମ୍ ବ୍ୟବସ୍ଥାର ଉଚ୍ଛେଦ ହେଲା । ଜଳକର ହ୍ରାସ ହେଲା ଓ ମହାଜନମାନଙ୍କ ଦାଉରୁ ଋଣଗ୍ରହୀତାମାନଙ୍କୁ ରକ୍ଷା କରିବା ପାଇଁ ଆଇନ ପ୍ରଣୟନ ହେଲା । ମଠ ଓ ମନ୍ଦିରର ମହନ୍ତମାନେ ଯେଉଁ ବିପୁଳ ସମ୍ପତ୍ତି ଭୋଗ କରୁଥିଲେ, ସେମାନଙ୍କର ବେପରବାୟ ଖର୍ଚ୍ଚର ନିରୋଧ ପାଇଁ ଓ ଶୋଷଣର ଅବସାନ ପାଇଁ ଦେବୋତ୍ତର ଆଇନ ପ୍ରଣୟନ ହେଲା । ପ୍ରାଣନାଥ ପଟ୍ଟନାୟକ ଜନବିରୋଧୀ ଜଙ୍ଗଲ ଆଇନ ଓ ଶିକ୍ଷା ସମ୍ପର୍କୀୟ ଆଇନରେ ମୌଳିକ ପରିବର୍ତ୍ତନ ଆଣି ଯେଉଁ ଚିଠା ପ୍ରସ୍ତାବ ଦେଇଥିଲେ, ସେଗୁଡ଼ିକ ବିଧାନ ପରିଷଦରେ ଗୃହୀତ ହୋଇ ଆଇନରେ ପରିଣତ ହୋଇଥିଲା । ଏସବୁ କରିବାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜନସାଧାରଣଙ୍କ କଲ୍ୟାଣ ।

ମାତ୍ର ବିଧାନସଭା ବାହାରେ କୃଷକସଭା ଜରିଆରେ ଗରିବ କୃଷକ, ମଜୁରିଆ ଶ୍ରେଣୀକୁ ସଂଗଠିତ ଓ ଏକଜୁଟ୍ କରି ଗଣଦାବିର ଜୁଆର ଉଠାଇବାର କାର୍ଯ୍ୟ ପ୍ରାଣନାଥ ଅବିରାମ ଭାବେ ଚାଳାଇଥିଲେ । ଏଥିରେ ସାଧୁଚରଣ ମହାନ୍ତି, ଗୋକୁଳମୋହନ ରାୟ ଚୂଡାମଣି, ଗଙ୍ଗାଧର ମିଶ୍ର, ପରଶୁରାମ ପଦାତିକ ରାୟ, ଗଙ୍ଗାଧର ପାଇକରାୟ ପ୍ରଭୃତି ଜନନେତାମାନେ ପୂର୍ଣ୍ଣପ୍ରାଣରେ ଲାଗି ପଡିଥିଲେ । ଭାରତର ଆତ୍ମା ହେଉଛି ଗ୍ରାମ ଓ ଫସଲ ଫଳାଉଥିବା କୃଷିକାରୀ ଶ୍ରେଣୀ ହେଉଛି ଜାତୀୟ ଅର୍ଥନୀତିର ମେରୁଦଣ୍ଡ, ତେଣୁ ସେହିମାନଙ୍କୁ ଉଠାଇବାର କାର୍ଯ୍ୟ ଜୋରସୋରରେ ଚାଲିଥିଲା ।

ମନ୍ତ୍ରିମଣ୍ଡଳ ଗଠନ କରିବାର ୬ ମାସ ପରେ ପରେ ପ୍ରାଣନାଥଙ୍କ ନିମନ୍ତ୍ରଣ କ୍ରମେ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ ଖୋର୍ଦ୍ଧା ଆସି ଚାନ୍ଦମାରୀ ପଡିଆରେ ଏକ ବଡ ଧରଣର ସାଧାରଣ ସଭାରେ ଭାଷଣ ଦେଲେ । ସେତେବେଳେ ନଥିଲା ପୂର୍ବର ସରକାରୀ ବିରୋଧ ବା ନାଲି ଆଖିର ପ୍ରଦର୍ଶନ । ସଭାରେ ବକ୍ତାମାନେ ଖୋର୍ଦ୍ଧାର ଅତୀତ ଗୌରବ, ପାଇକ ବିଦ୍ରୋହର ଗୌରବୋଜ୍ୱଳ ଗାଥା ଓ ସ୍ୱାଧୀନତା ଆନ୍ଦୋଳନର ଅନ୍ତିମ ଲକ୍ଷ୍ୟ ପୂର୍ଣ୍ଣ ସ୍ୱାଧୀନତା ଉପରେ ଉଜସ୍ୱିନୀ ବକ୍ତୃତାମାନ ଦେଲେ । ରାଜ୍ୟ ସରକାର ନେଇଥିବା ଜନପ୍ରିୟ ନୀତିଗୁଡିକୁ ପୂର୍ଣ୍ଣପ୍ରାଣରେ ସାଧାରଣ ସଭା ସମର୍ଥନ କରିଥିଲା । ଖୋର୍ଦ୍ଧା ଧରଣୀ ଏକ ନୂତନ କ୍ଷେତ୍ର ରୂପେ ଉଭା ହୋଇଥିଲା । ଯାର ଶ୍ରେଷ୍ଠ ରୂପକାର ଥିଲେ ପ୍ରାଣନାଥ ପଟ୍ଟନାୟକ । ହଁ, ତାଙ୍କର ପରିଚିତି ହେଲା ଖୋର୍ଦ୍ଧା କମ୍ୟୁନିଷ୍ଟ ପ୍ରାଣନାଥ ପଟ୍ଟନାୟକ । ୧୯୩୯ ନଭେମ୍ବରରେ ବିଶ୍ୱନାଥ ଦାସଙ୍କ ପ୍ରଧାମନ୍ତ୍ରିତ୍ୱରେ କଂଗ୍ରେସ ସରକାର, ବ୍ରିଟିଶ୍ ମହାଯୁଦ୍ଧରେ ପଶିବା ପୂର୍ବରୁ କଂଗ୍ରେସର ବା ରାଜ୍ୟ ମନ୍ତ୍ରିମଣ୍ଡଳର ଅନୁମତି ନେଇ ନଥିବାରୁ ଇସ୍ତଫା ଦେବାପରେ ୧୯୪୭ରେ ପାରଳା ମହରାଜାଙ୍କ ପ୍ରଧାନମନ୍ତ୍ରିତ୍ୱରେ ଗୋଦାବରୀଶ ମିଶ୍ର ପ୍ରଭୃତିଙ୍କୁ ନେଇ ଯେଉଁ ମିଳିତ ସରକାର ଗଠିତ ହେଲା, ତାର ବିରୋଧ କରିବାକୁ ସଂଖ୍ୟାଧିକ ବ୍ୟବସ୍ଥାପକ ନଥିଲେ । ପ୍ରାଣନାଥ

Digitized by PPRACHIN, SOA

ବାରମ୍ବାର ଗିରଫ ହୋଇ କାରାରୁଦ୍ଧ ହେଉଥିବାରୁ ଖୋର୍ଦ୍ଧାର ଜନପ୍ରତିନିଧି ଭାବେ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଉପରେ ବିଧାନସଭାରେ ପ୍ରଶ୍ନ ଉଠାଇବା ତାଙ୍କ ପାଇଁ ଅସମ୍ଭବ ବ୍ୟାପାର ହୋଇଥିଲା ।

ମାତ୍ର ଖୋର୍ଦ୍ଧାରେ ତାଙ୍କ ନେତୃତ୍ୱରେ ଗଢି ଉଠିଥିବା ଗଣ ସଂଗଠନ ଓ ଜନଚେତନା ବିଧାନସଭାରେ ତାର ପ୍ରତିଧ୍ୱନି ତୋଳୁଥିଲା । ଓଡିଶାରେ ସବୁଠାରୁ ଆଗେ ପ୍ରଜା କୃଷକ କୁଳ ପାଇଁ ଭୂ-ସଂସ୍କାର, ମୂଲିଆ ପାଇଁ ମଜୁରିକୁସାବ୍ୟସ୍ତ କରାଯାଇଥିଲା ଜନ ଆନ୍ଦୋଳନ ବଳରେ । ଗାଁ ଗାଁରେ ଶିକ୍ଷା ଶିବିର କରି କୃଷକମାନଙ୍କୁ ସେମାନଙ୍କର ଦାବି ଉପରେ ସଚେତନ କରିବା ଫଳରେ ଜମିଦାର, ମହାଜନ କୁଳ ଶଙ୍କିତ ହୋଇ ଚାଷୀମାନଙ୍କ ଉପରେ ବେଆଇନ ଜୁଲମ ଓ ଶୋଷଣ ବନ୍ଦ କରିଥିଲେ ।

ମାତ୍ର ବ୍ୟବସ୍ଥାପକ ସଭାରେ ପ୍ରାଣନାଥ ସାମାନ୍ୟ ସୁବିଧା ପାଇଲେ ପ୍ରଜାର ଅଧିକାର, କୃଷକର ଜମି ଉପରେ ଅଧିକାର, ଜଙ୍ଗଲରୁ ଜନତା ନିଜର ଉପଯୋଗ ପାଇଁ କାଠ ବାଉଁଶ ଆଣି ପାରିବାର ଅଧିକାର ଉପରେ କେବଳ ଦାବି ଜଣାଇନାହାନ୍ତି, ସେ ସମ୍ବନ୍ଧରେ ଆଇନ୍ ପ୍ରଣୟନ କରିଛନ୍ତି । ସେ ଆଇନ୍‌ର ସୁଯୋଗ ଖାଲି ଖୋର୍ଦ୍ଧା ନୁହେଁ ଓଡ଼ିଶାର ସକଳ ଚାଷୀ ମୂଲିଆ ଜନସାଧାରଣ ପାଇଛନ୍ତି । ମେଡ଼ିକାଲ ଛାତ୍ର ଧର୍ମଘଟ କାଳରେ ଜଣେ ଦାୟିତ୍ୱବାନ ବ୍ୟବସ୍ଥାପକ ହିସାବରେ ପ୍ରାଣନାଥ କେବଳ ଛାତ୍ରମାନଙ୍କର ନ୍ୟାୟସଙ୍ଗତ ଦାବିର ସମର୍ଥନରେ ସ୍ୱର ଉଠାଇନାହାନ୍ତି, ଏହା ସମ୍ବନ୍ଧରେ ସରକାର ମଧ୍ୟରେ ମଧ୍ୟ ଉପଲବ୍ଧି ସୃଷ୍ଟି କରାଇଛନ୍ତି । ତାଙ୍କର ଏତାଦୃଶ କାର୍ଯ୍ୟ ଫଳରେ ପ୍ରଗତିଶୀଳ ଛାତ୍ର ଆନ୍ଦୋଳନ ଆଗେଇ ଯାଇଛି । ବିଧାନସଭାରେ ତୁମ୍ବି ତୋଫାନ ତାଙ୍କର ମତ ପ୍ରକାଶର ମାଧ୍ୟମ ନଥିଲା । ସେ ସରଳ, ସହଜ ଓ ଶାଣିତ ଭାବେ ଜନସାଧାରଣଙ୍କ ଦାବିକୁ ଉପସ୍ଥାପନ କରୁଥିଲେ । ଯୁକ୍ତିର ଦୃଢ଼ତା ବଳରେ ସେ ଗଣ ସମସ୍ୟାକୁ ଜ୍ୱଳନ୍ତ ପ୍ରଶ୍ନ ରୂପେ ବ୍ୟବସ୍ଥାପକ ସଭାରେ ଥୋଇ ପାରୁଥିଲେ ।

ଡେଲାଙ୍ଗ ଥାନାର ଡିମିରି ଗାଁର ସେହି ବାଳକ, ଯାର ଜନ୍ମ ୧୯୦୫ରେ, ସେ ଥିଲେ ଖୋର୍ଦ୍ଧାର କମ୍ୟୁନିଷ୍ଟ ପ୍ରାଣନାଥ ପଟ୍ଟନାୟକ । ଉଦାହରଣ ଓ ଉପମା ଦେବା ସବୁବେଳେ ଠିକ୍ ହେବନି । ମାତ୍ର ଇତିହାସରେ ଇଟାଲୀୟ ବଂଶୋଦ୍ଭବ ନେପୋଲିଅନ ବୋନାପାର୍ଟ ହେଲେ ଫରାସୀ ଜାତିର ନେତା ଓ ଶେଷକୁ ସମ୍ରାଟ । ଏସିଆ ଖଣ୍ଡ-ଟ୍ରାନ୍ସ କକେସିଆର ଜର୍ଜିଆ ରାଜ୍ୟର ଗୋରି ସହରରେ ଗରିବ ଘରେ ଜନ୍ମିତ ଷ୍ଟାଲିନ୍ ହେଲେ ସୋଭିଏତ ରୁଷର ନେତା, ସେ ଜାତିର କର୍ଣ୍ଣଧାର । ପ୍ରାଣନାଥ ଖୋର୍ଦ୍ଧା ମାଟିର ମହାନ୍ ବରପୁତ୍ର ରୂପେ ଉଭା ହେଲେ, ଯାହା ତାଙ୍କର ଜନ୍ମଭୂମି ନଥିଲେ ମଧ୍ୟ ଥିଲା ତାଙ୍କର କର୍ମଭୂମି । ତାଙ୍କର ନିଃଶ୍ୱାସ ପ୍ରଶ୍ୱାସରେ ଖୋର୍ଦ୍ଧା ମାଟିର ପବନ ଯେପରି ବୋହୁଥିଲା । ସେ ଖୋର୍ଦ୍ଧାର ଟାଙ୍ଗରା ନାଲିମାଟିର ବାସ୍ନାକୁ ଠିକ୍ ବାରି ପାରୁଥିଲେ । ଏକାକାର ହୋଇଥିଲେ ତାର ଅଗଣିତ ଜନସାଧାରଣଙ୍କ ସହିତ, ସେ ଥିଲେ ସେମାନଙ୍କ ଭିତରୁ ଜଣେ, ଯେ ଏହି ମାଟିର ଆଶା, ଅଭୀପ୍ସା, ସୁଖ ଦୁଃଖକୁ ଆପଣାର କରିଥିଲେ । ସେ

Digitized by PPRACHIN, SOA

ଥିଲେ ସାରା ଉତ୍କଳର କୃଷକ ଶ୍ରେଣୀର ଅବିସମ୍ବାଦିତ ନେତା । ରାଜ୍ୟର ବହୁ ସ୍ଥାନକୁ କାର୍ଯ୍ୟୋପଲକ୍ଷେ ଯାଇଛନ୍ତି,– ଯାଇଛନ୍ତି ଲୁହାପଥର ପାର୍ବତ୍ୟ ଅଞ୍ଚଳ ବଡ଼ବିଲ ଜଙ୍ଗଲକୁ, ଯାଇଛନ୍ତି କଳାହାଣ୍ଡିର ଦୁର୍ଭିକ୍ଷଗ୍ରସ୍ତ ବନ୍ଧ୍ୟାଭୂମିକୁ, ଯାଇଛନ୍ତି ବୈତରଣୀ ତଟରେ ଥିବା ଚାନ୍ଦବାଲିକୁ । ପାର୍ଟି କାମ ପାଇଁ କେବେ ପାଟଣା, କେବେ ବନାରସ, କେବେ ମସ୍କୋ ଓ ମଇମନସିଂକୁ । ମାତ୍ର ଛୁଆ ମାଆ କୋଳକୁ ଫେରିବା ପରି ସେ ଫେରିଛନ୍ତି ଖୋର୍ଦ୍ଧା ମାଟିର କୋଳକୁ । କେବଳ ମୃତ୍ୟୁ ଏହି କଥାର ବ୍ୟତିକ୍ରମ ଘଟାଇଛି । 'ହାତୀ ବନସ୍ତରେ ଥିଲେ ବି ରାଜାଙ୍କର' ପ୍ରାଣନାଥ ବାବୁ ଯେଉଁଠି ଥିଲେ ସେ ହେଉଛନ୍ତି ଖୋର୍ଦ୍ଧାର । ଖୋର୍ଦ୍ଧାର କର୍ମଭୂମିକୁ ସେ କରିଛନ୍ତି ଓଡ଼ିଶାର କେନ୍ଦ୍ର । ସେ ୧୯୬୪ରେ ସୋଭିଏଟ ୟୁନିଅନକୁ ଗସ୍ତକ୍ରମରେ ଗଲାବେଳେ ତାର କୋଠଚାଷ ପ୍ରଣାଳୀ, ତାର ଶିଶୁ ଉଦ୍ୟାନ, ତାର ମାଟିତଳ ଟ୍ରେନ୍, ସବୁଦେଖି ଉତ୍ସାହିତ ହୋଇଛନ୍ତି । ତାହା ଥିଲା ସାମ୍ୟବାଦର ସାଧନା କ୍ଷେତ୍ର । ମାତ୍ର ପ୍ରାଣନାଥ ସେଠାରେ ବସି ଭାବିଛନ୍ତି, କେବେ ଏସବୁ ଭାରତ, ଓଡ଼ିଶା, ଖୋର୍ଦ୍ଧାରେ ହେବ । କେବେ ଚାଷୀ ନିଜର ଫସଲ ଫଳାଇ ଆନନ୍ଦରେ ଖଳା ପାଖରେ ଗୀତ ଗାଇବ । କେବେ ଆଗଣିତ ଶିଶୁ ହସିଖେଳି ପାଠ ପଢିବେ । କେବେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ମଣିଷ ଏଠି ଅକାଳରେ ମରିବ ନାହିଁ । ଖୋର୍ଦ୍ଧା ଥିଲା ତାଙ୍କ ପାଇଁ ସଂଗ୍ରାମର କ୍ଷେତ୍ର, ସାଧନାର ତପୋବନ ଓ ଜୀବନର ବିଶ୍ୱବିଦ୍ୟାଳୟ । ଏଥିରେ ସଙ୍କୀର୍ଣ୍ଣତାର ଲେଶ ମାତ୍ର ଗନ୍ଧ ନ ଥିଲା ।

■■■

Digitized by PPRACHIN, SOA

ଅଷ୍ଟମ ଅଧ୍ୟାୟ

କମ୍ୟୁନିଷ୍ଟ ପାର୍ଟିର ଅନ୍ୟତମ ଆଦ୍ୟ ସ୍ରଷ୍ଟା

ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ଆଦ୍ୟସ୍ରଷ୍ଟା ଭାବେ ଯେଉଁ ''ତ୍ରୟୀ''ଙ୍କୁ ସ୍ମରଣ କରାଯାଏ, ସେମାନେ ହେଲେ ଭଗବତୀ ଚରଣ ପାଣିଗ୍ରାହୀ, ପ୍ରାଣନାଥ ପଟ୍ଟନାୟକ ଓ ଗୁରୁଚରଣ ପଟ୍ଟନାୟକ । ଜାହ୍ନବୀର ତ୍ରିଧାରା ପରି ଏମାନେ ଓଡ଼ିଶା ପାର୍ଟିକୁ ଗଠନ କରିଥିଲେ । ୧୯୩୬ର ଶେଷ ଭାଗରେ ଆଗପଛ ହୋଇ ଗୁରୁଚରଣ, ପ୍ରାଣନାଥ ଓ ଭଗବତୀ ଚରଣ କଲିକତାରେ କମ୍ୟୁନିଷ୍ଟ ପାର୍ଟିର ଶପଥ ପତ୍ରରେ ସ୍ୱାକ୍ଷର କରି ସାମ୍ୟବାଦୀ ଦର୍ଶନ, ମତାଦର୍ଶ ଓ କାର୍ଯ୍ୟକ୍ରମ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ଏହି ତିନିଜଣ ଓଡ଼ିଆ ଯୁବକ ଥିଲେ କ୍ରାନ୍ତଦର୍ଶୀ ଓ ନିଜର ତ୍ୟାଗ ବଳରେ ହେଲେ ଓଡ଼ିଶାର ଶ୍ରେଷ୍ଠ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ଅନ୍ୟତମ । ପ୍ରାଣନାଥ ଓ ଗୁରୁଚରଣଙ୍କର କାଶୀ ବିଦ୍ୟାପୀଠରେ ପାଠ ପଢିବା ବେଳଠାରୁ ମାର୍କ୍ସବାଦୀ ଚିନ୍ତାଧାରା ପ୍ରତି ପ୍ରବଳ ଅନୁରାଗ ଜାଗ୍ରତ ହୋଇଥିଲା । କାଶୀରେ ଏମାନେ ବିଭିନ୍ନ ବିପ୍ଳବୀ, ବିଶେଷତଃ କମ୍ୟୁନିଷ୍ଟ ଆନ୍ଦୋଳନର ଯୋଦ୍ଧାମାନଙ୍କ ସହ ଯୋଗାଯୋଗ ରଖିଥିଲେ । କାଶୀ ବିଦ୍ୟାପୀଠରେ ହିଁ ତାଙ୍କର ଜୀବନର ମୋଡ଼ ବଦଳି ଯାଇଥିଲା । ୧୯୩୪ରେ ଓଡ଼ିଶାରେ କଂଗ୍ରେସ ସୋସାଲିଷ୍ଟ ପାର୍ଟି ଗଠନ ହେବାପରେ ସ୍ୱାଧୀନତା ଆନ୍ଦୋଳନରେ ଯେଉଁ ବାମପନ୍ଥୀ ଚିନ୍ତାଧାରା ପ୍ରକାଶିତ ହେଉଥିଲା, ତାହା ଓଡ଼ିଶାର ନିର୍ଦ୍ଦିଷ୍ଟ ରୂପରେଖ ନେଇଥିଲା । ବ୍ରିଟିଶ୍ ସାମ୍ରାଜ୍ୟବାଦ କବଳରୁ ଦେଶକୁ କେବଳ ସ୍ୱାଧୀନ କଲେ ମଧ୍ୟ ଯଥେଷ୍ଟ ହେବନାହିଁ । ଦେଶର ସଂଖ୍ୟାଗରିଷ୍ଠ ଜନ ସାଧାରଣ, କୃଷକ, ଶ୍ରମିକ, କୃଷିଶ୍ରମିକ ଓ ନିପୀଡିତ ମଣିଷକୁ ଶୋଷଣ ଦାସତ୍ୱ କଷଣରୁ ମୁକ୍ତ କରି ନପାରିଲେ ସ୍ୱାଧୀନତା ନିରର୍ଥକ ହେବ । ଅର୍ଥନୈତିକ ବୈଷମ୍ୟ ରହିଲେ ସ୍ୱାଧୀନତାର ମୂଲ୍ୟ କିଛି ରହିବ ନାହିଁ । ଗାନ୍ଧିଜୀ ତାଙ୍କର ଭିନ୍ନ ଅର୍ଥନୈତିକ ଦୃଷ୍ଟିକୋଣ ରହିଥିଲେ ମଧ୍ୟ ଏକଦା କହିଥିଲେ, ''ସ୍ୱରାଜ୍ୟ ଅର୍ଥ ହେଉଛି ଦରିଦ୍ରତମ ଲୋକର ମୁକ୍ତି । ତେଣୁ ଜମିଦାର,

Digitized by PPRACHIN, SOA

ମହାଜନ, ମଠାଧୀଶ ଶ୍ରେଣୀଙ୍କର ସହରାଞ୍ଚଳରେ ପୁଞ୍ଜିପତିମାନଙ୍କର ଗରିବ ପ୍ରଜା, କୃଷକ, କ୍ଷେତ ମୂଲିଆ ଓ ଶ୍ରମିକ ଶ୍ରେଣୀ ଉପରେ ଶୋଷଣ ଅତ୍ୟାଚାରର ଅବସାନ ନଘଟାଇଲେ ମୁକ୍ତି ବା ସ୍ୱରାଜ୍ୟର କଥା ଏକ ଅବାସ୍ତବ ସ୍ୱପ୍ନ ହୋଇ ରହିଯିବ।'' ଏକଥା ପ୍ରାଣନାଥ ଓ ତାଙ୍କର ସମଯୋଦ୍ଧା ସାଥୀମାନେ ଭଲକରି ଜାଣିଥିଲେ। ତେଣୁ ଦେଶର ସ୍ୱାଧୀନତା ପ୍ରାପ୍ତି ପାଇଁ କଠୋର ସଂଗ୍ରାମ କରିବା ସହିତ ଏମାନେ କୃଷକ ସଭା, ରୟତମାନଙ୍କର ସଙ୍ଗଠନମାନ ଗଢି ସଂଖ୍ୟାଗରିଷ୍ଠ ଗ୍ରାମ୍ୟ ଗରିବ ଶ୍ରେଣୀକୁ ସ୍ୱାଧୀନତା ସଂଗ୍ରାମ ଦିଗକୁ ଆଣିପାରିଥିଲେ ଓ ସେମାନଙ୍କ ଉପରେ ଚାଲିଥିବା ଶୋଷଣ କଷଣର ଅନ୍ତ ପାଇଁ ଜାଗରଣ ଆଣିପାରିଥିଲେ। ଗୋଟିଏ ପ୍ରଦେଶରେ ସର୍ବନିମ୍ନ ୩ ଜଣ ସାଥୀ ସାମ୍ୟବାଦ ମନ୍ତ୍ରରେ ଦୀକ୍ଷିତ ହେଲେ, ପ୍ରାଥମିକ ସଙ୍ଗଠନ—ସେଲ୍ ବା ଶାଖା ଗଠନ କରାଯାଇ ପାରିବ। କମ୍ୟୁନିଷ୍ଟ ପାର୍ଟିର ଓଡ଼ିଶାରେ ଗଠନ ପାଇଁ ଏହି ତ୍ରୟୀ ନବମାର୍ଗର ଉନ୍ମୋଚକ ହେଲେ। ମିରଟ କମ୍ୟୁନିଷ୍ଟ ଷଡଯନ୍ତ୍ର ମାମଲାରେ ଅଭିଯୁ କେ.ଏନ୍. ଯୋଗେଲକ୍‌ରଙ୍କ ସହିତ ଗୁରୁଚରଣ ଓ ପ୍ରାଣନାଥଙ୍କ ସମ୍ପର୍କ ସ୍ଥାପିତ ହୋଇଥିଲା ଓ ତାଙ୍କର ସୁପାରିଶ କ୍ରମେ ଏହି ତିନିଜଣଙ୍କୁ ପାର୍ଟି ସଭ୍ୟପଦ ମିଳିଥିଲା। ଏତିକିବେଳେ ତ୍ରିପୁରାର ପ୍ରସିଦ୍ଧ କମ୍ୟୁନିଷ୍ଟ ନେତା ନୃପେନ୍ ଚକ୍ରବର୍ତ୍ତୀଙ୍କ ସହିତ ଘନିଷ୍ଠ ଯୋଗାଯୋଗ ହୋଇଥିଲା।

ଦେଶର ସ୍ୱାଧୀନତା ପାଇଁ ଲଢାଇ କରିବା, ମେହେନତି କୁଳର ଶୋଷଣ କଷଣର ବିମୁକ୍ତି ପାଇଁ ଶ୍ରେଣୀ ସଂଗ୍ରାମ ଚଳାଇବା, ଦୁନିଆର ସବୁପ୍ରକାର ସାମ୍ରାଜ୍ୟବାଦ, ଉପନିବେଶବାଦ, ବର୍ଣ୍ଣବୈଷମ୍ୟବାଦର ବିଲୋପ ଘଟାଇ ବିଶ୍ୱର ସବୁଦେଶରେ ସମତା, ମୁକ୍ତି, ନ୍ୟାୟ ଉପରେ ପ୍ରତିଷ୍ଠିତ ସମାଜ ଗଠନ କରିବା ଓ ଯୁଦ୍ଧ ବିରୋଧରେ ବିଶ୍ୱ ଶାନ୍ତିପାଇଁ ଲଢେଇ ଜାରି ରଖିବା; ଏହି ଉଦ୍ଦୀପ୍ତ ମାର୍କ୍ସବାଦୀ ଚେତନାରେ ଜାଗରିତ ହୋଇ ପ୍ରାଣନାଥ, ଗୁରୁଚରଣ ଓ ଭଗବତୀ ୧୯୩୬ର ଶେଷ ଭାଗରେ ଯେଉଁ ମହାଦୀକ୍ଷା ନେଲେ, ତା'ର ଫଳ ସ୍ୱରୂପ ଗଢି ଉଠିଲା ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟି। ୟୁରୋପରେ ସାମ୍ରାଜ୍ୟବାଦୀ ସହିତ ଉଗ୍ର ଫାସିବାଦ ମୁଣ୍ଡଟେକି ଉଠୁଥାଏ। ଜାପାନ ସେତେବେଳକୁ ଚୀନ୍ ଓ ପଡୋଶୀ ଦେଶ ଗୁଡ଼ିକ ଉପରେ ନାନା ଆଳରେ ଆକ୍ରମଣ ଚଳାଇ ସେମାନଙ୍କୁ ଗ୍ରାସ କରୁଥାଏ। ଦୁନିଆ ଏକ ଧ୍ୱଂସକାରୀ ମହାଯୁଦ୍ଧ ଆଡକୁ ଗତି କରୁଥାଏ ଏତିକିବେଳେ। ତେଣୁ ପାର୍ଟିର ସର୍ବୋଚ୍ଚ ନିର୍ଦ୍ଧାରକମାନଙ୍କର ନିଷ୍ପତ୍ତି ଅନୁଯାୟୀ ପାର୍ଟି ବେଆଇନ ଥିବାରୁ କଂଗ୍ରେସ ସଙ୍ଗଠନ ଭିତରେ ରହି କାମ କରୁଥିଲେ ପ୍ରାଣନାଥ। ଓଡ଼ିଶାରେ କମ୍ୟୁନିଷ୍ଟ ଆନ୍ଦୋଳନରେ ତ୍ରୟୀ ସ୍ରଷ୍ଟାମାନଙ୍କ ମଧ୍ୟରେ ପ୍ରାଣନାଥ ପଟ୍ଟନାୟକଙ୍କ ସଂଗ୍ରାମୀ କାର୍ଯ୍ୟାବଳୀର ଆଲୋଚନା କଲାବେଳେ, ଅନ୍ୟ ଦୁଇ ରଥୀ ଭଗବତୀ ଚରଣ ପାଣିଗ୍ରାହୀ ଓ ଗୁରୁଚରଣ ପଟ୍ଟନାୟକଙ୍କ ସମ୍ବନ୍ଧରେ ସମ୍ୟକ ଆଲୋକପାତ କରିବା ଆବଶ୍ୟକ। ପୁରୀ ଜିଲ୍ଲା ସ୍କୁଲରେ ପ୍ରାଣନାଥଙ୍କ ସଂସ୍ପର୍ଶରେ ଘନିଷ୍ଠଭାବେ ଆସିଥିବା ଭଗବତୀ ଚରଣ ପାଣିଗ୍ରାହୀ ଥିଲେ ଓଡ଼ିଶାରେ କମ୍ୟୁନିଷ୍ଟ ତଥା ପ୍ରଗତିଶୀଳ ଆନ୍ଦୋଳନର

Digitized by PPRACHIN, SOA

ଭଗୀରଥ । ସେ ପ୍ରସିଦ୍ଧ ଓଡ଼ିଆ ଲେଖକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର ଓ "ମାଟିର ମଣିଷ"ର ଖ୍ୟାତି ସମ୍ପନ୍ନ ଲେଖକ ଦିବ୍ୟସିଂହ ପାଣିଗ୍ରାହୀଙ୍କ ଅନୁଜଭାବେ କେବଳ ପରିଚିତ ନଥିଲେ, ସେ ଥିଲେ ଓଡ଼ିଶାର ପ୍ରଗତିଶୀଳ ସାଂସ୍କୃତିକ ଓ ସାରସ୍ୱତ ଆନ୍ଦୋଳନର ମନ୍ତ୍ରଗୁରୁ ଅଗ୍ନିହୋତ୍ରୀ ପ୍ରାଣନାଥ । ୧୯୩୪ରେ ସଭାପତିତ୍ୱ କରିଥିବା କଂଗ୍ରେସ ସାମ୍ୟବାଦୀ ସଙ୍ଗଠନର ସମ୍ପାଦକ ସାରଥୀ ପତ୍ରିକା, ପରବର୍ତ୍ତୀ କାଳରେ 'ମୁକ୍ତିଯୁଦ୍ଧ' ପତ୍ରିକାର ସୁଯୋଗ୍ୟ ସମ୍ପାଦକ । ଓଡ଼ିଶାର କୃଷକସଭା ଓ ଶ୍ରମିକ ସଙ୍ଗଠନର ଅନ୍ୟତମ ସଙ୍ଗଠକ, ଛାତ୍ର, ଯୁବକ ଆନ୍ଦୋଳନର ଉଦ୍‌ଗାତା, ପ୍ରଗତିଶୀଳ ସାହିତ୍ୟିକ ସଙ୍ଗଠନ– ନବଯୁଗ ସାହିତ୍ୟ ସଂସଦର ସ୍ରଷ୍ଟା ଓ ସର୍ବୋପରି ଛଅଗୋଟି ସଂଖ୍ୟାରେ ଜୀବନଲୀଳା ସାଙ୍ଗ କରିଥିବା କ୍ରାନ୍ତିକାରି ସାରସ୍ୱତ ପ୍ରତିକା 'ଆଧୁନିକ'ର ପ୍ରାଣ ପ୍ରତିଷ୍ଠାତା । ଉତ୍କଳମଣି ଗୋପବନ୍ଧୁଙ୍କର ବନ ବିଦ୍ୟାଳୟ, ସତ୍ୟବାଦୀ ବିଦ୍ୟାଳୟରେ ଭଗବତୀ ଦେଶସେବା, ପୀଡିତ ମାନବର ସେବା ଓ ତ୍ୟାଗମୟ ଜୀବନର ଖଡିପାଠ ପଢ଼ିଥିଲେ । ତା ଛଡା ଭଗବତୀ ଚରଣ ହେଉଛନ୍ତି ଯୁଗାନ୍ତକାରୀ ଗଳ୍ପ "ଶିକାର" ସମେତ ୧୪ ଗୋଟି ଗଳ୍ପର, ଅନେକ ପ୍ରଗତିଶୀଳ ଆଭିମୁଖ୍ୟମୂଳକ ସାହିତ୍ୟ, ନିବନ୍ଧ ଓ ଦାର୍ଶନିକ ନିବନ୍ଧର ସ୍ରଷ୍ଟା । ଓଡ଼ିଶା ସାହିତ୍ୟ ଇତିହାସରେ ଏସବୁ ପାଇଁ ଭଗବତୀଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ରହିବ । ଉନ୍ନତ ରାଜନୈତିକ ଚେତନା, ମହତ୍ତର ସାଂସ୍କୃତିକ ସାରସ୍ୱତ ପ୍ରାଣରସର ନିର୍ଯ୍ୟାସରେ ଭରା ଥିଲା ତାଙ୍କର ହୃଦୟ । ଏହି ମହାନ ନେତା ୧୯୪୩ରେ ଦୁର୍ଭିକ୍ଷଗ୍ରସ୍ତ ଜନସାଧାରଣଙ୍କ ସେବା କରୁଥିବା ବେଳେ ରୋଗଗ୍ରସ୍ତ ହୋଇ ଅକ୍ଟୋବର ୨୩ତାରିଖରେ ପ୍ରାଣତ୍ୟାଗ କଲେ, ଯାହା ଥିଲା ଓଡ଼ିଶାର ଏକ ବିରାଟ ରାଜନୈତିକ ଓ ସାଂସ୍କୃତିକ କ୍ଷତି । ନବଯୁଗ ସାହିତ୍ୟ ସଂସଦ ଗଢି ସେ ଯେଉଁ ନବୀନ ଧାରାର ସାହିତ୍ୟ ସୃଷ୍ଟି କଲେ, ସେଥିରୁ ବଢି ଓଡ଼ିଆ ସାହିତ୍ୟରେ "ପ୍ରଗତିଯୁଗ" ଅନ୍ୟତମ ବିଶିଷ୍ଟ କବି ହେଲେ ସଚ୍ଚିଦାନନ୍ଦ ରାଉତରାୟ, ଅନନ୍ତ ପଟ୍ଟନାୟକ, ମନମୋହନ ମିଶ୍ର, ସୁନନ୍ଦ କର ପ୍ରମୁଖ କବିଗଣ । ସେଥିରେ ଯୋଗ ଦେଲେ ପୂର୍ବରୁ ସବୁଜ କବି ଥିବା କାଳିନ୍ଦୀ ଚରଣ ଓ ବଜ୍ର ବାଦଲ ନାମରେ ଲେଖୁଥିବା ବୈକୁଣ୍ଠନାଥ ପଟ୍ଟନାୟକ । ସମତା, ଶାନ୍ତି ଓ ଯୁଦ୍ଧର ବିରୋଧିତା ପ୍ରଭୃତି ଭାବଧାରାର ଉଦାର ବାଣୀ ପ୍ରଚାର କଲା ପ୍ରଗତି ଯୁଗର ସାହିତ୍ୟ, ଯାହାର ପ୍ରାଣ ପ୍ରତିଷ୍ଠାତା ଥିଲେ ଭଗବତୀ ଚରଣ ପାଣିଗ୍ରାହୀ ।

ଗୁରୁଚରଣ୍ ପଟ୍ଟନାୟକ ଥିଲେ ପ୍ରାଣନାଥଙ୍କ ଶ୍ୱଶୁର ଜାତୀୟ କବି କୃଷ୍ଣମୋହନ ପଟ୍ଟନାୟକଙ୍କ ପୁତୁରା, ଯିଏ ନିଜ ଜ୍ୟେଷ୍ଠଭ୍ରାତା, ପରବର୍ତ୍ତୀ କାଳର ମହାନ୍ କବି ଅନନ୍ତ ପଟ୍ଟନାୟକଙ୍କ ସହ ଗାନ୍ଧିଜୀଙ୍କ ଆହ୍ୱାନରେ ସ୍କୁଲ କଲେଜ ତ୍ୟାଗ କରି ସ୍ୱାଧୀନତା ସଂଗ୍ରାମରେ ଲମ୍ଫ ପ୍ରଦାନ କରିଥିଲେ । ଆନ୍ଦୋଳନରେ ଭଟ୍ଟା ପଡ଼ିବାପରେ ଅନ୍ୟମାନେ ସରକାରୀ ବିଦ୍ୟାଳୟରେ ପଢିବାକୁ ଗଲେ । ମାତ୍ର ଗଲେନାହିଁ ଗୁରୁଚରଣ । ଅତି କମ୍ ବୟସରୁ ସେ ଲାଗିପଡିଲେ ଜାତୀୟ ମୁକ୍ତି ସଂଗ୍ରାମକୁ ସଫଳ କରିବାକୁ । ସେ ଅଧ୍ୟୟନ କଲେ ଜନ ସାଧାରଣଙ୍କ ଚାଟଶାଳୀରୁ । ତା ଛଡା ସ୍ୱାଧ୍ୟାୟ ବଳରେ ସେ ଜ୍ଞାନବନ୍ତ

Digitized by PPRACHIN, SOA

ହେଲେ । ଦେଶର ସ୍ୱାଧୀନତା ପାଇଁ ବେତ୍ରାଘାତ ଠାରୁ ଆରମ୍ଭ କରି କାରାବରଣ ପର୍ଯ୍ୟନ୍ତ ସବୁକିଛିକୁ ସେ ବରଣ କରିଥିଲେ । ପିଲାଟି ଦିନରୁ ପିତୃମାତୃହୀନ ଗୁରୁଚରଣ ନିଜ ପିଉସା ପିଉସୀଙ୍କ ଆଦର ଯତ୍ନରେ ଲାଳିତ ପାଳିତ ହୋଇଥିଲେ । ଖୁବ୍ ଅଳ୍ପ ବୟସରେ ସ୍ୱାଧୀନତାସଂଗ୍ରାମରେ ରତ ଗୁରୁଚରଣ ଗାନ୍ଧିଜୀଙ୍କ ଅହିଂସାତ୍ମକ ଆନ୍ଦୋଳନ, ବିଦେଶୀ ଲୁଗା ବର୍ଜନ ପ୍ରଭୃତି କାର୍ଯ୍ୟକ୍ରମରେ ସନ୍ତୁଷ୍ଟ ହୋଇ ନପାରି, ଆଚାର୍ଯ୍ୟ ନରେନ୍ଦ୍ର ଦେବଙ୍କ ଅଧ୍ୟକ୍ଷତାରେ ଚାଳିତ ଜାତୀୟ ଶିକ୍ଷାକେନ୍ଦ୍ର କାଶୀ ବିଦ୍ୟାପୀଠକୁ ଜ୍ଞାନାର୍ଜନ ପାଇଁ ଚାଲିଲେ । ଠିକ୍ ପ୍ରାଣନାଥ ଓ ଶରତ୍ ପଟ୍ଟନାୟକଙ୍କ ପରି କାଶୀ ବିଦ୍ୟାପୀଠରେ ଶିକ୍ଷା ପାଉଥିବା ମହାନ ଶିକ୍ଷା ତଥା ତତ୍ତ୍ୱରାଜି ତାଙ୍କୁ କମ୍ୟୁନିଷ୍ଟ ହେବାପାଇଁ ଅନୁପ୍ରେରିତ କଲା । ତାଙ୍କର ମୌଳିକ ଚିନ୍ତନ ପ୍ରସୂତ ସରଳ, ପ୍ରାଞ୍ଜଳ ଶାଣିତ ଲେଖା ତାଙ୍କୁ ଜନସାଧାରଣ ବିଶେଷତଃ ଯୁବକ ଛାତ୍ର ସମାଜ ଓ ବୁଦ୍ଧିଜୀବୀ ମହଲରେ ଆଦରଣୀୟ କଲା । ବ୍ରିଟିଶ୍ ଶାସନ ତଳେ ଭାରତର ଅବସ୍ଥା ଓ ସାମ୍ରାଜ୍ୟବାଦର ଐତିହାସିକ ଗତିଧାରା ପ୍ରଭୃତି ପ୍ରବନ୍ଧ, ସାରଥି, ଆଗେଇଚାଲ, ମୁକ୍ତିଯୁଦ୍ଧ, କୃଷକ ପ୍ରଭୃତି ବାମପନ୍ଥୀ ପତ୍ରିକାରେ ତାଙ୍କର ଲେଖା ରାଜନୈତିକ ମୁକ୍ତିସଂଗ୍ରାମ ସହିତ ସାମାଜିକ ଅର୍ଥନୈତିକ ଦାସତ୍ୱର ବନ୍ଧନକୁ ଛଡାଇବା ପାଇଁ ଦିଗ୍‌ଦର୍ଶନ ଦେଲା । ପରବର୍ତ୍ତୀ କାଳରେ ବହୁଦିନ ଆତ୍ମଗୋପନ କରି, ଦୁଃଖ କଷ୍ଟ ସହି ଗୁରୁଚରଣ ଦୀର୍ଘ ୧୨ ବର୍ଷ ରାଜ୍ୟ କମ୍ୟୁନିଷ୍ଟ ପାର୍ଟିର ସମ୍ପାଦକ ହେଲେ । 'ଭାରତରେ ବ୍ରିଟିଶ ରାଜ୍' ଓ ଅନେକ ରାଜନୈତିକ ପ୍ରବନ୍ଧକୁ ସେ ଶାଣିତ ଭାବେ ରଚନା କରିଥିଲେ । ଉଭୟ ଭଗବତୀ ଚରଣ ଓ ଗୁରୁଚରଣ ମିଶି ସାରଥି, କୃଷକ ଓ ଆଗେଇଚାଲରେ ଚାଷୀ ମୂଲିଆଙ୍କ ଦାବି ଓ ଅର୍ଥନୈତିକ ଏବଂ ରାଜନୈତିକ ସ୍ୱାଧୀନତା ସକାଶେ ଯାହା ଲେଖିଥିଲେ, ତାହା ତୀବ୍ର ଆଲୋଡନକାରୀ ସାହିତ୍ୟ ଥିଲା ।

ଦେଶରେ ଅହିଂସାତ୍ମକ ମାର୍ଗ ସହିତ ସମତାଳ ଦେଇ ଅସୀମ ଦେଶଭକ୍ତିରେ ଅଭିମନ୍ତ୍ରିତ ସଶସ୍ତ୍ର ବିପ୍ଳବୀମାନଙ୍କର ଯେଉଁ ସଂଗ୍ରାମ ବଙ୍ଗଳା, ଉତ୍ତର ପ୍ରଦେଶ, ପଞ୍ଜାବ ଓ ଦିଲ୍ଲୀ ପ୍ରଭୃତି ସ୍ଥାନରେ ଚାଲିଥିଲା, ତାହା ପ୍ରାଣନାଥଙ୍କ ପରି ଅନେକ ସଂଗ୍ରାମଶୀଳ ଯୁବପ୍ରାଣରେ ଗଭୀର ଆଲୋଡ଼ନ ସୃଷ୍ଟି କରିଥିଲା । ଏହ୍ଲାହାବାଦର ଆଲଫ୍ରେଡ଼ ପାର୍କରେ ଅସଂଖ୍ୟ ବ୍ରିଟିଶ୍ ପୋଲିସ୍‌ଙ୍କ ସହିତ ଗୁଳିବିନିମୟରେ ଗୁଳିବିଦ୍ଧ ହୋଇ ଶହୀଦତ୍ୱ ବରଣ କରିଥିବା ଚନ୍ଦ୍ରଶେଖର ଆଜାଦ୍‌ଙ୍କ ଅମ୍ଳାନ ତ୍ୟାଗ ଦେଶସାରା ପ୍ରଚାରିତ ହେଉଥିଲା । ଲାହୋରଠାରେ ବ୍ରିଟିଶ୍ ପୋଲିସ ଅଫିସ୍‌ର ସାଣ୍ଡର୍ହର୍ଷ୍ଟଙ୍କୁ ଗୁଳିଚୋଟ୍‌ରେ ମାରିବା ଓ ଦିଲ୍ଲୀରେ ଭାଇସ୍‌ରାୟଙ୍କ କାଉନସିଲ ଉପରେ ବୋମା ଫୁଟାଇ ଓ କ୍ରାନ୍ତିର ପ୍ରଚାରପତ୍ର ବାଣ୍ଟୁଥିବା ବେଳେ ଗିରଫ୍ ହୋଇ ଜେଲରେ ଅକଥ୍ୟ ଅତ୍ୟାଚାରର ସମ୍ମୁଖୀନ ହେଉଥିବା ଦେଶଭକ୍ତ ଭଗତ ସିଂ, ଶୁକଦେବ, ରାଜଗୁରୁ, ବିଜୟ କୁମାର ସିହ୍ନା, ବଟୁକେଶ୍ୱର ଦତ୍ତ ଓ ପରବର୍ତ୍ତୀ କାଳରେ କମ୍ୟୁନିଷ୍ଟ୍ ପାର୍ଟିର ସାଧାରଣ ସମ୍ପାଦକ ଅମର ଘୋଷ ପ୍ରମୁଖଙ୍କ ବୀରଗାଥା ଦେଶରେ ଗୁଞ୍ଜରିତ ହେଉଥିଲା । ଦୀର୍ଘ ଅନଶନ ପରେ ଯତୀନ ଦାସଙ୍କ ପ୍ରାଣବଳି ଓ ୧୯୩୧ ମାର୍ଚ୍ଚ ୨୩ ତାରିଖ ନିଶାର୍ଦ୍ଧରେ ଜଗତଠାରୁ ଲୁଚାଇ

Digitized by PPRACHIN, SOA

ଶହୀଦ ଭଗତ ସିଂହ, ଶୁକଦେବ ଓ ରାଜଗୁରୁଙ୍କୁ ଫାଶୀ ଦଣ୍ଡ ଦିଆଯିବା ଦେଶ ଭିତରେ ପ୍ରତିବାଦ ତଥା ବିଦ୍ରୋହର ସ୍ଫୁଲିଙ୍ଗ ସୃଷ୍ଟି କରିଥିଲା । ଇସ୍ତାହାର୍‌ଠାରୁ ଶକ୍ତ ବିପ୍ଳବୀ ଚନ୍ଦ୍ରଶେଖର ଆଜାଦ୍‌ଙ୍କ ଏହ୍ଲାହାବାଦରେ ଗୁଳିରେ ଶହୀଦ ହେବା ପୂର୍ବରୁ ତାଙ୍କର ଏକାକୀ ବୀରତ୍ୱପୂର୍ଣ୍ଣ ଗୁଳି ବିନିମୟ ଦେଶରେ କ୍ଷୋଭ ତଥା ଗର୍ବର ତରଙ୍ଗ ସୃଷ୍ଟି କରିଥିଲା ।

ପ୍ରାଣନାଥଙ୍କ ଯୁବ ମାନସରେ ଏସବୁର ପ୍ରଭାବ ପଡୁଥିଲା, ପୁଣି ଯୁକ୍ତ ପ୍ରଦେଶର କାକୋରୀଠାରେ ଯୁଦ୍ଧ ସାଜସରଞ୍ଜାମ ନେଇ ଯାଉଥିବା ଟ୍ରେନ୍ ଉପରେ ସଶସ୍ତ୍ର ଚଡାଉ କରିଥିବା ନେତୃବର୍ଗ ରାମପ୍ରସାଦ ବିସ୍ମିଲା ଓ ଅସଫୁଲ୍ଲ ଖାଁଙ୍କ ଫାଶୀଦଣ୍ଡ ଏବଂ ମିରଟ କମ୍ୟୁନିଷ୍ଟ ଷଡଯନ୍ତ୍ର ମାମଲାରେ ଜେଲଦଣ୍ଡ ଭୋଗୁଥିବା ଯୁବକ କମ୍ୟୁନିଷ୍ଟ ଏସ୍. ଏ. ଡାଙ୍ଗେ, ମୁଜାଫର ଅହମଦ, ମିରାଜକର, ପି.ସି. ଯୋଷୀ ଓ ଧରଣୀ ଗୋସ୍ୱାମୀ ପ୍ରଭୃତିଙ୍କ ଦୁର୍ଦ୍ଦଶା ଓ ଅଦାଲତରେ ସେମାନଙ୍କର ସମାଜବାଦୀ ଆଦର୍ଶ ଉପରେ ଗଭୀର ପ୍ରତ୍ୟୟର ଘୋଷଣା ଭାରତକୁ ଚମକାଇ ଦେଉଥିଲା । ସଶସ୍ତ୍ର ସଂଗ୍ରାମର ଅଗ୍ନିଗର୍ଭ ମଧ୍ୟରୁ ଭଗତ ସିଂହଙ୍କର ସହଯୋଦ୍ଧା (ପରବର୍ତ୍ତୀ କାଳରେ କମ୍ୟୁନିଷ୍ଟ ପାର୍ଟିର ବିପ୍ଳବୀ ମହାନ୍ ନେତା) ଅଜୟ ଘୋଷ, ଶିବ ବର୍ମା, ସୋହନ ସିଂ ଜୋଷ୍ ପ୍ରଭୃତିଙ୍କର କମ୍ୟୁନିଷ୍ଟ ଆନ୍ଦୋଳନରେ ଯୋଗଦାନ ଯୁବକୁଳକୁ ସମତା ତଥା ମୁକ୍ତିର ଆଦର୍ଶରେ ଉଦ୍‌ବୁଦ୍ଧ କରୁଥିଲା । ପ୍ରାଣନାଥ ଅନେକ ସମୟରେ ଦୁଇ ଚିନ୍ତାଧାରାର କଟାକଟି ଢେଉର ଚାକାଭଉଁରୀରେ ପଡ଼ି ଚିନ୍ତାକୁଳ ରହୁଥିଲେ । ତାଙ୍କର ଶ୍ରେଷ୍ଠ ସହଯୋଗୀ ଭଗବତୀ ଚରଣ ପାଣିଗ୍ରାହୀ ପାଟନାରେ ପଢୁଥିବାବେଳେ ଏହି ପ୍ରକାରର ଭାବଧାରାର ସଙ୍ଘର୍ଷ ଭିତରେ ପଡିଥିଲେ । ଏହି ସଙ୍ଘର୍ଷ ଭବିଷ୍ୟତରେ ଏକ ମୋଡ ପରିବର୍ତ୍ତନର ଉନ୍ମୋଚକ ଥିଲା । ଫଳରେ ଏମାନେ ହେଲେ କମ୍ୟୁନିଷ୍ଟ ।

ତେଣୁ ଅହିଂସାତ୍ମକ ଆନ୍ଦୋଳନ, ଗାନ୍ଧିଜୀଙ୍କ ପ୍ରଦର୍ଶିତ ସଂଗ୍ରାମର ରାସ୍ତାରେ ଚାଲିଥିବା ବେଳେ ପ୍ରାଣନାଥ ଓ ତାଙ୍କର ବହୁସାଥୀ ସ୍ୱାଧୀନତାସଂଗ୍ରାମୀ ଭାରତ ଭଳି ବିଶାଳ ଦେଶରେ ସ୍ୱାଧୀନତା ପ୍ରାପ୍ତି ଓ ଶ୍ରେଣୀହୀନ ଶୋଷଣବିମୁକ୍ତ ସମାଜର ଗଠନ, ସକଳ ଖଟିଖିଆ ଚାଷୀ ମୂଲିଆ ଶ୍ରମିକ ଶ୍ରେଣୀର ସର୍ବାତ୍ମକ ମୁକ୍ତିର ପ୍ରକୃତ ରାସ୍ତାର ଅନ୍ୱେଷଣରେ ଲାଗି ପଡିଥିଲେ । ଏହା କରିବାର ତାତ୍ପର୍ଯ୍ୟ ହେଉଛି ଏହା ଯେ ଗୋଟିଏ ଦିନରେ ପ୍ରାଣନାଥ ପଥିକୃତ ହୋଇଥିବା ସାମ୍ୟବାଦ ଆନ୍ଦୋଳନର ରାସ୍ତାକୁ ନିରୂପଣ କରିନଥିଲେ ଆକସ୍ମିକ ଭାବେ । ବିଶ୍ୱ ଦୃଷ୍ଟିକୋଣର ଏକ କ୍ରିୟା ପ୍ରକ୍ରିୟା, ବହୁ ଆନ୍ଦୋଳନରେ ଯୋଗଦାନ, ତ୍ୟାଗ ଓ ସ୍ୱାଧ୍ୟାୟ ଫଳରେ ଏହା ଆସି ପାରିଥିଲା । କମ୍ୟୁନିଷ୍ଟ ପାର୍ଟି ବେଆଇନ ଥିବାରୁ କଂଗ୍ରେସ ଭିତରେ ରହି, ବାମପନ୍ଥୀ କୃଷକ ଶ୍ରମିକ ପକ୍ଷପାତୀ ନୀତି ପୋଷଣ କରି ସ୍ୱାଧୀନତା ସଂଗ୍ରାମ ଓ କୃଷକ ଶ୍ରମିକ ଆନ୍ଦୋଳନ ଚଳାଇବାର ନିଷ୍ପତ୍ତି ନିଆଗଲା । କମ୍ୟୁନିଷ୍ଟ ପାର୍ଟି ୧୯୪୨ରେ ଆଇନ ସଙ୍ଗଠିତ ପାର୍ଟି ରୂପେ ଘୋଷିତ ହେବାପରେ ମଧ୍ୟ ପ୍ରାଣନାଥ ଅନ୍ୟ ବାମପନ୍ଥୀମାନଙ୍କ ସହ ରହି କଂଗ୍ରେସର ଆଦର୍ଶ ଓ ଚରିତ୍ରକୁ ବିପ୍ଳବାତ୍ମକ ରୂପ ଦେବାପାଇଁ କାର୍ଯ୍ୟ କରିଥିଲେ ।

Digitized by PPRACHIN, SOA

ୟୁରୋପରେ ନାଜୀବାଦ ଫାସିବା· ବିରୋଧରେ 'ପ୍ୟ ୍ଲାର ଫ୍ରଣ୍ଟ'ର କର୍ମ କୌଶଳର ଦ୍ୱିମୁଖୀ ଧାରାକୁ ପ୍ରାଣନାଥ ଗ୍ରହଣ କରିଥିଲେ, ନିଜ ସୁବିଧା ପାଇଁ ନୁହେଁ, ପାର୍ଟିର ନିଷ୍ପତ୍ତି ଅନୁସାରେ। ୧୯୩୬ରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହେବା ବେଳକୁ ସେ କମ୍ୟୁନିଷ୍ଟ ହୋଇସାରିଥିଲେ। ସେହି କମ୍ୟୁନିଷ୍ଟ ଆଦର୍ଶ ଧାରାରେ ନିଜର ଜୀବନ ଶୈଳୀ ଓ କର୍ମକୁ ନିଷ୍ଠାର ସହ ଚଳାଇ ରଖିଥଲେ ପ୍ରାଣନାଥ, ଶେଷ ନିଶ୍ୱାସ ନେବା ପର୍ଯ୍ୟନ୍ତ। ମାତ୍ର ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ଜାତୀୟ ମୁକ୍ତି ସଂଗ୍ରାମର ଆନ୍ଦୋଳନାତ୍ମକ ପନ୍ଥାରୁ ସେ କେବେ ଅଲଗା ହୋଇ ନଥିଲେ। କଂଗ୍ରେସ ଭିତରେ ନିଜ ମତାଦର୍ଶର ରକ୍ଷାକାରୀ ଭାବେ ଓ ନିଚ୍ଛକ ଚାଷୀ ମୂଲିଆ ଓ ଶ୍ରମିକର ସ୍ୱାର୍ଥରକ୍ଷାକାରୀ ଆଭିମୁଖ୍ୟ ଓ ସଂଗ୍ରାମ ଯୋଗୁ ସେ ବାମପନ୍ଥୀ କଂଗ୍ରେସ ନେତା ରୂପେ ପରିଚିତ ଥିଲେ। ଲେଖକର ସ୍ୱାଧୀନତା ସଂଗ୍ରାମୀ ପିତା ଉପେନ୍ଦ୍ର ମହାପାତ୍ର ଯେ କି ୧୯୨୯-୩୦ରୁ ଜାତୀୟ ସ୍ୱାଧୀନତା ସଂଗ୍ରାମରେ ଭାଗନେଇ ୫/୬ବର୍ଷ ଜେଲଖାନାରେ କଟାଇଛନ୍ତି; ସେ କହୁଥିଲେ, "ଅତ୍ୟନ୍ତ ପ୍ରଶାନ୍ତ, ଉଦାରଚେତା, ପ୍ରଫୁଲ୍ଲଚିତ୍ତ ପ୍ରାଣନାଥ ବାବୁଙ୍କୁ ଦେଖିଲା ମାତ୍ରେ କଂଗ୍ରେସ ସାଥୀମାନଙ୍କ ମଧ୍ୟରେ ଆନନ୍ଦର ଗୁଞ୍ଜରଣ ଉଠୁଥିଲା। ତାଙ୍କୁ ଆମେ ବାମପନ୍ଥୀ ସ୍ୱାଧୀନତା ସଂଗ୍ରାମୀ ରୂପେ ଜାଣିଥିଲୁ। ପରେ ସେ କମ୍ୟୁନିଷ୍ଟ ପାର୍ଟିର ସର୍ବୋଚ୍ଚ ନେତା ଭାବେ ଖ୍ୟାତି ଲଭିଲେ।" ଲେଖକ ତାର କଟକ ଘରେ ଥିବା ସମୟରେ କାର୍ଯ୍ୟ ଉପଲକ୍ଷେ ପ୍ରାଣନାଥ ବାବୁ ଆମ ଘରକୁ ଆସିଲେ, ବାପାଙ୍କ ସହ ତାଙ୍କର ଅକୃତ୍ରିମ ସ୍ନେହ ଶ୍ରଦ୍ଧାର ଆଦାନ ପ୍ରଦାନ ଦୃଶ୍ୟକୁ ମନେ ପକାଇଲେ ଆଖିରେ ଲୁହ ଆସେ। ସବୁରି ଘରେ, ସବୁ ସ୍ଥଳରେ ପ୍ରାଣନାଥ ଆଦରଣୀୟ ଥିଲେ। ତାଙ୍କର ପ୍ରଶଂସକ, ଶ୍ରଦ୍ଧାବାନ ବନ୍ଧୁମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଓ ମନ୍ତ୍ରୀ ଦୀନବନ୍ଧୁ ସାହୁ, ଜଷ୍ଟିସ ରାଜକିଶୋର ଦାସ, ଶିକ୍ଷାବିତ୍ ଡକ୍ଟର ସଦାଶିବ ମିଶ୍ର, ହିନ୍ଦ୍ ସେବକ ସମାଜର ନେତା ଓ ଶ୍ରମିକ ନେତା ଶ୍ୟାମସୁନ୍ଦର ମିଶ୍ର ପ୍ରମୁଖ ଅନେକ ଥିଲେ। ପ୍ରାଣନାଥ ନିଜର ସାରଲ୍ୟ ଓ କମ୍ୟୁନିଜମ୍ ପ୍ରତି ନିଷ୍ଠା, ନିର୍ଭୀକତା, ସ୍ୱାର୍ଥତ୍ୟାଗ ଓ ତାତ୍ତ୍ୱିକ ଜ୍ଞାନର ଗଭୀରତା ସାଙ୍ଗକୁ ଆପୋଷହୀନ ସଂଗ୍ରାମ ଚଳାଇବାର ଯୋଦ୍ଧା ହିସାବରେ ସର୍ବତ୍ର ପରିଚିତ ଥିଲେ। ତାଙ୍କ ପ୍ରତି କେହି କେବେ ଅସୂୟା ଅଶ୍ରଦ୍ଧା ପ୍ରକାଶ କରି ନାହାନ୍ତି। ଦୁର୍ନୀତି ସ୍ୱଜନପ୍ରୀତି, କଥା ଠାରୁ କାମର ଫରକ, ସମ୍ପତ୍ତି ହାସଲ କରିବାର ଲାଳସା, ପଦବୀରେ ବସିବାର ମୋହ, ଗର୍ବ, ଅହମିକା, କ୍ରୋଧ ପ୍ରଭୃତି ଦୁର୍ଗୁଣ ଠାରୁ ସେ ସମ୍ପୂର୍ଣ୍ଣ ଭାବେ ମୁକ୍ତ ଥିଲେ। ଭଗବତୀ ଚରଣ ଠିକ୍ ଏହିପରି ଥିଲେ। ମାତ୍ର ତା ସହିତ ସ୍ପର୍ଶମଣି ପରି ଅନ୍ୟକୁ ଆକର୍ଷିତ କରି ଆଣିବାର ବିଶେଷଗୁଣ ଭଗବତୀଙ୍କର ଥିଲା। ଭଗବତୀ ନିଜର ତ୍ୟାଗପୂତ କାର୍ଯ୍ୟ, ଜୀବନ ଶୈଳୀ ଓ ଅସାମାନ୍ୟ ପ୍ରତିଭା ବଳରେ ମାତ୍ର ୧୦ ବର୍ଷର ଜୀବନକାଳ ମଧ୍ୟରେ ରାଜ୍ୟର ରାଜନୀତି, ସାମାଜିକ, ଅର୍ଥନୈତିକ ଆନ୍ଦୋଳନର କ୍ଷେତ୍ର, ଛାତ୍ର ଯୁବକ ସଙ୍ଗଠନ ଓ ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ଯେଉଁ ଅମ୍ଳାନ ସ୍ୱାକ୍ଷର ରଖିଗଲେ ତାହା ତାଙ୍କୁ ଅମରତ୍ୱ ପ୍ରଦାନ କରିଥିଲା। ମାତ୍ର ଭଗବତୀ

Digitized by PPRACHIN, SOA

ପ୍ରାଣନାଥ ଏହି ସମଯୋଦ୍ଧା ଦ୍ୱୟଙ୍କୁ ପାରସ୍ପରିକ ତୁଳନାରେ ପକାଇବା କଷ୍ଟକର । ନିଜ ନିଜର ସ୍ୱକୀୟ ଅନନ୍ୟ ପ୍ରତିଭା ବଳରେ ସେମାନେ ମହାନ୍ । ଉଭୟ ଥିଲେ ଧୂଳିମାଟିର ମଣିଷ, ଗରିବ ଶ୍ରେଣୀର ଦୁର୍ବାର ସଂଗ୍ରାମର ସହଯାତ୍ରୀ । ପରବର୍ତ୍ତୀ କାଳରେ ଭଗବତୀ ଯେଉଁ ପ୍ରଗତିଶୀଳ ସାରସ୍ୱତ ଆନ୍ଦୋଳନର ଭିତ୍ତି ପକାଇ ଯାଇଥିଲେ, ତାକୁ ହିଁ ଆଧାର କରି ପ୍ରାଣନାଥ ପଟ୍ଟନାୟକ ରଚନା କଲେ ପ୍ରଗତିଶୀଳ ସାହିତ୍ୟାଦର୍ଶରେ ଅନୁରଞ୍ଜିତ ମହାନ ସୃଜନଶୀଳ ଅଥଚ ସାହିତ୍ୟ ସମାଲୋଚନାର ସୁବର୍ଣ୍ଣ ଦଲିଲ– ‘‘ଆସନ୍ତା କାଲିର ସାହିତ୍ୟ ।’’

ଭଗବତୀ ଚରଣ ଓ ଗୁରୁ ଚରଣଙ୍କ ସହଯୋଗରେ ପ୍ରାଣନାଥ ପଟ୍ଟନାୟକଙ୍କ ପ୍ରେରଣାରେ ୧୯୩୭ ମସିହାରେ ପୁରୀ ଜିଲ୍ଲାରେ ପାର୍ଟି ଗଠିତ ହେଲା । ବହୁ ଲଢୁଆ ସ୍ୱାଧୀନତା ସଂଗ୍ରାମୀ ପାର୍ଟି ସଭ୍ୟ ଓ କୃଷକ ଆନ୍ଦୋଳନର ରଥୀ ହୋଇଥିଲେ । ସେମାନେ ହେଲେ ଗୋକୁଳ ମୋହନ ରାୟ ଚୂଡ଼ାମଣି, ପରଶୁରାମ ପଦାତିକରାୟ, ଗଙ୍ଗାଧର ମିଶ୍ର, ପରବର୍ତ୍ତୀ କାଳରେ ଲକ୍ଷ୍ମଣ ପଟ୍ଟନାୟକ, ରଘୁନାଥ ପଟ୍ଟନାୟକ, ଗଙ୍ଗାଧର ପାଇକରାୟ, କୃଷକ ସଭାର ସାଧୁଚରଣ ମହାନ୍ତି ସାନପଦରର ବାଙ୍କନିଧି ସୁବୁଦ୍ଧି, ନିରଂଜନ ଜଗଦ୍ଦେବ, ଚନ୍ଦକାର ଉପେନ୍ଦ୍ରନାଥ ଦାସ କମ୍ୟୁନିଷ୍ଟ ପାର୍ଟିରେ ସାମିଲ ହୋଇଥିଲେ । ପରବର୍ତ୍ତୀ କାଳରେ ସ୍ୱାଧୀନତା ସଂଗ୍ରାମର ଯୋଦ୍ଧା ଗତିକୃଷ୍ଣ ସ୍ୱାଇଁ ପାର୍ଟିକୁ ଆସିଲେ । ବାମପନ୍ଥୀ ମୁକ୍ତି ଯୋଦ୍ଧା ମୋହନ ଦାସ ପାର୍ଟି ବାହାରେ ଥାଇ ମଧ୍ୟ ସମଯୋଦ୍ଧା ଥିଲେ ।

ପ୍ରାଣନାଥଙ୍କ ଜୀବନ କାହାଣୀର ଇତିହାସ ହେଉଛି ତତ୍କାଳୀନ ଓଡିଶାର ଜାତୀୟ ମୁକ୍ତି ସଂଗ୍ରାମ, କମ୍ୟୁନିଷ୍ଟ ଆନ୍ଦୋଳନ, କୃଷକ ଓ ଅନ୍ୟ ସଂଗ୍ରାମୀ ସଙ୍ଗଠନର ଆନ୍ଦୋଳନର ଇତିହାସ । ଗୁରୁଜଙ୍ଗ ଠାରେ ଶରତ ପଟ୍ଟନାୟକଙ୍କ ସଭାପତିତ୍ୱରେ ହୋଇଥିବା ବିରାଟ ଗଣସମାବେଶ ଓଡ଼ିଶାରେ ରାଜନୈତିକ ଅବସ୍ଥାର ଏକ ମୋଡ଼ ପରିବର୍ତ୍ତନ କଲା । ଗୋକୁଳ ମୋହନଙ୍କ ଭାଷାରେ ‘‘ଏହି ସମ୍ମିଳନୀରେ ମୁଁ, ଗଙ୍ଗାଧର ମିଶ୍ର, ପୂର୍ଣ୍ଣ ମହାନ୍ତି, ପର୍ଶୁରାମ ପଦାତିକରାୟ ଓ ଦାମୋଦର ମିଶ୍ର ବିଧିବଦ୍ଧ ଭାବରେ କମ୍ୟୁନିଷ୍ଟ ପାର୍ଟିର ସଭ୍ୟ ହେଲୁ ଏବଂ ଗୋଟିଏ ସେଲ୍ (ଏବେକାର ଶାଖା) ଗଠିତ ହେଲା । ‘ଏହାର ସମ୍ପାଦକ ରହିଲେ ଲେଖକ ।’ ଅର୍ଥାତ, ରାୟ ଚୂଡ଼ାମଣି । ପୁରୀ ଜିଲ୍ଲା ପାର୍ଟି ସମ୍ପାଦକ ଓ ସମଗ୍ର ପୁରୀ ଜିଲ୍ଲାରେ ଅନ୍ୟତମ ନିୟାମକ ହେଲେ ପ୍ରାଣନାଥ । ସେତେବେଳେ କେନ୍ଦ୍ର କମ୍ୟୁନିଷ୍ଟ ପାର୍ଟିର "United Front" ଓ ଓଡ଼ିଶାର ‘‘ଆଗେ ଚାଲ’’ ରାଜ୍ୟ ପାର୍ଟି ମୁଖପତ୍ର ରୂପେ ବାହାରୁ ଥାଏ, ଯାହାର ପ୍ରସାର ପାଇଁ ଏମାନେ ଲାଗି ପଡିଲେ ।

ଜଙ୍ଗଲ ଆଇନର ପରିବର୍ତ୍ତନ, ସରବରାକାରୀ ପ୍ରଥାର ଉଚ୍ଛେଦ, ଖାସ ମାହାଲ ଆଇନ ରଦ୍ଦ ଓ ଜମିଜମା ଆଇନ ପରିବର୍ତ୍ତନର ଗଣଦାବିକୁ ନୂତନ ଦୀକ୍ଷାରେ ଦୀକ୍ଷିତ ସାଥୀମାନେ ଖୋର୍ଦ୍ଧାର ଗାଁ ଗଣ୍ଡାରେ ଜନମତ ସୃଷ୍ଟିକଲେ । ପ୍ରାଣନାଥ ବାବୁ ପ୍ରକାଶ

Digitized by PPRACHIN, SOA

କରିଥିବା ଖୋର୍ଦ୍ଧାର୧୪ ଗୋଟି ଦାବିର ପୁସ୍ତିକାକୁ ଜନସାଧାରଣଙ୍କୁ ବୁଝାଗଲା । ଏ ସବୁ ପ୍ରଶ୍ନ ଉପରେ ପ୍ରାଣନାଥ ବ୍ୟବସ୍ଥାପକ ସଭାରେ ସ୍ୱର ଉଠାଇଲେ ଓ ଏ ସମ୍ପର୍କୀୟ ବହୁ ଆଇନ ଗୃହୀତ ହେଲା । ଗୋକୁଳଦା (ଦାଦା ନାମରେ ସେ ପ୍ରିୟ ଥିଲେ)ଙ୍କ ଭାଷାରେ "ମାର୍କ୍ସବାଦ ସମ୍ପର୍କରେ ଜନସାଧାରଣଙ୍କୁ ଏହି ସଂଗ୍ରାମୀମାନେ ସରଳ ଭାବରେ ବୁଝାଉଥିଲେ ।" ପ୍ରାଣନାଥ ଓ ତାଙ୍କର ସହଯୋଦ୍ଧା ମାନେ ଧୂଳିଧୂସରିତ ଧରଣୀର ନେତା ଥିଲେ, ସେମାନେ ସେକାଳେ କରୁଥିଲେ ଗଣ ଭିତ୍ତିକ କାର୍ଯ୍ୟ ବା ଗ୍ରାସ୍ ରୁଟ ଶୈଳୀର କାର୍ଯ୍ୟ । ସେମାନେ ଅଧିକାଂଶ ସମୟ ଶବର ପଲ୍ଲୀ ଓ ଚାଷୀ ଗାଁ ମାନଙ୍କରେ କଟାଉଥିଲେ । ସେହିମାନଙ୍କ ଘରେ ରହୁଥିଲେ । ଗରିବ ଶ୍ରେଣୀର ଏହି ଜନସାଧାରଣ ଏହି ଜନଗଣର ସେବକମାନଙ୍କୁ ସେମାନଙ୍କ ପରିବାରର ସଦସ୍ୟରୂପେ ବିଚାର କରୁଥିଲେ । ସେମାନଙ୍କ ଭିତରେ ଅର୍ଥନୈତିକ ଅଧିକାର, ରାଜନୈତିକ ଓ ସାଂସ୍କୃତିକ ଚେତନାର ଧାରା ବୁହାଉଥିଲେ ପ୍ରାଣନାଥ ଓ ତାଙ୍କର ସାଥୀମାନେ । ସଚ୍ଚି ରାଉତରାୟ ଓ ଅନନ୍ତ ପଟ୍ଟନାୟକ 'ରକ୍ତଶିଖା'ରେ ପ୍ରକାଶିତ କବିତାକୁ ଗୀତ ଆକାରରେ ଗାଇ ଯାଉଥିଲେ ଖୋର୍ଦ୍ଧାର ଗାଁ ଗଣ୍ଡାରେ । ତାହାର ଏକ ପଂକ୍ତି "ମୂଲକ ଯାକର ମାଲିକ ଚାଷୀ, ମଜୁରିଆ କୁଲି ଭାରତବାସୀ, ତୋଳିଧର ତୋର ପତାକା ଅସି । ତୋହରି ରକତେ ଲାଲ, ଚାଲରେ ଚାଲରେ ଚାଲ ।" ବ୍ରଜ ମହାନ୍ତି, ନିରଞ୍ଜନ ଜଗଦ୍ଦେବ, ଲକ୍ଷ୍ମୀଧର ଷଡଙ୍ଗୀ ଚନ୍ଦକା ଖୋର୍ଦ୍ଧା ଥାନାର ଓ ବୋଲଗଡ ବେଗୁନିଆର ଗଙ୍ଗାଧର ପାଇକରାୟ (ପରବର୍ତ୍ତୀ କାଳରେ ବାରମ୍ବାର କମ୍ୟୁନିଷ୍ଟ ବିଧାୟକ) ଓ ବାଙ୍କନିଧି ସୁବୁଦ୍ଧିଙ୍କୁ ନେଇ କମ୍ୟୁନିଷ୍ଟ ପାର୍ଟି କୃଷକ ସଭା ଓ ଯୁବକ ସଭାର ସଂଗଠନମାନ ଗଢ଼ି ଉଠିଲା । ନୂଆ ଗ୍ରାମମାନଙ୍କରେ ନୂତନ ସଂଗଠନର ଶକ୍ତି ବଢ଼ିବାରେ ଲାଗିଲା । ଖୋର୍ଦ୍ଧାର ହଳଦିଆଗଡ ଅଞ୍ଚଳରେ ଜଣେ ବଡ ଜମିଦାରଙ୍କ ହୁକୁମ ଯୋଗୁ ଗରିବ କୃଷକ ସାଧାରଣ ହନ୍ତସନ୍ତ ହେଉଥିଲେ, ଯାହା ବିରୋଧରେ ପ୍ରାଣନାଥଙ୍କ ଉଦ୍ୟମରେ କୃଷକ ସଭାର ଟାଣୁଆ ସଂଗଠନ ଗଢ଼ାଯାଇ ଆନ୍ଦୋଳନ ଚଳାଗଲା । ପ୍ରାଣନାଥ ଓ ଗୋକୁଳ ମୋହନଙ୍କ ସହିତ କୁଆପୁଟରେ ଗଙ୍ଗାଧର ମିଶ୍ର, ଗଙ୍ଗାଧର ଭଞ୍ଜ ଓ ଜଗନ୍ନାଥ ଲେଙ୍କା ପ୍ରମୁଖ ଆନ୍ଦୋଳନରେ ମୁଖ୍ୟ ଅଂଶଗ୍ରହଣ କଲେ । ଜମିଦାରୀ ଶୋଷଣ ଓ ଜୁଲମର ଅନ୍ତ ଘଟି ପ୍ରଜାମାନଙ୍କର ଚାଷଜମି ଉପରେ ହକ୍ ସାବ୍ୟସ୍ତ ହେଲା । ପ୍ରାଣନାଥ ନିଜର ଚିନ୍ତାଧାରା ସହିତ ଗଣମୁଖୀ କାମଦାମର ସମନ୍ୱୟ ଘଟାଇ କିପରି ଗରିବ ଜନସାଧାରଣଙ୍କୁ ଜାଗରିତ କରାଉଥିଲେ ଓ ସେମାନଙ୍କ ବଞ୍ଚିବାର ଦାବି ହାସଲ କରାଉଥିଲେ ଏହି ଘଟଣା ହେଉଛି ତାହାର ଏକ ଜ୍ୱଳନ୍ତ ନିଦର୍ଶନ । ସେ ଥିଲେ କେବଳ ସାଂଗଠନିକ ନେତା ନୁହେଁ, ସେ ଥିଲେ ଜନନେତା, ଗଣଦାବିର ପ୍ରବକ୍ତା । କେନ୍ଦ୍ର ସ୍ଥଳରେ ବଡ ବଡ ସଭା ଶୋଭାଯାତ୍ରା ସାଙ୍ଗକୁ, ଗାଁ ମାନଙ୍କରେ ଗଣ କାମଦାମ, ସଭା, ବୈଠକ ଗାଁ ଲୋକମାନଙ୍କ ସହିତ ଘନିଷ୍ଠ ମାନବିକ ସମ୍ପର୍କ ସ୍ଥାପନ ଉପରେ ପ୍ରାଣନାଥ ଓ ତାଙ୍କର ସହକର୍ମୀମାନେ ଜୋର୍ ଦେଉଥିଲେ । କମ୍ୟୁନିଷ୍ଟ ପାର୍ଟି ଓ ତା'ର ସାଧାରଣ ସଂପାଦକ ପି.ସି.ଜୋଷୀ ଏହି ପ୍ରକାର କାମ

Digitized by PPRACHIN, SOA

ଉପରେ ଜୋର୍ ଦେଉଥିଲେ । ଗାଁ ମଣିଷର ସୁଖଦୁଃଖ, ସେମାନଙ୍କର ଭାବନା, ସମସ୍ୟା ଓ ବିଭିନ୍ନ ପ୍ରଶ୍ନର ସନ୍ଦେହ ବା ଆଶଙ୍କା କଥାକୁ ସେମାନେ ଠିକ୍ ଭାବେ ଠଉରାଇ ପାରୁଥିଲେ । ଛୋଟ ବୈଠକର ଆଲୋଚନାରେ ଗ୍ରାମୀଣ ଜନସାଧାରଣଙ୍କ ସହ ଅନ୍ତରଙ୍ଗ ସମ୍ପର୍କ ସ୍ଥାପିତ ହୋଇଥିଲା, ଯାହା ପ୍ରାଣନାଥଙ୍କୁ ଶେଷପର୍ଯ୍ୟନ୍ତ ଜନପ୍ରିୟ କରି ରଖିଥିଲା । କୃଷକମାନେ ଜମିରେ ବେଠି ଖଟଣି, ଭେଟି ଦେବା ବନ୍ଦ କରି ଦେଇଥିଲେ ।

କଂଗ୍ରେସ ସଂଗଠନ ମଧ୍ୟରେ ଥିଲେ ମଧ୍ୟ ବେଆଇନ ଘୋଷିତ ହୋଇଥିବା କମ୍ୟୁନିଷ୍ଟ ପାର୍ଟିର ସଂଗଠନ ସହିତ ସଂପୃକ୍ତ ଥାଇ, ତାର ଦ୍ୱୋମୁଖୀ କାର୍ଯ୍ୟକ୍ରମକୁ ପ୍ରାଣନାଥ ଚଳାଇ ରଖିଥିଲେ । ୧୯୩୮ରେ କଂଗ୍ରେସର ତ୍ରିପୁରା ଅଧିବେଶନରେ ପ୍ରାଣନାଥ ପଟ୍ଟନାୟକ, ଗତିକୃଷ୍ଣ ସ୍ୱାଇଁ, ମୋହନ ଦାସ ଓ ଗଙ୍ଗାଧର ମିଶ୍ର ପ୍ରମୁଖ ଅଖିଳ ଭାରତ କଂଗ୍ରେସ ସମିତି ସଭ୍ୟ, ବାମପନ୍ଥୀ ସଂସ୍କାରବାଦୀ ମନୋଭାବାପନ୍ନ ନବକୃଷ୍ଣ ଚୌଧୁରୀଙ୍କ ସହିତ ମିଳିତ ହୋଇ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ କଂଗ୍ରେସର ପୁନର୍ବାର ସଭାପତି ରୂପେ ନିର୍ବାଚିତ ହେବାପରେ ଗାନ୍ଧିଜୀଙ୍କ ସମର୍ଥୀତ ପ୍ରାର୍ଥି ପଟାଭି ସୀତାରାମାୟା ପରାସ୍ତ ହୋଇଥିବାକୁ ଏ.ଆଇ.ସି.ସି.ର କାର୍ଯ୍ୟକାରୀ କମିଟିରେ ସଂଖ୍ୟାଧିକ ବରିଷ୍ଠ ସଦସ୍ୟ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ସର୍ଦ୍ଦାର ପଟେଲ, ମୌଲାନା ଆଜାଦ୍, ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ ପ୍ରମୁଖ କମିଟିରେ ନ ରହିବାର ଯେଉଁ ନିଷ୍ପତ୍ତି ଘୋଷଣା କଲେ, ଖୁବ୍ ଜ୍ୱରାକ୍ରାନ୍ତ ଥିବା ବେଳେ ଏ ଅସହଯୋଗରେ ବିମର୍ଷ ନେତାଜୀ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଲେ । ବାମପନ୍ଥୀ ମନୋଭାବାପନ୍ନ ପଣ୍ଡିତ ଜବାହାରଲାଲ ମଧ୍ୟ ନେତାଜୀଙ୍କ ସହିତ ସହଯୋଗ କରି ନଥିଲେ । ଏସବୁ ଘଟଣା କଂଗ୍ରେସ ଭିତରେ ପ୍ରାଣନାଥଙ୍କ ଭଳି ବାମପନ୍ଥୀମାନଙ୍କୁ ଉଦ୍‌ବେଳିତ କରିଥିଲା । ଗାନ୍ଧିଜୀ, ନେହେରୁ ଓ ସୁଭାଷ ବୋଷଙ୍କ ଭିତରେ ଏକ ସମନ୍ୱିତ ଏକତା ଏମାନେ ଚାହିଁଥିଲେ । ନେତାଜୀଙ୍କ ଶ୍ରମିକ କୃଷକ ସପକ୍ଷବାଦୀ ଘୋଷଣା, ସାମ୍ରାଜ୍ୟବାଦ ବିରୋଧରେ ଆପୋଷହୀନ ସଂଗ୍ରାମର ଡାକରା ଓ ବଙ୍ଗଳା ତଥା ଅନ୍ୟ ପ୍ରଦେଶର ହିନ୍ଦୁ ମୁସଲମାନଙ୍କ ଭିତରେ ସାଂପ୍ରଦାୟିକ ଭ୍ରାତୃତ୍ୱ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ ତାଙ୍କର ଏକ ଜନପ୍ରିୟ ବାମପନ୍ଥୀ ଭାବମୂର୍ତ୍ତି ସୃଷ୍ଟି କରିଥିଲା । ମାତ୍ର ଭାରତର କୃଷକ ପ୍ରଧାନ ଜନ ସାଧାରଣଙ୍କର ଦୃଢ ସଂଗଠନକୁ ଠିକ୍ ଭାବେ କଳନାକରି ସେମାନଙ୍କ ବିଶ୍ୱାସ ଓ ଅସୀମ ଭକ୍ତିର ପାତ୍ର ଥିଲେ ଗାନ୍ଧିଜୀ, ଯାହାଙ୍କୁ ମାହାତ୍ମା ଗାନ୍ଧୀ ନାମରେ ଦେଶବାସୀ ଶ୍ରଦ୍ଧାରେ ଡାକୁଥିଲେ । ଗାନ୍ଧିଜୀଙ୍କ ଶିଳ୍ପ, ଅର୍ଥନୀତି ସମ୍ବନ୍ଧରେ ଚିନ୍ତାଧାରା "ଟ୍ରଷ୍ଟି" ବ୍ୟବସ୍ଥା ଉପରେ ବୟାନ ଓ ଆନ୍ଦୋଳନରେ ପ୍ରଚଣ୍ଡ ପୋଲିସ ଦମନ, ହତ୍ୟାକାଣ୍ଡ ବିରୋଧରେ ଜନସାଧାରଣଙ୍କ ତରଫରୁ ଜବାବରେ ତୀବ୍ର ପ୍ରତିହିଂସାତ୍ମକ ପ୍ରତିକ୍ରିୟା ପ୍ରକାଶରେ ବ୍ୟଥିତ ହୋଇ ଆନ୍ଦୋଳନ ବନ୍ଦ କରିଦେବା ଓ ଅତ୍ୟଧିକ ନୈତିକ ଶକ୍ତି, ସତ୍ୟ ଅହିଂସା ଉପରେ ଗଭୀର ପ୍ରତ୍ୟୟ ରଖିବା ପ୍ରଭୃତି ବିଷୟକୁ ବାମପନ୍ଥୀମାନେ ସମର୍ଥନ କରି ପାରୁନଥିଲେ । ମାତ୍ର ସେ ଥିଲେ ଜାତୀୟ ମୁକ୍ତି ସମରର ଅଦ୍ୱିତୀୟ ନେତା, ଯାହାଙ୍କ ଡାକରାରେ

Digitized by PPRACHIN, SOA

ସମଗ୍ର ଦେଶରେ ପ୍ରବଳ ଗଣସଂଗ୍ରାମ ଗଢିଉଠୁଥିଲା । ଅନ୍ୟ ପକ୍ଷରେ ସଂଗ୍ରାମର ପଥ ଓ ଲକ୍ଷ୍ୟ ଭଳି ତାତ୍ତ୍ୱିକ ପ୍ରଶ୍ନ ଉପରେ ସେମାନଙ୍କ ମତଭେଦ ଥିଲା । ୧୯୩୨ ମାର୍ଚ୍ଚ ୨୦ରେ ମିରଟ କମ୍ୟୁନିଷ୍ଟ ଷଡଯନ୍ତ୍ର ମାମଲାରେ ଅଭିଯୁକ୍ତ ହୋଇ ଏସ୍.ଏ.ଡାଙ୍ଗେ, ମୁଜାଫର ଅହମଦ, ସୌକତ ଉଷ୍‌ମାନୀ, ଏସ୍.ଏସ୍. ମିରାଦକର, ଗଙ୍ଗାଧର ଅଧିକାରୀ, ସୋହନ ସିଂହ ଜୋଷ୍, ଧରଣୀ ଗୋସ୍ୱାମୀ, ଝୋଗେଲକର ଓ ପି.ସି.ଜୋଷୀ ପ୍ରମୁଖ କମ୍ୟୁନିଷ୍ଟ ନେତାମାନେ ଜେଲଖାନାରେ ଥିଲାବେଳେ ମହାତ୍ମାଗାନ୍ଧୀ ସେମାନଙ୍କୁ ଭେଟିବାକୁ ଯାଇଥିଲେ । ସେତେବେଳେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ବେଳେ କମ୍ୟୁନିଷ୍ଟ ନେତାମାନେ ନିଷ୍କପଟ ଭାବେ ଏହି ବିଷୟକ ପ୍ରସଙ୍ଗ ଉଠାଇଥିଲେ । ମିରଟ ଷଡଯନ୍ତ୍ର ମାମଲାର ବିଚାର ବେଳେ କମ୍ୟୁନିଷ୍ଟ ପାର୍ଟିର ଏହି ନେତାମାନେ, ଯେଉଁମାନେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଥିଲେ, ସେମାନେ କୋର୍ଟ ବିଚାର ବେଳେ ଯେଉଁପ୍ରକାର ଘୋଷଣାମାନ ପ୍ରକାଶ କରିଥିଲେ ତାହା ଏକ ଆଗ୍ନେୟ ଆଦର୍ଶର ବାହକ ଥିଲା । ପ୍ରାଣନାଥ ସେ ସବୁର ଟିକି ନିଖି ଖବର ରଖୁଥିଲେ । ଅଖିଳ ଭାରତ ସ୍ତରରେ କମ୍ୟୁନିଷ୍ଟ ପାର୍ଟିର ଗଠନ ପୂର୍ବରୁ ୧୯୧୮ରେ ଅଖିଳ ଭାରତ ଟ୍ରେଡ ୟୁନିଅନ କଂଗ୍ରେସ ଗଠିତ ହୋଇ ସାରିଥିଲା । କେରଳର ତୁଙ୍ଗ କଂଗ୍ରେସ ନେତା ପଟମ୍ କୃଷ୍ଣ ପିଲାଇ, ଇ.ଏମ୍.ଏସ ନମ୍ବୁଦ୍ରିପଦ, ଏ.କେ. ଗୋପାଳ, ଆନ୍ଧ୍ରର ସ୍ୱାଧୀନତା ସଂଗ୍ରାମୀ ଜି.ସୁନ୍ଦରେୟା ପ୍ରମୁଖ ବାମପନ୍ଥୀ ମତର ବିଶ୍ୱାସୀ ଥିଲେ । ସେମାନେ ସମୟକ୍ରମେ କମ୍ୟୁନିଷ୍ଟ ପାର୍ଟିରେ ମିଳିତ ହେଲେ । ଅନ୍ୟପକ୍ଷରେ ଅଜୟ ଘୋଷ, ଶିବବର୍ମା ପ୍ରମୁଖ ଭଗତ ସିଂହଙ୍କ ସହଯୋଦ୍ଧା, ୟାସପାଲଙ୍କ ଭଳି ପ୍ରସିଦ୍ଧ ଲେଖକ କାକୋରୀ ଷଡଯନ୍ତ୍ର ମାମଲାରେ ଫାଶୀ ପାଇଥିବା ରାମ ପ୍ରସାଦ ବିସ୍ମିଲ ଓ ଆଫଦୁଲା ଖାଁଙ୍କର ସହଯୋଦ୍ଧା ମାନେ କମ୍ୟୁନିଷ୍ଟ ପାର୍ଟିରେ ମିଶିଥିଲେ । ଭାରତରେ ''ବନ୍ଦେ ମାତରମ''ର ମନ୍ତ୍ରଗାନର ଭୂମି ବଙ୍ଗଳାରେ ଯୁଗାନ୍ତର, ଅନୁଶୀଳନ ଗୋଷ୍ଠୀର ବହୁ ସଦସ୍ୟ ଓ ଚିଟାଗଙ୍ଗ ଅସ୍ତ୍ରାଗାର ଲୁଣ୍ଠନର ବୀର (ଯାହାଙ୍କ ମହାନ୍ ନେତା ସୂର୍ଯ୍ୟସେନ୍ —ମାଷ୍ଟରଦା ନାମରେ ଖ୍ୟାତ ହୋଇ ଫାଶୀ ପାଇଲେ)ମାନେ ମଧ୍ୟ କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେଇଥିଲେ । ରାଜନୈତିକ ସ୍ୱାଧୀନତା ସାଙ୍ଗକୁ ଅର୍ଥନୈତିକ ସାମାଜିକ ମୁକ୍ତିର ମହାନ୍ ଚେତନା ଏକ ଆତ୍ମବଳିଦାନର ଆଦର୍ଶରେ ପରିଣତ ହୋଇଥିଲା । ଏପରି ୧୯୪୨ ଅଗଷ୍ଟ ୯'ର ବିପ୍ଳବିଣୀ ନେତ୍ରୀ ଅରୁଣା ଆସଫ୍ ଅଲ୍ଲୀ ଆତ୍ମଗୋପନରୁ ବାହାରିବା ପରେ କମ୍ୟୁନିଷ୍ଟ ପାର୍ଟିରେ ଯୋଗଦେଇଥିଲେ ।

ପ୍ରାଣନାଥ କଂଗ୍ରେସ ପାର୍ଟିର ସଭ୍ୟ ଓ ବ୍ୟବସ୍ଥାପକ ଥାଇ କମ୍ୟୁନିଷ୍ଟ ପାର୍ଟିର ଗଣକାର୍ଯ୍ୟ ସବୁକୁ ଖୋଲାଖୋଲି ଭାବେ କରୁଥିଲେ ଓ କଂଗ୍ରେସ ପତାକା ସହିତ କୃଷକ ସଭା ତଥା କମ୍ୟୁନିଷ୍ଟ ପାଟି ପତାକା ଖୋର୍ଦ୍ଧା, ଜଟଣୀ, ଚନ୍ଦକା, ବୋଲଗଡ ଓ ବେଗୁନିଆର ବ୍ୟାପକ ଅଞ୍ଚଳରେ ଉଡୁଥିଲା । ପାର୍ଟି ଓ କୃଷକସଭାର କାର୍ଯ୍ୟାଳୟ ଥିଲା ଖୋର୍ଦ୍ଧାର ମାତାମଠରେ ଦୁଇଟି କୋଠରି । ଯେଉଁଠାକୁ ଆଲୋଚନା ଓ ବୈଠକ ପାଇଁ ଭଗବତୀଚରଣ ଓ ଗୁରୁଚରଣ ପ୍ରଭୃତି କମ୍ୟୁନିଷ୍ଟ ନେତାମାନେ ଆସୁଥିଲେ, ବିଶ୍ୱନାଥ

Digitized by PPRACHIN, SOA

ପଶାୟତ (ପରବର୍ତ୍ତୀକାଳର ବରିଷ୍ଠ ଆଇନଜୀବୀ) ଛାତ୍ର ସଂଗଠନ ଗଢ଼ିବାକୁ ଆସୁଥିଲେ । ସାଧୁଚରଣ ମହାନ୍ତି ଏହି ଅଫିସକୁ କେନ୍ଦ୍ରକରି ପୁରୀ ଜିଲ୍ଲା ଓ ଓଡ଼ିଶାର ବ୍ୟାପକ ଅଞ୍ଚଳରେ କୃଷକ ସଭାର ସଂଗଠନ କରିବାକୁ ଗସ୍ତ କରୁଥିଲେ । ମାତା ମଠ ଉପରେ ଥିଲା ପୋଲିସର କଡା ଦୃଷ୍ଟି । ଥରେ ପ୍ରାଣନାଥ ପ୍ରମୁଖ ଏହି ଅଫିସରେ ଥିବାବେଳେ, ପୋଲିସ ତଥାକଥିତ ବେଆଇନ କାଗଜ ପତ୍ର– କମ୍ୟୁନିଷ୍ଟ ପତ୍ରପତ୍ରିକା ଜବତ କରିବା ଅଭିପ୍ରାୟରେ ଅଫିସ ଉପରେ ଚଢାଉ କଲେ । ମାତ୍ର ରହସିଆ ଗଙ୍ଗାଧର ମିଶ୍ର ବାକ୍‌ଚାତୁରୀରେ ପୋଲିସକୁ ଅଟକାଇ ରଖିବା ଭିତରେ, ସେଗୁଡିକୁ ଚୁଲିରେ ଜାଳି ଦିଆଗଲା । ଏଗୁଡ଼ିକ ହାସଲ କରିଥିଲେ ପ୍ରାଣନାଥ, ଗୋକୁଳ ମୋହନ ପ୍ରଭୃତିଙ୍କୁ ଜେଲ୍ ଯିବାକୁ ପଡିଥାନ୍ତା ମାତ୍ର ତା ପରେ ପରେ ଜେଲ୍ ଯିବାର ପାଳି ଆସିଗଲା ।

ସେତେବେଳେ ପୁରୀର ଖୋର୍ଦ୍ଧା ସବ୍‌ଡିଭିଜନରେ କମ୍ୟୁନିଷ୍ଟ ପାର୍ଟି ପ୍ରାଣନାଥଙ୍କୁ କେନ୍ଦ୍ରକରି ପ୍ରସାରିତ ହେଉଥିଲା । ପୁରୀ ସବ୍‌ଡିଭିଜନରେ ମୋହନ ଦାସ ଓ ଗତିକୃଷ୍ଣ ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ବାମପନ୍ଥୀ ସଂଗଠନ ଓ ମତବାଦ କୃଷକସଭା ଜରିଆରେ କାକଟପୁର, ଗୋପ, ନିମାପଡା, ପିପିଲି, ବାଲିପାଟଣା ଓ ବ୍ରହ୍ମଗିରି ପ୍ରଭୃତିରେ ପ୍ରସାରିତ ହେଉଥିଲା । ପୁରୀରେ ୧୯୩୪ରେ ଭଗବତୀ ଚରଣ, ଛାତ୍ରନେତା ନରସିଂହ ତ୍ରିପାଠୀଙ୍କ ନେତୃତ୍ୱରେ ଗୌରହରି ନାୟକ, ଗୋପୀନାଥ ବ୍ରହ୍ମଚାରୀ, ବେଙ୍ଗଦେଇ ପ୍ରଭୃତିଙ୍କ ସାଂଗଠନିକ ନେତୃତ୍ୱରେ ପୁରୀ ସହରର ପରିମଳକାରୀ ମେହେନ୍ତର ସଂଘ ଗଠିତ ହୋଇଥିଲା । ପୁରୀରେ ବହୁ ଯୁବକ, ଶ୍ରମିକ ବାମପନ୍ଥୀ ମତବାଦ ପ୍ରତି ଆକୃଷ୍ଟ ହୋଇ ଆସୁଥିଲେ । ବ୍ରହ୍ମଗିରିର ସାଧୁବାବା ଦାମସ୍ୱାଇଁ ପ୍ରଭୃତିଙ୍କୁ କୃଷକ ସଭାକୁ ଆଣିଥିଲେ ।

କଟକର ଯୁବଛାତ୍ର ସଂଗଠନ କରୁଥିବା ରାମକୃଷ୍ଣ ପତି ବାମପନ୍ଥୀ ମତବାଦର ପୋଷକତା କରୁଥିଲେ । ଗୁରୁଚରଣ ପଟ୍ଟନାୟକ ଓ ତାଙ୍କର ନେତୃତ୍ୱରେ ଏକ ବିରାଟ ଯୁବ ସମ୍ମିଳନୀ କଟକଠାରେ ଅନୁଷ୍ଠିତ ହୋଇଥିଲା । ବିଶ୍ୱନାଥ ପଶାୟତ, ବୈଦ୍ୟନାଥ ରଥ, ବିଜୟଚନ୍ଦ୍ର ଦାସ, ଅନନ୍ତ ପଟ୍ଟନାୟକ, ଗୋବିନ୍ଦଚନ୍ଦ୍ର ମହାନ୍ତି, ମନମୋହନ ମିଶ୍ର ସଚ୍ଚିଦାନନ୍ଦ ରାଉତରାୟ, ଦୁର୍ଗାଚରଣ ମହାନ୍ତି, ରାମଚନ୍ଦ୍ର ମିଶ୍ର ପ୍ରମୁଖଙ୍କ ନେତୃତ୍ୱରେ ଏକ ପ୍ରଗତିଶୀଳ ବାମପନ୍ଥୀ ଛାତ୍ର ଆନ୍ଦୋଳନ ଓ ଏହାର ସଂଗଠନ ଛାତ୍ରସଂଘ ଏକ ଶକ୍ତିଶାଳୀ ବାମପନ୍ଥୀ ଜାତୀୟବାଦୀ ସଂଗଠନ ରୂପେ ଗଢି ଉଠିଥିଲା । ଖୋର୍ଦ୍ଧାରୁ ନୂତନ ଅଭିଜ୍ଞତା ନେଇ ଆସିଥିବା ରାମଚନ୍ଦ୍ର ମିଶ୍ର, ଦୁର୍ଗାଚରଣ ମହାନ୍ତି ଓ ରାମଚନ୍ଦ୍ର ରାମ କମ୍ୟୁନିଷ୍ଟ ଆନ୍ଦୋଳନ ଓ ଛାତ୍ରସଂଘ ଆନ୍ଦୋଳନକୁ ସ୍ୱକୀୟ ଅବଦାନରେ ସମୃଦ୍ଧ କରୁଥିଲେ । ୧୯୩୮ରେ ପ୍ରସିଦ୍ଧ ମେଡିକାଲ ସ୍କୁଲ ଧର୍ମଘଟରେ ଛାତ୍ରସଂଘ ତା'ର ଅବଦାନ ଦେଖାଇଥିଲା । ମେଡିକାଲ ଛାତ୍ରମାନଙ୍କର ନ୍ୟାୟସଂଗତ ଦାବି ପାଇଁ ମେଡିକାଲ ସ୍କୁଲର ଛାତ୍ରଆନ୍ଦୋଳନକାରୀଙ୍କ ସହିତ କମ୍ୟୁନିଷ୍ଟ ମତବାଦରେ ବିଶ୍ୱାସୀ ଛାତ୍ର ସଂଗଠନର ସାଥୀମାନେ ଅନ୍ୟମତର ଦେଶପ୍ରେମୀ ଛାତ୍ର ନେତାମାନେ କାରାବରଣ କରି ପୋଲିସ ଜୁଲମର ଶିକାର ହୋଇ ଶେଷକୁ ବିଶ୍ୱନାଥ ଦାସଙ୍କ କଂଗ୍ରେସ ମନ୍ତ୍ରିମଣ୍ଡଳଠାରୁ ଦାବି

Digitized by PPRACHIN, SOA

ଆଦାୟ କରିବାରେ ସମର୍ଥ ହୋଇଥିଲେ । ଫଳରେ ବହୁ ଯୁବଛାତ୍ର ସାଥୀ ବାମପନ୍ଥୀ ସଂଗଠନକୁ ଆସିଲେ । ବ୍ୟବସ୍ଥାପକ ହିସାବରେ ପ୍ରାଣନାଥ ଓ ମୋହନ ଦାସ ଯେଉଁ ଗୌରବମୟ ଭୂମିକା ନେଇଥିଲେ ତାହା ଅବିସ୍ମରଣୀୟ । କେବଳ ପ୍ରାଣନାଥ ଛାତ୍ରମାନଙ୍କ ଦାବିକୁ ମନ୍ତ୍ରିମଣ୍ଡଳ ପାଖରେ ଓ ବ୍ୟବସ୍ଥାପକ ସଭାରେ ଉତ୍‌ଥାପନ କରିନଥିଲେ, ସେ ଆନ୍ଦୋଳନକାରୀମାନଙ୍କ ସହିତ ଘନିଷ୍ଠ ଯୋଗସୂତ୍ର ରକ୍ଷାକରି ସେମାନଙ୍କୁ ନୈତିକବଳ ଯୋଗାଇଥିଲେ ।

ଏହିପରି ଅବସ୍ଥାରେ ୧୯୩୯ ସେପ୍ଟେମ୍ବର ପହିଲାରେ ନାଜୀ ଜର୍ମାନୀ ଓ ଫାସିଷ୍ଟ ଇଟାଲୀ ଦ୍ୱିତୀୟ ମହାଯୁଦ୍ଧ ଆରମ୍ଭ କଲେ । ସାରା ବିଶ୍ୱପାଇଁ ଦୁର୍ନିର୍ବାର ସଙ୍କଟ ଆସିଗଲା । ହିଟଲରର କାରସାଦି ଧମକ ସାମନାରେ ମ୍ୟୁନିକ୍ ଠାରେ ବିଲାତ ଓ ଫ୍ରାନ୍ସ ତାଙ୍କ ପାଖରେ ଆତ୍ମସମର୍ପଣ କଲେ ଓ ଏହାଫଳରେ ହିଟଲର ଚେକୋସ୍ଲୋଭାକିଆ ଗ୍ରାସକଲା । ଇଟାଲୀର ଆଫ୍ରିକୀୟ ଆବିସିନିଆ ଦଖଲ ତାର ପୂର୍ବାଭାସ ଥିଲା । ପ୍ରାଣନାଥ ଓ ଗୋକୁଳ ମୋହନ ପ୍ରଭୃତି ନେତାମାନେ ଏପରି ଯୁଦ୍ଧ ଆସିବ ବୋଲି ଆଶଙ୍କା କରି ସତର୍କ ପଦକ୍ଷେପ ନେଉଥାନ୍ତି । ସେମାନେ ଗାଁ ଗଣ୍ଡା ଓ ବଣ ଜଙ୍ଗଲରେ ଥିବା ଜନସାଧାରଣଙ୍କ ଭିତରେ ସଭା ସମିତି ଓ ବୈଠକମାନ କରୁଥାନ୍ତି । କମ୍ୟୁନିଷ୍ଟ ପାର୍ଟିର ମୁଖପତ୍ର 'ଆଗେଚାଲ' ବହୁଳ ଭାବରେ ଗ୍ରାମାଞ୍ଚଳରେ ପ୍ରସାରିତ ହେଉଥାଏ । ନିରକ୍ଷର ଜନସାଧାରଣଙ୍କୁ ଏହାକୁ ଶୁଣାଇ ମର୍ମକଥାକୁ ବୁଝାଯାଉଥାଏ । ସାଧୁଚରଣ ମହାନ୍ତି କୃଷକସଭାର ସାଂଗଠନିକ କାର୍ଯ୍ୟକୁ ଅବ୍ୟାହତ ରଖିଥାନ୍ତି ।

ଦ୍ୱିତୀୟ ମହାଯୁଦ୍ଧ ଆସିଯିବା ପରେ, ପ୍ରାଣନାଥ ଓ ତାଙ୍କର ସାଥୀମାନେ ଯୁଦ୍ଧଚାନ୍ଦା ନଦେବାକୁ ଓ ସୈନ୍ୟବାହିନୀରେ ଯୋଗ ନଦେବାକୁ ଜନସାଧାରଣଙ୍କ ଭିତରେ ଜୋରସୋର ସଭାସମିତି ଓ ବୈଠକମାନ ଖୋର୍ଦ୍ଧା, ଟାଙ୍ଗୀ, ଚନ୍ଦକା, ବୋଲଗଡ, ବେଗୁନିଆ ପ୍ରଭୃତି ଅଞ୍ଚଳରେ ଚଳାଇଲେ । ଦିନକେ ୩ଟା କରି ସଭା ଓ ବୈଠକ ଅନୁଷ୍ଠିତ ହେଲା । ସଭା ଓ ବୈଠକମାନଙ୍କରେ ମାର୍କ୍ସବାଦର ମୂଳକଥା, କେହି କୋଟୀଶ୍ୱର ହୋଇ ମହଲରେ ରହି କାମ ନକରି ମଉଜରେ ରହିବ ନାହିଁ କି କେହି କାମ କରି କରି ହାଡଭାଙ୍ଗି ଖାଇବାକୁ ନପାଇ ମରିଯିବ, ତାର ଘର ନଥିବ, ଦେହକୁ ଲୁଗା ନଥିବ, ଏପରି ହେବନାହିଁ, ତାହା ହେଲା ଅସଲକଥା ବୋଲି ପ୍ରାଣନାଥ ଓ ତାଙ୍କର ସାଥୀମାନେ ବୁଝାଉଥିଲେ । ତାହା ସାଙ୍ଗକୁ ପୃଥିବୀର ଅବସ୍ଥା, ଯୁଦ୍ଧ କାହିଁକି, ସେଥିରେ ଫାଇଦା କାହାର, କୃଷକ ଆନ୍ଦୋଳନର ମୂଳଲକ୍ଷ୍ୟ କ'ଣ, ଏସବୁ କଥା ବୁଝାଇବା ପାଇଁ ବ୍ୟାପକ ଭାବେ କର୍ମୀ ସଭା ଓ ଜନସଭାମାନ ସଂଗଠିତ କରାଗଲା । ଏଥିରେ ପ୍ରାଣନାଥ ବାବୁଙ୍କ ଛଡା ଗୋକୁଳଦା, ସାଧୁଚରଣ ମହାନ୍ତି ଓ ପୂର୍ଣ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ଗାଁ ଗଣ୍ଡା ବାଣ୍ଟିନେଇ ଗାଁ ଗଣ୍ଡାରେ ଚେତନାର ଝଲକ ସୃଷ୍ଟି କଲେ ।

ତା'ଛଡା ପ୍ରାଣନାଥଙ୍କ ନେତୃତ୍ୱରେ ଗ୍ରାମାଞ୍ଚଳରେ ଏକ ଚଳନ୍ତି ଶିକ୍ଷା ଶିବିର (Mobile Educational Camp) ବ୍ୟାପକ ଭାବେ ଗଠିତ ହେଲା । ସେଥିପାଇଁ ଗାଡି,

Digitized by PPRACHIN, SOA

ମଟର, ଯାନବାହନ କିଛି ନଥିଲା । ପାଦରେ ଚାଲି ଏସବୁକୁ ସମ୍ଭବ କରାଯାଇଥିଲା । ଗୋଟିଏ ଗାଁରେ ଶିକ୍ଷାଶିବିର ହେଲେ, କାଲି ଅନ୍ୟ ଗାଁରେ ହେଉଥିଲା । ଖୋର୍ଦ୍ଧାର ମଳିପଡା, ଜିଂକିଆ, ଓଲସିଂ, ଟାଙ୍କୋଳ ପ୍ରଭୃତି ଗ୍ରାମମାନଙ୍କରେ ଶିକ୍ଷା ଶିବିରମାନ ହୋଇଥିଲା । ଏହା ସାମ୍ୟବାଦୀ ଶିକ୍ଷା ଶିବିର ଥିଲା । ଦିନବେଳା ପ୍ରାଣନାଥ ଓ ଅନ୍ୟସାଥୀମାନେ ଗୋଟିଏ ଗ୍ରାମ ବା ଜନପଦରେ ପହଁଚନ୍ତି । ସେଠାରେ ଜନସାଧାରଣ ଆଗନ୍ତୁକମାନଙ୍କର ଖାଇବା ଓ ରହିବାର ବ୍ୟବସ୍ଥା କରିଥାନ୍ତି । ସେହି ଗାଁକୁ କେନ୍ଦ୍ରକରି ଅନ୍ୟ ପାଖ ଗାଁର କର୍ମୀମାନେ ଆସନ୍ତି । ସକାଳେ ଓ ଖରାବେଳେ ସେମାନଙ୍କୁ ଶିକ୍ଷା ଦିଆଯାଏ । ଅବସର ସମୟରେ ସାଥୀମାନେ ଘର ଘର ବୁଲି ଜନ ସାଧାରଣଙ୍କ ଆର୍ଥିକ ଅବସ୍ଥା ସଂପର୍କରେ ତଥ୍ୟମାନ ସଂଗ୍ରହ କରନ୍ତି । ରାତିରେ ସେହି ସବୁ ତଥ୍ୟକୁ ଭିତ୍ତିକରି ଗ୍ରାମାଞ୍ଚଳ ସାମଗ୍ରିକ ଅର୍ଥନୈତିକ ଚିତ୍ର ପ୍ରଦାନ କରି ବକ୍ତାମାନେ ଭାଷଣ ଦିଅନ୍ତି । ଫଳରେ କର୍ମୀମାନଙ୍କର ସାହସ ଓ ଉତ୍ସାହ ବଢେ । ସେମାନଙ୍କ ଭିତରେ କରିବାର ଓ ବୁଝିବାର ଶକ୍ତି ବଢେ ଏବଂ ଜନସାଧାରଣଙ୍କ ମଧ୍ୟରେ ସେମାନଙ୍କର ନେତୃତ୍ୱକାରୀ ଭୂମିକା ଗଢି ଉଠେ । ଏ ଥିଲା ଗଣକାମର ଅଭିନବ ଶୈଳୀ । ଏହି ଚଳନ୍ତି ଶିକ୍ଷା ଶିବିରରେ ଭଗବତୀ ଚରଣ ପାଣିଗ୍ରାହୀ, ଗୁରୁଚରଣ ପଟ୍ଟନାୟକ, ପ୍ରାଣନାଥ, ଗୋକୁଳ ମୋହନ ରାୟଚୂଡାମଣି, ପୂର୍ଣ୍ଣ ମହାନ୍ତି ଓ ସାଧୁଚରଣ ମହାନ୍ତି ପ୍ରମୁଖ ନେତା ରାଜନୈତିକ ଶିକ୍ଷା ଦେଉଥିଲେ । ଓଲସିଂର ରଘୁନାଥ ପଟ୍ଟନାୟକ ଓ ଲକ୍ଷ୍ମଣ ପଟ୍ଟନାୟକ ଏସବୁ କାର୍ଯ୍ୟରେ ସହାୟତା କରୁଥିଲେ । ଗୁରୁଚରଣ ପଟ୍ଟନାୟକ ପ୍ରାଞ୍ଜଳ ଭାବରେ ବୁଝାଇବା ପାଇଁ କେତେଗୁଡ଼ିଏ ଚାର୍ଟ ଅତି ଚମତ୍କାର ଭାବେ ପ୍ରସ୍ତୁତ କରି ଆଣିଥିଲେ ।

୧୯୩୯ର ଦ୍ୱିତୀୟ ମହାଯୁଦ୍ଧରେ ଭାରତ ବିଭିନ୍ନ ପ୍ରାନ୍ତରେ ଥିବା କଂଗ୍ରେସ ମନ୍ତ୍ରିମଣ୍ଡଳ, କଂଗ୍ରେସ ଓ ଭାରତର ଜନସାଧାରଣଙ୍କ ବିନାନୁମତିରେ ଦେଶ ଶାସନ କରୁଥିବା ବ୍ରିଟିଶ୍ ସରକାର ଜର୍ମାନୀ ଓ ଇଟାଲୀ ନେତୃତ୍ୱରେ ଗଠିତ 'ଚକ୍ରଶକ୍ତି' ବିରୋଧରେ ଯୁଦ୍ଧ ଘୋଷଣା କରିବାରୁ ନଭେମ୍ବର ମାସରେ ଓଡ଼ିଶା କଂଗ୍ରେସ ସରକାର ଇସ୍ତଫା ଦେଲା ଓ ବ୍ରିଟିଶ୍ ସରକାରଙ୍କ ଏତାଦୃଶ କାର୍ଯ୍ୟ ବିରୋଧରେ ଓଡ଼ିଶା ସମେତ ଦେଶବାସୀଙ୍କର ପ୍ରତିବାଦ ଧ୍ୱନି ଉଠିଲା । ଯୁଦ୍ଧ ଆରମ୍ଭ ହେବା ସମୟରୁ ଖୋର୍ଦ୍ଧାର ଗ୍ରାମ, ଜନପଦ ଓ ସହରାଞ୍ଚଳରେ ଯୁଦ୍ଧ ବିରୋଧୀ ଓ ସାମ୍ରାଜ୍ୟବାଦୀ ବିରୋଧୀ ବକ୍ତୃତା ଦେଇଥିବାରୁ ପ୍ରାଣନାଥ ପଟ୍ଟନାୟକ, ଗୋକୁଳ ମୋହନ ରାୟଚୂଡାମଣି, ସାଧୁଚରଣ ମହାନ୍ତିଙ୍କୁ ୧୯୩୯ ନଭେମ୍ବର ୧୧ ତାରିଖ ସୁଦ୍ଧା ଗିରଫ୍ କରାଗଲା । ୧୯୩୯ରେ ଦିପାବଳୀ ଅମାବାସ୍ୟା ଦିନ ପ୍ରାଣନାଥ ଗିରଫ୍ ହେଲେ । ହିଟଲର ଓ ଫାସିବାଦ ବିରୋଧରେ ପ୍ରାଞ୍ଜଳ ଭାବେ ଜନସାଧାରଣଙ୍କୁ ବୁଝାଇ ସଜାଗ କରାଇଥିବା ଏହି ନେତାମାନଙ୍କ ବିରୋଧରେ ହିଟଲରଙ୍କୁ ସାହାଯ୍ୟ କରୁଥିବା ଓ ଭାରତ ସରକାରଙ୍କୁ ଗାଦିଚ୍ୟୁତ କରିବା ଭଳି ରାଜଦ୍ରୋହ ଅପରାଧରେ ଏମାନଙ୍କ ନାମରେ ମକଦ୍ଦମା ଚଳାଗଲା । ପ୍ରାଣନାଥ ପ୍ରଭୃତି ବରିଷ୍ଠ ସ୍ୱାଧୀନତାସଂଗ୍ରାମୀ ଓ ଗଣ ସଂଗ୍ରାମର

Digitized by PPRACHIN, SOA

ବୀରମାନଙ୍କର ଆଇନଗତ ସୁରକ୍ଷା ପାଇଁ ପ୍ରତିରକ୍ଷା କମିଟି ଗଠନ କରାଗଲା । ଭଗବତୀ ଚରଣ ଓ ଗୁରୁଚରଣ ପ୍ରଭୃତି ନେତାମାନେ ଆସି ଏଥିପାଇଁ ଲଗାତାର ଉଦ୍ୟମ ଚଳାଇଛନ୍ତି । ରାଜକିଶୋର ଦାସ (ପରବର୍ତ୍ତୀ କାଳରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଜଜ୍), ଗଞ୍ଜାମ ଆଇନଜୀବୀ ମାନ୍ଧାତା ଗୋରାଚାନ୍ଦ ପଟ୍ଟନାୟକ ଓ ନିରଞ୍ଜନ ପଟ୍ଟନାୟକ ଥିଲେ ପ୍ରାଣନାଥ ପ୍ରଭୃତି ସଂଗ୍ରାମୀମାନଙ୍କର ଓକିଲ । ଖୋର୍ଦ୍ଧା ଅଦାଲତରେ ପ୍ରାଣନାଥ ପ୍ରଭୃତିଙ୍କ ନାମରେ ହେଉଥିବା ମକଦ୍ଦମାର ବିଚାର ଥିଲା ଏକ ପ୍ରହସନ । ସରକାରୀ ଓକିଲ ଥିଲେ ପୁରୀର ରାୟ ବାହାଦୁର ଲୋକନାଥ ମିଶ୍ର (ଯେକି ନିଜ ତୁଣ୍ଡରେ ପ୍ରାଣନାଥ ଓ ତାଙ୍କର ସାଥୀମାନେ କୌଣସି ବକ୍ତୃତାରେ ଏପରି କିଛି କହି ନଥିବା) ମନଗଢ଼ା ବକ୍ତୃତା ଡାକି ପୋଲିସ ରିପୋର୍ଟ ଜରିଆରେ କୋର୍ଟରେ ଦାଖଲ କରୁଥିଲେ । ଏସବୁ ପ୍ରାଣନାଥ ଓ ଗୋକୁଳମୋହନଙ୍କ ସମକ୍ଷରେ ହେଉଥିଲା । ତ୍ୟାଗୀ ସ୍ୱାଧୀନତା– ସଂଗ୍ରାମୀମାନଙ୍କୁ ଦଣ୍ଡଦେବା ପାଇଁ କେତେ ଲଜ୍ଜାଶୀଳ ଭାବେ ଏ କାମ ହେଉଥିଲା, ଭାବିଲେ ଆଶ୍ଚର୍ଯ୍ୟ ଲାଗେ ।

ଏହି ମକଦ୍ଦମାରେ ପ୍ରମୁଖ ଡିଫେନ୍ସ ଓକିଲ ଭାବେ ଲଢୁଥିବା ରାଜକିଶୋର ଦାସ ତାଙ୍କ ଆତ୍ମଜୀବନୀରେ ୧୯୩୯ର ଏହି ଐତିହାସିକ ମାମଲା ବିଷୟରେ ଆଲୋକପାତ କରିଛନ୍ତି । ସେଥିରୁ ମାମଲାର ସ୍ୱରୂପ ଓ ପ୍ରାଣନାଥ ତାଙ୍କର ସହଯୋଦ୍ଧାମାନଙ୍କର କର୍ମ ଯୋଜନାର ସୂଚନା ମିଳେ । ‘‘ଖୋର୍ଦ୍ଧାରେ କୃଷକ ଆନ୍ଦୋଳନ ଖୁବ୍ ଜୋରସୋରରେ ଚାଲିଥିଲା । ସେଥିରେ ମୁଖ୍ୟତଃ ନେତୃତ୍ୱ ନେଇଥିଲେ ପ୍ରାଣନାଥ ପଟ୍ଟନାୟକ, ଗୋକୁଳଚନ୍ଦ୍ର (ମୋହନ ହେବ–ଲେଖକ) ରାୟଚୂଡ଼ାମଣି ଓ ସାଧୁଚରଣ ମହାନ୍ତି ।’’

ପ୍ରାଣନାଥ ୧୯.୧୦.୧୯୩୯ରେ ହାଟସାହିଠାରେ ବକ୍ତୃତା ଦେଇ ଯାହା କହିଥିଲେ, ତାହାକୁ ରାଜଦ୍ରୋହମୂଳକ ବୋଲି ଆରୋପିତ କରି ସରକାରୀ ପକ୍ଷ ତାଙ୍କୁ ଓ ଅନ୍ୟ ସହଯୋଦ୍ଧାମାନଙ୍କୁ କଡ଼ାଦଣ୍ଡ ଦେବାକୁ ସରକାରୀ ଓକିଲ ଯୁକ୍ତି ବାଢ଼ିଥିଲେ । ରାଜକିଶୋର ଦାସଙ୍କ ଭାଷାରେ ‘‘ମୁଦଲା ପ୍ରାଣନାଥ ରିପୋର୍ଟର ସତ୍ୟତାକୁ ଅସ୍ୱୀକାର କଲେ । କିନ୍ତୁ ଯୁଦ୍ଧ ବିରୋଧରେ ବକ୍ତୃତା ଦେବାକୁ ସ୍ୱୀକାର କରି ତାହା କଂଗ୍ରେସର ନିର୍ଦ୍ଦେଶ ଅନୁସାରେ କରିଛନ୍ତି ବୋଲି କହିଥିଲେ । ତାଙ୍କ ତରଫରେ ପ୍ରଥମ ସାକ୍ଷୀ ଦେଇଥିଲେ ଶ୍ରୀ ହରେକୃଷ୍ଣ ମହତାବ, ଯେକି ସେତେବେଳେ କଂଗ୍ରେସର ଜାତୀୟ କାର୍ଯ୍ୟକାରୀ କମିଟିର ସଦସ୍ୟ ଏବଂ ଜିଲ୍ଲା ସଂପାଦକ ଲାଲବିହାରୀ ଦାସ । ସେମାନଙ୍କ ସାକ୍ଷ୍ୟର ମର୍ମ ହେଉଛି ଯେ କଂଗ୍ରେସ ଯୁଦ୍ଧ ସମ୍ବନ୍ଧରେ ଯେଉଁ ନୀତି ଗ୍ରହଣ କରିଛି, ତାହା ଲୋକମାନଙ୍କୁ ବୁଝାଇବା ପାଇଁ କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଛି । ପ୍ରାଣନାଥ କେବଳ ତାହା କରିଛନ୍ତି ।’’

ଏହି ମକଦ୍ଦମାର ବିଚାର ଚାଲିଥିବା ବେଳେ ଖୋର୍ଦ୍ଧା କଚେରୀ ଚାରିପାଖେ ବିପୁଳ ଜନସାଧାରଣଙ୍କର ଭିଡ ହେଲା । ଜଷ୍ଟିସ୍ ରାଜକିଶୋର ଦାସ ନିଜ ଆତ୍ମଜୀବନୀରେ ଲେଖିଛନ୍ତି, ‘‘ପ୍ରାଣନାଥବାବୁ ପ୍ରମୁଖ ଏତେ ଲୋକପ୍ରିୟ ଥିଲେ ଯେ ଏ ମକଦ୍ଦମା କୋର୍ଟରେ ପଡିଲା ବେଳେ ସହସ୍ର ସହସ୍ର ଲୋକ ଜମା ହେଉଥାନ୍ତି । ଭଗବତୀ ବାବୁ

Digitized by PPRACHIN, SOA

ମତେ ସାହାଯ୍ୟ କରୁଥାନ୍ତି । ଦିନେ ଏତେ ଭିଡ ହେଲା ଯେ ମୋ ପକ୍ଷରେ କଚେରୀ ଯିବା କଷ୍ଟସାଧ୍ୟ ହୋଇପଡିଲା । ସଂଗେ ସଂଗେ କ୍ଷୀଣକାୟ ଭଗବତୀ ବାବୁ ଗୋଟିଏ ଛୋଟ ଚୌକି ଉପରେ ଛିଡା ହୋଇ ରହସ୍ୟ କରି କହିଲେ, 'ଭାଇମାନେ ଯାତ୍ରା ଦେଖିବାକୁ ଆସିଚ, ଆଉ ଯେ ଯାତ୍ରା କରିବେ ତାଙ୍କୁ ତ ବାଟ ଛାଡୁନ । ଯାତ୍ରା କଣ ଦେଖିବ ? ସଙ୍ଗେ ସଙ୍ଗେ ଲୋକମାନେ ଦୁଇପାଖରେ ଛିଡା ହୋଇ ଆମକୁ ରାସ୍ତା କରି ଦେଲେ ।''

ଏଇଟା ହେଉଛି ଖୋର୍ଦ୍ଧା ଭୂମିରେ ନୂତନ ଚେତନା ଜାଗରିତ କରିଥିବା ପ୍ରାଣନାଥ ଓ ସହଯୋଦ୍ଧାମାନଙ୍କର ଜନ ସଂଗ୍ରାମ ବଳରେ ହାସଲ କରିଥିବା ବିପୁଳ ଜନପ୍ରିୟତାର ନିଛକ ପ୍ରମାଣ । ଶେଷକୁ ପ୍ରାଣନାଥ ଓ ଗୋକୁଳ ମୋହନଙ୍କୁ ଦୁଇବର୍ଷ, ସାଧୁଚରଣ ଓ ପୂର୍ଣ୍ଣ ମହାନ୍ତିଙ୍କୁ କିଛି କମ୍ କାରାଦଣ୍ଡ ହେଲା । ପ୍ରାଣନାଥ ଗୋକୁଳ ମୋହନ ଓ ସାଧୁଚରଣଙ୍କୁ ଅନୁଗୁଳ ଜେଲ୍‌କୁ ପଠାଇ ଦିଆଗଲା । ମାତ୍ର ଏହା ବିରୋଧରେ ପୁରୀ ଗଞ୍ଜାମର ସେସନ୍ସ ଜଜ୍ ଆର୍.ସି. ମିତ୍ରଙ୍କ ପାଖରେ ପୁନର୍ବିଚାର ପାଇଁ ଅପିଲ୍ ହେଲା ଓ ତା ୮.୪.୧୯୪୦ରେ ଉକ୍ତ ଦଣ୍ଡକୁ କମାଇ ଦିଆଗଲା । ପୁନଶ୍ଚ ପାଟନା ହାଇକୋର୍ଟର ବିଚାରପତି ସାର ହାରିଶ୍ ଯେତିକି ଦଣ୍ଡ ଭୋଗି ସାରିଛନ୍ତି, ତାହା ପରେ ଆଉ ଦଣ୍ଡର ଆବଶ୍ୟକତା ନାହିଁ ବୋଲି ରାୟ ଦେଲେ । ଏମାନେ ଅନୁଗୁଳ ଜେଲ୍‌ରେ ଥିଲାବେଳେ ୧୯୪୦ରେ ଜୁଲାଇ ୧୧ ତାରିଖରେ ସରକାର ଅସତ୍ ଉଦ୍ଦେଶ୍ୟ ରଖି ଭଗବତୀ ଚରଣ, ଗୁରୁଚରଣ, ଅନନ୍ତ ପଟ୍ଟନାୟକ, ଶରତ ପଟ୍ଟନାୟକ, ବୈଦ୍ୟନାଥ ରଥ, ବିଜୟଚନ୍ଦ୍ର ଦାସ ପ୍ରଭୃତିଙ୍କ ବିରୋଧରେ କମ୍ୟୁନିଷ୍ଟ ଷଡଯନ୍ତ୍ର ମାମଲା ଆରମ୍ଭ କଲା । ଏମାନଙ୍କୁ ଗିରଫ୍ କରି କାରାରୁଦ୍ଧ କଲା । ଏହି କମ୍ୟୁନିଷ୍ଟ ଷଡଯନ୍ତ୍ର ମାମଲା (Communist conspiracy case)ର ସାରକଥା ହେଲା ଯେ ଭଗବତୀ, ଗୁରୁଚରଣ, ବୈଦ୍ୟନାଥ, ଅନନ୍ତ ପ୍ରମୁଖ ବ୍ୟକ୍ତି ବେଆଇନ ଘୋଷିତ କମ୍ୟୁନିଷ୍ଟ ପାର୍ଟିର ସଭ୍ୟ ଥିଲେ ଓ ଉତ୍କଳ ଶାଖାର ମୁଖ୍ୟ ଥିଲେ । ଏହି ଦଳର କେନ୍ଦ୍ରୀୟ କାର୍ଯ୍ୟାଳୟ ଥିଲା ବମ୍ବେରେ । ଏହି ଦଳର ଉଦ୍ଦେଶ୍ୟ ଥିଲା ଦ୍ୱିତୀୟ ମହାଯୁଦ୍ଧ ସମୟରେ ଦେଶ ଭିତରେ ଗୋଳମାଳ ସୃଷ୍ଟି କରିବା । ''ଯୁଦ୍ଧ ବିରୁଦ୍ଧରେ ଯୁଦ୍ଧ'', ସର୍ବହରା ପଥ, ଫ୍ରାନ୍ସ ପ୍ରତି ବିଶ୍ୱାସ ଘାତକତା ପରି ପୁସ୍ତକର ଓଡିଆ ଅନୁବାଦ ଓ ଆଗେଚାଲ ପତ୍ରିକା, ଆହୁରି ଅନେକ ବେଆଇନ ଲିଫ୍‌ଲେଟ ଛାପି ଏମାନେ ବାଣ୍ଟୁଥିଲେ ଓ ଲୋକଙ୍କୁ ନିଜ ଆଡକୁ ଆଣିବାକୁ ପ୍ରବର୍ତ୍ତାଉଥିଲେ ବୋଲି ସରକାର ଅଭିଯୋଗ କରି, ପୁଣି ତଥାକଥିତ ଷଡଯନ୍ତ୍ର ମାମଲା କରିବାର କାରଣ ହେଉଛି ଯେ କଟକର ଛତ୍ରବଜାରର ଗୋଟିଏ ସାବୁନ କାରଖାନାର ମାଲିକ ଥିଲେ ଅନନ୍ତ ଓ ଗୁରୁଚରଣଙ୍କ ଦାଦି କୃଷ୍ଣମୋହନ । ମୁଦାଲା ସିଦ୍ଧେଶ୍ୱର ଓ ଗଣେଶ୍ୱର ଥିଲେ ସେ କାରଖାନାର କର୍ମଚାରୀ ଓ ଏହି କାରଖାନା ଠିକଣାରେ ବମ୍ବେରୁ କମ୍ୟୁନିଷ୍ଟ କାଗଜପତ୍ର ଗୁରୁଚରଣ ଓ ଅନନ୍ତଙ୍କ ପାଖକୁ ଆସୁଥିଲା । ପୋଲିସ ଅଫିସର ମନବୋଧ ପଣ୍ଡା ଓ ଗଙ୍ଗାଧର ଦ୍ୱିବେଦୀ ତଦନ୍ତ ଚଳାଇଲେ ନାନା

Digitized by PPRACHIN, SOA

ଉପାୟ ଫନ୍ଦିରେ ଯେପରି ଅଭିଯୁକ୍ତ କମ୍ୟୁନିଷ୍ଟ ନେତାମାନଙ୍କୁ କଠୋର ଦଣ୍ଡ ହେବ । କେହି ଭାବିଲେ ବୋଧେ ପ୍ରାଣଦଣ୍ଡ ହୋଇଯିବ । ମାତ୍ର ଅବିଚଳିତ ଥିଲେ କମ୍ୟୁନିଷ୍ଟ ବନ୍ଦୀମାନେ । ମୁଦାଲାମାନଙ୍କୁ ବାହାରେ କୋର୍ଟକରି ବିଚାର କଲେ, କାଳେ ଜନ ବିକ୍ଷୋଭ ମାତି ଉଠିବ, ଲୋକେ ହଜାର ହଜାର ସଂଖ୍ୟାରେ ରୁଣ୍ଡ ହେବେ, ସେଥିପାଇଁ ଜେଲ୍ ଭିତରେ ବିଚାର ପ୍ରହସନ ଚାଲିଲା । ବିଚାର କରିବାକୁ ଏଚ୍.ସି. ଲାଲ ନାମକ ଯୁବକ ହାକିମ ସ୍ୱତନ୍ତ୍ର ଭାବେ ନିଯୁକ୍ତ ହେଲେ । ପାଟନାରେ ପାଠ ପଢିବା ବେଳଠାରୁ ତାଙ୍କର ଭଗବତୀ ଚରଣଙ୍କ ପ୍ରତି ଅସୀମ ଶ୍ରଦ୍ଧା ଥିଲା । ଏହି ମକଦ୍ଦମାର ପ୍ରତିରକ୍ଷା କରିବା ପାଇଁ ଶ୍ୟାମସୁନ୍ଦର ମିଶ୍ର ପ୍ରମୁଖ ଏକ ଡିଫେନ୍ସ କମିଟି ଗଢି ରାଜକିଶୋର ଦାସ, ଦୀନବନ୍ଧୁ ସାହୁ, ଚନ୍ଦ୍ରକାନ୍ତ ଘୋଷ ପ୍ରମୁଖ ଆଇନ୍‌ଜୀବୀ ବନ୍ଧୁମାନଙ୍କ ପକ୍ଷରେ ଲଢିବାର ବ୍ୟବସ୍ଥା କଲେ । ୫୦ ଜଣ ସାକ୍ଷୀ ଓ ଅସଂଖ୍ୟ ଦଲିଲପତ୍ର ଏହି ଷଡ଼ଯନ୍ତ୍ର ମାମଲାରେ ଉପସ୍ଥାପିତ ହୋଇଥିଲା । କଲିକତାରୁ ଶ୍ରୀ ମୁଖାର୍ଜୀ ନାମକ ଜଣେ ବାରିଷ୍ଟର ମୁଦାଲାଙ୍କ ସପକ୍ଷରେ ଲଢ଼ିବାକୁ ଆସିଥିଲେ । ଶେଷକୁ ଭଗବତୀ, ଗୁରୁଚରଣ, ଅନନ୍ତ, ବୈଦ୍ୟନାଥ, ଶରତ, ବିଜୟଚନ୍ଦ୍ର ଦାସ, ବନମାଳୀ ପ୍ରମୁଖ ଦୋଷୀ ସାବ୍ୟସ୍ତ ହେଲେ । ସବୁଠାରୁ ବେଶୀ ଦଣ୍ଡପାଇଲେ ଭଗବତୀଚରଣ ଓ ଗୁରୁଚରଣ । ଓଡିଶାର ରାଜନୈତିକ ଇତିହାସରେ ଏହି ମାମଲା ଓ ତାର ବିଚାର ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା । ସାଥୀମାନଙ୍କର କ'ଣ ହେବ, ସେହି ଆଶଙ୍କାରେ ପ୍ରାଣନାଥ ଖୁବ୍ ଚିନ୍ତିତ ଥିଲେ । ପୁରୀ ଜେଲରେ ଥିଲାବେଳେ ପ୍ରାଣନାଥଙ୍କ ଶ୍ୱଶୁର କୃଷ୍ଣମୋହନଙ୍କ ମୃତ୍ୟୁ ୧୯୪୦ ମାର୍ଚ୍ଚ ୨୩, ଦୋଳ ପୂର୍ଣ୍ଣମୀ ଦିନ ଘଟିବା ପ୍ରାଣନାଥ ଓ ମଞ୍ଜରୀ ଦେବୀଙ୍କୁ ଦୁଃଖ ଶୋକରେ ମୂହ୍ୟମାନ କରିଥିଲା । ପାରୋଲ୍‌ରେ ଆସି ଶ୍ୱଶୁରଙ୍କୁ ଦେଖିବାକୁ ଯିବାପାଇଁ ପ୍ରାଣନାଥଙ୍କ ଆବେଦନକୁ ମଧ୍ୟ ସରକାର ନାମଞ୍ଜୁର କରିଥିଲେ । ଜୀବନର ଏକ ବିରାଟ ଭରସା, ଉତ୍ସାହର ଉତ୍ସ ତାଙ୍କଠାରୁ ଦୂରେଇଗଲା ।

ବ୍ୟକ୍ତିଗତ ସତ୍ୟାଗ୍ରହ-

ଜେଲରୁ ଖଲାସ ହେବା ପରେ ପ୍ରାଣନାଥ ବାବୁ ଜାତୀୟ, ଆନ୍ତର୍ଜାତୀୟ ଓ ରାଜ୍ୟର ରାଜନୈତିକ ପରିସ୍ଥିତି ଉପରେ ନିଜର ସାଥୀମାନଙ୍କ ସହିତ ଗଭୀର ଆଲୋଚନାରେ ଲାଗିଗଲେ । ୟୁରୋପର ବ୍ୟାପକ ଅଞ୍ଚଳ ହିଟ୍‌ଲରଙ୍କ ନାଜୀ ବାହିନୀ ଦଖଲ କରି ସାରିଥାନ୍ତି । ତ୍ରସ୍ତ ଶଙ୍କିତ ବିଲାତ ଓ ଭାରତରେ ଥିବା ପିଟୁଣୀ ଗୋରା ସରକାର ଯୁଦ୍ଧ ପାଇଁ ଭାରତର ଜନମତ ଓ ଧନବଳକୁ ଲଗାଇବାରେ ବ୍ୟସ୍ତ । ପୂର୍ବ ଦିଗରେ ଜାପାନ ଅଘୋଷିତ ଯୁଦ୍ଧ କରି ଚୀନ୍ ଓ କୋରିଆର ବ୍ୟାପକ ଅଞ୍ଚଳ ଦଖଲ କରିନେଇ ସେଠାରେ ନାରକୀୟ କାଣ୍ଡ ସୃଷ୍ଟି କରୁଥାଏ । ଲକ୍ଷ ଲକ୍ଷ ଲୋକଙ୍କୁ ହତ୍ୟା କରିବା, ତରୁଣୀମାନଙ୍କୁ ବାରାଙ୍ଗନା ବନାଇ ମିଲିଟାରୀ କ୍ୟାମ୍ପରେ ସେମାନଙ୍କ ନାରୀତ୍ୱକୁ ଲୁଣ୍ଠନ କରିବା ଥିଲା ଜାପାନର ନିଜ ଅର୍ଡର । ଏ ଯୁଦ୍ଧ ସେତେବେଳକୁ ଥିଲା ପୂରାପୂରି ସାମ୍ରାଜ୍ୟବାଦୀ

Digitized by PPRACHIN, SOA

ଶକ୍ତିଙ୍କ ମଧ୍ୟରେ ବ୍ୟାପକ ସଙ୍ଘର୍ଷ । ବିଲାତ, ଫ୍ରାନ୍ସ ଓ ଅନ୍ୟ ପାଶ୍ଚାତ୍ୟ ଦେଶମାନଙ୍କର ଭାରତ ଭଳି ଉପନିବେଶମାନଙ୍କରେ ପ୍ରବଳ ଜନ ଅସନ୍ତୋଷ ଫାଟିପଡୁଥାଏ । ସ୍ୱାଧୀନତା ପାଇବା ପାଇଁ ପ୍ରବଳ ଆକାଂକ୍ଷା ପୂର୍ଣ୍ଣ ହେବା ତ ଦୂରର କଥା, ଔପନିବେଶିକ ସରକାର ନିଜର ଶୋଷଣ, ଜୁଲମ, ଅତ୍ୟାଚାର, ଜବରଦସ୍ତ ସୈନ୍ୟ ସଂଗ୍ରହ, ଯୁଦ୍ଧ ଚାନ୍ଦା ଆଦାୟକୁ ବଳବତ୍ତର ରଖିଥାନ୍ତି । କଂଗ୍ରେସ ସଭ୍ୟ ଓ ଏଣେ ମାର୍କ୍ସବାଦର ଅନ୍ତର୍ଜାତିକ ଦୃଷ୍ଟିକୋଣରେ ଅକୁଣ୍ଠ ବିଶ୍ୱାସୀ ପ୍ରାଣନାଥ ଯୁଦ୍ଧ ବିରୋଧରେ ଓ ସ୍ୱାଧୀନତା ଦାବି କରି ଖୋର୍ଦ୍ଧାରେ ଏକ ଜନ ପ୍ଲାବନ ରଚନା କରିବାର ବ୍ୟବସ୍ଥାରେ ଲାଗିଥାନ୍ତି । ଏପରି ଅବସ୍ଥାରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ଦେଶସାରା "ବ୍ୟକ୍ତିଗତ ସତ୍ୟାଗ୍ରହ" ସଙ୍ଗଠିତ କରିବାର ଡାକରା ଆସିଲା । ଓଡ଼ିଶାର ଯେଉଁ ୨୭ ଜଣ ରଥୀଙ୍କୁ ବ୍ୟକ୍ତିଗତ ସତ୍ୟାଗ୍ରହର ନେତା ରୂପେ ଗାନ୍ଧିଜୀ ବାଛି ଥିଲେ, ସେଥିରେ ଅନ୍ୟତମ ଥିଲେ ପ୍ରାଣନାଥ ପଟ୍ଟନାୟକ । ୧୯୪୦ ଡିସେମ୍ବର ପହିଲା ଦିନ ପୂର୍ବତନ ରାଜ୍ୟ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ କଟକରେ ବ୍ୟକ୍ତିଗତ ସତ୍ୟାଗ୍ରହ କରି କାରାବରଣ କଲେ । ବାଲେଶ୍ୱରର ରେମୁଣାଠାରେ ହରେକୃଷ୍ଣ ମହତାବ ବ୍ୟକ୍ତିଗତ ସତ୍ୟାଗ୍ରହ କରି କାରାବରଣ କରିଥିଲେ । ୧୯୪୦ ମସିହା ଡିସେମ୍ବର ମାସର ଏକ ଉତ୍ତୀର୍ଣ୍ଣ ମଧ୍ୟାହ୍ନ । ଅପରାହ୍ନ ୪ଟା, ସନ୍ଧ୍ୟା ଆସିବାକୁ ବାକି ଅଛି । ନରମ ଶୀତଳ ଆବହାଓ୍ୱା । ସେତେବେଳକୁ ଖୋର୍ଦ୍ଧା କଚେରୀ ଚତୁଷ୍ପାର୍ଶ୍ୱ ବିପୁଳ ଜନ ସମାଗମରେ ଭରପୂର । କିଏ ଆସିବେ, ଆଗରୁ ତ ପ୍ରଚାର ହୋଇ ସାରିଛି । ଜାନକୀ ବଲ୍ଲଭ ପଟ୍ଟନାୟକ (ବର୍ତ୍ତମାନର ମୁଖ୍ୟମନ୍ତ୍ରୀ) କିଶୋର ଛାତ୍ର ହିସାବରେ ଥିଲେ ସେ ଦୃଶ୍ୟର ପ୍ରତ୍ୟକ୍ଷଦର୍ଶୀ । ତାଙ୍କ ଭାଷାରେ, "ସେଦିନ ସମଗ୍ର ଖୋର୍ଦ୍ଧା ଲୋକାରଣ୍ୟ, କଚେରୀ ଛକରେ ସୋରିଷ ପକାଇବାକୁ ସ୍ଥାନ ନଥିଲା । ପ୍ରାଣନାଥ ବାବୁ ଯେଉଁ ରାସ୍ତାରେ ଆସିବେ, ତାର ଦୁଇଧାରରେ ହଜାର ହଜାର ନରନାରୀ ଛୋଟ ପିଲାଙ୍କୁ ଧରି ରହିଥାନ୍ତି । କେହି କେହି ଫୁଲମାଳ ଓ ଫୁଲ ତାଙ୍କୁ ଦେଉଥାନ୍ତି । ଆମେ ଛାତ୍ରମାନେ ସେଠାରେ ସେହି ଅପୂର୍ବ ଦୃଶ୍ୟ ଦେଖିବାପାଇଁ ଏକତ୍ରିତ ହୋଇଥାଉ । ଠିକ୍ ୪ଟା ବାଜିବାକୁ ମିନିଟିଏ ସମୟ ବାକିଥିଲା । ଛକର ନିର୍ଦ୍ଦିଷ୍ଟ ସ୍ଥାନରେ ସେ ପହଁଚିଲେ ଓ ୪ଟା ବେଳେ ଗୋଟିଏ ଚୌକି (ସେତେବେଳ ସମୟରେ ଟେବୁଲ) ଉପରେ ଠିଆହୋଇ ଦୃଢ ସ୍ୱରରେ ଗାନ୍ଧିଜୀଙ୍କ ବାର୍ତ୍ତା ପାଠ କଲେ । ଏ ଯୁଦ୍ଧରେ ଧନଜନ ଦେଇ ବ୍ରିଟିଶ ସରକାରଙ୍କୁ କେହି ସାହାଯ୍ୟ କରିବା ଉଚିତ ନୁହେଁ ।" ମାତ୍ର ପ୍ରାଣନାଥଙ୍କ ଅନ୍ୟ ସହଯୋଦ୍ଧାମାନେ ଏ ଦୃଶ୍ୟର ଠିକ୍ ଏହି ବର୍ଣ୍ଣନା କରିଥିଲେ ମଧ୍ୟ ସେ ଏହି ଘୋଷଣାରେ ଆଉ ଏକ କଥା ଘୋଷଣା କରିଥିଲେ ବୋଲି କହିଛନ୍ତି; ତାହା ହେଲା "ନାଏକ, ଭାଇ, ନାଏକ ଭାଇ, ନାଏକ ପାଇଁ......" । ଏତିକି ଦୃପ୍ତ କଣ୍ଠରେ କହି ସାରିବା ପରେ ପ୍ରାଣନାଥଙ୍କୁ ଗିରଫ୍ କରି କାରାଗାରରେ ନିକ୍ଷେପ କରାଗଲା । ଅତ୍ୟନ୍ତ ଉନ୍ମାଦକ ଥିଲା ଏ ଦୃଶ୍ୟ । ମାତ୍ର ସାମ୍ୟବାଦୀ ପ୍ରାଣନାଥ କଂଗ୍ରେସର ଶୃଙ୍ଖଳିତ ସୈନିକ ଭାବେ ଗାନ୍ଧିଜୀଙ୍କ ନିର୍ଦ୍ଦେଶ ମାନି ବ୍ୟକ୍ତିଗତ ସତ୍ୟାଗ୍ରହରେ ଏକଲା ଚାଲିଥିଲେ; ତାଙ୍କର ମନରେ ଆଶା ଥିଲା ଯେ ହଜାର

Digitized by PPRACHIN, SOA

ହଜାର ଜାଗରିତ ଖୋର୍ଦ୍ଧାବାସୀଙ୍କୁ ସେ ଧରି ଜେଲଖାନାକୁ ଭରପୂର ଓ ମୁଖରିତ କରିବେ । ଏହା ଥିଲା ସାମ୍ୟବାଦୀ ବୈପ୍ଳବିକ ଅଭୀପ୍‌ସା ।

ଏଣେ ତାଙ୍କ ପରିବାରର ଅବସ୍ଥା ଶୋଚନୀୟ । ଟୁଲୁ ଲୁଲୁଙ୍କ ଭଳି ଦୁଇଟି ଦୁଗ୍ଧପୋଷ୍ୟ ଶିଶୁଙ୍କୁ ଧରି ମଞ୍ଜରୀ ଦେବୀ ବହୁକଷ୍ଟରେ ଚଳୁଥାନ୍ତି । ପ୍ରାଣନାଥ ବାବୁ ଗିରଫ୍ ହୋଇ ଜେଲଖାନାକୁ ଯିବା ସମୟରେ ପୁରୀ ଜିଲ୍ଲା କଂଗ୍ରେସ କମିଟିର ତତ୍କାଳୀନ ସମ୍ପାଦକ, ତାଙ୍କ ସହଯୋଦ୍ଧା ଗଙ୍ଗାଧର ମିଶ୍ର ଯେଉଁ କବିତା ଲେଖିଥିଲେ, ତାହା ଏତେ ମାର୍ମିକ ଓ ପ୍ରାଣସ୍ପର୍ଶୀ ଯେ ତାହା ଜନମାନସକୁ ଆଲୋଡିତ କରିଥିଲା । ତାହାର ଉଦ୍ଧୃତାଂଶ ଦିଆଗଲା !

"ଖୋରଧାଗଡ଼ର ପାଇକ ଯାକ
ରାଜଗୁରୁ ଡାକେ ହୋଇଲେ ଏକ ।
ମନେ କରିଥିଲ ବଡ ଭରସା
ମାତ୍ର ଗାନ୍ଧୀ ବୁଢ଼ା ଭାଙ୍ଗିଲା ଆଶା ।
ଟୁଲୁ ଲୁଲୁ ଦୁଧ ଖାଇବା ପାଇଁ
ଗଙ୍ଗା ଆଣିଅଛି ବାଙ୍କିରୁ ଗାଇ
ଅଠର ଟଙ୍କାରେ ଅସଲି ଗାଇ
କାଳେ ମଞ୍ଜୁ ମନେ ଲାଗିବ ଶଙ୍କା ।
ଘର ଜଗିଅଛି ଭଣଜା ଟୋକା
ଯାଅ ପ୍ରାଣନାଥ ଯାଅହେ ଏକା ।

(ପରଶୁରାମ ପଦାତିକରାୟଙ୍କ ଠାରୁ ପ୍ରାପ୍ତ)

ଖୋର୍ଦ୍ଧା ପାଇକଙ୍କୁ ମହାନ ଶହୀଦ୍, ତତ୍କାଳୀନ ଖୋର୍ଦ୍ଧା ରାଜା ମୁକୁନ୍ଦ ଦେବଙ୍କ ଦେଓ୍ୱାନ ଜୟୀ ରାଜଗୁରୁ ଜାଗରିତ କରିଥିଲେ ବ୍ରିଟିଶ୍ ବିରୋଧରେ ବିଦ୍ରୋହ ପାଇଁ । ଏଟା ଊନବିଂଶ ଶତାବ୍ଦୀର କଥା । ତାର ୧୨୦ ବର୍ଷ ପରେ ଖୋର୍ଦ୍ଧାର ଜନଜାଗୃତିର ନୂତନ 'ରାଜଗୁରୁ ଯେ ଜାତିପ୍ରେମ ଯଜ୍ଞର ଅଗ୍ନିହୋତ୍ରୀ ଥିଲେ, ସେ ହେଲେ ପ୍ରାଣନାଥ ପଟ୍ଟନାୟକ । କେତେ ମାର୍ମିକ ଭାବ ପ୍ରକାଶ କରୁଛି କବିତାର ଏହି ପଂକ୍ତି । ଏକାକୀ ଜଞ୍ଜାଳଗ୍ରସ୍ତ ହୋଇ ରହୁଥିବା ମଞ୍ଜରୀ ଦେବୀଙ୍କୁ ସହାୟତା କରିବା ପାଇଁ, ଅଳ୍ପ ବୟସରେ ମାଆ ଛେଉଣ୍ଡ ପ୍ରାଣନାଥଙ୍କୁ ସ୍ନେହ ସୋହାଗରେ ଲାଳନ ପାଳନ କରିଥିବା ବଡ ଭଉଣୀ ଧନମଣୀଙ୍କ ବଡ଼ପୁଅ ରାଜକିଶୋର ପଟ୍ଟନାୟକ ଘରେ ରହିଥିଲେ ।

ଏଣେ ଆନ୍ତର୍ଜାତିକ କ୍ଷେତ୍ରରେ ତୁମୁଳ ପରିବର୍ତ୍ତନ ଘଟୁଥାଏ । ୧୯୪୧ ଅକ୍ଟୋବରରେ ହିଟଲର ସୋଭିଏତ ୟୁନିୟନ ଉପରେ ଅଚାନକ ଆକ୍ରମଣ କଲା । ଏଣେ ଜାପାନ ଘୋଷଣା କରି ଦ୍ୱିତୀୟ ମହାଯୁଦ୍ଧରେ ଯୋଗଦେଲା । ଫିଲିପାଇନ୍ସ ଠାରୁ ଆରମ୍ଭକରି ନିଉଜିଲ୍ୟାଣ୍ଡ, ସିଙ୍ଗାପୁର, ମାଳୟ, ଉପଦ୍ୱୀପ ଦଖଲ କରି ସେ ଭାରତ ସୀମାନ୍ତ ଆଡକୁ ମାଡି ଆସୁଥାଏ । ସାରା ଇଉରୋପରେ ଇଂଲଣ୍ଡ ଛଡ଼ା ସବୁ ଦେଶ

Digitized by PPRACHIN, SOA

ଫାସିଷ୍ଟ ଶକ୍ତିର ପଦାନତ । ନାଜୀ ବାହିନୀର ଅଚାନକ ଆକ୍ରମଣ ଫଳରେ ଯୁଦ୍ଧ ପାଇଁ ପ୍ରସ୍ତୁତ ନଥିବା ସୋଭିଏତ ସଙ୍ଘ ରାସ୍ତାଘାଟ ରେଳ ପୋଲ, ବନ୍ଧବାଡ, କାରଖାନା, କୋଠା ଖମାର ସବୁ ଉଠାଇନେଲେ ବା ଜାଳି ପୋଡି ପଛକୁ ହଟି ଯାଉ ଥାଆନ୍ତି । ମହାନ୍ କ୍ରାନ୍ତୀର ନଗରୀ ଲେନିନ୍-ଗ୍ରାଡ୍‌କୁ ୯୦୦ ଦିନ ଅବରୋଧ କରିବାର ପର୍ବ ଆରମ୍ଭ ହୋଇଥାଏ । ମସ୍କୋ ଦିଗକୁ ନାଜୀ ଜର୍ମାନୀ ଆଗେଇ ଚାଲିଥାଏ । ରୁଟି ଦୁଧର ପ୍ରାନ୍ତ ୟୁକ୍ରେନକୁ ଦଖଲ କରି ନାଜୀ ଜର୍ମାନୀ ଭଲ୍ଗା ତୀରସ୍ଥ ନଗରୀ ଷ୍ଟାଲିନ୍‌ଗ୍ରାଡ ଉପରେ ଷଣ୍ଢୁଆସୀ ଆକ୍ରମଣ ଚଳାଇଥାଏ । ଷ୍ଟାଲିନଗ୍ରାଡ ଟପି ସାରିବା ପରେ କକେସସ୍‌ର ବାକୁ ଠାରେ ଥିବା ତେଲଖଣିକୁ ହିଟଲର କରଗତ କରିବାର ଲକ୍ଷ୍ୟ ରଖିଥାଏ । ସମସ୍ତେ ବିଶେଷତଃ କମ୍ୟୁନିଷ୍ଟ ବିରୋଧୀମାନେ ଭାବିଥିଲେ 'ବିଚାରା ସୋଭିଏଟ ୟୁନିଅନ ଗଲା ।' ତେଣେ ମହାନ ଜାତୀୟ ନେତା ନେତାଜୀ ସୁଭାଷଚନ୍ଦ୍ର ବୋଷ ସୋଭିଏଟ ୟୁନିଅନକୁ ଯାଇ ତା'ର ସହାୟତାରେ ସ୍ୱାଧୀନତା ସମର ଚଲାଇବା ମାନସରେ ଆତ୍ମଗୋପନ କରି ଦେଶତ୍ୟାଗ କରି ଆଫଗାନିସ୍ଥାନ ଗଲେ । ସେଠୁ ସୋଭିଏଟ ସଂଘକୁ ଯାଇନପାରି ପହଁଚିଲେ ବର୍ଲିନରେ । ହିଟଲରର ମନୋଭାବରେ ଅସନ୍ତୁଷ୍ଟ ହୋଇ ବୁଡା ଜାହାଜରେ ଜାପାନ ଆସି ବନ୍ଦୀ ହୋଇ ରହିଥିବା ଭାରତୀୟ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରି ସେ ସଙ୍ଗଠିତ କରିଥାନ୍ତି ଆଜାଦ୍ ହିନ୍ଦ୍ ଫୌଜ, ଯେଉଁମାନଙ୍କର ବୀରତ୍ୱ, ଦେଶପ୍ରୀତି ଓ ଆତ୍ମତ୍ୟାଗର ଗାଥା, ଭାରତ ଇତିହାସରେ ଏକ ଉଜ୍ଜ୍ୱଳ ଆଲେଖ୍ୟ ।

ହିଟଲରର ସୋଭିଏଟ୍ ୟୁନିୟନ ଆକ୍ରମଣ କଲାପରେ ଯୁଦ୍ଧର ଚରିତ୍ର ବଦଳିଗଲା । ପୃଥିବୀ ଶ୍ରମିକ ଶ୍ରେଣୀର ମହାନ ବିପ୍ଳବୀ ରାଷ୍ଟ୍ରକୁ ବଞ୍ଚାଇବା ପାଇଁ ବିଶ୍ୱର ମହାନ କଳାକାର, କବି, ଲେଖକ, ବୁଦ୍ଧିଜୀବୀ ଏକ୍‌ଜୁଟ ହେବାକୁ ଡାକରା ଦେଲେ । ନିଜେ ମହାତ୍ମାଗାନ୍ଧୀ ଓ ସୁଶୀଳା ନାୟାରଙ୍କ ଜରିଆରେ ଜେଲଖାନାରୁ ସୋଭିଏତ ୟୁନିଅନର ବିଜୟକାମନା କଲେ । ପି.ସି. ଯୋଷୀଙ୍କ ସମ୍ପାଦକତ୍ୱରେ ପ୍ରଥମେ ସାମ୍ରାଜ୍ୟବାଦୀ ଯୁଦ୍ଧ ବୋଲି ବିବେଚିତ ହେଉଥିବା ଏହି ମହାଯୁଦ୍ଧକୁ କମ୍ୟୁନିଷ୍ଟ ପାର୍ଟି 'ଜନଯୁଦ୍ଧ' ବୋଲି ଘୋଷଣା କଲା । ଦ୍ୱନ୍ଦ୍ୱାତ୍ମକ ଦାର୍ଶନିକ ବିଚାର ଅନୁସାରେ ବୃହତ୍ତର ଶତ୍ରୁ ଓ ମାନବତାର ଦୁଷ୍ମନ ଥିଲା ଫାସିଷ୍ଟ ଶକ୍ତି । ଗ୍ୟାସ୍ ଚ୍ୟାମ୍ବର ଓ କନସେଣ୍ଟ୍ରେସନ କ୍ୟାମ୍ପରେ ଲକ୍ଷ ଲକ୍ଷ ଇହୁଦୀ, କମ୍ୟୁନିଷ୍ଟ, ସୋସାଲିଷ୍ଟ, ଗଣତନ୍ତ୍ରବାଦୀ ଓ ଯୁଦ୍ଧବନ୍ଦୀଙ୍କର ନିଷ୍ଠୁରଣ ହତ୍ୟା ଏବଂ ହିଟଲରର ସ୍ୱଷ୍ଟ ଦାନବୀ ରକ୍ତ ତାଣ୍ଡବ ଲୀଳା ସାରା ବିଶ୍ୱରେ ଘୃଣା ଓ ସମାଲୋଚନାର ବିଷୟବସ୍ତୁ ହୋଇଥାଏ, ଠିକ୍ ଏହି ଅବସ୍ଥାରେ ମହାତ୍ମାଗାନ୍ଧୀ ବମ୍ବେଠାରେ କଂଗ୍ରେସର ମହା ଅଧିବେଶନରେ ଇଂରେଜ 'ଭାରତଛାଡ଼' ଡାକରା ଦେଇଥିଲେ ଅଗଷ୍ଟ ୮ ତାରିଖରେ । ଲକ୍ଷ ଲକ୍ଷ ଜନ ସମାଗମରେ ଓ ଜାତୀୟ କଂଗ୍ରେସର ମହାନ ନେତୃମଣ୍ଡଳୀର ଉପସ୍ଥିତିରେ ଗାନ୍ଧିଜୀ ଜାପାନ ବା ଫାସିଷ୍ଟ ଶକ୍ତିର ବିଜୟ ସପକ୍ଷରେ କିଛି କହି ନଥିଲେ । ବ୍ରିଟିଶ୍ ଭାରତ ଛାଡ଼ିଗଲେ ବିଶାଳ ଭାରତର ଜନସାଧାରଣ

Digitized by PPRACHIN, SOA

ସ୍ୱାଧୀନତା ଓ ପ୍ରଭୁସତ୍ତାକୁ ରକ୍ଷା କରି ପାରିବେ ବୋଲି ଗାନ୍ଧିଜୀ କହିଥିଲେ । ଏଥିରେ ଏକମତ ନହୋଇ ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ମାନ୍ଦ୍ରାଜ ଚାଲିଗଲେ । ଜବାହରଲାଲ ନେହେରୁ ଓ ମୌଲାନା ଆବୁଲ କାଲାମ ଆଜାଦଙ୍କ ଭଳି ନେତା ଫାସିଷ୍ଟ ସମରବାଦୀ ଶକ୍ତି ଦୁନିଆକୁ ଗ୍ରାସ କରିବାକୁ ଯାଉଥିବାବେଳେ, ଏ ଡାକରା ସମୟପୋଯୋଗୀ ନୁହେଁ ବୋଲି ମତ ପୋଷଣ କରୁଥିଲେ ମଧ୍ୟ ଅଗଷ୍ଟ କ୍ରାନ୍ତି ପାଇଁ ଉଦାତ୍ତ ଡାକରା ଦେଇଥିଲେ । ହିଟ୍‌ଲର ଇରାନ ଯାଏ ଚାଲିଆସି ଭାରତକୁ ଅକ୍ତିଆର କରିବାର ଅଭିପ୍ରାୟ ପରବର୍ତ୍ତୀ କାଳରେ ତଥ୍ୟାବଳୀରୁ ମଧ୍ୟ ବାହାରିଲା । ଏପରି ଅବସ୍ଥାରେ କମ୍ୟୁନିଷ୍ଟ ପାର୍ଟିର, ଫାସିଷ୍ଟ ଶକ୍ତିର ପରାଜୟ ପାଇଁ 'ଜନଯୁଦ୍ଧ' ସ୍ଲୋଗାନ ଦେବା ବିତର୍କର ବିଷୟ ହୋଇ ରହିଛି । ମାତ୍ର ଏ ସବୁ ସତ୍ତ୍ୱେ ଉତ୍ତର ପ୍ରଦେଶରେ ପ୍ରସିଦ୍ଧ କମ୍ୟୁନିଷ୍ଟ ନେତା ସରଜୁ ପାଣ୍ଡେ, ଝାଡଖଣ୍ଡ ରାୟ, ମହାରାଷ୍ଟ୍ର ସାତରାରେ ନାନା ପାଟିଲ ଓ ବିଭିନ୍ନ ସ୍ଥାନରେ ବରିଷ୍ଠ କମ୍ୟୁନିଷ୍ଟ ନେତାମାନେ ସମାନ୍ତରାଳ ସରକାର ଗଢି ଅଗଷ୍ଟ ବିପ୍ଳବକୁ ଏକ ଉନ୍ନତ ସୋପାନକୁ ଉଠାଇଲେ । ମାତ୍ର ଫାସିବାଦ ଓ ସାମ୍ରାଜ୍ୟବାଦ ବିରୋଧୀ ବିପ୍ଳବୀ ଆଭିମୁଖ୍ୟ ସେମାନଙ୍କର ବଳବତ୍ତର ରହିଥିଲା । ବ୍ରିଟିଶ୍ ସରକାର ଅଗଷ୍ଟ ୮ର ମଧ୍ୟରାତ୍ରିରୁ ମହାତ୍ମାଗାନ୍ଧୀ ଓ କସ୍ତୁରବାଙ୍କୁ ଗିରଫ୍ କରି ଡାକ୍ତର ସୁଶୀଲା ନାୟାର,ତାଙ୍କର ପ୍ରାଇଭେଟ ସେକ୍ରେଟାରୀ ମହାଦେବ ଦେଶାଇଙ୍କ ସହିତ ପୁନାର ଆଗା ଖାଁ ପ୍ୟାଲେସ୍‌ରେ ବନ୍ଦୀ କରି ରଖିଲେ । ନେହେରୁ, ପଟେଲ, ଆଜାଦ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ପଟାଭି ସୀତାରାମାୟା, ଆଚାର୍ଯ୍ୟ କୃପାଳାନୀ ଓ ହରେକୃଷ୍ଣ ମହତାବ ପ୍ରମୁଖଙ୍କୁ ସେହି ରାତିରେ ଗିରଫ୍ କରି ଅହମଦନଗର ଫୋର୍ଟରେ ବନ୍ଦୀ କରି ରଖାଗଲା । ବ୍ୟାପକ ଗିରଫଦାରୀ ଫଳରେ ଦେଶସାରା ଜେଲଖାନା ଭରି ଉଠିଲା, ଜନସାଧାରଣ ହିଂସା ଅହିଂସା ପ୍ରଭେଦ ନଜାଣି ନବ ଜାଗରଣରେ ମାତି ଉଠିଲେ । ବିପ୍ଳବିଣୀ ଅରୁଣା ଆସଫ ଅଲ୍ଲୀ ଅଗଷ୍ଟରେ ବମ୍ବେଠାରେ ତ୍ରିରଙ୍ଗା ପତାକା ଉତ୍ତୋଳନ କଲେ ।

ଓଡ଼ିଶାରେ ସେହି ଜାଗରଣର ପ୍ରତିଧ୍ୱନି ଉଠିଲା । ବରୀ, ନିମାପଡ଼ା, ଭଣ୍ଡାରୀପୋଖରୀ, ଇରମ, ବୈପାରିଗୁଡା ପ୍ରଭୃତି ସ୍ଥାନରେ ଆନ୍ଦୋଳନ ପ୍ରବଳ ରୂପ ଧରିଲା । ଓଡିଶାର ପ୍ରାଣକେନ୍ଦ୍ର କଟକ ସହରରେ ଗିରଫଦାରୀର ସୁଅ ଛୁଟିଲା । ମାତ୍ର କମ୍ୟୁନିଷ୍ଟ ପାର୍ଟି ସେଦିନର ଚାନ୍ଦିନୀଚୌକ ଛକରେ ଥିବା ମାଧବ ପଣ୍ଡା (ମାଧିଆନା ନାମରେ ପ୍ରିୟ)ଙ୍କ ଅଣଓସାରିଆ ଦିତାଲା କୋଠରି ଭଡାଘରେ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ଅଫିସ୍ ଖୋଲିବାକୁ ଗମ୍ଭୀର ଘୋଷଣା ପ୍ରକାଶ କଲା । ସେଦିନ ପ୍ରସିଦ୍ଧ ସ୍ୱାଧୀନତା ସଂଗ୍ରାମୀ ଓ କୃଷକସଭାର ବରେଣ୍ୟ ନେତା ସାରଦାନନ୍ଦ ସରସ୍ୱତୀଙ୍କ ସଭାପତିତ୍ୱରେ ସାରା ଓଡ଼ିଶାର ଏକ ସମାବେଶ ହେବାର ସ୍ଥିର ହେଲା । ବୋଲଗଡ, ବେଗୁନିଆ, ଟାଙ୍ଗି, ଖୋର୍ଦ୍ଧା, ଚନ୍ଦକାରୁ ହଜାର ହଜାର ଜନ ସାଧାରଣ ପ୍ରାଣନାଥଙ୍କ ନେତୃତ୍ୱରେ ଏହି ସମାବେଶରେ ଯୋଗଦେବାକୁ ବାହାରିଲେ । ତ୍ରିରଙ୍ଗା ସହିତ କମ୍ୟୁନିଷ୍ଟ ପାର୍ଟି ଓ କୃଷକସଭାର ଲାଲ ପତାକା ଧରି ହଜାର ହଜାର ଜନସାଧାରଣ ଯାତ୍ରାପଥରେ ସମାବେଶ

Digitized by PPRACHIN, SOA

ମାନ କରି ନାଚ, ଗୀତରେ ବଣ ଜଙ୍ଗଲ ଗାଁ ଗଣ୍ଡାକୁ କମ୍ପାଇ କଟକ ସହର ଅପର ପାର୍ଶ୍ୱରେ କାଠଯୋଡ଼ି ନଦୀ କୂଳରେ ସମବେତ ହେଲେ । ନଇରେ ପ୍ରଚୁର ପାଣି । ତେଣୁ ଡଙ୍ଗାରେ ବିପୁଳ ଜନସାଧାରଣ ନଦୀ ପାର ହୋଇ ଅପରପାର୍ଶ୍ୱରେ ପହଁଚିଲା ବେଳେ ପୋଲିସ ସେମାନଙ୍କୁ ଅଟକାଇ କଟକ ସହର ଭିତରକୁ ପୂରାଇ ଦେଲାନାହିଁ । ଡଙ୍ଗାସବୁ ଅପର କୂଳକୁ ଫେରିବାକୁ ଲାଗିଲା । ମାତ୍ର ପ୍ରାଣନାଥ, ଗୋକୁଳ ମୋହନ ପ୍ରମୁଖ ନେତାମାନେ ଅନ୍ୟ କେଉଁ ବାଟରେ କଟକ ସହରରେ ପ୍ରବେଶ କରି ଚାନ୍ଦିନୀଚୌକ ସମାବେଶରେ ଯୋଗଦେଲେ । ପୋଲିସଠାରୁ ସେମାନେ ନଦୀକୂଳରେ ଶୁଣି ସାରିଥିଲେ ଯେ, କଂଗ୍ରେସ ସଙ୍ଗଠନ ବେଆଇନ୍ ଘୋଷିତ ହୋଇଛି ଓ ଗାନ୍ଧିଜୀ ତଥା ଅନ୍ୟ କଂଗ୍ରେସ ନେତାମାନେ ଗିରଫ୍ ହୋଇଛନ୍ତି । ୧୯୪୨ ଅଗଷ୍ଟ ୯ରେ ସାରଦାନନ୍ଦ ସରସ୍ୱତୀଙ୍କ ଉପସ୍ଥିତିରେ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ଅଫିସ୍ ଉଦ୍‌ଘାଟିତ ହେଲା ଓ ଏଥିରେ ଲାଲ ପତାକା ଉତ୍ତୋଳିତ ହେଲା । ଭଗବତୀ ଚରଣ ପାଣିଗ୍ରାହୀ ରାଜ୍ୟପାର୍ଟିର ପ୍ରଥମ ସମ୍ପାଦକ ହେଲେ ବୋଲି ଘୋଷଣା ପରେ ପ୍ରାଣନାଥଙ୍କ ଏଥିରେ ପ୍ରକାଶ୍ୟ ଯୋଗଦାନ ଫଳରେ ସେ ଖୋଲାଖୋଲି ଭାବେ ଏକ ବରିଷ୍ଠ କମ୍ୟୁନିଷ୍ଟ ନେତା ଭାବେ ପ୍ରକାଶିତ ହେଲେ । ମାତ୍ର କଟକରୁ ଫେରିବା ପରେ ଖୋର୍ଦ୍ଧାରେ ତାଙ୍କୁ ଗିରଫ୍ କରି ବ୍ରହ୍ମପୁର ସେଣ୍ଟ୍ରାଲ ଜେଲକୁ ପଠାଗଲା । ଏତିକିବେଳେ ଓଡିଶାରେ ପାରଳା ମହାରାଜାଙ୍କ ପ୍ରଧାନମନ୍ତ୍ରିତ୍ୱରେ, କଂଗ୍ରେସରୁ ଏଥିରେ ମିଶିଥିବା ପଣ୍ଡିତ ଗୋଦାବରୀଶ ମିଶ୍ର ଓ ଲିଗ୍‌ର ଅବଦୁଲ୍ ଶୋଭାନ ଖାଁ ପ୍ରଭୃତିଙ୍କ ଯୋଗଦାନରେ ଏକ ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହେଲା, ଯାହା ଯୁଦ୍ଧକୁ ସାହାଯ୍ୟ କରିବାର ନିଷ୍ପତ୍ତି ନେଲା । ରୁଷିଆ ଫାସିଷ୍ଟ ଶକ୍ତି ବିରୁଦ୍ଧରେ ମହାଯୁଦ୍ଧରେ ଯୋଗ ଦେବାକୁ, ତାର ପ୍ରତିକ୍ରିୟା ସ୍ୱରୂପ ଭାରତରେ ଅସଂଖ୍ୟ କମ୍ୟୁନିଷ୍ଟ ଆନ୍ଦୋଳନ କରି ଗିରଫ୍ ହେଉଥିବା ସତ୍ତ୍ୱେ ପାର୍ଟିକୁ ସରକାର ଆଇନସଙ୍ଗତ ବୋଲି ଘୋଷଣା କଲା । ପୁରୀ, ଗଞ୍ଜାମ ପ୍ରଭୃତି ଜିଲ୍ଲାରେ ପାର୍ଟିର ଶାଖା ଅଫିସ୍ ଖୋଲିଲା । ହାତ ତିଆରି କାଗଜରେ କମ୍ୟୁନିଷ୍ଟ ପାର୍ଟିର 'ମୁକ୍ତିଯୁଦ୍ଧ' ସାପ୍ତାହିକ ପତ୍ରିକା ପ୍ରକାଶିତ ହେଲା, ଯେଉଁଥିରେ ଜନ ଆନ୍ଦୋଳନର ବାର୍ତ୍ତା ପ୍ରଚାରିତ ହେଲା । ଏହାର ଲେଖା ଉଭୟ ଫାସିଷ୍ଟ ବିରୋଧୀ, ବିଲାତ ସାମ୍ରାଜ୍ୟବାଦ ବିରୋଧୀ ଓ ଜନସପକ୍ଷବାଦୀ ଥିଲା ।

ଓଡ଼ିଶାରେ ଜାତୀୟ ଆନ୍ଦୋଳନର ନେତାମାନେ ବ୍ୟାପକ ଭାବେ ଗିରଫ୍ ହୋଇ ଜେଲଖାନାରେ ପଶିବା ପରେ ଆନ୍ଦୋଳନ ତେଜି ଉଠିଲା । ବାମପନ୍ଥୀ ଛାତ୍ର ସଙ୍ଗଠନ ଛାତ୍ରସଙ୍ଘର ନିଷ୍ପତ୍ତି କ୍ରମେ କଟକରେ ରେଭେନ୍ସା କଲେଜ ସାମନାରେ ସମାବେଶ କରି ରାଜବନ୍ଦୀମାନଙ୍କୁ ଖାଲସ କରିବା ଓ ଜାତୀୟ ସରକାର ଗଠନ କରିବାର ଦାବି ଉଠାଇ ଆଇନ ଅମାନ୍ୟ କରିବାର ସ୍ଥିର ହେଲା । ସେତେବେଳକୁ ବ୍ରିଟିଶ୍ ସରକାର ଜାତୀୟ ଆନ୍ଦୋଳନକୁ ବିଭେଦଗ୍ରସ୍ତ କରିବା ପାଇଁ ହିନ୍ଦୁ ମୁସଲମାନ୍ ଭେଦଭାବ ପୂରାଇ ମୁସଲିମ୍ ଲିଗ୍‌ର ସ୍ୱତନ୍ତ୍ର ଦେଶ 'ପାକିସ୍ତାନ' ଗଠନ ଦାବିକୁ ଉତ୍ସାହିତ କରି ଏହାକୁ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ମୁଖ୍ୟ ମୁସଲମାନ୍ ସଙ୍ଗଠନ ଭାବେ ଉଠାଇଥାନ୍ତି । ତେଣୁ କମ୍ୟୁନିଷ୍ଟ ପାର୍ଟି

Digitized by PPRACHIN, SOA

କଂଗ୍ରେସ ଓ ଲିଗ୍ ସମେତ ସମସ୍ତ ରାଜନୈତିକ ଶକ୍ତିଙ୍କ ଜାତୀୟ ସରକାର ଦାବୀ ଉଠାଉଥାଏ, ଯାହାକି ଜବାହରଲାଲଙ୍କ ନେତୃତ୍ୱରେ ମଧ୍ୟବର୍ତ୍ତିକାଳୀନ ସରକାର ଗଠନ ଫଳରେ ସାକାର ହେଲା ପରବର୍ତ୍ତୀ କାଳରେ ।

କଟକରେ ସତ୍ୟାଗ୍ରହ କରି ନରସିଂହ ତ୍ରିପାଠୀ, ଦୁର୍ଗାଚରଣ ମହାନ୍ତି, ଶୈଳେନ୍ ମହାପାତ୍ର, ସତ୍ୟବାଦୀ ମିଶ୍ର (ପରବର୍ତ୍ତୀ କାଳରେ ଦର୍ଶନ ଅଧ୍ୟାପକ) ଓ ରାମଚନ୍ଦ୍ର ରାମ ପ୍ରମୁଖ ଗିରଫ୍ ହୋଇଥିଲେ । ବୈଦ୍ୟନାଥ ରଥ ଓ ବିଜୟ ଚନ୍ଦ୍ର ଦାସ କମ୍ୟୁନିଷ୍ଟ ଷଡଯନ୍ତ୍ର ମାମଲା ଯୋଗୁ ଭୋଗୁଥିବା ଜେଲଦଣ୍ଡରୁ ମୁକ୍ତ ହେବା ପରେ ମଧ୍ୟ ୧୯୪୨ ଅଗଷ୍ଟରେ ଗିରଫ୍ ହେଲେ । ରାମକୃଷ୍ଣ ପତି ଅଜ୍ଞାତବାସରୁ ଗିରଫ୍ ହେଲେ । ଏମାନେ କଟକ ଜେଲରେ ଭର୍ତ୍ତି ହେବା ପୂର୍ବରୁ ଅଶୋକ ଦାସ, ବିବୁଧେନ୍ଦ୍ର ମିଶ୍ର, ମନମୋହନ ମିଶ୍ର ଓ ସୁରଜମଲ ସାହା ପ୍ରମୁଖ ଜେଲ୍‌ଖାନାରେ ରହି ସାରିଥିଲେ । ଶେଷକୁ ପୁରୀ ଓ କଟକ ଜେଲ୍‌ରେ ସ୍ଥାନାଭାବରୁ ଅନେକ ବନ୍ଦୀଙ୍କୁ ବ୍ରହ୍ମପୁର ସେଣ୍ଟ୍ରାଲ୍ ଜେଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା । ପ୍ରାଣନାଥ ଯାଇ ପହଞ୍ଚିଲେ ବ୍ରହ୍ମପୁର ଜେଲରେ ଓ ସେଠାରେ ୧୯୪୫ ଯାଏ ରହିଲେ । ଅତ୍ୟନ୍ତ ଘଟଣାବହୁଳ ଓ ବର୍ଣ୍ଣାଢ୍ୟ ଅଭିଜ୍ଞତାରେ ପୂର୍ଣ୍ଣ ହେଉଛି ବ୍ରହ୍ମପୁର ଜେଲ୍‌ର ଘଟଣା । ଏଣେ କଟକ ଜେଲ୍‌ରେ ରହିଥିଲେ ଆଠଗଡ଼ର କମ୍ୟୁନିଷ୍ଟନେତା ବ୍ରଜକିଶୋର ପଟ୍ଟନାୟକ ଓ ଗଡଜାତ ଛାତ୍ର ଆନ୍ଦୋଳନର ନେତା ନବକିଶୋର ପଟ୍ଟନାୟକ ।

■■■

Digitized by PPRACHIN, SOA

ନବମ ଅଧ୍ୟାୟ

ଗଡ଼ଜାତ ପ୍ରଜାମଣ୍ଡଳ ସଂଗ୍ରାମରେ ଭୂମିକା

ଜାତୀୟ ଆନ୍ଦୋଳନ ଓ କୃଷକ ଶ୍ରମିକ ଶ୍ରେଣୀର ଆନ୍ଦୋଳନରେ ନିଜକୁ ଉତ୍ସର୍ଗ କରିବା ସହିତ ଆଉ ଯେଉଁ ମହାନ ଦେଶପ୍ରେମ ସଂଗ୍ରାମରେ ପ୍ରାଣନାଥ, ଭଗବତୀ ଚରଣ, ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ ପ୍ରଭୃତି ସଂଗ୍ରାମୀମାନେ ମହତ୍ତ୍ୱପୂର୍ଣ୍ଣ ଅବଦାନ ଦେଇଥିଲେ, ତାହା ହେଲା ଓଡିଆଭାଷୀ ୨୬ ଗୋଟି ଦେଶୀୟ ରାଜ୍ୟ, ଯାହା ଗଡଜାତ ନାମରେ ଖ୍ୟାତ, ସେଥିରେ ଥିବା ନିର୍ଯ୍ୟାତିତ ପ୍ରଜାକୁଳକୁ ଶୋଷଣ, ଅତ୍ୟାଚାର କବଳରୁ ମୁକ୍ତ କରିବା ପାଇଁ ଚାଲିଥିବା ପ୍ରଜାମଣ୍ଡଳ ଆନ୍ଦୋଳନ। ଏହି ଗଡ଼ଜାତର ତଥାକଥିତ ରାଜାମାନେ ବ୍ରିଟିଶ ଶାସନର ଛତ୍ରଛାୟା ତଳେ ରହି, ବିଦେଶୀ ରାଜକୋଷକୁ କିଛି ଟଙ୍କା ଆନୁଗତ୍ୟମୂଳକ ଦେୟ ଭାବେ ଦେଇ ନିଜର ହୁଙ୍କାପିଟା, ମେରୀ ରାୟ ଶାସନ ଚାଲାଇଥିଲେ। ମୋଗଲବନ୍ଦୀ ଅଞ୍ଚଳ ଅପେକ୍ଷା ସେଠାରେ ଜନ ସାଧାରଣଙ୍କ ଅବସ୍ଥା ଥିଲା ଗୁରୁତର। ତା ବିରୋଧରେ ବିଭିନ୍ନ ଗଡ଼ଜାତ ମାନଙ୍କରେ ପ୍ରବଳ ଗଣ ଅଭ୍ୟୁତ୍ଥାନ, ମେଳି, ବିଦ୍ରୋହ, ସଶସ୍ତ୍ର ସଙ୍ଘର୍ଷ ଘଟିଥିଲା ଓ ଅମାନୁଷିକ ଦମନ ଚଳାଇ ସେ ସବୁ ଆନ୍ଦୋଳନକୁ ଦମନ କରାଯାଇଥିଲା। ଦଶପଲ୍ଲାର କନ୍ଧମେଳି ଓ କେନ୍ଦୁଝରର ଭୂୟାଁ ବିଦ୍ରୋହକୁ ଏପରି ଭାବେ ଦମନ କରାଯାଇଥିଲା। ଗଡ଼ଜାତର ତଥାକଥିତ ରାଜାମାନେ ଅଧିକାଂଶ କ୍ଷେତ୍ରରେ ନିଜର 'ଚେଲା ଚାମୁଣ୍ଡା, କର୍ମଚାରୀ ଗୋଷ୍ଠୀଙ୍କୁ ଧରି ଲୁହ ଲହୁର ଶାସନ ଚଳାଉଥିବା ବେଳେ, ସେମାନଙ୍କ ପ୍ରକୃତ ମାଲିକ ଓ ରକ୍ଷାକର୍ତ୍ତା ଥିଲେ ଭାରତରେ ବ୍ରିଟିଶ୍ ଶାସନ ପ୍ରତି ଅନୁଗତ ଓ ଅଂଶବିଶେଷ ଗୋରା ପଲିଟିକାଲ୍ ଏଜେଣ୍ଟ। ପ୍ରଜା ବିଦ୍ରୋହକୁ ଦମନ କରିବାକୁ ଭାରତକୁ ଦମନ ନୀତି ବଳରେ ଶାସନ କରୁଥିବା ବ୍ରିଟିଶ୍ ସରକାର ସୈନ୍ୟସାମନ୍ତ ପଠାଇ ସାହାଯ୍ୟ କରୁଥିଲେ ଓ କଷଣ ଅତ୍ୟାଚାରରେ ଜର୍ଜରିତ ଗଡଜାତରେ ଲକ୍ଷ ଲକ୍ଷ ଜନସାଧାରଣ ଏକ ଅନ୍ଧାରୀ ମୂଲକ ଶାସନରେ ସଢି ମରୁଥିଲେ। ଭାରତର ଅନ୍ୟ ପ୍ରାନ୍ତରେ ଦେଶୀୟ ରାଜ୍ୟର

Digitized by PPRACHIN, SOA

ରାଜାମାନଙ୍କର ପ୍ରଜା–ପ୍ରପୀଡକ ସ୍ୱରୂପ ଠିକ୍ ଓଡ଼ିଶା–ଅନୁରୂପ ଥିଲା । ତେଣୁ ଏହା ବିରୋଧରେ ଦେଶୀୟ ରାଜ୍ୟମାନଙ୍କରେ ଏକ ସଙ୍ଗଠିତ ଓ ସମନ୍ୱିତ ପ୍ରଜାମଣ୍ଡଳ ଆନ୍ଦୋଳନ ଚଳାଇବା ପାଇଁ ଉଦ୍ୟମ ହେଲା । ୧୯୩୭ ଜୁନ୍ ୨୪ ତାରିଖରେ କଟକ ଠାରେ ମୋହନଲାଲ ଗୌତମ ଓ ଡକ୍ଟର ପଟ୍ଟାଭି ସୀତାରାମେୟାଙ୍କ ନେତୃତ୍ୱରେ ଓଡ଼ିଶାର ବିଭିନ୍ନ ପ୍ରଜାମଣ୍ଡଳୀଙ୍କର ଏକ ସମ୍ମେଳନ ଅନୁଷ୍ଠିତ ହେଲା । ଓଡ଼ିଶାର ଗଡ଼ଜାତମାନଙ୍କରେ ଚାଲିଥିବା ଜୁଲୁମ, ଶୋଷଣ ଓ ଅତ୍ୟାଚାରର ତଦନ୍ତ କରିବା ପାଇଁ ହରେକୃଷ୍ଣ ମହତାବଙ୍କ ସଭାପତିତ୍ୱରେ ଏକ କମିଟି ଗଠିତ ହେଲା । ଗଡ଼ଜାତମାନଙ୍କରେ ପ୍ରତିନିଧିମୂଳକ ଗଣତାନ୍ତ୍ରିକ ସଂସ୍ଥାର ଗଠନ ପାଇଁ, ଅତ୍ୟାଚାର ଶୋଷଣର ବିଲୋପ ପାଇଁ ସମ୍ମିଳନୀରେ ଦାବି ହେଲା । ସାରଙ୍ଗଧର ଦାସ ଏହାର ସମ୍ପାଦକ ଥିଲେ । ଏଥିପାଇଁ ଗଠିତ ବଲ୍ଲବନ୍ତରାୟ ମେହେଟାଙ୍କ (ପରବର୍ତ୍ତୀ କାଳରେ ଗୁଜୁରାଟର ମୁଖ୍ୟମନ୍ତ୍ରୀ)ଙ୍କ ନେତୃତ୍ୱରେ ଗଠିତ କମଟି, ଦେଶୀୟ ରାଜ୍ୟରେ ଚାଲିଥିବା ଜୁଲମ ଅତ୍ୟାଚାର ସମ୍ବନ୍ଧରେ ରିପୋର୍ଟ ପ୍ରକାଶ କଲେ । ଏଥିରେ ଜାଗରିତ ହୋଇ କେନ୍ଦୁଝର, ତାଳଚେର, ଦଶପଲ୍ଲା ନୀଳଗିରି, ବଡ଼ମ୍ବା, ନରସିଂହପୁର, ଆଠଗଡ, ତିଗିରିଆ, ବୌଦ, ବାମଣ୍ଡା, ଷଢେଇକଳା, ନୟାଗଡ଼, ବଣାଇ, ଢ଼େଙ୍କାନାଳ, ରଣପୁର ଓ ଖଣ୍ଡପଡ଼ାରେ ପ୍ରଜାମଣ୍ଡଳମାନ ଗଠିତ ହୋଇଥିଲା ।

କଂଗ୍ରେସ ଭିତରେ ମାଳତୀ ଚୌଧୁରୀ, ହରେକୃଷ୍ଣ ମହତାବ, ସାରଙ୍ଗଧର ଦାସ, ରାଧାନାଥ ରଥ, ନବକୃଷ୍ଣ ଚୌଧୁରୀ, ଭଗବତୀ ଚରଣ ପାଣିଗ୍ରାହୀ, ପବିତ୍ର ମୋହନ ପ୍ରଧାନ, ମହେଶ୍ୱର ସୁବାର ସିଂହ, ବନମାଳୀ ରଥ ଓ ପ୍ରାଣନାଥ ପଟ୍ଟନାୟକ ପ୍ରମୁଖ ବିଭିନ୍ନ ଗଡଜାତରେ ଶାନ୍ତିପୂର୍ଣ୍ଣ ପ୍ରଜାମଣ୍ଡଳ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବାର ନେତୃତ୍ୱ ନେଲେ । ଏଥିରେ ମୋଗଲବନ୍ଦୀର ଗୁରୁଚରଣ ପଟ୍ଟନାୟକ, ଅନନ୍ତ ପଟ୍ଟନାୟକ, ଗୌରାଙ୍ଗ ଚରଣ ଦାସ, ରବି ଘୋଷ, କୈଳାସଚନ୍ଦ୍ର ମହାନ୍ତି, ବନମାଳୀ ଦାସ, ବୈଦ୍ୟନାଥ ରଥ, ଫଣୀ ପାଲ ଓ ଗଡଜାତର ଆଠଗଡରେ ବ୍ରଜକିଶୋର ପଟ୍ଟନାୟକ, ଢେଙ୍କାନାଳରେ ମହେଶ୍ୱର ସୁବାହୁ ସିଂହ, ବ୍ରଜକିଶୋର ଧଳ, ହରମୋହନ ପଟ୍ଟନାୟକ, ତାଳଚେରରେ ପବିତ୍ର ମୋହନ ପ୍ରଧାନ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ । ଏହାଛଡା ଶ୍ରୀଧର ଦାସ, ଗଙ୍ଗାଧର ମିଶ୍ର, ପରଶୁରାମ ପଦାତିକ ରାୟ, ଗୋକୁଳ ମୋହନ ରାୟ ଚୂଡାମଣି, ବାସୁଦେବ ଦୋରା, ମଦନ ମୋହନ ପ୍ରଧାନ ପ୍ରମୁଖ ଆନ୍ଦୋଳନର ଯୋଦ୍ଧା ଥିଲେ ।

ଢେଙ୍କାନାଳ ପରି ଗଡଜାତରେ ଶୋଷଣ, କଷଣ, ଜୁଲମ, ଅତ୍ୟାଚାର ଓ ଅସମ୍ମାନରେ ଜର୍ଜରିତ ହୋଇଥିବା ସେଠା ଜନସାଧାରଣଙ୍କର ପ୍ରବଳ ଗଣଜାଗୃତି ଶେଷକୁ ରାଜପକ୍ଷ ସହିତ ପ୍ରଜାଶକ୍ତିର ପ୍ରବଳ ସଶସ୍ତ୍ର ସଂଘର୍ଷ ମଡି (ଅଧୁନା କାମାକ୍ଷାନଗର)ରେ ରାଜାର ଶସ୍ତ୍ରାଗାର ଶସ୍ୟାଗାର ଲୁଣ୍ଠନ, ଶେଷକୁ ରାଜନଅରକୁ ହଜାର ହଜାର ଲାଞ୍ଛିତ ଅତ୍ୟାଚାରିତ ଜନସାଧାରଣ ଘେରାଉ କରିବା ଭଳି ଘଟଣା ଘଟିଯାଉଥିଲା ।

Digitized by PPRACHIN, SOA

ଜନସାଧାରଣଙ୍କୁ ବିନାମୂଲ୍ୟରେ ବେଠି ଖଟାଇ, କୋରଡା ମାଡରେ ରକ୍ତ ଝରାଇ, ବିଳାସ ଉଆସ ଯତନ ନଗର ତିଆରି ହେଉଥିଲା । ବଳଦ ସହିତ ମଣିଷଙ୍କୁ ଯୋଡି ପାହାଡିଆ ଭୂମି ଚାଡିବା, ଟିକେ ଟିକେ କଥାକେ ନିଶ ଉପାଡିଦେବା, ନିଆଁରେ ଶରୀରକୁ ଚିଆଁ ଦେବା ଥିଲା ଢେଙ୍କାନାଳ ଶାସନର ନମୁନା । ବେଡି ଉପରେ କୋରଡା ଖାଇ ଖଟି ଖଟି ଯେଉଁମାନେ ଚାଲିଗଲେ, ସେମାନଙ୍କର ତାତିଲା ନିଶ୍ୱାସରେ ଉତ୍ତପ୍ତ ଥିଲା ବାତାବରଣ । କାରାକକ୍ଷରେ ମାଡ ଖାଇ ଖାଇ କେତେଲୋକ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି, ତାର ଇୟତ୍ତା ନାହିଁ । ଜନସାଧାରଣ ରାଜବାଟି ଆଗରେ ଜୋତା ପିନ୍ଧି, ଛତା ଖୋଲି ଯାଇ ପାରୁନଥିଲେ । ଟିକେ ରାଜାଙ୍କୁ ଅମାନ୍ୟ କଲେ, ରାଜାଙ୍କ ଡୋଲ ଘରେ ପ୍ରବଳ ଶାରୀରିକ ଯାତନାରେ ସର୍ବାଙ୍ଗରୁ ଧାର ଧାର ଲହୁର ଧାରା ବୋହୁଥିଲା ଓ ଘରେ ଥିବା ନିରପରାଧ ଝିଅ ବୋହୂଙ୍କୁ ଟେକି ନେଇ ବଳାତ୍କାର କରିବା ଘଟଣାବଳୀ ଦେଶସାରା ଏକ ପ୍ରତିବାଦର ଲହରୀ ଉଠାଇ ଥିଲା । ଢେଙ୍କାନାଳରେ ଏହି ଅତ୍ୟାଚାର ବିରୋଧରେ କଟକ ଜିଲ୍ଲାର ଜେନାପୁର ଠାରେ ବିପୁଳ ଜନସମାବେଶ ଓ କଟକ ଟାଉନହଲଠାରେ ପ୍ରାଣନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ସାଧାରଣ ସଭା ହୋଇଥିଲା । ଏହି ସଭାରେ ପ୍ରାଣନାଥଙ୍କ ଭାଷଣ ଥିଲା ମର୍ମସ୍ପର୍ଶୀ ଓ ତାର ଭାଷା ଥିଲା ରୁଦ୍ର ବୀଣାର ଝଙ୍କାର ଭଳି । ଭଗବତୀ ଓ ଗୁରୁଚରଣଙ୍କ ଲେଖନୀ ଥିଲା କଷଣର ପ୍ରତିବାଦରେ ମୁଖର । ଗଡଜାତରେ ନିର୍ଯ୍ୟାତିତ ଜନସାଧାରଣଙ୍କ ଦୁଃଖ, ଶୋଷଣ ଓ ଯାତନାର ଚିତ୍ର ସାହିତ୍ୟରେ ମଧ୍ୟ ଫୁଟିଲା । ଏପରି ଅବସ୍ଥାରେ କବି କାଳିନ୍ଦୀଚରଣ ଲେଖିଥିଲେ :

"ମଣିଷ କୁଳରେ ଜନମ ଆମର ନାହିଁ ଇଜ୍ଜତ ମାନ,
ଆମ ଝିଅ ବୋହୂ ସବୁରି ଶାଳୀହେ ଆମେ ଶଳା ସଇତାନ୍ ।"

ଢେଙ୍କାନାଳ ରାଜାଙ୍କ ଅତ୍ୟାଚାର ବିରୋଧରେ ସତ୍ୟାଗ୍ରହ କରିବାକୁ ନବଚୌଧୁରୀ ଓ ଭଗବତୀ ଚରଣ ଗଲେ । ସେମାନଙ୍କୁ ଫେରାଇ ଦିଆଗଲା । 'ଶଳା, ଶଇତାନ' ଥିଲା ଜନସାଧାରଣଙ୍କ ପ୍ରତି ରାଜ ସିପାହୀଙ୍କ ଗାଳି । ଢେଙ୍କାନାଳରେ ଲହୁ ଲୁହର ପର୍ବ ସେତିକିବେଳେ ଚରମ ସୀମାରେ ପହଁଚିଥିଲା, ଯେତେବେଳେ ଢେଙ୍କାନାଳର ନୀଳକଣ୍ଠପୁରର ବ୍ରାହ୍ମଣୀ ନଦୀ ଘାଟରେ ବାର ବରଷର କିଶୋର ବାଜି ରାଉତ ରାଜପକ୍ଷର ଗୋରା ପୋଲିସଙ୍କ ବନ୍ଧୁକ ଚୋଟରେ ଅମର ଶହୀଦତ୍ୱ ବରଣ କରିଥିଲା । ଆଉ ମଧ୍ୟ ଶହୀଦ ଏଠି ହୋଇଥିଲେ ନଟ, ରଘୁ, ହୃଷି ପ୍ରଭୃତି ବୀର ସଂଗ୍ରାମୀଗଣ । ଢେଙ୍କାନାଳ ସଶସ୍ତ୍ର ଆନ୍ଦୋଳନରେ ବୀର ବୈଷ୍ଣବ ଓ ଫଣୀପାଲ୍‌ଙ୍କ ସହାୟତାରେ ଅମର ଶହୀଦ୍‌ମାନଙ୍କ ଶବକୁ ବିରାଟ ପଟୁଆରରେ ନେଇ କଟକ ସହର ଖାନନଗର ମଶାଣିରେ ଚିତା ଜଳିବା ବେଳେ, ବିଶିଷ୍ଟ ପ୍ରଗତିବାଦୀ ଲେଖକ ସଚ୍ଚି ରାଉତରାୟ ଲେଖିଲେ ତାଙ୍କ କବିତାର ଅନବଦ୍ୟ ପଂକ୍ତି :

"ନୁହେଁ ବନ୍ଧୁ ନୁହେଁ ଏହା ଚିତା, ଏ ଜାତି ତିମିର ଜଳେ ମୁକତିର ଅଳିଭା ସଳିତା

Digitized by PPRACHIN, SOA

ନୁହେଁ ଏହା ଜଳିଯିବା ପାଇଁ, ଜନମ ଏହାର ଏଥି ଜାଳିପୋଡ଼ି ଦେବାକୁ ଧସାଇ ।''

ଗଡ଼ଜାତମାନଙ୍କରେ ଚାଲିଥିବା ତଥାକଥିତ ବ୍ରିଟିଶ୍ ଗୋଲାମତନ୍ତ୍ରର ଅନ୍ୟନାମ ଥିଲା ସାମନ୍ତବାଦ, ଯାର ବିରୋଧରେ ଲଢ଼େଇ କରି ୮୦୮ ଶହୀଦର ବଳିଦାନ, କେତେ କୁର୍ବାନୀ, ଢେଙ୍କାନାଳରେ ବୀର ବୈଷ୍ଣବ ପଟ୍ଟନାୟକ, ରଣପୁରରେ ଅଭ୍ୟୁତ୍ଥାନ ଓ ତାଳଚେରରେ ପବିତ୍ର ମୋହନ ପ୍ରଧାନଙ୍କ ନେତୃତ୍ୱରେ ପ୍ରଚଣ୍ଡ ଗଣ ଅଭ୍ୟୁତ୍ଥାନ ଦେଖା ଦେଇଥିଲା । ପରବର୍ତ୍ତୀ କାଳରେ ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ନୀଳଗିରି ସଶସ୍ତ୍ର ପ୍ରଜାମଣ୍ଡଳ ସଂଗ୍ରାମ ଇତିହାସ ସୃଷ୍ଟି କରିଥିଲା । ବ୍ରିଟିଶ୍ ସରକାର ସେକାଳରେ ଯୁଦ୍ଧ ବିମାନରୁ ତାଳଚେର ମେଳି ଗାଁମାନଙ୍କରେ ଗୁଳିଗୋଳା କ୍ଷେପଣ କରିଥିଲେ । ଶେଷକୁ ପବିତ୍ର ମୋହନ ହେଲେ ଦେଶାନ୍ତରୀ, ରହିଲେ ରାଜ୍ୟ ବାହାରେ । ହଜାର ହଜାର ତାଳଚେରବାସୀ ରାଜ୍ୟ ତ୍ୟାଗକଲେ, ଡରି ଡରି ବାହାରେ ରହିଲେ । ଢେଙ୍କାନାଳରେ ସଶସ୍ତ୍ର ସଂଗ୍ରାମର ମହାଯୋଦ୍ଧା ବୀର ବୈଷ୍ଣବ ଗୁଳି ଚୋଟରେ ଲହୁ ଲୁହାଣ ହୋଇ କଟକରେ ଆତ୍ମଗୋପନ କଲେ । ଗୁଳି ଶରୀରର ରକ୍ତକୁ ବିଷାକ୍ତ କଲା । ଏଣେ ଢେଙ୍କାନାଳର ହଜାର ହଜାର ଗରିବ ପ୍ରଜା କଟକ ଓ ଅନ୍ୟସ୍ଥାନରେ ଆଶ୍ରୟ ନେଲେ । କଟକରେ ଆତ୍ମଗୋପନ କାଳରେ ଯତ୍ ସାମାନ୍ୟ ଚିକିତ୍ସା ପରେ ବୀର ବୈଷ୍ଣବ ଛଦ୍ମବେଶରେ ଚାଲିଲେ କଲିକତା । ଭାରତର କମ୍ୟୁନିଷ୍ଟ ପାର୍ଟିର ସଂପାଦକ ପୂରନ୍‌ଚନ୍ଦ୍ର ଯୋଷୀଙ୍କ ତତ୍ତ୍ୱାବଧାନରେ ରହିଲେ । ବହୁ ଆଗରୁ ସେ ଭଗବତୀ ଚରଣଙ୍କ ଦ୍ୱାରା ସାମ୍ୟବାଦର ମହାମନ୍ତ୍ରରେ ଦୀକ୍ଷିତ ହୋଇ ସାରିଥିଲେ । ଏ ସମସ୍ତ ଆନ୍ଦୋଳନ ପଛରେ କମ୍ୟୁନିଷ୍ଟ ପାର୍ଟି, ବାମପନ୍ଥୀ ଶକ୍ତି ଓ ଜାତୀୟ କଂଗ୍ରେସର ସମ୍ମିଳିତ ଉଦ୍ୟମ ପ୍ରେରଣାଦାୟୀ ଓ ସାହାଯ୍ୟକାରୀ ଶକ୍ତି ଭାବେ ଥିଲା ।

ଢେଙ୍କାନାଳ ଓ ତାଳଚେର ସାଙ୍ଗକୁ ସମତାଳ ଦେଇ ଏହି ଶତାବ୍ଦୀର ୪ର୍ଥ ଦଶକରେ ଖୋର୍ଦ୍ଧାକୁ ଲାଗିଥିବା କ୍ଷୁଦ୍ର ରଣପୁର ଗଡ଼ଜାତରେ ପ୍ରଜାମଣ୍ଡଳ ଆନ୍ଦୋଳନ ଏକ ବିଶାଳ ଜନଜୁଆରରେ ପରିଣତ ହୋଇଥିଲା । ରଣପୁରରେ ରାଜା ଶାସନ ନାମରେ ଏକ ଅନ୍ଧକାରମୟ ରକ୍ତଲୋଲୁପୀ ଶାସନ ଚାଲିଥିଲା । ପ୍ରଜାଶକ୍ତିକୁ ସଂଗଠିତ କରିବାର ଉଦ୍ୟମକୁ ଲୌହ ହସ୍ତରେ ଦମନ କରାଯାଇଥିଲା । ଜୋରିମାନା, ଶାରୀରିକ ଦଣ୍ଡ ସବୁକିଛି ଭୋଗିବାକୁ ହେଉଥିଲା ସଂଗଠକମାନଙ୍କୁ ।

ରଣପୁରରେ ପ୍ରଜାଶକ୍ତିର ଅଭ୍ୟୁଦୟ:-

ବହୁକାଳରୁ ରଣପୁରରେ ପ୍ରଜାମାନଙ୍କ ଉପରେ ଯେଉଁ ପ୍ରବଳ ଅତ୍ୟାଚାର ଚାଲିଥିଲା, ତା ବିରୋଧରେ ପ୍ରଜାମଣ୍ଡଳର ପ୍ରଥମ ସମ୍ମିଳନୀ ୧୯୩୬ରେ ରଣପୁର ସୀମାନ୍ତବର୍ତ୍ତୀ ସାନପଦର ଗ୍ରାମରେ ଅନୁଷ୍ଠିତ ହେଲା, ଯେଉଁଥିରେ ରାଜ୍ୟର ପ୍ରମୁଖ ଜନନେତା ନବକୃଷ୍ଣ ଚୌଧୁରୀ, ପବିତ୍ର ମୋହନ ପ୍ରଧାନ, ପ୍ରାଣନାଥ ପଟ୍ଟନାୟକ,

Digitized by PPRACHIN, SOA

ଗୋକୁଳ ମୋହନ ରାୟଚୂଡାମଣି, ଗଙ୍ଗାଧର ପାଇକରାୟ, ବାଙ୍କନିଧି ସୁବୁଦ୍ଧି, ଗଙ୍ଗାଧର ମିଶ୍ର, ପର୍ଶୁରାମ ପଦାତିକରାୟ, ବନମାଳୀ ରାମ, କୃପାସିନ୍ଧୁ ମିଶ୍ର, ମଦନ ଦାସ, ରଘୁନାଥ ମହାନ୍ତି ଓ ଦିବାକର ପରିଡା ପ୍ରମୁଖ ବହୁ ପ୍ରଜାମଣ୍ଡଳ କର୍ମୀ ଯୋଗଦେଇଥିଲେ । ଏହି ସମ୍ମିଳନୀରେ ରଣପୁରରେ କିପରି ଅତ୍ୟାଚାର ଶୋଷଣର ଶାସନ ଚାଲିଥିଲା ତାହାର ମର୍ମନ୍ତୁଦ କାହାଣୀ ବର୍ଣ୍ଣିତ ହୋଇଥିଲା । ଆଣ୍ଠୁଠାରୁ ଚଳତ୍‌ଶକ୍ତି ହୀନ ରାଜାଙ୍କ ପାରିଧିପାଇଁ ଭେଣ୍ଡା ପିଲାମାନେ ଯାଇ କିପରି ଅଖିଆ ଅପିଆ ବଣଜଙ୍ଗଲରେ ବୁଲୁଥିଲେ ଓ କେହି ବାଘ ଭାଲୁ ହାବୁଡରେ ପଡି ପ୍ରାଣତ୍ୟାଗ କରୁଥିଲେ ।

କାହାଗଛରେ କଦଳୀ କାନ୍ଦି ପାଚିଲେ, ତା ଯାଉଥିଲା ରାଜା ଘରକୁ । କାହା ଗାଈ ବାଛୁରୀଟେ ପକାଇ ଦୁଧଦେଲେ ତାକୁ ଧରି ନିଆଯାଉଥିଲା ରାଜାଘରକୁ । ପୋଖରୀର ମାଛ, ଗଛର ଫଳ ଉପରେ ରାଜାର ଅଧିକାର । ଏହିସବୁ ଅତ୍ୟାଚାର ଚଳାଇବା ପାଇଁ ଏକ କ୍ଷୁଦ୍ର କର୍ମଚାରୀ ଓ ଚାଟୁକାର ଗୋଷ୍ଠୀ ରାଜପକ୍ଷର ଅନୁଗତ ଥିଲେ । ବେଠି, ଭେଟି, ରୋଶମ, ମାଗଣ, ଅତ୍ୟାଚାର, ଜୁଲମ ଓ ସଂପଦ ଲୁଣ୍ଠନ ସହି ସହି ରଣପୁର ବାସୀ ଅସ୍ତବ୍ୟସ୍ତ ହେଉଥିଲେ । ଶେଷକୁ ଅବସ୍ଥା ଏପରି ହେଲା ଯେ, ଟାଙ୍ଗୀଠାରେ ହୋଇଥିବା ପ୍ରଜାମଣ୍ଡଳର ପ୍ରଥମ ସମ୍ମିଳନୀରେ ପ୍ରଜାମଣ୍ଡଳର ସଭାପତି ରୂପେ ନିର୍ବାଚିତ ହୋଇଥିବା ବନମାଳୀ ରାମ୍‌ଙ୍କ ସପରିବାର ନିଜର ଭିଟାମାଟି ଛାଡି ରଣପୁରର ସୀମାନ୍ତରେ ଥିବା ଟାଙ୍ଗୀର କନ୍ଧ-ନୂଆଗଡରେ ବସବାସ କରିବାକୁ ହୋଇଥିଲା । ରାସ୍ତା ସେପଟେ ରଣପୁର ଇଲାକା ଚାନ୍ଦପୁର । ବନମାଳୀ ରାମ (ଯାହାଙ୍କ ପୁଅ ପ୍ରସିଦ୍ଧ ସାମ୍ୟବାଦୀ ଶ୍ରମିକ ନେତା ରାମଚନ୍ଦ୍ର ରାମ, ଖୋର୍ଦ୍ଧା ହାଇସ୍କୁଲରୁ ପ୍ରଗତିଶୀଳ ଆନ୍ଦୋଳନରେ ଝାସ ଦେଇଥିଲେ) ଓ ପ୍ରଜାମଣ୍ଡଳୀର ଅନ୍ୟ ନେତାମାନେ ଗାନ୍ଧିଜୀଙ୍କ ଅହିଂସାତ୍ମକ ଆନ୍ଦୋଳନ କାଳରେ ସାମନ୍ତବାଦୀ ଶୋଷଣ ଦୂର କରିବା ପାଇଁ ବ୍ରତୀ ଥିଲେ । ମାତ୍ର କିଏ ଦେଲା ସେମାନଙ୍କୁ ଏ ସୁଯୋଗ ? ନିର୍ଦ୍ଧୂମ ଅତ୍ୟାଚାର ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରି ଦେଇଥିଲା । ରଣପୁର ରାଜଶାସନରେ ଅତ୍ୟାଚାରୀ ନିଷ୍ପେଷଣ ଚକ୍ରର ମୁଖ୍ୟ ନିୟାମକ ଥାଆନ୍ତି ଜଗନ୍ନାଥ ମହାନ୍ତି । ଶତ ଦମନ ଅତ୍ୟାଚାର ସତ୍ତ୍ୱେ ପ୍ରଜାମଣ୍ଡଳର ଶାନ୍ତିପୂର୍ଣ୍ଣ ସଂଗ୍ରାମର ବାର୍ତ୍ତା ରଣପୁରର ପୁରପଲ୍ଲୀକୁ ଜାଗରଣରେ ଉଚ୍ଛଳ କରିଥାଏ । ତେଣୁ ଜାଗରଣର ନେତା ବନମାଳୀ ରାମ, ଅଚ୍ୟୁତାନନ୍ଦ ରାମ, ମୁରଲୀଧର ଦାସ, କୃପାସିନ୍ଧୁ ମିଶ୍ର ପ୍ରମୁଖ ପ୍ରଜାମଣ୍ଡଳର ନେତାମାନଙ୍କୁ ୧୯୩୯ ଜାନୁୟାରୀ ୨ ତାରିଖରେ ଗିରଫ୍ କରି ଜେଲ୍‌ରେ ଭର୍ତ୍ତି କରାଗଲା । ଜନସାଧାରଣଙ୍କ ଭିତରେ କ୍ରୋଧ ଓ ଅସନ୍ତୋଷର ବହ୍ନିମାନ ଶିଖା ଉଠିଲା- ମହା ହୁତାଶନ ସମ । ରଣପୁର ଗଡର ପ୍ରତ୍ୟେକ ଗ୍ରାମ ତଥା ଜନପଦରୁ ଶହ ଶହ ଲୋକ ରୁଣ୍ଡହୋଇ ଜେଲଖାନା ଭାଙ୍ଗି ବନ୍ଦୀ ହୋଇଥବା ପ୍ରିୟ ନେତାମାନଙ୍କୁ ମୁକୁଳାଇ ଦେବାପାଇଁ ସଂକଳ୍ପବଦ୍ଧ ହେଲେ । ପ୍ରଜାମଣ୍ଡଳ ନେତା କୃପାସିନ୍ଧୁ ମିଶ୍ର ଚାନ୍ଦପୁର ଅଂଚଳରୁ ୧୦ ହଜାର ଜନସାଧାରଣଙ୍କ ପଟୁଆର ଧରି ଚାଲିଥିଲେ ରଣପୁର ରାଜନବର ଆଡକୁ ।

Digitized by PPRACHIN, SOA

ସେହି ସାଲ ୧୯୩୯ର ପୌଷ ପୂର୍ଣ୍ଣିମା, ଦିନ ଥାଏ ଜାନୁୟାରୀ ୫ ତାରିଖ। ଗାଁ ଗଣ୍ଡାରୁ ହଜାର ହଜାର ଜନସାଧାରଣ ଛୁଟି ଆସିଥିଲେ ରାଜନବର ସମ୍ମୁଖକୁ, ଯେଉଁଠି ଏକ ସଭାରେ ବନ୍ଦୀନେତାମାନଙ୍କର ଆଶୁମୁକ୍ତି ଦାବି କରାଯିବ ସେମାନଙ୍କୁ ମୁକୁଳାଇ ନିଆଯିବ ବୋଲି ଘୋଷଣା ହୋଇଥିଲା। ରାଜଶକ୍ତିର ପଶୁବଳ ସାମନାରେ ଭୟ, ଆଶଙ୍କା, ଆତଙ୍କ ପରିବର୍ତ୍ତେ ସିଂହର ବଳ ଆସିଥିଲା ଜନସାଧାରଣଙ୍କ ମଧ୍ୟରେ। ଅଦ୍ୱିତୀୟ ଥିଲା ସେଦିନ ରଣପୁର ଗଡର ଜନ ସମାବେଶ, ମହାସାଗରର ଉର୍ମିମାଳା ପରି ଥିଲା ବିକ୍ଷୋଭିତ ଜନସ୍ରୋତ। ରାଜାଘରର ଚୂନଘଣା ପାଇଁ ପଣ୍ଡା ମଇଁଷି ଓ ବଳଦ ସାଙ୍ଗରେ ଯେଉଁ ମଣିଷ ଯୋଚି ହୋଇ ବିରାଟ ଅକର୍ମଶିଳା ପଥର ଚକକୁ ବୁଲାଉଥିଲା, ଉଆସର ବେଠି ଖଟି ଖଟି କୂର୍ମ ପାଲଟି ଥିଲା, ରାଜପକ୍ଷ ପୋଲିସର ଛାଟ ଖାଇ ଖାଇ ଯାହାର ଦେହରେ ବିଣ୍ଡି ବସିଯାଇଥିଲା, ସେହି ନିରୀହ, ଶାନ୍ତ ଓ ଅତ୍ୟାଚାରିତ ମଣିଷ ଏକକ ଭାବେ ଆଉ 'ମେଳିଆ' ନଥିଲା, ସେ ଥିଲା ନୂତନ ପରିବର୍ତ୍ତନର ରୂପକାର। ୧୯୩୮ରେ ପ୍ରଜାମଣ୍ଡଳ ତରଫରୁ ସଭାପତି ବନମାଳୀ ରାମ ଓ ରଘୁନାଥ ମହାନ୍ତି ରାଜ୍ୟ ସରକାର ଓ ଜନସାଧାରଣଙ୍କ ସାମନାରେ ଏକ ତଥ୍ୟ ସମ୍ବଳିତ ଦାବିପତ୍ର ରଖିଥିଲେ। ମାତ୍ର ତାକୁ ପଢିବାକୁ ଅଥର୍ବ ରାଜା, ତାର ପାରିଷଦବର୍ଗ ବା ବ୍ରିଟିଶ୍ ସରକାର କାହାକୁ ତର ନଥିଲା। ତେଣୁ ରଣପୁରକୁ ଘେରି ରହିଥିବା ଖାସ ମାହାଲ ଟାଙ୍ଗୀ, ସିକୋ, ସାନପଦର ଓ ବୋଲଗଡ ଠାରେ ଦଳ ଦଳ ମୁଖିଆମାନେ ବସି ପ୍ରାଣନାଥ ପଟ୍ଟନାୟକ ପ୍ରଭୃତି ଜନନେତାମାନଙ୍କଠାରୁ ଯେଉଁ ପରାମର୍ଶ ପାଇଥିଲେ, ତାହା ଏହି ବିଶାଳ ଜନସମାବେଶର କାରଣ ଥିଲା। ରଣପୁରରୁ ନିର୍ବାସିତ ହୋଇ ପୁରୀ ଜିଲ୍ଲା କଂଗ୍ରେସର ସଂପାଦକ ଥିବା ଗଙ୍ଗାଧର ମିଶ୍ର ଗୋପନରେ ବାରମ୍ବାର ରଣପୁର ଆସି ପରାମର୍ଶ ଦେଇ ଯାଇଥାନ୍ତି, ମାତ୍ର ଚାନ୍ଦପୁରଠାରେ ଦଶଦୋଳ ପଡିଆରେ ପ୍ରଜାମଣ୍ଡଳ ତରଫରୁ ବିରାଟ ଏକ ଜନସମାବେଶ ଓ ରଣପୁରର ଚଉଦ କୋଶ ଯାଏ ବିଦ୍ରୋହର ଡାକରା ରାଜପକ୍ଷକୁ ହିଂସାରେ ପାଗଳ କରିଦେଇଥିଲା। ରାଜପକ୍ଷ ବ୍ରିଟିଶ୍ ସରକାର ସହିତ ସଲାସୂତରା କରି ଏହି ଗଣ ଆନ୍ଦୋଳନକୁ ଗୁଳି ଲାଠିରେ ଦବାଇ ଦେବାର ନିଷ୍ପତ୍ତି ନେଇଥିଲେ। ନିଜର ପ୍ରିୟ ନେତାମାନେ ଗିରଫ୍ ହେବାର ଖବର ବିରୋଧରେ ଜନମତକୁ ଉତ୍ତାଳ କରିବାକୁ ରଣପୁର ପ୍ରଜାମଣ୍ଡଳ ରାଜନବର ସାମନାରେ ବିରାଟ ଜନସଭା ପାଇଁ ନିବେଦନ କରିଥିଲା।

୧୯୩୯ ଜାନୁୟାରୀ ୫ ତାରିଖ ପୌଷ ପୂର୍ଣ୍ଣିମା। ସ୍ୱାଭାବିକ ଭାବେ ସେ ଦିନ ରଣପୁର ଅଧିଷ୍ଠାତ୍ରୀ ଦେବତା ମଣିନାଗ ଠାକୁରାଣୀ ବା ଅନ୍ୟ ଦେବୀଙ୍କ ପାଖରେ ପୁଷମଣ୍ଡା ଭୋଗକରି ଉତ୍ସବ ପାଳନ କରନ୍ତି। ଆମ୍ବ ବଉଳର ଭୁରୁ ଭୁରୁ ଗନ୍ଧରେ ଗାଁର ତୋଟାମାଳ ସୁବାସିତ ହେବାର ଓ ପୌଷ ପୂର୍ଣ୍ଣିମା ରାତ୍ରିର ଜୋଛନାରେ ମହୀ ଝଲ୍ସିବାର ଦିନ। ମାତ୍ର ନା ଥିଲା ପୌଷ ପୂର୍ଣ୍ଣିମାର ଉତ୍ସବ, ନା ଥିଲା ପୁଷମଣ୍ଡା। ବିଦ୍ରୋହର

Digitized by PPRACHIN, SOA

ଉତ୍ସବରେ ଝୁମ ହୋଇଥିଲା ରାଜନବର ଚଉପାଖ । 'ବନ୍ଦୀ ନେତାଙ୍କୁ ଖଲାସ କର' ଦାବିରେ ଗଗନ ପବନ ମୁଖରିତ ହେଉଥିଲା ।

ମୈନାକ ପାହାଡ ବା ମଣିନାଗ ଥିବା ପର୍ବତ ଗୁହାରୁ ଉଠିଥିଲା ତାର ପ୍ରତିଧ୍ୱନି । ଭୀତ ତ୍ରସ୍ତ ରାଜ ସରକାର ନୟାଗଡଠାରେ ଅବସ୍ଥାନ କରୁଥିବା ଇଂରେଜ ପଲିଟିକାଲ ଏଜେଣ୍ଟ ବେଜେଲଗେଟ୍‌ଙ୍କ ଶରଣାପନ୍ନ ହୋଇ ରଣପୁରର ସଂଗୀନ ଅବସ୍ଥା କଥା ଜଣାଇଲେ । ଉଦ୍ଧତ ଗର୍ବୋନ୍ନତ ଥିଲେ ବେଜେଲଗେଟ୍ । ଗୁଳି ନଳୀର କ୍ଷମତା ଉପରେ ଥିଲା ତାଙ୍କର ବିଶ୍ୱାସ । ଢେଙ୍କାନାଳର ବିପୁଳ ଗଣ-ଆନ୍ଦୋଳନକୁ ଚପାଇବା ପାଇଁ ସେ ଗୁଳି ବନ୍ଧୁକ ଜୋରରେ କରିଥିବା ଅପଚେଷ୍ଟା ତାଙ୍କର କୁଖ୍ୟାତିକୁ ବଢାଇ ଦେଇଥାଏ । ତାଙ୍କ ବିଚାରରେ ୫୦ ହଜାର ଜନସଂଖ୍ୟା ବିଶିଷ୍ଟ ରଣପୁରର ପ୍ରଜା ଆନ୍ଦୋଳନ ହେୟ ବିବେଚିତ ହେଉଥିଲା । ତେଣୁ ରଣପୁର ରାଜାଙ୍କ ଡାକରାରେ ବେଜେଲଗେଟ୍ ଚାଳିଶଜଣ ବନ୍ଧୁକଧାରୀ ସଶସ୍ତ୍ର ପୋଲିସ ଧରି ଅବସ୍ଥାକୁ ମୁକାବିଲା କରିବାକୁ ବାହାରିପଡିଲେ । ମନରେ ଦାମ୍ଭିକ ଆତ୍ମ ବିଶ୍ୱାସ—ଏମାନେ କରିବେ କ'ଣ ? ଗୁଳି ବନ୍ଧୁକ ଆଗରେ ହଜାର ହଜାର ନିରସ୍ତ୍ର ଜନସାଧାରଣ କରିବେ କ'ଣ ? ଏହା ଥିଲା ତାଙ୍କର ଭାବନା । ମାତ୍ର ତାଙ୍କର ଆସିବା ରାସ୍ତାରେ ଜନସାଧାରଣ ଗଛପତ୍ର କାଟି ଅବରୋଧ ସୃଷ୍ଟି କରିଥିଲେ । ରଣପୁର ଲୋଧାଚୁଆ ଗ୍ରାମ ପରେ ତାଙ୍କର ଗାଡି ଆଉ ଆଗେଇ ପାରିଲା ନାହିଁ । ମନ୍ଦାକିନୀ ନାଳ ଉପରେ ଗାଡି ଘୋଡା ଯିବା ପାଇଁ ଯେଉଁ ଫେୟାରୱେଦର ରାସ୍ତା ତିଆରି ହୋଇଥିଲା । ତାର ଉଭୟ ପାର୍ଶ୍ୱରେ ଜନସାଧାରଣ ବଡ ବଡ ଗଛ କାଟି ପକାଇ ଦେଇଥିଲେ । ରାଗରେ ବେଜେଲଗେଟ କ୍ରୋଧରେ ଫାଟି ପଡିଲେ । ଗର୍ଜନ କରି କହିଲେ, ପାଖ ଗାଁ ଗଣ୍ଡାରୁ ଲୋକଙ୍କୁ ଡାକି ଆଣ, ସେମାନେ ରାସ୍ତା ସଫା କରିବେ । ମାତ୍ର ଗ୍ରାମରେ କିଛି ସ୍ତ୍ରୀ ଲୋକ ଓ ପିଲାଙ୍କ ଛଡା କେହି ନଥିଲେ । ସମସ୍ତେ ଥିଲେ ରଣପୁର ଗଡରେ । ଜଣେ ଦି ଜଣ ଲୋକ ଯାଇ ଲୋଧାଚୁଆର ବୃଦ୍ଧନାଥ ଭୋଳଙ୍କୁ ଧରି ଆଣିଲେ । ବେଜେଲଗେଟ୍‌ଙ୍କ ଲୋକ ପଚାରିଲେ, ରାସ୍ତା ବନ୍ଦ କରିବାକୁ କିଏ ଗଛ ଡାଳ ପକାଇଛି ? ନାଥ ଭୋଳ କହିଲେ, କହିବାକୁ ମନା ଅଛି, ମୁଁ କିଛି କହିପାରିବି ନାହିଁ । ଆଦେଶ ହେଲା, ଯାଅ ଗ୍ରାମର ଲୋକଙ୍କୁ ଡାକି ଦିଅ, ରାସ୍ତା ସଫା କରିବେ । "ତାହା ମୁଁ କରି ପାରିବି ନାହିଁ" ପ୍ରତ୍ୟାଖ୍ୟାନ କରି କହିଲେ ବୃଦ୍ଧ ନାଥ ଭୋଳ । କ୍ରୋଧରେ ଅଧୀର ବେଜେଲଗେଟ୍ ଭୋଳଙ୍କୁ "ବଦମାସ୍ ସଇତାନ୍" ବୋଲି ଚିତ୍କାର କରି ସଙ୍ଗେ ସଙ୍ଗେ ନିଜ ପିସ୍ତଲରୁ ଏକ ରାଉଣ୍ଡ ଗୁଳି ଫାୟାର କଲେ । ରକ୍ତ ଜୁଡୁବୁଡୁ ଭୋଳଙ୍କ ଶରୀର ନିଶ୍ଚଳ ହୋଇ ଭୂମିରେ ଲୋଟି ପଡିଲା । ରକ୍ତିମ ପର୍ବ ଆରମ୍ଭ ହେଲା । ସୈନ୍ୟମାନେ ରାସ୍ତା ସଫା କରିବା ପରେ ବେଜେଲଗେଟ୍ ରଣପୁରରେ ପହଁଚିଲେ । ମାତ୍ର ଏ କ'ଣ ? କ୍ଷୁଦ୍ର ରଣପୁର ଗଡ ଏକ ଗଣ ସାଗରରେ ପରିଣତ ହୋଇଛି । ରଣପୁରର ସନ୍ତାନ ପ୍ରସିଦ୍ଧ କବି ଗୋପାଳଚନ୍ଦ୍ର ମିଶ୍ର ନିଜ କବିତାରେ ଏ ମୁହୂର୍ତ୍ତ ସମ୍ବନ୍ଧରେ ଲେଖିଲେ:

Digitized by PPRACHIN, SOA

''ବଣ ପର୍ବତ ଶିଖରେ ସେଦିନ ମଶାଲ ଉଠିଲା ଜଳି
ଗ୍ରାମେ ଗ୍ରାମେ ଯେତେ ପ୍ରଜାମଣ୍ଡଳ ବାର୍ତ୍ତା ପବନେ ଖେଳି ।
ଜୟ ନିର୍ଭୀକ, ଜୟ ବିପ୍ଳବୀ ପ୍ରଜାମଣ୍ଡଳ ସାଥୀ
ତୋଳରେ ନିଶାଣ ବିପ୍ଳବୀ ସାଜି ନାହିଁ ଭୟ ନାହିଁ ଭୀତି ।''

ଆବେଗରେ ଥରହର ସେଦିନ ରଣପୁର ଗଡ । ତିଳ ତଣ୍ଡୁଳ ପଡିବାକୁ ନାହିଁ ସ୍ଥାନ । ଅବାକ୍ ହେଲେ ଗୋରା ବେଜେଲଗେଟ୍ । ମେଷଶିଶୁ ସମ ନିରୀହ ଜନସାଧାରଣ ଆଜି ସିଂହ ପାଲଟି ଯାଇଛନ୍ତି ସତେ ! ଶୁଭୁଛି ସେମାନଙ୍କ କଣ୍ଠ ନିଃସୃତ ସିଂହନାଦ । ବେଜେଲଗେଟ୍‌ଙ୍କୁ ଦେଖି ଜନସାଧାରଣ ଛୁଟିଆସିଲେ ତାଙ୍କ ନିକଟକୁ । ପ୍ରଜାମଣ୍ଡଳ ନେତା ରଘୁନାଥ ମହାନ୍ତି ଓ ଦିବାକର ପରିଡା ଜନ ସାଧାରଣଙ୍କୁ ଶାନ୍ତ ରହିବାକୁ ଅନୁରୋଧ କଲେ । ବେଜେଲଗେଟ୍ ରାଜବାଟି ଭିତରେ ପ୍ରବେଶ କଲେ । ଅର୍ଦ୍ଧମୃତ ଆତଙ୍କିତ ରାଜା ଆଶ୍ୱସ୍ତ ହେଲେ । ଭୀତତ୍ରସ୍ତ ଦେବାନଙ୍କ ମୁହଁରେ ଆଶାର ଝଲକ ଖେଳିଗଲା । ବେଜେଲଗେଟ୍ ଗଣଶକ୍ତିର ମନୋଭାବକୁ କଳିନେଇ ପ୍ରଜାମଣ୍ଡଳ ସହିତ କଥାବାର୍ତ୍ତା ପାଇଁ ଆଗେଇ ଆସିଲେ । ରଘୁ ଦିବାକର ପ୍ରମୁଖ ପ୍ରଜାମଣ୍ଡଳ ନେତା ଆଲୋଚନାରେ ରାଜବନ୍ଦୀମାନଙ୍କୁ ତୁରନ୍ତ ଖଲାସ କରିବା, ଅତ୍ୟାଚାରୀ ଦେବାନକୁ କାର୍ଯ୍ୟରୁ ବାହାର କରିବାର ଦାବି ଉଠାଇଲେ । ହଠାତ୍ ସମବେତ ବିଶାଳ ଜନସମାବେଶରେ ଅଗ୍ନିର ତରଙ୍ଗ ସୃଷ୍ଟି ହେଲା—ଯେତେବେଳେ ନାଥ ଭୋଳକୁ ଶଗଡରେ ପକାଇ କିଛି ଲୋକ ସଭାସ୍ଥଳରେ ପହଁଚିଲେ ଓ କହିଲେ 'ସାହେବ ଗୁଳି ଚଳାଇ ନାଥ ଭୋଳକୁ ମାରି ଦେଇଛି ।'

ମାତି ଉଠିଲେ କ୍ରୁଦ୍ଧ ଜନସାଧାରଣ । ବେଜେଲଗେଟ୍ ନାଥ ଭୋଳକୁ ଡାକ୍ତର ମାଇନା ପାଇଁ ଆଦେଶ ଦେଲେ । ମାତ୍ର ତାକୁ ଶୁଣିବାକୁ ଲୋକେ ପ୍ରସ୍ତୁତ ନଥିଲେ । ସେମାନେ ନାଥ ଭୋଳ ଶୋଇଥିବା ଶଗଡକୁ ରଣପୁର ଡାକ୍ତରଖାନା ଆଡକୁ ନେବାକୁ ଉଦ୍ୟତ ହେଲେ । ଅପରାଧୀ ବେଜେଲଗେଟ୍ କ'ଣ ଭାବିଲେ କେଜାଣି, ଶଗଡଗାଡି ଆଡକୁ ଛୁଟି ଆସି ନାଥ ଭୋଳର ନାଡି ପରୀକ୍ଷା କରିବାକୁ ଲାଗିଲେ । ଏଥିରେ ଅଧିକ ଉତ୍ତ୍ୟକ୍ତ ହୋଇ ଜନସାଧାରଣ ଚିତ୍କାର ଛାଡିଲେ 'ମାର ମାର ନରହତ୍ୟାକାରୀକୁ ମାର' 'ଖୁନ୍‌କାରୀକୁ ମାର' । ଭୀମ ବିକ୍ରମରେ ଜନତା ମାଡିଆସି ଘେରିଗଲେ । ବେଜେଲଗେଟ୍‌ଙ୍କୁ । ମୟୂରଝାଳିଆ ଗ୍ରାମର କଳା ମଚ ମଚ ଯୁଆନ ଯୁବକ ଅର୍ଜୁନ ରାଉତ ଧାଇଁ ଆସି ବେଜେଲଗେଟ୍‌ଙ୍କୁ କଟିବେଷ୍ଟନ କରି ଚାପି ଧରିଲେ । ଛୁଟିଲା ଗୋରା ସାହେବର ଗୁଳି । ବିଦ୍ଧ କଲା ଅର୍ଜୁନ ରାଉତଙ୍କୁ । ସେ ଗଛ କାଟିଲା ପରି ପଡିଗଲେ । ଏ ଘଟଣା ସମଗ୍ର ଜନସାଧାରଣଙ୍କ ଭିତରେ କ୍ରୋଧର ନିଆଁ ଜାଳିଦେଲା । ଛୁଟି ଆସିଲେ ଗଡର ସମ୍ମୁଖ ଭାଗରୁ ଜନ ସାଧାରଣ । କିଏ ବା ସମ୍ଭାଳିଥାନ୍ତା ଏହି ବିକ୍ଷୋଭିତ ଅଗ୍ନି ତରଙ୍ଗକୁ । ପୋଲିସକୁ ଅର୍ଡର ହେଲା ଫାୟାରିଂ କରି ଜନ ସାଧାରଣଙ୍କୁ

Digitized by PPRACHIN, SOA

ଛତ୍ର ଭଙ୍ଗ କରିବାକୁ । ବିଶାଳ ଜନସାଧାରଣ ଛଡାଇ ନେଲେ ପୋଲିସ ହାତରୁ ବନ୍ଧୁକକୁ । ନିଜ ଭାଇର ହତ୍ୟାରେ ଉନ୍ମତ୍ତ କେହି ଜଣେ ବାଉଁଶ ଠେଙ୍ଗାରେ ବେଜେଲଗେଟ୍‌ଙ୍କ ଉପରେ ଶକ୍ତ ପାହାର ଦେଲା । ଚାରିଆଡୁ ସାହେବଙ୍କ ଉପରେ ଟେକା ପଥର ବୃଷ୍ଟି । ପ୍ରାଣ ବିକଳରେ ବିମ୍ବା ପଡିହାରୀଙ୍କ ପିଣ୍ଡାରେ ଡେରା ହୋଇଥିବା ଶଗଡ ଚକ ଭିତରେ ଛପି ଯାଇ ରକ୍ଷା ପାଇବାର ଉଦ୍ୟମ କଲେ । ସେତେବେଳକୁ ପଡିଆରୀ ଦୁଆର କିଳି ସାରିଥିଲେ । ଚାଳରେ ଥିବା ବାଉଁଶ ରୁଅ ଓ ଟେକା ପଥର ମାଡରେ ବେଜେଲଗେଟ୍‌ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଲା । ଶଗଡ ଚକର ଅଖ ଭିତରେ ତାଙ୍କ ମୁଣ୍ଡ ଖପି ରହିଥିଲା । ସେଦିନ କ୍ରୁଦ୍ଧ ଜନସାଧାରଣ ରଘୁ ଦିବାକର ବା କୌଣସି ନେତାର ବାରଣ ମାନି ନଥିଲେ । ଉତ୍‌କ୍ଷିପ୍ତ ଜନସାଧାରଣ ତାପରେ ଛୁଟି ଚାଲିଲେ ରାଜାଙ୍କ ନଅର ଆଡକୁ ଭୟରେ ଜଡସଡ ରାଜା ବନ୍ଦୀମାନଙ୍କୁ ଖଲାସ କରିଦେଲେ । ତାପରେ ବିରାଟ ଇଂରେଜ ଫୌଜ ଓ ପୋଲିସ ରଣପୁରରେ ପହଁଚିଲେ । ଏକ ପ୍ରକାର ସାମରିକ ଆଇନ ଜାରିକରି ଆତଙ୍କରାଜ ସୃଷ୍ଟି କରାଗଲା । ବେଜେଲଗେଟ୍‌ଙ୍କୁ ହତ୍ୟା କରିଥିବା ଅଭିଯୋଗରେ ରଘୁ, ଦିବାକର, ଅଗାଧୁ ବରାଳ ପ୍ରମୁଖ ୨୬ଜଣଙ୍କୁ ଅଭିଯୁକ୍ତ କରାଗଲା । ଏହା ଛଡା ଶହ ଶହ ଲୋକଙ୍କ ନାମରେ ଗିରଫନାମାର ପରୁଆନା ଜାରି କରାଗଲା ।

ଡକ୍ଟର ହରେକୃଷ୍ଣ ମହତାବ ପୂର୍ବରୁ ଏପରି ବିଶାଳ ସମାବେଶ ହେବାର ସୁରାକ ଓ ରାଜା ଅତ୍ୟାଚାରର କଥା ପ୍ରଜାମଣ୍ଡଳର ନେତା ବନମାଳୀ ରାମଙ୍କ ଠାରୁ ଶୁଣି ଘଟଣାସ୍ଥଳରେ ଠିକ୍ ଏ କାଣ୍ଡ ଘଟିବା ପରେ ପହଞ୍ଚି ଯାଇ ଫେରି ଆସିଥିଲେ । ତାଙ୍କର ପରାମର୍ଶକ୍ରମେ ଆବାଳ-ବୃଦ୍ଧ-ବନିତା ରଣପୁର ଗାଁ ଗଣ୍ଡା ଛାଡି ତାର ସୀମାନ୍ତବର୍ତ୍ତୀ ମୋଗଲବନ୍ଦୀ ଖାସମାହାଲ ଅଞ୍ଚଳକୁ ଚାଲି ଆସିଲେ । ସିକୋ, ହଜ, ଗଡ ମାଣିତ୍ରୀ, ସାନପଦର, ପିଚୁକୁଳି, ବୋଲଗଡ ପ୍ରଭୃତି ଗାଁରେ ସେମାନଙ୍କୁ ଆଶ୍ରୟ ଓ ଖାଦ୍ୟପେୟ ଦେଇ ସେଠା ଜନସାଧାରଣ ରଖିଲେ । ଏସବୁକୁ ସଂଗଠିତ କରିବାରେ ପ୍ରାଣନାଥଙ୍କର ପ୍ରମୁଖ ଭୂମିକା ଥିଲା ।

ପ୍ରାଣନାଥ ରଣପୁରର ଘଟଣାବଳୀ ସମ୍ବନ୍ଧରେ ସମସ୍ତ ଖବର ରଖିଥିଲେ । ସେ ନିଖିଳ ଭାରତ କୃଷକ ସଭାର ତତ୍‌କାଳୀନ ସଭାପତି ପ୍ରଫେସର ଏନ୍.ଜି.ରଙ୍ଗା, ନବକୃଷ୍ଣ ଚୌଧୁରୀ, ସୁରେନ୍ଦ୍ରନାଥ ଦ୍ୱିବେଦୀ ପ୍ରମୁଖଙ୍କୁ ଧରି ରଣପୁର ଅବସ୍ଥା ଅନୁଧ୍ୟାନ କରିବାକୁ ଏକ ମୋଟର ଗାଡିରେ ଗଲେ । କ'ଣ ବେ ଦେଖିଲେ ? ଦେଖିଲେ ଚାନ୍ଦପୁରଠାରୁ ରଣପୁର ପର୍ଯ୍ୟନ୍ତ ଗାଁ ଗଣ୍ଡା ଜନଶୂନ୍ୟ- ଏକ ନିଶ୍ଚଳ ଶ୍ମଶାନ ଭୂଇଁ । ଶ୍ରୀହୀନ ଓ ମଳିନ ସେ ବିକଟ ଦୃଶ୍ୟ । ବେଜେଲଗେଟ୍‌ଙ୍କ ପରେ ଅସ୍ଥାୟୀ ପଲିଟିକାଲ ଏଜେଣ୍ଟ ବୁଡେନ ସାହେବ ରଣପୁର ଗଡରେ ରହି ନିରୀହ ଲୋକଙ୍କ ଉପରେ ହତ୍ୟାର ପ୍ରତିଶୋଧ ନେବା ପାଇଁ, ଆଦେଶ ଦେଉଥାନ୍ତି । ମାତ୍ର ସେ ? ଲେଖିଛନ୍ତି ପ୍ରାଣନାଥ, ବୁଡେନଙ୍କ ଅବସ୍ଥା ସଂପର୍କରେ:-

Digitized by PPRACHIN, SOA

"ଆମେ ଯାହା ଦେଖିଲୁ । ବୁଡେନ ପ୍ରଜାବର୍ଗଙ୍କୁ ଭୟଭୀତ କରିବା କାର୍ଯ୍ୟରେ ବ୍ୟାପୃତ ଥିବା ସମୟରେ ନିଜେ ଅଧିକ ଭୟଗ୍ରସ୍ତ ଥିବାର ଜଣାପଡୁଥିଲା । ରଣପୁରର କୌଣସି ପ୍ରଜା ଲୁଚି ଛପି ତାଙ୍କୁ ଆକ୍ରମଣ କରିବା ଭୟରେ ସେ ଶତାଧିକ ସୈନ୍ୟ ଓ ବହୁ ପେଟ୍ରୋମାକ୍ସ ଆଲୋକମାଳା ଘେରରେ ରହୁଥିଲେ ।"

ବେଜେଲଗେଟ୍‌ର ହତ୍ୟା ମାମଲାରେ ଶତାଧିକ ଲୋକଙ୍କ ନାମରେ ଅଭିଯୋଗ ଆଗତ ହୋଇ ଶହ ଶହ ନିରୀହ ଲୋକଙ୍କ ଗିରଫ୍ କରି ରାଜବାଟୀ ସାମନାରେ ଛାମୁଣ୍ଡିଆ ବସାଇ ବିଚାର ଚାଲିଥାଏ । ପ୍ରାଣନାଥଙ୍କ ନେତୃତ୍ୱରେ ରଣପୁରବାସୀଙ୍କ ପାଇଁ ଏକ ଡିଫେନ୍ସ କମିଟି ଗଠିତ ହୋଇଥିଲା । ଯେଉଁଥିରେ ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ ଓ ସାରଙ୍ଗଧର ଦାସ ପ୍ରମୁଖ ସଭ୍ୟ ଥିଲେ । ଏହି ମାଲି ମକଦ୍ଦମାରେ କଟକରୁ ବିଶିଷ୍ଟ ଆଡଭୋକେଟ ଦୀନବନ୍ଧୁ ସାହୁ (ପରବର୍ତ୍ତୀ କାଳରେ ରାଜ୍ୟମନ୍ତ୍ରୀ ଓ ଆଡଭୋକେଟ ଜେନେରାଲ), ରାଜକିଶୋର ଦାସ(ପରବର୍ତ୍ତୀ କାଳରେ ବିଶିଷ୍ଟ ଆଇନଜ୍ଞ ଓ ହାଇକୋର୍ଟର ବିଚାରପତି) ଓ ଗଦାଧର ଜେନା ପ୍ରମୁଖ ବହୁ କଷ୍ଟରେ କାଲୁପଡା ଘାଟ ବାଟେ ଶଗଡରେ ବା ସାନପଦର ଠାରୁ ଚାଲି ଚାଲି ଯାଇ ଏହି ମକଦ୍ଦମାକୁ ଚଳାଇଥିଲେ । ପ୍ରାଣନାଥବାବୁ ଓ ଅନ୍ୟାନ୍ୟ ଜନନେତାମାନଙ୍କ ଉପରେ ରଣପୁରରେ ପ୍ରବେଶ ନିଷେଧ ହେଲା । ଥରେ ପ୍ରାଣନାଥ ବାବୁ ଓକିଲମାନଙ୍କୁ ନେଇ ରଣପୁର ଯାଇଥିଲେ । କେବଳ ପ୍ରାଣନାଥ ବାବୁଙ୍କୁ ଗ୍ରେପ୍ତାର କରି ଜଟଣୀଠାରେ ଛାଡ଼ି ଦିଆଗଲା । ଏସବୁ ସତ୍ତ୍ୱେ ବନ୍ଦୀମାନଙ୍କର ଡିଫେନ୍ସ ପାଇଁ, ଆଶ୍ରୟପ୍ରାର୍ଥୀ ଜନସାଧାରଣଙ୍କ ରହିବା ଖାଇବାର ବ୍ୟବସ୍ଥା କରିବାରେ ପ୍ରାଣନାଥ, ଗଙ୍ଗାଧର ପାଇକରାୟ, ବାଙ୍କନିଧି ସୁବୁଦ୍ଧି, ପରଶୁରାମ ପଦାତିକରାୟ, ରଘୁନାଥ ପଟ୍ଟନାୟକ, ଲକ୍ଷ୍ମଣ ପଟ୍ଟନାୟକ, ଗୋକୁଳ ମୋହନ ରାୟଚୂଡାମଣି ପ୍ରମୁଖ କୌଣସି ଉଦ୍ୟମ ବାକି ରଖି ନଥିଲେ । ଫାଶୀଦଣ୍ଡ ପାଇଥିବା ରଘୁନାଥ ମହାନ୍ତି, ପୁରୀରେ ଗଙ୍ଗାଧର ମିଶ୍ରଙ୍କ ପାଖରେ ରହି ଖବର କାଗଜ ବିକ୍ରି କରୁଥିଲେ । ବେଜେଲଗେଟ୍‌ଙ୍କ ହତ୍ୟାକାଣ୍ଡ ଘଟି ସାରିବାପରେ ରଘୁ ଦିବାକରଙ୍କୁ ରାୟଚୂଡାମଣି ନିଜ ପାଖରେ ଲୁଚାଇ ରଖିଥିଲେ ଓ ପୋଲିସ ଭୟରେ ସେମାନଙ୍କର ରହିବାସ୍ଥଳ ପରିବର୍ତ୍ତନ କରି ଗୋପନରେ ରଖିଥିଲେ । ଶେଷକୁ ଅଜ୍ଞାତବାସରେ ସିକୋଠାରେ ଥିବାବେଳେ ରଘୁ ଦିବାକର ଗିରଫ୍ ହୋଇଥିଲେ । ଜେଲରେ ମିଳିଥିଲା ପ୍ରବଳ ଯାତନା । ମାଡରେ ମିଛକୁ ମଧ୍ୟ ସତ ବୋଲି ନିରୀହ ମଣିଷ ମାନିଯିବ । ତେଣୁ ସରକାରୀ ମିଥ୍ୟା ଜାଲକୁ କାଟି ସତ୍ୟର ରୂପ ଉଦ୍‌ଘାଟନ ପାଇଁ ନିର୍ଦ୍ଦୋଷ ମଣିଷକୁ ଦୋଷମୁକ୍ତ କରିବାକୁ ପ୍ରାଣନାଥ ଓ ତାଙ୍କର ସହକର୍ମୀମାନେ ଲାଗିପଡିଲେ । ପ୍ରାଣନାଥ ବାବୁଙ୍କ ଘନିଷ୍ଠ ବନ୍ଧୁ ଦୀନବନ୍ଧୁ ସାହୁ ଓ ଗଦାଧର ଜେନା ଥିଲେ ପ୍ରଜାପକ୍ଷର ଓକିଲ ଓ କଟକର ସୁପ୍ରତିଷ୍ଠିତ ଓକିଲ ରାୟବାହାଦୁର ଚିନ୍ତାମଣି ଆଚାର୍ଯ୍ୟ ଥିଲେ ଅଭିଯୋଗ ଓକିଲ–ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର । ମହମ୍ମଦ ହାଫିଜ ଓ ଶଚୀନ୍ଦ୍ରନାଥ ଚାଟାର୍ଜୀ ମଧ୍ୟ ବରିଷ୍ଠ ଓକିଲ ଭାବେ ପ୍ରଜାପକ୍ଷ ତରଫରୁ

Digitized by PPRACHIN, SOA

ଲଢୁଥିଲେ । ମାତ୍ର ଏହି ମାମଲାର ବିଚାର ଏକ ପ୍ରହସନ ଥିଲା । ଶେଷକୁ ବିଚାର ହୋଇ ରଘୁନାଥ ମହାନ୍ତି ଓ ଦିବାକର ପରିଡାଙ୍କୁ ଫାଶିଦଣ୍ଡ ଓ ଆଉ ୧୦ ଜଣ ବନ୍ଦୀଙ୍କୁ ଯାବତ୍ ଜୀବନ କାରାଦଣ୍ଡର ଆଦେଶ ମିଳିଲା । ରଘୁନାଥ ଓ ଦିବାକରଙ୍କ ବିରୋଧରେ କିଛି ପ୍ରମାଣ ସାବ୍ୟସ୍ତ ହୋଇ ନଥିଲା । କେବଳ ସେମାନେ ପ୍ରଜାମଣ୍ଡଳ ନେତା ଥିଲେ, ଏହା ଥିଲା ଅପରାଧ । ୧୯୪୧ସାଲ ଏପ୍ରିଲ ୫ ତାରିଖରେ ରଘୁ ଦିବାକରଙ୍କୁ ଫାଶୀ ଦଣ୍ଡ ଦିଆଗଲା । ରଣପୁର ସନ୍ତାନ ଭାରତର ମହାନ ଦେଶଭକ୍ତ ଦୁଇଟି ରକ୍ତ ଗୋଲାପର ଅମ୍ଳାନ କୁସୁମ ଝଡିପଡିଲେ ଶହୀଦତ୍ୱରୁ ଅମରତ୍ୱ ଓ ମହାନତ୍ୱରେ ବିଭୂଷିତ ରଘୁ ଦିବାକର । ସେମାନଙ୍କ ଫାଶୀଦଣ୍ଡର ଖବର ଶୁଣି ପ୍ରାଣନାଥ ଓ ଅନ୍ୟ ଜାତୀୟ ନେତା ଓ ସାଥୀମାନେ ଗଭୀର କ୍ଷୋଭ ଓ ଦୁଃଖରେ ମୁହ୍ୟମାନ ହେଲେ । ଚାରିଆଡେ ଶୋକ ଓ ପ୍ରତିବାଦର ରୋଳ ଉଠିଲା ।

ଏହି ପ୍ରଜାମଣ୍ଡଳ ଆନ୍ଦୋଳନ ଓ ବେଜେଲଗେଟ୍ ହତ୍ୟାପରର ଘନଘୋର କାଳରେ ପ୍ରାଣନାଥ ବ୍ୟବସ୍ଥାପକ ଥାଇ, ସ୍ୱାଧୀନତା ସଂଗ୍ରାମ ଓ କୃଷକ ଶ୍ରେଣୀର ସଂଗ୍ରାମ ସହିତ ରଣପୁର ଜନସାଧାରଣଙ୍କୁ ସଂଗ୍ରାମ ଓ ସେମାନଙ୍କୁ ବଞ୍ଚାଇବାର ପ୍ରଶ୍ନ ଓ ସର୍ବୋପରି ରାଜନୈତିକ ବନ୍ଦୀମାନଙ୍କୁ ଦଣ୍ଡରୁ ମୁକୁଳାଇବା ପାଇଁ ପ୍ରବଳ ପରିଶ୍ରମ କରୁଥିଲେ । ସେ କୋର୍ଟରେ ଡିଫେନ୍ସ ପାଇଁ ଦ୍ୱାର ଦ୍ୱାରରୁ ଚାନ୍ଦା ସଂଗ୍ରହ କରୁଥିଲେ । ମାତ୍ର ବ୍ରିଟିଶ ସରକାର ପ୍ରାଣନାଥ ପଟ୍ଟନାୟକ, ଗଙ୍ଗାଧର ପାଇକରାୟ, ଗୋକୁଳ ମୋହନ ରାୟଚୂଡାମଣି, ପରଶୁରାମ ପଦାତିକକରାୟ, ରଘୁନାଥ ପଟ୍ଟନାୟକ, ଲକ୍ଷ୍ମଣ ପଟ୍ଟନାୟକ, ଗଙ୍ଗାଧର ମିଶ୍ର ଓ ଅକ୍ରୁର ସାହୁ ପ୍ରମୁଖଙ୍କୁ ରଣପୁର ପ୍ରଜାମଣ୍ଡଳର ହିଂସାତ୍ମକ କାଣ୍ଡର ଷଡଯନ୍ତ୍ରର ନାୟକ ଭାବେ ପକାଇବା ପାଇଁ 'ଏକ୍ସଟ୍ରାଡିକ୍ସନ୍' ଆଇନ ପ୍ରୟୋଗ କରି ଗିରଫ୍ କରିବାକୁ ପ୍ରବଳ ଉଦ୍ୟମ ଚଳାଇଥିଲେ । ପ୍ରାଣନାଥ ବାବୁ ସହଯୋଦ୍ଧା ଓ ଅନ୍ୟତମ ବ୍ୟବସ୍ଥାପକ ମୋହନ ଦାସଙ୍କ ସହିତ ଏହି ବିପଦ ସମ୍ବନ୍ଧରେ ଆଲୋଚନା କରି ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସଙ୍କୁ ସତର୍କ କରାଇଥିଲେ ଯେ, ଏକ ବିରାଟ ପାପ ଘଟିବାକୁ ଯାଉଛି ବିଶ୍ୱନାଥ ଦାସ ଏପରି ପାପ କରାଇ ଦେବେନାହିଁ ବୋଲି ଦୃଢ଼ ଭାବେ କହିଥିଲେ । ''ହରିଜନ'' ପତ୍ରିକାରେ ମହାତ୍ମାଗାନ୍ଧୀଙ୍କ ଲେଖା ଏ ଦିଗରେ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିଥିଲା । ଗାନ୍ଧୀଜୀ ରଣପୁର ପ୍ରଜା ଆନ୍ଦୋଳନ ସମ୍ବନ୍ଧରେ ଲେଖିଥିଲେ ଯେ, ସେଠାର ଜନସାଧାରଣ ରାଜ୍ୟ ସରକାରର ଅନ୍ୟାୟ, ଅତ୍ୟାଚାର, ଶୋଷଣ, ନିଷ୍ଠୁରତାରେ ମୁହ୍ୟମାନ ହୋଇ ଏପରି ଅବସ୍ଥାକୁ ଆସିଗଲେ ଯେ, ଶେଷକୁ ଏପରି ବିସ୍ଫୋରକ କାଣ୍ଡ ସ୍ୱତଃସ୍ଫୂର୍ତ୍ତ ଭାବେ ଘଟିଗଲା । ବେଜେଲଗେଟ୍‌ଙ୍କ ହତ୍ୟାକୁ ସେ ମୋଟେ ନିନ୍ଦା କରି ନଥିଲେ । ପ୍ରାଣନାଥଙ୍କ ଅନ୍ୟତମ ଶ୍ରେଷ୍ଠ ସହଯୋଦ୍ଧା ଓଳସିଂହର ରଘୁନାଥ ପଟ୍ଟନାୟକ ଏକ ସ୍ମୃତିଚାରଣରେ ଲେଖିଛନ୍ତି ଯେ, ''ଏକ୍ସଟ୍ରାଡିକ୍ସନ୍'' ଆଇନ ବଳରେ ପ୍ରାଣନାଥ ବାବୁ ଓ ଅନ୍ୟ ସାଥୀମାନେ ଗିରଫ୍ ହୋଇଥିଲେ ଆଉ କାହାର

Digitized by PPRACHIN, SOA

କ'ଣ ହୋଇଥାନ୍ତା ଜଣାନାହିଁ । ମାତ୍ର, ପ୍ରାଣନାଥ ବାବୁଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ ହେବାକୁ ପଡ଼ିଥାନ୍ତା । ବିପଦର ଝଣ୍ଡା ଝୁଲୁଥିଲା ପ୍ରାଣନାଥଙ୍କ ମୁଣ୍ଡ ଉପରେ । ରଣପୁର ଛଡ଼ା ପ୍ରାଣନାଥ ନୟାଗଡ଼ ପ୍ରଜାମଣ୍ଡଳ, ତାର ନେତା ବାସୁଦେବ ଦୋରା, ଶ୍ରୀଧର ଦାସ, ଖଣ୍ଡପଡ଼ାର ରଘୁନାଥ ସିଂହ ସାମନ୍ତ ପ୍ରମୁଖଙ୍କ ସହ ଧାରାବାହିକ ସଂପର୍କ ରଖିଥିଲେ ଓ ସେଠାର ଆନ୍ଦୋଳନକୁ ବରାବର ସାହାଯ୍ୟ କରୁଥିଲେ । ଏକ ମହତ୍ତର ଜନନେତା ହିସାବରେ ଖୋର୍ଦ୍ଧାକୁ କେନ୍ଦ୍ରକରି ପ୍ରାଣନାଥ ସନ୍ନିକଟ ଗଡ଼ଜାତର ଅନ୍ଧାରୀ ଲୋକବିରୋଧୀ ଶାସନର ବିଲୋପ ପାଇଁ ଯେଉଁ ସବୁ କାର୍ଯ୍ୟ କରିଯାଇଛନ୍ତି, ତାହା ତାଙ୍କର ବହୁମୁଖୀ ପ୍ରତିଭାର ପରିଚାୟକ । ଏହି ସବୁ କାର୍ଯ୍ୟ କରିବାରେ ସେ ରାଜ୍ୟର ସ୍ୱାଧୀନତା-ସଂଗ୍ରାମର ଓ ବାମପନ୍ଥୀ କମ୍ୟୁନିଷ୍ଟ ସଂଗଠନ ଓ ଅନ୍ୟାନ୍ୟ ଦେଶଭକ୍ତ ଶକ୍ତିମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିଛନ୍ତି । ଅସୀମ ଧୈର୍ଯ୍ୟ ସହିତ ସେ ରଣପୁର ଜନସାଧାରଣଙ୍କ ବିପତ୍ତିବେଳେ ଝଡ଼ର ଈଗଲପରି ଛିଡ଼ା ହୋଇଛନ୍ତି ।

■■■

Digitized by PPRACHIN, SOA

ଦଶମ ଅଧ୍ୟାୟ

ବ୍ରହ୍ମପୁର ଜେଲ୍-ଶିକ୍ଷାଗାର

୧୯୪୨ରେ ବ୍ରହ୍ମପୁର ସେଣ୍ଟ୍ରାଲ ଜେଲ୍‌କୁ ଓଡିଶାର ବିଭିନ୍ନ ଜିଲ୍ଲାରୁ ସବୁ ରାଜନୈତିକ ବନ୍ଦୀମାନଙ୍କୁ ନେଇ ରଖାଗଲା । ଭାରତ ଓ ଆନ୍ତର୍ଜାତିକ କ୍ଷେତ୍ରରେ ତାହା ଥିଲା ପ୍ରଚଣ୍ଡ ବିଶ୍ୱଯୁଦ୍ଧର ଦାରୁଣ ଧ୍ୱଂସଲୀଳା, ଗଭୀର ଅର୍ଥନୈତିକ ସଙ୍କଟ, ଆହତ ମୂର୍ଚ୍ଛିତ ଓ ପଙ୍ଗୁ ରଣକ୍ଳାନ୍ତ ମଣିଷଙ୍କ ଆର୍ତ୍ତନାଦର ଘନଘୋର ଦିନ । ସେତେବେଳକୁ ଓଡ଼ିଶା, ବଙ୍ଗଳା ଓ ଭାରତର ଅନ୍ୟପ୍ରାନ୍ତ ଉପରେ ଦୁର୍ଭିକ୍ଷ ଓ ଅନାହାର ମୃତ୍ୟୁର ଏକ ନିଦାରୁଣ କଳାମେଘ କ୍ଷୁଧିତ ଶ୍ୱାନ ଭଳି ଝାମ୍ପି ଆସୁଥିଲା । ଠିକ୍ ଏତିକି ବେଳେ ଓଡ଼ିଶାର ଶ୍ରେଷ୍ଠ ରାଜନୈତିକ ନେତାମାନଙ୍କୁ ଜନସାଧାରଣଙ୍କ ଠାରୁ ଅଲଗା କରି ବ୍ରହ୍ମପୁର କେନ୍ଦ୍ରଜେଲ୍‌ରେ ଲମ୍ବା ଲମ୍ବା ବାଉଁଶ ତାଟିରେ ବାଡ ଉପରେ ଚାଳ ଛପର ଘରେ କୋଠାଘରେ ରହୁଥିବା ସାଧାରଣ ବନ୍ଦୀମାନଙ୍କଠାରୁ ବିଚ୍ଛିନ୍ନ କରି ରଖାଯାଇଥିଲା, ଯେଉଁମାନଙ୍କ ମଧ୍ୟରେ ଥିଲେ ବ୍ୟବସ୍ଥାପକ ପ୍ରାଣନାଥ ପଟ୍ଟନାୟକ । ଏହି ଜେଲ୍‌ରେ ସବୁ ତୁଙ୍ଗ କଂଗ୍ରେସ, କମ୍ୟୁନିଷ୍ଟ, ସୋସାଲିଷ୍ଟ୍ ଓ ଫରଓ୍ୱାର୍ଡ ବ୍ଲକର ନେତାମାନଙ୍କୁ ରଖାଯାଇଥିଲା । ଏହି ଜେଲ୍‌ରେ କଂଗ୍ରେସର ପୂର୍ବତନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ଦାସ, ରାଧାନାଥ ରଥ, ନିତ୍ୟାନନ୍ଦ କାନୁନଗୋ, ନବକୃଷ୍ଣ ଚୌଧୁରୀ, ଆଚାର୍ଯ୍ୟ ହରିହର ଦାସ, ଲୋକନାଥ ମିଶ୍ର, ଭାଗୀରଥି ମହାପାତ୍ର, ତାଙ୍କର ପୁତ୍ର ଅମିତାଭ ମହାପାତ୍ର, ମନମୋହନ ଚୌଧୁରୀ, ଜାତୀୟ କବି ବୀରକିଶୋର ଦାସ, ସଦାଶିବ ତ୍ରିପାଠୀ, ବିନୋଦ କାନୁନଗୋ, ଯୁଗଳକିଶୋର ପାଣିଗ୍ରାହୀ, ଉମାଚରଣ ପଟ୍ଟନାୟକ, କୋରାପୁଟର ରାଧାକୃଷ୍ଣ ବିଶ୍ୱାସରାୟ, ରାଧାମୋହନ ସାହୁ, କବି ନିତ୍ୟାନନ୍ଦ ମହାପାତ୍ର ପ୍ରମୁଖ ଥାଆନ୍ତି । ବରୀ ସେବାଶ୍ରମର ସମସ୍ତ କର୍ମୀ ନେତା ଗିରଫ୍ ହୋଇ ଥାଆନ୍ତି । ବରୀର ଖଦଡ଼ ଲୁଗାବୁଣା ତନ୍ତ, ମହୁ ଉତ୍ପାଦନ କେନ୍ଦ୍ର, ତାଳଗୁଡ ଶିଳ୍ପ ସବୁକୁ ଭାଙ୍ଗି ପୋଲିସ୍ ଚୂରମାର କରି ପୋଡ଼ି ଦେଇଥାନ୍ତି । ବାଲେଶ୍ୱରର ଇରମ ଓ ନିମାପଡ଼ାରେ ଗୁଳିକାଣ୍ଡ ହୋଇ [illegible]ନ ମରିଥାନ୍ତି ।

Digitized by PPRACHIN, SOA

ସେ ଅଞ୍ଚଳର ବହୁ ବନ୍ଦୀ ବ୍ରହ୍ମପୁର ଜେଲ୍‌କୁ ଆସିଥାନ୍ତି । ଏକଦା ରାଜ୍ୟ ଛାତ୍ରସଂଘର ସଭାପତି ଥିବା ବୀରେନ ମିତ୍ର ମଧ ବ୍ରହ୍ମପୁର ଜେଲ୍‌କୁ ଆସିଥାନ୍ତି । କଂଗ୍ରେସ ଭିତରେ ସୋସାଲିଷ୍ଟ ନେତା ସୁରେନ୍ଦ୍ରନାଥ ଦ୍ୱିବେଦୀ, ବାଙ୍କବିହାରୀ ଦାସ, ନିଶାମଣି ଖୁଣ୍ଟିଆ, ବିରଜା ପ୍ରସାଦ ରାୟ, ମଥୁରୀ ସାହୁ ପ୍ରମୁଖ ଏହି ଜେଲରେ ଥାଆନ୍ତି । ଥାଆନ୍ତି ସମ୍ବଲପୁରର ବିଶିଷ୍ଟ କବି, ପ୍ରଚଣ୍ଡ ବାଗ୍ମୀ ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଓ ଜିଲ୍ଲା କଂଗ୍ରେସ ପାର୍ଟିର ସମ୍ପାଦକ ବାମଣ୍ଡାର ପ୍ରଜାମଣ୍ଡଳ ସଂଗ୍ରାମର ନେତା ଦୟାନନ୍ଦ ଶତପଥୀ (ଯେ ଏହି ଜେଲ୍‌ରୁ କମ୍ୟୁନିଷ୍ଟ ହୋଇ ବାହାରକୁ ବାହାରିଲେ) । ସେହିପରି ପ୍ରାଣନାଥ ପଟ୍ଟନାୟକଙ୍କ ସମେତ ଏହି ଜେଲ୍‌ରେ ଥାଆନ୍ତି କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ନେତା ରାମକୃଷ୍ଣ ପତି, ବୈଦ୍ୟନାଥ ରଥ, ବିଜୟ ଚନ୍ଦ୍ର ଦାସ, ବୀରେନ ମିତ୍ର, ସୁକିନ୍ଦା ମଧୁପୁର ପ୍ରଜା ଆନ୍ଦୋଳନର ସଂଗ୍ରାମୀ ଫନି ପାଳ, ଗଞ୍ଜାମ ଚାଷୀ ଆନ୍ଦୋଳନ ଓ ବ୍ୟବସ୍ଥାପକ ଗୋବିନ୍ଦ ପ୍ରଧାନ, ଆସିକା କାଳଷଣ୍ଡପୁରର ହରିହର ଦାସ, (ଜିଲ୍ଲା କଂଗ୍ରେସ ସମ୍ପାଦକ), ପ୍ରସିଦ୍ଧ କୃଷକନେତା ବାଗ୍ମୀ ମୋହନ ଦାସ, ଢେଙ୍କାନାଳ ଆନ୍ଦୋଳନରେ ବୀରତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଥିବା କଟକ ବାଗଲପୁରର ଗୌରାଙ୍ଗ ଚରଣ ଦାସ, ପ୍ରଗତିଯୁଗର ବିପ୍ଳବୀ କବି ମନମୋହନ ମିଶ୍ର, ଛାତ୍ରନେତା ରାମଚନ୍ଦ୍ର ରାମ, ଦୁର୍ଗାଚରଣ ମହାନ୍ତି, ଛାତ୍ରନେତା ନରସିଂହ ତ୍ରିପାଠୀ, ବରୀରୁ ଧରା ହୋଇଥିବା କମ୍ ବୟସର ଦୁଃଶାସନ ଜେନା (ପରବର୍ତ୍ତୀ କାଳରେ କମ୍ୟୁନିଷ୍ଟ ନେତା ଓ ବିଧାୟକ), ପ୍ରହ୍ଲାଦ ଜେନା, ସତ୍ୟବାଦୀ ମିଶ୍ର, ଓ ଅନେକ ବନ୍ଦୀ । ଏହି ଜେଲରେ ବନ୍ଦୀ ଥାଆନ୍ତି କୋରାପୁଟର ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ବୀର ଲକ୍ଷ୍ମଣ ନାୟକ, ଯାହାଙ୍କୁ ଜଣେ ପୋଲିସ କର୍ମଚାରୀକୁ ହତ୍ୟା କରିଥିବା ମିଥ୍ୟା ଅଭିଯୋଗରେ ଫାଶି ଦିଆ ଯାଇଥିଲା । ବ୍ରହ୍ମପୁର ଜେଲ୍ ନିଶ୍ଚିତ ଭାବରେ ତ ଥିଲା ଏକ ବନ୍ଦିଶାଳା, ମାତ୍ର ଏହା ଥିଲା ରାଜନୈତିକ ଶିକ୍ଷାର-ପାଠଶାଳା ଓ ରାଜନୈତିକ ତର୍କର କ୍ଷେତ୍ର । ଓଡ଼ିଶା ରାଜନୈତିକ ବିକାଶରେ ବ୍ରହ୍ମପୁର ଜେଲ୍‌ର ଏହି ମହାନ ରାଜବନ୍ଦୀମାନଙ୍କର ଅବଦାନ ଥିଲା ଅତୁଳନୀୟ । ସେତେବେଳେ ବ୍ରହ୍ମପୁର ଜେଲଖାନା ଥିଲା ଓଡ଼ିଶାର ପ୍ରାୟ ସମଗ୍ର ମୁଖ୍ୟ ରାଜନୈତିକ ନେତା ଓ କର୍ମୀମାନଙ୍କର ମିଳନ ପୀଠ । ଏଣେ କଟକ ଜେଲରେ ଗୋପବନ୍ଧୁ ଚୌଧୁରୀ, ରମାଦେବୀ ପ୍ରମୁଖଙ୍କ ସହ ଆଠଗଡ଼ର ଛାତ୍ରନେତା ନନ୍ଦକିଶୋର ପଟ୍ଟନାୟକ ଓ ପ୍ରଜାମଣ୍ଡଳ ନେତା ବ୍ରଜକିଶୋର ପଟ୍ଟନାୟକ ପ୍ରମୁଖ ଥାଆନ୍ତି । ୧୯୩୮ରେ ଗୋପନରେ କମ୍ୟୁନିଷ୍ଟ ହୋଇଥିବା ଗୋବିନ୍ଦ ୧୯୪୨ ସଂଗ୍ରାମରେ ଭାଗ ନେଇ ସାରିବାପରେ ଗିରଫ୍ ହୋଇ କଟକ ଜେଲରେ ରହିଲେ ।

ପ୍ରାଣନାଥ ଓ ତାଙ୍କର ଘନିଷ୍ଠ ସହଯୋଗୀ ଗଙ୍ଗାଧର ମିଶ୍ର ଗିରଫ୍ ହୋଇଥିଲେ ମଧ ଖୋର୍ଦ୍ଧା ପାର୍ଟି ସଙ୍ଗଠନର ନେତା ଗୋକୁଳ ମୋହନ ରାୟଚୂଡ଼ାମଣି ଓ ପରଶୁରାମ ପଦାତିକରାୟ ପ୍ରମୁଖ ଆତ୍ମଗୋପନ କରି ପାର୍ଟି ଓ ଜନସାଧାରଣଙ୍କର ସଙ୍କଟଜନକ ମୁହୂର୍ତ୍ତରେ କାର୍ଯ୍ୟ କରୁଥିଲେ । ପରେ କମ୍ୟୁନିଷ୍ଟ ଷଡଯନ୍ତ୍ର ମାମଲାରେ ଜେଲଦଣ୍ଡ

Digitized by PPRACHIN, SOA

ଭୋଗକରି ବାହାରକୁ ଆସିଥିବା ଭଗବତୀ ଚରଣ ପାଣିଗ୍ରାହୀ, ଗୁରୁଚରଣ ପଟ୍ଟନାୟକ ଓ ଶରତ ପଟ୍ଟନାୟକ ଜନସାଧାରଣଙ୍କୁ ବଞ୍ଚାଇବା ପାଇଁ ରିଲିଫ୍ କାର୍ଯ୍ୟରେ ଲାଗି ପଡ଼ିଥିଲେ । ୧୯୪୩ ବେଳକୁ ପରିସ୍ଥିତି ନଅଙ୍କ ଦୁର୍ଭିକ୍ଷଠାରୁ ଅଧିକ ଭୟଙ୍କର ଦୁର୍ଭିକ୍ଷ ଯମଦୂତ ଭଳି ମାଡ଼ି ଆସିଲା, ଯାହାକୁ ଜନସାଧାରଣ ''ବେଙ୍ଗଲ ଫେମିନ୍' ବୋଲି କହୁଥିଲେ । ଓଡ଼ିଶାରେ ଏଥିଯୋଗୁ ଲକ୍ଷ ଲକ୍ଷ ଲୋକ ଖାଦ୍ୟ ଅଭାବରୁ ମରୁଥିଲେ । ମାତ୍ର ତା'ର ନିରାକରଣ ପାଇଁ ବ୍ରିଟିଶ୍ ସରକାର କିଛି ନିଘା ନକରି ଦ୍ୱିତୀୟ ମହାଯୁଦ୍ଧରେ ଲଢୁଥିବା ତା'ର ସୈନ୍ୟ ବାହିନୀ ପାଇଁ ଖାଦ୍ୟ ପଠାଇବାରେ ବ୍ୟସ୍ତ ଥିଲା । ଜନସାଧାରଣଙ୍କୁ ଏହି ସଙ୍କଟ କାଳରେ ଯେଉଁ ରାଜନୈତିକ କର୍ମୀମାନେ ସାହାଯ୍ୟ କରି ପାରିଥାନ୍ତେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଥାନ୍ତି ଜେଲ୍‌ରେ । ତେଣୁ କମ୍ୟୁନିଷ୍ଟ ପାର୍ଟି ଭୋକିଲା ଲୋକଙ୍କୁ ଖାଦ୍ୟ ଦିଅ ଓ ରାଜନୈତିକ କର୍ମୀମାନଙ୍କୁ ଶୀଘ୍ର ଖଲାସ କର ଦାବିକରି ରାଜ୍ୟ ସାରା ବିକ୍ଷୋଭ, ସଭା ସମିତି, ପଟୁଆର ମାନ କରିଥିଲେ । ଏଣେ ଭାରତର ତଟଦେଶରେ ବଙ୍ଗୋପସାଗରର ଉପକୂଳରେ ସର୍ବଗ୍ରାସୀ ଜାପାନ୍‌ର ବୁଡ଼ାଜାହାଜ ଓ ଡ଼େଷ୍ଟ୍ରୟର୍ ପଇଁତରା ମାରୁଥିଲା । ଏହି ସମୟରେ ବଙ୍ଗୋପସାଗରରେ କୁଜଙ୍ଗ୍ ହରିଶପୁର ତଟସ୍ଥ ସାଗରରେ ଥିବା ବ୍ରିଟିଶ ଯୁଦ୍ଧଜାହାଜ ଉପରେ ଟର୍ପେଡୋ ମାଡ଼କରି ଜାପାନ ନୌବାହିନୀ ଏହାକୁ ବୁଡାଇ ଦେଇଥିଲା ଓ ଏଥିରେ ଅନେକ ଗୋରା ସୈନ୍ୟ ନିହତ ଓ ଆହତ ହୋଇଥିଲେ । ଜାପାନ ଆତଙ୍କରେ ଥରି ଉଠିଥିଲା ଓଡ଼ିଶା ସମେତ ସମଗ୍ର କରମଣ୍ଡଳ ଉପକୂଳ । କଟକରୁ ସେକ୍ରେଟାରିଏଟ ଉଠାଇ ସମ୍ବଲପୁର ନେବାର କାମ ଆରମ୍ଭ ହୋଇ ଯାଇଥିଲା । ଜାପାନ, କୋରିଆ ଓ ଚୀନ୍‌ର ବିପୁଳାଂଶ ଓ ସୁଦୂର ପ୍ରାଚ୍ୟର ସମସ୍ତ ଦେଶ ଦଖଲ କରି ରଖିଥିବା ବ୍ରିଟିଶ ସେନାନର ଭାରତୀୟମାନଙ୍କୁ ନେଇ ଆଜାଦ୍ ହିନ୍ଦ୍ ଫୌଜ ସରକାର ସିଙ୍ଗାପୁରରେ ପ୍ରତିଷ୍ଠା କରି ଭାରତ ଭିତରକୁ ମୁକ୍ତି ଅଭିଯାନର ପ୍ରୟାସ ଆରମ୍ଭ ହୋଇଥାଏ । ସୋଭିଏଟ ଦେଶକୁ କାବୁଲ ବାଟେ ଯାଇ ବୈପ୍ଳବିକ ଲଢେଇ ଜରିଆରେ ଦେଶକୁ ସ୍ୱାଧୀନ କରିବାର ଆକାଂକ୍ଷା ତାଙ୍କର ସଫଳ ନହେବାରୁ ନିଜସ୍ୱ ଉପାୟରେ ମୁକ୍ତିସଂଗ୍ରାମ ଚଳାଇଥିଲେ ନେତାଜୀ ।

ତେଣେ ୟୁରୋପ ରଣକ୍ଷେତ୍ରରେ ଇଂଲଣ୍ଡ ଛଡା ସାରା ୟୁରୋପକୁ କରଗତ କରି ହିଟ୍‌ଲରର ନାଜୀ ଜର୍ମାନୀ ୧୯୪୧ ସେପ୍ଟେମ୍ବର ପହିଲାରେ ସୋଭିଏଟ୍ ୟୁନିଅନକୁ ଆକ୍ରମଣ କଲା । ଏହା କୃଷ୍ଣସର୍ପ ଭଳି ବିପ୍ଳବନଗରୀ ଲେନିନ୍‌ଗ୍ରାଡକୁ ଘେରି ଯାଇଥିଲା । ମସ୍କୋ ସହର ତଳିରେ ୧୮ କିଲୋମିଟର ପର୍ଯ୍ୟନ୍ତ ଜର୍ମାନ ବାହିନୀ ପ୍ରବେଶ କରିଥିଲା ଓ ବୀର ନଗରୀ ଷ୍ଟାଲିନ୍‌ଗ୍ରାଡ୍‌ଠାରେ ଘମାଘୋଟ ଲଢେଇରେ ଲାଲସେନାର ମୁକାବିଲା କରୁଥିଲା । ବ୍ରହ୍ମପୁର ଜେଲ୍‌ରେ ଥିବା କେତେକ ଅପରିପକ୍ୱ ରାଜନୈତିକ ବିଚାରର କିଛି ବନ୍ଦୀ ଜର୍ମାନୀ, ଜାପାନ ଓ 'ଅକ୍ଷଶକ୍ତି'ର ବିଜୟ କାମନା କରୁଥାନ୍ତି । ବ୍ରହ୍ମପୁର ସେଣ୍ଟ୍ରାଲ ଜେଲରେ ୯ ନମ୍ବର ୱାର୍ଡ଼ଟି ଥିଲା କମ୍ୟୁନିଷ୍ଟ ଓ ସେହି ମନୋଭାବାପନ୍ନ

Digitized by PPRACHIN, SOA

ବନ୍ଦୀମାନଙ୍କର ଖୁଆଡ଼ । ଲମ୍ୱା ଲମ୍ୱା ବାଉଁଶ ତାଟିର ବାଡ଼ ଓ ଟାଳି ଛପର ଘର । ଗୋଟାଏ ଗୋଟାଏ ଘରେ ୨୫/୩୦ ଜଣ ରହୁଥିଲେ । ସନ୍ଧ୍ୟାରେ ରାଜନୈତିକ ବନ୍ଦୀମାନଙ୍କର ସଭା ତ' ହୁଏ, ତା ଛଡ଼ା ୯ ନମ୍ବର ୱାର୍ଡ଼ରେ ପ୍ରାଣନାଥ ପଟ୍ଟନାୟକ, ବିଜୟଚନ୍ଦ୍ର ଦାସ, ରାମକୃଷ୍ଣ ପତି ଓ ମନମୋହନ ମିଶ୍ର ପ୍ରମୁଖ ଚିନ୍ତାବିତ୍‌ମାନେ ନିୟମିତ ରାଜନୈତିକ କ୍ଲାସ ନେଉଥିଲେ । କାହାର କ୍ଲାସରେ ପଢା ଭଲ ବା ଊଣା ହେଉଥିଲା ତାହା ଦେଖିବା ଆମର ଉଦ୍ଦେଶ୍ୟ ନୁହେଁ । ପ୍ରତ୍ୟେକ ଶିକ୍ଷା ଦେଉଥିବା ବ୍ୟକ୍ତିର ନିଜସ୍ୱ ଶୈଳୀ ଓ ଉପସ୍ଥାପନାର ଢଙ୍ଗ ଅଛି । ପ୍ରାଣନାଥ ବାବୁଙ୍କର ସରଳଭାଷା ସଠିକ ତଥ୍ୟର ଉପସ୍ଥାପନା ଓ ଆଦର୍ଶବାଦ ଉପରେ ଗଭୀର ନିଷ୍ଠା କ୍ଲାସରେ ପ୍ରକାଶିତ ହେଉଥାଏ । ଗଞ୍ଜାମର ବିଶିଷ୍ଟ ନେତା ଆସିକାର ହରିହର ଦାସ ହେଉଛନ୍ତି କାମଦାମର ମଣିଷ, କ୍ଲାସ ଶିକ୍ଷା ଉପରେ ତାଙ୍କର ବିଶେଷ ଆସ୍ଥା ନଥାଏ । ତଥାପି ବିଭିନ୍ନ କ୍ଲାସରେ ହରିହର ବସି ଶିକ୍ଷକମାନଙ୍କ ବକ୍ତବ୍ୟ ଶୁଣୁଥାନ୍ତି । ଦିନେ ପ୍ରାଣନାଥ ବାବୁ କ୍ଲାସ ନେବାବେଳେ ହାତରେ ଗୋଟେ ପାଣିଡାଳ ଧରି ଦ୍ୱାର ଦେଶରେ ଠିଆହୋଇ ସେ ପଢ଼ା ବିଷୟରେ ଶୁଣୁଥାନ୍ତି । ଶେଷକୁ ସେ କମ୍ୟୁନିଷ୍ଟ ପାର୍ଟିରେ ଯୋଗଦେଲେ । ହରିବାବୁ ପ୍ରାଣନାଥଙ୍କ ସ୍ମୃତିଚାରଣ କରି କହୁଥିଲେ, ପ୍ରାଣନାଥ ବାବୁଙ୍କ କ୍ଲାସରେ କଥା ଉପରେ ନଥା ନଥିଲା । ଯାହା ସତ୍ୟ ପ୍ରତିପାଦିତ ଘଟଣା, ତାହା ଉପରେ ପ୍ରାଣନାଥ ବାବୁଙ୍କ ଶିକ୍ଷା ଅବଧାରିତ ଥିଲା । ବିପ୍ଳବୀ କବି ମନମୋହନ ମିଶ୍ର ପ୍ରାଣନାଥ ବାବୁଙ୍କର ସ୍ମୃତିଚାରଣ କରି ଲେଖିଛନ୍ତି, "ପ୍ରାଣନାଥ ବାବୁଙ୍କ କମ୍ୟୁନିଷ୍ଟ ତତ୍ତ୍ୱ ସମ୍ବନ୍ଧରେ ସମସ୍ତେ ଯଥେଷ୍ଟ ଅବହିତ ଥିଲେ । ତାଙ୍କୁ ଆମେ ଇତିହାସର ତାରିଖ ଘଟଣାର ଜଣେ ରେଫରେନ୍ସ ଏନସାଇକ୍ଲୋପେଡ଼ିଆ ବୋଲି ଥଟ୍ଟା କରୁଥିଲୁ ।" ପ୍ରାଣନାଥ ବାବୁ ତାଙ୍କ ଶିକ୍ଷାରେ ସଠିକ୍ ତଥ୍ୟ ଓ ଉପଯୋଗୀ ଜ୍ଞାତବ୍ୟ ବିଷୟକୁ ସହଜ ସରଳ ଭାଷାରେ ଥୋଉଥିଲେ, ଯାହା ହରିହର ଦାସଙ୍କ ଭଳି ଥଟ୍ଟାଳିଆ ସଂଗ୍ରାମୀ ବନ୍ଧୁଙ୍କୁ ସାମ୍ୟବାଦ ଦିଗରେ ଆସିବା ପାଇଁ ଅନେକାଂଶରେ ଅନୁପ୍ରାଣିତ କରିଥିଲା । କାଶୀ ବିଦ୍ୟାପୀଠରେ ପ୍ରାଣନାଥ ବାବୁ ହାସଲ କରିଥିବା ଶୃଙ୍ଖଳିତ ତାତ୍ତ୍ୱିକ କାମ, ଏଦିଗରେ ତାଙ୍କୁ ଯଥେଷ୍ଟ ସାହାଯ୍ୟ କରିଥିଲା । ବ୍ରହ୍ମପୁର ଜେଲ୍‌ରେ ଜାତୀୟ, ଅନ୍ତର୍ଜାତୀୟ ପ୍ରଶ୍ନ ଉପରେ ଯେଉଁ ମତାଦର୍ଶଗତ ରାଜନୈତିକ ବିତର୍କ ହେଉଥିଲା, ସେଥିରେ କମ୍ୟୁନିଷ୍ଟ ମାନେ ଉଦ୍ଦୀପ୍ତ ମତବାଦରେ ବିଶ୍ୱଜୟୀ ପ୍ରଭାବ ସମ୍ବନ୍ଧରେ ଦୃଢ଼ତାର ସହ କହୁଥିଲେ । ଏହି ଜେଲ୍‌ରେ ବିହାରର ବିଶିଷ୍ଟ ସମାଜବାଦୀ ନେତା ଓ କମ୍ୟୁନିଜମ ମତାଦର୍ଶର ଘୋର ସମାଲୋଚକ ରାମନନ୍ଦନ ମିଶ୍ର ମଧ୍ୟ ବନ୍ଦୀ ଥାନ୍ତି । ସେ ଦିନେ ସମସ୍ତ ରାଜନୈତିକ ବନ୍ଦୀମାନଙ୍କର ସଭାରେ ଭାଷଣ ଦେଇଥିଲେ । ସେ ଓଡ଼ିଶା ଆସିଥିଲେ ଅଗଷ୍ଟ କ୍ରାନ୍ତିକୁ ଆଗେଇ ନେବାକୁ । ମାତ୍ର ଶେଷକୁ ଗିରଫ୍ ହେଲେ । ସେ ତାଙ୍କର ୨ ଘଣ୍ଟାର ଭାଷଣରେ କମ୍ୟୁନିଷ୍ଟମାନଙ୍କୁ ଓ ଋଷିଆକୁ ଘୋର ସମାଲୋଚନା କଲେ । ଦ୍ୱିତୀୟ ମହାଯୁଦ୍ଧକୁ 'ଜନଯୁଦ୍ଧ'ର ଆଖ୍ୟା କମ୍ୟୁନିଷ୍ଟ ପାର୍ଟି ଦେବା ନିଷ୍ପତ୍ତିର ମଧ୍ୟ ଘୋର ସମାଲୋଚନା କଲେ । ଦେଶଦ୍ରୋହୀ ବୋଲି ଏମାନଙ୍କୁ

Digitized by PPRACHIN, SOA

କୁହାଗଲା । ମାତ୍ର ତାଙ୍କର ଭାଷଣ ସେପରି ପ୍ରଭାବଶାଳୀ ନଥିଲା । ତାଙ୍କୁ ଉତ୍ତର ଦେଇ ଭାଷଣ ଦେବାର ପାଳି ପଡିଲା କମ୍ୟୁନିଷ୍ଟମାନଙ୍କର । ମୋହନ ଦାସ କମ୍ୟୁନିଷ୍ଟ ପାର୍ଟିର ବକ୍ତା ଭାବେ ମନୋନୀତ ହେଲେ । ବ୍ରହ୍ମପୁର ଜେଲରେ ସେ କାଳରେ ବନ୍ଦୀ ରାମଚନ୍ଦ୍ର ରାମଙ୍କ ଭାଷାରେ, "ମୋହନ ଦାସ ବକ୍ତା ଭାବେ ସୁପ୍ରସିଦ୍ଧ । ତାଙ୍କ ଭାଷଣରେ ଆବେଗ ଥାଏ । ଭାବପ୍ରବଣତା ଭରା ସରଳ ଭାଷା, ଅନେକ ସମୟରେ ହାସ୍ୟ ରସାତ୍ମକ ଉଦାହରଣ ମାନ ଶ୍ରୋତାମାନଙ୍କ ମୁଣ୍ଡକୁ ଭାରାକ୍ରାନ୍ତିରୁ ରକ୍ଷାକରେ । ସେ ପ୍ରଜା ସୋସାଲିଷ୍ଟ ବକ୍ତା (ସେତେବେଳେ ସୋସାଲିଷ୍ଟ ଥିଲା) ରାମନନ୍ଦନ ମିଶ୍ରଙ୍କର କମ୍ୟୁନିଷ୍ଟ-ବିରୋଧୀ ବକ୍ତୃତାକୁ ଖଣ୍ଡ ବିଖଣ୍ଡିତ କରି, କୌଣସି ବ୍ୟକ୍ତିଗତ ଆକ୍ଷେପ ନକରି ତାଙ୍କୁ ଶ୍ରୋତାମାନଙ୍କ ନିକଟରେ ନ୍ୟୂନ କରିଦେଲେ । ଚତୁରତାର ସହ ବକ୍ତୃତା ମାଧ୍ୟମରେ କଂଗ୍ରେସ ନେତୃବର୍ଗଙ୍କୁ ଅକ୍ତିଆରରେ ରଖି ଜ୍ୱାଳାମୟ ଭାଷଣରେ କରତାଳି ଦେଉଥିଲେ" (ରାମଚନ୍ଦ୍ର ରାମଙ୍କ 'ସଂଗ୍ରାମୀ' ପୁସ୍ତକରୁ ଉଦ୍ଧୃତ) । ବ୍ରହ୍ମପୁର ଜେଲ୍‌ମଧ୍ୟ ତାତ୍ତ୍ୱିକ, ରାଜନୈତିକ ମତ ବିନିମୟ ତଥା ଆଦର୍ଶଗତ ସଙ୍ଘର୍ଷର କିପରି ଏକ ପୀଠସ୍ଥଳ ଥିଲା ତାହାର ଏକ ନିଦର୍ଶନ ଏଠାରେ ମିଳେ ।

ଅନେକ 'ରୁଷିଆ ଗଲା'ବୋଲି ଉନ୍ମତ୍ତ ଚିତ୍କାର ଛାଡୁଥିବା ବେଳେ ପ୍ରାଣନାଥ ଧୀର ଗମ୍ଭୀର ଭାବେ କହୁଥାନ୍ତି, "ସୋଭିଏଟ୍ ସଙ୍ଘର ଅପ୍ରସ୍ତୁତି ଜନିତ ଏ ବିପର୍ଯ୍ୟୟ ଏକ ସାମୟିକ ପରାଜୟ । ଅପେକ୍ଷା କର, କ'ଣ ଘଟୁଛି । ଦ୍ୱିତୀୟ ମହାଯୁଦ୍ଧରେ କୋଟି କୋଟି ସୋଭିଏଟ୍ ନରନାରୀ ଓ ଏହାର ଫୌଜ ଲାଲସେନା ମସ୍କୋ, ଷ୍ଟାଲିନଗ୍ରାଡର ଉପକଣ୍ଠରୁ ଶକ୍ତିଶାଳୀ ପାଲଟା ମାଡ ଦେଲେ । ଶେଷକୁ କିପରି ସେମାନେ ନାଜୀ ଜର୍ମାନୀ ତଥା ଥାର୍ଡ଼ ରାଇଚ୍‌ର ଗମ୍ବୁଜ ଉପରେ ରକ୍ତ ପତାକା ଉତ୍ତୋଳନ କଲେ, ତାହା ଏକ ଦୁର୍ମଦ ଜାତିର ଦେଶମୁକ୍ତି ସଂଗ୍ରାମର ଜୟଯାତ୍ରାର ଇତିହାସ । ପ୍ରାଣନାଥ ବାବୁଙ୍କ ଭବିଷ୍ୟତ ଉପରେ ଗଭୀର ନିଷ୍ଠା, ସ୍ଥିତପ୍ରଜ୍ଞ ମନୋଭାବ କେତେ ସଠିକ ଥିଲା ଏହା ତାହାର ନିଛକ ନିଦର୍ଶନ । ରୁଷିଆ ହାରିବ କି ଜିତିବ ଯୁବସୁଲଭ ଢଙ୍ଗରେ ଏହା ଉପରେ ବିତଣ୍ଡା ନକରି ସେ ଗଭୀର ପ୍ରତ୍ୟୟର ସହ ଲାଲସେନାର ଅନ୍ତିମ ବିଜୟ ଓ ହିଟଲର ପରାଜୟକୁ ଅପେକ୍ଷା କରି ରହିଥିଲେ । ହିଟଲର୍ ସୋଭିଏଟ ଅଭିଯାନର ପ୍ରାରମ୍ଭିକ ବିପୁଳ ବିଜୟ କାଳରେ ମଧ୍ୟ ପ୍ରାଣନାଥ ଏହାକୁ ସାମୟିକ ବିପର୍ଯ୍ୟୟ ବୋଲି ପରିଗଣନା କରିଥିଲେ । ଯିଏ ତାଙ୍କୁ ଏ ସମ୍ବନ୍ଧରେ ପ୍ରଶ୍ନ କରୁଥିଲା, ତାକୁ ଖୁବ୍ ସହଜ ସ୍ୱରରେ ତାଙ୍କ ଉତ୍ତର ଥିଲା, ଅପେକ୍ଷା କର, କଣ ହେଉଛି ଦେଖ । ମହାମତି ଭଗବତୀ ଚରଣ ଓ ଅନ୍ୟ ଦୃଢ ଚିନ୍ତାଧାରାର ସାମ୍ୟବାଦୀମାନଙ୍କ ପରି ପ୍ରାଣନାଥଙ୍କର ଗଭୀର ପ୍ରତ୍ୟୟ ଥିଲା ଯେ, ଆକସ୍ମିକ ଷଣ୍ଢୁଆସୀ ନାଜୀ ଆକ୍ରମଣ ସମ୍ମୁଖରେ ପଛଘୁଞ୍ଚା ଦେଉଥିବା ଅପରାଜେୟ ଲାଲସେନା ଶତ୍ରୁକୁ ପ୍ରତି ଆକ୍ରମଣରେ ପରାସ୍ତ କରିବ । କେବଳ ଏ ପ୍ରଶ୍ନରେ ନୁହେଁ, ସବୁ ପ୍ରଶ୍ନ ଉପରେ ପ୍ରାଣନାଥ ଥିଲେ ପ୍ରଚଣ୍ଡ ଆଶାବାଦୀ । ଜାପାନୀ ଆକ୍ରମଣକୁ ସେକାଳରେ ସ୍ୱାଗତ କରୁଥିବା ବନ୍ଧୁମାନଙ୍କୁ ତାଙ୍କର ଉତ୍ତର ଥିଲା, "ଚୋରକୁ

Digitized by PPRACHIN, SOA

ତଡି ଆମେ କଣ ଡକାୟତକୁ ଡାକି ଆଣିବା' । ମହାଯୁଦ୍ଧ କାଳର ସମସ୍ତ ଘଟଣାକୁ ଖବରକାଗଜରୁ ପଢି ତା'ର ତନ୍ନ ତନ୍ନ ବିଶ୍ଳେଷଣ କରି ସେ ସାଥୀମାନଙ୍କ ଜ୍ଞାନକୁ ପରିବ୍ୟାପ୍ତ କରାଉଥିଲେ । ଷ୍ଟାଲିନଗ୍ରାଡ ରଣକ୍ଷେତ୍ରରେ ନାଜୀ ଜର୍ମାନୀର ଶୋଚନୀୟ ପରାଜୟ, ହଜାର ହଜାର ମାଇଲ ରଣକ୍ଷେତ୍ରରେ ଲାଲସେନାର ବିଜୟରେ ସେ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ । ମାତ୍ର ଧୀର ସ୍ଥିର ଭାବେ ବିଜୟର ସ୍ୱାଗତ କରୁଥିଲେ । ତାଙ୍କ ମତର ପରିପନ୍ଥୀମାନଙ୍କୁ ଛିଗୁଲେଇ କହିବା କାର୍ଯ୍ୟଠାରୁ ସେ ଦୂରରେ ଥିଲେ । ବାସ୍ତବତାର ଅଭିଜ୍ଞତାରୁ ସେମାନେ ଶିକ୍ଷା ଲାଭ କରିବେ, ଏହା ଥିଲା ତାଙ୍କର ଆଭିମୁଖ୍ୟ । ନାଜୀବାଦ, ଫାସିବାଦ ଓ ଜାପାନୀ ସମରବାଦୀ ଶକ୍ତିକୁ ପରାସ୍ତ କରିବାପରେ ଭାରତରେ ଖୁବ୍ ଶୀଘ୍ର ଜାତୀୟ ଐକ୍ୟ ପ୍ରତିଷ୍ଠା କରି ବ୍ରିଟିଶ ସାମ୍ରାଜ୍ୟବାଦୀମାନଙ୍କୁ ନିକାଲି ଦିଆଯିବ ଏହି ବଜ୍ର ଘୋଷଣା ଥିଲା ପ୍ରାଣନାଥଙ୍କର । ମାତ୍ର ଦେଶ ଧର୍ମ ନାମରେ ବିଭାଜିତ ହେବ, ଏହା ସେ ଚାହୁଁ ନଥିଲେ । ସ୍ୱାଧୀନତା ଆସିଲେ ମହାଜନ, ସର୍ବରାକାର, ରାଜା ମହନ୍ତ ଗୋଷ୍ଠୀ (ଅଳ୍ପ କେତେଜଣଙ୍କୁ ଛାଡି) ଯେଉଁମାନେ ମୁଖ୍ୟତଃ ସ୍ୱାଧୀନତା ଆନ୍ଦୋଳନର ବିରୋଧୀ ଥିଲେ, ସେମାନେ କ୍ଷମତା ଦଖଲ କରିବେ ଓ ଗରିବ ଚାଷୀ ମୂଲିଆ ଶ୍ରମିକ, କର୍ମଚାରୀ ଅର୍ଥନୈତିକ ସ୍ୱାଧୀନତା ପାଇବେ ନାହିଁ, ସେହି ଆଶଙ୍କାରେ ଦୋଳାୟିତ ହେଉଥିଲା ତାଙ୍କର ମନ ଓ ଚିନ୍ତା । ଠିକ୍ ସେହି ଆଶଙ୍କା ପ୍ରକାଶକରି ବ୍ରହ୍ମପୁର ଜେଲ୍‌ରେ ପ୍ରାଣନାଥଙ୍କ ସହବନ୍ଦୀ ଥିବା ଜାତୀୟ କବି ବୀରକିଶୋର ଦାସ ଏକ ଯୁଗାନ୍ତକାରୀ କବିତା ଲେଖିଥିଲେ, ଯାହାର ଉଦ୍ଧୃତି ଏଠି ପ୍ରାସଙ୍ଗିକ । ବୀରକିଶୋର କମ୍ୟୁନିଷ୍ଟ ନଥିଲେ, ସେ ଥିଲେ ଗାନ୍ଧୀବାଦୀ ଦେଶଭକ୍ତ ମହାନ୍ କବି । କବିତାଟି ଥିଲା ଏପରି :

"ତୁମେ କେତେଜଣ ଜୀବନକୁ ପାଣି ଛଡାଇ ନଦେଲେ ଚଳିବକି
ଦଧୀଚିର ହାଡ ଉଜାଡି ନଦେଲେ ଜଗତର ଭାଗ୍ୟ ଫେରିବକି ?
ଶେଷ ଯବନିକା ହେଲାଣି ପତନ, ବଦଳି ଯିବ ଏ ଶୋଷଣ ଶାସନ
ଶୋଷଣ ନୀତିର ବତି ନିଭି ଆସେ, ଜଳାଇଲେ ଦୀପ ଜଳିବକି ?

x x x x x x x

ଧନୀ ମହାଜନ- ରାଜା ଜମିଦାର, ତ୍ୟାଗ ମାଳି ଧରି ହୋଇବେ ବାହାର
ଗେରୁଆ ବସନ, ମଧୁର ବଚନ, ଶୁଣି ନିଜ ନୀତି ଭୁଲିବକି ?
ଧଳା ବଦଳରେ କଳା ହେଲେ ଜୋକ, ମେଣ୍ଟିବକି କୋଟି ଗରିବଙ୍କ ଦୁଃଖ
ଚାଷୀ ମୂଲିଆଙ୍କ ଖପୁରିକି ଚୂରି, ଦିଲ୍ଲୀ ଦରବାର ତୋଳିବକି ?"

ଜାତୀୟକବିଙ୍କ ଏହି ମହାନ କବିତାରେ ସୁର ଦେଇଥିଲେ ବିପ୍ଳବୀ କବି ମନମୋହନ ମିଶ୍ର । କେତେ ସଠିକ ଥିଲା ଏ କବିତା ? ଏ ସଂଗୀତରେ ଜା' ୀୟ କବି ପ୍ରକାଶ କରିଥିବା ଆଶଙ୍କା ପରବର୍ତ୍ତୀ କାଳରେ ସତ୍ୟରେ ପରିଣତ ହେଲ ' ଏହି ଆଶଙ୍କା ଗରିବ ଚାଷୀ ମୂଲିଆଙ୍କ ପାଇଁ ଅହରହ ସଂଗ୍ରାମ କରୁଥିବା ପ୍ର ାନାଥଙ୍କୁ ବେଶ୍

Digitized by PPRACHIN, SOA

ଘାରୁଥିଲା । ସଂଖ୍ୟାଧିକ ଗରିବ୍ ଜନସାଧାରଣଙ୍କର ଅର୍ଥନୈତିକ ସ୍ୱାଧୀନତା ସେମାନଙ୍କ ତେଲ ଲୁଣ ସଂସାରରେ ସ୍ୱଚ୍ଛଳତା ବିନା ରାଜନୈତିକ ସ୍ୱାଧୀନତା ଅର୍ଥହୀନ, ଏ କଥାକୁ ବହୁ ଆଗରୁ ପ୍ରାଣନାଥ ଓ ତାଙ୍କର ସାମ୍ୟବାଦୀ ସାଥୀମାନେ ଜାଣି ପାରିଥିଲେ । ବାଲେଶ୍ୱରରେ ନିଜର କାମଦାମ କାଳରେ ସେ ଭଲ ଭାବରେ ଜାଣିଥିବା ଜାତୀୟତା ବାଦୀ କବି ବାଞ୍ଛାନିଧି ମହାନ୍ତି, ଏକ କବିତାରେ ଲେଖିଥିଲେ, "ଯଦି ତୋର ନପୂରେ ପେଟ, କି ହେବ ଏ ସ୍ୱରାଜ୍ୟ ଘେନି । "ତେଣୁ ସ୍ୱାଧୀନତା ଆନ୍ଦୋଳନରେ ସାମାଜିକ-ଅର୍ଥନୈତିକ ସ୍ୱାଧୀନତାର ନିର୍ଯ୍ୟାସ ଭରିଦେବା ପ୍ରାଣନାଥ ବାବୁଙ୍କ ଆଭିମୁଖ୍ୟ ଥିଲା । ତାଙ୍କ ପାଇଁ ଆନ୍ତର୍ଜାତୀୟ କର୍ତ୍ତବ୍ୟ, ଜାତୀୟ କର୍ତ୍ତବ୍ୟ ଓ ସେ ଭଲ ପାଉଥିବା ଗରିବ ଜନସାଧାରଣଙ୍କର ଉନ୍ନତି ବିଧାନର କର୍ତ୍ତବ୍ୟ ଏକ ସୂତ୍ରରେ ଗ୍ରଥିତ ଥିଲା । ପ୍ରାଣନାଥବାବୁ ବ୍ରହ୍ମପୁର ଜେଲରେ ଥିବା ସମୟରେ ଦୁଇଟି ଅତ୍ୟନ୍ତ ମର୍ମନ୍ତୁଦ ଘଟଣା ଘଟିଥିଲା । ପ୍ରଥମଟି ଥିଲା କୋରାପୁଟର ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ନାଏକଙ୍କୁ ୧୯୪୩ ମାର୍ଚ୍ଚ ୨୯ତାରିଖରେ ଫାଶୀଦଣ୍ଡ । କୋରାପୁଟ ଜିଲ୍ଲାର ପାପଡାହାଣ୍ଡିରେ ଏକ ଦୁର୍ଘଟଣାରେ ମରିଥିବା ରାମେୟା ନାମକ ଫରେଷ୍ଟ ଗାର୍ଡଙ୍କୁ ସେ ଓ ଅନ୍ୟମାନେ ହତ୍ୟା କରିଛନ୍ତି ବୋଲି ମିଥ୍ୟା ଅଭିଯୋଗ ହୋଇ ଏକ ସ୍ପେଶାଲ ଆଇନ ବଳରେ ଓ ଏକ ସ୍ପେଶାଲ କୋର୍ଟରେ ନଭେମ୍ବର ୧୩, ୧୯୪୨ରେ ଲକ୍ଷ୍ମଣ ନାଏକଙ୍କୁ ଫାଶୀ ଦଣ୍ଡ ଦିଆଯିବ ବୋଲି ରାୟ ବାହାରିଲା । ଅଥଚ ଲକ୍ଷ୍ମଣ ନାଏକ ଥିଲେ ଅତ୍ୟନ୍ତ ଶାନ୍ତ, ସରଳ, ଗାନ୍ଧିବାଦୀ ମୁକ୍ତି ସଂଗ୍ରାମୀ, ଯାହା ମନରେ ହିଂସା, ପ୍ରତିଶୋଧ, ରକ୍ତପାତର କୌଣସି ଚିନ୍ତା ନଥିଲା, ଅନ୍ୟାୟ ଥିଲା ସେ ବିଚାର, ଯାହା ଥିଲା ଏକ ପ୍ରହସନ । ଏହି ରାୟ ବିରୋଧରେ ହାଇକୋର୍ଟରେ ଅପିଲ କରିବାର ବ୍ୟବସ୍ଥା ନଥିଲା । ଅଗତ୍ୟା ବ୍ରହ୍ମପୁର ଜେଲ୍‌ରେ ଥିବା ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ତଥା ଆଇନଜୀବୀ ଭାଗୀରଥି ମହାପାତ୍ର, ପୁରୀର ଲୋକନାଥ ମିଶ୍ର (ପଙ୍କ ବାବୁ) ଓ ଉମାଚରଣ ପଟ୍ଟନାୟକ ବିଲାତର ପ୍ରିଭି କାଉନସିଲରେ ଅପିଲ କରିବା ପାଇଁ ଚିଠା ପ୍ରସ୍ତୁତ କଲେ, ଯାହା ରାମଚନ୍ଦ୍ର ରାମଙ୍କ ଅକ୍ଷରରେ ଲେଖା ଯାଉଥିଲା । ମାତ୍ର ପ୍ରିଭି କାଉନସିଲରେ ଅପିଲକୁ ଜେଲଖାନା ଭିତରୁ ନାନା ପ୍ରତିବନ୍ଧକ ସୃଷ୍ଟି ହୋଇ ପଠାଯାଇ ପାରିଲା ନାହିଁ । ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖ ଭୋର ୪ଟା ବେଳକୁ, ତାଙ୍କର ଜ୍ଞାତି କୁଟୁମ୍ବଙ୍କୁ ଖବର ନଦେଇ, କୌଣସି ରାଜବନ୍ଦୀଙ୍କୁ ନଦେଖାଇ ଲକ୍ଷ୍ମଣ ନାଏକଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଇଥିଲା, ତାର ପୂର୍ବଦିନ ସଂଧ୍ୟାରେ ତାଙ୍କୁ ଦେଖା କରିବାକୁ କୋରାପୁଟର ମାନ୍ୟଗଣ୍ୟ ନେତା ରାଧାକୃଷ୍ଣ ବିଶ୍ୱାସରାୟ, ରାଧାମୋହନ ସାହୁ ଓ ସଦାଶିବ ତ୍ରିପାଠୀ ଅନୁମତି ପାଇ ଯାଇଥିଲେ, ଲକ୍ଷ୍ମଣ ନାଏକଙ୍କ ଅନ୍ଧାରୁଆ ବନ୍ଦକୋଠରିର ଦୁଆର ପାଖକୁ । ଦେଖିଲେ ଲକ୍ଷ୍ମଣ ନାଏକଙ୍କ ମନରେ ବିକାର, ଭୟାତୁରତା, ବିଚଳିତ ଭାବ କିଛି ନଥିଲା । ଶାନ୍ତ ସମାହିତ ଭାବରେ ସେ କଥା କହୁଥିଲେ । ଧ୍ୱନି ଦେଉଥିଲେ "ଭାରତ ମାତାକୀ ଜୟ", ମହାତ୍ମା ଗାନ୍ଧୀକୀ ଜୟ" ଓ "ବନ୍ଦେ ମାତରମ୍" । ମାର୍ଚ୍ଚ ୨୮ ତାରିଖ

Digitized by PPRACHIN, SOA

ସଂଧ୍ୟାରେ ଜେଲ୍ ପ୍ରାଙ୍ଗଣରେ ସମସ୍ତ ରାଜବନ୍ଦୀମାନଙ୍କର ସାଧାରଣ ସଭା ଓ ପ୍ରାର୍ଥନା ସଭା ହେଲା । ରାତିରେ ସମସ୍ତ ରାଜନୈତିକ ବନ୍ଦୀ ଉଜାଗର ରହିଲେ । ୨୯ ତାରିଖ ଭୋର ୪ଟା ବେଳେ ଲକ୍ଷ୍ମଣ ନାଏକଙ୍କୁ ଫାଶୀଖୁଣ୍ଟିକୁ ନେଲାବେଳେ ବ୍ରହ୍ମପୁର ଜେଲର ଚାରିଶତ ବନ୍ଦୀ "ଲକ୍ଷ୍ମଣ ନାଏକ ଜିନ୍ଦାବାଦ୍", "ଇନକିଲାବ ଜିନ୍ଦାବାଦ୍" ଓ "ଭାରତ ମାତାଙ୍କୀ ଜୟ" ଧ୍ୱନିରେ ଗଗନ ପବନକୁ ଏକାକାର କରିଦେଲେ । ନିରୀହ ନିରପରାଧ ମୁକ୍ତି ସଂଗ୍ରାମୀ ଲକ୍ଷ୍ମଣ ନାଏକ ଶହୀଦ ହୋଇଗଲେ । କାହାକୁ ନଦେଖାଇ, ତାଙ୍କର ପରିବାରକୁ ନଜଣାଇ ହୀନିମାନ କରି ଜେଲ୍ ଭିତରେ କେଉଁଠି ତାଙ୍କ ଶବକୁ ପୋତି ଦିଆଗଲା । ତା ପୂର୍ବରୁ ୧୯୪୧ ଅପ୍ରେଲ ୪ ତାରିଖରେ ବେଜେଲଗେଟ୍ ହତ୍ୟା ମାମଲାରେ ରଘୁନାଥ ମହାନ୍ତି ଓ ଦିବାକର ପରିଡାଙ୍କୁ ଫାଶୀ ଦିଆଯାଇଥିଲା । ଲକ୍ଷ୍ମଣ ନାଏକ ଫାଶୀ ପାଇବାପରେ ମାର୍ଚ୍ଚ ୨୯ ତାରିଖ ଦିନ ଅଧିକାଂଶ ବନ୍ଦୀ ଅନଶନ କରିଥିଲେ । ପ୍ରାଣନାଥ ବାବୁ ହତଚକିତ ହୋଇ ବସିଥିଲେ । 'କି ଅନ୍ୟାୟ' ଏତିକି କହିବା ପରେ ସେ ଯେପରି ମୂକ ହୋଇଯାଇଥିଲେ । ମନରେ ନାନା ଚିନ୍ତାର ଅସୁମାରି ତରଙ୍ଗ । ଏହି ସମୟରେ ଓଡ଼ିଶା ବ୍ୟବସ୍ଥାପକ ସଭାର ସଂଖ୍ୟାଗରିଷ୍ଠ କଂଗ୍ରେସ ସଦସ୍ୟଙ୍କ ଅନୁପସ୍ଥିତିର ସୁଯୋଗରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ପ୍ରଧାନମନ୍ତ୍ରିତ୍ୱରେ ଏକ ଯୁଦ୍ଧ ସପକ୍ଷବାଦୀ ମନ୍ତ୍ରିମଣ୍ଡଳ ଗଠିତ ହୋଇଥାଏ । ପଣ୍ଡିତ ଗୋଦାବରୀଶ ମିଶ୍ର ଓ ମୁସଲିମ୍ ଲିଗ୍‌ର ଶୋଭାନ ଖାଁ ଏଥିରେ ମନ୍ତ୍ରୀ ଥାଆନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ ୧୯୪୩ ନଭେମ୍ବରରେ ସ୍ଥାପିତ ହୋଇଥାଏ, ଏହି କାଳରେ ।

ପ୍ରାଣନାଥ ବାବୁ ବ୍ରହ୍ମପୁର ଜେଲରେ ଥିବା ସମୟରେ ଆହୁରି ଅନେକ ମହତ୍ତ୍ୱପୂର୍ଣ୍ଣ ଘଟଣା ଘଟି ଯାଇଥିଲା, ଯାହା ଅବିସ୍ମରଣୀୟ । ପରାଧୀନ ଭାରତରେ କଂଗ୍ରେସର ନିଷ୍ପତ୍ତି ଅନୁସାରେ ବହୁକାଳ ଆଗରୁ ଜାନୁୟାରୀ ୨୬ ତାରିଖଟି ସ୍ୱାଧୀନତା ଦିବସ ରୂପେ ପାଳିତ ହେଉଥିଲା ଯାହାକୁ ସ୍ୱାଧୀନ ଭାରତର ସଂବିଧାନକାରମାନେ ୧୯୫୨୦ାରୁ ସାଧାରଣତନ୍ତ୍ର ଦିବସ ରୂପେ ପାଳନ କରିବାକୁ ସ୍ଥିର କରିଥିଲେ । ବ୍ରହ୍ମପୁର ଜେଲ୍‌ର ରାଜବନ୍ଦୀମାନେ ୧୯୪୩ ଜାନୁୟାରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ରୂପେ ପାଳନ କରିବାକୁ ସ୍ଥିର କଲେ । ଉତ୍ତୋଳନ ପାଇଁ ହାତ ତିଆରି ତ୍ରିରଙ୍ଗା ପତାକା ତିଆରି ହେଲା । ବିଶିଷ୍ଟ କଂଗ୍ରେସ ନେତା ଉମାଚରଣ ପଟ୍ଟନାୟକ ଉତ୍ସବର କମାଣ୍ଡର ରୂପେ ନିଯୁକ୍ତ ହେଲେ । ବରିଷ୍ଠ ଗାନ୍ଧିବାଦୀ ତଥା କଂଗ୍ରେସ ନେତାମାନେ ଏଥିରେ ରାଜି ନଥିଲେ, ମାତ୍ର ପ୍ରାଣନାଥ ପଟ୍ଟନାୟକ, ମୋହନ ଦାସ ଓ ଉମାଚରଣ ପଟ୍ଟନାୟକ ପ୍ରମୁଖ ନେତାମାନଙ୍କ ସମର୍ଥନରେ ଯୁଦ୍ଧବନ୍ଦୀମାନେ ଜାତୀୟ ପତାକାକୁ ଉତ୍ତୋଳନ କରିବାରେ ଲାଗିପଡିଲେ । କଂଗ୍ରେସ, କମ୍ୟୁନିଷ୍ଟ, ସୋସାଲିଷ୍ଟ ଓ ଫରୱାର୍ଡ ବ୍ଲକର ସବୁ ସାଥୀମାନେ ଉମାଚରଣ ପଟ୍ଟନାୟକଙ୍କ ନେତୃତ୍ୱରେ ୧୯୪୩ ଜାନୁୟାରୀ ୨୬ ସକାଳେ ବ୍ରହ୍ମପୁର ଜେଲ୍ ପ୍ରାଙ୍ଗଣରେ ତ୍ରିରଙ୍ଗା ଝଂଡା ଉଡାଇ ସ୍ୱାଧୀନ ଭାରତର ଜୟଗାନରେ ଗଗନ ପବନକୁ ପ୍ରକଂପିତ କଲେ । ଆଗରୁ ଜାତୀୟ ସଂଗୀତ 'ବନ୍ଦେ ମାତରମ'କୁ ସମସ୍ତେ

Digitized by PPRACHIN, SOA

ଗାଇ ସାରିଥିଲେ । ମାତ୍ର 'ଝଂଡା ଉଂଚା ରହେ ହମାରା' ବୋଲା ହେବା ବେଳକୁ ମାଜିଷ୍ଟ୍ରେଟ୍ ସମସ୍ତ ପୋଲିସ ବାହିନୀକୁ ଧରି ଜାତୀୟ ପତାକାକୁ ଉଠାଇ ଦେବାକୁ ହୁକୁମ ଦେଲେ । ନାୟକ ଉମାଚରଣ ପଟ୍ଟନାୟକ ପତାକାକୁ ରକ୍ଷା କରିବାକୁ ଆହ୍ୱାନ ଦେଲେ । ଛଞ୍ଚାଣ ଭଳି ସମସ୍ତ ପୋଲିସ ପତାକା ରକ୍ଷା କରୁଥିବା ଶହ ଶହ ରାଜବନ୍ଦୀଙ୍କ ଉପରେ ଲାଠି ଧରି ଝାଂପି ପଡିଲେ । ପୂର୍ବର ଶିକ୍ଷାନୁଯାୟୀ ସ୍ୱାଧୀନତା ସଂଗ୍ରାମୀମାନେ ମୁଣ୍ଡକୁ ଅନ୍ୟ ସାଥୀର ଜଂଘତଳେ ରଖି ମେରି ଚାରିପଟେ ବେଙ୍ଗଳା ପଡିଲାପରି ପତାକାଖୁଣ୍ଟକୁ ଘେରି ଶୋଇଗଲେ । ସେମାନଙ୍କୁ ଟାଣି ଟାଣି ଦୂରକୁ ଫୋପାଡି ପୋଲିସ ତ୍ରିରଙ୍ଗା ଧ୍ୱଜାକୁ ଜବତ କରିନେଲେ । ବ୍ରହ୍ମପୁର ଜେଲ୍ ଏହି ସମୟରେ ନାନା ଦିଗରୁ ସ୍ମରଣୀୟ ଥିଲା । ଏଠାରେ ଉମାଚରଣ ପଟ୍ଟନାୟକଙ୍କ ନେତୃତ୍ୱରେ ନିୟମିତ ବ୍ୟାୟାମ ଚାଲିଥିଲା । ପ୍ରାଣନାଥବାବୁ ପ୍ରତିଦିନ ଏକୁଟିଆ ନିୟମିତ ବ୍ୟାୟାମ କରୁଥିଲେ ।

ଏହାଛଡା ଏହି ସମୟରେ ବ୍ରହ୍ମପୁର ଜେଲ୍‌ରେ ମନମୋହନ ମିଶ୍ରଙ୍କ ଦ୍ୱାରା ଉତ୍କଳ ମଣି ଗୋପବନ୍ଧୁଙ୍କ ଜୀବନ ଉପରେ ଆଧାରିତ "ମହାଦୀକ୍ଷା" ନାଟକ ରାଜବନ୍ଦୀମାନଙ୍କ ଦ୍ୱାରା ଅଭିନୀତ ହୋଇଥିଲା । ପଣ୍ଡିତ ଲିଙ୍ଗରାଜ ମିଶ୍ର, ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଓ ଆଚାର୍ଯ୍ୟ ହରିହର ଦାସ ଏହାର ବିଷୟବସ୍ତୁକୁ ପଢି ସାରିବାପରେ ନିର୍ବିବାଦୀୟ ଏହି ନାଟକ ଅଭିନୀତ ହୋଇଥିଲା । ଉଭୟ ପ୍ରାଣନାଥ ମନମୋହନ ଖୁବ୍ ନିକଟରୁ ଦାସେ ଆପଣଙ୍କୁ ଦେଖିଥିଲେ ଓ ତାଙ୍କ ଦ୍ୱାରା ଉଦ୍‌ବୁଦ୍ଧ ହୋଇଥିଲେ । ଯାଜପୁରର ସଂଗ୍ରାମୀ ବିପିନ୍ ବିହାରୀ ମହାନ୍ତି ଦାସେ ଆପଣେଙ୍କ ଭୂମିକାରେ ଅଭିନୟ କରୁଥାନ୍ତି । ମୋହନ ଦାସ ଷ୍ଟେଜ୍ ମ୍ୟାନେଜର । ରାମଚନ୍ଦ୍ର ରାମ, ହରିହର ଦାସ ଓ ଯୁଗଳ କିଶୋର ପାଣିଗ୍ରାହୀ ମଧ୍ୟ ଅଭିନେତା ଭାବେ ଅଭିନୟ କରିଥିଲେ । ପ୍ରାରମ୍ଭରେ କବି ମନମୋହନ ମିଶ୍ରଙ୍କ ନିଜସ୍ୱ କବିତାକୁ ସେ ସୁର ଦେଇ ବୋଲିଥିଲେ, ଯାହା ଗୋପବଂଧୁଙ୍କ ସହିତ ହାତକଡି ପଡି ବନ୍ଦୀ ହୋଇଥିବା ଭାଗୀରଥି ମହାପାତ୍ର ଓ ଆଚାର୍ଯ୍ୟ ମହାଶୟଙ୍କ ଆଖିରୁ ଲୁହ ଝରାଇଥିଲା । କବିତାଟିର ପ୍ରାରମ୍ଭ ପଂକ୍ତି ଥିଲା:

"ଉତ୍କଳମଣି ତୁମେ ଜୟ ଜୟ/ ତୁମେ ମୃତ୍ୟୁପଥେ ଦେଇ ବରାଭୟ,
ଜାତି ପଟୁଆରେ ତୁମେ ରୋଶଣି ପରି / ଜାତି ଆଖିଧାରେ ଦେଲ ଦମ୍ଭ ଭରି ।
ପଥହରା ଦେଶ ବାଟେ ଆଣିଲ ଭରି/ ମୁକତି ଅକ୍ଷୟ ।"

ମାତ୍ର ନାଟକ ଶେଷ ହେବା ପୂର୍ବରୁ ସାମାନ୍ୟ କାରଣରୁ ଏ ନାଟକ ସଂପୂର୍ଣ୍ଣ ହୋଇ ନଥିଲା । କାହାକୁ କିଛି ନକହି ମନ୍ତ୍ରମୁଗ୍ଧ ହୋଇ ମହାଦୀକ୍ଷା ନାଟକ ଦେଖୁଥିବା ପ୍ରାଣନାଥ ବିରକ୍ତିରେ ଡ୍ରାମାସ୍ଥଳ ଛାଡି ଯାଇଥିଲେ ଓ ମନଦୁଃଖରେ ଘାରି ହେଉଥିବା ମନମୋହନଙ୍କୁ ସାନ୍ତ୍ୱନା ଦେଇଥିଲେ ।

ମାତ୍ର ଏହି ନାଟକର ପ୍ରଭାବ ଥିଲା ତାଙ୍କ ଜୀବନରେ ପ୍ରବଳ । ପ୍ରାକୃତିକ ବିପର୍ଯ୍ୟୟ, ବଢିଝଡି ମରୁଡିରେ ମରୁଥିବା ଓଡିଆବାସୀଙ୍କର ସେବା କରିବାପାଇଁ ପ୍ରାଣନାଥ ବଦ୍ଧ ପରିକର ଥିଲେ । ଦଳେଇ ଘାଇ ବନ୍ୟାବେଳେ ଦୁର୍ଗତ ଜନସାଧାରଣଙ୍କ ପାଇଁ ରିଲିଫ୍

Digitized by PPRACHIN, SOA

ଯୋଗାଡ କରିବା ଓ ୧୯୬୫ରେ ଦୁର୍ଭିକ୍ଷଗ୍ରସ୍ତ କଳାହାଣ୍ଡି, ବଲାଙ୍ଗିରର ଜନସାଧାରଣଙ୍କ ପ୍ରକୃତ ଅବସ୍ଥା ଦେଖିବା ପାଇଁ ଦଉଡି ଯିବା, ତାଙ୍କ ଭିତରେ ଉତ୍କଳମଣିଙ୍କର ଆଦର୍ଶର ପ୍ରତିଫଳନକୁ ଦେଖାଇ ଦିଏ । ଯେଉଁଠି ମରୁଡି, ଅନାହାର ମୃତ୍ୟୁ ବା ପ୍ରାକୃତିକ ବିପର୍ଯ୍ୟୟ ବିପଦ ପଡିଛି, ସେଠି ପ୍ରାଣନାଥ ଠିଆ ହୋଇଛନ୍ତି ଦୁର୍ଗତ ଜନସାଧାରଣଙ୍କ ସେବକ ଓ ଦରଦୀବନ୍ଧୁଭାବେ । ଦେଶ ପ୍ରେମ ସହିତ ମାନବ ପ୍ରୀତି ଏକାକାର ହୋଇଥିଲା ତାଙ୍କର ଚରିତ୍ରରେ । ଏହି ଜେଲ୍‌ରେ କମ୍ୟୁନିଷ୍ଟମାନଙ୍କ ସହ କଂଗ୍ରେସ ଓ ସୋସାଲିଷ୍ଟ ବଂଧୁମାନଙ୍କର ପ୍ରବଳ ରାଜନୈତିକ ବିତର୍କ ହୋଇଛି । ସୋଭିଏଟ ଦେଶକୁ ନାଜୀ ଆକ୍ରମଣ ପରେ ଦୁନିଆର ସକଳ ମୁକ୍ତିସଂଗ୍ରାମୀମାନଙ୍କ ପରି କମ୍ୟୁନିଷ୍ଟମାନେ ଦ୍ୱିତୀୟ ମହାଯୁଦ୍ଧକୁ "ଜନଯୁଦ୍ଧ" ବା ପିପୁଲ୍‌ସ ୱାର ବୋଲି କହି ମିତ୍ରଶକ୍ତିକୁ ସମର୍ଥନ କରିବା ପ୍ରଶ୍ନକୁ ନେଇ ବିତର୍କରୁ ସଂଘର୍ଷ ହୋଇଛି । ମାତ୍ର ପ୍ରାଣନାଥ ପଟ୍ଟନାୟକଙ୍କ ସହବନ୍ଦୀ ମନମୋହନ ମିଶ୍ର ଏ ସମ୍ବନ୍ଧରେ ଲେଖିଛନ୍ତି, "ଏପରିକି ରାତିରେ ଗୃହଦାହ ପର୍ଯ୍ୟନ୍ତ ଘଟଣା ଘଟିଛି । ଏ ସବୁଥିରେ ପ୍ରାଣନାଥ ବାବୁ ଥିଲେ ଜଣେ ଜନନେତା, ବିଚକ୍ଷଣ ବିବେକସଂପନ୍ନ ସାଥୀ । କିନ୍ତୁ ଏହି ବିକଟ ବାଦ-ବିସମ୍ବାଦ ଯେତେବେଳେ ସହକର୍ମୀଙ୍କ ଭିତରେ ମତବିରୋଧର ସ୍ତର ଅତିକ୍ରମ କରି ହିଂସ୍ର ବିରୋଧରେ ପରିଣତ ହୋଇଛି, ସେ ସବୁଥିରେ ସେ ବ୍ୟଥିତ ହୋଇଛନ୍ତି । କିନ୍ତୁ କେବେ ସକ୍ରିୟତା ବା ପକ୍ଷପାତିତା ଦେଖାଇ ନାହାନ୍ତି ।"

ମନମୋହନ ବାବୁ ପୁଣି ଲେଖିଛନ୍ତି "ଯାହା ଅନୁଶାସନ ଦୃଢତା ବୋଲି ପୂର୍ବରୁ ନାମିତ କରିଛି ତାହା ତାଙ୍କ ଚରିତ୍ରର ଅବିଚ୍ଛେଦ୍ୟ ଗୁଣ ଥିଲା । ଏ ଗୁଣ ପ୍ରକୃତରେ ରାଜନୈତିକ ବ୍ୟକ୍ତି ପାଇଁ ଉଚ୍ଚକୋଟୀର ଭୂଷଣ । ଏହାର ଅର୍ଥ ହେଲା ଯେ ପ୍ରାଣନାଥ ବାବୁ ସେତେବେଳେ ବେଆଇନ କମ୍ୟୁନିଷ୍ଟ ପାର୍ଟିର କାର୍ଡଧାରୀ ସଭ୍ୟ ହୋଇଥିଲେ ହେଁ କଂଗ୍ରେସର ସକ୍ରିୟ କର୍ମୀ ଥିଲେ । x x x ଏହି ପ୍ରକାରର ବ୍ୟକ୍ତିମାନଙ୍କ ପାଇଁ ବେଆଇନ କମ୍ୟୁନିଷ୍ଟ ପାର୍ଟିର ଅନୁଶାସନ ପ୍ରସ୍ତାବ ଦୋରସ୍ତ ଏକ ଆଚରଣ ବିଧି ଥିଲା । x x x ସେତେବେଳେ ପ୍ରାଣନାଥ ବାବୁଙ୍କ ପରି କଂଗ୍ରେସର ସକ୍ରିୟ ସାଂଗଠନିକ ନେତା ପାଇଁ କମ୍ୟୁନିଷ୍ଟ ପାର୍ଟିର ଅନୁଶାସନ ଥିଲା, ସେମାନେ କଂଗ୍ରେସ ଅନୁଷ୍ଠାନର ବିଧିରକ୍ଷା କରି ରହନ୍ତୁ । ସେମାନେ କଂଗ୍ରେସ ଅନୁଶାସନ ମାନି ଚଳନ୍ତୁ । ସେଥିପାଇଁ ପ୍ରାଣନାଥ ବାବୁ ଜାତିଗତ ଭାବେ ବ୍ୟକ୍ତିଗତ ସତ୍ୟାଗ୍ରହରେ ବିଶ୍ୱାସ କରୁ ନଥିଲେ ମଧ୍ୟ କଂଗ୍ରେସ ଏମ୍. ଏଲ. ଏ. ଥିବାରୁ ସତ୍ୟାଗ୍ରହୀ ଭାବେ ଜେଲ୍‌ରେ ପ୍ରବେଶ କରିଥିଲେ । ଯଦିଚ ଏଥିପୂର୍ବରୁ କମ୍ୟୁନିଷ୍ଟ ନେତୃତ୍ୱରେ ପରିଚାଳିତ କୃଷକସଭା ନିର୍ଦ୍ଦେଶ ଅନୁସାରେ ଯୁଦ୍ଧବିରୋଧୀ ବକ୍ତୃତା ଦେଇ ସେଥିପୂର୍ବରୁ ଗିରଫ୍ ହୋଇ ଜେଲ୍ ଭୋଗି ସାରିଥିଲେ । x x x ପ୍ରାଣନାଥବାବୁ ଥିଲେ ଅନ୍ତରରେ କମ୍ୟୁନିଷ୍ଟ, କିନ୍ତୁ ବାହାର ଆଚରଣରେ ସେ ଥିଲେ ଯଥାର୍ଥ କୃଷକନେତା । ଭାରତବର୍ଷର ତତ୍କାଳୀନ ପରିସ୍ଥିତିରେ କଂଗ୍ରେସ ସଂଗଠନ ଭିତରେ ରହି କମ୍ୟୁନିଷ୍ଟ ଆଦର୍ଶକୁ ବଜାୟ ରଖିଥିବା ଅନେକ ମହାନ ନେତାମାନଙ୍କ ଭଳି ପ୍ରାଣନାଥବାବୁ ଦେଶପ୍ରେମୀ କାର୍ଯ୍ୟରେ ଲାଗିଥିଲେ ।"

Digitized by PPRACHIN, SOA

ବୈଷ୍ଣବୀୟ ଆଧ୍ୟାତ୍ମିକ- ରହସ୍ୟବାଦୀ ପ୍ରେମ ସମ୍ବନ୍ଧରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ପଦ୍ୟାଂଶ ଏଠି ଖୁବ୍ ପ୍ରାସଙ୍ଗିକ । କବି କହିଥିଲେ ।

"ବଡ କଠିନ ଏ ପ୍ରୀତି ପାଳିବା, ତୀକ୍ଷ୍ଣ ଅସିଧାରେ ପାଦ ଚାଳିବା.. ।" ଭାରତରେ ପ୍ରସିଦ୍ଧ କମ୍ୟୁନିଷ୍ଟ ନେତା ଡଃ: ଜେଡ୍.ଏ.ଅହମ୍ମଦ, ଡଃ: ଅସରଫ, ସୁନ୍ଦରାୟା ପ୍ରଭୃତିଙ୍କର ଏହିପରି ଭୂମିକା ଥିଲା, ଯେଉଁ ଭୂମିକାକୁ ପ୍ରାଣନାଥ ଆଦରି ନେଇଥିଲେ ।

ପ୍ରାଣନାଥଙ୍କର ଦେଶପ୍ରେମୀ କର୍ତ୍ତବ୍ୟ ପାଳନରେ କଠୋର ଅନୁଶାସନ ସାଙ୍ଗକୁ ଗରିବ ନିପୀଡିତ ଜନସାଧାରଣଙ୍କର ବଞ୍ଚିବାର ଦାବି ନେଇ ପଦକ୍ଷେପ ଠିକ୍ ଏହିପରି ଖଣ୍ଡା ଉପରେ ଚାଲିବା ପରି ଥିଲା । କିନ୍ତୁ ୧୯୪୨ ଅଗଷ୍ଟ ୯ ତାରିଖ ଯେଉଁଦିନ କଟକରେ ଭାରତର ମହାନ ବିପ୍ଳବୀ କୃଷକନେତା ସ୍ୱାମୀ ସରୋଜାନନ୍ଦ ସରସ୍ୱତୀଙ୍କ ଉପସ୍ଥିତିରେ ଚାନ୍ଦିନିଚୌକ ଛକରେ କମ୍ୟୁନିଷ୍ଟ ପାର୍ଟିର ଅଫିସ ଉଦ୍‌ଘାଟିତ ହେଲା । ସେଥିରେ ପଦଯାତ୍ରାରେ ପ୍ରାଣନାଥଙ୍କ ଯୋଗଦାନ ତାଙ୍କର କମ୍ୟୁନିଷ୍ଟ ପରିଚିତିକୁ ସ୍ପଷ୍ଟ କରି ଦେଇଥିଲା । କୃଷକ ସଭାର ନେତୃତ୍ୱ ନେଇ କମ୍ୟୁନିଷ୍ଟମାନଙ୍କ ସହିତ ତାଙ୍କର ଏକତ୍ର ଆନ୍ଦୋଳନ କରିବା ଓ ବିଭିନ୍ନ ପ୍ରଶ୍ନ ଉପରେ ତାଙ୍କର ଆଭିମୁଖ୍ୟରୁ ସେ ଯେ ବାମପନ୍ଥୀ ଜାତୀୟବାଦୀ ନେତା ଥିଲେ ତାହା ବହୁ ଆଗରୁ ଜଣାଥିଲା । କଂଗ୍ରେସରେ ଜବାହରଲାଲ ଓ ନେତାଜୀ ସୁଭାଷଚନ୍ଦ୍ରଙ୍କ ଛଡା ଅନ୍ୟ ଦକ୍ଷିଣ ପନ୍ଥୀ ନେତାମାନଙ୍କୁ ଏହା ଭଲ ଲାଗୁନଥିଲା । ଓଡିଶାରେ ଦକ୍ଷିଣପନ୍ଥୀ କଂଗ୍ରେସ ନେତାଙ୍କ ସଂଖ୍ୟା କମ୍ ନଥିଲା ।

ପ୍ରାଣନାଥ ବ୍ରହ୍ମପୁର ଜେଲ୍‌ରେ ଥିବା ବେଳେ ଯେଉଁ ବିଶିଷ୍ଟ ଘଟଣା ଘଟିଥିଲା ତାହା ଭିତରୁ ୧୯୪୩ ମଇ ପହିଲାରେ ଶ୍ରମିକ ଦିବସର ପାଳନ ଓ ଜାତୀୟବାଦୀ କବି ତଥା ସାହିତ୍ୟିକ ନିତ୍ୟାନନ୍ଦ ମହାପାତ୍ରଙ୍କର "ଲାଲପତାକାର ସଂଗୀତ"ଟି ଉଲ୍ଲେଖ ଯୋଗ୍ୟ ଥିଲା । ନିତ୍ୟାନନ୍ଦ ବାବୁ କଂଗ୍ରେସ ମତବାଦର ଥିଲେ ମଧ୍ୟ ତାଙ୍କର ସାମ୍ୟବାଦୀ ଆଦର୍ଶ ପ୍ରତି ଗଭୀର ଦରଦ ଥିଲା । ତେଣୁ ଅନବଦ୍ୟ ଏ କବିତା ଲେଖି ସେ ଗୋପନରେ କମ୍ୟୁନିଷ୍ଟମାନଙ୍କ ୯ ନମ୍ବର ୱାର୍ଡକୁ ପଠାଇଦେଲେ ଓ ସେ ଏହାର ରଚୟିତା ବୋଲି ପ୍ରକାଶ ନକରିବାକୁ ଅନୁରୋଧ କରିଥିଲେ । ସେ ସଂଗୀତରେ ସ୍ୱର ସଂଯୋଜନା କଲେ ମନମୋହନ ମିଶ୍ର ଓ ତାହା ମଇ ପହିଲା ସକାଳେ ଲାଲପତାକା ଉତ୍ତୋଳନ ଉତ୍ସବରେ ବୋଲା ଗଲା । ଅତୀବ ଶାଣିତ ଆବେଦନ ଥିଲା କବିତାଟିରେ । ତାର ପ୍ରଥମ ପଦଟି ଏଠାରେ ଦିଆଗଲା:-

"ଏଇ ଲାଲ ପତାକାର ତଳେ ହୁଅ ଆଗୁସାର, ଦୁନିଆର ବିଦଳିତ ଦଳେରେ
ଦଳେ ଦଳେ ଦଳେ ଦଳେରେ (ଘୋଷା)
ଯେ ରକତ ଝାଳ ହୋଇ ବହିଗଲା ଭୂଇଁରେ ସେ ତ ଆମ ଧୂର୍ଜଟୀ ଜଟାରେ
ଯେଉଁ ଲୁହ ଲହୁ ହୋଇ ପାଦଗଲା ଛୁଇଁରେ ଲାଲ ଆଖିର ଘନଘଟାରେ
ଉଠ ଜାଗ ଭୋକୀ ଶୋଷୀ ବନ୍ଦୀ

Digitized by PPRACHIN, SOA

ତୋ ଉଠର ଅନଳରେ ଜଳି ହେଉ ଛାରଖାର ଶୋଷଣର ପୁରାତନ ଫନ୍ଦି
ଜଳେ ଜଳେ ଜଳେ ଜଳେରେ ।”

କେତେ ପ୍ରାଣ କମ୍ପନକାରୀ ଥିଲା ଏହି କବିତା “ଉଠଜାଗ”, ଭୋକୀ ଶୋଷୀ ବନ୍ଦୀଙ୍କୁ ଏହି ଉଦ୍ଦୀପ୍ତ ଆହ୍ୱାନର ସଂଗୀତ ସବୁ ବିପ୍ଳବୀଙ୍କର ପ୍ରିୟଥିଲା । ଏହା ପ୍ରାଣନାଥଙ୍କ ଖୁବ୍ ପ୍ରିୟ ଗୀତ ଥିଲା । କେତେ ସଭାରେ ସେ ଅନୁରୋଧ ଓ ନିର୍ଦ୍ଦେଶ ଦେଇ ଲାଲ ପତାକାର ଗୀତକୁ ବୋଲାଉଛନ୍ତି । ଏବେ ମଧ୍ୟ ଏ ସଂଗୀତ ବୋଲା ଯାଉଛି । ନାଟକ, ସଂଗୀତ, ସଭା, ବୈଠକ ଓ ରାଜନୈତିକ ବିତର୍କର ପୀଠ ଥିଲା ସେବର ବ୍ରହ୍ମପୁର ଜେଲ୍ ।

ବ୍ରହ୍ମପୁର ଜେଲ୍‌ରେ ପ୍ରାଣନାଥ ଥିବାବେଳେ ସବୁଠାରୁ ମର୍ମନ୍ତୁଦ ଘଟଣା ଯାହା ଠିକ୍ ଅଚାନକ ବଜ୍ର ଭଳି ପଡିଥିଲା ତାହା ହେଉଛି ଓଡିଶାରେ ସାମ୍ୟବାଦୀ ଆନ୍ଦୋଳନର ଅଗ୍ରଦୂତ, ସବୁପ୍ରକାର ଗଣସଂଗ୍ରାମର ପୁରୋଧା ସହଯୋଦ୍ଧା ସାଥୀ ଭଗବତୀ ଚରଣଙ୍କର ୧୯୪୩ ଅକ୍ଟୋବର ୨୩ ତାରିଖ ଦିନ ଅକାଳ ମୃତ୍ୟୁର ସମ୍ବାଦ । ୧୯୪୩ଟି ଥିଲା ଦୁର୍ଭିକ୍ଷଗ୍ରସ୍ତ ଓଡିଶା ପାଇଁ ଅମା ଅନ୍ଧକାରମୟ କାଳ । ମୃତ୍ୟୁ କବଳରୁ ଜନସାଧାରଣଙ୍କୁ ରକ୍ଷା କରିବାପାଇଁ ବିଦେଶୀ ସରକାରଙ୍କର କିଛି ଉଦ୍ୟମ ନଥିଲା । ଭଗବତୀ ଚରଣ ଦୁର୍ଭିକ୍ଷଗ୍ରସ୍ତ ବାଲେଶ୍ୱର ଗସ୍ତସାରି ରିଲିଫ୍ ଅର୍ଥ ଧରି ଖାଦ୍ୟାଭାବ ପ୍ରପୀଡିତ ଗଞ୍ଜାମ ଗଲେ । ସେଠାରେ ରିଲିଫ୍ ଅର୍ଥର ଶେଷ ପଇସା ବି ଆର୍ତ୍ତ ଦୁସ୍ଥ ମଣିଷଙ୍କ ପାଇଁ ବିନିଯୋଗ କଲେ । ଶେଷକୁ କିଛି ଖାଦ୍ୟ ନପାଇ ଓ ଅସମୟରେ ଶୁଖିଲା ବରା ଗୁଲୁଗୁଲା ଖାଇ ପୀଡିତ ଅବସ୍ଥାରେ କଟକ ଫେରି ଆସିଲେ । କଟକ ବଡ ଡାକ୍ତରଖାନାରେ ତାଙ୍କର ରୋଗ କଲେରା ନା ଆମାଶୟ ତାର ନିଦାନ ହୋଇପାରିଲା ନାହିଁ । ଔଷଧ ବି ମିଳିଲା ନାହିଁ । ଶେଷକୁ ଅକ୍ଟୋବର ୨୩ ତାରିଖ ଦୀପାବଳୀ ବାସି ଦିନ ଏ ମହାନ ନେତା ଶେଷ ନିଶ୍ୱାସ ତ୍ୟାଗ କଲେ । ସାରା ଓଡିଶାରେ କ୍ରନ୍ଦନର ରୋଳ ଶୁଭିଲା । ନବକୃଷ୍ଣ ଚୌଧୁରୀ, ମୋହନ ଦାସ ଓ ପ୍ରାଣନାଥ ବାବୁ ଅକ୍ଟୋବର ୨୩ ତାରିଖ ରାତିରେ ଜେଲ୍‌ର ଉଚ୍ଚକର୍ମଚାରୀଙ୍କ ଠାରୁ ଏ ଦୁଃସମ୍ବାଦ ପାଇ ସାରିଥିଲେ । କାହାକୁ କିଛି ନକହି ପ୍ରାଣନାଥ ବାବୁ ଅସ୍ୱ ଭାବିକ ଭାବେ ସେଦିନ ରାତିରେ ଥିଲେ ନୀରବ ନିଶ୍ଚଳ । ମର୍ମବେଦନାରେ ସନ୍ତାପିତ ଥିଲା ତାଙ୍କର ମନ । ଅସତ୍ୟ ହୋଇଥାନ୍ତା କି ଏ ସମ୍ବାଦ । ତଥାପି ମନରେ ଆଶା ! ଅପେକ୍ଷା ରହିଲା ୨୪ ତାରିଖ ସକାଳ ସମ୍ବାଦପତ୍ରକୁ । ଯାହା ଅବିଶ୍ୱାସୀ ପ୍ରତୀତ ହେଉଥିଲା, ତାହା ମର୍ମଦାହୀ ସତ୍ୟରେ ପରିଣତ ହେଲା । ପ୍ରାତଃକର୍ମ ସାରି ନୀରବ ନିଶ୍ଚଳ ଯୋଗୀପରି ବସି ରହିଥିଲେ ପ୍ରାଣନାଥ । ଚାରିଆଡେ ଭଗବତୀ ବିୟୋଗ ଜନିତ କ୍ରନ୍ଦନର ରୋଳ । ସଂଧ୍ୟାର ସମବେତ ସଭାରେ ନବବାବୁଙ୍କ ନେତୃତ୍ୱରେ ସବୁ ରାଜବନ୍ଦୀଙ୍କର ଶୋକସଭା ହେଲା । ମାତ୍ର ପ୍ରାଣନାଥଙ୍କ ମନରେ ଦୁଃଖର ବିକ୍ଷୋଭିତ ଉର୍ମିମାଳା ଉଠୁଥାଏ ଦୁର୍ନିବାର ଭାବେ । ପୁରୀ ଜିଲ୍ଲାସ୍କୁଲରେ ଭଗବତୀଙ୍କ ସାନ୍ନିଧ ଠାରୁ ଆରମ୍ଭ କରି, ଏକତ୍ର କଂଗ୍ରେସ ସାମ୍ୟବାଦୀ ଦଳ, କୃଷକସଭା ଗଢିବା, କମ୍ୟୁନିଷ୍ଟ

Digitized by PPRACHIN, SOA

ପାର୍ଟିର ଗୋପନ ସେଲ୍ ଗଠନ, ଖୋର୍ଦ୍ଧା ନିର୍ବାଚନରେ ଭଗବତୀଙ୍କ କାର୍ଯ୍ୟ, ମାତାମଠର ଅଫିସ୍ ପଛ ଗଡିଆରୁ ରାତିରେ ଚୁନାମାଛ ଧରିବା ଏବଂ ଭଗବତୀଙ୍କର ମନୋମୁଗ୍ଧକର ଶାଣିତ ଉକ୍ତି, ତାଙ୍କ ଲେଖା, ପ୍ରାଣନାଥଙ୍କ ମାମଲାରେ ତାଙ୍କର ଡିଫେନ୍ସର ସଂଗଠନ ସବୁ ଚଳଚ୍ଚିତ୍ରର ଛବି ଭଳି ପ୍ରାଣନାଥଙ୍କ ମାନସପଟରେ ଭାସି ଆସୁଥାଏ । ହାୟ ଭଗବତୀ ତୁମେ କୁଆଡେ ଗଲ ! ହାହାକାର କରୁଥାଏ ପ୍ରାଣନାଥଙ୍କ ପ୍ରାଣ ଓ ମନ । ଖିଆପିଆ ନାହିଁ, ଖାଲି ପାଣି ପିଇବା ହେଉଥାଏ ।

ଏହି ଜେଲ୍‌ରେ ପ୍ରାଣନାଥ ପଢୁଥାନ୍ତି ପଶ୍ଚିମ ରଣକ୍ଷେତ୍ରରେ ସୋଭିଏଟ ଲାଲସେନାର ବିପୁଳ ଜୟଯାତ୍ରାର ସମ୍ବାଦ, ତ୍ୟାଗ, ବଳିଦାନ ଓ ସଂଗ୍ରାମର ବହୁ କାହାଣୀକୁ । ବର୍ଲିନ ପଥେ ମାଡି ଚାଲିଥାନ୍ତି ଲାଲସେନା, ଦେଶପରେ ଦେଶକୁ ମୁକ୍ତ କରୁଥାନ୍ତି 'ନାଜୀ ଜର୍ମାନୀର ଅକ୍ଟୋପାଶ କବଳରୁ' ।

ଏତିକିବେଳେ ୧୯୪୫ରେ ବିଲାତରେ ଜାଠ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲଙ୍କ ଦଳର ପରାଜୟ ଘଟି ଶ୍ରମିକ ଦଳର ନେତା ଅଟଲି ପ୍ରଧାନମନ୍ତ୍ରୀ ହୋଇ ଆସିଲେ । ତେଣୁ ଭାରତକୁ ସ୍ୱାଧୀନତା ଦେବା କଥାଟା ଜଳ ଜଳ ହୋଇ ବାସ୍ତବରୂପ ନେଇ ଆସୁଥାଏ । ମାତ୍ର ମୁସଲିମ୍ ଲିଗ୍ ଦେଶ ବିଭାଜନର ଦାବି କରୁଥାଏ । ଦୁନିଆ ସାରା ସମ୍ରାଜ୍ୟବାଦ-ଉପନିବେଶବାଦର ଅବସାନ ଦାବି ପ୍ରବଳତର ହେଉଥାଏ । ଏପରି ଅବସ୍ଥାରେ ଭାରତର ସମସ୍ତ ସ୍ୱାଧୀନତା-ସଂଗ୍ରାମୀମାନଙ୍କୁ ବନ୍ଦିଶାଳାରୁ ମୁକ୍ତ କରିବା ଓ ଦେଶରେ ଦାୟିତ୍ୱମୂଳକ ସରକାର ଗଠନ ପାଇଁ ନିର୍ବାଚନ କରାଇବା ନିଷ୍ପତ୍ତି ବ୍ରିଟିଶ ସରକାର ନେଲା । ୧୯୪୫ରେ ପ୍ରାଣନାଥ ବ୍ରହ୍ମପୁର ଜେଲ୍‌ରୁ ଖଲାସ ହେଲେ ଓ ଅବିଳମ୍ବେ ଚାଲିଲେ ପ୍ରିୟ ଖୋର୍ଦ୍ଧା ମାଟିକୁ । ମାତ୍ର ସାମାଜିକ ଅର୍ଥନୈତିକ ଅବସ୍ଥା ଆହୁରି ସଂଗୀନ - ଭୟାନକ ଥିଲା । ପ୍ରାଣନାଥ ଦୀର୍ଘ କାରାବାସରୁ ମୁକ୍ତ ହେଲେ । ମାତ୍ର ସାମନାରେ ମାଡି ଆସୁଥିଲା ଏକ କର୍ତ୍ତବ୍ୟର ଗମ୍ଭୀର ଡାକରା ।

■■■

Digitized by PPRACHIN, SOA

ଏକାଦଶ ଅଧ୍ୟାୟ

ସୂର୍ଯ୍ୟୋଦୟର ପୂର୍ବରୁ ଓ ପରେ...

୧୯୪୫ ମସିହାର ଶେଷ ଭାଗ ପୂର୍ବରୁ ପ୍ରାଣନାଥ ପଟ୍ଟନାୟକ ଓ ଅନ୍ୟ ସ୍ୱାଧୀନତା ସଂଗ୍ରାମୀମାନେ ଜେଲ୍‌ରୁ ଖଲାସ ହେଲେ। ପ୍ରାଣନାଥ ଫେରି ଆସିଲେ ପ୍ରିୟ ମାଟି ଖୋର୍ଦ୍ଧାକୁ। ଦ୍ୱିତୀୟ ମହାଯୁଦ୍ଧ, ମିତ୍ର ପକ୍ଷଙ୍କର ବିଜୟରେ ସାଙ୍ଗ ହୋଇଥାଏ। ଦୁର୍ଦ୍ଧର୍ଷ ନାଜୀ ବାହିନୀକୁ ପରାସ୍ତ କରି ସୋଭିଏତ୍‌ର ଲାଲସେନା ବର୍ଲିନ୍‌ରେ ଥାର୍ଡ୍ ରାଇଚ୍‌ର ଅହମିକାର ସ୍ମାରକୀ ରାଇଚ୍‌ଷ୍ଟାଗ୍ ଉପରେ ରକ୍ତ ନିଶାଣ ଉଡ଼ାଇଥାନ୍ତି। ହିଟଲର୍-ଗୋବେଲସ୍ ପରାଜୟର ଗ୍ଲାନି ଭୟରେ ଆତ୍ମହତ୍ୟା କରିଥାନ୍ତି। ମୁସୋଲିନୀ ପରାସ୍ତ ହୋଇ ପଳାୟନ କଲାବେଳେ ମିଲାନ୍ ରାସ୍ତାରେ ବାମପନ୍ଥୀ ସଶସ୍ତ୍ର ପାର୍ଟିସାନ୍‌ମାନଙ୍କ ଦ୍ୱାରା ଧରା ହୋଇ ସହରର ଛକରେ ସହସ୍ର ଗୁଳିରେ ମହୁଫେଣା ପରି ଗୁଳିବିଦ୍ଧ ହୋଇ ମୃତ୍ୟୁ ଲଭିଥାନ୍ତି। ଆଉ ଜାପାନ୍ ପରାସ୍ତ ହେଉଥିବା ବେଳେ ନିଜର ସାମ୍ରାଜ୍ୟବାଦୀ ବଡ଼ିମା ଦେଖାଇ ମାର୍କିନ ଯୁକ୍ତରାଷ୍ଟ୍ର ତାର ଦୁଇ ନଗରୀ ହିରୋସିମା ଓ ନାଗାସାକି ଉପରେ ପରମାଣୁ ବୋମା ପକାଇ ଲକ୍ଷ ଲକ୍ଷ ଲୋକଙ୍କର ଗଣ ସଂହାର କରିଥିଲା। ଅସଂଖ୍ୟ ମୁମୂର୍ଷୁ, ଆହତ, ମୂର୍ଚ୍ଛିତ ଜନସାଧାରଣଙ୍କ ଆର୍ତ୍ତନାଦରେ ପ୍ରଶାନ୍ତ ମହାସାଗର ତଟ ଉଛୁଳି ଉଠିଥିଲା। ବିଶ୍ୱର ଷଡ଼ ମହାଦେଶର ସବୁ ଦେଶରେ "ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ", "ପରମାଣୁ ବୋମା ବନ୍ଦକର" ଧ୍ୱନିରେ ମୁଖରିତ ହୋଇ ଉଠିଥିଲା ବିଶାଳ ପଟୁଆର ସହ। ବିଶ୍ୱଶାନ୍ତି ପାଇଁ ପ୍ରାଣନାଥଙ୍କ ଅସୀମ ଅଙ୍ଗୀକାର ଥିଲା। ଲାଲସେନାର ଅତୁଳ ବୀରତ୍ୱରେ ସେ ଚମତ୍କୃତ ହୋଇଥିଲେ।

ପ୍ରାଣନାଥ ଜେଲ୍‌ଖାନା ଭିତରେ ମଧ୍ୟ ଏ ସମସ୍ତ ଆନ୍ତର୍ଜାତିକ ଘଟଣାବଳୀ ଉପରେ ଟିକିନିଖି ଖବର ରଖୁଥିଲେ। ଷ୍ଟାଲିନ୍ ଗ୍ରାଡ଼ର ଦୁର୍ଜୟ ପ୍ରତିରୋଧ, ସଂଗ୍ରାମୀ ଲେନିନ୍ ଗ୍ରାଡ୍‌ର ଅବରୋଧରୁ ମୁକ୍ତି ଓ ମସ୍କୋର ପ୍ରତିରୋଧ ସଂଗ୍ରାମ କ୍ଷେତ୍ରରୁ ବିଜୟୀ ହୋଇ ଅଗ୍ରସର ଲାଲସେନା ନାରକୀୟ ନାଜୀ ଜର୍ମାନୀର କନ୍‌ସେନ୍‌ଟ୍ରେସନ୍ କ୍ୟାମ୍ପ୍ ଓ ଗ୍ୟାସ

Digitized by PPRACHIN, SOA

ଚେମ୍ବରରୁ ଅୟୁତ ଅୟୁତ ବନ୍ଦୀଙ୍କୁ ମୁକ୍ତ କରି ନାଜୀ ସାମରିକ ଆସ୍ଥାଳନକୁ ଟୁକୁରା ଟୁକୁରା କରି କିପରି ନିଜ ଦେଶ ସମେତ ସମସ୍ତ ପୂର୍ବ ୟୁରୋପ ଓ କେନ୍ଦ୍ର ୟୁରୋପକୁ ମୁକ୍ତ କରିଥିଲେ, ତାହା ଆନ୍ତର୍ଜାତୀୟବାଦୀ, ଜାତୀୟବାଦୀ କ୍ରାନ୍ତିକାରୀ ନେତା ପ୍ରାଣନାଥଙ୍କୁ ଆନନ୍ଦ ଦେଇଥିଲା । ଭାରତ ପରାଧୀନତାର ଜଞ୍ଜିରକୁ ଛିଡ଼ାଇ ମୁକ୍ତ ହେବ, ସ୍ୱାଧୀନ ଦେଶ ହେବ-ଏ ବିଶ୍ୱାସ ତାଙ୍କ ଭିତରେ ବଳବତ୍ତର ଥିଲା । ମାତ୍ର ଦେଶ ଭିତରେ ଶୋଷକ ଖଳଶକ୍ତିର ପରିଚାୟକ ହିନ୍ଦୁ-ମୁସଲମାନ ସାଂପ୍ରଦାୟିକ ଭ୍ରାତୃହତ୍ୟାର ସମ୍ବାଦ ତାଙ୍କୁ ମର୍ମାହତ କରିଥିଲା । କଲିକତା, ପଞ୍ଜାବ ଓ ନୂଆଖାଲି ଦଙ୍ଗାର ଖବର ତାଙ୍କୁ ବିବ୍ରତ କରୁଥିଲା । ବ୍ରିଟେନ୍‌ରେ ଜାତୀୟ ଦଳ ନିର୍ବାଚନରେ ପରାସ୍ତ ହୋଇ (ଯାର ନେତା ଥିଲେ ନିଆଁଗିଳା ସାମ୍ରାଜ୍ୟବାଦୀ ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ୍) ଶ୍ରମିକ ଦଳ କ୍ଷମତାକୁ ଆସିଲା ପରେ ଭାରତକୁ ସ୍ୱାଧୀନତା ଦେବାର ପ୍ରକ୍ରିୟା ଚଳାଇବା ପାଇଁ ଏକ କ୍ୟାବିନେଟ୍ ମିଶନ୍ ପଠାଇଲେ, ଯାହା କଂଗ୍ରେସ ଓ ମୁସଲିମ ଲିଗ୍ ସମେତ ସମସ୍ତ ମୁଖ୍ୟ ରାଜନୈତିକ ଦଳର ନେତାମାନଙ୍କ ସହ କଥାବାର୍ତ୍ତା ଚଳାଇଲା । ବିଭିନ୍ନ ଉପନିବେଶର ଗଣବିପ୍ଳବ ଓ ଭାରତରେ ନିରବଚ୍ଛିନ୍ନ ସ୍ୱାଧୀନତା ସଂଗ୍ରାମ, ଆଜାଦ୍ ହିନ୍ଦ୍ ଫୌଜର ବୀରଗାଥା ଓ ଆଇ.ଆଇ.ଏନ୍ ମ୍ୟୁଟିନି(ନୌବାହିନୀ ବିଦ୍ରୋହ) ବ୍ରିଟିଶ୍ ଶାସକଙ୍କୁ ଚେତାଇ ଦେଲା ଯେ, ସେମାନଙ୍କ ଶାସନକାଳର ଦିନ ସରି ଆସୁଛି । ଚୀନ୍‌ରେ କମ୍ୟୁନିଷ୍ଟଙ୍କ ନେତୃତ୍ୱରେ ଚାଲିଥିବା ପ୍ରଖର ମୁକ୍ତିସଂଗ୍ରାମ ଓ ପୂର୍ବ ୟୁରୋପରେ ସୋଭିଏତ୍ ନେତୃତ୍ୱରେ ଶକ୍ତିଶାଳୀ ଆନ୍ଦୋଳନ ସେମାନଙ୍କ ଭିତରେ ଭୀତି ସଞ୍ଚାର କରିଥିଲା ।

ଭାଇସ୍‌ରାୟ ଲର୍ଡ଼ ଓ୍ୱାଭେଲଙ୍କ ସ୍ଥାନରେ ଲର୍ଡ଼ ମାଉଣ୍ଟବ୍ୟାଟେନ୍ ଗଭର୍ଣ୍ଣର ଜେନେରାଲ୍ ହୋଇ ଭାରତ ଆସିଲେ । ତାଙ୍କର କୂଟନୀତି ଥିଲା ଭାରତକୁ ଭାଗ ଭାଗ କରି ସ୍ୱାଧୀନତା ଦେବା । ମାତ୍ର ଦେଶକୁ ''ଦ୍ୱି-ଜାତିକ ତତ୍ତ୍ୱ'' ଅନୁସାରେ ଭାରତ ଓ ପାକିସ୍ଥାନ ନାମରେ ବଣ୍ଟାଆର଼ା କରି ସ୍ୱାଧୀନତା ପାଇବାକୁ ମହାତ୍ମା ଗାନ୍ଧୀ ଓ ଅନେକ ଜାତୀୟ ନେତା ବିରୋଧ କରୁଥିଲେ । ମାତ୍ର ନେହେରୁ ପଟେଲ ଏଥିପାଇଁ ବ୍ୟଗ୍ର ଥିଲେ । ପ୍ରାଣନାଥଙ୍କ ପାର୍ଟି ସେତେବେଳକୁ ଖୋଲାଖୋଲି ଭାବେ କମ୍ୟୁନିଷ୍ଟ ପାର୍ଟି ହୋଇସାରିଥିଲା । କୃଷକ, ଶ୍ରମିକ ଆନ୍ଦୋଳନରେ ନେତୃତ୍ୱ ଓ ମାର୍କ୍ସବାଦ୍‌ରେ ଅବିଚଳ ବିଶ୍ୱାସ ତାଙ୍କର ଯଥାର୍ଥ ପରିଚିତିକୁ ପ୍ରକାଶ କରିଥିଲା । ଜାତୀୟ ଆନ୍ଦୋଳନରେ ଏତେ ସ୍ୱାର୍ଥତ୍ୟାଗ, କ୍ଲେଶ, ଯନ୍ତ୍ରଣା ବରଣ କରିଥିବା, ଖୋଦ୍ ୧୯୪୨ରେ (ଯେଉଁଥି ପାଇଁ କମ୍ୟୁନିଷ୍ଟଙ୍କୁ ଦୋଷ ଦିଆଯାଏ) ଗିରଫ ହୋଇ ଦୀର୍ଘଦିନ କାରାବାସ ଭୋଗ କରିଥିବା ପ୍ରାଣନାଥ ଓ କଂଗ୍ରେସ ଭିତରେ ଥିବା ତାଙ୍କର ସହଯୋଦ୍ଧା ବାମପନ୍ଥୀ ନେତାମାନଙ୍କୁ କଂଗ୍ରେସରୁ ଅନ୍ୟାୟ ଭାବରେ ବାହାର କରିଦିଆଯାଇଥିଲା । ମାତ୍ର କମ୍ୟୁନିଷ୍ଟ ପାର୍ଟି ଏକ ଧର୍ମଭିତ୍ତିକ ବିଖଣ୍ଡ ସ୍ୱାଧୀନ ଭାରତ ବର୍ଷ ଚାହୁଁନଥିଲା । ଓଡ଼ିଆ କବି ଶଶୀ ପଟ୍ଟନାୟକ କବିତାରେ ଲେଖିଥିଲେ- ''ହିନ୍ଦୁ ମୁସଲମାନ ହୋ ଆମେ ହିନ୍ଦୁ ମୁସଲମାନ, ଏକ ମାଟିର ମଣିଷ ଆମେ ଏକ ମାଆ ସନ୍ତାନ......'' । ଦେଶର ବିଭାଜନ କମ୍ୟୁନିଷ୍ଟ ପାର୍ଟି ଚାହିଁନଥିଲା ।

Digitized by PPRACHIN, SOA

ବିଶ୍ୱ ଓ ଭାରତ ଏକ ମୋଡ଼ ପରିବର୍ତ୍ତନକାରୀ ସମୟରେ ପହଞ୍ଚିଥିବା ବେଳେ ପ୍ରାଣନାଥ ବାବୁ ସ୍ପଷ୍ଟ ଦେଖିପାରୁଥିଲେ ଦେଶର ଶାସନ କ୍ଷମତା କେଉଁ ଶ୍ରେଣୀ ହାତକୁ ଯାଉଛି। ବ୍ରହ୍ମପୁର ଜେଲ୍‌ରେ ଜାତୀୟ କବି ବୀରକିଶୋର ଦାସ, ଯାହାଙ୍କୁ ପ୍ରାଣନାଥ ଶ୍ରଦ୍ଧାରେ 'ଅଜା' ବୋଲି ଡାକୁଥିଲେ, ତାଙ୍କର ଅନବଦ୍ୟ କବିତାର ଅଂଶ ତାଙ୍କ ମନରେ ଆସୁଥାଏ। ସ୍ମରଣ କରାଯାଇପାରେ ଏ ଐତିହାସିକ ଗୀତର ନାମ-"ତୁମେ କେତେଜଣ ଜୀବନକୁ ପାଣି ଛଡ଼ାଇ ନଦେଲେ ଚଳିବ କି ? -ଧନୀ ମହାଜନ ରାଜା ଜମିଦାର, ତ୍ୟାଗ ମାଳି ଧରି ହୋଇବେ ବାହାର, ଗେରୁଆ ବସନ, ମଧୁର ବଚନ ଶୁଣି ନିଜ ନୀତି ଭୁଲିବ କି ?...." ଧନ୍ୟ ଜାତୀୟ କବି ! ଧନ୍ୟ ତୁମର ପୂରୋଦୃଷ୍ଟି ! ସ୍ୱାଧୀନ ଭାରତ ସମ୍ବନ୍ଧରେ ତୁମ ଆଶଙ୍କା ଠିକ୍। ମାତ୍ର ଦେଶର ସ୍ୱାଧୀନତା ସାଙ୍ଗକୁ ଅର୍ଥନୈତିକ ସ୍ୱାଧୀନତା ଓ ନ୍ୟାୟର ରାଜ୍ୟ ପ୍ରତିଷ୍ଠା ପାଇଁ ପ୍ରାଣନାଥ ଲାଗି ପଡ଼ିଥିଲେ। ଜେଲଖାନାରୁ ଫେରି ସେ ନିଜର ସହଯୋଦ୍ଧା ରାୟ ଚୂଡ଼ାମଣି, ପରଶୁରାମ ପଦାତିକରାୟ, ଗଙ୍ଗାଧର ପାଇକରାୟ, ରଘୁନାଥ ପଟ୍ଟନାୟକ ଓ ଲକ୍ଷ୍ମଣ ପଟ୍ଟନାୟକ ପ୍ରମୁଖଙ୍କୁ ଧରି ଖୋର୍ଦ୍ଧା, ଜଟଣୀ, ଚନ୍ଦକା, ବେଗୁନିଆ, ଟାଙ୍ଗୀ, ବାଲୁଗାଁ ଆଦି ଅଞ୍ଚଳ ବୁଲିଥିଲେ। ୧୯୪୨-୪୩ ଦୁର୍ଭିକ୍ଷର ଦୁଃସହ ଚିତ୍ରର କଳାଛାଇ ସର୍ବତ୍ର ବିଦ୍ୟମାନ ଥିବାର ଦେଖିଲେ। ସେହି ମରୁଡ଼ି ଖାଦ୍ୟାଭାବ, ଜଳକଷ୍ଟ, ବେକାରୀ, ଦାରିଦ୍ର୍ୟ, ବ୍ୟାଧି, ସାହୁକାର ଜମିଦାର ମହନ୍ତ କୁଳର ଶୋଷଣ ଶାସନ ବଳବତ୍ତର ରହିଥାଏ। କମ୍ୟୁନିଷ୍ଟ ସଂହତିର ପ୍ରତୀକ ଭାବେ ବୋଲଗଡ଼-ବେଗୁନିଆର ସାଥୀମାନେ କିପରି ଶଗଡ଼ରେ ଧାନଚାଉଳ ଆଣି ଚନ୍ଦକାରେ ଭୋକିଲା ଜନସାଧାରଣଙ୍କୁ ସାହାଯ୍ୟ କରିଥିଲେ, ତାହାତ ସେ ଜେଲ୍ ଭିତରେ ଜାଣିଥାନ୍ତି। ତେଣୁ ଜେଲ୍‌ଖାନାରୁ ଫେରି ଅନାହାରୀ ଜନସାଧାରଣଙ୍କୁ ଖାଦ୍ୟ ଓ କାମ ଦିଅ—ଏହି ଦାବି ଉପରେ ଭୋକିଲା ପଟୁଆର ଓ ସଭା ସମିତି କରିବାରେ ପ୍ରାଣନାଥ ଓ ତାଙ୍କର ସହକର୍ମୀମାନେ ଲାଗି ପଡ଼ିଲେ। ପୁରୀ ଜିଲ୍ଲାର ସର୍ବତ୍ର କୃଷକ ସଭା ଜରିଆରେ କୃଷକମାନଙ୍କୁ ସଙ୍ଗଠିତ କରିବା ଓ ଏକ ବିପ୍ଳବୀ ପାର୍ଟିର ସଂଗଠନକୁ ଗଢ଼ି ତୋଳିବାରେ ସେ ନିଜର ସମୟକୁ ନିୟୋଜିତ କଲେ। ତା'ଛଡ଼ା ଖୋର୍ଦ୍ଧାରୋଡ଼ରେ କାମ କରୁଥିବା ରେଳବାଇ ଶ୍ରମିକ, ଜାଜୋଡିଆ ଧାନକଳ ଓ ବାଲୁଗାଁ ବରଫ କଳର ଶ୍ରମିକମାନଙ୍କୁ ସଂଗଠିତ କରିବାରେ ପ୍ରାଣନାଥ ଅବଦାନ ଦେଇଥିଲେ। ରାଜନୈତିକ ମତେଦ୍ୱୈଧ ଯୋଗୁଁ କମ୍ୟୁନିଷ୍ଟ ପାର୍ଟି ଉପରେ ହେଉଥିବା ଆକ୍ରମଣକୁ ସେ ହିଂସାରେ ମୁକାବିଲା ନକରି ସାଙ୍ଗଠନିକ ଶକ୍ତି ଓ ପ୍ରବଳ ଜନସମର୍ଥନ ବଳରେ ପ୍ରତିରୋଧ କରିଥିଲେ। ଖୋର୍ଦ୍ଧାର ଚାଷୀ, ମୂଲିଆ, ଯୁବକ ତାଙ୍କୁ ପ୍ରାଣଠାରୁ ଭଲ ପାଉଥିଲେ। ଗଣଶକ୍ତି ବଳରେ ପ୍ରାଣନାଥ ଥିଲେ ବଳୀୟାନ୍।

୧୯୪୫-୧୯୪୬ରେ ଓଡ଼ିଶାରେ ଏକ ନୂତନ ବିଧାନସଭା ପାଇଁ ସାନି ନିର୍ବାଚନ ହେଲା। କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ପ୍ରବୀଣ ଶ୍ରମିକନେତା ବୈଦ୍ୟନାଥ ରଥ ସାରା ଓଡ଼ିଶାର ଶ୍ରମିକ ନିର୍ବାଚନ ମଣ୍ଡଳୀରୁ ବିଧାନସଭା ପାଇଁ ପ୍ରାର୍ଥୀ ହେଲେ। ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ

Digitized by PPRACHIN, SOA

ଥିଲେ ଭଦ୍ରକର କଂଗ୍ରେସ ନେତା ମହମ୍ମଦ ହନିଫ୍ । ତେଣୁ ପ୍ରାଣନାଥ ପଟ୍ଟନାୟକ ଓ ଗୋକୁଳମୋହନ ରାୟଚୂଡ଼ାମଣି ପ୍ରମୁଖଙ୍କ ନେତୃତ୍ୱରେ ଜଟଣୀର ରେଲବାଇ ଶ୍ରମିକ, ଜାଜୋଡ଼ିଆ ଧାନକଳର ଶ୍ରମିକ ଓ କାଲୁଗାଁ ବରଫ କଳର ଶ୍ରମିକମାନଙ୍କ ଭିତରେ କମ୍ୟୁନିଷ୍ଟ ପାର୍ଟିର ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଅଭିଯାନ ଚାଲିଲା । ତେଣେ ବ୍ରଜରାଜନଗର କାଗଜକଳ ଓ ଅନ୍ୟ ଶ୍ରମିକମାନଙ୍କ ଭିତରେ ମଧ୍ୟ ଏହି କାର୍ଯ୍ୟ ଚାଲିଲା । ଜଟଣୀ ପାଖ କୁଦିଆରୀ ଠାରେ ପ୍ରାଣନାଥ ଏକ କ୍ୟାମ୍ପ୍ କରି ନିର୍ବାଚନ ପ୍ରଚାର ଚଳାଇଲେ । ଜନସାଧାରଣଙ୍କ ଠାରୁ ଟଙ୍କା ଚାଉଳ ଆଦାୟ କରି ସେଥିରେ କ୍ୟାମ୍ପ୍ ଖର୍ଚ୍ଚ ଓ ନିର୍ବାଚନ ଖର୍ଚ୍ଚ ତୁଲା ଯାଉଥିଲା । ଶେଷରେ ବୈଦ୍ୟନାଥ ରଥ ବିଧାନସଭାକୁ ନିର୍ବାଚିତ ହେଲେ ଓ ଏକ ବିଚକ୍ଷଣ ପାର୍ଲ୍ୟାମେଣ୍ଟାରିଆନ୍ ଭାବେ ପ୍ରତିଷ୍ଠା ଅର୍ଜନ କରିଥିଲେ । ପୁରୀର ମାହାର ୟୁନିଅନ୍‌ର ସଭ୍ୟମାନେ, ଯେଉଁମାନେ କମ୍ୟୁନିଷ୍ଟ ପ୍ରାର୍ଥୀଙ୍କୁ ସମର୍ଥନ କରିଥିଲେ, ସେମାନଙ୍କର ଚାକିରିରେ ସ୍ଥାୟିତ୍ୱ ପାଇଁ ଅଧିକ ଦରମା ପାଇଁ ଆନ୍ଦୋଳନ ଚଳାଇଲେ । ଆନ୍ଦୋଳନ ପୁରୋଭାଗରେ ମହିଳା ଶ୍ରମିକ ରହିଥିଲେ । ଏହି ଆନ୍ଦୋଳନ ଶେଷକୁ ଜିତିଲା ।

ଏହି ସମୟର ଏକ ଉଲ୍ଲେଖଯୋଗ୍ୟ ଘଟଣା ଥିଲା– କନିକା ରାଜାର ଜମିଦାରୀ କଟକ ଜିଲ୍ଲାର ପଟିଆ(ଏବେ ପୁରୀ ଜିଲ୍ଲାର) ଠାରେ କୁଆଖାଇ ନଦୀର ଗ୍ରାସରେ ହଜାର ହଜାର ଏକର ଜମି ବାଲିଚର ହେବା ଯୋଗୁଁ ସେହି ବିପଦ ବିରୋଧରେ କମ୍ୟୁନିଷ୍ଟ ପାର୍ଟିର ସ୍ୱେଚ୍ଛାସେବକ ଓ ପଟିଆବାସୀଙ୍କ ଉଦ୍ୟମରେ ପାଞ୍ଚ ମାଇଲବ୍ୟାପୀ ପଟିଆ ବନ୍ଧ ନିର୍ମିତ ହୋଇଥିଲା । ରାମକୃଷ୍ଣ ପତି, ବୈଦ୍ୟନାଥ ରଥ, ରାମଚନ୍ଦ୍ର ମିଶ୍ର, ଦୁଃଶାସନ ଜେନା, ଅବ୍‌ଦୁଲ କାଦର୍, ପ୍ରହ୍ଲାଦ ଜେନା, ନାଥ ସ୍ୱାଇଁ, ପରଶୁରାମ ଦାସ ଓ ଖୋଦ୍ ପଟିଆବାସୀ ଅସମ୍ଭବକୁ ସମ୍ଭବ କରିଥିଲେ । ୧୯୪୬ ଫଗୁଦଶମୀ ଦିନକୁ ପଟିଆ 'ବନ୍ଧ ଦଶମୀ' ରୂପେ ପାଳନ କରାଗଲା, ଯେଉଁ ଦିବସରେ ହୋଇଥିବା ସମାବେଶରେ ପ୍ରାଣନାଥ ବାବୁ ଏବଂ ରାଜ୍ୟର ଅନ୍ୟ ସାମ୍ୟବାଦୀ ନେତାମାନେ ଏକଜୁଟ୍ ହୋଇଥିଲେ ଓ ମୁଣ୍ଡରେ ମାଟି ବୋଝ ଲଦି ବନ୍ଧ ଉପରେ ପକାଇଥିଲେ । -"ଚଳା କୋଦାଳ ଚଳା କୋଦାଳ, ପଟିଆ ବନ୍ଧେ ଛନ୍ଦେ ଛନ୍ଦେ ଭରିଦେ ମାଟି ନାଳ," x x x ଗୀତରେ କାମ ଚାଲିଥିଲା । ଜଟଣୀ ନିକଟବର୍ତ୍ତୀ ଡ଼େଲାଙ୍ଗ ଥାନାର ଦୋସୀମାଳିରେ ଥିବା କାକୁଡ଼ିଆ ଠାରେ କେତକୀ ଝରର ବନ୍ୟାରେ ସ୍ଥାନୀୟ ଚାଳିଶ ପଚାଶଟି ଗ୍ରାମର ଜନସାଧରଣ ନାହିଁନଥିବା ଦୁର୍ଦ୍ଦଶା ଭୋଗୁଥିଲେ । କେତକୀ ଝରରେ ପାଣି ମାଡ଼ିଆସି ଧାନ ବିଲରେ ଜମିରହି ଚାଷୀମାନଙ୍କର ଫସଲକୁ ନଷ୍ଟ କରୁଥିଲା । ବନ୍ୟାପରେ ଜମିଗୁଡ଼ିକ ଉପରେ ବାଲି ଚଢ଼ି ବାଲୁଚର ହୋଇଯାଇଥିଲା । ସରକାରଙ୍କ ପାଖରେ ବହୁ ଆବେଦନ ନିବେଦନ କରିବା ସତ୍ତ୍ୱେ ଏହି ବିପଦର କୌଣସି ପ୍ରତିକାର ହୋଇପାରିଲା ନାହିଁ । ପ୍ରାଣନାଥ ଓ ତାଙ୍କର ବନ୍ଧୁମାନେ ଏହି ସମସ୍ୟାକୁ ଠିକ୍ ଭାବରେ ଅନୁଧ୍ୟାନ କରି କାକୁଡ଼ିଆ ଠାରେ କେତକୀ ଝରର ପାଣିକୁ ଅଟକାଇବା ପାଇଁ ଏକ ବନ୍ଧ ନିର୍ମାଣର ନିଷ୍ପତ୍ତି ନେଲେ

Digitized by PPRACHIN, SOA

ଓ ଯୋଜନା କଲେ । ସରକାରୀ କଳର ବିନା ସାହାଯ୍ୟରେ ଏପରି ଏକ କାର୍ଯ୍ୟ କରିବା ଦୁଃସାଧ୍ୟ ଥିଲା । ମାତ୍ର ପ୍ରାଣନାଥଙ୍କ ନିଷ୍ପତ୍ତି ଥିଲା ଅଟଳ । ପ୍ରାଣନାଥଙ୍କ ସହିତ ଗୋକୁଳଦା, ସାଧୁଚରଣ ମହାନ୍ତି, ନିରଞ୍ଜନ ଜଗଦ୍ଦେବ ପ୍ରଭୃତି ସାଥୀଙ୍କ ପ୍ରତ୍ୟକ୍ଷ ଯୋଗଦାନ ଓ ସ୍ଥାନୀୟ ଜନସାଧାରଣଙ୍କ ଅକ୍ଲାନ୍ତ ପରିଶ୍ରମ ଫଳରେ କାକୁଡ଼ିଆ ବନ୍ଧ ତିଆରି ହୋଇପାରିଲା । ଶହ ଶହ ଏକର ଜମିରେ ପାଣି ଜମିବା ପରିବର୍ତ୍ତେ ଏକ ଛୋଟକାଟ୍ ଆନିକଟ୍ ଫଳରେ ଜଳାଭାବ ଦିନରେ ଉଦ୍‌ବୃତ୍ତ ପାଣିକୁ ମଧ୍ୟ ଉପଯୋଗ କରାଯାଇ ପାରିଲା । ଏବେ ମଧ୍ୟ ସେ ଅଞ୍ଚଳରେ ବୁଢ଼ା ଲୋକମାନେ, ଯେଉଁମାନେ ସେତେବେଳେ ପିଲା ଥିଲେ, ଶ୍ରଦ୍ଧା ଓ ସମ୍ମାନର ସହ ପ୍ରାଣନାଥଙ୍କ ସାହସିକ କାର୍ଯ୍ୟକୁ ସ୍ମରଣ କରନ୍ତି । ରଚନାତ୍ମକ କାର୍ଯ୍ୟ ଓ ଆତ୍ମବିଶ୍ୱାସର ଏହା ଥିଲା ପରିଚୟ ।

ଏହି ସମୟରେ ପ୍ରାଣନାଥ ଆଉ ଏକ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିଥିଲେ । ତାହା ହେଲା ତିରିମଲ୍ଲ, ତରାବୋଇ ଓ ଜଟଣୀର ବ୍ୟାପକ ଅଞ୍ଚଳରେ ବହୁ ସଂଖ୍ୟାରେ ଥିବା ଗରିବ ବୁଣାକାରମାନଙ୍କ ବଞ୍ଚିବାର ଉତ୍କଟ ସମସ୍ୟାକୁ ସମାଧାନ କରିବା । ସୂତା, ରଙ୍ଗ କିଛି ନପାଇ ଏମାନେ ଦୁଃଖ ଦାରିଦ୍ର୍ୟରେ ସଢ଼ି ମରୁଥିଲେ । ପ୍ରାଣନାଥ ସେମାନଙ୍କୁ ଏକତ୍ର ବସାଇ ସଙ୍ଗଠିତ କଲେ । ସଙ୍ଗଠନର ନାମ ହେଲା । 'ବୁଣାକାର ସଙ୍ଘ' । ସେମାନଙ୍କୁ ଟଙ୍କା ଋଣ ଦେଇ କଡ଼ା ସୁଧ ଆଦାୟ କରୁଥିବା ମହାଜନ ଦାଉରୁ ସେମାନଙ୍କୁ ରକ୍ଷା କରିବାର ବ୍ୟବସ୍ଥା ହେଲା । ଏହା ରୀତିମତ୍ ଏକ ଶ୍ରେଣୀ ଆନ୍ଦୋଳନ ଥିଲା । ବୁଣାକାରମାନେ ଅଳ୍ପ ସୁଧରେ ସୂତା, ରଙ୍ଗ ଓ ଟଙ୍କା ପାଇ ଲୁଗା ବୁଣିଲେ ଓ ବଜାରରେ ତାହା ବିକ୍ରୟ ହେବାର ବ୍ୟବସ୍ଥା କରାଗଲା । ବୁଣାକାରକୁଳ ଶୋଷଣ ଓ ଦାରିଦ୍ୟରୁ ରକ୍ଷା ପାଇଲେ । ଆଜି ଭାରତ ଏବଂ ଓଡ଼ିଶାରେ ବୁଣାକାର ଓ ରଙ୍ଗଣୀମାନଙ୍କର ଅବସ୍ଥା ଖୁବ୍ ଶୋଚନୀୟ । ମାତ୍ର ତାର ସାମଧାନ ପାଇଁ ଆଉ ପ୍ରାଣାନାଥ ନାହାନ୍ତି । ଏହା ଥିଲା ତାଙ୍କର ଗ୍ରାସ୍‌ରୁଟ୍ କାମର ଶୈଳୀ ।

ଖୋରଧା ମାଟିରେ ଚାଷୀ ଅଭ୍ୟୁତ୍ଥାନ :-

ଓଡ଼ିଶାରେ ଖୋର୍ଦ୍ଧାର ଐତିହାସିକ ମାଟିରେ ପ୍ରାଣନାଥଙ୍କ ନେତୃତ୍ୱରେ ପ୍ରଥମେ ଭାଗଚାଷୀ ଆନ୍ଦୋଳନ ଆରମ୍ଭ ହେଲା । ଏହା ଦକ୍ଷିଣ ଖୋର୍ଦ୍ଧାର ସରହଦକୁ ଟପି ପୁରୀ ଜିଲ୍ଲା ଓ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ପ୍ରସାରିତ ହେଲା । ପ୍ରଥମେ ଖୋର୍ଦ୍ଧାର ଡମଣ ଭୂଇଁରେ ଏକ ବଡ଼ଧରଣର ସଭା ହୋଇ ଜମିଜମା ଆଇନ୍‌ରେ ଭାଗଚାଷୀ-ପ୍ରଜା ମାନଙ୍କର ଅଧିକାର ସମ୍ପର୍କରେ ଆଲୋଚନା କରାଗଲା । ଦେଖାଗଲା ଯେ, ଏହି ଆଇନ୍‌ରେ ପ୍ରଜାମାନଙ୍କର ଯେଉଁ ଅଧିକ ଫସଲ ପାଇବାର ହକ୍ ଅଛି, ତାହା ମଧ୍ୟ ସେ ପାଉନାହାନ୍ତି । ଖଳା ଲିଘା, ମାଗୁଣି, ଗୁମାସ୍ତା ଝର୍ଚ୍ଚ ଆଦି ଆଳରେ ଆଦାୟ ଜମିର ଦୁଇ ତୃତୀୟାଂଶ ମାଲିକ ନେଇ ଯାଉଛନ୍ତି । ତେଣୁ ଏହି ଜମିଜମା ଆଇନ୍ ଅନୁସାରେ ହକ୍ (ଫସଲର) ଅଧେ ପାଇବା ଉପରେ ଆନ୍ଦୋଳନ କରିବା ଲାଗି ଠିକ୍ ହେଲା ।

Digitized by PPRACHIN, SOA

ଭାଗଚାଷୀମାନଙ୍କର ନ୍ୟାଯ୍ୟ ପାଉଣା ହାସଲ ପାଇଁ ପ୍ରାଣନାଥ ଓ ତାଙ୍କ ସାଥୀମାନେ ଚଳାଇଥିବା ସଂଗ୍ରାମ ଥିଲା ନିଛକ ଶ୍ରେଣୀ ସଂଗ୍ରାମ । ଏକ ପକ୍ଷରେ ଗରିବ ଭାଗଚାଷୀ ଓ ଅପର ପକ୍ଷରେ ଧନୀ ଜମି ମାଲିକ, ମଠାଧୀଶ, ମହାଜନକୁଳ ! ସ୍ୱାଧୀନତା ଆସିବ ବୋଲି ଜାଣୁଥିଲେ ମଧ୍ୟ ପୂର୍ବ ଶୋଷଣକୁ ଚଳାଇ ରଖିବା ପାଇଁ ନବ ଶାସକ ଶ୍ରେଣୀ ସହିତ ମିଶି ଯାଇଥିଲେ ।

ଡମଣ ଭୂଇଁ ସଭାପରେ ଓଳସିଂହ ଠାରେ କମୁନିଷ୍ଟ ପାର୍ଟି ଓ କୃଷକ ସଭାର ପ୍ରଥମ କ୍ୟାମ୍ପ୍ ଅଫିସ୍ ଖୋଲାଗଲା । ଏହିଠାରୁ ପ୍ରାଣନାଥ, ଗୋକୁଳମୋହନ, ସାଧୁଚରଣ ମହାନ୍ତି, ରଘୁନାଥ ଦାସ (ପଟ୍ଟନାୟକ), ଲକ୍ଷ୍ମଣ ପଟ୍ଟନାୟକ, କଣ୍ଡୁରୀ ବଳିୟାରସିଂହ, ଆନନ୍ଦ ମିଶ୍ର ଦକ୍ଷିଣ ଖୋର୍ଦ୍ଧା ଅଞ୍ଚଳର ୨୨ ଖଣ୍ଡ ଗ୍ରାମକୁ ସଙ୍ଗଠିତ କରି କୃଷକ ଆନ୍ଦୋଳନ ଆରମ୍ଭ କଲେ । ଏହି ଆନ୍ଦୋଳନ ସାରା ରାଜ୍ୟର ଅସଂଗଠିତ ଭାଗଚାଷୀ, ଗରିବ ଚାଷୀ, କ୍ଷେତମୂଲିଆ ଶ୍ରେଣୀ ଭିତରେ ଏକ ତଡ଼ିତ୍ ପ୍ରବାହ ସୃଷ୍ଟି କରିଥିଲା, ଯାହାର ନାୟକ ଥିଲେ ପ୍ରାଣନାଥ । ଧନୀ ଭୂମାଲିକ ଶ୍ରେଣୀ ଭିତରେ ଚାପା ଆତଙ୍କ ସାଙ୍ଗକୁ ଏକ ହିଂସ୍ର ମନୋଭାବ ଦେଖିବାକୁ ମିଳିଲା । ଯୁଗ ଯୁଗର ଶୋଷଣର ବୁନିଆଦି ସୁଆଦକୁ କେଉଁ ଶୋଷକ ବାଘ ସହଜରେ ଛାଡ଼ିପାରେ ? କ୍ରମେ ଏହି ଆନ୍ଦୋଳନ ଟାଙ୍ଗୀ, ବାଣପୁର, ଚନ୍ଦକା, ବେଗୁନିଆଁ ଓ ବୋଲଗଡ଼ ଥାନାକୁ ମାଡ଼ି ଚାଲିଲା । ସାଧୁଚରଣ ମହାନ୍ତି, ମୋହନ ଦାସ, ଗୁରୁଚରଣ ପଟ୍ଟନାୟକ, ରାମଚନ୍ଦ୍ର ମିଶ୍ର ପ୍ରମୁଖ କୃଷକ ଆନ୍ଦୋଳନର ସ୍ଫୁଲିଙ୍ଗକୁ ପୁରୀ, ଗଞ୍ଜାମ, ବାଲେଶ୍ୱର, କଟକ ଜିଲ୍ଲାର ବିଭିନ୍ନ ସ୍ଥାନକୁ ପରିବ୍ୟାପ୍ତ କରିବାରେ ଲାଗି ପଡ଼ିଥାନ୍ତି । ଚାରିଆଡ଼େ କୃଷକ ସଭାର ସଙ୍ଗଠନ ଗଢ଼ି ଉଠୁଥାଏ । କାକଟପୁର ଓ ନିମାପଡ଼ା ଥାନାରେ ପାର୍ଟିର ସଭ୍ୟ ଓ କୃଷକ ସଭାର ସଭ୍ୟମାନେ ଭୂସଂସ୍କାର ଆନ୍ଦୋଳନ, ଚାଷୀ ମୂଲିଆର ହକ୍ ପାଇଁ ତୁମୁଳ ସଂଗ୍ରାମ ଚଳାଇଗଲେ । ନିମାପଡ଼ାରେ ମୋହନ ଦାସ, ଘନଶ୍ୟାମ ଦାସ, ଜଗନ୍ନାଥ ମହାନ୍ତି (ଏ ସମସ୍ତେ ସ୍ୱାଧୀନତା ସଂଗ୍ରାମୀ), ଗୋପରେ ନାରଣ ଦାସ, ରେଞ୍ଚରେ ଦ୍ୱିଜବର ଜେନା, କାକଟପୁରରେ ସ୍ୱାଧୀନତା–ଯୋଦ୍ଧା ସର୍ଦ୍ଦାର ଗତିକୃଷ୍ଣ ସ୍ୱାଇଁ, ବାଳକୃଷ୍ଣ ସ୍ୱାଇଁ, ସୋମନାଥ ପାତ୍ର, କୃପାସିନ୍ଧୁ ବେହେରା ଓ ଅନେକ ଉତ୍ସାହୀ ଯୁବକ ସାଥୀ ପୂର୍ଣ୍ଣପ୍ରାଣରେ ଏହି ଆନ୍ଦୋଳନରେ ଝାସ ଦେଲେ । ମାତ୍ର ଖୋର୍ଦ୍ଧା ଅଞ୍ଚଳରେ ଚାଷୀ ଆନ୍ଦୋଳନ ପ୍ରବଳ ଭାବେ ତେଜି ଉଠିଲା । ଟାଙ୍ଗୀ ଥାନାର ନିମେଇଁ ବିଶ୍ୱାଳ, ଦିଗମ୍ବର ହରିଚନ୍ଦନ, ଓ ସିକୋ ଅଞ୍ଚଳରେ ରାଜନ ଶ୍ରୀଚନ୍ଦନ ପ୍ରମୁଖ ପୋଲିସ୍ ସହିତ ସଙ୍ଘର୍ଷରେ ଯୋଗ ଦେଲେ । ଏଣେ ବୋଲଗଡ଼ ବେଗୁନିଆଁରେ ଗଙ୍ଗାଧର ପାଇକରାୟ, ପରଶୁରାମ ପଦାତିକରାୟ, ବାଙ୍କନିଧି ସୁବୁଦ୍ଧି ପ୍ରମୁଖ ପାର୍ଟିନେତା ଓ କୃଷକ ନେତାମାନେ ଚାଷୀର ହକ୍, ମୂଲିଆର ଉଚିତ୍ ମଜୁରି ପାଇଁ ସଙ୍ଗଠନ ଓ ଆନ୍ଦୋଳନ ଚଳାଇଲେ । ଟାଙ୍ଗରା ଚନ୍ଦକା ମାଟିରେ ଉପେନ୍ଦ୍ର ଦାସ, ଲକ୍ଷ୍ମୀଧର ଷଡ଼ଙ୍ଗୀ, ଅନନ୍ତ ଡ଼େଙ୍ଗ ପ୍ରଭୃତି ଆଗେଇ ଆସିଲେ । ପରେ ଚନ୍ଦକାର ସାମନ୍ତରାୟ ଭ୍ରାତୃଗଣ ଓ ଅରିଶଳର ଯୁବକନେତା ଉଲ୍ଲାସ ପ୍ରଧାନ ପ୍ରମୁଖ

Digitized by PPRACHIN, SOA

ଚାଷୀ ମୂଲିଆର ଲଢ଼େଇରେ ସାମିଲ ହେଲେ । ଗରିବ କବାରୀ, କ୍ଷେତମୂଲିଆ ନାମମାତ୍ର ଚାଷୀ ଏହି ଆନ୍ଦୋଳନର ପରିସରକୁ ଆସିଲେ । ରଣପୁରର ବିଶିଷ୍ଟ ନେତା ଗଙ୍ଗାଧର ମିଶ୍ର, ନୟାଗଡ଼ର ପ୍ରଜାମଣ୍ଡଳ ନେତା ବାସୁଦେବ ଦୋରା ଖୋର୍ଦ୍ଧା କୃଷକ ସଂଗ୍ରାମ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରଖି ରଣପୁର ଓ ନୟାଗଡ଼ରେ ଚାଷୀର ଅଧିକାରର ନୂତନ ଧାରାକୁ ପ୍ରସାରିତ କରୁଥାନ୍ତି ।

ଖୋର୍ଦ୍ଧାମାଟିରେ ଗରିବ ଭାଗଚାଷୀଙ୍କ ପାଇଁ ପ୍ରାଣନାଥ ଓ ତାଙ୍କର କ୍ରାନ୍ତିକାରୀ ସାଥୀମାନେ ଚଳାଇଥିବା ଆନ୍ଦୋଳନ ସଫଳତାର ଚୂଡ଼ାନ୍ତ ପର୍ଯ୍ୟାୟକୁ ଆସିଲା । ଏଥିଭିତରେ ପ୍ରାଣନାଥ, ସାଧୁଚରଣ ମହାନ୍ତି, ଗତିକୃଷ୍ଣ ସ୍ୱାଇଁ ପ୍ରମୁଖ କୃଷକ ନେତା ଅବିଭକ୍ତ ବଙ୍ଗଳାର ମଇମନ୍‌ସିଂରେ ମହାନ୍ ବିପ୍ଳବୀ ଚାଷୀନେତା ଭବାନୀ ସେନ୍ ଓ ମଣି ସିଂହ ପ୍ରମୁଖଙ୍କ ନେତୃତ୍ୱରେ ଗଢ଼ି ଉଠିଥିବା ଐତିହାସିକ ''ତେଭାଗା ଆନ୍ଦୋଳନ''ର କେନ୍ଦ୍ରଭୂମି ନେତ୍ରକୋଣାରେ ଅନୁଷ୍ଠିତ ବିଶାଳ କୃଷକ ସମ୍ମିଳନୀରେ ଯୋଗ ଦେଇଥାନ୍ତି । ପ୍ରାଣନାଥଙ୍କ ସହିତ ତାଙ୍କର ପତ୍ନୀ ମଞ୍ଜରୀ ଦେବୀ କୋଳରେ ଦୁଇଟି ଛୋଟପିଲାଙ୍କୁ ଧରି ନେତ୍ରକୋଣା ସମ୍ମିଳନୀରେ ଯୋଗ ଦେଇଥିଲେ । ସେଠାକାର ବିପ୍ଳବୀ ଚାଷୀମୂଲିଆ ସଙ୍ଗଠନର ଶକ୍ତି, ବ୍ୟାପକ ଗଣଭିତ୍ତି ଓ ଆନ୍ଦୋଳନର ଶକ୍ତି ଭିତରୁ ଉଠୁଥିବା ବିପ୍ଳବୀ ସଂଗୀତ, ସାଂସ୍କୃତିକ ଅଭ୍ୟୁତ୍ଥାନର ସ୍ୱରୂପକୁ ଦେଖି ପ୍ରାଣନାଥ ଚମକୃତ ହୋଇଥାନ୍ତି । ମନରେ ଭାବନା ଉଠୁଥାଏ ଓଡ଼ିଶାରେ କଣ ଏପରି ହୋଇପାରିବନି ! ସେହି ମହାସମ୍ମିଳନୀରେ ଉଦାର କୃଷକ ଗଣ ସଂଗୀତ - ''ଏଇ ସମ୍ଭାଲୋ, ଏଇ ସମ୍ଭାଲୋ, କାସ୍ତେ ଦାଧାନ୍'' ସବୁ ଓଡ଼ିଆ ନେତାଙ୍କ ମୁହଁରେ ଗୁଞ୍ଜରିତ ହେଉଥାଏ । ପ୍ରାଣନାଥ ଖୋର୍ଦ୍ଧାକୁ କେନ୍ଦ୍ରକରି ଚଳାଇଥିବା ଆନ୍ଦୋଳନକୁ ସାରା ପ୍ରଦେଶକୁ ପରିବ୍ୟାପ୍ତ କରିବା ଥିଲା ତାଙ୍କର ଉଦ୍ଦେଶ୍ୟ । ଗଞ୍ଜାମ ମାଟିରେ ପ୍ରାଣନାଥଙ୍କ ସହଯୋଦ୍ଧା ପ୍ରଥମ ବ୍ୟବସ୍ଥାପକ ସଭାର ସହଯୋଗୀ ସଦସ୍ୟ ଗୋବିନ୍ଦ ପ୍ରଧାନଙ୍କ ନେତୃତ୍ୱରେ ଏକ ମୁସ୍ତାଦାରୀ ଓ ଇନାମ୍‌ଦାରୀ ବିରୋଧୀ ଚାଷୀ ଆନ୍ଦୋଳନ ଧୀରେ ଧୀରେ ଗଢ଼ି ଉଠୁଥାଏ । ପାର୍ଟି ଓ କୃଷକ ନେତା ସର୍ଦ୍ଦାର ଦଣ୍ଡପାଣି ସ୍ୱାଇଁ, ହରିହର ଦାସ (ଉଭୟ ପରବର୍ତ୍ତୀ କାଳରେ ବିଧାୟକ) ଏବଂ ବହୁ ଚାଷୀ ନେତାଙ୍କ ସାଙ୍ଗକୁ ଗଞ୍ଜାମ ପାର୍ଟିର ମହାନ୍ ତତ୍ତ୍ୱବିତ୍ ବିଜୟ ଚନ୍ଦ୍ର ଦାସ, ଅପର୍ଣ୍ଣା ପାତ୍ର ଏବଂ ସଦାନନ୍ଦ ମହାନ୍ତି, ଦୂତୀକୃଷ୍ଣ ପଣ୍ଡା, ହରିବନ୍ଧୁ ବେହେରା, ବିଶ୍ୱନାଥ ସାହୁ, ବଂଶୀ ପଟ୍ଟନାୟକ ପ୍ରମୁଖ ଉଦ୍ଦୀପ୍ତ ଛାତ୍ରନେତାମାନେ ଏହି ଆନ୍ଦୋଳନ ସହିତ ସମ୍ପୃକ୍ତ ଥାନ୍ତି । ୧୯୪୮ ମଇ ୨୪ ତାରିଖରେ ଏହି ଆନ୍ଦୋଳନ ଟାକରଡ଼ା ଠାରେ ଏକ ବିଶାଳ ଜନସ୍ରୋତରେ ପରିଣତ ହେଲା, ଯାହାକୁ ଦମନ କରିବା ପାଇଁ ମହତାବ ସରକାର ନିର୍ମମ ଗୁଳି ଚଳାଇ କିଶୋରୀ ହେମ ସହିତ ସାତଜଣଙ୍କୁ ହତ୍ୟା କରି ଅମର ଶହୀଦରେ ପରିଣତ କଲେ । ସେହିପରି ଯାଜପୁରର ଅର୍ଦ୍ଧାଳିଆ ପ୍ରଭୃତି ସ୍ଥାନରେ ପ୍ରଜାର ଦାବି ନେଇ ସଂଗ୍ରାମ ହେଲା । ଏହିସବୁ ସଂଗ୍ରାମକୁ ପ୍ରୋତ୍ସାହିତ କରିଥିଲା ଖୋର୍ଦ୍ଧାର କୃଷକ ସଂଗ୍ରାମ ।

Digitized by PPRACHIN, SOA

୧୯୪୬ରେ ଖୋର୍ଦ୍ଧାରେ ପ୍ରାଣନାଥଙ୍କ ଚାଷୀ ଆନ୍ଦୋଳନର ଆବେଦନ ଥିଲା ଉତପ୍ତ, ଉଦାତ୍ତ ଓ ପ୍ରଖର, ଯାହା ରାଜ୍ୟର ଚାରିଆଡ଼କୁ ବାଡ଼ବାଗ୍ନି ଭଳି ମାଡ଼ି ଯାଇଥିଲା । ଦେଶର ସ୍ୱାଧୀନତା ଆସିବା ସେତେବେଳକୁ ସୁନିଶ୍ଚିତ ହୋଇଯାଇଥାଏ । ପ୍ରାଣନାଥ ସରଳ ଓ ଆବେଗପୂର୍ଣ୍ଣ ଭାଷାରେ କହୁଥିଲେ- ''ଏ ସ୍ୱାଧୀନତା ଫଳର ପ୍ରକୃତ ଅଧିକାରୀ କିଏ ? ଦେଶର ମେରୁଦଣ୍ଡ ଓ ଫସଲ ଅମଳ କରି ସମାଜକୁ ଖୁଆଉଥିବା ଚାଷୀ ମୂଲିଆ ଶ୍ରେଣୀ ହେଉଛନ୍ତି ଦେଶର ସଂଖ୍ୟାଧିକ ଜନସାଧାରଣ । ସେମାନଙ୍କ ଅଧିକାର ପୂରଣ ଓ ଯୁଗ ଯୁଗ ଧରି ସେମାନଙ୍କ ଉପରେ ବର୍ଷାର ଅସରା ଭଳି ଚାଳିଥିବା ଶୋଷଣ କଷଣର ଅବସାନ ନଘଟିଲେ, ସେମାନେ ଅର୍ଥନୈତିକ ସାମାଜିକ ସ୍ୱାଧୀନତା ନପାଇଲେ ରାଜନୈତିକ ସ୍ୱାଧୀନତାର ଅର୍ଥ କିଛି ନାହିଁ X X X ।'' ଏ କଥା ପ୍ରାଣନାଥ ୧୯୪୬ର ଦଶବର୍ଷ ପୂର୍ବରୁ କହି ଆସୁଥିଲେ । ମାତ୍ର ୧୯୪୬ରେ ନୂତନ ତେଜରେ ନିଜର ସାଥୀମାନଙ୍କ ସହିତ ମିଶି ତାକୁ ପ୍ରକୃତ ସଂଗ୍ରାମୀ ରୂପରେଖ ଦେଇପାରିଥିଲେ । ଏହା ସ୍ଥାନୀୟ ଧନୀ ଜମିଦାର, ମଠାଧୀଶ, ମହାଜନ କୁଳର ଅସହ୍ୟ ହେଲା । ଶେଷକୁ ଜମିଦାର-ମହନ୍ତଙ୍କ ପୋଷା ଗୁଣ୍ଡାମାନଙ୍କର ଠେଙ୍ଗା ଭୟକୁ ଖାତିର ନକରି ମଲିପଡ଼ା, କୃଷ୍ଣପୁର, ରାୟପୁର, ଗୋଡ଼ିପଡ଼ା ଆଦି ଗ୍ରାମର ସଙ୍ଗଠିତ ଭାଗଚାଷୀ ଅନ୍ଧାରର ଗତିକୁ ଉଜ୍ଜ୍ୱଳ କରି ଉଦ୍ଦୀପ୍ତ ମଶାଲ ଜାଳି ସଙ୍ଘବଦ୍ଧ ଭାବେ ନିଜ ଫସଲ କାଟି ଆଣିଲେ । ମାଲିକର ଗୁଣ୍ଡା ଫଉଜଙ୍କୁ ଖାତିର ନକରି ପ୍ରାଣନାଥଙ୍କ ନେତୃତ୍ୱରେ ଶହ ଶହ ଭାଗଚାଷୀ ଜମି ଚାଷ କରି ଅଧିକାର ସାବ୍ୟସ୍ତ କଲେ । ମୂହ୍ୟମାନ ହେଲେ ଭୂସ୍ୱାମୀ ଗୋଷ୍ଠୀ ! ପରିଶେଷରେ ପ୍ରାଣନାଥ ବାବୁଙ୍କୁ ମଲିପଡ଼ାର ମହନ୍ତଙ୍କ ପୋଲିସ୍ ପାଖରେ ଅଭିଯୋଗକ୍ରମେ '' ଲଙ୍ଗଳ ଚୋରୀ ଲୋଟା ଚୋରୀ'' ମୋକଦ୍ଦମାରେ ଗିରଫ କରାଗଲା । ସର୍ବତ୍ୟାଗୀ, ସଦାଚାରୀ, ରାଜ୍ୟର ପ୍ରଥମ ଧାଡ଼ିର ଜାତୀୟବାଦୀ ନେତା ଓ ପୂର୍ବତନ ବ୍ୟବସ୍ଥାପକ ପ୍ରାଣନାଥ ପଟ୍ଟନାୟକଙ୍କୁ ଲଙ୍ଗଳଚୋରି ଓ ଲୋଟାଚୋରି ଅଭିଯୋଗରେ ଗିରଫ କରିବାକୁ ସରକାର ଯେଉଁ ହାସ୍ୟାସ୍ପଦ ନିଷ୍ପତ୍ତି ନେଲେ, ସାରା ରାଜ୍ୟରେ ତା'ର ନିନ୍ଦା କରାଗଲା । ପ୍ରାଣନାଥଙ୍କୁ 'ଲଙ୍ଗଳ ଚୋର' ବୋଲି ଦେଇଥିବା ଲାଞ୍ଛନା ମହାନ୍ ଜୟମାଲ୍ୟରେ ପରିଣତ ହେଲା । ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥାଆନ୍ତି ହରେକୃଷ୍ଣ ମହତାବ ଓ ରାଜସ୍ୱ ମନ୍ତ୍ରୀ ଥାଆନ୍ତି ନବକୃଷ୍ଣ ଚୌଧୁରୀ । ମଲିପଡ଼ା ସଂଗ୍ରାମର ସ୍ମୃତି ଦିବସ ଏବେ ବି ପାଳିତ ହେଉଛି । ପ୍ରାଣନାଥ ବାବୁ ଏବେ ବି ସ୍ମରଣରେ ଆସୁଛନ୍ତି ।

୧୯୪୫ ବେଳକୁ କଟକ ସହରରେ ଶଙ୍କରପୁର ଓ ଛତ୍ରବଜାରରେ କମ୍ୟୁନିଷ୍ଟ ପାର୍ଟିର ଟାଣୁଆ ସଙ୍ଗଠନ ଗଢ଼ାଯାଇଥିଲା । କଟକରେ ପ୍ରେସ୍ କର୍ମଚାରୀମାନଙ୍କର ୟୁନିଅନ୍ ବହୁ ଆଗରୁ ଆତ୍ମପ୍ରକାଶ କରିଥାଏ । ରାଜ୍ୟ ପାର୍ଟିର ସମ୍ପାଦକ ଥାଆନ୍ତି ଶରତ ପଟ୍ଟନାୟକ । ମୁଖ୍ୟ ନେତା ଭାବେ ଗୁରୁଚରଣ ପଟ୍ଟନାୟକ, ରାମକୃଷ୍ଣ ପତି, ବୈଦ୍ୟନାଥ ରଥ, ଛାତ୍ରସଙ୍ଘ ଭିତରୁ ଆସିଥିବା ସାଥୀ ମନମୋହନ ମିଶ୍ର, ଦୁର୍ଗାଚରଣ

Digitized by PPRACHIN, SOA

ମହାନ୍ତି, ଗୋବିନ୍ଦ ଚନ୍ଦ୍ର ମହାନ୍ତି, ରାମଚନ୍ଦ୍ର ମିଶ୍ର, ରାମଚନ୍ଦ୍ର ରାମ୍, ନରସିଂହ ତ୍ରିପାଠୀ, ଗଙ୍ଗାଧର ରଥ ଓ ଶଙ୍କରପୁରର ଶମ୍ଭୁ ବିଶ୍ୱାଳ, ଅରୁଣ ବିଶ୍ୱାଳ, ଅଧିକାରୀ ଭଜନ ବାରିକ ଓ ଏହି ଗ୍ରାମର ବହୁ ଯୁବକ ପାର୍ଟିର କାମକୁ ତ୍ୱରାନ୍ୱିତ କରିଥିଲେ । ଆଠଗଡ଼ ପ୍ରଜାମଣ୍ଡଳର ବୀର ବ୍ରଜକିଶୋର ପଟ୍ଟନାୟକ ଆଗରୁ କମ୍ୟୁନିଷ୍ଟ ପାର୍ଟିର ନେତା ଥିଲେ । ତାଙ୍କ ସାଙ୍ଗକୁ ତାଙ୍କର ଅନୁଜ ଛାତ୍ରନେତା ନନ୍ଦ କିଶୋର ପଟ୍ଟନାୟକ, ବିବେକାନନ୍ଦ ରଥ, ନନ୍ଦ ପ୍ରଧାନ, ଲିଙ୍ଗରାଜ ନାୟକ ପ୍ରମୁଖ ଆଠଗଡ଼ ପାର୍ଟିର ସଞ୍ଚାଳନରେ ବ୍ରତୀ ହୋଇଥିଲେ ।

ବମ୍ବେରେ ନୌ-ସେନାର ବିଦ୍ରୋହ- ଆର.ଆଇ.ଏନ୍. ମ୍ୟୁଟିନି ଥିଲା ଗଣ ବିଦ୍ରୋହ । ଦେଶରେ ଦଳମତ ନିର୍ବିଶେଷରେ ସ୍ୱାଧୀନତା ପ୍ରାପ୍ତିର ଅଙ୍ଗୀକାରର ଏହା ଥିଲା ଅଗ୍ନିସ୍ଫୁଲିଙ୍ଗ । ବମ୍ବେରେ ନୌସେନା ସହ ଶ୍ରମିକ ଓ ଜନସାଧାରଣ ମିଳିତ ହୋଇ କଂଗ୍ରେସ, ଲିଗ୍ ଓ କମ୍ୟୁନିଷ୍ଟ ପାର୍ଟିର ଝଣ୍ଡାକୁ ଉଡ଼ାଇଥିଲେ । 'ମୁକ୍ତି ପାଇଁ ଏକ ହୁଅ'- ଥିଲା ଡାକରା । ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଜାଦ୍ ହିନ୍ଦ୍ ଫୌଜର ବୀର ଯୋଦ୍ଧାମାନଙ୍କୁ ବନ୍ଦୀ କରି ଅଣାଯାଇ ଦିଲ୍ଲୀର ଲାଲକିଲ୍ଲାରେ ଯେତେବେଳେ ବିଚାର କରିବାର ପ୍ରହସନ ଚାଲିଲା, ଦେଶ ତା' ବିରୋଧରେ ମାତି ଉଠିଲା । ବମ୍ବେରେ ଭାରତୀୟ ନୌସେନା ବିଦ୍ରୋହ କଲେ ସେମାନଙ୍କୁ କମ୍ୟୁନିଷ୍ଟ ଏବଂ ଅନ୍ୟ ପ୍ରଗତିକାମୀ ଶକ୍ତି ସାହାଯ୍ୟ କଲେ । ଗୁଳି ଚୋଟରେ କେତେ ନୌସେନା ସାଥୀ ଶହୀଦ ହେଲେ । ତାର ଫଳ ସ୍ୱରୂପ ଆସିଲା ଦେଶର ଚିର ଆକାଂକ୍ଷିତ ସ୍ୱାଧୀନତା । ମାତ୍ର ତାହା ଏକ ଖଣ୍ଡିତ ଭାରତବର୍ଷ । ମଧ୍ୟବର୍ତ୍ତୀକାଳୀନ କଂଗ୍ରେସ ଓ ମୁସଲିମ୍ ଲିଗ୍ ମିଳିତ ସରକାରର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଦେଶର ପ୍ରଧାନମନ୍ତ୍ରୀ ଓ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଉପ-ପ୍ରଧାନମନ୍ତ୍ରୀ ହେବେ ବୋଲି ଘୋଷଣା ହୋଇଥାଏ । ମାତ୍ର ରାଜ୍ୟରେ ପ୍ରାଣନାଥଙ୍କ ଭଳି ସ୍ୱାଧୀନତା ସଂଗ୍ରାମର ବୀର ଯୋଦ୍ଧାଙ୍କ ବଦଳରେ ଧନୀ, ମହାଜନ, ମକଦ୍ଦମ, ରାଜା ମହାରାଜା, ମହନ୍ତ, ଜମିଦାର୍, ଟାଉଟର ଶ୍ରେଣୀ ଯେଉଁମାନେ ସ୍ୱାଧୀନତା ସଂଗ୍ରାମର ବିରୋଧ କରି ବ୍ରିଟିଶ୍ ଶାସନର ପକ୍ଷ ନେଇଥିଲେ ବା ସ୍ୱାଧୀନତା ଲଢ଼େଇରୁ ଦୂରରେ ଥିଲେ, ସେମାନେ ଖଦଡ଼ ପିନ୍ଧି, ଝୁଲାମୁଣି ଧରି ନୂତନ ଶାସନର ବଡ଼ପଣ୍ଡା ହେବାକୁ ବସିଲେ । ବ୍ରହ୍ମପୁର ଜେଲ୍‌ରେ ଥିବାବେଳେ ନେହେରୁଙ୍କ ନିର୍ଦ୍ଦେଶରେ ନବବାବୁ ଲୋକ ପଠାଇଥାନ୍ତି ପ୍ରାରନାଥ ବାବୁଙ୍କ ପାଖକୁ କଂଗ୍ରେସରେ ସାମିଲ ହୋଇ ଏହାକୁ ଜନାଭିମୁଖୀ କରିବାକୁ । ମାତ୍ର ପ୍ରାଣନାଥ ଏହି ପ୍ରକାର କ୍ଷମତା ପ୍ରଲୋଭନକୁ ପ୍ରତ୍ୟାଖ୍ୟାନ କରିଥିଲେ । ଅନ୍ୟ କେତେକ ମୁଖ୍ୟ ବାମପନ୍ଥୀ ନେତା ମଧ୍ୟ ଏପରି କରିଥିଲେ । ଜେଲ୍‌ରୁ ଫେରି ପ୍ରାଣନାଥ ଆଉ ଏକ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ତାହା ହେଉଛି ଜଟଣୀ ହାଇସ୍କୁଲ ପ୍ରତିଷ୍ଠା ।

ଓଡ଼ିଶାର ତତ୍‌କାଳୀନ ରାଜଧାନୀ କଟକ ସମେତ ପ୍ରତି ଗ୍ରାମ ନଗରରେ ସ୍ୱାଧୀନତା ଉତ୍ସବ ପାଳନ ପାଇଁ ବିପୁଳ ପ୍ରସ୍ତୁତି ଚାଲିଥାଏ । ଖୋର୍ଦ୍ଧାରେ ମଧ୍ୟ ପ୍ରସ୍ତୁତି

Digitized by PPRACHIN, SOA

ଚାଲିଥାଏ । ମାତ୍ର ସରକାରୀ କର୍ତ୍ତୃପକ୍ଷ ତାର ପ୍ରସ୍ତୁତି ବୈଠକକୁ ଯେଉଁମାନଙ୍କୁ ଡାକିଲେ, ସେଥିରେ ଖୋର୍ଦ୍ଧାରେ ସ୍ୱାଧୀନତା ସଂଗ୍ରାମର ମନ୍ତ୍ରଗୁରୁ ପ୍ରାଣନାଥଙ୍କ ନାମ ମଧ ନଥିଲା । ଗୋକୁଳ ମୋହନ ରାୟଚୂଡ଼ାମଣି ଉକ୍ତ ବୈଠକରେ ଯୋଗ ଦେଇ ଏହାର ପ୍ରତିବାଦ୍ କଲେ । ଅଗଷ୍ଟ ୧୫ ତାରିଖ- ଭାରତ ସ୍ୱାଧୀନତା ଦିବସ । ଏ ଦିବସ ପାଇଁ କେତେ ଶହୀଦର ଆତ୍ମବଳିଦାନ୍, କେତେ ସଂଗ୍ରାମୀଙ୍କ କଷଣ, ଅତ୍ୟାଚାର ସହ୍ୟ କରିବା, ଜେଲଖାନା ଯିବା, ଅନ୍ଧାର ରାତିରେ ବାଘ-ସାପ ମୁହଁରେ ପଡ଼ିବା, ସନ୍ତସନ୍ତିଆ ମାଟି ଉପରେ ଉପବାସରେ ଶୋଇବା, ପୋଲିସ୍ ଠାରୁ ମାଡ଼ ଖାଇବା, ଜେଲ୍ ଭିତରେ ଥାଇ ପ୍ରିୟଜନଙ୍କ ମୃତ୍ୟୁ ଖବର ଶୁଣିବା ଆଦି ସବୁ ମନେ ପଡୁଥାଏ ପ୍ରାଣନାଥଙ୍କର । ୧୯୧୯ରୁ ଜାଲିଆନାୱାଲାବାଗ୍ ନରସଂହାର ପରେ ହରତାଳରେ ଭାଗ ନେଇ ସ୍କୁଲ ଛାଡ଼ିଥିବା କିଶୋର, ପରବର୍ତ୍ତୀ କାଳରେ ପନ୍ଦର ବର୍ଷ ଧରି ଅଭାବ, ଅତ୍ୟାଚାର, ଦାରିଦ୍ର୍ୟରେ ଜର୍ଜ୍ଜରିତ ଓ କାରା ପ୍ରାଚୀରରେ ନିକ୍ଷେପିତ ତାଙ୍କର ସବୁ ଆତ୍ମୋତ୍ସର୍ଗ ବୃଥା ହୋଇଗଲା ! ଜଟଣୀରେ ଥାଇ ପ୍ରାଣନାଥ ଉତ୍ସାହ ସହକାରେ ସ୍ୱାଧୀନତା ଦିବସ ପାଳନ କରିବାକୁ ସମସ୍ତଙ୍କୁ କହିଲେ । ସେ ନିଜ ପାଇଁ କିଛିତ ଚାହିଁନଥିଲେ । ମାତ୍ର ବାରମ୍ବାର ସାଗରର ଊର୍ମି ଭଳି ପ୍ରଶ୍ନର ଢେଉ ଉଠୁଥାଏ ମନରେ- ଏ ସ୍ୱାଧୀନତା ଦେଶର ଜନଗଣଙ୍କର ତେଲଲୁଣ ସଂସାର ନାଟର ସମାଧାନ କରିବ ତ ?......ମାତ୍ର ନୂଆ ଭେକ ପିନ୍ଧି ପୁରୁଣା ଶୋଷକମାନେ ତ ଏହାର କାରପଟଦାର ବନିଛନ୍ତି ? ମର୍ମବେଦନାରେ ଦେଶପ୍ରେମୀର ହୃଦୟ ଜର୍ଜ୍ଜରିତ । ତାଙ୍କ ପରି ଅବସ୍ଥା ହୋଇଥିଲା ଅନେକ ଦେଶଭକ୍ତ, ତ୍ୟାଗୀ, ଜେଲ ଫେରନ୍ତା ବାମପନ୍ଥୀ ନେତାମାନଙ୍କର । ପ୍ରାଣନାଥ ବାବୁ ସ୍ୱାଧୀନତା ଦିବସ ଦିନ ଥିଲେ ନିଶ୍ଚୁପ, ଧୀର ଓ ଆଖିରେ ତାଙ୍କର ତରଙ୍ଗ ଓ ଆବେଗ । ସେ କାର୍ଯ୍ୟୋପଲକ୍ଷେ କଟକ ଆସି ତାଙ୍କର ଅନ୍ୟ ସାଥୀମାନଙ୍କୁ ଭେଟିଲେ । ସତୀର୍ଥ ବିପ୍ଳବୀ କବି ମନମୋହନ ମିଶ୍ରଙ୍କୁ ଭେଟିଲେ । ସେତେବେଳକୁ ମନମୋହନ ଏ ବିଖଣ୍ଡିତ ସ୍ୱାଧୀନତାର ସ୍ୱରୂପ ଉପରେ ଲେଖିଥିଲେ- ''ବିଜୟୀ, ବିଜୟ ତ ହୋଇନି ପୂରା ।'' ତାର ଆଦ୍ୟ ପଦ ହେଲା- ''ଘନଘଟା ଯାଏ ଡାକି.....ଆହୁରି ରହିଛି ବାକୀ ଭାଇ ବୁକେ ଭାଇ ହାଣେ ଭଗାରି ଛୁରା...'' ସ୍ୱାଧୀନତା ପରେ ଅର୍ଥନୈତିକ ସ୍ୱାଧୀନତା ନଥିବା ଓ ଘୃଣିତ ସାଂପ୍ରଦାୟିକ ଦଙ୍ଗାକୁ ଲକ୍ଷ୍ୟ କରି ଏ କବିତା ଲେଖାଯାଇଥିଲା । ଆହୁରି ଯାହା ବାକି ଥିଲା ତାହା ଥିଲା ଗରିବ ମଣିଷଙ୍କର ଅର୍ଥନୈତିକ ସ୍ୱାଧୀନତା—ବଞ୍ଚିବାର ହକ୍ ପ୍ରଶ୍ନ । କବି ମନମୋହନ ମିଶ୍ରଙ୍କର ଅଗଷ୍ଟ ୧୫ରେ ପ୍ରାଣନାଥ ବାବୁ ଓ ମର୍ମବେଦନାରେ ଘାରି ହେଉଥିବା ସାଥୀମାନଙ୍କ ଉଦ୍ଦେଶ୍ୟରେ ଅନବଦ୍ୟ କବିତା ପ୍ରକାଶ ପାଇଲା-

ତୋର ମୁକତିର ସୂର୍ଯ୍ୟ ଯଦି ଉଇଁଲା,
ଆଖି ତୋର କିଆଁ ଛଳ ଛଳ,
ଯା'ର ଲାଗି ମରିଲୁ ତୁ, କାରଗାରେ ସଢ଼ିଲୁତୁ,
ଫାଶୀ ମଞ୍ଚେ ଚଢ଼ିଲୁତୁ,
ପାଉଛୁତ ତାରେ ଅବିକଳରେ ଆଖି ତୋର କିଆଁ ଛଳ ଛଳ

Digitized by PPRACHIN, SOA

କଟକରେ ପ୍ରାଣନାଥ ପାର୍ଟି ବୈଠକରେ ଯୋଗ ଦେଇ ଦେଶୀ ନୂଆ ଶାସକମାନଙ୍କର ବାହୁଛାୟା ତଳେ ଚାଷୀ, ମଜୁରିଆ, ଶ୍ରମିକ ଓ ଅନ୍ୟ ମେହେନତୀ ଜନସାଧାରଣଙ୍କ ଉପରେ କମ୍ୟୁନିଷ୍ଟ ପାର୍ଟି ଉପରେ ଅତ୍ୟାଚାରର ସ୍ୱରୂପ ଓ ଏହାର ନିରାକରଣ ବିଷୟରେ ଆଲୋଚନା କରି ଖୋର୍ଦ୍ଧା ଫେରିଗଲେ । ସାରା ପୁରୀ ଜିଲାରେ ବିଶେଷତଃ ଖୋର୍ଦ୍ଧା ସବ୍‌ଡିଭିଜନରେ ଚାଷୀ ଆନ୍ଦୋଳନ ପ୍ରଖର ହୋଇ ଉଠିଲା । ଅଧିକ ପ୍ରଗତିଶୀଳ ଭୂସଂସ୍କାର ଆଇନ୍ କରି ଚାଷୀ ଓ କ୍ଷେତକାରୀ କୁଳକୁ ଶୋଷଣରୁ ବଞ୍ଚାଇବା ଏବଂ ନ୍ୟାୟ ଦେବାର ଡାକରା ଦେଲେ ପ୍ରାଣନାଥ । ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ପାଇଁ ସେଦିନ ଯେଉଁ ଭାଗଚାଷ ଆନ୍ଦୋଳନ ଖୋର୍ଦ୍ଧା ମାଟିରେ ଆରମ୍ଭ ହୋଇଥିଲା, ତାର ସତ୍ୟତା ଶାସକ ଶ୍ରେଣୀ ସ୍ୱୀକାର କରିବାକୁ ବାଧ ହେଲେ । ତାହାରି ଫଳ ସ୍ୱରୂପ ଭୂସଂସ୍କାର ଆଇନ୍ କରାଯାଇ ଜମିର ସର୍ବୋଚ୍ଚ ସୀମା ଧାର୍ଯ୍ୟ ହେଉଛି । ତଥାପି ସେଦିଗରେ ଅନେକ କାର୍ଯ୍ୟ ବାକି ରହିଛି ।

୧୯୪୭ ପରେ କମ୍ୟୁନିଷ୍ଟ ପାର୍ଟି ଉପରେ ସାରା ଦେଶରେ ତଥା ଓଡିଶାରେ ବିଧିବଦ୍ଧ ଆକ୍ରମଣ ହେଲା । ''ମୁକ୍ତିଯୁଦ୍ଧ''କୁ ବନ୍ଦ କରି ଦିଆଗଲା । ଅଫିସ୍ ଉପରେ ଚଢାଉ ହେଲା । କେତେ ସାଥୀଙ୍କୁ ମିଥ୍ୟାରେ ଗିରଫ କରାଗଲା । ୧୯୪୮ ଏପ୍ରିଲରେ କଲିକତା ଠାରେ ଅନୁଷ୍ଠିତ କମ୍ୟୁନିଷ୍ଟ ପାର୍ଟିର ଦ୍ୱିତୀୟ ଅଧିବେଶନରେ ପାର୍ଟି ''ଏ ସ୍ୱାଧୀନତା ଅଳୀକ ଓ ଅର୍ଥହୀନ'' ବୋଲି ଘୋଷଣା କଲା । ବି.ଟି. ରଣଦିଭେ ସର୍ବଭାରତୀୟ ପାର୍ଟିର ସାଧାରଣ ସଂପାଦକ ହେଲେ । ଠିକ୍ କଥା, ଭାରତବାସୀ ରାଜନୈତିକ ସ୍ୱାଧୀନତା ପାଇଥିଲେ ଅର୍ଥନୈତିକ ସ୍ୱାଧୀନତା ପାଇନଥିଲେ । ବିଦେଶୀ ବିଲାତି କମ୍ପାନୀ ଓ ଦେଶୀ କମ୍ପାନୀ ଟାଟା ବିରଳା ଦେଶର ଅର୍ଥନୀତିର ବାଗ୍‌ଡୋର ଧରିଥିଲେ । ମାତ୍ର ଦେଶର ବହୁ ଆକାଂକ୍ଷିତ ସ୍ୱାଧୀନତାକୁ 'ଏହା କିଛି ନୁହେଁ' ବୋଲି କହିବା ଠିକ୍ ନଥିଲା ଯାହା ଏକ ଭୁଲମତ ଉପରେ ପ୍ରତିଷ୍ଠିତ ଗୋଷ୍ଠୀତାନ୍ତ୍ରିକ ମନୋଭାବକୁ ପ୍ରକାଶ କରୁଥିଲା । ମାତ୍ର ଭାରତରୁ ଯୁଦ୍ଧ ପରର ସଙ୍କଟଗ୍ରସ୍ତ ବିଲାତକୁ ମୁନାଫା ଆକାରରେ ଅର୍ଥ ଛୁଟି ଚାଲିଥିଲା । ଅଧିକାଂଶ ଭାରତୀୟ ଦୁଃଖ କଷ୍ଟରେ କାଳ କାଟୁଥିଲେ । ଏହା ଭିତରେ ୧୯୪୮ ଜାନୁଆରୀ ୩୦ ତାରିଖ ଦିନ ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଦିଲ୍ଲୀର ପ୍ରାର୍ଥନା ସଭାରେ ଜଘନ୍ୟ ହିନ୍ଦୁ ସାଂପ୍ରଦାୟିକତାବାଦୀ ଉନ୍ମତ୍ତ ଯୁବକ ନାଥୁରାମ ବିନାୟକ ଗଡ୍‌ସେ ଗୁଳିଚୋଟରେ ହତ୍ୟା କରିଥିଲା । ଗାନ୍ଧିଜୀ କେବଳ ଜାତୀୟ ମୁକ୍ତି ସଂଗ୍ରାମର ଶ୍ରେଷ୍ଠତମ ଯୋଦ୍ଧା ନଥିଲେ, ସେ ଥିଲେ ଜାତୀୟ ସଂହତି ଓ ସାଂପ୍ରଦାୟିକ ଭ୍ରାତୃତ୍ୱର ପ୍ରତୀକ । ତାଙ୍କର ଏହି ମହାନ୍ ଭୂମିକା ଉଗ୍ର ଫାସିଷ୍ଟସାହି ସାଂପ୍ରଦାୟିକ ଶକ୍ତିମାନଙ୍କର ଚକ୍ଷୁଃଶୂଳ ହେଲା । ସାରା ଦେଶରେ ଦୁଃଖ ଶୋକର ଯେଉଁ ପାରାବାର ସୃଷ୍ଟି ହେଲା, ତାହା ଅବର୍ଣ୍ଣନୀୟ । ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ସ୍ୱାଧୀନତା–ସଂଗ୍ରାମରେ ଭାଗ ନେଇଥିବା ପ୍ରାଣନାଥ ବାବୁ ଦୁଃଖ ଶୋକରେ ଅଧୀର ହୋଇ ପଡିଥିଲେ ।

Digitized by PPRACHIN, SOA

୧୯୪୮ ଏପ୍ରିଲରେ କଲିକତାର କମ୍ୟୁନିଷ୍ଟ ପାର୍ଟି କଂଗ୍ରେସର ନିଷ୍ପତ୍ତି ଓ ନିର୍ଦ୍ଧାରଣ ପରେ କେନ୍ଦ୍ରର କଂଗ୍ରେସ ସରକାର ପାର୍ଟିର କାର୍ଯ୍ୟକଳାପକୁ ବେଆଇନ୍ ଘୋଷଣା କଲେ । ପାର୍ଟି ଅଣ୍ଡର୍ ଗ୍ରାଉଣ୍ଡ୍‌କୁ ଯାଇ କାମ ଚଳାଇରଖିଲା । ଓଡ଼ିଶା ପାର୍ଟିର ମୁଖପତ୍ର 'ମୁକ୍ତିଯୁଦ୍ଧ'କୁ ବେଆଇନ କରାଯାଇଥିଲା । ପାର୍ଟି ସାହିତ୍ୟ ବାଜ୍ୟାପ୍ତ ହେଲା । ଏ ସମୟରେ ରାଜ୍ୟ ପାର୍ଟିର ସଂପାଦକ ରାମକୃଷ୍ଣପତି, ମୁଖ୍ୟନେତା ଗୁରୁଚରଣ ପଟ୍ଟନାୟକ, ପ୍ରାଣନାଥ ପଟ୍ଟନାୟକ, ଗଞ୍ଜାମର ପ୍ରମୁଖ ନେତା ବିଜୟଚନ୍ଦ୍ର ଦାସ, ଗୋବିନ୍ଦ ପ୍ରଧାନ, ହରିହର ଦାସ, ଯୁବ କମ୍ୟୁନିଷ୍ଟ ନେତା ରାଧାକୃଷ୍ଣ ପ୍ରଧାନ, ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ, ସଦାନନ୍ଦ ମହାନ୍ତି, ଦୂତୀକୃଷ୍ଣ ପଣ୍ଡା, ହରିବନ୍ଧୁ ବେହେରା, କଟକ ପାର୍ଟିର ଉଦୀୟମାନ ଯୁବନେତା ଲୋକନାଥ ଚୌଧୁରୀ, ସ୍ୱାଧୀନତା ସଂଗ୍ରାମୀ ଦୁଃଶାସନ ଜେନା, ଆଠଗଡ଼ର ବ୍ରଜ ପଟ୍ଟନାୟକ, ଢେଙ୍କାନାଳର ବୀର ବୈଷ୍ଣବ ପଟ୍ଟନାୟକ, ନୀଳଗିରିର ନେତା ବନମାଳୀ ଦାସ, ପୁରୀ ଜିଲ୍ଲାର ମୁଖ୍ୟ ସଂଗଠକ ଗୋକୁଳ ମୋହନ ରାୟ ଚୂଡାମଣି, ସର୍ଦ୍ଦାର ଗତିକୃଷ୍ଣ ସ୍ୱାଇଁ, ଘନଶ୍ୟାମ ଦାସ, ନାରଣ ଦାସ, ବୋଲଗଡ ବେଗୁନିଆର ପରଶୁରାମ ପଦାତିକରାୟ, ବାଙ୍କନିଧି ସୁବୁଦ୍ଧି, କଟକର ବିପ୍ଳବୀ କବି ମନମୋହନ ମିଶ୍ର, ଶ୍ରମିକ ନେତା ଦୁର୍ଗାଚରଣ ମହାନ୍ତି, ଗୋବିନ୍ଦ ଚନ୍ଦ୍ର ମହାନ୍ତି, କୃଷ୍ଣ ପଟ୍ଟନାୟକ, ଚାଷୀନେତା ସାଧୁଚରଣ ମହାନ୍ତି, ରାମଚନ୍ଦ୍ର ମିଶ୍ର, ଯୁବନେତା ନନ୍ଦ କିଶୋର ପଟ୍ଟନାୟକ, ଆଠଗଡ଼ର ଦୀନବନ୍ଧୁ ମିଶ୍ର, ସମ୍ବଲପୁରର ଏକଦା କଂଗ୍ରେସର ତୁଙ୍ଗନେତା ଏବଂ ପରେ କମ୍ୟୁନିଷ୍ଟ ନେତା ଦୟାନନ୍ଦ ଶତପଥୀ, ଲଚ୍ଛମନ ପୂଜାରୀ ଓ ମାୟାଧର ପୁରୋହିତ ପ୍ରମୁଖ ଆତ୍ମଗୋପନ କରି ପାର୍ଟିକାର୍ଯ୍ୟକୁ ଚଳାଇ ରଖିଲେ । କୃଷକ ଆନ୍ଦୋଳନ କରି ଚାଷୀର ଦାବିକୁ ସାବ୍ୟସ୍ତ କରିବା, ମୂଲିଆର ମଜୁରିକୁ ସୁନିଶ୍ଚିତ କରିବା ଓ ଶ୍ରମିକମାନଙ୍କୁ ସଂଗଠିତ କରି ଶ୍ରେଣୀ ସଂଗ୍ରାମରେ ଆଗେଇ ନେବା ଥିଲା ମୁଖ୍ୟ କାର୍ଯ୍ୟ । ସମ୍ବଲପୁର ବ୍ରଜରାଜ ନଗର କାଗଜକଲରେ ବିରଳା ମାଲିକାନା ଶୋଷଣ ବିରୋଧରେ କୃପାସିନ୍ଧୁ ଖୁଣ୍ଟିଆ ଶ୍ରମିକ ସଂଘର ନେତୃତ୍ୱ ନେଲେ । ବାରଙ୍ଗର ଝୁନ୍‌ଝୁନ୍ ୱାଲା କାଚ କାରଖାନାରେ ଶ୍ରମିକ ଦାବିର ମୁଖ୍ୟ ନେତା ହୋଇଥାନ୍ତି ବିଧାନ ସଭାର ଏକମାତ୍ର କମ୍ୟୁନିଷ୍ଟ ବିଧାୟକ ଓ ବିଚକ୍ଷଣ ବ୍ୟବସ୍ଥାପକ ବୈଦ୍ୟନାଥ ରଥ ଓ ଯୁବ ଶ୍ରମିକ ନେତା ଦୁର୍ଗାଚରଣ ମହାନ୍ତି । ୧୯୪୮ ମଇ ୨୪ ତାରିଖ—ଗଞ୍ଜାମ ଜିଲାରେ ଇନାମଦାର- ମୁସ୍ତାଦାର ଶୋଷଣ ବିରୋଧରେ ଚାଲିଥିବା ପ୍ରମଳ ସଂଗ୍ରାମ ତାଳରଡା ଠାରେ ଏକ ଗଣ ଅଭ୍ୟୁତ୍ଥାନରେ ପରିଣତ ହେଲା, ଯେଉଁଠି ପୋଲିସ୍ ଗୁଳିରେ ୮ ଜଣ ଶହୀଦ୍ ହେଲେ । ଯାଜପୁରର ଅର୍ଦ୍ଧାଳିଆ, ପଟିଆ, ଶଙ୍କରପୁର, କୁଜଙ୍ଗର ବହୁ ଅଞ୍ଚଳ, ଗଞ୍ଜାମର ଶେରଗଡ, ଖେମୁଣ୍ଡି, ଛତ୍ରପୁର ଓ ପାରଳା ପାର୍ଟି ଦୁର୍ଗରେ ପରିଣତ ହୋଇଥିଲା । ମାତ୍ର ଖୋର୍ଦ୍ଧାକୁ କେନ୍ଦ୍ର କରି ପୁରୀର ଘାଟି ଡ଼ଭା ହୋଇଥିଲା ।

ପ୍ରାଣନାଥ ବାବୁ ଏ ଆତ୍ମଗୋପନ କାଳରେ ଗାଁକୁ ଗାଁ ମଧ୍ୟରାତ୍ରିରେ ଯାଇ **କୃଷକ** ଓ କ୍ଷେତ ମୂଲିଆଙ୍କ ମଧ୍ୟରେ ସଂଗ୍ରାମର ବାର୍ତ୍ତା ପ୍ରଚାର କଲେ । **ଲକ୍ଷଣ ଆଲୁଅବେ**

Digitized by PPRACHIN, SOA

ଗୋପନ ବୈଠକରେ ପ୍ରାଣନାଥ ଜାତୀୟ ଆନ୍ତର୍ଜାତୀୟ ନିଗୁଢ ପ୍ରଶ୍ନର ଆଲୋଚନା କରନ୍ତି । ମହାଜନକୁଳ କିପରି ଟିଙ୍କ ଡାଆଁଶ ଭଳି ଚାଷୀକୁ ଶୋଷଣ କରୁଛନ୍ତି, ତାର ମାର୍ମିକ ବିଶ୍ଳେଷଣ କରନ୍ତି ପ୍ରାଣନାଥ । ନିଶାର୍ଦ୍ଧ ବା ରାତ୍ରିର ଶେଷ ପ୍ରହରରେ ସେ ଚାଲନ୍ତି ଆଉ ଏକ ଗାଁକୁ । ତାଙ୍କ ଯାତାୟାତର ଖବର ଗୋପନ ପତ୍ରବାହକ ନେଇଯାଏ । ଦିନ ବେଳେ କେଉଁ ସାଥୀ ସମର୍ଥକ ଘରେ ରହି ସେଠି କେନ୍ଦ୍ର ପାର୍ଟିର ଦଲିଲକୁ ସେ ଅଧ୍ୟୟନ କରନ୍ତି ଓ ସେଥିରୁ ମୁଖ୍ୟ ବିଷୟକୁ ନୋଟ୍ କରନ୍ତି । ସନ୍ଧ୍ୟା ଦିନ ଭଳି ଉଜ୍ଜ୍ୱଳ ରୂପ ନେଇ ତାଙ୍କ ପାଇଁ ଆସେ । ଏହିପରି ଆତ୍ମଗୋପନ କରିଥିବା ଅଧିକାଂଶ ମୁଖ୍ୟନେତାମାନେ ଆପଣାକୁ ସେ ଦୁର୍ଦ୍ଦିନରେ ସଂଚାଳିତ କରିଥିଲେ । ସେ ସବୁଦିନର ବହୁ ଘଟଣା ଲୋକଗାଥା ବା legend ଭଳି ଶୁଣିବାକୁ ଲାଗେ । ମାତ୍ର କେନ୍ଦ୍ର ପାର୍ଟି ଲାଇନ୍‌ର ସଠିକତା ନେଇ ସମଗ୍ର ପାର୍ଟି ଭିତରେ ଆଲୋଚନା ଓ ବିତର୍କ ଠିକ୍ ଭାବେ ଚାଲିଥାଏ । ପୋଲିସ୍ ଓ ଗୁପ୍ତଚରଙ୍କ ନଜର ଓ ଚଡାଉକୁ ବିଫଳ କରି ପ୍ରାଣନାଥ ଓ ତାଙ୍କର ବହୁ ସାଥୀ ଅଜ୍ଞାତ ବାସରେ ଗରିବ-ଶୋଷିତ ଜନସାଧାରଣଙ୍କୁ ସଂଗଠିତ କରୁଥାନ୍ତି ଏବଂ ବଞ୍ଚିବାର ହକ୍ ସାବ୍ୟସ୍ତ କରାଉଥାନ୍ତି । ୧୯୪୮ ମସିହାର ଶେଷ ଭାଗରେ ଦିନେ ପ୍ରାଣନାଥ ବାବୁଙ୍କୁ ଖୋର୍ଦ୍ଧା ପୋଲିସ୍ ଅଚାନକ ଗିରଫ କଲେ । ସେହିପରି ପୁରୀ ଜିଲ୍ଲାରେ ଗିରଫଦାରୀ, ପୋଲିସ୍ ଜୁଲମ ଅତ୍ୟାଚାରର ସୁଅ ଛୁଟିଲା । କାକଟପୁରରେ ହେଉଥିବା ଯୁବକ ସମ୍ମିଳନୀ ଉପରେ ୧୪୪ ଧାରା ଜାରି କରି ଚଡାଉ କରାଗଲା । ଶେଷକୁ ଗୋକୁଳ ମୋହନ ରାୟ ଚୂଡାମଣି, ଗୋପୀନାଥ ବ୍ରହ୍ମଚାରୀ, ଗୌରହରି ନାୟକ, ଛାତ୍ରନେତା ବ୍ରଜବନ୍ଧୁମିଶ୍ର, ଗତିକୃଷ୍ଣ ସ୍ୱାଇଁ, ସୋମନାଥ ପାତ୍ର, ନାରଣ ଦାସ, ରଥ ପୃଷ୍ଟି, ନିରଞ୍ଜନ ଜଗଦ୍ଦେବ, ବେଙ୍ଗ ଦେଚା, ବଡପାରିର ନିମେଇଁ ବିଶ୍ୱାଳ ଚନ୍ଦକାର ଉପେନ୍ଦ୍ର ଦାସଙ୍କୁ ଗିରଫ କରି ପୁରୀ ଜେଲଖାନାରେ ବନ୍ଦୀ କରାଗଲା । କିଛିଦିନ ପରେ ଲୋକନାଥ ଚୌଧୁରୀ ଓ ଶ୍ରମିକନେତା ଦୁର୍ଗାଚରଣ ମହାନ୍ତି ଏକାନଙ୍କ ସହିତ ଥିଲେ । ଏଣେ ଖୋର୍ଦ୍ଧା ପାର୍ଟି ଅଫିସ୍‌ରେ ଥିବା ପ୍ରାଣନାଥ ବାବୁଙ୍କ ଅନ୍ତରଙ୍ଗ ବନ୍ଧୁ ଗୁଣନିଧି ସାମନ୍ତରାୟ ଗଡ ଜଗିଥାନ୍ତି । ତାଙ୍କୁ ପୋଲିସ ବାରମ୍ବାର ଧରି ନେଇ ମାଡ଼ ମାରି ଜେରା କରୁଥାଏ । ହେଲେ କିଛି ମାତ୍ର ସୁରାକ୍ ପାଉନଥାଏ । ସେହି ଗୁଣନିଧି ସାମନ୍ତରାୟ ପରେ 'ଗୁଣ ଅଜା' ନାମରେ ଅତି ପ୍ରିୟସାଥୀ ହୋଇପାରିଥିଲେ ।

ଓଡ଼ିଶାରେ ଅଟକ ଆଇନ୍ ବଳରେ ପ୍ରତ୍ୟେକ ଜିଲ୍ଲାରେ କ୍ମ୍ୟୁନିଷ୍ଟ ସାଥୀଙ୍କ ଗିରଫଦାରୀ ଓ ଗଣଭିତ୍ତି ଥିବା ଅଞ୍ଚଳରେ ଯେଉଁସବୁ ଅତ୍ୟାଚାର ଚାଲୁଥାଏ, ତାକୁ ଓଡ଼ିଶାର ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ପସନ୍ଦ କରୁନଥାନ୍ତି । ପ୍ରାଣନାଥ ବାବୁ ସାଥୀମାନଙ୍କ ଗିରଫଦାରୀରେ ବ୍ୟଥିତ ହେଉଥାନ୍ତି, ମାତ୍ର ଏହା ବେଶୀକାଳ ଚାଲିପାରିବ ନାହିଁ ବୋଲି କହୁଥାନ୍ତି । ତାଙ୍କର ଦୃଷ୍ଟିଭଙ୍ଗୀ ଥାଏ ସ୍ୱଚ୍ଛ । ତାଙ୍କର ଗିରଫଦାରୀ ଥିଲା ଆକସ୍ମିକ । ମାତ୍ର ତାହା ପ୍ରାଣନାଥଙ୍କୁ ଭୀତ ବା ହତଚକିତ କରାଇ ନଥିଲା । ଗିରଫ ହେବା ବେଳେ ହସି ହସି ସେ କହିଲେ– "କଣ ଶୁଂଘି ଶୁଂଘି ଆସିଗଲ ?" ପୋଲିସ୍

Digitized by PPRACHIN, SOA

ଅଫିସର୍ କହିଲେ- "ଆପଣ ଯେଉଁ ପ୍ରକାରର ବ୍ୟକ୍ତିତ୍ୱ, ସେଥିରେ ଆପଣଙ୍କୁ କେଉଁଠି ଲୁଚାଇ ରଖାଯାଇପାରିବ ? ଆପଣ ଯେପରି କାଲି ରାତିରେ ଗାଁକୁ ଚାଲିଛନ୍ତି, ସେ ଅନ୍ଧାରରେ ବି ଆପଣଙ୍କୁ ଠାବ କରିଯାଇପାରିବ ।"

ସେଠୁ ଯାଇ ପ୍ରାଣନାଥ ବାବୁ କିଛି ଦିନ ପୁରୀ ଜେଲ୍ ଓ ତାପରେ ବେଶୀ କାଳ କଟକ ଜେଲ୍‌ରେ କମ୍ୟୁନିଷ୍ଟ ବନ୍ଦୀଙ୍କ ଖୁଆଡରେ ରହିଲେ । ଶୀତ, ବର୍ଷା, ଖରାତାପ ସବୁକୁ ଅମ୍ଳାନ ବଦନରେ ସେ ଓ ତାଙ୍କ ସାଥୀମାନେ ସହିଥିଲେ । ପାର୍ଟି ବେଆଇନ୍, ବାହାରେ କଣ ହେଉଛି ଜାଣିବା ସମ୍ଭବ ନୁହେଁ । ଖବର କାଗଜ ଆସେ, ଯେଉଁଥିରେ କମ୍ୟୁନିଷ୍ଟ ପାର୍ଟି ଓ ତାର କାମଦାମ ସମ୍ବନ୍ଧରେ ଥିବା ଖବର କଟା ହୋଇ ରଖାଯାଏ । ପଢିବେ କଣ ? ଉଠିଲା ବନ୍ଦୀମାନଙ୍କର ପ୍ରତିବାଦର ଜୁଆର । ଏହି ଜେଲ୍‌ରେ ତାଙ୍କ ସାଙ୍ଗରେ ଥାନ୍ତି ନୀଳଗିରି ପ୍ରଜା ଆନ୍ଦୋଳନର ନେତା ବନମାଳୀ ଦାସ, କୃଷକ ନେତା ରାମଚନ୍ଦ୍ର ମିଶ୍ର, ବିପ୍ଳବୀ କବି ମନମୋହନ ମିଶ୍ର, ଲୋକନାଥ ଚୌଧୁରୀ, ଦୁର୍ଗାକର, ଉଦୀୟମାନ ଛାତ୍ରନେତା ଶିବାଜୀ ପଟ୍ଟନାୟକ, ଅଧ୍ୟାପକ କୃଷ୍ଣ ପ୍ରସାଦ ପଟ୍ଟନାୟକ, ପ୍ରହ୍ଲାଦ ସେଠୀ, ଦୁଃଶାସନ ଜେନା, ପ୍ରହ୍ଲାଦ ଜେନା, ବ୍ରଜକିଶୋର ପଟ୍ଟନାୟକ । ପରେ ନନ୍ଦିନୀ ଶତପଥୀ, ଦେବେନ୍ଦ୍ର ଶତପଥୀ, ଅଖିଳ ପଟ୍ଟନାୟକ ପ୍ରମୁଖ ବହୁ ସାଥୀ ଜେଲଖାନା ଗଲେ । ଜେଲ୍‌ରେ ଖାଇବା କଥା ନକହିଲେ ଭଲ । ସେତେବେଳେ ଭାରତର ଚାରିଆଡେ ରେଳବାଇ ଶ୍ରମିକ ଧର୍ମଘଟ କରି ଯୋଗାଯୋଗ ବ୍ୟବସ୍ଥା ଅଚଳ କରିଦେବାକୁ ନିଷ୍ପତ୍ତି ଥିଲା । ଖୋର୍ଦ୍ଧାରୋଡରେ ଥାଆନ୍ତି ଉଦୀୟମାନ ସାଥୀ ଲୋକନାଥ ଚୌଧୁରୀ । ମାତ୍ର ରେଳ ଶ୍ରମିକ ଧର୍ମଘଟ ବିଫଳ ହୋଇଥିଲା । ତେଣୁ କାକଦ୍ୱୀପ, ଡାଇମଣ୍ଡ ହାରବର୍, ମେଦିନିପୁର, ୨୪ ପ୍ରଗଣା, କୋଚିନ୍ ତ୍ରିଭାଙ୍କୁଡର ହଜାର ହଜାର ଗ୍ରାମ, ଉତ୍ତର ପ୍ରଦେଶର ଗାଜିପୁର, ଆଜମ୍ ଗଡ, ମହାରାଷ୍ଟ୍ରର ସତାରା ଓ ଭୀଲ ଅଧ୍ୟୁଷିତ ଅଞ୍ଚଳରେ ଏବଂ ନିଜାମ୍‌ର ଗୁଣ୍ଡା ବାହିନୀ ରାଜ୍‌ଙ୍କର ସେନା ବିରୋଧରେ ତେଲେଙ୍ଗାନାର ହଜାର ହଜାର ଗ୍ରାମରେ କମ୍ୟୁନିଷ୍ଟ ପାର୍ଟି ଓ ତାର ଗଣ ସଂଗଠନ 'ପ୍ରଜାଶକ୍ତି' ତରଫରୁ ବିପୁଳ ଗଣ ଅଭ୍ୟୁତ୍‌ଥାନ ମୁଣ୍ଡ ଟେକିଥାଏ । ଏକ ସମୟରେ ବି.ଟି. ରଣଦିବେଙ୍କ ସାଧାରଣ ସଂପାଦକତ୍ୱର ଅବସାନ ଘଟି ଆନ୍ଧ୍ର ପାର୍ଟିର ନେତା ସିଂ ରାଜେଶ୍ୱର ରାଓ ନେତୃତ୍ୱ ନେଲେ । ତେଲେଙ୍ଗାନାରେ ପ୍ରଜାମୁକ୍ତି ସଂଗ୍ରାମ ପ୍ରଖର ହେଲା । ସୁନ୍ଦରାୟା, ରାଜଶେଖର ରେଡି, ବାସବ ପୁନ୍ନାୟା ଏହାର ପ୍ରମୁଖ ନେତା ଥିଲେ । ମାତ୍ର ସବୁଠାରୁ ଜନପ୍ରିୟ ନେତା ଥିଲେ ରବିନାରାୟଣ ରେଡି । ଆନ୍ଧ୍ରର ହଜାର ଗ୍ରାମରେ ଲାଲ ପତାକା ଉଡିଥିଲା । ଭୂସଂସ୍କାରକୁ କାର୍ଯ୍ୟକାରୀ କରାଯାଇଥିଲା । କେତେକ ରାଜ୍ୟରେ କମ୍ୟୁନିଷ୍ଟ ସ୍ୱେଚ୍ଛାସେବୀଙ୍କ ସହ ପୋଲିସ୍ ବାହିନୀର ସଂଘର୍ଷ ଘଟୁଥାଏ । ପଞ୍ଜାବ ଓ ମାନ୍ଦ୍ରାଜ (ବର୍ତ୍ତମାନର ତାମିଲନାଡୁ) ପ୍ରଦେଶ ମଧ୍ୟ ଏହି ଲଢେଇରୁ ମୁକ୍ତ ନଥାନ୍ତି । ଲୋକନାଥ ଚୌଧୁରୀଙ୍କୁ ଜଟଣୀରୁ କୌଶଳକ୍ରମେ ଗିରଫ କରି ମାଡ଼ ମାରି ପୋଲିସ୍ ରକ୍ତବାନ୍ତି କରାଇଥାଏ । ଏମିତି ଗୋଟି ଗୋଟି ହୋଇ ବହୁ କମ୍ୟୁନିଷ୍ଟ ସାଥୀ ଗିରଫ ହୋଇ

Digitized by PPRACHIN, SOA

ପ୍ରଚୁର ନିର୍ଯ୍ୟାତନା ଭୋଗି ପୁରୀ ବ୍ରହ୍ମପୁର ଓ ସମ୍ବଲପୁର ଜେଲ୍‌ରେ ଥାଆନ୍ତି । ଭାରତରେ ବନ୍ଦିମୁକ୍ତି ପାଇଁ ଏବଂ ବନ୍ଦି ନିର୍ଯ୍ୟାତନା ବିରୋଧରେ ତୁମୁଳ ଆନ୍ଦୋଳନର ଢେଉ ଛୁଟିଥାଏ । କଟକ ପାର୍ଟିରେ ମହିଳା ସାଥୀ ସାବିତ୍ରୀ ଆଚାର୍ଯ୍ୟ (ପରବର୍ତ୍ତୀ କାଳରେ ସାଥୀ ରାମଚନ୍ଦ୍ର ମିଶ୍ରଙ୍କ ଧର୍ମପତ୍ନୀ), ନନ୍ଦିନୀ ଶତପଥୀ (ପରବର୍ତ୍ତୀ କାଳରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀ), ନିର୍ମଳା ମିଶ୍ର (ମନମୋହନ ମିଶ୍ରଙ୍କ ପତ୍ନୀ) ନର୍ମଦା ମହାପାତ୍ର (ଢେଙ୍କାନାଳର କମ୍ୟୁନିଷ୍ଟ ନେତା ପରମାନନ୍ଦ ମହାପାତ୍ରଙ୍କ ପତ୍ନୀ) ରହିଥିଲେ । ତା' ଛଡା ଛାତ୍ର ସଂଘର ମହିଳା ଶାଖାର ନେତ୍ରୀ ଭାବେ ନିରୁପମା ରଥ (ପରବର୍ତ୍ତୀ କାଳରେ ମହିଳା ସମିତି ଉତ୍କଳ ଓ ଭାରତର ସଭାନେତ୍ରୀ ଓ ଗଙ୍ଗାଧର ରଥଙ୍କ ପତ୍ନୀ) ଓ ବହୁଛାତ୍ରୀ ଆସିଥିଲେ । ଛାତ୍ର ସଂଘରେ ଅସଂଖ୍ୟ ଲଢୁଆ, ମେଧାବୀ ଛାତ୍ର ଯୋଗ ଦେଇଥିଲେ । ପାର୍ଟି ସମସ୍ତଙ୍କର କାର୍ଯ୍ୟକ୍ରମ ଓ ଜାତୀୟ ଆନ୍ତର୍ଜାତୀୟ ଘଟଣାବଳୀରେ ଭରପୂର ଥିଲା । ଆତ୍ମଗୋପନକାରୀ ସାଥୀମାନେ ଅସୀମ ତ୍ୟାଗ, କଷ୍ଟ ଓ ଶୃଙ୍ଖଳାର ସହ କାର୍ଯ୍ୟ ନିର୍ବାହ କରୁଥିଲେ । କେବଳ ରାଜ୍ୟ ବିଧାନସଭାର 'ଷ୍ଟର୍ମ ପେଟ୍ରଲ୍' କମ୍ୟୁନିଷ୍ଟ ବିଧାୟକ ବୈଦ୍ୟନାଥ ରଥ ଓ କମ୍ୟୁନିଷ୍ଟ ନେତା ଶରତ ପଟ୍ଟନାୟକ ବାହାରେ ଥିଲେ । 'ମୁକ୍ତିଯୁଦ୍ଧ' କାଗଜର ସରକାର ବାଜ୍ୟାପ୍ତ କଲାପରେ ଶରତ ପଟ୍ଟନାୟକ 'ସନ୍ଧାନ' ନାମକ ସାପ୍ତାହିକୀ କାଢି ସେଥିରେ ପାର୍ଟିର ବାର୍ତ୍ତା ପ୍ରଚାର କରୁଥିଲେ । ସିଧାସଳଖ ପାର୍ଟି କାମରୁ ଆସି ଆଇନ୍ ବ୍ୟବସାୟରେ ଯୋଗ ଦେଇଥିବା ଗଙ୍ଗାଧର ରଥ 'ସଂକେତ' ନାମକ ପ୍ରଗତିଧର୍ମୀ, ସାହିତ୍ୟର ସବୁବିଭାଗରେ ସମୃଦ୍ଧ ଏକ ସାହିତ୍ୟ ପତ୍ରିକା ବାହାର କରିଥିଲେ । ସେଥିରେ ଜାତୀୟ ଆନ୍ତର୍ଜାତିକ ଚିନ୍ତାଧାରା ପରିସ୍ଫୁଟ ହେଉଥିଲା । ତାହା ପାଟିର ମୁଖପତ୍ର ନଥିଲା । ମାତ୍ର ତାହା ମଧ୍ୟ ବନ୍ଦ ହୋଇଗଲା । "ବିନା ବିଚାର, ବିନା ଅପରାଧରେ ଗିରଫ କମ୍ୟୁନିଷ୍ଟ ବନ୍ଦୀମାନଙ୍କୁ ଖଲାସକର"– ଏ ଦାବି ବାହାରେ ଥିବା ଚିନ୍ତାଶୀଳ ମନୀଷୀ ଓ ଆଇନ୍ ଜୀବୀମାନେ ଉଠାଇଲେ । କଟକ ଜେଲ୍ ଗେଟ୍ ଉପରେ ନନ୍ଦିନୀ ଶତପଥୀ, ଅନନ୍ତ ବିଶ୍ୱାଳ, ବିଶ୍ୱମ୍ଭର ସାମନ୍ତ ପ୍ରମୁଖ ଚଢାଉ କରି ଗିରଫ ହେଲେ । ଦେଶସାରା ଆଇନ୍ ଅଦାଲତରେ ହ୍ୱିବିୟସ କର୍ପସ୍ ମାମଲା ଚାଲିଲା ବନ୍ଦୀମୁକ୍ତି ପାଇଁ । ଭାରତର ଅନେକ ଜେଲ୍‌ରେ ବନ୍ଦୀମାନଙ୍କ ଉପରେ ସଶସ୍ତ୍ର ରକ୍ଷୀ, ଘାତକ ଚଢାଉ କଲେ । ଅନେକ ମନେ କଲେ ଦେଶର ବାମପନ୍ଥୀ ରାଜନୀତିର 'କ୍ରିମ୍' ଅସଲି ବୀରମାନଙ୍କୁ ଜେଲଖାନା ଭିତରେ ବୋଧେ ଖତମ କରାଯିବ । ଏଣେ ଜେଲ୍‌ରେ ରାଜବନ୍ଦୀମାନଙ୍କୁ ଲୁହା ଥାଳିରେ ଖାଦ୍ୟ ନାମରେ ଯାହା ଦିଆଯାଉଥାଏ ତାହା ଅଖାଦ୍ୟ । କମ୍ୟୁନିଷ୍ଟ ବନ୍ଦୀମାନଙ୍କୁ ଖବରକାଗଜ ଦିଆଯାଉ ନଥାଏ । ଯାହା ଦିଆଯାଉଥିଲା, ସେଥିରେ ଅସଲ ସମ୍ବାଦକୁ କାଟି ବାହାର କରିଦିଆଯାଉଥିଲା । ମୌଳିକ ମାର୍କ୍ସବାଦୀ ସାହିତ୍ୟ ପାଇବାର ପ୍ରଶ୍ନ ନଥିଲା । ଏ ସବୁ ବିରୋଧରେ କମ୍ୟୁନିଷ୍ଟ ବନ୍ଦୀମାନେ ତୁମୁଳ ପ୍ରତିବାଦର ଝଡ ଉଠାଇଲେ ଓ ଆରମ୍ଭ କଲେ ଐତିହାସିକ ଅନଶନ ଧର୍ମଘଟ । ଖାଦ୍ୟସବୁ ଫେରାଇ ଦିଆଗଲା, ଦିନସାରା ଖାଲି ସାମାନ୍ୟ ଲୁଣ ଲେମ୍ବୁ ପାଣି ପିଇ ବାରାକ୍‌ର

Digitized by PPRACHIN, SOA

ଦ୍ୱାରମାନଙ୍କୁ ଖଟଦେଇ ବନ୍ଦ କରି ବ୍ୟାରିକେଡ୍ ହେଲା । ଚାଲିଲା ଅନଶନ ଅଣଚାଶ ପର୍ବ । ତା’ ଭିତରେ ପ୍ରାଣନାଥବାବୁ, ବନମାଳୀ ଦାସ, ମନମୋହନ ମିଶ୍ର ପ୍ରମୁଖ ରୀତିମତ କ୍ଲାସ ନେଲେ । ବନ୍ଦୀମାନଙ୍କ ଦୁର୍ବଳ ଶରୀର, ମାତ୍ର ପ୍ରାଣପ୍ରାଚୁର୍ଯ୍ୟ ପ୍ରଚଣ୍ଡ । ସେହି ଜେଲ୍ ଭିତରେ ମନମୋହନ ମିଶ୍ରଙ୍କ ଅନେକ କ୍ରାନ୍ତିକାରୀ କବିତା ସୃଷ୍ଟି ହେଲା । ଯଦୁନନ୍ଦନ ବିଶ୍ୱାଳଙ୍କ କବିତା, ଅଧ୍ୟାପକ କୃଷ୍ଣ ପଟ୍ଟନାୟକଙ୍କ ବିଶ୍ଳେଷଣାତ୍ମକ କବିତା ସୃଷ୍ଟି ହେଲା । ଯଦୁନନ୍ଦନ ବିଶ୍ୱାଳଙ୍କ କବିତା, ଅଧ୍ୟାପକ କୃଷ୍ଣ ପଟ୍ଟନାୟକଙ୍କ ବିଶ୍ଳେଷଣାତ୍ମକ ଲେଖା ଏବଂ ୧୯୫୧ ଜୁଲାଇ ପରେ ଜେଲ୍‌କୁ ଆସିଥିବା ପ୍ରସିଦ୍ଧ କଥାକାର ଅଖିଳ ମୋହନ ପଟ୍ଟନାୟକଙ୍କ ଗଳ୍ପ ମଧ୍ୟ ଲେଖା ହେଲା । ଜେଲ ଥିଲା ଯେପରି ଶିକ୍ଷାର ନିକେତନ । ପ୍ରାଣନାଥ ବାବୁ କିଛି ବ୍ୟାୟାମ ସହିତ ପଢାପଢି ଓ ଅଧ୍ୟାପନରେ ସମୟ କାଟୁଥିଲେ, ମାତ୍ର ଶରୀର ଅନଶନ ଫଳରେ ଦୁର୍ବଳ ହେଉଥିଲା । ଖାଦ୍ୟ ଗ୍ରହଣ ପାଇଁ ଜେଲ କର୍ତ୍ତୃପକ୍ଷଙ୍କ ପ୍ରବର୍ତ୍ତନା ସବୁ ବିଫଳ ହେଲା । ଏମିତି ଅନଶନ ୪୩ ଦିନରେ ପହଞ୍ଚିଲା । ଏଇଟା ଏଇଥିପାଇଁ ଗୁରୁତ୍ୱପୂର୍ଣ୍ଣ ଯେ ଏହି ଦିନ ପ୍ରାଣନାଥ ରକ୍ତବାନ୍ତି କରି ଅଚେତ ହୋଇଗଲେ । ଦୀର୍ଘ ଅନଶନ ବୋଧେ କିଛି ଅନ୍ତର୍କ୍ଷତ ସୃଷ୍ଟି କରିଥିଲା । ଦଉଡି ଆସିଲେ ତାଙ୍କର ପ୍ରାଣପ୍ରିୟ ସାଥୀମାନେ । ମୁହଁକୁ ପାଣି ଛାଟି ଥଣ୍ଡାପାଣି ପିଆଇ ତାଙ୍କୁ ସାକ୍ଷମ କରାଇଲେ । ଓଡିଶା ପାର୍ଟିର ଅନ୍ୟତମ ପ୍ରାଣପ୍ରତିଷ୍ଠାତା, ମହାନ୍ ଜନନେତା କଣ ଏମିତି ଚାଲିଯିବେ ? ଅଚେତ ଅବସ୍ଥାରୁ ଉଠି ମୁହଁ ଧୁଆଧୋଇ କରି ପ୍ରାଣନାଥ ‘ସବୁ ଠିକ୍ ଅଛି’ ବୋଲି କହିଲେ । ଜେଲ କର୍ତ୍ତୃପକ୍ଷ ଇଞ୍ଜେକ୍‌ସନ୍ ଦେଇ ଜୋର ଜବରଦସ୍ତ ତାଙ୍କର ଅନଶନ ଭଙ୍ଗ କରାଇଥିଲେ ମଧ୍ୟ ଦୁର୍ବଳତା ବହୁଦିନ ଧରି ରହିଥିଲା । ଖୁବ୍ କମ୍ ବୟସର ବନ୍ଦୀ ଶିବାଜୀ ପଟ୍ଟନାୟକଙ୍କ ଅବସ୍ଥା ମଧ୍ୟ ଖରାପ ହେଲା । ଏପରି ଅବସ୍ଥାରେ ଅତ୍ୟନ୍ତ ଦୁର୍ବଳ ହାତରେ କବି ମନମୋହନ ଲେଖିଲେ—

‘‘ଜାଗ ଅନଶନ ବନ୍ଦୀ ମୂର୍ଚ୍ଛାହତ, ଜୀବନର ବଞ୍ଚିତ ବନ୍ଧୁ ଶତ,
ଭୋକ ଭସ୍ମ ପରେ ନବ ସବୁଜ ଜୀବନ, ହେବ ଉଚ୍ଛଳରେ,
ଶୁଣ ଅତ୍ୟାଚାରୀ, ଶୁଣ ସଞ୍ଚୟୀ,
ଅଟୁ ସର୍ବହରା ହେବୁ ସର୍ବଜୟୀ ।
ସର୍ବଶେଷେ ଏହି ସଂଗ୍ରାମଟି, ମୃତ୍ୟୁର ଜୟକାର ଉଠେ
ଏହି ଦୁନିଆର ଜାଗ ବିପୁଳ ମାନବ ଜାତି ସଂହତିରେ... ।

କେତେ ମାର୍ମିକ ଓ ପ୍ରାସଙ୍ଗିକ ଥିଲା ଏହି କବିତାର ଅର୍ଥବୋଧ । କେତେ ଉଦ୍ଦୀପ୍ତ ଥିଲା ଏହାର ଆବେଗ । ଜେଲ୍ ବାହାରେ ବହୁ ବିଶିଷ୍ଟ ବ୍ୟକ୍ତି କମ୍ୟୁନିଷ୍ଟ ବନ୍ଦୀମାନଙ୍କ ଉପରେ ନିର୍ଯ୍ୟାତନାର ବିରୋଧ କଲେ । ଶେଷକୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ହସ୍ତକ୍ଷେପରେ ଅବସ୍ଥା ସୁଧୁରିଲା ।

ଏହି ସମୟରେ ଭାରତ ବର୍ଷର ନୂତନ ସମ୍ବିଧାନ ରଚିତ ହେଲା ଏବଂ ୧୯୫୨ ଜାନୁଆରୀ ସୁଦ୍ଧା ସାବାଳକ ଭୋଟ୍ ଭିତ୍ତିରେ ଏକ ନୂତନ ଗଣପ୍ରତିନିଧି ସଭା

Digitized by PPRACHIN, SOA

ପାର୍ଲ୍ୟାମେଣ୍ଟ, ମନ୍ତ୍ରୀ ସଭା, ପ୍ରଧାନ ମନ୍ତ୍ରୀ, ରାଷ୍ଟ୍ରପତି ନିର୍ବାଚନ କରିବାର ଅନିବାର୍ଯ୍ୟ କର୍ତ୍ତବ୍ୟ ଆସିଲା । ଦେଶର ପ୍ରମୁଖ ରାଜନୈତିକ ଦଳମାନେ ଏଥିରେ ଭାଗ ନନେଲେ ଅସୁବିଧା କଥା ହେବ । ତେଣୁ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ନବନିର୍ବାଚିତ ସଂପାଦକ ଅଜୟ ଘୋଷ (ଯେ ଥିଲେ ଶହୀଦ ଭଗତ ସିଂହ, ଶୁକଦେବ ଓ ରାଜଗୁରୁଙ୍କ ସହଯୋଗୀ)ଙ୍କ ସହ ଆଲୋଚନା କଲେ । କମ୍ୟୁନିଷ୍ଟ ପାର୍ଟି ଉପରୁ ବେଆଇନ୍ ଘୋଷଣା ପ୍ରତ୍ୟାହାର କରାଗଲା । ଧୀରେ ଧୀରେ କମ୍ୟୁନିଷ୍ଟ ବନ୍ଦୀମାନେ ଖଲାସ୍ ହେଲେ । ଓଡ଼ିଶାରେ ଅଜ୍ଞାତବାସରେ ଥିବା ନେତାମାନେ ବାହାରକୁ ଆସିଲେ । ଗୁରୁଚରଣ ପଟ୍ଟନାୟକ ପାର୍ଟିର ସଂପାଦକ ହେଲେ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥାଆନ୍ତି ନବକୃଷ୍ଣ ଚୌଧୁରୀ, ଯେ କି ଏକଦା ଭଗବତୀ, ପ୍ରାଣନାଥ ଓ ଗୁରୁଚରଣଙ୍କ ସହଯୋଦ୍ଧା ଥିଲେ । ପାର୍ଟି ନିର୍ବାଚନରେ ଭାଗନେବ ବୋଲି ସ୍ଥିର ହେଲା, ଯଦିଚ ସମ୍ବିଧାନର ସୀମାବଦ୍ଧ ପରିସର ଓ ଧନୀ-ପୁଞ୍ଜିପତି ଶ୍ରେଣୀର ପ୍ରକୋପ ଓ ଆଧିପତ୍ୟ ସମ୍ବନ୍ଧରେ କାହାର ଭୁଲଧାରଣା ନଥିଲା । ଲେନିନ୍ କହିବା ଭଳି ନିର୍ବାଚିତ ପ୍ରତିନିଧି ସଭାକୁ ଯାଇ ସେଠି ଜନଗଣଙ୍କର ଦାବିର ଆବାଜ୍ ଉଠାଇବାକୁ ହେବ । ନିର୍ବାଚନ ବେଳକୁ ବହୁ ସାଥୀ ଜେଲ୍‌ରେ ଥାଆନ୍ତି, ଅନେକ ଖଲାସ ହେଉଥାନ୍ତି । ଆଗରୁ ପାର୍ଟି ସଭ୍ୟ ନଥିବା ପ୍ରବୀଣ ବାମପନ୍ଥୀ କୃଷକ ନେତା ମୋହନ ଦାସ କଟକ ଆସି 'ନୂଆଦୁନିଆ'କୁ ପାର୍ଟିର ମୁଖପାତ୍ର ହିସାବରେ ଚଳାଉଥାନ୍ତି । ପ୍ରାଣନାଥ ଜେଲ୍ ଭିତରୁ ଖଲାସ୍ ହେଲେ । ଦୁର୍ବଳ ସ୍ୱାସ୍ଥ୍ୟ... ସ୍ୱାଧୀନ ଭାରତର ଜେଲଖାନା ପ୍ରାଚୀରକୁ ପ୍ରାଣନାଥ ଫେରି ଥରେ ଚାହିଁଲେ । ଏହା ଭିତରେ କେତେ ସ୍ମୃତି ସେ ଛାଡି ଆସିଛନ୍ତି । ଶୀତୁଆ ପବନରେ ଦେହ ହେମାଳିଆ ଲାଗୁଥାଏ । ଆଗକୁ ଗୋଡ କାଢିଲେ । ଆଉ ଅନ୍ୟ ଏକ ପ୍ରକାରର ସଂଗ୍ରାମ ସତେ ଯେପରି ହାତଠାରି ତାଙ୍କୁ ଡାକୁଥିଲା ।

■■■

Digitized by PPRACHIN, SOA

ଦ୍ୱାଦଶ ଅଧ୍ୟାୟ

ଗଣତାନ୍ତ୍ରିକ ନିର୍ବାଚନର ରଣାଙ୍ଗନରେ :

ପ୍ରାଣନାଥ ବାବୁ ଜେଲରୁ ବାହାରି କଟକ ଚାନ୍ଦିନିଚୌକ ଛକରେ ମାଧିଆନାର ଛୋଟ ନଳୀ କୋଠାରେ ପାର୍ଟି ଅଫିସରେ ପହଁଚିଲେ ।ବେଶ୍ ଗହଳି ଥିଲା ପାର୍ଟି ଅଫିସରେ । ପ୍ରାଣନାଥବାବୁଙ୍କୁ ଦେଖି ସାଥୀମାନେ ଉତ୍‌ଫୁଲ୍ଲ ହୋଇ ଉଠିଥିଲେ । ଆଉ ଅନେକ ସାଥୀ ଯେଉଁମାନେ ପ୍ରାର୍ଥୀ ହେବାର କଥା, ସେମାନେ ଏବେବି ଜେଲଖାନାରେ । ଗଣତାନ୍ତ୍ରିକ ନିର୍ବାଚନର ଏକ ଚାଲେଞ୍ଜକୁ ସାଥୀମାନେ ଗ୍ରହଣ କରିଛନ୍ତି । ମାତ୍ର କଂଗ୍ରେସ ତ ଦେଶର ଶାସକ ଦଳ, ସମସ୍ତ କ୍ଷମତା ବିପୁଳ ସମ୍ବଳ ସାଙ୍ଗକୁ ଗାଁ ଓ ସହରର ଅସଂଖ୍ୟ ସ୍ୱାର୍ଥାନ୍ଧ ଲୋକ ତା'ର ଶିବିରରେ ରୁଣ୍ଡ । ବଣ-ଜଙ୍ଗଲରେ, ଖରାତରାରେ ଅଖିଆ ଅପିଆ ବୁଲି ନିଜର ସ୍ୱାସ୍ଥ୍ୟ-ନଷ୍ଟ କରିଥିବା ଓ ଜେଲଖାନାର ତଥାକଥିତ ଖାଦ୍ୟ ଖାଇ, କିଏ ବା ଅନଶନ କରି ଆୟୁବଳଙ୍କୁ କ୍ଷୀଣ କରିଥିବା ପାର୍ଟିର ପ୍ରାର୍ଥୀ ଓ ସାଥୀମାନେ କିପରି ଏ ସଂଗ୍ରାମକୁ ସାମନା କରିବେ ? ଧନୀ, ପୁଞ୍ଜିପତି, ମହାଜନ, ଜମିଦାରମାନେ ତ ସେମାନଙ୍କ ଟଙ୍କା ଥଳି ଖୋଲିଦେବେ କଂଗ୍ରେସ ଓ ଅନ୍ୟ ଧନିକ ଦଳର ପ୍ରାର୍ଥୀଙ୍କ ପାଇଁ । ପାର୍ଟିକୁ ଗଣଚାନ୍ଦା, ଗଣସମର୍ଥନ ଉପରେ ନିର୍ଭର କରି ଠିଆ ହେବାକୁ ହେବ । ସେଦିନ ସଂଧ୍ୟାରେ ପ୍ରାଣନାଥ ବାବୁ ବସ୍‌ରୁ ଓହ୍ଲାଇ ଖୋର୍ଦ୍ଧା ବଜାରରେ ଥିବା ଅଫିସରେ ପହଁଚିଲେ । ଗୁଣଅଜା ପ୍ରମୁଖ ଅନେକ ସାଥୀ ଆନନ୍ଦରେ ତାଙ୍କୁ ସ୍ୱାଗତ କଲେ । ମୁଖ୍ୟସାଥୀ ଓ ସଖା ଗୋକୁଳମୋହନ ରାୟ ଚୂଡ଼ାମଣି ଏଯାଏଁ ଖଲାସ ହୋଇ ନଥାନ୍ତି । ହାଇକୋର୍ଟର ହବିୟସ୍ କର୍ପସ୍ ମାମଲାରେ ଫଇସଲା ହେବାରେ ବିଳମ୍ବ ଘଟୁଛି । ସେଠୁ ବହୁ କଷ୍ଟରେ ଜଟଣୀ ଘର—ସେହି ପୁରୁଣା ନିଳୟରେ ପହଁଚିବା ବେଳକୁ ବହୁ ବିଳମ୍ବ ହୋଇଥିଲା । ପତ୍ନୀ ମଂଜରୀ ଦେବୀ, ବଡ଼ ପିଲାଟି ବୋଧେ ଚାହିଁ ଥିଲେ । ଛୋଟ ପିଲାମାନେ ଶୋଇ ଯାଇଥିଲେ । ମାତ୍ର ବାପା ଖଲାସ ହୋଇ ଫେରିବେ ଏ ଖବରକୁ ପିଲାମାନେ ରଟାଇ ଦେଇଥିଲେ ସଂଧ୍ୟା ପ୍ରହରରେ । ଧୀର ପଦକ୍ଷେପରେ ପ୍ରାଣନାଥ

Digitized by PPRACHIN, SOA

ଘରେ ପହଞ୍ଚିଲେ । ସନ୍ତୋଷ ଚିତ୍ତରେ ପିଲାମାନଙ୍କୁ ଦେଖିଲେ । ଶୋଇଥିବା ପିଲାଙ୍କ ଉପରେ ହାତ ଥାପୁଡ଼େଇ ଦେଲେ । ସ୍ନେହ ସରାଗ ଓ ଆନନ୍ଦର ଆଲୋକ ଏତେ ଦିନପରେ ଦୁଃଖୀ ସଂସାରରେ ଉଦ୍‌ବେଳିତ ହେଲା ।

ନିର୍ବାଚନ ସଂଗ୍ରାମ ଆରମ୍ଭ ହେଲା ୧୯୫୧ ଡିସେମ୍ବର ମାସରୁ । ପ୍ରାଣନାଥ ବାବୁ ଖୋର୍ଦ୍ଧା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଗଙ୍ଗାଧର ପାଇକରାୟ ବୋଲଗଡ଼-ବେଗୁନିଆରୁ, ଗଙ୍ଗାଧର ମିଶ୍ର ରଣପର ଆସନରୁ ଓ ଲୋକସଭା ଆସନ ପାଇଁ ବିଶିଷ୍ଟ ଚାଷୀନେତା ମୋହନ ଦାସ କମ୍ୟୁନିଷ୍ଟ ପାର୍ଟି ତରଫରୁ ପ୍ରାର୍ଥୀ ହୋଇଥିଲେ । ପ୍ରଥମ ସାଧାରଣ ନିର୍ବାଚନରେ ବିଭିନ୍ନ ପାର୍ଟିର ଭୋଟ ବାକ୍ସ ଥିଲା । ତା ଉପରେ ପାର୍ଟି ଓ ପ୍ରାର୍ଥୀଙ୍କ ଭୋଟ ଚିହ୍ନ ବଡ଼ହୋଇ ଦେଖା ଯାଉଥିଲା । ତାକୁ ଦେଖି ଭୋଟର ଭୋଟ୍ ଦେଉଥିଲେ । କମ୍ୟୁନିଷ୍ଟ ପାର୍ଟିର ସଂକେତ ଥିଲା ଦାଆ ଓ ଶସ୍ୟକେଣ୍ଡା (ଏ ପର୍ଯ୍ୟନ୍ତ ତାହା ଅଛି), କଂଗ୍ରେସ ପାର୍ଟିର ସଂକେତ ଥିଲା ଯୋଡ଼ି ବଳଦ, ସୋସାଲିଷ୍ଟଙ୍କର ବରଗଛ, ଗଣତନ୍ତ୍ର ପରିଷଦର ଧନୁତୀର, ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶଙ୍କ ଚିହ୍ନ ଥିଲା ନିଶୁଣି । ନିର୍ବାଚନ ପ୍ରଚାର ପାଇଁ କମ୍ୟୁନିଷ୍ଟ ପାର୍ଟି ବା ପ୍ରାଣନାଥ ବାବୁଙ୍କର ଜିପ୍, କାର୍, ଯାନବାହନ କିଛି ନଥିଲା । ସାରା ଓଡ଼ିଶାରେ ପାର୍ଟି ଏହି ପ୍ରକାର ଆର୍ଥିକ ଦୁର୍ଗତି, ଶତ୍ରୁପକ୍ଷର ଅପପ୍ରଚାର ଓ ଅଜସ୍ର ଅର୍ଥ ପାଣିପରି ଖର୍ଚ୍ଚ କରି ଭୋଟକୁ କାବାର କରିବାର ଅସୁବିଧା ଭିତର ଦେଇ ଗତି କରୁଥିଲା । କମ୍ୟୁନିଷ୍ଟ ପାର୍ଟିର ଜାତୀୟ ସାଧାରଣ ସଂପାଦକ ଅଜୟ ଘୋଷ ଓଡ଼ିଶା ଆସି ପାର୍ଟି ପ୍ରାର୍ଥୀ ମାନଙ୍କ ପାଇଁ ପ୍ରଚାର ଚଳାଇଥିଲେ । ମାତ୍ର ଖୋରଧା ଆସନରେ ବିଭିନ୍ନ କାରଣରୁ, ଏଠାରେ ସ୍ୱାଧୀନତା ଯୁଦ୍ଧର ମହାରଥୀ ପ୍ରାଣନାଥ ବିଜୟୀ ହୋଇ ପାରିଲେ ନାହିଁ । ନୂତନ ବିଧାନ ସଭାକୁ ଗଂଜାମର ମହାନ ଚାଷୀ ନେତା ଗୋବିନ୍ଦ ପ୍ରଧାନ; ଆସିକା ଦ୍ୱୈତ କ୍ଷେତ୍ରରୁ ହରିହର ଦାସ, ମୋହନ ନାୟକ, ପାରଳାଖେମୁଣ୍ଡିରୁ ଜଗନ୍ନାଥ ମିଶ୍ର, ବେଗୁନିଆ ନିର୍ବାଚନ ମଣ୍ଡଳୀରୁ ଗଙ୍ଗାଧର ପାଇକରାୟ, ଢେଙ୍କାନାଳ ନିର୍ବାଚନ ମଣ୍ଡଳୀରୁ ପ୍ରଜାମଣ୍ଡଳ ସଂଗ୍ରାମର ମହାରଥୀ ବୈଷ୍ଣବ ପଟ୍ଟନାୟକ ଓ ମଦନ ଦେହୁରୀ ନିର୍ବାଚିତ ହେଲେ । ବ୍ରହ୍ମପୁର ଲୋକସଭା ଆସନରୁ ସି.ପି.ଆଇ.ର ବିଜୟଚନ୍ଦ୍ର ଦାସ ପାର୍ଲାମେଣ୍ଟକୁ ନିର୍ବାଚିତ ହେଲେ । ବିଧାନସଭାରୁ ରାଜ୍ୟସଭାକୁ ୧୦ ଜଣ ସାଂସଦଙ୍କ ଭିତରେ ବୈଦ୍ୟନାଥ ରଥ ନିର୍ବାଚିତ ହେଲେ । "ସୁଖେ ଦୁଃଖେ ସଦା ସ୍ଥିର" ପ୍ରାଣନାଥଙ୍କୁ ପରାଜୟ ବେଦନା ଘାରି ନଥିଲା ।

ମାତ୍ର ୧୯୫୨ ନିର୍ବାଚନ ଲଢୁଥିବା ବେଳେ ପ୍ରାଣନାଥ ବାବୁ ବାରମ୍ବାର ସ୍ମରଣ କରୁଥାନ୍ତି ସାଥୀ ଭଗବତୀ ବାବୁଙ୍କୁ, ଯେ ୧୯୩୬ ନିର୍ବାଚନରେ ଖୋର୍ଦ୍ଧାରେ ପ୍ରଚାର କରୁଥିଲେ । ମନ କହୁଥାଏ 'ଆହା ଯଦି ଭଗବତୀ ବାବୁ ଥାଆନ୍ତେ !' ଆଖି ସଜଳ ହୋଇଯାଏ । ୧୯୫୨ ମସିହା ନିର୍ବାଚନରେ ପରାଜୟ ପରେ, ସେ ବିଭିନ୍ନ ଅଞ୍ଚଳକୁ ଯାଇ ନିର୍ବାଚନରେ କେଉଁଟା ମୁଖ୍ୟ ସମସ୍ୟା ଥିଲା, ଶତ୍ରୁ ପକ୍ଷର ପ୍ରଚାର କଣ ଥିଲା,

Digitized by PPRACHIN, SOA

ଜାତିଆଣ ପ୍ରଚାର କମ୍ୟୁନିଷ୍ଟ ବିରୋଧୀ କୁତ୍ସା କେତେ ମାତ୍ରାରେ କାମ ଦେଇଛି ଓ ସର୍ବୋପରି ପାର୍ଟିର ନିର୍ବାଚନ ସଂଗଠନରେ ପାରି ଉଠି ନପାରିବାର କାରଣ କଣ, ତାହା ସବୁ ଅନୁଧ୍ୟାନ କରିଥିଲେ। ପ୍ରାଣନାଥ ବାବୁ ଜାଣି ପାରିଲେ ଯେ ରାସ୍ତାଘାଟ, ବନ୍ଧବାଡ, ବିଦ୍ୟାଳୟ, ବ୍ଲକ ପ୍ରଭୃତି ଗଢିବା ସକ୍ରାନ୍ତରେ ସରକାରୀ ଦଳର ପ୍ରତିଶ୍ରୁତି ଓ ଅର୍ଥଦାନ ଜନସାଧାରଣଙ୍କୁ ଆକୃଷ୍ଟ ଓ ସମ୍ମୋହିତ କରିଥିଲା। ତା' ଛଡା ଗାଁ ମାନଙ୍କରେ ତଥାକଥିତ ମୁଖିଆମାନଙ୍କୁ ହାତ କରିବାପାଇଁ ସମ୍ବଳର ପ୍ରୟୋଗ, ଭୋଜିଭାତ, ହାତଖର୍ଚ୍ଚ ପାଇଁ ପଇସା ସାଙ୍ଗକୁ ଚରମ କମ୍ୟୁନିଷ୍ଟବିରୋଧୀ ପ୍ରଚାର ମଧ୍ୟ ଅନ୍ୟତମ ଉପାଦାନ ଥିଲା। ଊଣା ଅଧିକେ ସବୁ ନିର୍ବାଚନ ମଣ୍ଡଳୀରେ ଏସବୁ ଦୁର୍ବଳତା ଦେଖା ଦେଇଥିଲା। ପ୍ରାଣନାଥବାବୁ ଏହାର ଠିକଣା ଭାବରେ କଳନା କରି ଚାଷୀ ମୂଲିଆଙ୍କ ପାଇଁ ଶ୍ରେଣୀ ସଂଗ୍ରାମ ସହିତ ବିକାଶର ପ୍ରଶ୍ନକୁ ସଂଲଗ୍ନ କରିଥିଲେ।

୧୯୫୨ ନିର୍ବାଚନ ପରେ ଓଡିଶାରେ ଯେଉଁ ରାଜ୍ୟ ବିଧାନସଭା ଗଠିତ ହୋଇଥିଲା ସେଥିରେ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ରାଜକୃଷ୍ଣ ବୋଷ, ଦୀନବଂଧୁ ସାହୁ ପ୍ରମୁଖ ସରକାରୀ ଦଳର ତୁଙ୍ଗନେତା ଥିଲେ। ବିରୋଧୀ ଦଳରେ ତା'ଠାରୁ ଆହୁରି ପ୍ରତିଭାବାନ୍ ବ୍ୟକ୍ତି ବିଧାୟକ ଥିଲେ। ଏକଦା ଓଡିଶା କଂଗ୍ରେସ କମିଟିର କର୍ଣ୍ଣଧାର, କେନ୍ଦ୍ର ଆସେମ୍ବ୍ଲିର ପୂର୍ବତନ ସଦସ୍ୟ, ସତ୍ୟବାଦୀ ଯୁଗର ଶ୍ରେଷ୍ଠ ସାହିତ୍ୟ ରଥୀ ତଥା ବାଗ୍ମୀ ପଣ୍ଡିତ ନୀଳକଣ୍ଠ ଦାସ, ସତ୍ୟବାଦୀ ବନବିଦ୍ୟାଳୟର ମହାନ୍ ଶିକ୍ଷକ, ଓଡିଶାର ବିଶିଷ୍ଟ ସତ୍ୟବାଦୀ ଯୁଗୀୟ କବି ଓ ପାରଳା ମନ୍ତ୍ରୀ ମଣ୍ଡଳର ଶିକ୍ଷାମନ୍ତ୍ରୀ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି, ବିଶିଷ୍ଟ ବୈଜ୍ଞାନିକ ତଥା ଶିକ୍ଷାବିତ୍ ଡଃ: ପ୍ରାଣକୃଷ୍ଣ ପରିଜା, ଗଣତନ୍ତ୍ର ପରିଷଦର ବୋଧା ନେତା ଶ୍ରଦ୍ଧାଙ୍କର ସୂପକାର ଓ ପୂର୍ବତନ କଳାହାଣ୍ଡି ମହାରାଜା ପ୍ରତାପ କେଶରୀ ଦେଓ, ସୋସାଲିଷ୍ଟ୍ ପାର୍ଟିର ପ୍ରଦୀପ୍ତ କିଶୋର ଦାସ, ନିଶାମଣି ଖୁଣ୍ଟିଆ ପ୍ରଭୃତି ଥିଲେ। ମାତ୍ର କମ୍ୟୁନିଷ୍ଟ ପାର୍ଟିର ନେତା ଗୋବିନ୍ଦ ପ୍ରଧାନ, ବୈଷ୍ଣବ ପଟ୍ଟନାୟକ ପ୍ରମୁଖ ଅତୁଳ ଗଣସଂଗ୍ରାମର ନେତା କେବଳ ନଥିଲେ, ସେମାନେ ଥିଲେ ଅଗଣିତ ଚାଷୀ ମୂଲିଆ ଓ ଶ୍ରମିକ ଶ୍ରେଣୀର ଲଢୁଆ ପ୍ରତିନିଧି। ପୁରୀ ଜିଲ୍ଲାରେ ମିଶିଥିବା ଗଡଜାତ ରଣପୁର, ନୟାଗଡ, ଦଶପଲ୍ଲା ଓ ଖଣ୍ଡପଡାରେ ୧୯୫୨ ରେ କୃଷକ ସଂଗଠନ ଓ ପାର୍ଟି ଗଠନ କରିଥିଲେ ପ୍ରାଣନାଥ।

୧୯୫୨ ନିର୍ବାଚନ ପରେ ପ୍ରାଣନାଥ ନିଜର ସାଥୀମାନଙ୍କୁ ଧରି କେବଳ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ ନୁହେଁ, ସାରା ସବ୍‌ଡିଭିଜନ୍ ତଥା ପୁରୀ ଜିଲ୍ଲାରେ ଗଣ ଭିତ୍ତିକୁ ଦୃଢ କରିବାପାଇଁ ପାର୍ଟି ସଂଗଠନ ଓ କୃଷକ ସଂଗଠନକୁ ଜୋର୍‌ଦାର୍ କରିବାରେ ଲାଗିଥିଲେ। ଗଣଦାବି ମାନଙ୍କୁ ନେଇ ବିକ୍ଷୋଭ, ଶୋଭାଯାତ୍ରା ସଂଗଠିତ କରିବା, ସଭା ସମିତି ଓ ଗ୍ରୁପ୍ ବୈଠକରେ ପାର୍ଟିର ସାଥୀ ସମର୍ଥକମାନଙ୍କୁ ଭେଟିବା କାମ ସେ ଅନବରତ ଚଳାଇ ରଖିଥିଲେ। ନିର୍ବାଚନରେ ପରାଜୟ ତାଙ୍କ ମୁହଁରୁ ଚିର ପ୍ରସ୍ଫୁଟିତ ସ୍ମିତହାସ୍ୟକୁ ଲିଭାଇ ପାରିନଥିଲା। ମଝିରେ ମଝିରେ ସେ କଲିକତା ଯାଇ ପରିବର୍ତ୍ତିତ

Digitized by PPRACHIN, SOA

ରାଜନୈତିକ ପରିସ୍ଥିତିରେ ସାମ୍ୟବାଦୀ ଆନ୍ଦୋଳନର ରଣକୌଶଳ ଓ ତାତ୍ତ୍ୱିକ ବିଶ୍ଳେଷଣର ଆଲୋଚନା କରୁଥିଲେ । ତା'ଛଡା ପ୍ରବାସୀ ଉତ୍କଳୀୟମାନଙ୍କୁ ସଂଗଠିତ କରିବାରେ ସେ ସମୟ ବିନିଯୋଗ କରିଥିଲେ । କାରଣ ବଙ୍ଗଳାରେ ଶାସକ କଂଗ୍ରେସର ଏକ ପ୍ରବଳ ବିରୋଧୀ ସଂଗଠନ ଭାଗ ବିଧାନ ସଭା ଭିତରେ ଓ ବାହାରେ କମ୍ୟୁନିଷ୍ଟ ପାର୍ଟି ଆତ୍ମପ୍ରକାଶ କରିଥିଲା । କଟକ ଓ ଖୋର୍ଦ୍ଧାରେ ହୋଇଥିବା ବିପୁଳ ଗଣ ଶୋଭାଯାତ୍ରାରେ ଖୋର୍ଦ୍ଧା, ଚନ୍ଦକା, ଟାଙ୍ଗୀ, ରଣପୁର, ବେଗୁନିଆଁ, ବୋଲଗଡର ଗରିବ କୃଷକ ବଞ୍ଚିବାର ସାହା ନେଇ ଯୋଗ ଦେଇଥିଲେ । ଏହି କାମଦାମରେ ଓ ସ୍ୱାଧ୍ୟାୟରେ ପ୍ରାଣନାଥଙ୍କର ଅତିବାହିତ ହେଉଥିଲା ସମୟ । ନିରୋଳାରେ ବସିବାକୁ ଓ ଆରାମ କରିବାର ଅବକାଶ ନଥିଲା । ଖୋର୍ଦ୍ଧାର ସେହି ଚାଳଘରେ ପାର୍ଟି ଅଫିସ୍‌ରେ ବସି ସାଥୀମାନଙ୍କୁ ଭେଟିବା, ସଂଗଠନ ଓ ଆନ୍ଦୋଳନର ରୂପରେଖ ଦେବା ଥିଲା ମୁଖ୍ୟ କାର୍ଯ୍ୟ । ସେ ଘରେ ଆସବାବପତ୍ର ହିସାବରେ ଖଣ୍ଡେ ଅଣ ଓସାରିଆ ଶସ୍ତା କାଠଖଟ, ତା ଉପରେ ବିଛଣା ହେଉଛି ପତଳା କନା ଚାଦର । ପାଖ କାଠ ସେଲ୍ଫରେ କିଛି ବହି, ବିଭିନ୍ନ ଖବର କାଗଜ । ଗୋକୁଳଦା, ଗଙ୍ଗାଧର ମିଶ୍ର,ଗଙ୍ଗାଧର ପାଇକରାୟ, ପରଶୁଦା, ବାସୁଦେବ ଦୋରା, ରଘୁନାଥ ଦାସ, କୁନ୍ଦନ୍ ରାମ, ଲକ୍ଷ୍ମଣ ପଟ୍ଟନାୟକ, ଓ ଛାତ୍ରନେତା ଶିବାଜୀ ପଟ୍ଟନାୟକ ପ୍ରଭୃତି ବହୁ ବରିଷ୍ଠ ସାଥୀ ଓ ଅସଂଖ୍ୟ ଦୂର ଦୂରାନ୍ତର ସାଥୀ ସମର୍ଥକଙ୍କ ସମାଗମରେ ଅଫିସ୍‌ଟି ଥିଲା ବେଶ୍ ଗହଳ । ଖୋର୍ଦ୍ଧା ପାର୍ଟି ଅଫିସ୍‌ରେ ସ୍ଥାୟୀ ଓ ବଶମ୍ବଦ ଅନୁଷ୍ଠାନ ଥିଲେ ମୁଖ୍ୟତଃ ଗୁଣ ଅଜା । ସେ ଏକ ପ୍ରକାର ପାର୍ଟିଗତ ଓ ପ୍ରାଣନାଥଗତ ନିରଳସ ବ୍ୟକ୍ତି ଥିଲେ ।

୧୯୫୪-୫୫ ଭିତରେ ପ୍ରାଣନାଥ ବାବୁ ବହୁବାର କଲିକତା ଯାଇଥିଲେ । ଆଗରୁ କୁହାଯାଇଛି, ଭାରତର ବାମପନ୍ଥୀ-ସାମ୍ୟବାଦୀ ଆନ୍ଦୋଳନର ହୃତ୍‌ପିଣ୍ଡ ହିସାବରେ କଲିକତା ମହାନଗରୀ ଓ ପଶ୍ଚିମବଙ୍ଗଳା ସ୍ୱାଧୀନୋତ୍ତର ଯୁଗରେ ଉଭାହୋଇଥିଲେ । ଶୋଭାଯାତ୍ରାରେ ନଗରୀ (City of procession)ରେ ଅୟୁତ ଲାଲ ନେତରେ ବର୍ଣ୍ଣିଳ ଶୋଭାଯାତ୍ରା, ବିକ୍ଷୋଭ, ବିଶାଳ ଜନସଭା, ଶ୍ରମିକ ଶ୍ରେଣୀର ସାହସିକ ଧର୍ମଘଟର ମହାନଗରୀ ଥିଲା କଲିକତା । ଏଇଠି ମଧ୍ୟ ରାଜନୈତିକ ତତ୍ତ୍ୱର ମନ୍ଥନ ଓ ମନନଶୀଳ ଆଲୋଚନା ହେଉଥିଲା । ବହୁ ପ୍ରଗତିଶୀଳ ବୁଦ୍ଧିଜୀବୀ, କବି, ଲେଖକ, କଳାକାର, ନାଟ୍ୟକାର ନବୀନ ରୂପରେ ସାହିତ୍ୟ ସଂସ୍କୃତିର ଆଲୋଚନା କରୁଥିଲେ । ତେଣୁ ଏଠାରେ ଚାଲିଥିବା ବିଚାର ଆଲୋଚନାର ଦିଗକୁ ଜାଣିବା, ନୂଆ ପରିସ୍ଥିତିରେ କୃଷକ ଓ ଶ୍ରମିକ ଆନ୍ଦୋଳନ କେଉଁ ସାଂଗଠନିକ ଆଭିମୁଖ୍ୟ ଫଳରେ ଅଗ୍ରଗତି କରୁଛନ୍ତି, ତାକୁ ସଠିକ୍ ଭାବେ କଳନା କରିବା ପାଇଁ ପ୍ରାଣନାଥ କଲିକତା ଯାଇଥିଲେ । ହଁ, ୧୯୩୬ ଅକ୍ଟୋବର ମାସରେ ଗୁରୁଚରଣ, ଭଗବତୀଙ୍କ ସହିତ ମିଶି ଏଇଠି ସେ ସାମ୍ୟବାଦର ମହାଦୀକ୍ଷା ଗ୍ରହଣ କରିଥିଲେ । ତା ଛଡ଼ା କଲିକତା ଥିଲା ଦେଶର ସର୍ବାଧିକ ଓଡ଼ିଆ ରହୁଥିବା ମହାନଗରୀ, ଯେଉଁମାନେ ଅଭାବ ଦାରିଦ୍ର୍ୟ ତାଡନାରେ କାମପାଇଁ କଳ କାରଖାନା,

Digitized by PPRACHIN, SOA

ରେଳବାଇ ଡ଼କ୍, ବିଭିନ୍ନ ଅଫିସ୍ ଦପ୍ତରରେ, ଦୋକାନ, ହୋଟେଲ ଖୋଲି, ଉଦ୍ୟାନରେ ଘରୋଇ ଭାବରେ କାମ କରି ପେଟ ପୋଷୁଥିଲେ। ମାଟିଆ ବୁରୁଜ, ଖିଦିରପୁର, ବହୁବଜାର ପ୍ରଭୃତି ସ୍ଥାନରେ ସେମାନେ ଅଧିକ ସଂଖ୍ୟାରେ ଥିଲେ। ଅଧିକାଂଶ ପ୍ରବାସୀ ଓଡ଼ିଆ ଗରିବ, ଅଶିକ୍ଷିତ ବା ସ୍ୱଳ୍ପଶିକ୍ଷିତ ଓ ଅସଂଗଠିତ ଥିଲେ। କେବଳ କଳ କାରଖାନାମାନଙ୍କରେ ସେମାନେ ଟ୍ରେଡ୍ ୟୁନିୟନ ସଂଗଠନ ଭିତରକୁ ଆସି ପାରିଥିଲେ। ତା'ଛଡ଼ା କଲିକତାରେ ଉନ୍ନତ ଶିକ୍ଷା ପାଇବା ପାଇଁ ଅନେକ ଓଡ଼ିଆ ଛାତ୍ର ସେଠାରେ ଆଶ୍ରୟ ନେଇଥିଲେ। ସାଂପ୍ରଦାୟିକ ଦଙ୍ଗା ବେଳେ ଗରିବ ଓଡ଼ିଆମାନେ ନାନା ଭାବେ କଲବଲ ହେଉଥାନ୍ତି। ତାଙ୍କୁ ପ୍ରତିକ୍ରିୟାଶୀଳ ଶକ୍ତି ନାନା ପ୍ରଲୋଭନରେ ବଶୀଭୂତ କରି ନିଜର ନ୍ୟସ୍ତ ସ୍ୱାର୍ଥକୁ ଚରିତାର୍ଥ କରୁଥାଏ। ତେଣୁ କଲିକତା ଓ ଆଖପାଖରେ ଓଡ଼ିଆ ମାନଙ୍କୁ ଏକାଠି କରିବା, ସେମାନଙ୍କୁ ସଚେତନ କରିବା ଓ ଏକ ସାଂସ୍କୃତିକ ସାମାଜିକ ଉନ୍ନତ ରୁଚିର ଅନୁବର୍ତ୍ତୀ କରିବା କାମକୁ ପ୍ରାଣନାଥ ହାତକୁ ନେଇଥିଲେ। ଦିନରେ କାମ କରୁଥିବା ଶ୍ରମିକମାନେ ନୈଶ ବିଦ୍ୟାଳୟରେ ପାଠ ପଢି ଶିକ୍ଷାପ୍ରାପ୍ତ ହେବେବୋଲି ସେ ଅନ୍ୟମାନଙ୍କ ସହ ମିଶି ନୈଶ ବିଦ୍ୟାଳୟମାନଙ୍କୁ ସଂଗଠିତ କରିଥିଲେ। ସେହି ସମୟରେ କଲିକତାରୁ ଜନପ୍ରିୟ ଓଡ଼ିଆ ସାହିତ୍ୟ ପତ୍ରିକା 'ଆସନ୍ତାକାଲି' ପ୍ରକାଶ ପାଉଥାଏ, ଯାହା ଓଡ଼ିଆ ପାଠକ ମହଲରେ ଖୁବ୍ ଆଦର ଲାଭ କରିଥାଏ। ଏହାର ସଂପାଦକ ଓ ସଂପୃକ୍ତ ଅନ୍ୟବନ୍ଧୁମାନେ ପ୍ରାଣନାଥ ବାବୁଙ୍କୁ ଅନୁରୋଧ କଲେ 'ଆସନ୍ତାକାଲି'ରେ ସାହିତ୍ୟ ପ୍ରସଙ୍ଗରେ ଧାରାବାହିକ ଲେଖିବାକୁ। ପ୍ରାଣନାଥବାବୁଙ୍କ ଜ୍ଞାନ ଓ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଉପରେ ତାଙ୍କର ଅଧ୍ୟୟନ ସମ୍ବନ୍ଧରେ ସେମାନେ ବେଶ୍ ଅବହିତ ଥିଲେ। ତାର ଫଳଶ୍ରୁତି ସ୍ୱରୂପ ଏହି ପତ୍ରିକାରେ ମାସ ମାସ ଧରି ପ୍ରକାଶ ପାଇଲା ପ୍ରାଣନାଥଙ୍କ ଅନବଦ୍ୟ ପ୍ରଗତିଶୀଳ ସାହିତ୍ୟ ସମାଲୋଚନାମୂଳକ ପ୍ରବନ୍ଧ 'ଆସନ୍ତାକାଲିର ସାହିତ୍ୟ' ନାମରେ। ମାର୍କ୍ସବାଦୀ ଦୃଷ୍ଟିକୋଣରୁ ବିଭିନ୍ନ ସାହିତ୍ୟିକ ଯୁଗ ଓ ସାରସ୍ୱତ ପ୍ରତିଭାମାନଙ୍କର କୃତି ସମ୍ବନ୍ଧରେ ଅପୂର୍ବ ତୀକ୍ଷ୍ଣ ବିଚାରବନ୍ତ ତଥ୍ୟଭିତ୍ତିକ ସମାଲୋଚନା ଏହା ପୂର୍ବରୁ ଓଡ଼ିଆ ସାହିତ୍ୟରେ କେବେ ହୋଇ ନଥିଲା। (ସେ ବିଷୟରେ ବିଶେଷ ଆଲୋଚନା ଅନ୍ୟ ଅଧ୍ୟାୟରେ କରାଯିବ) ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଏହା ଥିଲା ମାଇଲ ଖୁଣ୍ଟ।

ଏତିକି ବେଳେ ୧୯୫୫ ରେ ଓଡିଶାରେ ଭୟଙ୍କର ବନ୍ୟାବିପ୍ଳାତ ଘଟିଲା। କଟକ ଜିଲ୍ଲାର କାଠଯୋଡି଼ ନଦୀରେ ଦଳେଇ ଘାଇ ଭାଙ୍ଗି ଯେଉଁ ପ୍ରଳୟ ସୃଷ୍ଟି କଲା,ତାହା ସାରା ଓଡିଶାରେ ହାହାକାର ପକାଇ ଦେଲା। ଅନେକେ ସତର୍କବାଣୀ ଅଭାବରୁ ବୁଡିମଲେ, ଲକ୍ଷ ଲକ୍ଷ ଜନସାଧାରଣ ଗୃହଶୂନ୍ୟ ହେଲେ। ଓଡ଼ିଶାର ଶସ୍ୟାଗାର ଏହି ତ୍ରିକୋଣଭୂମିରେ ଲକ୍ଷ ଲକ୍ଷ ଏକର ଧାନଜମି ଉପରେ ବିଶାଳ ବନ୍ୟାସ୍ରୋତ ବୋହି ଚାଲିଲା। ହଜାର ହଜାର ଗୃହପାଳିତ ପଶୁ ମରିଗଲେ। ଗାଁ ଗଣ୍ଡା, ବଜାରରେ ବିଶାଳ ଜଳସ୍ରୋତ ଦିନ ଦିନ ଧରି ବୋହି ଚାଲିଲା। ଉତ୍କଳମଣି ଲେଖିଥିଲା ଭଳି "କେତେ

Digitized by PPRACHIN, SOA

ଗ୍ରାମ ଦାଣ୍ଡେ ବୋହୁଥିଲା ସୁଅ/ଜେତେ ନୟନରୁ ବୋହୁଥିଲା ଲୁହ’’ ।

କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାରେ ସାମଗ୍ରିକ ବନ୍ୟାର ପ୍ରକୋପ ଖୁବ୍ ଥିଲେ ମଧ୍ୟ ଦଳେଇ ଘାଇଁ ଅଞ୍ଚଳରେ ଥିଲା ସର୍ବାଧିକ । ସେଥିରେ ଦୁର୍ଗତମାନଙ୍କୁ ସରକାରୀ ସାହାଯ୍ୟ ମିଳିବାରେ ଘୋର ଅବହେଳା । ଦୁର୍ଗତ ମଣିଷଙ୍କର ଦୁଃଖ ଦେଖି ଆଖିରେ ଲୁହ ରହୁନଥିଲା । ସେ ଅବସ୍ଥାରେ କବି ମନମୋହନ ନିଜର ସ୍ମରଣୀୟ କବିତାରେ ଗମ୍ଭୀର କର୍ତ୍ତବ୍ୟକୁ ସ୍ମରଣ କରାଇ ଦେଇ ଲେଖିଥିଲେ-‘‘ଲୁହକୁ ତୋର ସମ୍ଭାଳ, ନୁହେଁ କାନ୍ଦଣା ବେଳ ।’’ କଲିକତାରେ ପ୍ରାଣନାଥ ପ୍ରବାସୀ ଉତ୍କଳୀୟ ନେତାମାନଙ୍କ ସହ ଓଡ଼ିଶାର ବନ୍ୟାପ୍ରପୀଡ଼ିତ ଜନସାଧାରଣଙ୍କୁ ସାହାଯ୍ୟ ଦେବା ପାଇଁ ତତ୍ପର ହୋଇ ପଡ଼ିଥିଲେ । କଲିକତାର ଜନସାଧାରଣ ଓ ବିଶେଷତଃ ପ୍ରବାସୀ ଓଡ଼ିଆମାନଙ୍କର ଭାବାବେଗ ଓ ରିଲିଫ ଦେବା ପାଇଁ ଆଗ୍ରହ ଥିଲା ଅତ୍ୟଧିକ । ଏପରିକି ଦୁର୍ଜନମାନଙ୍କ ହାତରେ ପଡ଼ି ପେଟ ପାଇଁ ଇଜ୍ଜତ ନିଲାମ କରୁଥିବା ଓଡ଼ିଆ ଝିଅମାନେ ନିଜର ଜନ୍ମମାଟି ଲାଗି ଆଗେଇ ଆସିଲେ, ଗହଣା ଟଙ୍କା ସବୁକିଛି ରିଲିଫ୍ ପାଇଁ ଦାନ କରିଥିଲେ । ‘ନିଆଁଖୁଣ୍ଟା’ ସଂପାଦକ କବି ଗୋଦାବରୀଶ ମହାପାତ୍ର ଏହି ଅନାମ ଝିଅମାନଙ୍କର ଅଭୂତପୂର୍ବ ଦାନ ପାଇଁ ଲେଖିଲେ-‘‘ ନାମଟି ତାର ଚମ୍ପା,ଜୁଇ, ରମା, ଅଥବା ପୁଣି ପଦ୍ମା ତିଲୋତ୍ତମା’’......x x x । ଦେଶପ୍ରୀତିର ସମୁଜ୍ଜ୍ୱଳ ଆଲେଖ୍ୟର ଏ ଅବଦାନ ଦେଇଛନ୍ତି ଓଡ଼ିଶାର ପ୍ରବାସୀ ଓଡ଼ିଆମାନେ ।

ଅନ୍ୟମାନଙ୍କ ସହ ପାଣନାଥ ଦଳେଇ ଘାଇ ଦୁର୍ଗତ ଅଞ୍ଚଳ ପାଇଁ ସାହାଯ୍ୟ ଧରି ଓଡ଼ିଶା ଫେରିଲେ । ରିଲିଫ୍ କାମ କରି ନିଜର ନାମ ପ୍ରଚାର କରିବାର ଲୋକ ସେ ନଥିଲେ । ଗଣ ଦୁଃଖରେ କାମ କରି ବାହାବା ନେବା ଲୋକ ଭିନ୍ନ ପ୍ରକାରର । ଅତି ପିଲାଦିନୁ ଦୁର୍ଗତ ଜନର ବନ୍ଧୁ ଉତ୍କଳମଣିଙ୍କୁ ଦେଖିଥିବା ପ୍ରାଣନାଥ ଏହି ଗଭୀର ସଂକଟ ବେଳେ ସର୍ବଦା ମନେ କରୁଥାନ୍ତି-‘‘ଆହା ଆଜି ଦାସ ଆପଣେ ଥାଆନ୍ତେ ।’’ ପୁରୀ, ଖୋର୍ଦ୍ଧା ଓ ଜଟଣୀରେ ନିଜ ସହକର୍ମୀ ଓ ଅନ୍ୟ ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ ଯାହା ରିଲିଫ୍ ସାମଗ୍ରୀ ସଂଗୃହୀତ ହୋଇଥିଲା, ସବୁ ପଠାଗଲା ବନ୍ୟାଗ୍ରସ୍ତ ଅଞ୍ଚଳକୁ, ଯେଉଁଠି ଅନାହାର, ବ୍ୟାଧି, ମହାମାରୀ ଗୃହହୀନ ଜନସାଧାରଣଙ୍କୁ ତିଳେ ତିଳେ ସଢ଼ାଇ ମାରୁଥିଲା । ସେହି ଦୁଃଖରେ କାତର ହୋଇ ମାନବପ୍ରେମୀ ପ୍ରାଣନାଥ ତାର ଅପନୋଦନ ପାଇଁ କାମ କରିଥିଲେ ।

ବନ୍ୟା ବିପ୍ଳାତ ପରେ ପରେ ରାଜ୍ୟ ପୁନର୍ଗଠନ କମିଶନ ରିପୋର୍ଟ ଉପରେ ୧୯୫୬ର ପ୍ରସିଦ୍ଧ ‘ସୀମା ଆନ୍ଦୋଳନ’ ଯେଉଁଥିରେ ଅନ୍ୟ ରାଜ୍ୟରେ ରହିଯାଇଥିବା ସଂଖ୍ୟାଗରିଷ୍ଠ ଓଡ଼ିଆ ଭାଷାଭାଷୀ ଅଞ୍ଚଳ—ବିଶେଷତଃ ଖରସୁଆଁ ଷଢ଼େଇକଳାର ଓଡ଼ିଶାରେ ମିଶ୍ରଣ ଦାବିକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । କଂଗ୍ରେସ ସମେତ କମ୍ୟୁନିଷ୍ଟ, ସୋସାଲିଷ୍ଟ ଓ ଗଣତନ୍ତ୍ର ପରିଷଦ ଏବଂ ଅଣ ରାଜନୈତିକ ସଂଗଠନ—ଅତୀତର ଉତ୍କଳ ସମ୍ମିଳନୀ, ସର୍ବୋପରି ଓଡ଼ିଆ ଜନସାଧାରଣ ତରଫରୁ ପ୍ରବଳ ପ୍ରତିବାଦର ଜୁଆରରେ

Digitized by PPRACHIN, SOA

ଓଡ଼ିଶାର ଗଗନ ପବନ ଫାଟି ପଡୁଥିଲା । ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଦିଲ୍ଲୀକୁ କଂଗ୍ରେସ ମନ୍ତ୍ରିମଣ୍ଡଳର ଇସ୍ତଫା ନେଇ ଯାଇଥିଲେ । ମାତ୍ର ଦିଲ୍ଲୀରେ ଜବାହରଲାଲ ନେହେରୁଙ୍କ ଠାରୁ ଭଲମନ୍ଦ ଶୁଣି ଫେରି ଆସି ବିଶାଳ ଛାତ୍ର ଓ ଜନ ଆନ୍ଦୋଳନକୁ ଦମନ କରିବା ପାଇଁ ଗୁଳି ଲାଠିର ଆଶ୍ରୟ ନେଲେ । କଟକ, ପୁରୀ ଓ ବିଭିନ୍ନ ସ୍ଥାନରେ ଜନସାଧାରଣ ଓ ସଶସ୍ତ୍ର ପୋଲିସ୍ ଫୌଜ ମଧ୍ୟରେ ସଂଘର୍ଷ ଘଟିଲା । କଟକରେ ଯୁବକ ସୁନୀଲ ଦେ ଏବଂ ପୁରୀରେ ବାର ବର୍ଷର ଛାତ୍ର ବେଙ୍ଗ ପାଣିଆ ଓ ଯୁବକ ହରିହର ପୋଲିସ୍ ଗୁଳିଚୋଟରେ ଶହୀଦ ହେଲେ ୧୯୫୬ ଜାନୁୟାରୀ ୨୧ ଓ ୨୨ ତାରିଖ ଦିନ । ପୁରୀରେ ବିକ୍ଷୁବ୍ଧ ଆନ୍ଦୋଳନକାରୀ ପ୍ରଚଣ୍ଡ ରୂପ ନେବାରୁ ଷ୍ଟେସନ ଜଳିଗଲା । ରେଳ-ବସ୍ ଚଳାଚଳ ସଂପୂର୍ଣ୍ଣ ବନ୍ଦ । ପ୍ରାଣନାଥ ବାବୁଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧାରୋଡ଼ରେ ଅସଂଖ୍ୟ ଆନ୍ଦୋଳନକାରୀ ସବୁ ଆଡ଼କୁ ଟ୍ରେନ ଚଳାଚଳ ବନ୍ଦ କରିଥିଲେ । ରେଳ କର୍ମଚାରୀମାନଙ୍କ ପାଖରେ ମଧ୍ୟ ତାଙ୍କର ବାର୍ତ୍ତା ପହଞ୍ଚିଥିଲା । ସମଗ୍ର ଖୋର୍ଦ୍ଧା ସହର ସେ ସବୁଦିନରେ ପ୍ରତିବାଦରେ ମାତି ଉଠିଥିଲା । ଓଡ଼ିଶାର ବିରୋଧୀ ଦଳର ମୁଖ୍ୟ ନେତା ଓ ଆଗୁଆ ଛାତ୍ରନେତାମାନେ ଗିରଫ ହୋଇ ଜେଲଖାନାରେ ପଶିଥିଲେ । ପୁରୀରେ ପୋଲିସ୍‌ର ଅତ୍ୟାଚାର ମାତ୍ରାଧିକ ହୋଇଥିବାରୁ ସର୍ବତ୍ର ତାର ପ୍ରତିବାଦ ହେଲା ଓ ପାର୍ଲାମେଣ୍ଟରେ ତାର ପ୍ରତିଧ୍ୱନି ଉଠିଲା । ପୁରୀର ଅବସ୍ଥା ଅନୁଧ୍ୟାନ କରି ଜନସାଧାରଣଙ୍କୁ ଅଭୟ ଦେବାପାଇଁ କମ୍ୟୁନିଷ୍ଟ ପାର୍ଟିର ଜାତୀୟ ନେତା ତଥା ଲୋକସଭାରେ ଦଳପତି ଏ.କେ.ଗୋପାଳନ୍ ଓ ଭୂପେଶ ଗୁପ୍ତ ପୁରୀ ଆସିଥିଲେ । ସେମାନଙ୍କ ପାଇଁ ଆୟୋଜିତ ସିଂହଦ୍ୱାରର ବିରାଟ ଜନସଭାରେ ସେମାନେ ଅତ୍ୟାଚାର ବିରୋଧରେ ଭାଷଣ ଦେଇଥିଲେ । ଏହି ସଭାରେ ଗଣ୍ୟମାନ୍ୟ ନେତୃବର୍ଗଙ୍କ ସହ ପ୍ରାଣନାଥ ବାବୁଙ୍କୁ ଦେଖିବାର ସୌଭାଗ୍ୟ ଲେଖକ ପାଇଥିଲା । ଧଳା ହାଫ୍ ସାର୍ଟ ଖଇରିଆ ଜହର ଜ୍ୟାକେଟ, ଧୋତି, ପାଦରେ ସାଧାରଣ ଚଟି—ମୁହଁରେ ବିମଳ ହସ—ଯାହା ପ୍ରାଣନାଥଙ୍କ ଚିର ସହଚର ।

ସୀମା ଆନ୍ଦୋଳନ ପରେ ଓଡ଼ିଶା ରାଜନୀତି କ୍ଷେତ୍ରରେ ତୁମୁଳ ଆଲୋଡ଼ନ ଆରମ୍ଭ ହୋଇଥିଲା । କଟକ ଓ ପୁରୀର ଗୁଳିକାଣ୍ଡ ପରେ ଓଡ଼ିଶାର ଜନମତ କଂଗ୍ରେସ ବିରୋଧରେ ଉତ୍ତପ୍ତ ହୋଇ ଉଠିଥିଲା । ଆନ୍ଦୋଳନର ଆରମ୍ଭରେ କମ୍ୟୁନିଷ୍ଟ ଓ ସୋସାଲିଷ୍ଟ ପାର୍ଟି ତଥା ସେମାନଙ୍କର ଛାତ୍ର ଓ ଅନ୍ୟ ଗଣସଂଗଠନମାନେ ମୁଖ୍ୟ ଅଂଶ ଗ୍ରହଣ କରିଥିଲେ ମଧ୍ୟ ଗଡ଼ଜାତରେ ପୂର୍ବତନ ରାଜା ମହାରାଜାମାନଙ୍କ ନେତୃତ୍ୱରେ ଗଠିତ ଗଣତନ୍ତ୍ର ପରିଷଦ ପଶ୍ଚିମ ଓଡ଼ିଶା ଓ ପୂର୍ବତନ ଗଡ଼ଜାତମାନଙ୍କରେ ନିଜର ଆସ୍ଥାନର ସୁଯୋଗ ନେଇ ଓଡ଼ିଶାରେ ସଢ଼େଇ କଳା-ଖରସୁଆଁ ମିଶ୍ରଣ ପ୍ରସଙ୍ଗରେ ଉଠିଥିବା କ୍ଷୋଭ ଓ କ୍ରୋଧକୁ ପୁଞ୍ଜିକରି ନିର୍ବାଚନ ଜିତିବାକୁ ଅଣ୍ଟାଭିଡ଼ି ବାହାରିଥିଲେ । ସେତେବେଳେ ଅବିଭକ୍ତ ବମ୍ବେ ପ୍ରଦେଶରେ ରାଜ୍ୟପାଳ ଥିବା ଓଡ଼ିଶାର କଂଗ୍ରେସ ନେତା ଡକ୍ଟର ହରେକୃଷ୍ଣ ମହତାବ ମଧ୍ୟ ବନ୍ୟା କ୍ଷୟକ୍ଷତି ଜନିତ ଜନ-ଅଶାନ୍ତି ଓ ସୀମା ଆନ୍ଦୋଳନ ଯୋଗୁଁ ସୃଷ୍ଟି ହୋଇଥିବା ଜନବିକ୍ଷୋଭର ସୁଯୋଗ ନେଇ ମୁଖ୍ୟମନ୍ତ୍ରୀ ନବକୃଷ୍ଣ

Digitized by PPRACHIN, SOA

ଚୌଧୁରୀଙ୍କୁ ଗାଦିରୁ ହଟାଇ ଓଡ଼ିଶାର ନେତୃତ୍ୱ ନେବାର ପ୍ରୟାସରେ ନିଜ ସମର୍ଥକମାନଙ୍କ ଜରିଆରେ ପ୍ରବଳ ଉଦ୍ୟମ ଚଳାଇଥାନ୍ତି । ତାଙ୍କର ମୁଖ୍ୟ ସମର୍ଥକ ଥାଆନ୍ତି ବୀରେନ୍ ମିତ୍ର, ବିଜୁ ପଟ୍ଟନାୟକ, ନୀଳମଣି ରାଉତରାୟ, ବନମାଳୀ ପଟ୍ଟନାୟକ ପ୍ରମୁଖ କଂଗ୍ରେସର ଏକ ଟାଣୁଆ ଗୋଷ୍ଠୀ । ନବ ବାବୁ ଏପରି ଅବସ୍ଥାରେ ବୀତସ୍ପୃହ ହୋଇ ରାଜ୍ୟ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ, ଯଦିଚ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁ ତାଙ୍କର ଅପସାରଣ ଚାହୁଁନଥିଲେ । ବରଂ ନବବାବୁ ଶାସନ ଗାଦିରେ ରହିବା ନେହେରୁ ଚାହୁଁଥିଲେ । କୌଣସି ପ୍ରବର୍ତ୍ତନକୁ ନଶୁଣି ନବକୃଷ୍ଣ ଚୌଧୁରୀ ଇସ୍ତଫା ଦେବା ପରେ ବମ୍ବେର ଗଭର୍ଣ୍ଣର ପଦକୁ ତ୍ୟାଗ କରି ଡକ୍ଟର ମହତାବ ଓଡ଼ଶାର ମୁଖ୍ୟମନ୍ତ୍ରୀ ହେଲେ ଓ ୧୯୫୭ରେ କଂଗ୍ରେସ ତରଫରୁ ନର୍ବାଚନର ପରିଚାଳନା ଭାର ହାତକୁ ନେଲେ । ଅପର୍ଯ୍ୟାପ୍ତ ଅର୍ଥ, ଯାନବାହନ, ସରକାରୀ କଳ ଓ ନାନା ପ୍ରତିଶ୍ରୁତିର ଫାଶ କଂଗ୍ରେସ ହାତରେ ଥିଲା ।

୧୯୫୭ ନିର୍ବାଚନରେ ଶାସକ କଂଗ୍ରେସ ଦଳ ବହୁତ ଜିପ୍, ଯାନବାହନ, ବିପୁଳ ସମ୍ବଳ ବିନିଯୋଗ କରି ଏକ ପ୍ରତିକୂଳ ଜନମତକୁ କାଟି ବିଜୟୀ ହେବାକୁ ଉଦ୍ୟମ କଲେ । ଖୋର୍ଦ୍ଧା ଆସନରେ ପ୍ରାଣନାଥ ପଟ୍ଟନାୟକ କମ୍ୟୁନିଷ୍ଟ ପାର୍ଟିର ପ୍ରାର୍ଥୀ ହେଲେ, ଯାହାଙ୍କର ନଥିଲା ଜିପ୍, ଗାଡ଼ି ବା ଅନ୍ୟ କିଛି ସମ୍ବଳ । ଏକମାତ୍ର ସମ୍ବଳ ଥିଲା ନିଜର ସଂଗ୍ରାମୀ ସାଥୀମାନଙ୍କର ଉତ୍ସର୍ଗୀକୃତ କାର୍ଯ୍ୟ, ଜନସାଧାରଣଙ୍କ ଅନାବିଳ ସ୍ନେହ ଓ ସମର୍ଥନ । ତାଙ୍କର କଂଗ୍ରେସ ପ୍ରତିଦ୍ୱନ୍ଦୀ ଥିଲେ ମୁଖ୍ୟମନ୍ତ୍ରୀ ମହତାବଙ୍କର ଏକାନ୍ତ ଘନିଷ୍ଠ ଓ ଏକଦା ଜେଲଖାନାରେ ପ୍ରାଣନାଥ ବାବୁଙ୍କର ସ୍ନେହାସ୍ପଦ ଯୁବନେତା ବନମାଳୀ ପଟ୍ଟନାୟକ । ସଂବଳ ଓ ଆଦର୍ଶର ଏହି ସଂଗ୍ରାମରେ ପ୍ରାଣନାଥ ବାବୁଙ୍କ ଶିବିରରେ ରଥୀ-ମହାରଥୀ ଥିଲେ ଜିଲ୍ଲା ସଂପାଦକ ଗୋକୁଳ ଦା, ଲକ୍ଷ୍ମଣ ପଟ୍ଟନାୟକ, ରଘୁନାଥ ଦାସ (ଏବେ ପଟ୍ଟନାୟକ), ଉଦୀୟମାନ ଯୁବନେତା ଶିବାଜୀ ପଟ୍ଟନାୟକ, ଭୁବନେଶ୍ୱର ମହାରଣା, ଆନନ୍ଦ ମିଶ୍ର, କସ୍ତୁରୀ ବଳିୟାରସିଂହ ପ୍ରମୁଖ ସାଥୀମାନେ । କଠୋର ପରିଶ୍ରମ ଏମାନେ କରିଥିଲେ ବିଜୟ ପାଇଁ । ନୀତି-ଆଦର୍ଶର ସଂଗ୍ରାମର କ୍ଷେତ୍ର ଥିଲା ଖୋର୍ଦ୍ଧାମାଟି । ଏହି ନିର୍ବାଚନରେ ପ୍ରାଣନାଥ ବାବୁ କଂଗ୍ରେସ ପ୍ରାର୍ଥୀ ବନମାଳୀ ପଟ୍ଟନାୟକଙ୍କୁ ବିପୁଳ ଭୋଟରେ ପରାସ୍ତ କରି ରାଜ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ବିଧାନସଭାକୁ ତାଙ୍କ ଛଡ଼ା ପୁରୀ ଜିଲ୍ଲାର ନିମାପଡ଼ା କାକଟପୁର ଗୋପ ଦ୍ୱୈତ ନିର୍ବାଚନ ମଣ୍ଡଳୀରୁ ବିଶିଷ୍ଟ କୃଷକନେତା ବାଗ୍ମୀ ପ୍ରବର ମୋହନ ଦାସ ଓ ଭରତ ଦାସ, ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ଦ୍ୱୈତ ନିର୍ବାଚନ ମଣ୍ଡଳୀରୁ ମହାନ୍ ଚାଷୀନେତା ଗୋବିନ୍ଦ ପ୍ରଧାନ ଓ ସୁମା ନାୟକ, ଆସିକା କ୍ଷେତ୍ରରୁ ସ୍ୱାଧୀନତା ସଂଗ୍ରାମୀ ହରିହର ଦାସ, କଟକ ଜିଲ୍ଲାର ଏରସମା ଆସନରୁ ଉଦୀୟମାନ ଯୁବ କମ୍ୟୁନିଷ୍ଟ ନେତା ଲୋକନାଥ ଚୌଧୁରୀ, ସମ୍ବଲପୁରର ଭଟଲି ଆସନରୁ ଟାଣୁଆ ଚାଷୀ ମୂଲିଆ ନେତା ନଟବର ବନଛୋର ଓ ଅନୁଗୋଳ ଦ୍ୱୈତ ନିର୍ବାଚନ ମଣ୍ଡଳୀରୁ ନରେନ୍ଦ୍ର ନାୟକ ନିର୍ବାଚିତ

Digitized by PPRACHIN, SOA

ହୋଇଥିଲେ । ଓଡ଼ିଶା ବିଧାନସଭାରେ କମ୍ୟୁନିଷ୍ଟ ପାର୍ଟିର ସର୍ବୋଚ୍ଚ ସଂଖ୍ୟା ୯ ଜଣ ବିଧାୟକ ୧୯୫୭ରେ ନିର୍ବାଚିତ ହୋଇ ଆସିଥିଲେ । ସ୍ୱାଭାବିକ ଭାବେ ଓଡ଼ିଶା ପାର୍ଟିର ଆଦ୍ୟ ତ୍ରୟୀଙ୍କ ମଧ୍ୟରୁ ଅନ୍ୟତମ ପ୍ରାଣନାଥଙ୍କୁ କମ୍ୟୁନିଷ୍ଟ ବିଧାନସଭା ଦଳର ଦଳପତି ରୂପେ ନିର୍ବାଚିତ କରାଗଲା । ପାର୍ଟିର ବିଧାୟକ ଦଳ ନେତା ହିସାବରେ ପ୍ରାଣନାଥ ବାବୁ ଅନ୍ୟସାଥୀଙ୍କ ସହଯୋଗରେ ନିୟମିତ ବୈଠକ, ଗଣତାନ୍ତ୍ରିକ ନିଷ୍ପତ୍ତି, କାର୍ଯ୍ୟର ବିଭାଗ, ଅଫିସର ସୁଚାରୁ ପରିଚାଳନା ଉପରେ ଜୋର୍ ଦେଇଥିଲେ । ବାଲେଶ୍ୱର ଜିଲାର କମ୍ୟୁନିଷ୍ଟ ନେତା ଶୈଳେନ୍ ମହାପାତ୍ରଙ୍କୁ ବିଧାୟକ ଦଳର କାର୍ଯ୍ୟପରିଚାଳନା ପାଇଁ ସଚିବ ରୂପେ ମନୋନୀତ କରାଯାଇଥିଲା । ଖୁବ୍ ସୁସଂହତ ଥିଲା ବିଧାନସଭା କମ୍ୟୁନିଷ୍ଟ ଦଳର କାମଦାମ ।

୧୯୫୭ ବିଧାନସଭା ନିର୍ବାଚନର ଫଳ ଥିଲା ଅତୀବ ଗୋଳମାଳିଆ । ୧୪୦ଟି ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାରେ କଂଗ୍ରେସ ସଭ୍ୟ ସଂଖ୍ୟା ୫୬କୁ ଖସି ଆସିଥିଲା । କମ୍ୟୁନିଷ୍ଟ ପାର୍ଟି ପ୍ରାୟ ଏକ ପ୍ରକାର ସ୍ଥିତିରେ ଥିଲେ । ତା' ଛଡା ଥିଲା ଟିକେ ଟିକେ ଆସ୍ଥାନ ବଦଳାଉଥିବା ଝାଡଖଣ୍ଡ ଦଳ । ଏମାନଙ୍କ ଛଡା ବିଶିଷ୍ଟ ସାହିତ୍ୟିକ ନିତ୍ୟାନନ୍ଦ ମହାପାତ୍ର ଓ ପିପିଲିରୁ ଜିଣିଥିବା ଶିଳ୍ପପତି ରାମଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ସ୍ୱାଧୀନ ସଦସ୍ୟ ବି ଥିଲେ । କଂଗ୍ରେସ ପକ୍ଷରେ ମହତାବଙ୍କ ଛଡା ହାଇକୋର୍ଟର ପୂର୍ବତନ ବିଚାରପତି ଲିଙ୍ଗରାଜ ପାଣିଗ୍ରାହୀ, ରାଜ୍ୟ କଂଗ୍ରେସ ସଭ୍ୟ ହୋଇଥିବା ପଣ୍ଡିତ ନୀଳକଣ୍ଠ ଦାସ, ଶ୍ରେଷ୍ଠବାଗ୍ମୀ ଯଦୁମଣି ମଙ୍ଗରାଜ ଥିଲେ । ଗଣତନ୍ତ୍ର ପରିଷଦରେ ପୂର୍ବତନ ବଲାଙ୍ଗୀର ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ଙ୍କ ସମେତ ବହୁ ରାଜାରାଣୀ ସଭ୍ୟାଥିଲେ । ପ୍ରଜାସୋସାଲିଷ୍ଟ ପାର୍ଟିର ରବୀନ୍ଦ୍ର ମୋହନ ଦାସ, ବାଙ୍କ ବିହାରୀ ଦାସ ଓ ପ୍ରସନ୍ନ କୁମାର ଦାଶ ପ୍ରମୁଖ ସଭ୍ୟ ଥିଲେ । ନିର୍ବାଚନ ପରେ ପ୍ରଶ୍ନ ଉଠିଲା– କିଏ ସରକାର ଗଢିବ ? ଉଭୟ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଦଳର ନିରଙ୍କୁଶ ସଂଖ୍ୟାଗରିଷ୍ଠତା ନଥିଲା । କଂଗ୍ରେସ ଦଳ ଝାଡ଼ଖଣ୍ଡ ବିଧାୟକ ଓ କିଛି ସ୍ୱାଧୀନ ବିଧାୟକଙ୍କୁ ହାତ କରି ସରକାର ଗଠନ ଉଦ୍ୟମରେ ଲାଗିଥିଲା । ମାତ୍ର ତାହା ସଂଖ୍ୟାଗରିଷ୍ଠତା ଠାରୁ ଯଥେଷ୍ଟ କମ୍ ଥିଲା । ଗଣତନ୍ତ୍ର ପରିଷଦ ପ୍ରଜାସୋସାଲିଷ୍ଟ ପାର୍ଟି ଓ କିଛି କଂଗ୍ରେସ ବିରୋଧୀ ସ୍ୱାଧୀନ ସଭ୍ୟଙ୍କ ସମର୍ଥନରେ ସରକାର ଗଠନ କରିବାକୁ ଦାବି ଉପସ୍ଥାପନ କରିଥିଲେ ମଧ୍ୟ ତାହା ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ଠାରୁ କମ୍ ଥିଲା । ତେବେ କଣ ସରକାର ଗଠିତ ହୋଇପାରିବ ନାହିଁ ? କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ କମିଟି ଭିତରେ କେଉଁଦଳଙ୍କୁ ସମର୍ଥନ କରାଯିବ, ସେଥିପାଇଁ କେନ୍ଦ୍ର ପାର୍ଟିର ନେତା ପି.ରାମମୂର୍ତ୍ତିଙ୍କ ଉପସ୍ଥିତିରେ ଘମାଘୋଟ ଆଲୋଚନା ଚାଲିଥିଲା । ଏଥିରେ ଗୋପନୀୟତା ବା ଅସ୍ୱାଭାବିକତା କିଛି ନାହିଁ ଯେ, ରାଜ୍ୟ ପାର୍ଟି ଭିତରେ ସରକାର ଗଠନ ଅଭିମୁଖ୍ୟରେ ଦୁଇଟି ମତ ରହିଥିଲା । ୧୯୫୭ର ଜାତୀୟ ସାଧାରଣ ନିର୍ବାଚନ ଏହି ଦୃଷ୍ଟିରୁ ଏକ ଐତିହାସିକ ନିର୍ବାଚନ ଥିଲା ଯେ, ବିଶ୍ୱରେ ପ୍ରଥମ ଥର ପାଇଁ ଏକ ବୁର୍ଜୋୟା ସମ୍ବିଧାନ ଗଣ୍ଡିଭିତରେ କେରଳରେ କମ୍ୟୁନିଷ୍ଟ

Digitized by PPRACHIN, SOA

ପାର୍ଟି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କରିଥିଲା । ଏହା ଏକ ଚମକପ୍ରଦ ଘଟଣା ଥିଲା । କମ୍ୟୁନିଷ୍ଟ ନେତା ଇ.ଏମ୍.ଏସ୍. ନମ୍ବୁଦ୍ରିପାଦ୍‌ଙ୍କ ନେତୃତ୍ୱରେ କେରଳରେ ଭାରତର ପ୍ରଥମ କମ୍ୟୁନିଷ୍ଟ ସରକାର ଗଠିତ ହୋଇଥିଲା, ଯେଉଁଥିରେ କମ୍ୟୁନିଷ୍ଟ ନେତା ସି.ଅଚ୍ୟୁତ ମେନନ୍‌ଙ୍କ ଭଳି ପ୍ରଶାସକ, ମନ୍ତ୍ରୀ ଆଇନଜ୍ଞ ଓ ପରବର୍ତ୍ତୀ କାଳରେ ସୁପ୍ରିମ୍ କୋର୍ଟର ବରିଷ୍ଠ ବିଚାରପତି ଏବଂ ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ହୋଇଥିବା ଭି.ଆର୍ କ୍ରିଷ୍ଣ ଆୟାର, ପ୍ରଖ୍ୟାତ ଶିକ୍ଷାବିତ୍ ଯୋଶେଫ୍ ମୁଣ୍ଡାସେରେଙ୍କ ପରି ବ୍ୟକ୍ତି ମନ୍ତ୍ରୀ ଥିଲେ । ଲୋକସଭାକୁ ଏ.କେ. ଗୋପାଳନ୍, ପ୍ରଫେସର ହୀରେନ୍, ମୁଖାର୍ଜୀ ରେଣୁ ଚକ୍ରବର୍ତ୍ତୀ, ଇନ୍ଦ୍ରଜିତ୍ ଗୁପ୍ତ ଓ କେ.ଟି.କେ ଥାଙ୍ଗାମନି ପ୍ରମୁଖ ବହୁ ଟାଣୁଆ କମ୍ୟୁନିଷ୍ଟ ନେତା ନିର୍ବାଚିତ ହୋଇଥିଲେ । ଓଡ଼ିଶାର ପୁରୀ ନିର୍ବାଚନ ମଣ୍ଡଳୀରୁ ଚିନ୍ତାମଣି ପାଣିଗ୍ରାହୀ କମ୍ୟୁନିଷ୍ଟ ପାର୍ଟି ତରଫରୁ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ଏମାନେ ସମସ୍ତେ ଲୋକସଭାକୁ ଜନସମସ୍ୟା ଉତ୍‌ଥାପନ କ୍ଷେତ୍ର କରିଥିଲେ ।

ମାତ୍ର ଓଡ଼ିଶାରେ ମନ୍ତ୍ରିମଣ୍ଡଳ ଗଠନ ପାଇଁ କମ୍ୟୁନିଷ୍ଟ ପାର୍ଟି କାହାକୁ ସମର୍ଥନ ଦେବ, ତାହା ଥିଲା ଏକ ଗହନ ପ୍ରଶ୍ନ । କଂଗ୍ରେସର ଲୋକବିରୋଧୀ ଚରିତ୍ର ଓ ପୂର୍ବତନ ରାଜୁଡ଼ାମାନଙ୍କର ପ୍ରତିକ୍ରିୟାଶୀଳ ଚରିତ୍ର ସମ୍ବନ୍ଧରେ ପାର୍ଟିଭିତରେ ସହମତି ରହିଥିଲା । ମାତ୍ର ଏପଟେ ବାଘ ସେପଟେ କୁମ୍ଭୀର ଭିତରୁ କାହାକୁ ବାଛିବ, ଅନ୍ୟ ବିକଳ୍ପ ରାସ୍ତା କିଛି ନାହିଁ—ଏପରି ଥିଲା ଅବସ୍ଥା । ପାର୍ଟିଭିତରେ ଦୁଇ ମତବାଦୀମାନଙ୍କର ନିଜସ୍ୱ ଯୁକ୍ତି ଥିଲା ପ୍ରବଳ ଅଥଚ ବିପରୀତମୁଖୀ । ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ନେତା ଅଜୟ ଘୋଷ ସର୍ବଭାରତୀୟ ରାଜନୀତିର କଳନା କରି "କ୍ଷମତା ଉପରେ କଂଗ୍ରେସର ମୌରସୀ ଅଧିକାରକୁ ଭାଙ୍ଗ" (Break the monopoly of power of congress) ଡାକରା ନିର୍ବାଚନରେ ଦେଇଥାନ୍ତି । ତା'ର ଅର୍ଥ କଣ ଯୁଗ ଯୁଗ ଧରି ଗଡ଼ଜାତ ରାଜ୍ୟରେ ଅତ୍ୟାଚାର, ଶୋଷଣ ପୀଡ଼ନ ଚଳାଇ ଜନସାଧାରଣଙ୍କୁ ଜର୍ଜରିତ କରି ସେମାନଙ୍କ ଲହୁକୁ ଚୋଷି ଖାଇଥିବା ଓ ଏବେ ଗଣତାନ୍ତ୍ରିକ ନିର୍ବାଚନର ସୁଯୋଗରେ ବହୁତ ଆସନ ହାସଲ କରିଥିବା ଗଣତନ୍ତ୍ର ପରିଷଦକୁ ଓଡ଼ିଶାର ଶାସନ ଗାଦିରେ ବସାଇବା ? ଗୋଟିଏ ମତ ଥିଲା ଗଣତନ୍ତ୍ର ପରିଷଦ, ପ୍ରଜାସୋସାଲିଷ୍ଟ ଓ ଅନ୍ୟମାନଙ୍କ ସହ ମିଶି କମ୍ୟୁନିଷ୍ଟ ପାର୍ଟି କ୍ଷମତାର କିଛିମାତ୍ର ସୁବିଧା ଅକ୍ତିଆର୍ କରୁ ଓ ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ଉଜ୍ଜୀବିତ କରୁ । କଂଗ୍ରେସ ତାର ଆଭାଡି ଅଧିବେଶନ ପରେ ନେହେରୁଙ୍କ ନେତୃତ୍ୱରେ "ସମାଜବାଦୀ ଢାଞ୍ଚାର ସମାଜ" ଓ ପଞ୍ଚବାର୍ଷିକ ଯୋଜନାର ଝଣ୍ଡା ଉଡାଇଲାଣି । ତେଣୁ ତାର ମୋହଜାଲକୁ କାଟିବା ପାଇଁ କମ୍ୟୁନିଷ୍ଟ ପାର୍ଟି କଂଗ୍ରେସ ବିରୋଧୀ ପଂକ୍ତିରେ ସାମିଲ ହେଉ । ଅନ୍ୟ ପକ୍ଷରେ ଗଣତନ୍ତ୍ର ପରିଷଦ ସହିତ କ୍ଷମତା ଦଖଲ ଖେଳରେ ନମିଶିବା ପାଇଁ ଯୁକ୍ତି କରୁଥିବା ସାଥୀମାନଙ୍କର ମତ ଥିଲା ଯେ, କଂଗ୍ରେସରେ ତ କିଛି ହେଲେ ସ୍ୱାଧୀନତା ସଂଗ୍ରାମୀ ଅଛନ୍ତି, ସ୍ୱାଧୀନତା ଆନ୍ଦୋଳନର ବୁନିୟାଦି ରହିଛି । ଗଣ ଆବାଜର ଧକ୍କାରେ କିଛି କିଛି ଅଧାପନ୍ତରିଆ ପ୍ରତିଶ୍ରୁତି ସେମାନେ ଦେଉଛନ୍ତି ।

Digitized by PPRACHIN, SOA

ମାତ୍ର ଗଣ୍‌ ପରିଷଦର ପରମ୍ପରା କଣ ? ବ୍ରିଟିଶ ସାମ୍ରାଜ୍ୟବାଦର ପୁଚ୍ଛଧାରୀ ଥିଲେ ଏହି ସାମନ୍ତବାଦୀ ଗଣ । ଏମାନେ ପ୍ରଗତିଧାରାର ବିରୋଧୀ, କମ୍ୟୁନିଷ୍ଟ ବିରୋଧୀ ଓ ପ୍ରଗତିଶୀଳ ଭୂସଂସ୍କାରର ବିରୋଧୀ । ଏମାନଙ୍କ ସହିତ ମିତ୍ରତା କଲେ କମ୍ୟୁନିଷ୍ଟ ପାର୍ଟିର ସକଳ ମୂଲ୍ୟବୋଧ ନଷ୍ଟ ବିନଷ୍ଟ ହୋଇଯିବ ।

ଯେତେବେଳେ ଚାନ୍ଦିନୀଚୌକ ଛକର ନଳିଆ ଛୋଟ ନାଲିରଙ୍ଗର କୋଠା ରାଜ୍ୟ ପାର୍ଟିର ଦପ୍ତର (ମାଧିଆ ନନା ଓରଫ ମାଧବ ପଣ୍ଡାଙ୍କ କୋଠା)ରେ ଏହି ବିତର୍କଚାଲିଥିଲା, ସେତେବେଳେ ଉଭୟ କଂଗ୍ରେସ ଓ ଗଣତନ୍ତ୍ର ପରିଷଦର ତୁଙ୍ଗ ମହଲ ଇଙ୍ଗିତରେ ଉଭୟ ଦଳର ପ୍ରତିନିଧି– କଂଗ୍ରେସର ବିଜୁ ପଟ୍ଟନାୟକ ଓ ଗଣତନ୍ତ୍ର ପରିଷଦର ସୁରେନ୍ଦ୍ର ମହାନ୍ତିଙ୍କର ଅନେକ ଦଫା ବୈଠକ ବସି ଉଭୟ ବୃହତ୍ ଦଳର ମିଳିତ ମନ୍ତ୍ରିମଣ୍ଡଳ ଗଠନ ଯୋଜନାର ରୂପରେଖ ଗୁପ୍ତରେ ଚାଲିଥିଲା, ଯାହାର ସମ୍ବାଦ ରାଜ୍ୟ କମ୍ୟୁନିଷ୍ଟ ନେତାମାନେ ଓ ନିଜେ ପି. ରାମମୂର୍ତ୍ତି ପାଇପାରିଥିଲେ । ଶେଷକୁ ରାଜିନାମା ପତ୍ରର କପି ଆସିଗଲା । ଏହି ଲେଖକ ସମେତ କିଛି ଯୁବଛାତ୍ର, ସୀମା ଆନ୍ଦୋଳନରେ ଓ ନିର୍ବାଚନରେ ଭାଗ ନେଇଥିବାରୁ ପାର୍ଟି ଅଫିସ୍ ସାମନାରେ ପାନ ଦୋକାନ, ଚା ଷ୍ଟଲ୍ ସାମନାରେ ପ୍ରତିଦିନ ଚାତକ ଭଳି ଚାହିଁ ରହିଥାନ୍ତି । କଣ ନିଷ୍ପତ୍ତି ହେଲା । ଯୁବ ବିଧାୟକ ଲୋକନାଥ ଚୌଧୁରୀ ଆସିଲେ ଦୌଡ଼ି ଯାଉଥାନ୍ତି, ତାଙ୍କର ମତ ଜଣାପଡୁଥିଲେ ମଧ୍ୟ ସେ ଫିଟାଇ କିଛି କହୁନଥାନ୍ତି, କାରଣ ଶୃଙ୍ଖଳାର ପ୍ରଶ୍ନ । ସେହି ସମୟର ବରିଷ୍ଠ ଛାତ୍ରନେତା ହରିଶ୍ଚନ୍ଦ୍ର ବକ୍ସିପାତ୍ର ଆସିଲେ, ଲେଖକଙ୍କ ସମେତ ଯୁବଛାତ୍ରମାନେ ତାଙ୍କୁ ଘେରି ଯାଉଥାନ୍ତି । ତାଙ୍କ ମନୋଭାବରୁ କିଛି ଠଉରାଗଲେ ମଧ୍ୟ ଅସଲ କଥା ମାଲୁମ ପଡୁନଥାଏ । ଆଉ ପାର୍ଟି ସଂପାଦକ ଗୁରୁଚରଣ ପଟ୍ଟନାୟକ, ବରିଷ୍ଠ ନେତା ଶରତ ପଟ୍ଟନାୟକ ଓ ରାମକୃଷ୍ଣ ପତିଙ୍କ ପାଖକୁ ଯିବ କିଏ ? ପ୍ରାଣନାଥ ବାବୁ ବସ୍‌ରୁ ଓହ୍ଲାଇ ଅଫିସ୍ ଆଡ଼କୁ ଚାଲିଲେ । ଏହି ସମୟରେ ଏକ ନାଲିଆ ଜିପ୍‌ରେ ତାଙ୍କୁ ଅପେକ୍ଷା କରି ରହିଥିବା ପିପିଲିର ସ୍ୱାଧୀନ ବିଧାୟକ ରାମଚନ୍ଦ୍ର ପଟ୍ଟନାୟକ ତାଙ୍କୁ ନମସ୍କାର କରି ରାସ୍ତାକଡରେ ଅଟକାଇ ଦେଲେ । ଛାତ୍ର ଓ ଯୁବକମାନେ ଅଳ୍ପ ଦୂରରେ ଥାଇ ସେମାନଙ୍କ କଥା ଶୁଣିପାରୁଥାନ୍ତି । ଶିଳ୍ପପତି ରାମ ପଟ୍ଟନାୟକ କଲିକତାରେ ପ୍ରବାସୀ ଉତ୍କଳର ନେତା ହିସାବରେ ସାମାଜିକ ଦୃଷ୍ଟିରୁ ପ୍ରାଣନାଥ ବାବୁଙ୍କର ସ୍ନେହାସ୍ପଦ ଥିଲେ । ରାମ ପଟ୍ଟନାୟକ ପ୍ରାଣନାଥ ବାବୁଙ୍କୁ କହିଲେ "ଆପଣମାନେ ଗଣତନ୍ତ୍ର ପରିଷଦକୁ ସାମନ୍ତବାଦୀ ପ୍ରତିକ୍ରିୟାଶୀଳ ଓ ସେମାନେ ଭୂସଂସ୍କାରର ବିରୋଧୀ ବୋଲି କହୁଛନ୍ତି । ମାତ୍ର ପାଟଣା ମହାରାଜା (ଆର. ଏନ୍.ସିଂହଦେଓ) ମୋ ହାତରେ ଖବର ପଠାଇଛନ୍ତି, କମ୍ୟୁନିଷ୍ଟ ପାର୍ଟି ତାଙ୍କର ମିଳିତ ମନ୍ତ୍ରିମଣ୍ଡଳରେ ରହିଲେ ଯାହା ମନ୍ତ୍ରୀପଦ ପାର୍ଟି ପାଇବ ଓ ଆପଣ ନିଜେ ରାଜସ୍ୱ - ଭୂସଂସ୍କାର ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ହେବେ ।" ଏକଥା ଶୁଣି ସାପ ମାରିବା ପରି ପ୍ରାଣନାଥ ବାବୁ ହେଲେ । ତାଙ୍କ ହସହସ ମୁହଁରେ ତୀବ୍ରତାର ଚିହ୍ନ ଦେଖାଦେଲା । ଲେଖକ ସ୍ପଷ୍ଟ ଶୁଣିଛି ପ୍ରାଣନାଥ ବାବୁ କହିବାର-

Digitized by PPRACHIN, SOA

''ଏ ସବୁ କଥାରେ ପ୍ରଲୋଭିତ ହେବାର ପାର୍ଟି କମ୍ୟୁନିଷ୍ଟ ପାର୍ଟି ନୁହେଁ। ତା ପାଇଁ ନୀତି ଆଦର୍ଶ ବଡ କଥା। ଚୋରଙ୍କୁ ତଡି ଆଉ କଣ ଖଣ୍ଟଙ୍କୁ ଆଣିବା ? ଆଉ ରାମବାବୁ ! କମ୍ୟୁନିଷ୍ଟ ପାର୍ଟିର ନୀତି ନିର୍ଦ୍ଧାରଣରେ ଲବି କାମ କରେ ନାହିଁ।'' ଏତକ କହି ଦ୍ରୁତ ପଦକ୍ଷେପରେ ସେ ଅଫିସ୍ ଭିତରକୁ ପଶିଗଲେ। ଲେଖକ ଥିଲା ବି.ଏ.ଛାତ୍ର, ତେଣୁ କ୍ଷୁଦ୍ରବୁଦ୍ଧିରେ ଠଉରାଇ ନେଲା କଣ ନିର୍ଯ୍ୟାସ ଥିଲା ସେ କଥାରେ। ଆଉ ରାମ ପଟ୍ଟନାୟକ ମହାଶୟ ଆମକୁ ଆଗରୁ ଜାଣିଥିଲେ। ସାମନା ଚା' ଦୋକାନ୍‌କୁ ନେଇଗଲେ। ଚା ଆସିଲା.. ରାମବାବୁ କହି ଚାଲିଲେ, – ''ନୀତି ଓ ଆଦର୍ଶ ପଛରେ ଧାଇଁ ଧାଇଁ ଏ ପଂଝାଙ୍କର କିଛି ହେବନି। ୟାଙ୍କୁ (ପ୍ରାଣନାଥଙ୍କୁ) କୁହାଗଲା ତୁମେ ରାଜସ୍ୱ ମନ୍ତ୍ରୀ ହୁଅ, ଭୂସଂସ୍କାର ବ୍ୟବସ୍ଥାକୁ କାର୍ଯ୍ୟକାରୀ କର, ମୁଁ ଘନିଷ୍ଠ ବନ୍ଧୁ ବୋଲି ଏ ବାର୍ତ୍ତାଟା ଦେଲି, ସେଇଟା ୟାଙ୍କୁ ପିତା ଲାଗିଲା'' x x x। ଆମେ ପ୍ରତିବାଦାତ୍ମକ ସ୍ୱରରେ କହିଲୁ ଯେ, ଏଇଟା ତ ଲାଞ୍ଚ ଭଳି ହେଲା। ବାଜି ରାଉତ ଓ ଅନ୍ୟ ଶହୀଦଙ୍କୁ ମାରି ଶୁଆଇଥିବା ରାଜା- ମହାରାଜାଙ୍କ ଦଳ ସହିତ ଏକାଠି ହେବା କମ୍ୟୁନିଷ୍ଟ ପାର୍ଟି ପକ୍ଷରେ କଷ୍ଟକର। ରାମ ପଟ୍ଟନାୟକ ଆମକୁ ବେଙ୍ଗପାଣିଆ ସୁନୀଲ ଦେଓ ଶହିଦତ୍ୱ କଥା ସ୍ମରଣ କରାଇ ଦେଲେ। ଏମିତି କଥା କଟାକଟି ଚାଲିଲା।

ଶେଷକୁ ପାର୍ଟି ବିରୋଧୀ ଦଳର ଭୂମିକା ନେବ, କିନ୍ତୁ କଂଗ୍ରେସ ମନ୍ତ୍ରିମଣ୍ଡଳ ବିରୋଧୀରେ ଅନାସ୍ଥା ପ୍ରସ୍ତାବ ଆସିଲେ କମ୍ୟୁନିଷ୍ଟ ବିଧାୟକମାନେ କଂଗ୍ରେସ ବିରୋଧରେ ଭୋଟ୍ ନଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତା'ପରେ ଡକ୍ଟର ମହାତାବଙ୍କ ମୁଖ୍ୟମନ୍ତ୍ରିତ୍ୱରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠିତ ହେଲା। ପ୍ରାଣନାଥଙ୍କର ଓ ପାର୍ଟିର ଆଶଙ୍କାକୁ ଠିକ୍ ସାବ୍ୟସ୍ତ କରି ୧୯୫୯ ମଇ ମାସରେ କଂଗ୍ରେସ ଓ ଗଣତନ୍ତ୍ର ପରିଷଦର ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହେଲା। ଏହି ଝଡଝଞ୍ଜାମୟ ମୁହୂର୍ତ୍ତରେ ପ୍ରାଣନାଥଙ୍କ ପ୍ରଲୋଭନହୀନ ଚରିତ୍ରର ଶୁଦ୍ଧତା ସମସ୍ତଙ୍କର ଆଦର୍ଶ ହୋଇଛି। ମନ୍ତ୍ରୀ ହୋଇପାରିଲେ ନାହିଁ ବୋଲି ସେ ଦିନେ ହେଲେ ଅବଶୋଷ କରିନାହାନ୍ତି।

ବିଧାନସଭା ଚାଲିଥାଏ, ପାର୍ଟି କାମଦାମରେ ପ୍ରାଣନାଥ ବ୍ୟାପୃତ ଥାଆନ୍ତି। ଏତିକି ବେଳେ ଖୋର୍ଦ୍ଧା ଆସନରୁ ପରାଜିତ କଂଗ୍ରେସ ପ୍ରାର୍ଥୀ ବନମାଳୀ ପଟ୍ଟନାୟକ ପ୍ରାଣନାଥଙ୍କ ନିର୍ବାଚନକୁ ଅସିଦ୍ଧ କରାଯିବା ପାଇଁ ଏକ ନିର୍ବାଚନ ପିଟିସନ୍ ଦାଖଲ କଲେ। ପୁରୀ ଜିଲା ଜଜ୍ ଟି.ଭି. ରାଓଙ୍କ କୋର୍ଟରେ ତା'ର ଶୁଣାଣି ହେଲା, ଯେଉଁଥିରେ ପ୍ରାଣନାଥଙ୍କ ଓକିଲ ଥିଲେ ଗଙ୍ଗାଧର ରଥ ଓ ବନମାଳୀଙ୍କ ଓକିଲ ଥିଲେ ବିବୁଧେନ୍ଦ୍ର ମିଶ୍ର। ପ୍ରାଣନାଥଙ୍କ ମୁଖ୍ୟ ସହକର୍ମୀ ଖୋର୍ଦ୍ଧା ପାର୍ଟିର ସଂପାଦକ ଶିବାଜୀ ପଟ୍ଟନାୟକଙ୍କ ନାମରେ ନିର୍ବାଚନ ବେଳେ ବାହାରିଥିବା ଏକ ତଥାକଥିତ ପ୍ରଚାର ପତ୍ରରେ ବନମାଳୀଙ୍କର ଚରିତ୍ର ହନନ ହୋଇଛି, ତେଣୁ ଲୋକ ପ୍ରତିନିଧି ଆଇନ୍‌ର ୧୨୩ ଧାରାର ୪ ଉପଧାରା ଅନୁସାରେ ପ୍ରାଣନାଥଙ୍କ ନିର୍ବାଚନକୁ ଅସିଦ୍ଧ କରାଯାଉ- ଏହାହିଁ ଥିଲା ପ୍ରତିପକ୍ଷଙ୍କ ଯୁକ୍ତି। ନିର୍ବାଚନ ଟ୍ରାଇବ୍ୟୁନାଲରେ ଅଳ୍ପଦିନ ହେଲା ଆଇନ୍ ବ୍ୟବସାୟକୁ ଆସିଥିବା ଅଥଚ ପ୍ରତିଭାଧର

Digitized by PPRACHIN, SOA

ଗଙ୍ଗାଧର ରଥଙ୍କୁ ପ୍ରାଣନାଥ ନିଜର ଓକିଲ ରୂପେ ବାଛିଲେ । ଅତୀତ ଦିନରେ ଗଙ୍ଗାଧର ରଥ କମ୍ୟୁନିଷ୍ଟ ଯୁବଛାତ୍ର ଆନ୍ଦୋଳନର ଏକ ଉଦ୍ଦୀପ୍ତ ସ୍ତମ୍ଭ ଥିଲେ । ପ୍ରାଣନାଥ ବାବୁ ନିର୍ବାଚନ ଟ୍ରିବ୍ୟୁନାଲର ନୋଟିସ୍ ଓ ଫାଇଲ୍ ହୋଇଥିବା ନିର୍ବାଚନ ପିଟିସନର ନକଲ ନେଇ ଗଙ୍ଗାଧର ରଥଙ୍କ ଘରେ ପହଞ୍ଚିଲେ ଓ ତାଙ୍କ ତରଫରୁ ଆଡଭୋକେଟ୍ ହେବାକୁ ଅନୁରୋଧ କଲେ । ଗଙ୍ଗାଧର ବାବୁ ଏହି ଅଚାନକ ଅନୁରୋଧରେ ବିସ୍ମିତ ଓ ଭାବାବେଗାଛନ୍ନ ହେଲେ । ତାଙ୍କ ଭାଷାରେ- ''ଏପ୍ରକାରର ସଂଗୀନ୍ ମକଦ୍ଦମାରେ ମୋତେ ଆଡ୍‌ଭୋକେଟ୍ ନିଯୁକ୍ତ କରିବାକୁ ପ୍ରାଣନାଥ ପଟ୍ଟନାୟକ ଯେ ଆଗେଇ ଆସିଲେ, ସେଥିରେ ମୁଁ ସ୍ତମ୍ଭୀଭୂତ ହୋଇଗଲି । ଏ ଅକିଞ୍ଚନ ଉପରେ ତାଙ୍କର ଆସ୍ଥା ଦେଖି ମୋ ଆଖିରେ ଲୁହ ଆସିଲା । x x x କିଛି ସମୟ ନୀରବ ରହି ମୁଁ କେବଳ ଏତିକି କହିଲି, ହଁ ମୁଁ ଦାୟିତ୍ୱ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛି, ଯଦି କେସ୍ ପରିଚାଳନାର ସମସ୍ତ ଦାୟିତ୍ୱ ମୋ ଉପରେ ନ୍ୟସ୍ତ ହୁଏ ।'' ଣ ଣ ଣ

ପୁରୀ ଟ୍ରାଇବୁନାଲ୍‌ରେ ଗଙ୍ଗାଧର ରଥ ଉକ୍ତ ପ୍ରଚାରପତ୍ର ଜାଲ୍ ଓ ପ୍ରେସରୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ନିଆଯାଇଥିବା ଟଙ୍କାପ୍ରାପ୍ତି ରସିଦ୍ ଜାଲ୍ ବୋଲି ପ୍ରମାଣ କରିବା ସତ୍ତ୍ୱେ ପ୍ରାଣନାଥଙ୍କ ନିର୍ବାଚନ ଅସିଦ୍ଧ ଘୋଷିତ ହେଲା । ତା ପରେ ଆସିଲା ହାଇକୋର୍ଟରେ ଆବେଦନର ପ୍ରଶ୍ନ । ପ୍ରାଣନାଥବାବୁ କଲିକତାର ପ୍ରସିଦ୍ଧ କମ୍ୟୁନିଷ୍ଟ ଆଇନଜୀବୀ ସ୍ନେହାଂଶୁ ଆଚାର୍ଯ୍ୟ ଓ ଅନ୍ୟମାନଙ୍କ ସହିତ ପରାମର୍ଶ କରି ଜାଣିଲେ ଯେ, ତାଙ୍କ ପକ୍ଷର ଯୁକ୍ତି ଓ ନଜିର ସଠିକ ଧାରା ଉପରେ ଆଧାରିତ । ତେଣୁ ସେ ହାଇକୋର୍ଟ୍‌ରେ ସେହି ଗଙ୍ଗାଧର ରଥଙ୍କୁ ଆଡଭୋକେଟ୍ ନିଯୁକ୍ତ କଲେ । ପ୍ରାଣନାଥ ବାବୁଙ୍କ ଆବେଦନର ଶୁଣାଣି ପୂର୍ବରୁ ଗଙ୍ଗାଧର ରଥ ଭୋଗରାଇର କଂଗ୍ରେସ ବିଧାୟକ ଦୁର୍ଗାଶଙ୍କର ଦାସଙ୍କ ନିର୍ବାଚନରେ ଲଢ଼ି ତାଙ୍କୁ ଜୟଯୁକ୍ତ କରାଇଥାନ୍ତି । ପ୍ରାଣନାଥ ପଟ୍ଟନାୟକଙ୍କ ଅପିଲ୍‌ରେ ଗଙ୍ଗାଧର ରଥଙ୍କ ସହକାରୀ ଆଡଭୋକେଟ୍ ଥିଲେ ଶରତଚନ୍ଦ୍ର ମହାପାତ୍ର (ପରେ ହାଇକୋର୍ଟର ବିଚାରପତି) । ହାଇକୋର୍ଟର ମାନ୍ୟବର ମୁଖ୍ୟ ବିଚାରପତି ଆର୍.ଏଲ୍.ନରସିଂହମ୍ ଓ ବିଚାରପତି ପି.ଭି.ବି ରାଓ ଥିଲେ ଏହି ଆବେଦନ ଶୁଣାଣିର ବିଚାରପତି । ଗଙ୍ଗାଧର ବାବୁ ଯେତେବେଳେ ହାଇକୋର୍ଟରେ ପ୍ରାଣନାଥଙ୍କ ଆବେଦନ ଉପସ୍ଥାପନ କରିବାକୁ ଆରମ୍ଭ କରିଛନ୍ତି, ସେତେବେଳେ ମାନ୍ୟବର ମୁଖ୍ୟ ବିଚାରପତି ଆର୍, ଏଲ୍.ନରସିଂହମ୍ ପଚାରିଲେ- ''ମିଷ୍ଟର ରଥ, ତୁମେ ଏଥିପୂର୍ବରୁ କଂଗ୍ରେସ ଦଳ ତରଫରୁ ଆର୍ଗୁମେଣ୍ଟ କରୁଥିଲ, ବର୍ତ୍ତମାନ କମ୍ୟୁନିଷ୍ଟ ଦଳ ପକ୍ଷରୁ ବାଦାନୁବାଦ କରିବାକୁ ବାହାରିଛ । ତୁମେ କେଉଁ ଦଳର ସମର୍ଥକ ?'' ଗଙ୍ଗାଧରଙ୍କ ଭାଷାରେ - ''ମୁଁ ଆବେଗ ପୂର୍ଣ୍ଣ କଣ୍ଠରେ କହିଲି, ମୁଁ ଦୀର୍ଘ ଆଠବର୍ଷ ହେଲା କୌଣସି ରାଜନୈତିକ ଦଳ ସହିତ ସଂପୃକ୍ତ ନୁହେଁ । କିନ୍ତୁ ଜଣେ ନିଷ୍ପାପର ଦେଶସେବୀ ୧୯୩୭ (୧୯୩୬ ହେବ- ଲେଖକ)ରୁ ଯେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି, ବିଚାରର ପ୍ରହସନରେ ଦୋଷୀ ସାବ୍ୟସ୍ତ ହୋଇ ସେ ଆଜି ନ୍ୟାୟ ବିଚାର ପାଇଁ ମାନ୍ୟବର ବିଚାରପତିଙ୍କ ଦ୍ୱାରସ୍ଥ । ମୁଁ

Digitized by PPRACHIN, SOA

କେବଳ ତାଙ୍କରି ପକ୍ଷ ସମର୍ଥନ କରିବି ।'' (ଗଙ୍ଗାଧର ''ଭୁଲିନାହିଁ'' ପୁସ୍ତକରୁ ଉଦ୍ଧୃତ) ଶେଷରେ ପ୍ରାଣନାଥ ନିର୍ବାଚନ ମାମଲାରେ ଜୟଯୁକ୍ତ ହେଲେ । ଏତିକି ତିକ୍ତତା ଛଡା କେବେ ତିକ୍ତତା ହୋଇ ନାହିଁ, ବ୍ୟକ୍ତିଗତ ସମ୍ମାନ ଓ ସ୍ନେହ ଅକ୍ଷୁଣ୍ଣ ରହିଛି । ଖୋର୍ଦ୍ଧା ନିର୍ବାଚନ ମାମଲା ପାଇଁ ପ୍ରାଣନାଥ ବାବୁ ମୋଟେ ଦାୟୀ ନଥିଲେ ଓ ଆସନକୁ ସୁରକ୍ଷିତ ରଖିବା ତାଙ୍କର କର୍ତ୍ତବ୍ୟ ଥିଲା ।

ଏ ସବୁ ସତ୍ତ୍ୱେ ବନମାଳୀ ବାବୁ ଓ ପ୍ରାଣନାଥ ବାବୁଙ୍କ ମଧ୍ୟରେ ବ୍ୟକ୍ତିଗତ ସୌହାର୍ଦ୍ଦ୍ୟ ଅତୁଟ ରହିଥିଲା । ନିର୍ବାଚନ ମାମଲା ପରେ ପ୍ରାଣନାଥବାବୁ ବିଧାନସଭା କାର୍ଯ୍ୟ ଓ ଗଣକାର୍ଯ୍ୟକ୍ରମରେ ବ୍ୟାପୃତ ରହିଥିଲେ ।

ବିଧାନସଭା ଭିତରେ ଓ ବାହାରେ:

ପ୍ରାଣନାଥଙ୍କ ପାଇଁ ସ୍ୱାଧୀନ ଦେଶରେ ଓଡିଶାର ରାଜ୍ୟ ବିଧାନସଭା ଭାଷଣ ବିଳାସର ଏକ ଫୋରମ୍ ବା ନିଜର ବିଧାୟକ ପଦକୁ ବ୍ୟବହାର କରି ବ୍ୟକ୍ତିଗତ ଫାଇଦା ତଥା ସ୍ୱାର୍ଥସାଧନ କରିବାର ମାଧ୍ୟମ ନଥିଲା । ଜନସାଧାରଣଙ୍କୁ ସେ ପାର୍ଟିର ଜନନେତା ଭାବେ ଦେଇଥିବା ପ୍ରତିଶ୍ରୁତି ଏବଂ ୧୯୫୭ ମସିହାର ବିଭାଜିତ ବିଧାନସଭାର ଜଟିଳ ତଥା ତରଳ ଅବସ୍ଥା ସମ୍ବନ୍ଧରେ ବେଶ୍ ସଚେତନ ଥିଲେ । ତେଣୁ ଲେନିନ୍ କହିବା ଭଳି ବିଧାନସଭା ଫୋରମ୍‌ରେ ସେ ଗଣଦାବିକୁ ଉତ୍‌ଥାପନ କରି ଜନସାଧାରଣଙ୍କ ବଞ୍ଚିବାର ହକ୍‌କୁ ହାସଲ କରିବାର କ୍ଷେତ୍ର ବୋଲି ଠିକ୍ ଭାବେ ପରିଗଣନା କରିଥିଲେ । ଗଣଦାବି ହାସଲ କରିବା ପାଇଁ ବିଧାନସଭା ତାଙ୍କ ପାଇଁ ସଂଗ୍ରାମର ହତିଆର (Instrument of struggle) ଥିଲା । ତେଣୁ ସେ କମ୍ୟୁନିଷ୍ଟ ଦଳର ଦଳପତି ଭାବେ ନିଜ ପାଇଁ ଓ ପାର୍ଟିର ଅନ୍ୟ ବିଧାୟକମାନଙ୍କର ଗଣମୁଖ୍ୟ ଶାଣିତ ଭୂମିକା ପାଇଁ ସମବେତ ପ୍ରଚେଷ୍ଟାର ନେତୃତ୍ୱ ନେଇଥିଲେ । ତାଙ୍କର ସୌଭାଗ୍ୟକୁ ୧୯୩୬ ମସିହାରେ ପରାଧୀନ ଭାରତରେ ଓଡିଶା ବ୍ୟବସ୍ଥାପକ ସଭାରେ ସଭ୍ୟ ଥିବା ମୋହନ ଦାସ ଓ ଗୋବିନ୍ଦ ପ୍ରଧାନ କମ୍ୟୁନିଷ୍ଟ ଦଳର ବରିଷ୍ଠ ବିଧାୟକ ଥିଲେ । ତା' ସାଙ୍ଗକୁ ଏରସମା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିବା ବଳିଷ୍ଠ ଯୁବ ବିଧାୟକ ଲୋକନାଥ ଚୌଧୁରୀ ଏବଂ ସମ୍ବଲପୁର ଭଟଲି ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ଗରିବ ଚାଷୀମୂଲିଆର ପ୍ରବକ୍ତା ନଟବର ବନଛୋର ମଧ୍ୟ ଖୁବ୍ ଶାଣିତ ଭୂମିକା ନେବାରେ ଲାଗି ପଡିଥିଲେ । ନିମାପଡା, କାକଟପୁର ଓ ଗୋପର ଅନ୍ୟତମ ବିଧାୟକ ଭରତ ଦାସ ଓ ଭଞ୍ଜନଗରର ବିଧାୟକ ସୁମା ନାୟକ ଖୁବ୍ ଶୃଙ୍ଖଳିତ ତଥା ଗରିବ ଆଭିମୁଖ୍ୟ ସଂପନ୍ନ ଥିଲେ । ଅଧିକନ୍ତୁ ଆସିକାରୁ ୧୯୫୨ ଓ ୧୯୫୭ରେ ନିର୍ବାଚିତ ହୋଇ ଆସିଥିବା ହରିହର ଦାସ ତାଙ୍କର ପ୍ରତ୍ୟୁତ୍ପନ୍ନମତିତା ଓ ବୁଦ୍ଧିଦୀପ୍ତ ବ୍ୟଙ୍ଗ ଭାଷଣ ପାଇଁ ଆଦରଣୀୟ ଥିଲେ । କେବଳ ଏକମାତ୍ର ବ୍ୟତିକ୍ରମ ଥିଲେ ଅନୁଗୁଳର ନରେନ୍ଦ୍ର ନାୟକ, ଯେକି କଂଗ୍ରେସ ଦଳର ପ୍ରଲୋଭନରେ ପରେ ଦଳତ୍ୟାଗ କରିଥିଲେ । କଂଗ୍ରେସ ଅନେକ ସ୍ୱାଧୀନ ସଦସ୍ୟଙ୍କୁ

Digitized by PPRACHIN, SOA

ନିଜ ଦଳରେ ସାମିଲ କରାଇ, ଝାଡଖଣ୍ଡ ସଦସ୍ୟଙ୍କୁ ହାତକରି ସଂଖ୍ୟାଗରିଷ୍ଠତା ହାସଲ କରିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲା । ପ୍ରଗତିଶୀଳ ଭୂ-ସଂସ୍କାର, ଦ୍ରୁତ ଶିଳ୍ପାୟନ ସାଙ୍ଗକୁ, ସାମନ୍ତବାଦୀ ବିରୋଧୀ ପଦକ୍ଷେପ ନେବା କାର୍ଯ୍ୟ ନକରି ସେହି ପୁରୁଣା ରୀତିରେ ଶାସନ କରୁଥିଲା । ଶେଷକୁ ଗଣତନ୍ତ୍ର ପରିଷଦ ଓ କଂଗ୍ରେସ ପରସ୍ପର ଏମ୍.ଏଲ.ଏ. ମାନଙ୍କୁ ପ୍ରବର୍ତ୍ତାଇ, ପ୍ରରୋଚିତ କରି ଓ ଲୁଚାଇ ଦେବା ଉଦ୍ଦେଶ୍ୟରେ ଯେଉଁ ନଗ୍ନ କାଣ୍ଡମାନ ଘଟାଇଲେ ସେଥିରେ ଉଭୟ ଦଳର ମୁଖ୍ୟ ରଥୀମାନେ ବୋତଲ ଧରି ଏମ୍.ଏଲ.ଏ. କଲୋନୀରେ ପିଟାପିଟି ହେବାଭଳି ଘଟଣା ଘଟିଥିଲା । ପ୍ରାଣନାଥ ବାବୁଙ୍କୁ ଏହି ସବୁ ଅସ୍ପୃହଣୀୟ କାର୍ଯ୍ୟ ଖୁବ୍ ବ୍ୟଥିତ କରିଥିଲା । କୋରାପୁଟରେ କମ୍ୟୁନିଷ୍ଟ ପାର୍ଟି ଓ କୃଷକସଭା ନେତୃତ୍ୱରେ ଆଦିବାସୀ ଜନସାଧାରଣଙ୍କ ଉପରେ ସରକାରୀ ଦମନ ଓ ଜେଲ୍‌ଦଣ୍ଡକୁ ଦେଖି ବ୍ୟଥିତ ହୋଇଥିବା କଂଗ୍ରେସ ଏମ୍.ଏଲ.ଏ. ଭଗବାନ ଖେମୁଣ୍ଡୁ ନାଏକ କମ୍ୟୁନିଷ୍ଟ ପାର୍ଟିରେ ଯୋଗ ଦେଇଥିଲେ । କମ୍ୟୁନିଷ୍ଟ ପାର୍ଟିର କେବଳ ନୀତି ଆଦର୍ଶ ଛଡ଼ା ଅର୍ଥ ବା ପଦପଦବୀର ପ୍ରଲୋଭନ ଇତ୍ୟାଦି କିଛି ନଥିଲା । ଶେଷକୁ ସମସ୍ତ ନୀତି ଆଦର୍ଶକୁ ଜଳାଞ୍ଜଳି ଦେଇ ୧୯୫୯ରେ କଂଗ୍ରେସ - ଗଣତନ୍ତ୍ର ପରିଷଦ ମିଳିତ ମନ୍ତ୍ରିମଣ୍ଡଳ ଗଠିତ ହେଲା । ଡକ୍ଟର ହରେକୃଷ୍ଣ ମହତାବ ଏହାର ମୁଖ୍ୟମନ୍ତ୍ରୀ ହେଲେ ଓ ପୂର୍ବତନ ପାଟଣା ମହାରାଜା ଆର.ଏନ୍. ସିଂହଦେଓଙ୍କ ସମେତ ପାଞ୍ଚଜଣ ତାଙ୍କ ଦଳର ମନ୍ତ୍ରୀ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଲେ । ଦିଲ୍ଲୀରୁ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ କହିଲେ ଯେ, ଗଣତନ୍ତ୍ର ପରିଷଦ ହେଉଛି ପଶ୍ଚିମ ଓଡ଼ିଶାର ଆଦିବାସୀ-ହରିଜନ ଜନ ସାଧାରଣଙ୍କର ପ୍ରତିନିଧି । ଏପରି ଘଟିବ ବୋଲି ପ୍ରାଣନାଥ ବାବୁ ମୂଳରୁ ଜାଣିଥିଲେ । ସାମନ୍ତବାଦ ପ୍ରତି ତାଙ୍କର ଘୃଣାଥିଲା ପ୍ରବଳ ।

ଏକ ଦାୟିତ୍ୱବାନ ଗଣପ୍ରତିନିଧି ଓ କମ୍ୟୁନିଷ୍ଟ ନେତା ହିସାବରେ ପ୍ରାଣନାଥ ବାବୁ ବିଧାନସଭାରେ ନିଜର କାର୍ଯ୍ୟ ଚଳାଉଥିଲେ । କମ୍ୟୁନିଷ୍ଟ ବିଧାୟକ ଦଳ ଭିତରେ ସମନ୍ୱୟ, ସହଯୋଗ ଓ ସମବେତ ଟିମ୍ କାର୍ଯ୍ୟ ବରାବର ଚାଲୁ ରହିଥିଲା । ୧୯୫୭ ରୁ ୧୯୬୧ ଯାଏଁ ଓଡ଼ିଶା ରାଜ୍ୟ ବିଧାନସଭାର ବିବରଣୀ ଦେଖିଲେ ତାଙ୍କ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟର ଭୂରି ଭୂରି ପ୍ରମାଣ ମିଳେ । ପ୍ରଗତିଶୀଳ ଭୂ-ସଂସ୍କାର, ବନ୍ୟା ପ୍ରତିକାର, ଜଳସେଚନର ବ୍ୟବସ୍ଥା, ଶିକ୍ଷାର ବିକାଶ ପ୍ରସଙ୍ଗ ସହିତ ସାମନ୍ତବାଦ ବିରୋଧୀ ଆଭିମୁଖ୍ୟ ତାଙ୍କର ବିଧାନସଭା ଭାଷଣମାନଙ୍କରେ ସେ ଉତ୍ଥାପିତ କରିଥିବା ପ୍ରଶ୍ନଗୁଡ଼ିକରେ ପ୍ରତିଫଳିତ ହୋଇଛି । ଗଣ ସମସ୍ୟାଗୁଡ଼ିକ ଉପରେ ଗଭୀର ଅନୁଶୀଳନ, ଅଧ୍ୟୟନ, ବିଭିନ୍ନ ପ୍ରସଙ୍ଗ ଉପରେ ସାଥୀ ବିଧାୟକମାନଙ୍କ ଭିତରେ ଆଲୋଚନା ଓ ଗଭୀର ଧୀଶକ୍ତି ଜନିତ ଉପଲବ୍ଧି ତାଙ୍କର ବିଧାନସଭା ବକ୍ତବ୍ୟମାନଙ୍କରେ ପ୍ରତିଫଳିତ ହେଉଥିଲା । ଅତ୍ୟନ୍ତ ମନନଶୀଳ ଓ ହୃଦୟଗ୍ରାହୀ ଥିଲା ସେ ସବୁ ବକ୍ତବ୍ୟ, ଯେଉଁଥିରେ ବିଧାୟକ ତଥା ମନ୍ତ୍ରୀଙ୍କ ପ୍ରତି ଅସୂୟା ଭାବ ନଥିଲା । ଷଢେଇକଳା ଖରସୁଆଁର ଓଡ଼ିଶାରେ ମିଶ୍ରଣ ଭଳି ସର୍ବଭାରତୀୟ ଭାବାବେଗପୂର୍ଣ୍ଣ ପ୍ରଶ୍ନ ଉପରେ ତାଙ୍କର ଯୁକ୍ତିଭେଦୀ ବକ୍ତବ୍ୟ ସମସ୍ତ ବିଧାନସଭାରେ ଏକ ଦାୟିତ୍ୱବୋଧ ଆଣି ଦେଇଥିଲା ।

Digitized by PPRACHIN, SOA

ଦେଶ ମିଶ୍ରଣ ପ୍ରସଙ୍ଗ:-

୧୯୬୦ ସାଲ ଫେବୃୟାରୀ ୧୮ ତାରିଖରେ ପ୍ରାଣନାଥ ବାବୁ ଷଢେଇକଳା-ଖରସୁଆଁ ପ୍ରସଙ୍ଗରେ ଦେଇଥିବା ଭାଷଣର କିୟଂଦଶ ଏଠାରେ ଦିଆଗଲା । ତାହା ଥିଲା ବଜେଟ ଅଧିବେଶନର ଭାଷଣ ।

"X X ଆଜି ରାଜ୍ୟପାଳଙ୍କ ଭାଷଣ ଉପରେ ଆଲୋଚନା କଲାବେଳେ ଷଢେଇକଳା-ଖରସୁଆଁ ଓ ଅନ୍ୟ ବିଚ୍ଛିନ୍ନ ଉତ୍କଳ ଅଞ୍ଚଳ ସମ୍ପର୍କରେ ତାଙ୍କ ଭାଷଣରେ କୌଣସି ଉଲ୍ଲେଖ ନଥିବାରୁ, ଜଣାପଡୁଛି ସରକାର ସେ ନୀତି ଛାଡ଼ି ସାରିଲେଣି । ସେ ଦିଗରେ ତାଙ୍କର ଆଉ ମୁଣ୍ଡବ୍ୟଥା ହେଉନାହିଁ । ୧୯୫୮ରେ ଏହି ରାଜ୍ୟପାଳ ତାଙ୍କ ଭାଷଣରେ କହିଥିଲେ, "ସ୍ୱାଧୀନତା ପରେ ଆମେମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ରାଜ୍ୟ ପୁନର୍ଗଠନ ଜନିତ ଗୁରୁତର ବିବାଦ ଆମ ଆଗରେ ଦେଖା ଦେଇଥିଲା । କିନ୍ତୁ ଆସ୍ତେ ଆସ୍ତେ ୧୯୫୮ ପରେ ୧୯୫୮ ବଜେଟ ଭାଷଣରେ ଚୁପ୍ । ବର୍ତ୍ତମାନ ମଧ୍ୟ ସ୍ପଷ୍ଟ ନୀରବ । ଯେତେବେଳେ ଏ ପ୍ରଶ୍ନ ଉଠିଛି, ମୁଖ୍ୟମନ୍ତ୍ରୀ (ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡ଼ଃ: ମହତାବ) କହିଛନ୍ତି ଯେ ଘରୋଇ ଭାବରେ କେନ୍ଦ୍ରମନ୍ତ୍ରୀଙ୍କ ସାଙ୍ଗରେ, ବିହାର ମନ୍ତ୍ରୀମାନଙ୍କ ସାଙ୍ଗରେ ଆଲୋଚନା କରୁଛନ୍ତି । ଘରୋଇ ବିଭାଗମନ୍ତ୍ରୀ (ତତ୍କାଳୀନ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ) ଏଠାରେ କହିଗଲେ, ସୀମା କମିଶନ ଯେଉଁ ନିଷ୍ପତ୍ତି କରିଛନ୍ତି, ସେଇଟା ଫାଇନାଲ୍ ନୁହେଁ । ତାର ପୁନର୍ବିଚାର ହେବ, ମାତ୍ର ସେ କେନ୍ଦ୍ରକୁ ଗଲାପରେ, ମନ୍ତ୍ରୀ ଗାଦିରେ ବସି ପ୍ରଶ୍ନ ଉତ୍ତର ଦେବାକୁ ଯାଇ କହିଛନ୍ତି ଯେ, ତାର ଶେଷ ନିଷ୍ପତ୍ତି ହୋଇଯାଇଛି ଓ ତାକୁ ଆଉ ଉଠାଇବାର ପ୍ରଶ୍ନ ନାହିଁ । ଏଣୁ ଏହି ବିଧାନସଭାର ଦାୟିତ୍ୱ ବଢି ଯାଇଛି । କେଉଁମାନେ ଏହି ଦାୟିତ୍ୱକୁ ଏଡାଇବା ପାଇଁ ଚାହାଁନ୍ତି, ତାହା ମଧ୍ୟ ପରିଷ୍କାର ହୋଇଯିବା ଉଚିତ । ଧାନ ଚାଉଳର ଦରଦାମ- ସେହି ବଜେଟ ଭାଷଣରେ ପ୍ରାଣନାଥ ବାବୁଙ୍କର ଧାନର ଦର ଓ କୃଷି, ଜଳସେଚନ ତଥା ଯୋଜନା ସମ୍ବନ୍ଧରେ ବକ୍ତବ୍ୟର ଉଦ୍ଧୃତାଂଶ ଏଠାରେ ପ୍ରଣିଧାନଯୋଗ୍ୟ ।

"X X ଗଲାବର୍ଷ ସେ (ରାଜ୍ୟପାଳ) ତାଙ୍କ ଭାଷଣରେ କହିଥିଲେ ଯେ ଆମ ପ୍ରାଦେଶିକ ସରକାର ଖାଦ୍ୟର ସୁବ୍ୟବସ୍ଥା କରୁଛନ୍ତି । ରେଲ୍ ହେଡ଼ରେ ଧାନ ଚାଉଳ ଦରଦାମ ଠିକ୍ କରିଦେବେ । ଯାହା କିଣାଳି ବିକାଳି ସମସ୍ତଙ୍କର ସୁବିଧା ହେବ । କିନ୍ତୁ ଏବର୍ଷ ଭାଷଣରେ ତାକୁ କରି କହିଦେଲେ ଯେହେତୁ କେନ୍ଦ୍ର ସରକାର ଆମକୁ ଏମିତି କରିବାକୁ କହିଲେ, ଗଲାବର୍ଷ ଯାହା ଥିଲା ତାକୁ ଆମେ ବଦଳାଇ ଦେଇ ଏବର୍ଷ ଲଗାମ ଛାଡ କରିଦେଲୁ । ଯାହା ଫଳରେ ସବୁ ଠିକ୍ ହୋଇଯିବ । ବାସ୍ତବ କ୍ଷେତ୍ରରେ ଦେଖା ଦେଉଛି, ଏ ନୂତନ ଖାଦ୍ୟ ବ୍ୟବସ୍ଥା ହେବା ଫଳରେ ବଙ୍ଗଳାରେ ହେଉଛି ଖାଦ୍ୟ ମହଣ ଟ୨୦ ।(କୋଡିଏ ଟଙ୍କା ଆଠଅଣା, ସେ ସମୟରେ ମାପରେ ଓ ଟଙ୍କା ପଇସାରେ ମେଟ୍ରିକ ବ୍ୟବସ୍ଥା ପ୍ରବର୍ତ୍ତିତ ହୋଇ ନଥିଲା) ଥିଲା, ସେଠାରେ ବର୍ତ୍ତମାନ ଟ୨୩ । ହେଲାଣି । ଓଡ଼ିଶାରେ ମଧ୍ୟ ଦର ବଢି ଗଲାଣି । ଏଥିରେ ଏପରି କିଛି ଗଳତି

Digitized by PPRACHIN, SOA

ଅଛି ଯାହା ଫଳରେ ଏହା ବଙ୍ଗଳାକୁ ବା ଓଡ଼ିଶାକୁ କାହାରିକୁ ସାହାଯ୍ୟକାରୀ ହେଲାନାହିଁ ।

ଜଳସେଚନ:-

ଜଳସେଚନ ସମ୍ପର୍କରେ, କୃଷି ସମ୍ପର୍କରେ କହିଲା ବେଳେ ସରକାର, ଏତେ ସାର ଦେଲେ, ଏତେ ବିହନ ଦେଲେ । ଡାକ୍ତର ଷ୍ଟକମ୍ୟାନ ରଖିଲେ ଇତ୍ୟାଦି କଥା କହିଛନ୍ତି । କିନ୍ତୁ କୃଷି ଉତ୍ପାଦନର ଜିନିଷ ହେଉଛି ଯେଉଁ ଜଳସେଚନ ତା ଉପରେ ଆଦୌ ଜୋର ଦେଇ ନାହାନ୍ତି । ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ ମାଇନର ଇରିଗେସନ ଉପରେ ଜୋର୍ ଦିଆ ଯାଇଥିଲା । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ମିଡିୟମ ଇରିଗେସନ ଉପରେ ଜୋର୍ ଦିଆଗଲା । ସେ ବାବଦରେ ୫ ବର୍ଷ ପାଇଁ ୫ କୋଟି ୧୦ ଲକ୍ଷ ଟଙ୍କା ରଖା ଯାଇଥିଲା । କିନ୍ତୁ ଏକ କୋଟି ଖର୍ଚ୍ଚ ଜାଗାରେ ୫୬/୫୭ରେ ୧ଲକ୍ଷ ୫୬ ହଜାର, ୫୭/୫୮ରେ ୪ଲକ୍ଷ, ୫୮/୫୯ରେ ୩୮ ଲକ୍ଷ ଟଙ୍କା ରଖା ଯାଇଥିଲେ ମଧ ୨୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ମୁଁ ଦେଖୁଛି ବେଶୀ ହେଲେ ୧୩୦ ଲକ୍ଷ ଟଙ୍କା ଅର୍ଥାତ୍ ଚାରି ଭାଗରୁ ଭାଗେ ଖର୍ଚ୍ଚ ହୋଇ ପାରିବକି ନାହିଁ ସନ୍ଦେହ । ଅତଏବ ଜଳସେଚନ, କୃଷି ଉତ୍ପାଦନରେ ସାହାଯ୍ୟକାରୀ ହେବ । ଏଠି ଯେଉଁ ମୂଳ ଲକ୍ଷ୍ୟ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଥିଲା ଯେ ଅଧିକ ଉତ୍ପାଦନ ହେଲେ ବେକାର ସମସ୍ୟା ଦୂର ହେବ- ଲୋକେ ଭରପୂର ଖାଇବାକୁ ପାଇବେ ଓ ବିଦେଶରୁ ଖାଦ୍ୟ ଶସ୍ୟ ଆଣିବାକୁ ପଡିବ ନାହିଁ, ସେ ଲକ୍ଷ୍ୟ ପଣ୍ଡ ହେଲା ।

ଶିଳ୍ପ ବିକାଶ:-

ତା'ପରେ ଶିଳ୍ପ ଓ କଳ କାରଖାନା ଯାହାକି ଆମ ପ୍ରଦେଶ ପାଇଁ ଖୁବ୍ ଦରକାର ତା ସମ୍ପର୍କରେ କିଭଳି ଅନ୍ୟାୟ କରିଛନ୍ତି, ତା'ର ଠିକଣା ନାହିଁ । ଭାରୀ ଇଣ୍ଡଷ୍ଟ୍ରିଜ୍ ଓ ମିଡିୟମ ଇଣ୍ଡଷ୍ଟ୍ରିଜ୍ ବିଷୟରେ ଆମ ସରକାର କହିବେ, ଆମେ ପ୍ରାଇଭେଟ ସେକ୍ଟର ଓ ସେଣ୍ଟ୍ରାଲ ସେକ୍ଟରକୁ ତାହା ଦେଇ ଦେଇଛୁ । ସେମାନେ ତାହା କହିବେ, ଆମର ସେ ଦାୟିତ୍ୱ ନାହିଁ । ଯେଉଁ ମଧ୍ୟମ ଧରଣର ଇଣ୍ଡଷ୍ଟ୍ରି କଥା କୁହାଯାଇଛି ସେଥିରେ ଆମର ପୂରା ଦାୟିତ୍ୱ ନାହିଁ । ତଥାପି ଯାହା ହୋଇଛି, ସେଥିରେ ଆମେ କଞ୍ଚା ମାଟେରିଆଲ ଦେଉଛେ । କିନ୍ତୁ କାହା ବଳରେ X X X ଏତିକି ପାଇଛନ୍ତି ଯେ ଏହି ସବୁ କଂପାନୀ ତାଙ୍କ ହେଡ୍ ଅଫିସ୍ ଦିଲ୍ଲୀ, କଲିକତା ଓ ବମ୍ବେରେ ରଖିଲେ । ଯାହା ଫଳରେ ଆମେ ସେଲ୍ ଟିକସ ହରାଇଲେ ଇନକମ୍ ଟ୍ୟାକ୍ସ ଯାହା ପାଇଥାନ୍ତେ, ତାହା ମଧ ହରାଇଲେ । ତା ଛଡା ଓଡିଶା ଲୋକଙ୍କୁ ସେ ସବୁ କଂପାନୀରେ କିପରି ଚାକିରି ମିଳି ପାରିବ ସେ ବିଷୟରେ ଆମ ସରକାର କିନ୍ତୁ ଚୁକ୍ତି କରି ନାହାଁନ୍ତି । ଆମ ରାଜ୍ୟ ଟଙ୍କା ପାଉ ନାହାନ୍ତି କି ଚାକିରି ପାଉନାହାନ୍ତି । ଅଥଚ ସେ ସବୁ କଂପାନୀଗୁଡିକ ପାଇଁ ଆମ ରାଜ୍ୟର ବହୁତ ଆର୍ଥିକ କ୍ଷତି ହେଉଛି । ସାଧାରଣ ଲୋକଙ୍କ ଧନରୁ ଧନୀ ଲୋକଙ୍କୁ ଦେଇ ଲୋକଙ୍କ ତ୍ୟାଗ ଉପରେ ଅଶେଷ ବୋଝ ଲଦା ଯାଉଛି । ତା'ର ପ୍ରମାଣ ସ୍ୱରୂପ ଏଣେ

Digitized by PPRACHIN, SOA

ରାଜସ୍ୱ ବୃଦ୍ଧି ପାଇଁ ଆଳୁ, ପିଆଜ, ଜାଳେଣୀକାଠ, ମୁଗ,ବିରି, ତେଲ ଉପରେ ନୂଆ ବିକ୍ରିକର ବଢ଼ିଚାଲିଛି ।

ଓଡ଼ିଶାର ବନ୍ୟା ଓ ନଦୀବନ୍ଧ ଯୋଜନା:-

୧୯୬୦ ଅକ୍ଟୋବର ୨୦ ତାରିଖରେ ରାଜ୍ୟ ବିଧାନସଭାରେ ପ୍ରାଣନାଥ ବାବୁ ଓଡ଼ିଶାରେ ବନ୍ୟା ବିପ୍ରାତର ନିରାକରଣ ଓ ନଦୀବନ୍ଧ ଯୋଜନା ସଂପର୍କରେ ଯାହା କହିଥିଲେ, ତାହା ଆଜି ଏକାନ୍ତ ପ୍ରାସଙ୍ଗିକ । ତାଙ୍କର ଦୃଷ୍ଟିକୋଣ ଥିଲା ବ୍ୟାପକ ଓ ବିସ୍ତୀର୍ଣ୍ଣ । ତାଙ୍କ ଭାଷଣରେ ଅସତ୍ୟ,ଅସୂୟା ଓ ସାଲିସ ପ୍ରଶ୍ନ ନଥିଲା ।

X X ଏ ପ୍ରଦେଶର ଉକ୍ତ ନଦୀର (ମହାନଦୀ) ତ୍ରିକୋଣ ଭୂମିରେ ବାରମ୍ବାର ଘଟୁଥିବା ବନ୍ୟାର ନିୟନ୍ତ୍ରଣ ସରକାରଙ୍କ ପ୍ରଥମ କର୍ତ୍ତବ୍ୟ । ଏହାକୁ ଜାତୀୟ ଯୋଜନା ହିସାବରେ ପ୍ରଥମ ସ୍ଥାନ ଦେବା କଥା । ଅନେକ ବର୍ଷ ଆଗରୁ ତିନୋଟି ବନ୍ୟା କମିଟି ବସିଥିଲା– କିନ୍ତୁ ତାପରେ ବିଗତ ୧୨ ବର୍ଷ ଭିତରେ ଆଉ କୌଣସି କମିଟି ବସି ନାହିଁ । ଯାହା ଦେଖା ଯାଉଛି ପ୍ରତି ୫ ବର୍ଷରେ ଗୋଟିଏ ଗୋଟିଏ ବଡ଼ ବନ୍ୟା ହେଉଛି । ୫ ବର୍ଷ ତଳେ ଦଳେଇ ଘାଇ ଭାଙ୍ଗିଥିଲା । ବର୍ତ୍ତମାନ ପୁଣି ବଢ଼ି ହେଲା, ତାହା ଛଡ଼ା ଛୋଟ ଛୋଟ ବଢ଼ି ଲାଗି ରହିଛି । ତେଣୁ ସରକାର ଯଦି ପ୍ରଥମେ ଏ ବଢ଼ିର ସ୍ଥାୟୀ ପ୍ରତିକାର ପାଇଁ ଦୃଷ୍ଟି ଦେଇଥାନ୍ତେ, ତେବେ ଏତେ ଜାତୀୟ ସମ୍ପତ୍ତି କ୍ଷତି ହୋଇ ନଥାନ୍ତା । ସରକାରଙ୍କ ଉଦାସୀନତା ଓ ଅପାରଗତା ଯୋଗୁ ଆଜି ପର୍ଯ୍ୟନ୍ତ ତାହା ହୋଇ ପାରି ନାହିଁ । ମୁଖ୍ୟମନ୍ତ୍ରୀ ଆଜିର ପ୍ରଶ୍ନ ଉତ୍ତରରେ ଯାହା କହିଲେ, ବନ୍ୟା ପ୍ରତିକାର ପାଇଁ ଏକ କୋଟି ଟଙ୍କା ରଖା ଯାଇଥିଲା । ବର୍ତ୍ତମାନ ତାହା ୪୨ କୋଟି ପର୍ଯ୍ୟନ୍ତ ବଢ଼ିଗଲା । ସେଇଟା ବଡ଼ କଥା ନୁହେଁ । ଏ ୪୨ କୋଟି ଟଙ୍କା କିପରି କାର୍ଯ୍ୟକାରୀ ହେଲା, ତାହା ଦେଖିବା ହେଉଛି ବଡ଼ କଥା । କୌଣସି ସ୍ଥାୟୀ ଯୋଜନା ବ୍ୟବସ୍ଥା ନଥିବାରୁ କିମ୍ବା ଏକ୍ସପାର୍ଟ କମିଟି ଯେଉଁ ସୁପାରିଶ କରୁଛନ୍ତି, ତାକୁ ପୂରାପୂରି କାର୍ଯ୍ୟକାରୀ ନକରି, ଯେଉଁଟା ସୁଖ ଲାଗିଲା, ନିଜକୁ କରିବାକୁ ଯେଉଁଟା ସୁବିଧା ହେଲା, ଯେତେବେଳେ ଯାହା କରିବାକୁ ଇଣ୍ଟେରେଷ୍ଟେଡ ପାର୍ଟି କହିଲା, ତାକୁ କାର୍ଯ୍ୟକାରୀ କରୁଥିବାରୁ ଫଳରେ କ୍ଷତି ବେଶୀ ହେଉଛି । ରଣ ନଦୀ ଜରିଆରେ ମହାନଦୀରୁ ପାଣି ନେଇ ଚିଲିକାରେ ପକାଇବାର କଥା ଉଠୁଛି । ଏହା ବିଜ୍ଞାନସମ୍ମତ ହୋଇପାରେ । କିନ୍ତୁ ଯେଉଁ ରଣନଦୀ ଯାଉଛି, ଯେଉଁ ନଦୀ ବାଟ ପାଉନଥିଲା ଓ ଫେରି ଆସୁଥିଲା, ତାକୁ ଖୋଳାଇ ମଲାଗୁଣୀ ବାଟେ ଚିଲିକାରେ ନେଇ ପାଣି ପହଞ୍ଚାଇବେ । ଦୟା ଭାର୍ଗବୀର ପାଣି ଯାହା ଚିଲିକାରେ ପଡୁଛି, ସେ ପାଣି ଭଲ ଖଲାସ ହୋଇ ପାରୁ ନଥିବାରୁ ନଦୀକୂଳମାନଙ୍କରେ ଥିବା ଗାଁ ସବୁରେ ବାରମ୍ବାର ବନ୍ଧ ଭାଙ୍ଗୁଛି । ତେଣୁ ଚିଲିକା ଜଳ ଯେଉଁ ବାଟ ଦେଇ ସମୁଦ୍ରକୁ ଯାଏ, ତାକୁ ଯଦି ପରିଷ୍କାର ଭାବେ ଖୋଳା ନାଯାଏ, ନଦୀବନ୍ଧ ସେ ଅନୁସାରେ ଉଚ୍ଚ କରାନଯାଏ, ତେବେ ଆହୁରି ବନ୍ୟା ସେ ଅଞ୍ଚଳରେ ହେବ–ଅର୍ଥାତ୍ ବନ୍ୟା ନଥିବା ଅଞ୍ଚଳରେ ଗୋଟିଏ କୃତ୍ରିମ ବନ୍ୟା ହେବ ।

Digitized by PPRACHIN, SOA

ମୁଖ୍ୟମନ୍ତ୍ରୀ କହିଲେ ଯେ, ମହାନଦୀ ବନ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ତେଲ ନଦୀରେ ବନ୍ଧ ନିର୍ମାଣ ଏବଂ ବାଙ୍କୀର ଡାଳତୋଳା ଠାରୁ ଗୋଟିଏ କୃତ୍ରିମ ନଦୀ ଖନନ ହେଉଛି ମୁଖ୍ୟକାର୍ଯ୍ୟ । ସେ କହିଲେ ଯେ, ତେଲ ନଦୀରେ ବନ୍ଧ ନିର୍ମାଣ ହେବା ଫଳରେ ବଡ଼ ବଢ଼ିରେ ଅନ୍ତତଃ ୩ଲକ୍ଷ କ୍ୟୁସେକ୍ ପାଣି ମହାନଦୀରୁ କମିଯିବ । ଡାଳତୋଳା କୃତ୍ରିମ ନଦୀ ଯୋଗେ କିଛି ପରିମାଣ ପାଣି ଯାଇ ଚିଲିକାରେ ପଡ଼ିବ । ଅର୍ଥାତ୍ ୯ କୋଟି ଟଙ୍କା ଖର୍ଚ୍ଚ କରି ଏ ଦୁଇଟି ଯୋଜନା କଲେ ମହାନଦୀରେ ଆଉ ବନ୍ୟା ହେବନାହିଁ ବୋଲି ମୁଖ୍ୟମନ୍ତ୍ରୀ କହୁଛନ୍ତି । ହୀରାକୁଦ ଯୋଜନା ଯେତେବେଳେ ହେଲା, ସେତେବେଳେ ସରକାରଙ୍କ ପକ୍ଷରୁ କୁହାଗଲା ଆଉ ମହାନଦୀରେ ବଢ଼ି ହେବନାହିଁ । କିନ୍ତୁ ଦେଖାଯାଉଛି ପ୍ରକୃତରେ ତାହା ହେଲା ନାହିଁ । ସେଭଳି କାର୍ଯ୍ୟ ହେଲେ ଲୋକଙ୍କର କ୍ଷତି ହେବ । ସେ ଦୃଷ୍ଟିରୁ ତାକୁ ହଠାତ୍ କାର୍ଯ୍ୟକାରୀ ନକରି ଆମର ଯେଉଁ ବିଶେଷଜ୍ଞ କମିଟି ବସିଛି, ତାଙ୍କ ରିପୋର୍ଟକୁ ଅପେକ୍ଷା କରିବା ଉଚିତ ।''

ଡଃ. ହରେକୃଷ୍ଣ ମହତାବ (ମୁଖ୍ୟମନ୍ତ୍ରୀ)—ମୁଖ୍ୟମନ୍ତ୍ରୀଙ୍କର ତାହା ମତ ନୁହେଁ, ବିଶେଷଜ୍ଞଙ୍କର ମତ ।

ପ୍ରାଣନାଥ ପଟ୍ଟନାୟକ— ''ବିଶେଷଜ୍ଞମାନଙ୍କର ୧୦/୨୦/୨୫ ମତ ରହିଛି । ସବୁଗୁଡ଼ାକୁ ଏକ ସଙ୍ଗରେ କାର୍ଯ୍ୟକାରୀ କରିବା ଉଚିତ । ତାହା ନକରି ଗୋଟିଏ ଗୋଟିଏ ଖଣ୍ଡିଆ କରି କରୁଛନ୍ତି । ଅନ୍ୟଗୁଡ଼ିକୁ ନେଗ୍ଲେକ୍ଟ କରୁଛନ୍ତି । କାହାର ହୁଏତ କେଉଁଠି ସ୍ୱାର୍ଥ ଥିବ, ତାହା କାର୍ଯ୍ୟକାରୀ ହେଉଛି । ୧୦/୨୦ ବର୍ଷ ହେଲା ବିଶେଷଜ୍ଞମାନେ ନାନା ସୁପାରିଶ୍ କରି ଆସୁଛନ୍ତି । ତାକୁ ସରକାର କାର୍ଯ୍ୟକାରୀ କରୁନାହାନ୍ତି । ମୁଁ ଦାବି କରୁଛି ଯେ, ବିଶେଷଜ୍ଞ ରିପୋର୍ଟକୁ ଅପେକ୍ଷା ରଖାଯାଉ ଓ ଏଭଳି ଖଣ୍ଡିତ କାର୍ଯ୍ୟକ୍ରମ କରା ନ ଯାଉ । ଅନ୍ୟ ସବୁ କଥା ମୋର ସଂଶୋଧନ ପ୍ରସ୍ତାବରେ ମୁଁ ଦେଇଛି ।''

କଲେଜ ଶିକ୍ଷାର ପ୍ରସାର - ୧୯୬୦ ମାର୍ଚ୍ଚ ୩ ତାରିଖ-

''X X X ସରକାର ଉଚ୍ଚଶିକ୍ଷା ନିମିତ୍ତ ବ୍ୟାକୁଳ ନୁହଁନ୍ତି । ସେ ପ୍ରକୃତରେ ବ୍ୟାକୁଳ କିପରି ରାଜା ମହାରାଜା, ଜମିଦାରମାନଙ୍କର ଘର କିଣିବେ ଓ ସେମାନଙ୍କଠାରୁ କିପରି ଟଙ୍କା ପାଇବେ । ରାଜା ମହାରାଜାମାନଙ୍କର ସ୍ୱାର୍ଥ ଦୃଷ୍ଟିରୁ ଘର କିଣିବା ଦରକାର ପଡୁଥିବାରୁ ଏହିଟଙ୍କା ଦେବାପାଇଁ ବ୍ୟଗ୍ରତା ପ୍ରକାଶ ପାଇଛି । ମୋର କହିବା ଉଦ୍ଦେଶ୍ୟ ହେଉଛି ପାରଳାଖେମୁଣ୍ଡି ଗେଷ୍ଟ ହାଉସ କିଣା ହୋଇଛି ଓ ସେଥିପାଇଁ ଏ ସପ୍ଲିମେଣ୍ଟାରୀ ବଜେଟରେ ଲକ୍ଷେ ଟଙ୍କା ବ୍ୟବସ୍ଥା କରାଯାଇଛି । ଆମ ପ୍ରଦେଶରେ ଅନେକ ନୂଆ ନୂଆ କଲେଜ ହେଉଛି । ପ୍ରି-ୟୁନିଭରସିଟି କୋର୍ସ ଇଣ୍ଟରଡ୍ୟୁସ୍ କରାଯାଇଛି । ଖୋର୍ଦ୍ଧା, ନୀଳଗିରି, ଢେଙ୍କାନାଳ ପ୍ରଭୃତି ଜାଗାରେ ଲୋକମାନେ ନିଜ ନିଜ ଉଦ୍ୟମରେ ଟଙ୍କା ସଂଗ୍ରହ କରି ହଜାର ହଜାର ଟଙ୍କା ଉଠାଇଛନ୍ତି । କିନ୍ତୁ ସେମାନଙ୍କୁ ଦିଆଯାଇଛି ୫ ହଜାର ଟଙ୍କା । ସତେ ଯେମିତି ୫ ହଜାର ଟଙ୍କାରେ ସ୍ୱର୍ଗକୁ ଚାଲିଯିବ । ଏ ଯେଉଁ

Digitized by PPRACHIN, SOA

ଲକ୍ଷେ ଟଙ୍କାର ଗେଷ୍ଟ ହାଉସ୍ କିଣା ଯାଉଛି, ତା ନହୋଇ ଯଦି ପ୍ରତ୍ୟେକ କଲେଜକୁ ୩୦ ହଜାର ଟଙ୍କା ଦିଆ ଯାଇଥାନ୍ତା, ତାହେଲେ ମୋର ବିଶ୍ୱାସ, ସେ ବିଷୟରେ ଖୁବ୍ ଆଗେଇ ଯାଇଥାନ୍ତେ ।

ଆପଣ ଜାଣନ୍ତି ଆମ ପ୍ରଦେଶରେ ଶିକ୍ଷାର ଆବଶ୍ୟକତା କେତେ ଦୂର ଅଛି । ମୁଁ ରାଉରକେଲାରେ ପଚାରିଲି ଏଠାରେ କିପରି ଭାବେ ଆପଏଣ୍ଟମେଣ୍ଟ ମିଳିଛି । ସେମାନେ ମୋତେ କହିଲେ ଆମେ ୨୦୦ କମର୍ସ ଗ୍ରାଜୁଏଟ ଚାହୁଁଛୁ ୫୦ ଜଣ ସାଇନ୍ସ ଗ୍ରାଜୁଏଟ ଚାହୁଁଛୁ । ୪୦ ଜଣ ଆର୍ଟସ ଗ୍ରାଜୁଏଟ୍ ଦରକାର ହେଉଛନ୍ତି । କିନ୍ତୁ ଆମ ପ୍ରଦେଶରେ କମର୍ସ ବା ସାଇନ୍ସ ଗ୍ରାଜୁଏଟ ମିଳୁନାହାନ୍ତି । ଯେଉଁ ପ୍ରଦେଶରେ ଏତେ ଅଭାବ ସେ ପ୍ରଦେଶରେ ଲକ୍ଷେ ଟଙ୍କା ଖର୍ଚ୍ଚ ହୋଇ ପାରଳାଖେମୁଣ୍ଡି ଗେଷ୍ଟ ହାଉସ କିଣା ହୋଇଛି ସର୍କିଟ ହାଉସ ସକାଶେ ।

ଆମ ପ୍ରଦେଶରେ ଶିକ୍ଷା ଏତେ ପଛରେ ପଡ଼ିଛି । ଜନସାଧାରଣ ନିଜ ଆଡୁ ଚାନ୍ଦା ଆଦାୟ କରି ଉଚ୍ଚ ଶିକ୍ଷାର ବିସ୍ତାର ପାଇଁ ସ୍କୁଲ କଲେଜ କରିବା ପାଇଁ ଚେଷ୍ଟା କରୁଛନ୍ତି । ଅଥଚ ସରକାରଙ୍କ ଏଥିପ୍ରତି ଆଗ୍ରହ କି ଉତ୍ସାହ ନାହିଁ । ଟିକସ କଥା କହିଲା ବେଳେ କର୍ମଚାରୀମାନଙ୍କ ଦରମା କଥା କହିଲା ବେଳେ ସରକାର ଆମକୁ କହୁଛନ୍ତି ଟଙ୍କା ନାହିଁ । କିନ୍ତୁ ଟଙ୍କା ମିଳୁଛି ରାଜା ମହଲ, ରାଣୀ ମହଲ, ଗେଷ୍ଟ ହାଉସ କରିବା ପାଇଁ । ପ୍ରକୃତ ଉଦ୍ଦେଶ୍ୟ ତାହା ନୁହେଁ । ଉଦ୍ଦେଶ୍ୟ ହେଲା ରାଜବାଟି, ରାଣୀ ମହଲ କିଣିବା । ମନ୍ତ୍ରୀ କହିବେ ଆମେ ଦେଶର ଆସେଟ୍ ବଢ଼ାଉଛୁ । ଅର୍ଥାତ ଯେତେ ସବୁ ପୁରୁଣା ଦଦରା ଭଙ୍ଗାଘର ଥିଲା, ତାକୁଇ କିଣି ଆସେଟ ବଢ଼ାଉଛନ୍ତି । ବାରିପଦା ରାଜବାଟୀ ୪ ଲକ୍ଷ ଟଙ୍କାରେ କିଣା ହେଲା - ଏ ଯେତେ ଟଙ୍କା ଖର୍ଚ୍ଚ ହୋଇ କିଣାହେଲା ସେଥିରେ ଆମେ ନୂଆ କରି ପାରନ୍ତେ କି ନାହିଁ ବର୍ତ୍ତମାନ ବିଚାର କରନ୍ତୁ । X X X X X X X X

ଭାତ ହାଣ୍ଡିରୁ ଗୋଟିଏ ଚିପି ଭାତର ସାମଗ୍ରିକ ଅବସ୍ଥା ଜାଣିବା ପରି ବିଧାନସଭାରେ ପ୍ରାଣନାଥ ପଟ୍ଟନାୟକ ୧୯୫୭ ରୁ ୬୧ ଯାଏଁ ବିଧାୟକ ଭାବେ ଦେଇଥିବା ଅସଂଖ୍ୟ ବକ୍ତୃତାର ଏ ସବୁ କିୟଦଂଶ ତାଙ୍କର ଶାଣିତ ଆଭିମୁଖ୍ୟର ପ୍ରକାଶ ଘଟାଇଛି । ସାମନ୍ତବାଦ ପ୍ରତି ବିରୋଧିତା, ଗରିବ ଚାଷୀ, ଶ୍ରମିକ, କର୍ମଚାରୀର ଦାବି ପ୍ରତି ସମର୍ଥନ ଓ ଦରଦ, ଶିକ୍ଷା ଓ ଜଳସେଚନର ବିକାଶ ପାଇଁ ବ୍ୟାକୁଳତା ଏବଂ ସର୍ବୋପରି ଶିଳ୍ପଗତ ବିକାଶ ପାଇଁ ଆବେଗ ତାଙ୍କର ପରିଚ୍ଛନ୍ନ ବକ୍ତବ୍ୟରେ ପ୍ରତିଫଳିତ ହୋଇଛି । ତାଙ୍କର ବହୁବିଧ ସମସ୍ୟା ଉପରେ ବକ୍ତବ୍ୟକୁ କ୍ଷୁଦ୍ର ପରିସର ମଧ୍ୟରେ ରଖାଯାଇପାରୁ ନାହିଁ ଭାବିଲେ ଦୁଃଖ ଲାଗୁଛି । ଏହାଛଡ଼ା ବିଧାନସଭା କମ୍ୟୁନିଷ୍ଟ ଗ୍ରୁପ୍‌ର ନେତା ଭାବରେ ଗଭୀର ସମ୍ମାନବୋଧ ରକ୍ଷା କରି ନିଜ ଦଳ ଓ ଅନ୍ୟ ବିରୋଧୀ ଦଳମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିଥିଲେ । ଦଳମତ ନିର୍ବିଶେଷରେ ତାଙ୍କର ପ୍ରଶଂସକ ଥିଲେ ଅସଂଖ୍ୟ ।

Digitized by PPRACHIN, SOA

୧୯୫୭ ରୁ ୧୯୬୦ ସମୟାବଧି ମଧ୍ୟରେ ପ୍ରାଣନାଥ ବାବୁଙ୍କର ମହାନ୍ ଗଠନମୂଳକ ଓ ସ୍ମରଣୀୟ ଘଟଣା ହେଉଛି ଐତିହାସିକ ଖୋର୍ଦ୍ଧା ମାଟିରେ କଲେଜ ପ୍ରତିଷ୍ଠା (ଏହି କଲେଜ ପ୍ରତିଷ୍ଠା ସମ୍ବନ୍ଧରେ ସ୍ୱତନ୍ତ୍ର ଅଧ୍ୟାୟ ଅନ୍ୟତ୍ର ଦ୍ରଷ୍ଟବ୍ୟ) । ୧୯୫୯ ଜୁଲାଇ ୧୯ ତାରିଖରେ ବରୁଣେଇ ପାହାଡ଼ ତଳେ ୭୫ ଏକର ଜମି ଉପରେ ପ୍ରତିଷ୍ଠା ହୋଇଯାଇଥିବା ଖୋର୍ଦ୍ଧା କଲେଜକୁ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ଉଦ୍‌ଘାଟନ କରିଥିଲେ । ଏହି ଉଦ୍‌ଘାଟନୀ ଉତ୍ସବରେ ଅନ୍ୟତମ ଅତିଥି ଥିଲେ ତତ୍କାଳୀନ ଅର୍ଥମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ଏବଂ ବିକାଶ ମନ୍ତ୍ରୀ ରାଧାନାଥ ରଥ । ପ୍ରାଣନାଥ ବାବୁ ଓ ତାଙ୍କ ଜୀବନ ଇତିହାସରେ ଖୋର୍ଦ୍ଧା କଲେଜ ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା । ତାଙ୍କର ମୃତ୍ୟୁପରେ ଏହା "ପ୍ରାଣନାଥ ମହାବିଦ୍ୟାଳୟ" ନାମରେ ନାମିତ ।

ଏହି ସମୟ ମଧ୍ୟରେ ୧୯୬୦ରେ ପ୍ରାଣନାଥଙ୍କ ଜୀବନରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି– କେଉଁଝର ଜିଲ୍ଲାର ବଡ଼ବିଲସ୍ଥ ସିରାଜୁଦ୍ଦିନ ମାଇନ୍ସରେ ଏକ ଦୁର୍ଭାଗ୍ୟଜନକ ହତ୍ୟାକାଣ୍ଡକୁ କେନ୍ଦ୍ରକରି ସେଠାର ଆଦିବାସୀ ଜନସାଧାରଣଙ୍କ ଉପରେ ପୋଲିସ୍ ଓ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ତରଫରୁ ପ୍ରବଳ ଜୁଲୁମ-ଅତ୍ୟାଚାର ଚାଲିଥିବା ବେଳେ, ସେଠାର ଜନସାଧାରଣଙ୍କ ମଧ୍ୟରେ ସାହସ ଓ ଧୈର୍ଯ୍ୟ ଫେରାଇ ଆଣିବା ପାଇଁ ଏବଂ ସେହି ବିଭୀଷିକାମୟ ବାତାବରଣର ବିବରଣୀ ସଂଗ୍ରହ କରି ତାର ପ୍ରତିକାର ଉଦ୍ଦେଶ୍ୟରେ ପ୍ରାଣନାଥ ପଟ୍ଟନାୟକ ସେ ଅଗମ୍ୟ ଅଞ୍ଚଳକୁ ଯାତ୍ରା କରିଥିଲେ । ଏହି ହତ୍ୟା ମାମଲାରେ ବହୁ ଆଦିବାସୀ ଶ୍ରମିକମାନଙ୍କ ସହ ଓଡ଼ିଶାର ପ୍ରସିଦ୍ଧ ଲଢୁଆ ଶ୍ରମିକ ନେତା ହରିବନ୍ଧୁ ବେହେରା ଓ ନିର୍ମଳ ଚାଟାର୍ଜୀଙ୍କୁ ମଧ୍ୟ ଗିରଫ କରାଯାଇ କାରାରୁଦ୍ଧ କରାଯାଇଥିଲା । ଫାଶୀର ଦୌଡ଼ି ଝୁଲୁଥିଲା ସେମାନଙ୍କ ସମ୍ମୁଖରେ । ପଥେ ପଥେ ବିପଦର ଆଶଙ୍କା । ପ୍ରାଣନାଥ ବାବୁ ବସ୍ ଯୋଗେ କେଉଁଝର ଆସି ସେଠୁ ପୁଣି ବସ୍ ବଦଳାଇ ବଡ଼ବିଲ୍ ରାସ୍ତାରେ ଆସି ଅଧାବାଟରେ ବସ୍‌ରୁ ଓହ୍ଲାଇଲେ । ସେଠାରୁ ସିରାଜୁଦ୍ଦିନ ମାଇନ୍ସକୁ ଲମ୍ବି ଯାଇଥିବା ଜଙ୍ଗଲ ପରିବେଷ୍ଟିତ ନାଳି ରାସ୍ତାରେ ଚାଲିଲେ ଅତ୍ୟାଚାର, ପୀଡ଼ନରେ ଜର୍ଜରିତ ସେହି ଦୁଃଖୀ ଓପାସିଆ ଆଦିବାସୀ ଖଣି ଶ୍ରମିକ ଅଞ୍ଚଳକୁ । ରାସ୍ତାରେ ଆସିଗଲା ବାଧାର ପାହାଡ଼ । କେତେ ଧମକ୍, ଗାଳି, ଧୂଳି, ଘଷି ଓ କଙ୍କର ଫୋପଡ଼ା ପୁଣି ପ୍ରତିଦ୍ୱନ୍ଦୀ ଟ୍ରେଡ୍ ୟୁନିଅନ୍ ସଂଗଠନର ନେତା ଆସିଗଲେ ରାସ୍ତାରେ ଅଯଥା ଯୁକ୍ତିତର୍କ କରି ତାଙ୍କର ପଥରୋଧ କରିବାକୁ କମ୍ପାନୀର ଗୁଣ୍ଡା ବି ଆସିଗଲେ । ମାତ୍ର କିଏ ଦେବ ପ୍ରାଣନାଥ ବାବୁଙ୍କ ଶରୀରରେ ଟିପ ? ରାସ୍ତା ସାରା ଯାବତ୍ ପ୍ରତିବନ୍ଧକ ବିରୋଧରେ ପ୍ରାଣନାଥ ବାବୁ ସତ୍ୟାଗ୍ରହ ଓ ଅନଶନ କରିବେ ବୋଲି କହିଲେ । ଭଡ଼ାଟିଆ ଦଳଙ୍କ ମଧ୍ୟରେ ଚେତା ପଶିଲା । " ଯାହା ଝଡ଼ଝଞ୍ଜା ଆସୁନା କାହିଁକି ମୁଁ ସେ ଉପଦ୍ରୁତ ଖଣି ଅଞ୍ଚଳକୁ ଯିବି ଓ ମୋର ଅତ୍ୟାଚାରିତ ଆଦିବାସୀ ଭାଇଭଉଣୀମାନଙ୍କୁ ଦେଖି ଆସିବି "– ଏହି ଅଦମ୍ୟ ସଂକଳ୍ପ ଥିଲା ପ୍ରାଣନାଥଙ୍କର । ଶେଷକୁ ଖଣି ଅଞ୍ଚଳର ଆଦିବାସୀ ଶ୍ରମିକ ବସ୍ତିରେ ସେ ପହଞ୍ଚିଲେ, ଯାହାର ନାମ

Digitized by PPRACHIN, SOA

ହେଟିଙ୍ଗ୍। ସେ ଅଞ୍ଚଳ ଶୂନ୍‌ଶାନ୍। ଛୋଟ କୁମୁଟି ଦୋକାନ ବନ୍ଦ। ପ୍ରାଣନାଥ ବାବୁ ପହଞ୍ଚିବାର ବାର୍ତ୍ତା ପ୍ରଚାରିତ ହେବା ମାତ୍ରେ ଶହ ଶହ ବୃଦ୍ଧ, ନାରୀ ଓ ପିଲା ହେଟିଙ୍ଗର ମହୁଲ ଗଛ ତଳେ ରୁଣ୍ଡ ହେଲେ, ଯେଉଁଠି ସେ ବସିଥିଲେ। ପ୍ରାଣନାଥ ବାବୁ ସେମାନଙ୍କୁ ଧୀର ଓ ଦୃଢ଼ ସ୍ୱରରେ କହିଲେ—ତୁମ ପାଖରେ ଖଟିଖିଆ ଶ୍ରେଣୀର ପାର୍ଟି ଅଛି। ନିରପରାଧ କୌଣସି ଲୋକ ଉପରେ ଅତ୍ୟାଚାର, ଜୁଲୁମ୍ ସଭ୍ୟ ସ୍ୱାଧୀନ ଦେଶରେ ଚଳିବ ନାହିଁ। ସେ ମାନଙ୍କଠାରୁ ଗିରଫଦାରୀ, ନିର୍ଯ୍ୟାତନା ଓ ଉତ୍ପୀଡନର ମର୍ମନ୍ତୁଦ ବିବରଣୀମାନ ଶୁଣିଲେ। ସେମାନଙ୍କୁ ସାହସ ଓ ବଳ ଦେଇ ଫେରିଲେ ବସ୍ ଯାଉଥିବା ସେହି ସର୍ପିଳ ରାସ୍ତାକୁ। ଖଣି ମାଲିକ ଓ ସରକାର ଆଶଙ୍କା କଲେ ଯେ, ଏବେ ସତ୍ୟ ତାର ବାଟ କାଢ଼ି ବାହାରିବ। ଏଣେ ଦିନସାରା ପ୍ରାଣନାଥ ଉପାସରେ ଥାନ୍ତି। ସାଙ୍ଗରେ ଥାଏ ଗରିବର ସାଥୀ ବିଡ଼ିର ଖଇନି ଓ ଚୂନ- ତାଙ୍କ ଗରିବ ଜୀବନର ଏକମାତ୍ର ବିଳାସ। ତାକୁ ହାତ ପାପୁଲିରେ ମନ୍ଥି ଟିକେ ପାଟିରେ ସେ ପକାଉଥାନ୍ତି। ବଡ଼ବିଲ ଖଣି ଅଞ୍ଚଳରୁ ଫେରି ପ୍ରାଣନାଥ କମ୍ୟୁନିଷ୍ଟ ପାର୍ଟିର କମିଟି ଆଗରେ ସେଠା ଅବସ୍ଥାର ଚାକ୍ଷୁଷ ମର୍ମନ୍ତୁଦ ବିବରଣୀ ବର୍ଣ୍ଣନା କଲେ। ଖବରକାଗଜରେ ସେହି ବିବରଣୀ ଗଣତାନ୍ତ୍ରିକ ଜନମତକୁ ଜାଗ୍ରତ କଲା। ବିଧାନ ସଭାରେ ତାର ପ୍ରତିଧ୍ୱନି ଉଠିଲା। ଏ.ଆଇ.ଟି.ୟୁ.ସି., ଯାହାର ମୁଖ୍ୟନେତା ଓ ଶ୍ରମିକ ସାଥୀମାନେ ଜେଲରେ, ସେମାନେ ମିଥ୍ୟା ମାମଲା ବିରୋଧରେ ଆଇନ୍ ଅଦାଲତରେ ଲଢ଼େଇ କରିବାକୁ ବାହାରି ପଡ଼ିଲେ।

୧୯୫୭-୬୧ ବିଧାନସଭାର ସମୟ ଥିଲା ସମସ୍ୟା-ବିକ୍ଷୋଭିତ। ଗଣତନ୍ତ୍ର ପରିଷଦକୁ ପ୍ରତିକ୍ରିୟାଶୀଳ ପୂର୍ବତନ ରାଜାମହାରାଜାଙ୍କ ସାମନ୍ତବାଦୀ ଦଳ ବୋଲି ଯେଉଁ କଂଗ୍ରେସ ପାର୍ଟି ପ୍ରଚାର କରୁଥିଲା, ତାହା ଶେଷକୁ ୧୯୫୯ ମଇ ମାସରେ ଗଣତନ୍ତ୍ର ପରିଷଦ ସହିତ ମିଳିତ ମନ୍ତ୍ରିମଣ୍ଡଳ କଲା। ନିର୍ବାଚନ ପୂର୍ବରୁ ଓ ପରେ କଂଗ୍ରେସ ରାଜ୍ୟବାସୀଙ୍କୁ ଜନମଙ୍ଗଳ କାର୍ଯ୍ୟର ଯେଉଁ ପ୍ରତିଶ୍ରୁତି ଦେଇଥିଲା, ତାହା ଭୁଲିଗଲା। ତେଣୁ କମ୍ୟୁନିଷ୍ଟ ପାର୍ଟି ଓ ଅନ୍ୟ ଗଣତାନ୍ତ୍ରିକ ଦଳ ତଥା ଗଣ ସଂଗଠନ ତରଫରୁ ଏହି ମିଳିତ ସରକାର ବିରୋଧରେ ବିଶେଷତଃ ଏହାର ଜନବିରୋଧୀ ନୀତି ବିରୋଧରେ ସଭାସମିତି, ବିକ୍ଷୋଭ ପଟୁଆରମାନ ଅନୁଷ୍ଠିତ ହେଲା। ଖୋଦ୍ କଂଗ୍ରେସ ପାର୍ଟିରେ ମହତାବଙ୍କର ଏକାନ୍ତ ବିଶ୍ୱସ୍ତ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ମିଳିତ ମନ୍ତ୍ରିମଣ୍ଡଳ ବିରୋଧରେ ପ୍ରତିବାଦର ଆବାଜ୍ ଉଠିଲା। ତାଙ୍କ ସହିତ ଥାନ୍ତି ବୀରେନ୍ ମିତ୍ର ଓ ନୀଳମଣି ରାଉତରାୟ ପ୍ରମୁଖ ନେତା। ବିଧାନସଭାରେ ମିଳିତ ମନ୍ତ୍ରିମଣ୍ଡଳ ବିରୋଧରେ ପ୍ରାଣନାଥ ବାବୁଙ୍କ ନେତୃତ୍ୱରେ କମ୍ୟୁନିଷ୍ଟ ପାର୍ଟି ଆକ୍ରମଣାତ୍ମକ ଭୂମିକା ନେଇଥିଲା। ବିଜୁ-ବୀରେନ୍-ନୀଳମଣି ଗୋଷ୍ଠୀ କଂଗ୍ରେସ ସଂଗଠନକୁ ଦଖଲ କରିବା ପାଇଁ ଜୋରସୋରରେ ଲାଗିପଡ଼ିଲେ। ପ୍ରଥମଥର ପ୍ରଦେଶ କଂଗ୍ରେସ ସଭାପତି ପଦ ପାଇଁ ପରାସ୍ତ ହେବା ପରେ ପୁଣି ଶକ୍ତି ସଞ୍ଚୟ କରି ନାନା ସାମନ୍ତବାଦବିରୋଧୀ ଧ୍ୱନି ଦେଇ ବିଜୁ ପଟ୍ଟନାୟକ ମହତାବଙ୍କର ଅନୁଗତ ରାଜ୍ୟ କଂଗ୍ରେସ ସଭାପତି ବନମାଳୀ

Digitized by PPRACHIN, SOA

ପଟ୍ଟନାୟକଙ୍କୁ ପରାସ୍ତ କରି ରାଜ୍ୟ କଂଗ୍ରେସର ବାଗଡୋର ହାତକୁ ନେଲେ । ରାଜ୍ୟ କଂଗ୍ରେସ ଦଳ ବିଭାଜନ ସଂକଟରେ ଉବେଇ ଟୁବେଇ ହେଉଥିଲା ସେତେବେଳେ । କଂଗ୍ରେସ ହାଇକମାଣ୍ଡ ଏହା ଭିତରେ ତାଳିପକା ଏକତା ପାଇଁ ପଶ୍ଚିମ ବଙ୍ଗଳାର କଂଗ୍ରେସ ନେତା ଅତୁଲ୍ୟ ଘୋଷଙ୍କୁ ପଠାଇଲେ । ମାତ୍ର ତାହା ମଧ୍ୟ ବ୍ୟର୍ଥ ହେଲା । ଶେଷକୁ ରାଜ୍ୟ କଂଗ୍ରେସ ସଂଗଠନ ଗଣତନ୍ତ୍ର ପରିଷଦ ସହିତ ମିଳିତ ମନ୍ତ୍ରିମଣ୍ଡଳକୁ ଭାଙ୍ଗିଦେବା ପାଇଁ ନିଷ୍ପତ୍ତି ନେଲେ ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ୧୯୫୭ ନିର୍ବାଚନ ପରେ ବିଜୁପଟ୍ଟନାୟକ ହିଁ ଗଣତନ୍ତ୍ର ପରିଷଦର ସୁରେନ୍ଦ୍ର ମହାନ୍ତିଙ୍କ ସହ ମିଳିତ ହୋଇ ଚୁକ୍ତିନାମାରେ ମିଳିତ ମନ୍ତ୍ରିମଣ୍ଡଳର ରୂପରେଖ ଦେଇଥିଲେ । ମାତ୍ର ପରିବର୍ତ୍ତନର ଏକ ନଆ ଅବସ୍ଥା ଆସିଯାଇଥିଲା । ଏଥିରେ ବିରୋଧାଭାସ ଥିଲା, ମାତ୍ର ପରିବର୍ତ୍ତନର ଅସ୍ତିବାଚକ ଦିଗ ମଧ୍ୟ ଥିଲା । ଶେଷକୁ ୧୯୬୧ ଫେବୃଆରୀ ମାସ ଶେଷ ସପ୍ତାହରେ ଓଡ଼ିଶାରେ ମହତାବଙ୍କ ନେତୃତ୍ୱରେ ଗଠିତ କଂଗ୍ରେସ ଗଣତନ୍ତ୍ର ପରିଷଦ ମିଳିତ ମନ୍ତ୍ରିମଣ୍ଡଳ ଇସ୍ତଫା ଦେଲା, ରାଜ୍ୟ ବିଧାନସଭା ଭାଙ୍ଗିଲା । ୧୯୬୧ ଜୁନ ମାସରେ ଓଡ଼ିଶା ପ୍ରଥମଥର ପାଇଁ ଏକ ମଧ୍ୟବର୍ତ୍ତୀ ନିର୍ବାଚନର ସମ୍ମୁଖୀନ ହୋଲା । କମ୍ୟୁନିଷ୍ଟ ପାର୍ଟି ଓ ପ୍ରାଣନାଥ ବାବୁ ଏହି ନିର୍ବାଚନକୁ ସ୍ୱାଗତ କରିଥିଲେ । ଶାସକ ଶ୍ରେଣୀ ଭିତରେ ସଂଘାତରୁ ଯଦି ଦେଶର ଗରିବ ଚାଷୀ ମୂଲିଆ ଶ୍ରେଣୀ ପାଇଁ କିଛି ରାସ୍ତା ବାହାରିପାରେ, ତାହା ଥିଲା ସେମାନଙ୍କର ଆଶା ।

■■■

Digitized by PPRACHIN, SOA

ତ୍ରୟୋଦଶ ଅଧ୍ୟାୟ

ଅଜସ୍ର ସଂଗ୍ରାମର କ୍ଷେତ୍ରରୁ ମୃତ୍ୟୁଶଯ୍ୟା ଯାଏଁ.....

୧୯୬୧ରେ ବିଧାନସଭା ପାଇଁ ହୋଇଥିବା ମଧ୍ୟବର୍ତ୍ତୀ ନିର୍ବାଚନ ଅନେକ ଦୃଷ୍ଟିରୁ ଅନନ୍ୟ ଓ ସମ୍ପୂର୍ଣ୍ଣ ଭିନ୍ନ ଧରଣର ଥିଲା । କଂଗ୍ରେସ ନିର୍ବାଚନ ଅଭିଯାନର ସର୍ବାଧିନାୟକ ଭାବେ କଂଗ୍ରେସ ଏମ୍.ଏଲ.ଏ. ଥିବା ଶିଳ୍ପପତି ବିଜୟାନନ୍ଦ ପଟ୍ଟନାୟକ (ପରେ ବିଜୁ ପଟ୍ଟନାୟକ ନାମରେ ପରିଚିତ) ଅଧିକତର ସମ୍ବଳ, ଶକ୍ତିସତ୍ତା ଓ ନୂତନ ସ୍ଲୋଗାନ ଧରି ଓଡ଼ିଶା ନିର୍ବାଚନରେ ଉଭା ହେଲେ । ଏକଦା ଗଣତନ୍ତ୍ର ପରିଷଦ ସହିତ ମିଳିତ ମନ୍ତ୍ରି ମଣ୍ଡଳର ଚୁକ୍ତିନାମାର ଅନ୍ୟତମ ସ୍ରଷ୍ଟା ବିଜୁ ବାବୁ, ସାମନ୍ତବାଦ-ବିରୋଧୀ ସ୍ଲୋଗାନ ସାଙ୍ଗକୁ ସେ ଆସିଲେ ଚାଳଘର ପରିବର୍ତ୍ତେ ଟାଇଲ ଘର, ପ୍ରତିଘରକୁ ବିଜୁଳିବତି ଓ ପାଇପ ଦ୍ୱାରା ବିଶୁଦ୍ଧ ଜଳ ମିଳିବାର ପ୍ରତିଶ୍ରୁତି ଦେଲେ । ନିର୍ବାଚନର ବହୁ ପୂର୍ବରୁ ସେ କଳିଙ୍ଗ ନାମକ ଖବର କାଗଜ ବାହାର କଲେ । ଆକ୍ରମକ ନିର୍ବାଚନ ପ୍ରଚାରରେ ଓଡ଼ିଶାର ବକ୍ଷ ଉତ୍ତପ୍ତ ହୋଇଗଲା । ଓଡ଼ିଶାର ଗରିବ ଚାଷୀ, ଗ୍ରାମୀଣ ମୂଲିଆ ଶ୍ରମିକମାନଙ୍କ ଦାବିର କଥାକୁ ଉଡ଼ାଇ ଦେଇ ମଧ୍ୟବିତ୍ତ ଯୁବକମାନଙ୍କୁ ଶିଳ୍ପାୟନ ଓ ଓଡ଼ିଶାକୁ ବମ୍ବେ କରିବାର ସ୍ୱପ୍ନ ଦେଖାଗଲା । ଗ୍ରାମ ସହରର ଯୁବକମାନଙ୍କୁ ପୂର୍ବଥର ଠାରୁ ଅଧିକ ଭାବେ ସମ୍ବଳ ବଳରେ ଲଗାଇ କଂଗ୍ରେସ ଓଡ଼ିଶା ନିର୍ବାଚନ ଇତିହାସରେ ଏକୁଟିଆ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କଲା । ଏହା ୧୪୦ରୁ ଏକାକୀ ୮୧ଟି ଆସନ ଲାଭ କଲା । ଗଣତନ୍ତ୍ର ପରିଷଦର ସଂଖ୍ୟା କମିଯାଇ ଥିଲେ ମଧ୍ୟ ଏହା ନିଜର ପାରମ୍ପରିକ ଆସ୍ଥାନରେ ସ୍ୱ ପ୍ରଭାବ ବଜାୟ ରଖିଲା । ମାତ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ନିଜର ଗଣଭିତ୍ତି ଥିବା ଆସନରେ ସୋସାଲିଷ୍ଟ ଓ କମ୍ୟୁନିଷ୍ଟ ପରାଜୟ ବରଣ କଲେ । ଏଠାରେ କଂଗ୍ରେସ ମୁଖ୍ୟ ପ୍ରତିଦ୍ୱନ୍ଦୀ ଥିଲା । ଖୋର୍ଦ୍ଧା ଆସନରୁ ପ୍ରାଣନାଥ ପଟ୍ଟନାୟକ ପରାସ୍ତ ହେବା ସଙ୍ଗେ ସଙ୍ଗେ ପୂର୍ବ ବିଧାନସଭାର ସମସ୍ତ ସଦସ୍ୟ ପରାସ୍ତ ହେଲେ ।

ବିଜୁବାବୁଙ୍କ ନିର୍ଦ୍ଦେଶରେ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ ନିର୍ଦ୍ଦେଶନ ାରେ କୁହା ଯାଇଥିଲା— ଯଦି ସବୁ କଳକୌଶଳ ଓ ପ୍ରଚାର କାର୍ଯ୍ୟ ନକରେ, ତେବେ 'ଅମୋଘ

Digitized by PPRACHIN, SOA

ଅସ୍ତ୍ର ପ୍ରୟୋଗ କର'। ଅମୋଘ ଅସ୍ତ୍ରଟି କ'ଣ ତାହା କାହାକୁ ଅଛପା ନାହିଁ। ସେହି ଅସ୍ତ୍ର ବଳରେ କମ୍ୟୁନିଷ୍ଟ ପାର୍ଟି ଓ ପ୍ରଜାସୋସାଲିଷ୍ଟ ପାର୍ଟିର ସ୍ୱଚ୍ଛ ସମ୍ବଳ—ବିଶିଷ୍ଟ ପ୍ରାର୍ଥୀମାନେ ଧରାଶାୟୀ ହେଲେ। ଗାଁ ଗଣ୍ଡାରେ ପୂର୍ବର ଶ୍ରେଣୀ ସଂଗ୍ରାମର ତୀବ୍ରତା ନଥିଲା। କ୍ଲବଘର, ପାଠାଗାର, ରେଡ଼ିଓ, ଜିପ୍ ଛଡ଼ା ଯୁବକ ସଙ୍ଘର ଚାନ୍ଦା, ଭୋଜିଭାତ ବେଶୀ ଆକର୍ଷଣୀୟ ହୋଇଥିଲା। ମାତ୍ର ଏ ସବୁ ସତ୍ତ୍ୱେ କମ୍ୟୁନିଷ୍ଟ ପାର୍ଟି ୪ଟି ଆସନରେ ବିଜୟୀ ହେଲା। ସମ୍ବଲପୁରର ବ୍ରଜରାଜନଗରରୁ ହୀରାକୁଦ ବୁଡି ଆନ୍ଦୋଳନର ମହାନ୍ ଗଣନେତା ପ୍ରସନ୍ନ କୁମାର ପଣ୍ଡା ଜିଲ୍ଲାର ବେଗୁନିଆରୁ ବରିଷ୍ଠ ଚାଷୀ ନେତା ଗଙ୍ଗାଧର ପାଇକରାୟ, ରଣପୁର ନିର୍ବାଚନ ମଣ୍ଡଳୀରୁ ବରିଷ୍ଠ ଏ.ଆଇ.ଟି.ୟୁ.ସି. ନେତା ଓ ଆଇନ ଜୀବୀ ରାମଚନ୍ଦ୍ର ରାମ, ଓ ଗଞ୍ଜାମ ଜିଲ୍ଲାର ଛତ୍ରପୁର ନିର୍ବାଚନ ମଣ୍ଡଳୀରୁ ଶ୍ରମିକନେତା ଓ ଆଇନଜୀବୀ ଲକ୍ଷ୍ମଣ ମହାପାତ୍ର କମ୍ୟୁନିଷ୍ଟ ବିଧାୟକ ଭାବେ ବିଧାନସଭାକୁ ଆସିଥିଲେ। ଏମାନେ ସମସ୍ତେ କୁଶଳ ବ୍ୟବସ୍ଥାପକ ଥିଲେ।

ପ୍ରାଣନାଥ ବାବୁଙ୍କ ପାଇଁ ନିର୍ବାଚନରେ ହାରଜିତ୍ ବେଶୀ କିଛି ଫରକ୍ ଆଣୁ ନଥିଲା। ପୁଣି ପ୍ରାଣନାଥ ୧୯୬୨ରେ ଖୋର୍ଦ୍ଧା ଲୋକସଭା ନିର୍ବାଚନମଣ୍ଡଳୀରୁ କମ୍ୟୁନିଷ୍ଟ ପ୍ରାର୍ଥୀ ରୂପେ ଅବତୀର୍ଣ୍ଣ ହୋଇଥିଲେ। ପୁରୀରୁ କମ୍ୟୁନିଷ୍ଟ ସାଂସଦ ଚିନ୍ତାମଣି ପାଣିଗ୍ରାହୀ ମଧ୍ୟ କମ୍ୟୁନିଷ୍ଟ ପାର୍ଟିର ପ୍ରାର୍ଥୀ ହୋଇଥିଲେ। ଉଭୟ ଆସନରେ ଘମାଘୋଟ ପ୍ରତିଦ୍ୱନ୍ଦ୍ୱିତା ପରେ କଂଗ୍ରେସ ପ୍ରାର୍ଥୀମାନଙ୍କ ଠାରୁ ପରାସ୍ତ ହୋଇଥିଲେ। ୧୯୬୨ରେ ଖୋର୍ଦ୍ଧା ଆସନରେ ଦଶପଲା ରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେବ କଂଗ୍ରେସର ପ୍ରାର୍ଥୀ ଥିଲେ। ଏହି ଲୋକସଭା ନିର୍ବାଚନମଣ୍ଡଳୀରେ ଦୁଇଟି ବିଧାନସଭା ଆସନରେ ସି.ପି.ଆଇ. ନିର୍ବାଚିତ ହୋଇଥିବାରୁ ଓ ପ୍ରାଣନାଥ ବାବୁଙ୍କ ଜନପ୍ରିୟତା ଯୋଗୁଁ ପୂର୍ବରୁ ବିଜୟର ଆଶା କରାଯାଉଥିଲା। ୧୯୬୭ ସାଧାରଣ ନିର୍ବାଚନରେ ପ୍ରାଣନାଥବାବୁ ବହୁ ଭୋଟ ପାଇ ମଧ୍ୟ କଂଗ୍ରେସ ପ୍ରାର୍ଥୀ ଚିନ୍ତାମଣି ପାଣିଗ୍ରାହୀଙ୍କ ଠାରୁ ପରାସ୍ତ ହୋଇଥିଲେ। ୧୯୬୪ରେ ପାର୍ଟି ଭାଗ ଭାଗ ହୋଇ ସି.ପି.ଆଇ (ଏମ୍) ଜନ୍ମଲାଭ କରିଥିଲା, ଯେଉଁଥିରେ ଶିବାଜୀ ପଟ୍ଟନାୟକ, ଲକ୍ଷ୍ମଣ ପଟ୍ଟନାୟକ, ରମେଶ ଚନ୍ଦ୍ର ପଣ୍ଡାଙ୍କ ପରି ପ୍ରମୁଖ ସାଥୀ ସି.ପି.ଆଇ (ଏମ୍)ର ସ୍ତମ୍ଭ ହେଲେ। ଏଥିରେ ପ୍ରାଣନାଥ ଦୁଃଖିତ ହୋଇଛନ୍ତି। ମାତ୍ର ଦିନେ ହେଲେ ଅନ୍ୟ କମ୍ୟୁନିଷ୍ଟ ଗଢିଥିବା ସାଥୀମାନଙ୍କ ବିରୋଧରେ ବିଷୋଦ୍‌ଗାର କରିନାହାନ୍ତି।

୧୯୯୨ରେ ଚୀନ ଭାରତ ସୀମାନ୍ତ ଯୁଦ୍ଧ (ଅନେକ ତାହାକୁ ଚୀନ ଭାରତ ଆକ୍ରମଣ କୁହନ୍ତି) ହେବା ପୂର୍ବରୁ କମ୍ୟୁନିଷ୍ଟ ପାର୍ଟିର ଅବିଭକ୍ତ ଶକ୍ତି ମଧ୍ୟରେ ଦୁଇ ପ୍ରକାର ରାଜନୈତିକ ଚିନ୍ତାଧାରାକୁ ଗୁରୁତ୍ୱ ଦେଇଥିଲେ। ଚୀନ୍‌ର ଭାରତ ଅଂଚଳ ଦଖଲକୁ ପ୍ରାଣନାଥବାବୁ ନିନ୍ଦା କରିଥିଲେ ମଧ୍ୟ ସୀମାବିବାଦ ଆପୋଷ ଆଲୋଚନା ଜରିଆରେ ସମାଧାନ ହେବ ବୋଲି କହିଥିଲେ। ମାତ୍ର ୧୯୬୨ରେ ବିନା କାରଣରେ ଓଡିଶା କମ୍ୟୁନିଷ୍ଟ ପାର୍ଟିର ସଂପାଦକ ଗୁରୁଚରଣ ପଟ୍ଟନାୟକ, ରାମକୃଷ୍ଣ ପତି ପ୍ରସନ୍ନ କୁମାର ପଣ୍ଡା, ସଦାନନ୍ଦ ମହାନ୍ତିଙ୍କ ସମେତ ଅଧିକାଂଶଙ୍କୁ ଅନ୍ୟାୟ ଭାବେ ଗିରଫ୍ କରି ଜେଲରେ

Digitized by PPRACHIN, SOA

ରଖାଗଲା । କେବଳ ପ୍ରାଣନାଥ ବାବୁ, ରାମଚନ୍ଦ୍ର ମିଶ୍ର, ଗଙ୍ଗାଧର ପାଇକରାୟ ଓ ହରିହରଦାସ ବାହାରେ ରହି ପାର୍ଟି କାର୍ଯ୍ୟ ଚଳାଇଲେ । ସୋଭିଏଟ୍ ସଂଘ ଓ ଚୀନ ମଧ୍ୟରେ ମତାଦର୍ଶଗତ ଦ୍ୱନ୍ଦ୍ୱ ହୋଇ ବିଶ୍ୱ କମ୍ୟୁନିଷ୍ଟ ଆନ୍ଦୋଳନର କ୍ଷତି ଘଟିଲା । ପ୍ରାଣନାଥ ବାବୁଙ୍କୁ ଏହା ବ୍ୟଥିତ କରିଥିଲା । ନିଜର ମତାଦର୍ଶଗତ ଆସ୍ଥାରେ ଦୃଢ ରହି ଆଶା ପୋଷଣ କରି ସେ କହିଥାନ୍ତି – "ପ୍ରକୃତ ମୁକ୍ତିସମରରେ ସବୁ ସାଥୀମାନେ ଗୋଟିଏ ପକ୍ଷରେ ରହି ଶତ୍ରୁର ମୁକାବିଲା କରିବେ ।" ଅନ୍ୟ ଗଣତାନ୍ତ୍ରିକ ଦଳର ବନ୍ଧୁମାନଙ୍କୁ ଆପଣାର କରିବାର ମହାନ୍ ଗୁଣର ଆକର ଥିଲେ ସେ । ବାରମ୍ବାର ଗଣସଂଗ୍ରାମ, ଗଣ ଅଭିଯାନ ଚଳାଇ ଜନସାଧାରଣଙ୍କ ଭିତରେ ଲଢୁଆ ମନୋଭାବ ରଖିବାର ପକ୍ଷପାତୀ ଥିଲେ । ଓଡ଼ିଶାର ବିଭିନ୍ନ ସ୍ଥାନକୁ ସଂଗଠନ ଉଦ୍ଦେଶ୍ୟରେ ଯାଉଥିଲେ ମଧ୍ୟ ଖୋର୍ଦ୍ଧା ଅଞ୍ଚଳ ଥିଲା ପ୍ରାଣନାଥଙ୍କର କର୍ମଭୂମି ।

୧୯୬୩ ସେପ୍ଟେମ୍ବରରେ ସି.ପି.ଆଇ. ତରଫରୁ ଏହାର ସଭାପତି ଡାଙ୍ଗେଙ୍କ ଡାକରାରେ 'ପାର୍ଲ୍ୟାମେଣ୍ଟ ଚାଲ' (ଗ୍ରେଟ୍ ମାର୍ଚ୍ଚ) ଅଭିଯାନ୍ ବିଭିନ୍ନ ଗଣଦାବିକୁ ନେଇ ସଂଗଠିତ ହୋଇଥିଲା । ସେଥିରେ ପ୍ରାଣନାଥ ବାବୁ, ମଞ୍ଜରୀ ଦେବୀ ନିଜର ହଜାର ହଜାର ସାଥୀଙ୍କୁ ନେଇ ଯୋଗ ଦେଇଥିଲେ ଏବଂ ଅଭିଯାନର ବାର୍ତ୍ତା ପ୍ରଚାର କରିଥିଲେ । ୧୯୬୪ରେ ଦରଦାମ ବୃଦ୍ଧି, ଭୂସଂସ୍କାର ଓ ବେକାରୀ ଆଦି ବିଭିନ୍ନ ଗଣଦାବିକୁ ନେଇ କମ୍ୟୁନିଷ୍ଟ ପାର୍ଟି ରାଜ୍ୟବ୍ୟାପୀ ସତ୍ୟାଗ୍ରହ ସଂଗ୍ରାମର ଡାକରା ଦେଲା । ମାତ୍ର ଖୋର୍ଦ୍ଧାର ଏସ୍.ଡି.ଓ. ପୋଲିସ୍ ଓ ପ୍ରଶାସନିକ କର୍ମଚାରୀମାନେ ପ୍ରାଣନାଥଙ୍କୁ ଏତେ ଭକ୍ତି ଓ ଶ୍ରଦ୍ଧା କରୁଥିଲେ ଯେ ସେମାନେ ସତ୍ୟାଗ୍ରହୀ ପ୍ରାଣନାଥ ବାବୁଙ୍କୁ ଆଦୌ ଗିରଫ କଲେ ନାହିଁ । କ୍ଷୁବ୍ଧ ପ୍ରାଣନାଥ ବାବୁ ପୁରୀ ଯାଇ ସତ୍ୟାଗ୍ରହ କଲେ ଏବଂ ଗତିକୃଷ୍ଣ ସ୍ୱାଇଁ, ସୋମନାଥ ପାତ୍ର ଓ ଅନ୍ୟ ସାଥୀମାନଙ୍କ ସହ ଗିରଫ ହୋଇ ବ୍ରହ୍ମପୁର ଜେଲରେ ରହିଲେ । ଜାମିନ୍‌ରେ ଆସିଲେ ନାହିଁ । ଜେଲଦଣ୍ଡ ଭୋଗି ସାରିବା ପରେ ଖଲାସ୍ ହେଲେ । ସେଠାରେ ସେ ୧୯୬୪ ଛାତ୍ର ଆନ୍ଦୋଳନ ଯୋଗୁଁ କଟକରେ ଗିରଫ ଛାତ୍ରନେତା ବନ୍ଦୀମାନଙ୍କ ସଂସ୍ପର୍ଶରେ ଆସିଥିଲେ । ବ୍ରହ୍ମପୁର ଜେଲ୍‌ରେ ଛାତ୍ର ବନ୍ଦୀମାନଙ୍କ ଠାରୁ ସେ ଆନ୍ଦୋଳନର କାରଣ ଓ ପୋଲିସ୍ ଅତ୍ୟାଚାର ବିଷୟରେ ସବିଶେଷ ତଥ୍ୟ ଜାଣିବାକୁ ପାଇଥିଲେ । ପ୍ରାଣନାଥ ବାବୁ ସେମାନଙ୍କର ଆନ୍ଦୋଳନର ଶକ୍ତିକୁ ସାମାଜିକ-ଅର୍ଥନୈତିକ ପ୍ରଶ୍ନ ଉପରେ ନିୟୋଜିତ କରିବାକୁ ଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ । ୧୯୬୨ ରୁ ୧୯୭୦ ଜୁଲାଇ ମାସ ଯାଏଁ ପ୍ରାଣନାଥ କେତେ ଯେ ଗଣ ଅଭିଯାନ ବିକ୍ଷୋଭ ଓ ସଂଗ୍ରାମରେ ତଥା ସଂଗଠନ କାର୍ଯ୍ୟରେ ବ୍ୟାପୃତ ରହିଥିଲେ, ତାର ଇୟତ୍ତା ନାହିଁ । ତାହା ଛଡା ପାର୍ଟିର ଶିକ୍ଷା ଶିବିରମାନଙ୍କରେ ତାତ୍ତ୍ୱିକ, ରାଜନୈତିକ ଓ ସାଂଗଠନିକ ପ୍ରଶ୍ନ ଉପରେ କ୍ଲାସ୍ ନେବା ତାଙ୍କର ଅନ୍ୟତମ କାମ ଥିଲା । ତାହାରି ଭିତରେ ଖୋର୍ଦ୍ଧା କଲେଜର ବିକାଶ ପାଇଁ ଲଗାତର ପରିଶ୍ରମ କରୁଥିଲେ । ସତେ ଯେପରି ଏହି ଶିକ୍ଷା ନିକେତନ ଥିଲା ତାଙ୍କର 'ମାନସ ସନ୍ତାନ' । ମଝିରେ ମଝିରେ ଭୁବନେଶ୍ୱର ଯାଇ

Digitized by PPRACHIN, SOA

ପିଲାମାନଙ୍କୁ ଦେଖି ଆସୁଥିଲେ ବାତ୍ସଲ୍ୟ ମମତା ଭରା ପିତା । ଘରେ ଗଣତାନ୍ତ୍ରିକ ରୀତିରେ ବିଭିନ୍ନ ବୌଦ୍ଧିକ ଆଲୋଚନା କରୁଥିଲେ ପ୍ରାଣନାଥ ପିଲାମାନଙ୍କ ସାଙ୍ଗରେ । ମଞ୍ଜରୀ ଦେବୀଙ୍କ ଉଦ୍ୟମରେ ସ୍ୱଚ୍ଛଳ ପିଲାଙ୍କ ସାହାଯ୍ୟରେ ମୁଣ୍ଡ ଗୁଞ୍ଜିବା ପାଇଁ ଘର ହେଲା ।

କଳାହାଣ୍ଡିର କଳା ଅନ୍ଧକାର :

୧୯୬୫ ମସିହାର ଗ୍ରୀଷ୍ମକାଳରେ ପ୍ରାଣନାଥ ଓଡ଼ିଶାର ମରୁଡ଼ିପ୍ରପୀଡ଼ିତ କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁରର ପଦ୍ମପୁର ଅଞ୍ଚଳ ପରିଦର୍ଶନରେ ଗଲେ । ସେ ପଶ୍ଚିମ ଓଡିଶାର କମ୍ୟୁନିଷ୍ଟ ନେତା ଓ ବିଧାୟକ ପ୍ରସନ୍ନ କୁମାର ପଣ୍ଡାଙ୍କ ଠାରୁ ବିବରଣୀ ସଂଗ୍ରହ କଲେ ଓ ତାଙ୍କ ପରାମର୍ଶ ଅନୁସାରେ ବରଗଡସ୍ଥ କମ୍ୟୁନିଷ୍ଟ ପାର୍ଟି ଅଫିସ୍‌ରେ ପହଞ୍ଚିଲେ । ସେ ସେଥର କିମ୍ବା ତା'ର ପରଥର ପ୍ରସନ୍ନ ବାବୁଙ୍କ ସହ ପଦ୍ମପୁର ଓ ମେଲଛାମୁଣ୍ଡାର ପ୍ରପୀଡିତ ଅଞ୍ଚଳ ବୁଲି ଦେଖିଥିଲେ । ବରଗଡରେ ପହଞ୍ଚି ସେ ଗୌରୀଶଙ୍କର ଦାସ, ଅଗ୍ନିମଲ୍ଲିକ, ଲେଙ୍ଗୁ ମିଶ୍ରଙ୍କ ପରି ସାଥୀମାନଙ୍କୁ ଧରି କଳାହାଣ୍ଡିର ଦୁର୍ଭିକ୍ଷ ଅଞ୍ଚଳର ଅବସ୍ଥା ଦେଖିବାକୁ ଗଲେ । ପ୍ରାଣନାଥ ବାବୁ ବରଗଡରେ ଲେଙ୍ଗୁମିଶ୍ରଙ୍କ ଘରେ ପହଞ୍ଚିବାର ମୁହୂର୍ତ୍ତକୁ ଲେଙ୍ଗୁବାବୁ "ସଂଗ୍ରାମ ପାଇଁ ସେ ମୁହଁ ସବୁବେଳେ ହସୁଥିଲା" ଶୀର୍ଷକ ସ୍ମୃତିଚାରଣରେ ଲେଖିଛନ୍ତି ସମ୍ବଲପୁରୀ ଭାଷାରେ –"ଖରା ଚଟଚଟ ଦୁଇ ପହର ବେଳ । କମିହାଁ ପ୍ରାଣନାଥ ମୋର ଘରବାଟେ ଠିଆ । "କମ୍‌ରେଡ୍ ଲେଙ୍ଗୁମିଶ୍ର ଘରେ ଅଛନ୍ତି । ଯଶୋଦା (ମୋର କନିଆଁ) ଚଟ୍ କରି ଉଢାଳେ ଯାଇ ଦେଖି ଆସି ମତେ କହିଲା" - ଚଷମା ପିନ୍ଧିଛନ୍ କିଏ ଜନେ ଡାକୁଛନ୍ । ବହୁତ ଦୂର ମୁଇଁ ଘରୁ ନିଜେ ବାହାରେ ଘର ଭିତରକେ ଦଉଡି ଆସି ପୁଟୁଳେଇ କରି ଧରି ପକାଇ ପଚାରିଲେ – 'ତୁମ ଦେହ ଠିକ ଅଛି ?'

ଏହି ପରି କଳାହାଣ୍ଡିର ଦୁର୍ଭିକ୍ଷ ଆବିଷ୍କାର ଯାତ୍ରା ଆରମ୍ଭ ହୋଇଥିଲା । ପ୍ରବଳ ଖରା, କଳାହାଣ୍ଡିରେ ପ୍ରବେଶ କରି ପ୍ରାଣନାଥ ଦେଖିଲେ ଛାୟାଛନ୍ନ ମେଘମାଳା ଘେରା କଳାହାଣ୍ଡି ଧୂଧୂ ମରୁକାନ୍ତାର ପାଲଟିଛି । ବନ୍ଧ୍ୟା ପାଲଟିଛି ତାର ଶ୍ୟାମ ଧରଣୀ- ଚାଷ ଜମି । ତଡାଗ, ଜଳାଧାର, ନଦୀ ଓ ଝରଣା ସବୁ ଶୁଷ୍କ । ଆଉ ଅଗଣିତ ଜନସାଧାରଣ ଭୋକ ଉପାସରେ ସଢି ମରୁଥାନ୍ତି । ନାହିଁ ଦାନାର କଣିକା । ଯାହାବି ଥିଲା, ଭୋକେ ହୋଇ ଦଣ୍ଡେ ଜିଇଁ । ପେଜ, ମାଣ୍ଡିଆ, ଅନାବନା ଶାଗପତ୍ରର ସିଝା, ସେ ହେଲା ଖାଦ୍ୟ । ତା'ବି ମିଳୁନଥିଲା । ଯୁବ, ବୃଦ୍ଧ ବୃଦ୍ଧା ଓ ଶିଶୁଙ୍କ ଆଖିରେ ନଥିଲା ଜ୍ୟୋତି । ପିଲାମାନେ ପ୍ରାଣନାଥଙ୍କ ଭାଷାରେ – "କାନ୍ଦିବା ହସିବା ବଳ ଦିନକୁ ଦିନ କ୍ଷୀଣ ହେଉଛି । ଦେଶର ଛାତ୍ରସମ୍ପଦ, ଯୁବ, ଶିଶୁ ସମାଜଙ୍କ ଆତଙ୍କଶୂନ୍ୟ ଜୀବନ ଯାପନ; ନିରାପତ୍ତା ପାଇଁ ଚିନ୍ତା ନକଲେ ଆଉ ରକ୍ଷା ନାହିଁ । ସଂଗ୍ରାମ ନହେଲେ ଲୋକେ ଶିଖିବେ ହସିବେ କିପରି ?" ଆଉ ପ୍ରାଣନାଥ ବାବୁ ଦେଖିଲେ କଣ ? ଦେଖିଲେ କଳାହାଣ୍ଡିର ଅମୂଲ୍ୟ

Digitized by PPRACHIN, SOA

ସମ୍ପଦ ସାଗୁଆନ୍, ଶାଳ, ପିଆଶାଳର ଅରଣ୍ୟକୁ ଲୁଟୁଛନ୍ତି ଚୋରା କାଠ ବ୍ୟବସାୟୀ ଜଙ୍ଗଲ କର୍ମଚାରୀଙ୍କ ସହ ମିଳିତ ହୋଇ । ପାହାଡ ସବୁ ଲଣ୍ଡା, ଗୈରିକ ସନ୍ୟାସୀର ରଙ୍ଗ ଲୁଗା ଭଳି କଙ୍କରିତ । ପାଣି ପାଇଁ ପ୍ରବଳ ଚିତ୍କାର । କିଏ ଦେବ ପାଣି ?... ଏହି ହତଭାଗ୍ୟ ଲୋକମାନଙ୍କ ପାଇଁ ନାମକୁ ମାତ୍ର ଥିଲା ସରକାର ଆଉ ପ୍ରଶାସନ । ରିଲିଫ ବ୍ୟବସ୍ଥା ନାମରେ ଯାହା ଚାଲିଥିଲା, ତାହା ପ୍ରାଣନାଥଙ୍କୁ ବ୍ୟଥିତ କରିଥିଲା । ସେ "କଳାହାଣ୍ଡି ଚାଉଳ ଦିଗରୁ ବଳକା ଇଲାକା, ଏହି ତଥ୍ୟ ତତ୍‌କାଳୀନ ପରିସ୍ଥିତି ଯୋଗୁଁ ଠିକ୍ ନୁହେଁ" ବୋଲି କହିଥିଲେ । ହଁ ପୂର୍ବରୁ କଳାହାଣ୍ଡି ପଚାଶ ହଜାର ଟନ୍ ଧାନ ବାହାରକୁ ରପ୍ତାନି କରୁଥିଲା । ସ୍ଥାନୀୟ ଆଦିବାସୀ ଚାଉଳ ସହିତ ଦେଶୀ କନ୍ଦ, ଜଙ୍ଗଲର ଫଳମୂଳ, ଜଓ୍ୱାର୍ ମାଣ୍ଡିଆ ଆଦି ଶସ୍ୟରେ ଚଳିଯାଉଥିଲେ । ମାତ୍ର ଶ୍ୟାମ-ବନାନୀ ତ ବିଧ୍ୱସ୍ତ, ତଉଳା, ଜଳାଧାର କୂଳ ଶୁଷ୍କ, ଜଳହୀନ, କଙ୍କରିତ, ଆଉ ସେ ସବୁ ମିଳିବ କୁଆଡୁ ? ଗାଁ ଛାଡି ସହରକୁ, ସହରରୁ ଅନ୍ୟ ପ୍ରଦେଶକୁ ଅନେକ ଶ୍ରମକ୍ଷମ ଲୋକେ ପଳାଇଯିବାରେ ଲାଗିଥିଲେ । ପ୍ରାଣନାଥ ବାବୁ ବ୍ୟଥିତ ହୃଦୟରେ ଫେରିଲେ । ସାଙ୍ଗରେ କଳାହାଣ୍ଡିର ଦୁର୍ଗତ ଜନତା ଖାଉଥିବା ଅନାବନା ପତ୍ର, ଶାଗ, ଶୁଷ୍କ ଧାନକେଣ୍ଡାକୁ ନମୁନା ରୂପେ ଧରି କଟକ ପାର୍ଟି ଅଫିସକୁ ଆସିଲେ । ସେତ କାନ୍ଦନ୍ତି ନାହିଁ । ମାତ୍ର ଯେତେବେଳେ ସେ କଳାହାଣ୍ଡିର ଗୁରୁତର ପରିସ୍ଥିତି ଉପରେ ଚାକ୍ଷୁଷ ବିବରଣୀ ସାମ୍ବାଦିକ, ପାର୍ଟିର ସାଥୀ ଓ ଅନ୍ୟ ବନ୍ଧୁମାନଙ୍କୁ ଏବଂ ସର୍ବୋପରି ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କୁ ବର୍ଣ୍ଣନା କଲେ, ସେତେବେଳେ ତାଙ୍କ ମନ ବିଳପି ଉଠୁଥିଲା । ପୁଣି ଥରେ ପ୍ରସନ୍ନକୁମାର ପଣ୍ଡା ଓ ଅନ୍ୟ ସାଥୀମାନଙ୍କ ସହ ସେ ପଦ୍ମପୁର ଅଞ୍ଚଳର ଅବସ୍ଥା ଦେଖିବାକୁ ଯାଇଥିଲେ । ପ୍ରାଣନାଥଙ୍କ କଳାହାଣ୍ଡିର ଚିତ୍ର ବର୍ଣ୍ଣନା ପରେ ସାରା ଦେଶର ଆଖି ଏହି ଦୁର୍ଭିକ୍ଷ—ପ୍ରପୀଡିତ ଅଞ୍ଚଳ ଉପରେ ପଡିଲା । ତତ୍‌କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରା ଗାନ୍ଧୀ ନିଜେ କଳାହାଣ୍ଡି ଜିଲାକୁ ଗସ୍ତରେ ଆସି ସାହାଯ୍ୟ କାର୍ଯ୍ୟକ୍ରମ ତଦାରଖ କରିଥିଲେ । କଳାହାଣି ଅଞ୍ଚଳ ପ୍ରାଣନାଥଙ୍କ ନିର୍ବାଚନମଣ୍ଡଳୀ ନଥିଲା ଓ ସେଠି ପାର୍ଟିର କିଛି ଖାସ୍ ସଂଗଠନ ନଥିଲା । ମାତ୍ର କମ୍ୟୁନିଜିମ୍‌ର ବିଶ୍ୱଜନୀନ ମାନବବାଦୀ ଆଦର୍ଶ ଓ ହୃଦୟବତ୍ତା ତାଙ୍କୁ ସେହି ଧରଣୀର ଦୁଃଖୀ ନିରନ୍ନ ଜନତା ପାଖକୁ ନେଇ ଯାଉଥିଲା । ସେହି ମହାନ୍ ଭାବାଦର୍ଶର ସ୍ଫୁଲିଙ୍ଗ ତାଙ୍କର ଅନ୍ତର ଭିତରେ ନିୟତ ଜଳୁଥିଲା ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ । କଳାହାଣ୍ଡିର ଅନାହାରକ୍ଲିଷ୍ଟ ଜନସାଧାରଣଙ୍କ ପାଇଁ ସାହାଯ୍ୟର ଡାକରା ଦେଇଥିଲେ ପ୍ରାଣନାଥ, ଯାହାକି ଥିଲା ପ୍ରଥମ ।

୧୯୬୫ ମଇ ମାସରେ ଗଞ୍ଜାମର ଆସିକା ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସାଧାରଣ ସଂପାଦକ ସି. ରଜେଶ୍ୱର ରାଓଙ୍କ ଉପସ୍ଥିତିରେ ରାଜ୍ୟ ପାର୍ଟିର ସାଂଗଠନିକ ସମ୍ମିଳନୀ ସମାରୋହରେ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ଗଞ୍ଜାମର ଲଢୁଆ ସାଥୀ ବୀଗ୍ମୀ ସଦାନନ୍ଦ ମହାନ୍ତି ରାଜ୍ୟପାର୍ଟିର ସଂପାଦକ ଭାବେ ନିଯୁକ୍ତ ହେଲେ । ତାଙ୍କ ସମେତ ଏଗାରଜଣ ସାଥୀଙ୍କୁ ନେଇ ଗଠିତ ସଂପାଦକ ମଣ୍ଡଳୀରେ ପ୍ରାଣନାଥ ମଧ୍ୟ ସଭ୍ୟ

Digitized by PPRACHIN, SOA

ଥିଲେ । ଖୋର୍ଦ୍ଧା କଲେଜର ବିକାଶ କାର୍ଯ୍ୟ, କୃଷକ ସଭାର ସଂଗଠନ ଛଡା ପ୍ରାଣନାଥ ବାବୁଙ୍କୁ ରାଜ୍ୟ ପାର୍ଟି କେନ୍ଦ୍ର ପାଇଁ ମଧ୍ୟ କିଛି ସମୟ ଦେବାକୁ ପଡିଲା । ସେ ସମୟରେ ରାଜ୍ୟରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଥିବା କଂଗ୍ରେସ ଦଳରେ ତୀବ୍ର ଦଳାଦଳି, କାମରାଜ ଯୋଜନାରେ ବିଜୁ ପଟ୍ଟନାୟକ କ୍ଷମତାରୁ ଯାଇ ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ହେବା ଓ ପୁଣି ବୀରେନ୍ ମିତ୍ର ମୁଖ୍ୟମନ୍ତ୍ରୀ ପଦରୁ ଯାଇ ସଦାଶିବ ତ୍ରିପାଠୀ ମୁଖ୍ୟମନ୍ତ୍ରୀ ହେବା ପରି ଘଟଣାମାନ ଘଟୁଥାଏ । କମ୍ୟୁନିଷ୍ଟ ପାର୍ଟି ଭିତରେ ମତାଦର୍ଶଗତ ଆଲୋଚନା ଚାଲିଥାଏ । ଏଇ ଭିତରେ ପ୍ରାଣନାଥ ବାବୁ ସୋଭିଏତ୍ ସରକାରର ଆମନ୍ତ୍ରଣ କ୍ରମେ ଏକ ସାମ୍ବାଦିକ ପ୍ରତିନିଧି ଦଳରେ ସେ ଦେଶ ଗସ୍ତରେ ଯାଇଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ, ଏକଦା ପ୍ରାଣନାଥ ବାବୁ ପାର୍ଟିର ସାପ୍ତାହିକ ପତ୍ରିକା "ନୂଆ ଦୁନିଆ"ର ସଂପାଦକ ଥିଲେ । ତାଙ୍କର ଲେଖା ଥିଲା ସରଳ, ଭାବଗର୍ଭକ ଓ ସତ୍ୟାଶ୍ରୟୀ । ଗୁରୁଚରଣ ପଟ୍ଟନାୟକ, କୃଷ୍ଣ ପ୍ରସାଦ ପଟ୍ଟନାୟକ, ଶରତ ବାବୁ ପ୍ରମୁଖ ଏଥିରେ ନିୟମିତ ଲେଖୁଥିଲେ । ପ୍ରାଣନାଥ ବାବୁ ମଫସଲ ସମ୍ବାଦ ଉପରେ ବେଶୀ ଗୁରୁତ୍ୱ ଦେଉଥିଲେ ।

ପୂରା ଗାଢ ରଙ୍ଗର ସୁଟ୍ ସାଙ୍ଗକୁ ଲାଲ ସ୍ୱେଟର ପରିହିତ ପ୍ରାଣନାଥ ବାବୁ । ଶୀତ କଟିବନ୍ଧର ପ୍ରବଳ ଶୀତ ପାଇଁ ଏହାହିଁ ଏକାନ୍ତ ଅପରିହାର୍ଯ୍ୟ ପୋଷାକ । ମସ୍କୋରେ ଲେନିନ୍ ମସୋଲିୟମ୍ ସମେତ ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ, କ୍ରାନ୍ତି ନଗରୀ ଲେନିନ୍ ଗ୍ରାଡ୍, ଅନେକ କୋଠଖମାର, ଶିଶୁ ଉଦ୍ୟାନ, ୟଙ୍ଗ ପାୟୋନିୟର୍ ପାଲେସ୍ ସେ ବୁଲି ଦେଖିଥିଲେ । ତା'ପରେ ସେ କୃଷ୍ଣସାଗର ତଟସ୍ଥ ମନୋରମ ସ୍ଥଳୀ କ୍ରିମିୟାକୁ ବିଶ୍ରାମ ପାଇଁ ଯାଇଥିଲେ । ପ୍ରାଣନାଥ ବାବୁ ଏକ ନୂତନ ସମାଜର ନୂତନ ମଣିଷ, ସେମାନଙ୍କର ନୂତନ ସୃଷ୍ଟିକୁ ଦେଖିଥିଲେ । ଭାରତବର୍ଷର ପରିବେଶ ଭିତରେ ଏକ ଶୋଷଣହୀନ ସମାଜ ଗଠିତ ହେଲେ କେତେ ମନୋହର ଏହି ଦେଶ ଆହୁରି ଭଲ ହେବ ବୋଲି ସେ କହୁଥିଲେ । ପାର୍ଟିର ବିଭିନ୍ନ ସ୍ତରର ନେତୃବୃନ୍ଦ ବିଶେଷତଃ ସାମ୍ବାଦିକମାନଙ୍କର କାର୍ଯ୍ୟ ଓ କର୍ତ୍ତବ୍ୟବୋଧ ସମ୍ପର୍କରେ ସେ ଆଲୋଚନା କରିଥିଲେ । ସେ ଫେରିବା ଦିନ ତାଙ୍କୁ କଲିକତାରେ ଥିବା "ସୋଭିଏତ ଦେଶ" ପତ୍ରିକାର ସାଥୀ ଗୋବିନ୍ଦ ମହାନ୍ତି, ବିଷ୍ଣୁ ଚରଣ ପଣ୍ଡା ଓ ଉପେନ୍ଦ୍ରନାଥ ନାୟକ ଏବଂ ତାଙ୍କର ବ୍ୟକ୍ତିଗତ ବନ୍ଧୁ ଗ୍ରାଣ୍ଡ ଷ୍ଟ୍ରିଟ୍‌ର ଓଡ଼ିଆ ବ୍ୟବସାୟୀ ଭିକାରୀ ଚରଣ ନାୟକ (ବି.ସି.ନାୟକ) ପ୍ରମୁଖ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଓଡ଼ିଶାରେ ପାଦ ଦେବାବେଳେ ମଧ୍ୟ ବିପୁଳ ସମ୍ବର୍ଦ୍ଧନା ମିଳିଥିଲା ତାଙ୍କୁ । କଟକ ଠାରେ ତାଙ୍କର ତଥା ପାର୍ଟିର ଘନିଷ୍ଠ ବନ୍ଧୁ ପ୍ରବୀଣ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହୃଦାନନ୍ଦ ନାୟକଙ୍କ ଘରେ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା । ଏଥିରେ ତାଙ୍କର ବନ୍ଧୁ ଲବ୍ଧପ୍ରତିଷ୍ଠ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ, ଦିଗମ୍ବର ଭୂୟାଁ, ବିପିନ୍ ମହାନ୍ତି, ଅଦ୍ୱୈତ ମହାନ୍ତି, ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ଛାତ୍ର ଯୋଗ ଦେଇଥିଲେ । ଅତି ସାବଲୀଳ ଭାଷାରେ ଧୀର ସ୍ଥିର ଭାବେ ପ୍ରାଣନାଥ ବାବୁ ସୋଭିଏତ୍ ରୁଷରେ

Digitized by PPRACHIN, SOA

ଯାହା ଦେଖିଥିଲେ ତାହା ବର୍ଣ୍ଣନା କରିଥିଲେ । କାଳିନ୍ଦୀ ବାବୁ, ହୃଦାନନ୍ଦ ବାବୁ, ଦିଗମ୍ବର ବାବୁଙ୍କ ଭଳି ସମବୟସୀଙ୍କ ଥଟ୍ଟାଳିଆ ପ୍ରଶ୍ନ ଓ ହସ ହସ ବଦନରେ ପ୍ରାଣନାଥଙ୍କ ଉତ୍ତର ବନ୍ଧୁମିଳନକୁ ଖୁବ୍ ଆମୋଦିତ କରୁଥିଲା । ଲେଖକ ଏଥିରେ ଯୋଗ ଦେଇଥିଲା ।

୧୯୬୭ ମସିହାରେ ପ୍ରାଣନାଥ ବାବୁ ପାଟନା କଂଗ୍ରେସ ପୂର୍ବରୁ ହେଉଥିବା ରାଜ୍ୟ, ଜିଲ୍ଲା ଓ ଅଂଚଳ ଶାଖା ପାର୍ଟିର ସମ୍ମିଳନୀ ପାଇଁ ଲାଗି ପଡିଲେ । ପାଟନା ପାର୍ଟି କଂଗ୍ରେସ ୧୯୬୭ ନିର୍ବାଚନ ପରେ ପରେ ଅନୁଷ୍ଠିତ ହୋଇଥିଲା । ୧୯୬୮ ଫେବୃୟାରୀରେ । ଓଡିଶା ବିଧାନସଭାରେ କଂଗ୍ରେସ ଅତି ନଗଣ୍ୟ ସଂଖ୍ୟକ ଆସନ ପାଇଥିଲା ଓ ଓଡ଼ିଶା କଂଗ୍ରେସର ମୁଖ୍ୟନେତା ବିଜୁ ପଟ୍ଟନାୟକଙ୍କ ସମେତ ଅଧିକାଂଶ କଂଗ୍ରେସ ନେତା ପରାସ୍ତ ହେଲେ । ଗଣତନ୍ତ୍ର ପରିଷଦ ଏକ ଚରମ ରକ୍ଷଣଶୀଳ ଦକ୍ଷିଣପନ୍ଥୀ ଦଳରେ ପରିବର୍ତ୍ତିତ ହୋଇଥିଲା । ଡକ୍ଟର ହରେକୃଷ୍ଣ ମହତାବ ଓ ପବିତ୍ର ମୋହନ ପ୍ରଧାନଙ୍କ ନେତୃତ୍ୱରେ କଂଗ୍ରେସରୁ ଏକ ଗୋଷ୍ଠୀ ବାହାରିଯାଇ ଜନକଂଗ୍ରେସ ନାମକ ଦଳ ଗଢି ସ୍ୱତନ୍ତ୍ର ପାର୍ଟି ଓ ପ୍ରଜା ସୋସାଲିଷ୍ଟ ପାର୍ଟି ସହିତ ନିର୍ବାଚନ ମେଣ୍ଟ ଗଢିଥିଲା । ସ୍ୱତନ୍ତ୍ର-ଜନକଂଗ୍ରେସ ମେଣ୍ଟ ବିଧାନସଭାରେ ସଂଖ୍ୟା ଗରିଷ୍ଠତା ହାସଲ କଲା ଓ ସରକାର ଗଠନ କଲା । ରାଜେନ୍ଦ୍ର ନାରାୟଣ ସିଂହଦେଓ ସରକାରର ମୁଖ୍ୟମନ୍ତ୍ରୀ ଓ ପବିତ୍ରମୋହନ୍ ପ୍ରଧାନ ଉପମୁଖ୍ୟମନ୍ତ୍ରୀ ହେଲେ । କମ୍ୟୁନିଷ୍ଟ ଦଳ କାହା ସହିତ ମେଣ୍ଟ ନ କରି ଏକାକୀ ନିର୍ବାଚନରେ ଲଢି ବିଧାନସଭାରେ ୭ଟି ଆସନ ଲାଭ କଲା । ବିଜୟୀ ପ୍ରାର୍ଥୀମାନେ ହେଲେ– ସମ୍ବଲପୁର ଜିଲ୍ଲାର ବ୍ରଜରାଜନଗରରୁ ପ୍ରସନ୍ନ କୁମାର ପଣ୍ଡା, କଟକର ଏରସମା ଆସନରୁ ଲୋକନାଥ ଚୌଧୁରୀ, ପୁରୀର ବେଗୁନିଆ ଆସନରୁ ଗଙ୍ଗାଧର ପାଇକରାୟ, କାକଟପୁରରୁ ସର୍ଦ୍ଦାର ଗତିକୃଷ୍ଣ ସ୍ୱାଇଁ, ଗଞ୍ଜାମର ଛତ୍ରପୁର ଆସନରୁ ଲକ୍ଷ୍ମଣ ମହାପାତ୍ର, ଆସିକା ଆସନରୁ ହରିହର ଦାସ ଓ କବିସୂର୍ଯ୍ୟନଗର ଆସନରୁ ସର୍ଦ୍ଦାର ଦଣ୍ଡପାଣି ସ୍ୱାଇଁ । ଏମାନେ ଥିଲେ ଓଡିଶାର ବିଭିନ୍ନ ଗଣ ସଂଗ୍ରାମର ପରୀକ୍ଷିତ ଯୋଦ୍ଧା । ପୁରୁଖା କମ୍ୟୁନିଷ୍ଟ ତଥା ପ୍ରଜାମଣ୍ଡଳ ନେତା ବନମାଳୀ ଦାସ ନୀଳଗିରିରୁ ପ୍ରଥମଥର ପାଇଁ ସି.ପି.ଆଇ.(ଏମ୍) ପ୍ରାର୍ଥୀ ଭାବେ ନିର୍ବାଚିତ ହେଲେ । ଲୋକସଭା ପାଇଁ ଭୁବନେଶ୍ୱର ଆସନରୁ ପ୍ରାଣନାଥ ବାବୁ ଓ ଗଞ୍ଜାମ ଭଂଜନଗର ଆସନରୁ ଦ୍ୟୁତିକୃଷ୍ଣ ପଣ୍ଡା ପରାସ୍ତ ହୋଇଥିଲେ । ଲୋକସଭାରେ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଖୁବ୍ ଅଳ୍ପ ବ୍ୟବଧାନରେ ସଂଖ୍ୟାଗରିଷ୍ଠତା ବଜାୟ ରଖିଥିଲା । ପଣ୍ଡିତ ଜବାହରଲାଲ ନେହେରୁ ୧୯୬୪ ମଇ ୨୭ ତାରିଖରେ ମୃତ୍ୟୁ ବରଣ କରିଥିଲେ ଓ ଲାଲବାହାଦୂର ଶାସ୍ତ୍ରୀ, ମୋରାରଜୀ ଦେଶାଇଙ୍କ ବିରୋଧରେ ପ୍ରବଳ ପ୍ରତିଦ୍ୱନ୍ଦିତା କରି ପ୍ରଧାନମନ୍ତ୍ରୀ ହୋଇଥିଲେ ମଧ୍ୟ କଂଗ୍ରେସ ଭିତରେ ପ୍ରବଳ ଦ୍ୱନ୍ଦ୍ୱ ତଥା ବିରୋଧ ଲାଗି ରହିଥିଲା । ଓଡିଶା କଂଗ୍ରେସର ନେତା ବିଜୁ ପଟ୍ଟନାୟକ ଓ ବୀରେନ୍ ମିତ୍ର ତଥା ଅନ୍ୟ କଂଗ୍ରେସ ନେତାଙ୍କ ବିରୋଧରେ ନାନା ଦୁର୍ନୀତି ତଥା ପ୍ରଶାସନଗତ ଅସଂଗତିର ଅଭିଯୋଗ ପ୍ରବଳ ଭାବେ ପ୍ରଚାରିତ ହୋଇଥିଲା । ଶେଷକୁ ଏ ସବୁ ଅଭିଯୋଗର

Digitized by PPRACHIN, SOA

ତଦନ୍ତପାଇଁ ବିଚାରପତି ଖାନ୍ନାଙ୍କୁ ଏକ ତଦନ୍ତ କମିଶନର ବିଚାରପତି ଭାବେ ନିଯୁକ୍ତି ଦିଆଯାଇଥିଲା । ବିଜୁବାବୁ ପ୍ରଧାନମନ୍ତ୍ରୀ ନିର୍ବାଚନରେ ଖୋଲାଖୋଲି ଭାବେ ମୋରାରଜୀ ଦେଶାଇଙ୍କ ପକ୍ଷ ନେଇ ନିଜର ସ୍ଥିତିକୁ ଦୁର୍ବଳ କରି ଦେଇଥିଲେ । ଇନ୍ଦିରାଗାନ୍ଧୀ ପ୍ରଧାନ ମନ୍ତ୍ରୀ ହେବାବେଳେ କଂଗ୍ରେସ ପାର୍ଲିଆମେଣ୍ଟାରୀ ପାର୍ଟିରେ ମୋରାରଜୀ ଦେଶାଇ ତାଙ୍କ ବିରୋଧରେ ପ୍ରତିଦ୍ୱନ୍ଦିତା କରି ପରାସ୍ତ ହୋଇଥିଲେ । ଇନ୍ଦିରାଗାନ୍ଧୀଙ୍କ ନିକଟବର୍ତ୍ତୀ ହୋଇଥିବା ରାଜ୍ୟସଭା ସଦସ୍ୟା ନନ୍ଦିନୀ ଶତପଥୀଙ୍କ ନେତୃତ୍ୱରେ ଓଡିଶାରେ ଏକ କ୍ଷୁଦ୍ର ଗୋଷ୍ଠୀ ଦୁର୍ବଳ କଂଗ୍ରେସ ଭିତରେ କ୍ରମେ ଶକ୍ତିଶାଳୀ ହେଉଥିଲେ, ଯେଉଁମାନେ ରାଜ୍ୟ ମହାରାଜାଙ୍କ ଭତ୍ତାକାଟ୍ ଓ ଘରୋଇ ବ୍ୟାଙ୍କ୍ ଜାତୀୟକରଣ ଭଳି ଅଧାପନ୍ତରିଆ ଅଥଚ ପ୍ରଗତିଶୀଳ ପଦକ୍ଷେପ ନେବାରେ ଯେଉଁ ତୁମୁଳ ଅନ୍ତର୍ବିବାଦ ସଂଗଠନ ଭିତରେ ଦେଖାଦେଲା, ତାର ସୁବିଧା ନେଉଥିଲେ । ରାଷ୍ଟ୍ରପତି ନିର୍ବାଚନପରେ କଂଗ୍ରେସରେ ବିବାଦ ଘନୀଭୂତ ହୋଇ ଦଳ ଭାଗ ଭାଗ ହେଲା । ୧୯୬୭ରେ ବହୁ କଂଗ୍ରେସ ବ୍ୟକ୍ତି ଦଳ ଛାଡି ଜନ କଂଗ୍ରେସ, ବଙ୍ଗଳା, କଂଗ୍ରେସ ଭଳି ଅନ୍ୟ ଦଳ ଗଢିଥିଲେ । ମହାମାୟା ପ୍ରସାଦ ସିଂହେ ବିହାରରେ, ମହାତାବ ଓଡିଶାରେ, ଅଜୟ ମୁଖାର୍ଜି ବଙ୍ଗଳାରେ ଓ ଚରଣ ସିଂ ୟୁ.ପି.ରେ ଏଭଳି ଦଳ ଗଢିଲେ । ଅନ୍ୟ ପକ୍ଷରେ ପଶ୍ଚିମ ବଙ୍ଗ, ଓଡିଶା, ତାମିଲନାଡୁ, କେରଳ, ବିହାର, ଉତ୍ତର ପ୍ରଦେଶ ଓ ପଞ୍ଜାବ ପ୍ରଭୃତି ପ୍ରଦେଶରେ କଂଗ୍ରେସର କ୍ଷମତାର ଅବସାନ ଘଟି ସେ ସବୁ ରାଜ୍ୟରେ ଅଣ କଂଗ୍ରେସ ସରକାର ଗଠିତ ହୋଇଥିଲା ।

କେରଳରେ ନମ୍ବୁଦ୍ରିପଦଙ୍କ ନେତୃତ୍ୱରେ ବାମ ଗଣତାନ୍ତ୍ରିକ ସରକାର ଓ ପଶ୍ଚିମବଙ୍ଗରେ ବଙ୍ଗଳା କଂଗ୍ରେସନେତା ଅଜୟ ମୁଖାର୍ଜି ମୁଖ୍ୟମନ୍ତ୍ରୀ ଓ ବହୁ ସଦ୍ୟ ବିଶିଷ୍ଟ ପାର୍ଟି ସି.ପି.ଆଇ. (ଏମ୍) ନେତା ଜ୍ୟୋତିବସୁ ଉପମୁଖ୍ୟମନ୍ତ୍ରୀ ଥିଲେ । ଖୁବ୍ ପ୍ରଗତିଶୀଳ ବ୍ୟକ୍ତିମାନେ ଥିଲେ ଏ ଦୁଇ ମନ୍ତ୍ରିମଣ୍ଡଳରେ । ମାତ୍ର ବିହାର, ଉତ୍ତର ପ୍ରଦେଶ ଏବଂ ପଞ୍ଜାବର ମନ୍ତ୍ରିମଣ୍ଡଳର କମ୍ୟୁନିଷ୍ଟ ପାର୍ଟିର ଓ ଜନସଂଘର ପ୍ରତିନିଧିଙ୍କ ଏକତ୍ର ଅବସ୍ଥାନ ଏକ ପ୍ରକାର ଗୋଳମାଳିଆ ଅବସ୍ଥା ସୃଷ୍ଟି କରିଥିଲା । ବାମପନ୍ଥୀ ଶକ୍ତିମାନଙ୍କର ସ୍ଲୋଗାନ୍ ଥିଲା– କଂଗ୍ରେସର ମୌରସୀ ଭାଙ୍ଗିଦିଅ —Break the monopoly of power of Congress ଭୋଟ୍‌ର ରାୟ ତାହା ଥିବାରୁ କମ୍ୟୁନିଷ୍ଟ ପାର୍ଟି ଜନଗଣଙ୍କ ପାଇଁ କିଛି କାମ କରିବା ପାଇଁ ଏଭଳି ମନ୍ତ୍ରିମଣ୍ଡଳରେ ରହୁଛି ବୋଲି ଯୁକ୍ତି ପ୍ରବଳ ଥିଲା । ମାତ୍ର ପ୍ରାଣନାଥ ବାବୁ ଏହି ଯୁକ୍ତିରେ ସନ୍ତୁଷ୍ଟ ନଥିଲେ । କିନ୍ତୁ ନିଜ ମତକୁ ପାର୍ଟି ଫୋରମ୍‌ରେ କହୁଥିଲେ, ବାହାରେ କେବେ ନୁହେଁ । ଏହା ଥିଲା ବରଗଡ ଓ ପାଟନା ପାର୍ଟି କଂଗ୍ରେସର ପଶ୍ଚାତ୍‌ଭୂମି ।

୧୯୬୭ ଡିସେମ୍ବର ଓଡ଼ିଶା ରାଜ୍ୟ ପାର୍ଟି ସମ୍ମିଳନୀ ପାଇଁ ପଶ୍ଚିମ ଓଡିଶାର ମହାନ୍ କମ୍ୟୁନିଷ୍ଟ ନେତା ପ୍ରସନ୍ନ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଗଢା ଅଭ୍ୟର୍ଥନା କମିଟିରେ ଅଗ୍ନି ମଲ୍ଲିକ, ନଟବର ବନଛୋର, ଗୌରୀଶଙ୍କର ଦାସ, ଦୟାନନ୍ଦ ଶତପଥୀ,

Digitized by PPRACHIN, SOA

ଲକ୍ଷ୍ମଣ ପୂଝାରୀ ଓ ରାଧାବଲ୍ଲଭ ମିଶ୍ର ପ୍ରଭୃତି ରହିଥିଲେ । ସେମାନଙ୍କ ପ୍ରତ୍ୟକ୍ଷ ନେତୃତ୍ୱ ଫଳରେ ଗଣଚାନ୍ଦା ବଳରେ ଅଭୂତପୂର୍ବ ସଫଳତା ସହ ବରଗଡ ସମ୍ମିଳନୀ ହୋଇଥିଲା । ଏଥିରେ କେନ୍ଦ୍ରୀୟ ସାଧାରଣ ସଂପାଦକ ରାଜେଶ୍ୱର ରାଓ ଯୋଗ ଦେଇଥିଲେ । ଏଠି ଦୁର୍ଗାଚରଣ ମହାନ୍ତି ପାର୍ଟି ସଂପାଦକ ହେଲେ ଓ ୯ଜଣିଅ ସଂପାଦକ ମଣ୍ଡଳୀରେ ଅନ୍ୟ ନେତାମାନଙ୍କ ସହ ପ୍ରାଣନାଥବାବୁ ସଂପାଦକ ମଣ୍ଡଳୀରେ ରହିଲେ । ତାପରେ ଆସିଲା ପାଟନା ପାର୍ଟି କଂଗ୍ରେସ, ଯେଉଁଥିରେ ଦୁର୍ଗାବାବୁ, ପ୍ରାଣନାଥ ବାବୁଙ୍କ ଛଡା ସଦାନନ୍ଦ ମହାନ୍ତି, ଦ୍ୟୁତିକୃଷ୍ଣ ପଣ୍ଡା, ଲକ୍ଷ୍ମଣ ମହାପାତ୍ର, ଲୋକନାଥ ଚୌଧୁରୀ, ନନ୍ଦ କିଶୋର ପଟ୍ଟନାୟକ, ବ୍ରଜକିଶୋର ପଟ୍ଟନାୟକ, ଦୟାନନ୍ଦ ଶତପଥୀ, ଦୁଃଶାସନ ଜେନା, ଶ୍ରୀଚରଣ ବରାଳ ଓ ଲେଖକ ସମେତ ଓଡିଶାରୁ ୧୬ଜଣ ପ୍ରତିନିଧି ଯାଇଥିଲେ । ପାଟନାର ଗାନ୍ଧୀ ମଇଦାନରେ ଅସଂଖ୍ୟ ତମ୍ବୁର ଶିବିର । ଚାରିପଟେ ଟିଣର ପ୍ରାଚୀର । ଲାଲ ପତାକାରେ ରକ୍ତିମ ଲହର– ଶହୀଦଙ୍କ ସ୍ମାରକୀ ସ୍ତମ୍ଭ । ବିପୁଳ ବ୍ୟବସ୍ଥା । ତାରି ଭିତରେ ଖାଇବା ପିଇବା ଓ ରହିବା । ବିଭିନ୍ନ ରାଜ୍ୟପାଇଁ ଫଳକ, ତମ୍ବୁ ସାମନାରେ ଲେଖା । କି ଆନନ୍ଦକର ସମୟ... ତମ୍ବୁର ତଳେ ନଡା, ତା ଉପରେ ବିସ୍ତାରିତ ଦରି । ତା ଉପରେ ଆମମାନଙ୍କ ବେଡିଂ ଲମ୍ବାଇ ଦେଇ ବିଦ୍ୟୁତାଲୋକରେ ଆଲୋଚନା କି ଉତ୍ସାହପ୍ରଦ ! ଫେବୃୟାରୀ ପ୍ରଥମ ସପ୍ତାହର ପ୍ରବଳ ଶୀତ । ସନ୍ନିକଟ ଗଙ୍ଗାନଦୀ କୂଳରୁ ଯେପରି ହିମ ପବନ ମାଡି ଆସୁଥାଏ । ତା' ଭିତରେ ଡାଙ୍ଗେ, ପି.ସି. ଜୋଷୀ, ରାଜେଶ୍ୱର ରାଓ, ଭୂପେଶ ଗୁପ୍ତ, ଫାରୁକୀ, ଡଃ:ଗଙ୍ଗାଧର ଅଧିକାରୀ, ସରଦେଶାଇ, ସତ୍ୟପାଲ ଡାଙ୍ଗ, ଅଚ୍ୟୁତ ମେନନ, ଗୋବିନ୍ଦନ୍ ନାୟାର, ବିଶ୍ୱନାଥ ମୁଖାର୍ଜୀ, ସୋମନାଥ ଚାଟାର୍ଜୀ, ହୀରେନ ମୁଖାର୍ଜୀ, କ୍ରିଷ୍ଣନ୍ ଓ ପାର୍ବତୀ କ୍ରିଷ୍ଣନ୍, ରାଜଶେଖର ରେଡି, କଲ୍ୟାଣ ସୁନ୍ଦରମ, ମୋହିତ୍ ସେନ, ଆଙ୍ଗାମାନି, ମିରାଜ୍‌କର, ଜଗନ୍ନାଥ ସରକାର, ଇନ୍ଦ୍ରଦୀପ୍ ସିହ୍ନା, ସୁନୀଲ ମୁଖାର୍ଜୀ, ସରଜୁ ପାଣ୍ଡେଙ୍କ ଭଳି ଦେଶର ମହାନ୍ ବିପ୍ଳବୀ ନେତାଙ୍କ ସମାଗମ । ତମ୍ବୁ ନଗର ଭିତରେ ଚା, କଫି, ଗ୍ରୁପରେ ଆଲୋଚନାର ପର୍ବ । ପ୍ରାଣନାଥ ବାବୁଙ୍କ ଅସଂଖ୍ୟ ପୁରାତନ ସାଥୀ, ମନ ଉତ୍‌ଫୁଲ୍ଲିତ । ପ୍ରସ୍ତାବ ଉପରେ ସଂଶୋଧନ ଓ ବିତର୍କ । ସକାଳୁ ଆମେ ଯୁବ ସାଥୀ ମାନେ ଉଠିପାରୁନା । ରାତିରେ ପାହାନ୍ତା ଯାଏଁ ଜାଗ୍ରତ । ବଡି ସକାଳୁ ପ୍ରାଣନାଥବାବୁ ଉଠିବେ । ନିତ୍ୟକର୍ମ ସାରି ତମ୍ବୁ ନଗର ଭିତରେ ପ୍ରାଣନାଥବାବୁ ପଞ୍ଜାବୀ ଉପରେ ଖଇରିଆ କୋର୍ଟ ପିନ୍ଧି ଗରମ ଚୁଡା ଭଜା ଚୋବାଇ ଚୋବାଇ ଅନ୍ୟ ରାଜ୍ୟର ସାଥୀମାନଙ୍କ ସହ ଆଳାପକରି ଫେରନ୍ତି । ସଦାନନ୍ଦ ବାବୁ, ଦୁର୍ଗାବାବୁ, ଲୋକନାଥ ବାବୁ, ଦ୍ୟୁତି ବାବୁ ପ୍ରଭୃତି ଉଠି ନିତ୍ୟକର୍ମରେ ଲାଗିଥାନ୍ତି । କମ୍ ଶୀତ ଲୁଗା ନେଇଥିବାରୁ ରାତିସାରା ଥରି ଥରି ଶୋଇଥିବା ଲେଖକ କିନ୍ତୁ ଶେଯ ନଛାଡେ । ଘୋଡେ କମଳ ପଡେ ରହ ଭଳି ମୁଁ ସବୁ ଶୁଣୁଥାଏ, କିନ୍ତୁ କମ୍ବଳ ଭିତରେ । ମୋର ଦୁଇ ତିନିଜଣ ସହଧର୍ମୀ ଥାଆନ୍ତି । ପ୍ରାଣନାଥବାବୁ ଆମକୁ ସ୍ନେହରେ 'ଟଗଲା' ବୋଲି ସମ୍ବୋଧନ କରନ୍ତି । ''ଉଠ ଉଠ ତିନି ଟଗଲା, ଆଜିତ ତୁମର ସଂଶୋଧନ

Digitized by PPRACHIN, SOA

ପ୍ରସ୍ତାବ ଲେଖିବାର ଅଛି । କମ୍ବଳ ଭିତରୁ ଆମେ କହୁ 'ନାହିଁ ଚା, ନାହିଁ ଉଠିବା ।'' ରାତିରେ ଆମେ ଶୋଇବୁ । ବଙ୍ଗଳା ଓ ପଞ୍ଜାବ ତମ୍ବୁ ପାଖରେ ଥିବା ଚା ଷ୍ଟଲରୁ ୩/୪ କପ୍ ଚା ଗୋଟେ ପିଲା ହାତରେ ସେ ଆଣିବାପରେ ଠକ୍ ଠାକ୍ କମ୍ବଳର ଖୋଳପା ଭିତରୁ କଇଁଚ ମୁଣ୍ଡ କାଢ଼ିଲାପରି ଆମେ ବାହାରିପଡୁ । ପଇସା ମାତ୍ର ଆମେ ଦେଉ । ଲେଖକ ସେଠୁ ପ୍ରାଣନାଥ ବାବୁଙ୍କୁ କହେ, ''ଆପଣଙ୍କର ତ ଅଭିମୁଖ୍ୟ ଅଲଗା ଅଲଗା, ତେଣୁ ଆମ ସଂଶୋଧନ ପାଇଁ ଆପଣ ବ୍ୟାକୁଳ କାହିଁକି ?'' ମାତ୍ର ଆଜି ଭାବୁଛି କି ସାହସ ମୋର । ପାର୍ଟିର ପିତାମହ ଭୀଷ୍ମ, କାହିଁ ଏ ନଗଣ୍ୟ ସାଥୀ । ମାତ୍ର ସେ କହନ୍ତି – ''ମାତ୍ର ସବୁ ଆଭିମୁଖ୍ୟ ଏକ ଲକ୍ଷ୍ୟ ପାଇଁ, ସେଥିପାଇଁ ତାକୁ ଦିଅ ବିତର୍କ ହେଉ– ବହୁ ମତରେ ଗୃହୀତ ମତ ସମସ୍ତଙ୍କର ମତ ହେବ ।'' ଗଣତନ୍ତ୍ରର ଅମୂଲ୍ୟ ଶିଳାଲେଖ ଏ ଉତ୍ତର । ପୁଣି ଦିନେ ଘୋଷଣା ହେଲା, ପାଟଣାର ପ୍ରସିଦ୍ଧ ଗୁରୁଦ୍ୱାରରୁ କିଛି ନୂଆ କମ୍ବଳ ଆସିଛି, ସମ୍ମିଳନୀ ପରେ ତାହା ଫେରାଇ ଦିଆଗଲେ ତାହା ଦୀନ ଦୁଃଖୀଙ୍କୁ ବଣ୍ଟନ ହେବ । ଯାହାର ଦରକାର ସେ ସାଥୀ ନେଇ ଯାଆନ୍ତୁ । ସଂଧ୍ୟାରେ ଦେଖିଲି ପ୍ରାଣନାଥବାବୁ ନିଜେ ଦୁଇଟା ଓ ଜଣେ ସ୍ୱେଚ୍ଛାସେବୀ ସାଥୀ ୪ଟା କମ୍ବଳ ଧରି ଆସୁଛନ୍ତି । ଆମେ ଆନନ୍ଦରେ ବାଣ୍ଟିନେଲୁ । କେହି କେହି ସାଥୀ ଆଖିରେ ଆଖିରେ କଥା ହେଲେ । କ୍ଷୁଦ୍ରମନା ଲୋକ ଆମେ ସବୁ ଭାବିଲୁ ଯେ ଆମ ସମର୍ଥନରେ ଜାତୀୟ ପରିଷଦକୁ ଯିବା ପାଇଁ ଏ ଏକ ଅବ୍ୟକ୍ତ ମାଧ୍ୟମ । ମାତ୍ର ପାର୍ଟି କଂଗ୍ରେସ ସରିଲା... କାହିଁ କେଉଁ ଦିନ ପ୍ରାଣନାଥବାବୁ ଡାକି କିଛି ଏ ସମ୍ବନ୍ଧରେ କହି ନଥିଲେ । ଏ ଏକ ସାମାନ୍ୟ କଥା ନୁହେଁ, ମାନବିକତାରୁ ଅତି ମାନବିକତାର ଉନ୍ନତ ସୋପାନରେ ବିଚରଣ କରୁଥିଲା ତାଙ୍କର ଆଚରଣ, ଚେତନା । ଭାବିଲେ ଆଖିରେ ଲୁହ ଆସେ । କିଏ ହେବ ସେପରି ?

୧୯୬୮ରେ ଫେରି ଚାରିଆଡେ ପ୍ରାଣନାଥ ବାବୁ ଓ ସମସ୍ତ ନେତାମାନେ ତାତ୍ତ୍ୱିକ ପ୍ରଶ୍ନ ଉପରେ ଆଲୋଚନା କଲେ । ଇନ୍ଦିରା ଗାନ୍ଧୀଙ୍କ ପ୍ରଥମ ଶାସନ କାଳରେ ୧୯୬୬ରେ ମୁଦ୍ରା ମୂଲ୍ୟ ହ୍ରାସ ବିରୋଧରେ ଦିଲ୍ଲୀରେ ପ୍ରକାଣ୍ଡ ଗଣ ସମାବେଶ ହୋଇ ସାରିଥିଲା । ଭୂସଂସ୍କାର ଓ ଦରଦାମ ବୃଦ୍ଧି ବିରୋଧରେ କ୍ରମାଗତ ଅଭିଯାନରେ ପ୍ରାଣନାଥ ବାବୁ ଲାଗିପଡିଲେ । ୧୯୬୯ରେ ''ନୂଆ ଦୁନିଆ'' ଭଗବତୀ ବିଶେଷାଙ୍କରେ ପ୍ରାଣନାଥବାବୁଙ୍କ ବିରାଟ ପ୍ରବନ୍ଧ ''ବିସ୍ମୃତିର ଗର୍ଭରୁ'' ବାହାରିଲା । ତାହା ଜାତୀୟ ଆନ୍ଦୋଳନ, ପ୍ରଗତିଶୀଳ ମେହନତୀ ଆନ୍ଦୋଳନ ଓ ସଂଗଠନର ନିର୍ଯ୍ୟାସ । ଚାରିଆଡେ କସ୍ତୁରୀର ସୁବାସ ଭଳି ସେ ପ୍ରବନ୍ଧର ଖ୍ୟାତି ବ୍ୟାପିଥିଲା । ଅନୁରୋଧ– ଆହୁରି ବିସ୍ତାରିତ ଭାବେ ଲେଖନ୍ତୁ ପ୍ରାଣନାଥ ବାବୁ ! ୧୯୬୯ରେ ଖୋର୍ଦ୍ଧା କଲେଜର ୧୦ ବର୍ଷ ପୂର୍ତ୍ତି ମହାସମାରୋହରେ ଅନୁଷ୍ଠିତ ହେଲା । ପାର୍ଟି, କୃଷକ ସଭା ଓ ଖୋର୍ଦ୍ଧା କଲେଜର ବିକାଶ କାମରେ ପ୍ରାଣନାଥ ବାବୁ ନିଜକୁ ବୁଡାଇ ରଖି ନିଜର ସ୍ୱାସ୍ଥ୍ୟହାନି କରାଇଥିଲେ । ଦୀର୍ଘ ଦିନ ରାଜ୍ୟ କୃଷକ ସଭାର ସଭାପତି ଚାହିଁଲେ ତାଙ୍କ ପଦରୁ ବିଦାୟ ନେବାକୁ ।

Digitized by PPRACHIN, SOA

୧୯୭୦ ଜାନୁୟାରୀରେ ବାଲେଶ୍ୱରର ଚାନ୍ଦବାଲିଠାରେ ରାଜ୍ୟ କୃଷକ ସମ୍ମିଳନୀ ହେଲା । ପ୍ରାଣନାଥ ବାବୁ ଅସୁସ୍ଥ, ବିଶେଷ ଖାଉନଥାନ୍ତି । ତେଣୁ ଚାନ୍ଦବାଲିର ଜଣେ ମୁଖ୍ୟ ସାଥୀଙ୍କ ଘରେ ତାଙ୍କ ପାଇଁ ଭାତ, ଡାଲି ସନ୍ତୁଳା ଓ ସକାଳେ ମିଶିରି ସରବତର ବ୍ୟବସ୍ଥା ହେଲା । ପ୍ରାଣନାଥ ବାବୁ ସେଠି ପାଞ୍ଚଦିନ ଅତିଥି ଥିଲେ । ତାଙ୍କର ଉଦାରତା, ସରଳ ବ୍ୟକ୍ତିତ୍ୱ, ପିଲାମାନଙ୍କ ପାଇଁ ବାତ୍ସଲ୍ୟ ସେ ପରିବାରର ଜପାମାଳି ହୋଇରହିଛି । ସେମାନେ କହନ୍ତି– କେତେ ବିରାଟ ମଣିଷ, କେତେ ମହତ୍ ଓ କେତେ ସରଳ ? ଚାନ୍ଦବାଲି କୃଷକ ସଭା ସମ୍ମିଳନୀରେ ପ୍ରାଣନାଥ ବାବୁ ତାଙ୍କର ବିଦାୟୀ ଭାଷଣରେ ସଂଗଠନ ଓ ଆନ୍ଦୋଳନର ବହୁ ପ୍ରସଙ୍ଗ ଉଠାଇଥିଲେ । ତାଙ୍କର ଉତ୍ତରାଧିକାରୀ ଭାବେ ତାଙ୍କର ଅନ୍ୟତମ ସହଯୋଦ୍ଧା ଗଙ୍ଗାଧର ପାଇକରାୟ ସଭାପତି ହେଲେ ଉତ୍କଳ ରାଜ୍ୟ କୃଷକ ସଭାର । ପ୍ରାଣନାଥଙ୍କ ସଭାପତି ଅଭିଭାଷଣରେ ଏପରି କେତେକ ବାକ୍ୟ ଓ ପଂକ୍ତି ଥିଲା, ଯାହାକୁ ଶୁଣି ହତଚକିତ ହୋଇ ଯାଇଥିଲେ ବହୁ ସାଥୀ । ସେମାନେ ଆଶଙ୍କା କଲେ ଯେ, ବୋଧେ ପ୍ରାଣନାଥ ବାବୁ ଆଉ ବେଶୀ ଦିନ ରହିବେ ନାହିଁ । ମାତ୍ର ତାଙ୍କର ହସ ହସ ମୁହଁ, ପାଦ ଚଲା, ସରଳ ଜୀବନ ପୁଣି କହୁଥିଲା– ଏତେ ଦିନ ତ ଦାୟିତ୍ୱ ନେଲେ, ବୋଧେ ସେ ନୂତନ ନେତୃତ୍ୱ କାଢିବାକୁ ଏ କଥା କହିଥିଲେ । ମାତ୍ର ନେପଥ୍ୟରେ କ୍ରୁର ନିୟତି ତାର କାମ ଆରମ୍ଭ କରି ଦେଇଥିଲା ।

ଚାନ୍ଦବାଲି ସମ୍ମିଳନୀରେ କୃଷକ ସଭାର ସଭାପତି ପଦ ଛାଡିଲେ ସତ, କିନ୍ତୁ ଶୃଙ୍ଖଳିତ ସୈନିକ ଭଳି ପ୍ରାଣନାଥ କୃଷକ ସଭାର ଆହ୍ୱାନରେ ଫେବୃୟାରୀ ମାସରେ ଅସୁସ୍ଥତା ସତ୍ତ୍ୱେ ଖୋର୍ଦ୍ଧା ସବ୍‌ଡିଭିଜନର ବାଘମାରୀ ଅଞ୍ଚଳରେ ଏକ ବଡ ଧରଣର ପଦଯାତ୍ରା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଗାଁକୁ ଗାଁ ୩୦/୪୦ଟି ଗ୍ରାମରେ ଚାଲିଲା ପଦଯାତ୍ରା । କାହା ଚାଳିଆ ଘରେ ଅବା କାହା ପିଣ୍ଡାରେ ରାତିଟିଏ କଟାଇ ପୁଣି ପରଦିନ ଆଲୋଚନା ସଭା ବୈଠକ ସାରି ଅନ୍ୟ ଗାଁକୁ ଯାତ୍ରା । ସେତେବେଳେ ପ୍ରାଣନାଥଙ୍କ ଶରୀର ଦୁର୍ବଳ, ଖାଇବା ପିଇବା ପ୍ରାୟ ବନ୍ଦ ହେଲାଣି । ମୁଖମଣ୍ଡଳରେ ଅଜଣା ରୋଗର ସଂକେତ । ତା' ସତ୍ତ୍ୱେ ଅସାଧାରଣ ମନୋବଳ ତାଙ୍କୁ ପଦଯାତ୍ରା ଶେଷ ପର୍ଯ୍ୟନ୍ତ ବାଟ କଢ଼ାଇନେଲା । ଚାନ୍ଦବାଲିର ରାଜ୍ୟ କୃଷକ ସମ୍ମିଳନୀରୁ ଫେରି ପ୍ରାଣନାଥ ବାବୁ ସମଗ୍ର ଖୋର୍ଦ୍ଧା ସବ୍‌ଡିଭିଜନ୍, ବିଶେଷତଃ ବୋଲଗଡ଼-ବେଗୁନିଆର ଦାରୁଣ ଭାବେ ମରୁଡ଼ିଗ୍ରସ୍ତ ଅଞ୍ଚଳର ଶୋଚନୀୟ ଅବସ୍ଥା ଆଡ଼କୁ ଦୃଷ୍ଟି ଫେରାଇଲେ । ଦୁଇବର୍ଷ ଧରି କ୍ରମାଗତ ମରୁଡ଼ି ଫଳରେ ଏ ଅଞ୍ଚଳର ଚାଷୀମାନେ କେବଳ ଫସଲ ହରାଇ ନଥିଲେ । ସମସ୍ତ ଇଲାକା ଯେପରି ଏକ 'ପୋଡ଼ାଭୁଇଁ'- ଓ୍ୱେଷ୍ଟଲାଣ୍ଡରେ ପରିଣତ ହୋଇଥିଲା । ନୟାଗଡ଼, ଖଣ୍ଡପଡ଼ା, ଫତେଗଡ଼ ପ୍ରଭୃତି ଅଞ୍ଚଳରେ ଊଣା ଅଧିକେ ଏହି ଅବସ୍ଥା ବିଦ୍ୟମାନ ଥିଲା । ଚାଷୀପାଇଁ ଫସଲର କ୍ଷେତ ତ ପୋଡ଼ି ଯାଇଥିଲା । ମରୁଡ଼ି ଅଞ୍ଚଳର ଏ "ଗ୍ରସ୍ତ ଉପତ୍ୟକା" ରେ ଅନାହାର, ଅର୍ଦ୍ଧାହାର, ଜଳକଷ୍ଟ, ଉତ୍କଟ ଦାରିଦ୍ର୍ୟ ଓ ଅଭାବ ସଂଖ୍ୟାଧିକ ଜନସାଧାରଣଙ୍କୁ ତିଳେ ତିଳେ ସଢ଼ାଇ ମାରୁଥିଲା । ପିଇବା

Digitized by PPRACHIN, SOA

ପାଣି ପାଇଁ ଗାଁର କୁଳବଧୂ ଓ କନ୍ୟାମାନେ ଦୂର ଦୂରର ଜଳାଧାର ଓ ଶୁଷ୍କ ନଦୀର ଚୁଆ ଯାଏ ଯାଉଥିଲେ । ଗାଁ ଗଣ୍ଡାର କ୍ଷେତ ମୁଲିଆ-ପାଇଟାଳ ଶ୍ରେଣୀ ମଜୁରି ନପାଇ ଅନାବନା ଶାଗ ମାଣ୍ଡିଆ ଜାଉ ଓ ପେଜ ଖାଇ ଅଧାପେଟ ଓ ଅନାହାରରେ ଦିନ କାଟୁଥିଲେ । ସେଥିରେ ୧୯୭୦ର ନିଦାରୁଣ ଗ୍ରୀଷ୍ମକାଳ । ବନ୍ଧ୍ୟା ଧରଣୀ ଉପରେ ଯେପରି ସୂର୍ଯ୍ୟ ଅଗ୍ନିବର୍ଷା କରୁଥିଲେ । ପ୍ରାଣନାଥବାବୁ ଏହି ଉତ୍କଟ ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଆର୍ଦ୍ର ଓ ସଚ୍ଛିଦ୍ର ମାଟିରେ ଉପକୂପ ବା Dug well ଖୋଳାଇ ଯତ୍ କଞ୍ଚିତ୍ ଖରାଦିନିଆ ଫସଲ ଫଳାଇବା ଓ ପରିବା ଚାଷର ବ୍ୟବସ୍ଥା କରିବା ପାଇଁ ସରକାରଙ୍କ ପାଖରେ ଦାବୀ କରିଥିଲେ । ମାତ୍ର ତାଙ୍କର ନିବେଦନ ସରକାରୀ ମହଲର ନାଲିଫିତାର ବଳୟ କାଟିବାରେ ସମର୍ଥ ହେଲାନାହିଁ । ନିବେଦକର ଆକୁଳ ନିବେଦନ ଅରଣ୍ୟରୋଦନରେ ପରିଣତ ହୋଇଥିଲା । କିଏ ବା ଶୁଣିବ ଗରିବ, ପୀଡ଼ିତ ମଣିଷର ଆର୍ତ୍ତ ମୂର୍ଚ୍ଛିତ ଚିତ୍କାର ? ଏ ଯାଏ ସେ ଆର୍ତ୍ତ ଚିତ୍କାର ଶୁଣାଯାଉଛି ।

ତେଣୁ ପ୍ରବଳ ଶାରୀରିକ ଦୁର୍ବଳତା ଭିତରେ ପ୍ରାଣନାଥ ବାବୁ ଆରମ୍ଭ କଲେ ବୋଲଗଡ ବେଗୁନିଆ ଅଞ୍ଚଳରେ ଶହେ ମାଇଲରୁ ଊର୍ଦ୍ଧ୍ୱ ପଦଯାତ୍ରା-ଏକ 'ଲଙ୍ଗ୍ ମାର୍ଚ୍ଚ' । କେରଳର ମହାନ୍ ନେତା ଏ.କେ. ଗୋପାଳନ୍‌ଙ୍କର ଦୀର୍ଘ 'ଲଙ୍ଗ୍ ମାର୍ଚ୍ଚ' ପରି ମହତ୍ତ୍ୱପୂର୍ଣ୍ଣ ଥିଲା ଏ ପଦଯାତ୍ରା–ଯାହା ଏକ କ୍ରାନ୍ତିଚେତନାର ଯାତ୍ରା । ଏବକାର ସାଂପ୍ରଦାୟିକ ଫାସିଷ୍ଟ ନେତାମାନଙ୍କର ଆଡ଼ମ୍ବରପୂର୍ଣ୍ଣ ସୁସଜ୍ଜିତ ଟାୟୋଟା ରଥର ଯାତ୍ରା ଭଳି ଏହା ଏକ ବିଳାସପୂର୍ଣ୍ଣ ଯାତ୍ରା ନଥିଲା । ଏହା ଥିଲା ନିହିତସ୍ୱାର୍ଥ ବିରୋଧରେ ପରମ କ୍ରାନ୍ତିଧର୍ମୀ ନନ୍ଦୀଘୋଷ ରଥର ଯାତ୍ରା । କବି କବୀନ୍ଦ୍ର ବର୍ମା କହିଲା ଭଳି "ଅଶନ, ବସନ ଜୀବନର ଲାଗି ସମର ଯାତ୍ରା ମହାଜନର.... ମହାଜନ ଅର୍ଥ ସମାଜର ସଂଖ୍ୟାଧିକ ଜନଗଣଙ୍କର ଐତିହାସିକ ଯାତ୍ରା ଥିଲା ପ୍ରାଣନାଥଙ୍କର ପଦଯାତ୍ରା । ଆକାଶରୁ ସେକାଳେ ଲାଲପେଣ୍ଟୁ ଭଳି ଜ୍ୱଳମାନ ସୂର୍ଯ୍ୟର ତୀବ୍ର ଆଲୋକ ପୋଖରୀ, ତଡ଼ାଗ, ଜଳାଧାର ଓ କୂପର ଜଳକୁ ନିଃଶେଷ କରିଦେଇଥିଲା । ମାଟି ତଳୁ ପାଣି କାଢ଼ି ଜଳସେଚନ ପାଇଁ କେଉଁ ସରକାର ବା ଶୁଣିଥିଲା ତାଙ୍କର ନିବେଦନ । ଶେଷକୁ କ୍ରାନ୍ତିଯାତ୍ରା - ଯାହା ତାଙ୍କର ମହାଯାତ୍ରାରେ ସମାହିତ ହୋଇଥିଲା ତାକୁ ଉଦୁଉଦୁଆ ଖରା ଦିନରେ ଆରମ୍ଭ କଲେ ପ୍ରାଣନାଥ । ବନ୍ଦୀର ଆତ୍ମକଥାରେ ଉତ୍କଳମଣିଙ୍କର ସେହି ଶାଶ୍ୱତବାଣୀ, "ପୂର୍ବ ପୁରୁଷର ପବିତ୍ର ଶ୍ମଶାନ/ଦେଶର ଜାତିର ଗଉରବମାନ/ ପୂଣ୍ୟ ଜନ୍ମମାଟି ପୂଣ୍ୟ ଦେବାଳୟ, ଉଦ୍ଧରିବା ପାଇଁ କଲେ ତନୁ କ୍ଷୟ / ମାନବ ଜୀବନ ହୁଅଇ ସଫଳ, ଏ ମହାଦୀକ୍ଷା କି ଲଭିବ ଉତ୍କଳ । ତେଣୁ ଜନ୍ମମାଟିର ଅଗଣିତ ନରନାରୀଙ୍କୁ ଭୋକ, ଶୋଷ, ଅନାହାର ମୃତ୍ୟୁ, ମହାମାରୀ ଓ ବେରୋଜଗାରୀରୁ ଉଦ୍ଧାର କରିବାକୁ ତନୁ କ୍ଷୟ କରିବା ପାଇଁ ପ୍ରାଣନାଥ ବାବୁ ବାହାରି ପଡ଼ିଥିଲେ । ଓଡ଼ିଶାରେ ତାଙ୍କ ପଦଯାତ୍ରା ଥିଲା ଦୀର୍ଘ, କ୍ଲାନ୍ତିକର ଓ ପୀଡ଼ାଦାୟକ । ନୂତନ ଯୁଗର ସେବା ବ୍ରତରେ ମଣିଷ ରାଜନେତା ନୁହେଁ । ଧୂସରିତ ଧରଣୀର ଅଗ୍ନି ପୁତ୍ର । ମାତ୍ର ଉପାୟ କିଛି ନଥିଲା । ତାଙ୍କ ପଦଯାତ୍ରାର ରାଜପଥରୁ

Digitized by PPRACHIN, SOA

ସେ ଖୁବ୍ .ଉତ୍କଟ ମରୁଡ଼ି ଅଞ୍ଚଳକୁ କିଛି ମାଇଲ୍ ଚାଲି ମଧ୍ୟ ଯାଉଥିଲେ ସ୍ୱଚକ୍ଷୁରେ ଭୋକ କିପରି ଭୟଙ୍କର ମୂର୍ତ୍ତିଧରି ମଣିଷର ଆୟୁକୁ ଚୋଷି ନେଉଛି, ତାହା ଦେଖିବାକୁ । ଭୟାବହ ଥିଲା ଅବସ୍ଥା । ଏ ଅଞ୍ଚଳରେ ଅସଂଖ୍ୟ ବୁଣାକାର ଓ ରଙ୍ଗଣି ପରିବାର, ଯେଉଁମାନଙ୍କର ହାତ ହୋଇଥିଲା ବନ୍ଦ । ସମବାୟ ସଂସ୍ଥାରୁ ସୂତା ମିଳୁନି, ଆର୍ଥିକ ସାହାଯ୍ୟ ମିଳୁନି ଓ ଛଣି ଲୁଗା ତିଆରି କଲେ ମାର୍କେଟର ବଡ଼ପଣ୍ଡାମାନେ ବିକ୍ରି ପାଇଁ ତାକୁ ନେଉନାହାନ୍ତି ! ଆଶ୍ଚର୍ଯ୍ୟ ଥିଲା ଏ ଅବସ୍ଥା ସମସ୍ତ ଖୋର୍ଦ୍ଧା ଜିଲ୍ଲାକୁ ମରୁଡ଼ିଗ୍ରସ୍ତ ଅଞ୍ଚଳ ରୂପେ ଘୋଷଣାକର । ବାଙ୍କୀ ଠାରୁ ମହାନଦୀରେ ଆନିକଟ ଖୋଲାଇ ଏକ ଦୀର୍ଘ କେନାଲ କର । ସମଗ୍ର ଖୋର୍ଦ୍ଧା ଓ ନୟାଗଡ଼ ସବ୍‌ଡ଼ିଭିଜନ୍‌ର ଉର୍ବର ମାଟି ଜଳସେଚନର ସୁବିଧା ପାଇ ସୁନାର ଫସଲ ଉପୁଜାଇବ - ବାରମ୍ବାର ବିଧାନସଭା ବାହାରେ ଓ ଭିତରେ ସେ ଘୋଷଣା କରିଥିଲେ । ତେଣୁ ଚାଷୀକୁ ପାଣି ଦିଅ, ସରକାର ତ ତାହା ଶୁଣିଲେ ନାହିଁ ? ଖାଇବା ପାଇଁ ମାଗଣା ଚାଉଳ ଦିଅ । ଜଳସେଚନର ସ୍ଥାୟୀ ବ୍ୟବସ୍ଥା କର । ଖଜଣା ଓ ସମସ୍ତ କର ଛାଡ଼କର, ଉର୍ବର ଫସଲ ପାଇଁ ତୁରନ୍ତ ସାହାଯ୍ୟ ଦିଅ, ବୁଣାକାରକୁ ସୂତା ଓ ଟଙ୍କା ଦିଅ, ମୁଲିଆକୁ ମଜୁରି ମିଳିବା ପାଇଁ ରାସ୍ତା, ପୋଖରୀ କାମ ଆରମ୍ଭ କର, ଏହା ଥିଲା ପ୍ରାଣନାଥଙ୍କର ଅନ୍ତିମ ପଦଯାତ୍ରାର ଆହ୍ୱାନ ଓ ଦାବୀ । ଜନସାଧାରଣଙ୍କ ଦୁଃଖ ଦୁର୍ଦ୍ଦଶାକୁ ନିଜେ ସ୍ୱଚକ୍ଷୁରେ ଦେଖିବା, ତା'ର ପ୍ରତିକାରର ବାଟ କାଢିବା, ସରକାରୀ ଘରର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବା ଓ ତା ନଭାଙ୍ଗିଲେ ଜନଜାଗରଣର ଅଭ୍ୟୁତ୍ଥାନ ଘଟାଇବା, ଏହା ଥିଲା ତାଙ୍କର ଆଦର୍ଶ । ଏ ପଦଯାତ୍ରାରେ କୃଷକ ଓ ଗ୍ରାମୀଣ ଜନସାଧାରଣଙ୍କର ଭାଗ୍ୟ ସହିତ ନିଜର ଭାଗ୍ୟକୁ ରୋଗାକ୍ରାନ୍ତ ପ୍ରାଣନାଥ ମିଶାଇ ଦେଇଥିଲେ । ଦିନକୁ ୬ ମାଇଲ ଚାଲି ଜନସାଧାରଣଙ୍କର ଅବସ୍ଥାର ଚକ୍ଷୁଷ ପ୍ରମାଣ ଘେନି ସେ ପଥ ଚାଲୁଥିଲେ ନିରନ୍ତର । ସନ୍ଧ୍ୟାରେ ଗାଁରେ କାହା ପିଣ୍ଡା, ଅଡ଼ଙ୍ଗ ବା ଚଉରା ଉପରେ ହେଉଥିଲା ଏହି ଅସାଧାରଣ ଭାବେ ସାଧାରଣ ଜନନେତାର ବିଶ୍ରାମ ଓ ଯତ୍ କିଞ୍ଚିତ ଖାଦ୍ୟ ଗ୍ରହଣ ! ଯାହାକୁ ଗ୍ରାସ୍‌ରୁଟ୍ ଷ୍ଟାଇଲ୍ ବା "ତୃଣାତ୍ମକ ଶୈଳୀର କାର୍ଯ୍ୟର ଏ ଥିଲା ନିଦର୍ଶନ । ବଡ଼ ବଡ଼ ଭୂମି ମାଲିକମାନେ କୋଠି ଅମାରରେ ଧାନ ଭର୍ତ୍ତିକରି ରଖିଛନ୍ତି । ବାହାର କରିବାର ପ୍ରଶ୍ନ ନାହିଁ । ବର୍ଷା ହେଲେ ଉଚ୍ଚ ଦାମରେ ବିକିବେ । ସେଠି ପ୍ରାଣନାଥ ନିବେଦନ କରୁଥିଲେ "ନିଜେ ଖାଅ, ଅନ୍ୟକୁ ଖୁଆଅ ।" ନିଜେ ବଞ୍ଚିଲେ ଦେଶ ବଞ୍ଚିବ ।" ତୁମର ଖାଲି କୋଠିରେ ସ୍ୱର୍ଣ୍ଣଧାନ୍ୟର ଲହର ଖେଳିବ । କେତେ ଅଳ୍ପ ଜାଗାରୁ ଏଥର ରେସ୍‌ପନ୍ସ ଆସିଲା । "ସରକାର କାହିଁକି ଶସ୍ତା ଚାଉଳ ଗୋଲା ହାଟ ବଜାରରେ ଖୋଲୁନାହାନ୍ତି ? ପାଣିର ବ୍ୟବସ୍ଥା କ'ଣ ? ଲୋକେ କ'ଣ ମରିଯିବେ ? କେତେ ଆକୁଳ ପ୍ରଶ୍ନର ଆବାଜ ଉଠାଇଛନ୍ତି ପ୍ରାଣନାଥ ବାବୁ । ସମସ୍ତ ଗଣଦାବୀକୁ ଏକତ୍ର ସମ୍ମିଳିତ କରି ସମବେତ ଦାବୀର ଉତ୍ତାଳ ତରଙ୍ଗ ବୁହାଇଛନ୍ତି । ମାତ୍ର କିଏ ଶୁଣୁଛି ? ଗଣତାନ୍ତ୍ରିକ ଉପାୟରେ ଗଣ ଅଭ୍ୟୁତ୍ଥାନର ତରଙ୍ଗ ଉଠାଇବାକୁ ହେବ ! ନାଁ ଏ ଶ୍ମଶାନର ନୀରବତାକୁ ଭାଙ୍ଗିବାକୁ ହେବ ! ତେଣୁ ମହାଯାତ୍ରାର ଆଦିପର୍ବ

Digitized by PPRACHIN, SOA

ଏ ପଦଯାତ୍ରା ! ହାୟ ଏପରି ପରିଣତି ହେବ ବୋଲି କିଏ ବା ଜାଣିଥିଲା ? କିଏ ଜାଣିଥିଲା ଏ ବଜ୍ର ପଡ଼ିବ ବିନା ମେଘରେ । ନାଁ ଜଣାଥିଲା ଏକଥା !

ସକାଳୁ ସାମାନ୍ୟ ଗିଲାସେ ମିଶିରିପାଣି ପିଇ ସେ ଚାଲୁଥିଲେ । ନୋଟ୍‌ବୁକ୍‌ରେ ସବୁ ଅଞ୍ଚଳର ବିଶେଷ ଅବସ୍ଥାର ବିବରଣୀ ରଖୁଥିଲେ । ରାସ୍ତାରେ ଚୁଡାଭଜା ଦୋକାନରୁ କିଛି ମିଳିଲେ, ମୁଠେ ପାଟିରେ ପକାଉଥିଲେ । ପେଟ ତାଙ୍କର କିଛି ଖାଦ୍ୟ ଗ୍ରହଣ କରିବାକୁ ନଥିଲା । ବିନା ରାଗ ମସଲାରେ ଯାହା ଖାଦ୍ୟ ମିଳୁଥିଲା ତାର ଦଶଭାଗରୁ ଭାଗେ ମାତ୍ର ସେ ଖାଇ ପାରୁଥିଲେ । ତାଙ୍କର ଚିରବନ୍ଧୁ, ଗରିବ ମଣିଷ ସହିତ ତାଙ୍କୁ ଏକାକାର କରିଥିବା ଖଇନି ମଧ୍ୟ ସେ ଭଲରେ ଖାଇ ପାରୁ ନଥିଲେ । ପେଟ ଅନ୍ତନାଳୀରେ କ୍ଷତ, ଅତୀତ ଦିନରେ ଶରୀର ଉପରେ ଅକଥନୀୟ ଅତ୍ୟାଚାରର ଫଳ । କୌଣସି ଏକ ଗାଁ ଏକ ସ୍ୱଚ୍ଛଳ ପରିବାରର ଝିଅ ବୋହୂମାନେ ପ୍ରାଣନାଥ ବାବୁଙ୍କ ପାଇଁ ଭଲ ଧରଣର ଖାଦ୍ୟ ଆଣିଥିଲେ । କେତେ ସ୍ନେହ, ଆଦର, ଭକ୍ତି ସେ ଖାଦ୍ୟ ଆଣିବାରେ ଥିଲା । କାହା ଦାଣ୍ଡ ଘରେ ପ୍ରାଣନାଥଙ୍କ ଉପବେଶନ । ଖାଦ୍ୟକୁ ସନ୍ତୋଷରେ ଚାହିଁଲେ । କହିଲେ, " ମା ମାନେ ଏ ଖାଦ୍ୟ ମୁଁ ଖାଇ ପାରିବିନି ! ତୁମ ଅଞ୍ଚଳର କେତେ କେତେ ଲୋକ ଅନାହାରରେ ରହୁଛନ୍ତି । ବୋଧେ ଉତ୍କଳମଣିଙ୍କ କବିତାଂଶକୁ ନିଜ ଭାଷାରେ କହୁଥିଲେ-: "କେତେ କେତେ ଚାଷୀ ଭଲ ଭଲ ଲୋକ । ନ ପାନ୍ତି ଦିବେଳା ପେଟପୂରା ତୋକ । ତା'ପରେ ସେ କହିଲେ, " ମା ମାନେ ମୁଁ ତ ଅଳ୍ପ ଖାଉଛି । ମୁଠେ ଗରମ ଭାତ ଓ ରାଗ ମସଲା ନଥିବା ସନ୍ତୁଳା ଆଣିଲେ ହୋଇଯିବ । ଆଉ ବେଶୀ କିଛି ନୁହେଁ । ଛଳ ଛଳ ଆଖିରେ ଝିଅମାନେ ଫେରିଗଲେ । ପୁଣି ଆସିଲେ ବରାଦ ମୁତାବକ ଖାଦ୍ୟ ଧରି । ମାତ୍ର ପେଟରେ ଅବ୍ୟକ୍ତ ବେଦନା । ନାଁ ସେ କିଛି ତ ଖାଇ ପାରୁ ନାହାନ୍ତି । ମାତ୍ର ଦୁର୍ଗତ ଲୋକଙ୍କ କାମ ସେପରି ଚାଲିଛି । ଦୂର ଦୂରାନ୍ତରରୁ ମରୁଡ଼ି-ପ୍ରପୀଡ଼ିତ ଜନସାଧାରଣ ରହଣିସ୍ଥାନ ଓ ସଭାସ୍ଥଳରେ ଏକାଠି ହେଉଛନ୍ତି । ମାତ୍ର ସବୁରି ମୁହଁରେ ଆଶଙ୍କାର ଛାଇ । ବିଷୟ ତ ପ୍ରାଣବାବୁ ଠିକ୍ କହୁଛନ୍ତି, ମୁହଁରେ ପ୍ରସନ୍ନତାର ବିମଳ ଛଟା, ମାତ୍ର ବେଦନାକ୍ତ ଯେପରି ଶରୀର ! ଏପରି ଅବସ୍ଥାରେ ପ୍ରବଳ ଖରାରେ ପଦଯାତ୍ରା କରିବାଟା ଠିକ୍ ହେଲାନି କି ? ପୁଣି ବିଶ୍ରାମ ପାଇଁ ବ୍ୟବସ୍ଥା ଓ ପରିବେଶ ନାହିଁ । ଖୋର୍ଦ୍ଧା ଅଫିସରେ ଗୁଣ ବୁଢ଼ା ବିରକ୍ତ, "ତାଙ୍କୁ କିଏ ବୁଝାଇ ପାରିବ ? ମାତି ଯାଉଛନ୍ତି, ଲୋକଙ୍କ କାର୍ଯ୍ୟରେ । ଦେହ ଖରାପ ହେଲାଣି । ମାତ୍ର ଭୋକିଲା, ଅତ୍ୟାଚାରିତ ମଣିଷର ସଂଗ୍ରାମ କିଏ ଲଢ଼ିବ ? କିଏ ସାରା ଜୀବନର ଯାବତ୍ ବ୍ୟକ୍ତିଗତ ଦୁଃଖ କଷ୍ଟ ଯାତନାକୁ ପଛରେ ପକାଇ ନିରୀହ-ନିଷ୍ପେଷିତ ଭୋକୀ-ଶୋଷୀ ଓ ଦାରିଦ୍ର୍ୟ-ଦୁର୍ଭିକ୍ଷ ପ୍ରପୀଡ଼ିତ ଜନସାଧାରଣଙ୍କ ପାଇଁ ନିଜ ଦେହକୁ ମାଟିରେ ମିଶାଇଦେବ ? କିଏ ଅଛି !' କାହିଁ ସେ ଆଗୁଆନ୍ ଯୋଦ୍ଧା ! କଟକ ଜେଲ୍‌ରେ ଅନଶନ କରି ଜୀବନ ପାଇଁ ମୃତ୍ୟୁ ସହିତ ସଂଘର୍ଷ କରୁଥିବା ପ୍ରାଣନାଥବାବୁଙ୍କ କର୍ଣ୍ଣ କୁହରରେ ମନମୋହନ ମିଶ୍ରଙ୍କ ସେହି ପ୍ରାଣକମ୍ପନକାରୀ ସଂଗୀତ ପଂକ୍ତି ପ୍ରଳୟ ବଂଶୀ ଭଳି ବାଜି

Digitized by PPRACHIN, SOA

ଉଠୁଥିଲା । ମୋତେ କେତେ ଥର ସେ ପଂକ୍ତି ଆଣିବାକୁ କହିଥିବେ ସେ !'' ଜାଗ ଅନଶନ ବ୍ରତୀ ମୂର୍ଚ୍ଛାହତ କବିତାର ଉଦ୍ଦୀପ୍ତ ସେ ପଂକ୍ତି—ଆଗ୍ନେୟ ତାର ସ୍ୱର !

ଭୋକ ଅତ୍ୟାଚାରରେ ଶତ-ଖଡ୍ଗ ହାଣି

ଡାକେ ନିଷ୍ପେଷିତ ଜନତାର ବାଣୀ ।

ଭୋକ-ଅତ୍ୟାଚାର ଉପରେ କିଏ ହାଣିବ ଶତ ଶାଣିତ ଖଡ୍ଗ ! ତେଣୁ ଆଜି ଶାନ୍ତିର ପୂଜାରୀ, ନିରସ୍ତ୍ର ପ୍ରାଣନାଥ ବାବୁ ରୁଗ୍ଣ ଶରୀରରେ ସେନାପତି ହୋଇଛନ୍ତି । ସେହି ପଦଯାତ୍ରାସ୍ଥଳରୁ ପୁଣି ଖୋର୍ଦ୍ଧା କଲେଜକୁ ଚିଠି ଯାଉଛି ମାର୍ଗଦର୍ଶନର ପ୍ରତୀକାତ୍ମକ କବିତାକୁ ଫଳକରେ ରଖିବାକୁ । ଯାହାକୁ ଏକ ବର୍ଷଣମୁଖର ସନ୍ଧ୍ୟାରେ ହୁମାଠାରେ ସ୍କୁଲ, ହାଇସ୍କୁଲ ହଷ୍ଟେଲରେ ଲେଖିଥିଲେ ଓ ପଦଯାତ୍ରାବେଳେ ସାମାନ୍ୟ ମାଜି ଦେଇଥିଲେ । ପଦଯାତ୍ରାକୁ ହସ୍ତକ୍ଷେପ କରି ସମାପ୍ତି ପୂର୍ବରୁ ସାଙ୍ଗ କରିବାକୁ ସାଥୀମାନେ ବାଧ୍ୟ କଲେ । ପ୍ରସ୍ତୁତି ଚାଲିଲା କଲିକତା ଯିବାକୁ ।

ମାତ୍ର ପ୍ରାଣନାଥଙ୍କର ଅସୁସ୍ଥତାର ଖବର ଖୁବ୍ କମ୍ ସାଥୀ ଓ ବନ୍ଧୁ ଜାଣିଥିଲେ । ଅଧ୍ୟାପକ ରାଜକିଶୋର ରାୟଙ୍କ ଭାଷାରେ ପ୍ରାଣନାଥଙ୍କ ଜୀବନ ଥିଲା ''ତିଳ ତିଳ ନିଶେଃଷିତ ଯଜ୍ଞାହୁତିର ଜୀବନ ! ଗାଳ୍ପିକ ଅଖିଳ ମୋହନ ପଟ୍ଟନାୟକ ତାଙ୍କର ମୃତ୍ୟୁ ପରେ ଗଭୀର ଖେଦ ପ୍ରକାଶ କରି ଲେଖିଥିଲେ (ଶ୍ଳେଷ-ଅଭିମାନ ଭରା ଲେଖା) '' ଆଜି ଜାଣୁଚି ସେ ଖୋର୍ଦ୍ଧାକୁ ଭଲ ପାଉଥିଲେ ଓ ଖୋର୍ଦ୍ଧାର ରାସ୍ତାରେ ଚାଲି ଚାଲି ତାଙ୍କର ଆୟୁ କ୍ଷୟ କରୁଥିଲେ କିନ୍ତୁ ଏହା ପୂର୍ବରୁ ସମ୍ବାଦପତ୍ରରେ ମୁଁ ପଢ଼ିଚି କଟକ ବସ୍‌ଷ୍ଟାଣ୍ଡରେ ହଜିଥିବା ଚାକର ଓ କୌଣସି ହୋଟେଲରେ ମିଳିଥିବା ଚଷମା ସମ୍ବାଦ । ମୁଁ ପଢ଼ିଛି ବ୍ୟବସ୍ଥାପକମାନଙ୍କର ନିଜ ନିଜର ନିର୍ବାଚନମଣ୍ଡଳୀ ପାଇଁ ଶୋକାତୁର ବକ୍ତବ୍ୟ । ମୁଁ ପଢ଼ିଛି ନାଟ୍ୟଶାଳାରୁ ଧର୍ମ ସଂପ୍ରଦାୟର ଉଦ୍‌ଘାଟନ ଉତ୍ସବରେ ସମାଜର ବଡପଣ୍ଡାମାନଙ୍କର ବେଦରକରୀ ବିଜ୍ଞାପନ । କିନ୍ତୁ କୌଣସି ଦିନ ଜାଣିପାରି ନାହିଁ ପ୍ରାଣନାଥବାବୁଙ୍କ ଅସୁସ୍ଥ ହବାର ସମ୍ବାଦ । ତୀବ୍ର ଶ୍ଳେଷ ଓ ଅଭିମାନଭରା କଣ୍ଠରେ ପୁଣି ଅଖିଳ ମୋହନ ଉକ୍ତ ସ୍ମୃତିଚାରଣରେ କହିଛନ୍ତି, ''ପ୍ରାଣନାଥବାବୁ ଯେପରି ଥିଲେ ସମାଜର ଏକ ବେଦରକାରୀ ବ୍ୟକ୍ତିତ୍ୱ । ଯାହାଙ୍କର ଧର୍ମ ସମାଜସେବା - ଏକନିଷ୍ଠ ସଂଘ ଆନୁଗତ୍ୟ ଓ ଯାହାଙ୍କର ପ୍ରାପ୍ୟ କିଛି ସହାନୁଭୂତି । ମାତ୍ର ଜନତା ଓ ସଂଘ ପାଇଁ ପ୍ରାଣନାଥ ମୋଟେ ବେଦରକାରୀ ନଥିଲେ । ମାତ୍ର ସଂଘ ଆନୁଗତ୍ୟ ଛଡ଼ା ଦେଶ ଓ ଜନ ଆନୁଗତ୍ୟ ତାଙ୍କ ପାଇଁ ବଡ଼ କଥା ଥିଲା । ଛାତ୍ରସଂଘ ପାଇଁ ପ୍ରାଣନାଥ ମୋଟେ ବେଦରକାରୀ ନଥିଲେ । କଲିକତା ପି.ଜି. ହସ୍‌ପିଟାଲରୁ ସେ ଓଡ଼ିଶା ରାଜ୍ୟ ପାର୍ଟିକୁ ଚିଠି ଲେଖି ସେ ନିଜର ଆତ୍ମବିଶ୍ୱାସ ପ୍ରକାଶ କରିଥିଲେ ଯେ ଉତ୍ତର ପଶ୍ଚିମ ଓଡ଼ିଶାର ନୟାଗଡ଼ (ପୁରୀ ନୟାଗଡ଼ ନୁହେଁ) ଠାରେ, ଓଡ଼ିଶାର ଦ୍ୱିତୀୟ ଇସ୍ପାତ କାରଖାନା ନିଶ୍ଚିତ ଭାବେ ପ୍ରତିଷ୍ଠିତ ହେବ । ତା ପୂର୍ବରୁ କାରଖାନା ନେଇ ଓଡ଼ିଶା ବନ୍ଦ ହୋଇସାରିଥାଏ । ଭିବିଷ୍ୟତ ଉପରେ କି ପ୍ରତ୍ୟୟ ? ଆଶାର ଆଲୋକିତ ମଣିଷ ଥିଲେ

Digitized by PPRACHIN, SOA

ପ୍ରାଣନାଥବାବୁ । ପ୍ରାଣନାଥ ବାବୁଙ୍କର ସେହି ଏକ ପୃଷ୍ଠିଆ ଚିଠି । ୧୯୭୦ ନୂଆଦୁନିଆର ଭଗବତୀ ସଂଖ୍ୟାରେ ଅକ୍ଟୋବର ୨୩ ତାରିଖରେ ପ୍ରକାଶିତ ହୋଇଥିଲା, ତାକୁ ପାଠକେ ଖୋଜି ଖୋଜି ପଢ଼ିଥିଲେ । ଆହା ! ତାକୁ ଦେଖିବାକୁ ପ୍ରାଣନାଥ ଆଉ ନଥିଲେ । ଅକ୍ଟୋବରଟା କି ନିଦାରୁଣ ମାସ ! ଏହି ମାସର ୨୩ ତାରିଖରେ ୧୯୪୭ରେ ଓଡ଼ିଶାରେ ସାମ୍ୟବାଦୀ ଧାରାର ପ୍ରବର୍ତ୍ତକ ଭଗୀରଥ ଭଗବତୀ ବାବୁ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ପୁଣି ସେହି ନିଦାରୁଣ କାଳ ୧୯୭୦ ଅକ୍ଟୋବର ୫ ତାରିଖରେ ପ୍ରାଣନାଥ ମଧ୍ୟ ସେହି ରାସ୍ତାରେ ଚାଲିଲେ । ଜୀବନରେ ପ୍ରାଣନାଥ କେତେ ଜେଲ୍‌ଯାତ୍ରା, କେତେ ପୋଲିସ୍ ନିର୍ଯ୍ୟାତନା, କେତେ ଦିନ ଅନଶନ, କେତେ ସତ୍ୟାଗ୍ରହ ଓ କେତେ ପଦଯାତ୍ରା - 'ଲଙ୍ଗ ମାର୍ଚ୍ଚ' କରିଛନ୍ତି । ମାତ୍ର ଏହି ପଦଯାତ୍ରା ସତେ କ'ଣ ଥିଲା ମୃତ୍ୟୁର ପଦଯାତ୍ରା ! ତାଙ୍କର ଶରୀରର ଶିରା ଧମନୀରେ ଯେପରି ମୃତ୍ୟୁର ହିମବାହୀ କାଳଦୂତମାନେ ଦଉଡ଼ ଦେଉଥିଲେ । ମାତ୍ର ଜନସାଧାରଣଙ୍କର ବଞ୍ଚିବାର ଦାବୀକୁ ଉର୍ଦ୍ଧ୍ୱକୁ ଉଠାଇବା ପାଇଁ ପ୍ରାଣନାଥ ଜୀବନକୁ ଆହୁତି ଦେଇଥିଲେ ଆତ୍ମବଳୀର ଯଜ୍ଞବେଦୀରେ । ତାଙ୍କର ପ୍ରିୟସାଥୀ ବୈଦ୍ୟନାଥ ରଥଙ୍କ ଭାଷାରେ "ଆଖିଆ ଅପିଆ ଖଟି ଖଟି ପ୍ରାଣନାଥବାବୁଙ୍କ ସ୍ୱାସ୍ଥ୍ୟ ଭାଙ୍ଗି ଯାଇଥିଲା । ତାର ପରିଣତି ଯାହାହେବାର ହେଲା । କବି ପାଟଶାଣୀଙ୍କ ଭାଷାରେ "ମାନବିକତାର ଯଶୋଗାନ କରି ମୃତ୍ୟୁ ପର୍ଯ୍ୟନ୍ତ ମଣିଷ ପାଇଁ ଖୋର୍ଦ୍ଧା ପାଇଁ ଶ୍ରେଣୀ ସଂଗ୍ରାମ ପାଇଁ ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକଙ୍କର ଆତ୍ମୋତ୍ସର୍ଗ ଇତିହାସ ଭୁଲିପାରିବ ନାହିଁ । ଭଗବତୀ ଚାଲିଗଲେ ଦୁର୍ଗତ ମଣିଷ ପାଇଁ ରିଲିଫ ବଣ୍ଟନ ବେଳେ । ଆଉ ପ୍ରାଣନାଥ, ଚାଲିଗଲେ ସେହିପରି ଭୋକୀ-ଶୋଷୀ ମଣିଷ ପାଇଁ ପଦଯାତ୍ରା କରି । କେତେ ମେଳ ଏ ମୃତ୍ୟୁ ଭିତରେ ? ଦୁଃଖଦ ମାତ୍ର ଆତ୍ମମୟ ହୋଇଥିଲେ ଏହି ଦୁଇ ମହାଯୋଦ୍ଧା !!

ଏହି ଅନ୍ତିମ ଐତିହାସିକ ପଦଯାତ୍ରା ବେଳେ ପ୍ରାଣନାଥ କଲେଜର ଏକ ସ୍ମରଣିକା ବାହାର କରିବେ ଓ କୋଠରିଗୁଡ଼ିକ ବିଭିନ୍ନ ଜାତୀୟ ବୀରଙ୍କ ନାଁରେ ନାମିତ କରିବେ ବୋଲି ସ୍ଥିର କଲେ । ପଦଯାତ୍ରା ବେଳେ ସେଇକଥା ଲେଖି ପଠାଉଥାନ୍ତି । ପୁଣି କଲେଜର ଇତିହାସ ତାରି ଭିତରେ ଲେଖିଛନ୍ତି । କହୁଥିଲେ "ବଞ୍ଚିବା କି ନାହିଁ, ସବୁ ଲେଖା ହୋଇଯାଉ (ଅଧ୍ୟାପକ ଅବନୀ କୁମାର ବରାଳ) ତେଣୁ ପଦଯାତ୍ରା ବେଳେ ପ୍ରାଣନାଥ ବାବୁ ଜାଣୁଥିଲେ ଯେ ଆଉ ରହିବେ ନାହିଁ । ତେଣୁ ଜନସାଧାରଣଙ୍କୁ ଶେଷ ଥର ପାଇଁ ଦେଖିଯିବା ପାଇଁ ଏ ଅନ୍ତିମ ପଦଯାତ୍ରା !! "ଖୋର୍ଦ୍ଧାରେ ତାଙ୍କର ପଦଯାତ୍ରା, ଶେଷ ମୁହୂର୍ତ୍ତ ଯାଏ ସେ ଲୋକଙ୍କ ସହିତ ରହିଛନ୍ତି (ଗୁରୁଚରଣ ପଟ୍ଟନାୟକ) " ଶିଳାରେ ଘଷିଲେ ଚନ୍ଦନ'-ମନମୋହନ ବାବୁ ପ୍ରାଣନାଥବାବୁଙ୍କ ସମ୍ବନ୍ଧରେ ଯାହା ଲେଖିଛନ୍ତି ତାର ପ୍ରକୃତ ଅର୍ଥ ହେଲା ଗଣ ଆନ୍ଦୋଳନ ଶିଳା ଖଣ୍ଡ ଉପରେ ତାଙ୍କର ବ୍ୟକ୍ତିତ୍ୱ ଓ ଜୀବନ ଘୋରା ହୋଇ ସୁବାସ ପ୍ରକାଶିତ ହୋଇଛି, ମାତ୍ର ମୂଳ ଚନ୍ଦନକାଠ ଆଉ ନାହିଁ । ହଁ ପଦଯାତ୍ରା ପରେ ସେ ବାଧ୍ୟବାଧକତାରେ ଯେପରି କଲିକତା ଯାତ୍ରା କଲେ, ତାହା ଥିଲା ମହାଯାତ୍ରାର ପ୍ରଥମ ପାବଛ । ଯବନିକା ପଡ଼ିବାକୁ ବାକି ଥିଲା ।

Digitized by PPRACHIN, SOA

ପଦଯାତ୍ରାପରେ ସେ ସମ୍ପୂର୍ଣ୍ଣ ଅବଶ ହୋଇ ପଡ଼ିଲେ । ନିଜର ଅସୁସ୍ଥତା ସମ୍ପର୍କରେ ପତ୍ନୀ ମଞ୍ଜରୀ ଦେବୀ, ପିଲାମାନଙ୍କୁ କିମ୍ବା ପାର୍ଟିର ସାଥୀ ସହକର୍ମୀମାନଙ୍କୁ ସେ ବେଶୀ ଜଣାଉନଥାନ୍ତି । ନିଜେ ଡାକ୍ତରମାନଙ୍କ ପାଖରୁ ସ୍ୱାସ୍ଥ୍ୟ ପରୀକ୍ଷା କରାଉଥାନ୍ତି, କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ରୋଗର ସୂଚନା ମିଳୁନଥାଏ । ତା'ରି ଭିତରେ କମ୍ୟୁନିଷ୍ଟ ପାର୍ଟି ବୈଠକରେ ଯୋଗଦାନ, କଲେଜର ବିଭିନ୍ନ ସମସ୍ୟା ସମାଧାନ ଆଦି କାର୍ଯ୍ୟ ଚାଲିଥାଏ । ଗୋଟିଏ ଜାଗାରେ ବସିଯିବା ପରେ ସେଠୁ ଉଠିବା ତାଙ୍କ ପକ୍ଷରେ କଷ୍ଟକର ହୋଇ ଉଠିଲା ଏହି ଅସୁସ୍ଥତା ଭିତରେ ଦିନେ ଭୁବନେଶ୍ୱର ବସ୍‌ଷ୍ଟାଣ୍ଡରେ ତାଙ୍କର ଆଜୀବନ ସହଯୋଦ୍ଧା ପ୍ରିୟସାଥୀ ମୋହନ ଦାସଙ୍କ ସହିତ ସାକ୍ଷାତ ହୁଏ । ମୋହନ ବାବୁ ପ୍ରାଣନାଥଙ୍କ ଶୁଷ୍କ ମୁହଁ ଓ ନୈରାଶ୍ୟ-ଜନକ କଥା କେଇପଦ ଶୁଣି ସ୍ତମ୍ଭୀଭୂତ ହୋଇଯାଇଥିଲେ । ସେଦିନର ସେହି ସ୍ମୃତି ବର୍ଣ୍ଣନା କରି ସେ କହନ୍ତି- '' ତିରୋଧାନର ଅଳ୍ପ କେତେଦିନ ପୂର୍ବରୁ ରାଜଧାନୀର ବସ୍‌ଷ୍ଟାଣ୍ଡରେ ପ୍ରାଣନାଥ ବାବୁଙ୍କ ସଙ୍ଗେ ଦେଖା । ରୋଗର ଛାୟା ତାଙ୍କ ଶରୀରରେ ଉଙ୍କି ମାରି ଆସୁଥାଏ ।'' ଦେଖା ହେଲାମାତ୍ରେ ହସ ହସ ବଦନରେ ମୋ ଦେହପା' କୁଶଳ କଥା ପଚାରିଲେ । ମୁଁ ତାଙ୍କୁ ସେ ଶୁଷ୍କ ଓ ମଳିନ ଦେଖାଯାଉଛନ୍ତି, ପ୍ରଶ୍ନ କରିବାରେ ସେ ହସିଦେଇ କହିଲେ, ସବୁଦିନ କ'ଣ ଏକାଭଳି ଯାଏ ?'' ପ୍ରାଣନାଥ ବାବୁଙ୍କ ଉତ୍ତର ଶୁଣି ମୋର ଆଶଙ୍କା ହେଲା । ମୁଁ ଭାବିଲି ଯେଉଁ ପ୍ରାଣନାଥ ବାବୁ ଜୀବନରେ ଘୋର ସଙ୍କଟର ସମ୍ମୁଖୀନ ହୋଇ ସୁଦ୍ଧା କିଛି ନୁହେଁ ବୋଲି ଉଡ଼ାଇ ଦିଅନ୍ତି, ଦୁଃଖ ଓ ନୈରାଶ୍ୟକୁ ଯେ ହସରେ ଉଡାଇ ଦେବାରେ ଅଭ୍ୟସ୍ତ, ସେ ଆଜି ଏଭଳି କହିଲେ କାହିଁକି ? ଏବେ ସେ କଥାର ତାତ୍ପର୍ଯ୍ୟ ମୁଁ ବୁଝୁଛି !''

ଖୋର୍ଦ୍ଧା ଡାକ୍ତରଖାନା ସାମନାରେ ସେହି ନୁଆଁଣିଆ କୁଡ଼ିଆ ଘରେ ଜଣେ ମହାନ୍ ବିପ୍ଳବୀ ଜନନେତାର ଜୀବନ ଦୀପ ଲିଭି ଲିଭି ଆସୁଥିଲେହେଁ ବାହାର ଦୁନିଆର ଅଗଣିତ ଗୁଣମୁଗ୍ଧ ନରନାରୀ ତାହା ଜାଣିବାକୁ ସୁଯୋଗ ପାଇନଥିଲେ । ଏପରିକି ତାଙ୍କର ଅତିପ୍ରିୟ କମ୍ୟୁନିଷ୍ଟ ପାର୍ଟିର ଅଧିକାଂଶ ନେତା ଓ କର୍ମୀ ତାଙ୍କ ଗୁରୁତର ଅସୁସ୍ଥତା ସମ୍ପର୍କରେ ଜାଣିବାକୁ ପାଇଲେ ସେ ଚିକିତ୍ସା ପାଇଁ କଲିକତା ମହାନଗରୀକୁ ଯିବା ପରେ । ବାସ୍ତବରେ ପ୍ରାଣନାଥ ଅସୁସ୍ଥତା ସତ୍ତ୍ୱେ ଖୋର୍ଦ୍ଧା ମାଟିଛାଡ଼ି ଅନ୍ୟ କେଉଁଆଡ଼େ ଯିବା ପାଇଁ ଆଦୌ ଇଚ୍ଛୁକ ନଥିଲେ । ମାତ୍ର ଅପ୍ରେଲ ମାସରେ କଲିକତାରେ ରହୁଥିବା ତାଙ୍କର ବଡ଼ପୁଅ ପ୍ରଭାସ ଅନ୍ୟ କୌଣସି କାର୍ଯ୍ୟରେ ଓଡ଼ିଶା ଆସିଥିବା ବେଳେ ଅନ୍ୟମାନଙ୍କ ଠାରୁ ବାପାଙ୍କ ଦେହର ଅବସ୍ଥା ଜାଣି ବ୍ୟଥିତ ହୋଇ ପଡ଼ିଥିଲେ । ଖୋର୍ଦ୍ଧାରେ ତାଙ୍କର ଦେଖାଶୁଣା କରୁଥିବା ପ୍ରିୟ 'ଗୁଣ ଅଜା' ଓ କଲେଜ ପିଅନ ସଙ୍କଟାପନ୍ନ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବର୍ଣ୍ଣନା କରି ବାପାଙ୍କୁ ଅଧିକ ଉନ୍ନତ ଚିକିତ୍ସା ପାଇଁ ସାଙ୍ଗରେ କଲିକତା ନେଇଯିବାକୁ ପ୍ରଭାସଙ୍କୁ ଅନୁରୋଧ କରିଥିଲେ । ପ୍ରାଣନାଥ ମଙ୍ଗେ ସଙ୍ଗେ କଲିକତା ଯିବାପାଇଁ ରାଜି ହୋଇ ନଥିଲେ ମଧ୍ୟ ଖୋର୍ଦ୍ଧା କଲେଜ । କମ୍ୟୁନିଷ୍ଟ

Digitized by PPRACHIN, SOA

ପାର୍ଟିର କେତେକ ଜରୁରୀ କାର୍ଯ୍ୟ ସାରି ପରବର୍ତ୍ତୀ ସପ୍ତାହରେ କଲିକତା ଯିବେ ବୋଲି ପୁଅଙ୍କୁ ନିର୍ଭର ଜବାବ୍ ଦେଉଥିଲେ । ତଦନୁଯାୟୀ ତାଙ୍କର ଯିବା ପ୍ରସ୍ତୁତି ଆରମ୍ଭ ହୋଇଯାଇଥିଲା । ଯେଉଁଦିନ ପୁରୀ-ହାଓଡ଼ା ଏକ୍ସପ୍ରେସ୍‌ରେ କଲିକତା ଯିବାର କଥା, ସେଦିନ ସନ୍ଧ୍ୟାରେ ଭୁବନେଶ୍ୱରରେ ଭୀଷଣ ଝଡ଼ବର୍ଷା । ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ । ଚାରିଆଡ଼ କିଟିକିଟି ଅନ୍ଧାର । ତାରି ଭିତରେ ନିଜେ ଛତାଟିଏ ଧରି ରିକ୍ସା ଡାକି ରେଲଷ୍ଟେସନକୁ ବାହାରିଗଲେ । ସେଇଥିଲା ବୋଧହୁଏ ତାଙ୍କ ଜୀବନର ପ୍ରଥମ ଓ ଶେଷ ରିକ୍ସାଚଢା । ସମସ୍ତଙ୍କୁ କଥା ଦେଇ ଯାଇଥିଲେ- 'ଯେତେଶୀଘ୍ର ସମ୍ଭବ ଭଲ ହୋଇ ଫେରି ଆସିବି ।' ତେଣୁ ରେଲଷ୍ଟେସନ ପର୍ଯ୍ୟନ୍ତ ମଧ୍ୟ କାହାରିକୁ ଯିବା ପାଇଁ ସୁଯୋଗ ଦେଇନ ଥିଲେ । ତାଙ୍କ ପାଇଁ ଆଉ କେହି କଷ୍ଟ ନପାଆନ୍ତୁ—ଏହା ଥିଲା ଯାହାଙ୍କ ଜୀବନ ବ୍ରତ, ସେ ବା ଶେଷ ଦିନରେ କାହିଁକି କାହାକୁ କଷ୍ଟ ଦେବାକୁ ଯିବେ.... ? ବିକଟ ଚିତ୍କାର କରି ହାଓଡ଼ା ଏକ୍ସପ୍ରେସ କଲିକତା ଅଭିମୁଖେ ଛୁଟି ଚାଲିଲା । ପଛରେ ପଡ଼ି ରହିଲା ଆଜୀବନ ସଂଗ୍ରାମ ଓ ସାଧନାର କ୍ଷେତ୍ର ପ୍ରିୟ ଓଡ଼ିଶା ମାଟି ।

କଲିକତାରେ ପହଞ୍ଚିବା ପରେ ପୁଅଙ୍କ ଉଦ୍ୟମରେ ପ୍ରସିଦ୍ଧ ଚିକିତ୍ସା କେନ୍ଦ୍ର ପ୍ରେସିଡ଼େନ୍‌ସି ଜେନେରାଲ (ପି.ଜି.) ହସପିଟାଲରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା । ମାତ୍ର ଡାକ୍ତରମାନେ ପରୀକ୍ଷା କରି ଜାଣିଲେ ଯେ ଶରୀର ଉପରେ ଦୀର୍ଘଦିନ ଧରି ଅତ୍ୟାଚାର କରିବା ଫଳରେ ସେ ବହୁ ରୋଗରେ ଆକ୍ରାନ୍ତ । କିଡ଼୍‌ନି ସଙ୍କ୍ରମିତ, ହାଡ଼ ଦୁର୍ବଳ । ଫଳରେ ତୁରନ୍ତ ଅସ୍ତ୍ରୋପଚାର କରାଗଲା । କଲିକତାରେ ରୋଗଶଯ୍ୟାରେ ପଡ଼ିଥିବାବେଳେ ଓଡ଼ିଶା କମ୍ୟୁନିଷ୍ଟ ପାର୍ଟିର ତତ୍‌କାଳୀନ ସମ୍ପାଦକ ଦୁର୍ଗାଚରଣ ମହାନ୍ତି, ଦୀର୍ଘ ଦିନର ସହଯୋଦ୍ଧା ଗୁରୁଚରଣ ପଟ୍ଟନାୟକ, ବରିଷ୍ଠ ନେତା ସଦାନନ୍ଦ ମହାନ୍ତି, ଶ୍ରୀଚରଣ ବରାଳ, ଖୋର୍ଦ୍ଧା କଲେଜରେ ତାଙ୍କର ଏକାନ୍ତ ଅନ୍ତରଙ୍ଗ ଅବନୀ କୁମାର ବରାଳଙ୍କ ସମେତ ବହୁ ଅଧ୍ୟାପକ, ସାଥୀ, ସହକର୍ମୀ ତାଙ୍କୁ ଦେଖିବାକୁ ଯାଇଥିଲେ । ସମସ୍ତଙ୍କୁ ଦେଖି ସେ ଖୁବ୍ ଆନନ୍ଦିତ ହେଉଥିଲେ ଏବଂ ଓଡ଼ିଶା ବିଷୟ ପଚାରି ବୁଝୁଥିଲେ । ସମସ୍ତଙ୍କୁ ସେଇ ଗୋଟିଏ କଥା- "ଏଇ ଅପରେସନ୍‌ଟା ପରେ ସବୁଠିକ୍ ହୋଇଯିବ, ତା'ପରେ ଶୀଘ୍ର ବାହାରି ଯିବି । ଗଲେ ଏଖରା ଜାତ ମାହାଲ ଚାଷୀଙ୍କ ଆନ୍ଦୋଳନ ପୁଣି ଆରମ୍ଭ କରିବା । ଖୋର୍ଦ୍ଧାରେ ମୋତିଲାଲ ନେହେରୁ ବିଶ୍ୱବିଦ୍ୟାଳୟ ପ୍ରସ୍ତାବଟା ଭି.ଭି.ଗିରିଙ୍କ ପାଖକୁ ପଠାଇବି ।" ସଦାନନ୍ଦ ମହାନ୍ତିଙ୍କ ଭାଷାରେ "କି ଦୁର୍ଦ୍ଦମ ଆଶାବାଦୀ ସତେ ଏ ମଣିଷଟା" । ବିସ୍ମିତ ହୁଅନ୍ତି ସମସ୍ତେ । ଗୁରୁଚରଣ ବାବୁ ଦୁଇ ଦିନ କାଳ ତାଙ୍କ ଶଯ୍ୟା ପାଖରେ ବସି ଯେତେବେଳେ ବିଦାୟ ନିଅନ୍ତି, ପ୍ରାଣନାଥଙ୍କ ଆଖିରେ ଲୁହ । କୋହ ସମ୍ଭରଣ କରି ନପାରି ହାତ ଧରି ପକାଇ କହିଲେ-"ବାଉ, ତୁ କ'ଣ ଆଉ ଆସିବୁନି ? ତୁ ଯା'ନା । ଆହୁରି ଅନେକ କଥା ତୋତେ କହିବାକୁ ଅଛି ।" ଜୀବନରେ ତାଙ୍କ ସହ ସେହି ଶେଷ ଆଲୋଚନାକୁ ମନେ ପକାଇ ଗୁରୁଚରଣ ପଟ୍ଟନାୟକ କହନ୍ତି- "୧୯୩୦ ମସିହାରେ କଟକ ସ୍ୱରାଜ୍ୟ ଆଶ୍ରମରେ ଯେଉଁ ଦିନ ପ୍ରାଣନାଥ

Digitized by PPRACHIN, SOA

ବାବୁଙ୍କ ସହ ପ୍ରଥମ ସାକ୍ଷାତ, ସେ କଟକ ରେଭେନ୍‌ସା କଲେଜ ଛାଡ଼ି ଆସିଥାନ୍ତି । ଆଉ ମୁଁ ସ୍କୁଲ ଛାଡ଼ି ଆସିଥାଏ । ମୋତେ ଆକଟ କରି କହିଥିଲେ- 'ତୁମେ ପିଲା ଲୋକ, ସ୍କୁଲ ଛାଡ଼ି କାହିଁକି ଆସିଲ ? ସ୍କୁଲକୁ ଫେରିଯାଅ । ବଡ଼ ହେଲେ ବେଶୀ ପାଠପଢ଼ି ଆସିବ ।' ଯିଏ ସେଦିନ ମତେ ଫେରିଯିବା ପାଇଁ ତାଗିଦ୍ କରିଥିଲା, ସେ ଆଜି କହୁଛି- ବାଉ, ତୁ ମୋ ପାଖ ଛାଡ଼ି ଯାଆନା ।'' x x x(''ମାତୃଭୂମି''-୧୫-୧୦-୭୦ ପ୍ରବନ୍ଧ 'ସେଇ ମଣିଷ')

ଖୋର୍ଦ୍ଧାମାଟିକୁ ଫେରି ଆସିବା ପାଇଁ ତାଙ୍କର ପ୍ରାଣର ବ୍ୟାକୁଳତା ଦେଖି ୧୯୩୦ ଅକ୍ଟୋବର ମାସ ୧୫ ତାରିଖରେ କଲିକତାରୁ ଫେରିବାର ସମସ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଗଲା । କଲେଜର ଉପର ମହଲାରେ ଏକ କୋଠରିରେ ସେ ରହିବାର ବନ୍ଦୋବସ୍ତ କରାଗଲା । ଅବନୀ ବରାଳ ଓ ଅନ୍ୟମାନେ ତାଙ୍କ ଦେଖାଶୁଣା କରିବା ପାଇଁ ଆୟୋଜନରେ ଲାଗି ପଡ଼ିଲେ । ପ୍ରାଣନାଥ ସେହି ସମୟରେ ସାଥୀ ଗୋକୁଳ ମୋହନ ରାୟ ଚୂଡ଼ାମଣି, ପର୍ଶୁରାମ ପଦାତିକରାୟ ଓ ଅନ୍ୟମାନଙ୍କୁ ଲେଖିଥିବା ପତ୍ରରେ ଖୋର୍ଦ୍ଧାକୁ ୧୫ ତାରିଖରେ ଫେରୁଥିବା ବିଷୟ ଜଣାଇ ଦେଇଥିଲେ ପ୍ରାଣର ଆବେଗରେ । ଓଡ଼ିଶାରେ ସମସ୍ତେ ତାଙ୍କର ଆଗମନକୁ ଅପେକ୍ଷା କରି ରହିଥିବା ବେଳେ ବିନା ମେଘରେ ବଜ୍ରପାତ ଭଳି ଅକ୍ଟୋବର ୫ ତାରିଖ ସନ୍ଧ୍ୟା ଛ'ଟା ଦଶମିନିଟ୍‌ରେ ହଠାତ୍ ପ୍ରାଣନାଥଙ୍କ ଜୀବନଦୀପ ନିର୍ବାପିତ ହୋଇଗଲା । ସେଦିନ ମହାଷଷ୍ଠୀ । ଦଶହରା ଓ ଦୁର୍ଗାପୂଜା ପାଇଁ ସମଗ୍ର କଲିକତା ମହାନଗରୀ କୋଳାହଳମୁଖର । ପୂଜାମଣ୍ଡପଗୁଡ଼ିକ ନିକଟରେ ଉଲ୍ଲସିତ ଜନତାର ଭିଡ଼ । ସେତିକିବେଳେ ସମସ୍ତଙ୍କ ଅଜ୍ଞାତରେ ନିତାନ୍ତ କୋଳାହଳ ଶୂନ୍ୟ ଭାବରେ ଏକ ମହତ୍ ଆତ୍ମା ବିଲୀନ ହୋଇଗଲା ଧରାପୃଷ୍ଠରୁ । ଦେଶ ଓ ଦଶ ପାଇଁ ନିଜର ସମସ୍ତ ଜୀବନକୁ ତିଳ ତିଳ କରି ଉତ୍ସର୍ଗ କରିଥିବା ଓଡ଼ିଶାର ଜଣେ ବୀରଯୋଦ୍ଧା ସୁଦୂର କଲିକତାରେ ଶେଷ ଶଯ୍ୟାରେ ଶୋଇଗଲେ । ଯୌବନରେ ଯେଉଁ କଲିକତା ମହାନଗରୀରେ ଦିନେ ସେ ସାମ୍ୟବାଦର ମହାମନ୍ତ୍ରରେ ଦୀକ୍ଷିତ ହୋଇଥିଲେ, ଯେଉଁ ମାଟିଆ ବୁରୁଜ ଓ ଖିଦିରିପୁର ଡ଼କ୍‌ରେ ଓଡ଼ିଆ କୁଲି ମଜୁରିଆଙ୍କ ମଧ୍ୟରେ ଜାଗରଣ ଆଣିଥିଲେ, ସେହି ମାଟି ତାଙ୍କୁ ଶେଷ ଆଲିଙ୍ଗନ କରିବାକୁ ସତେ ଯେପରି ଅପେକ୍ଷା କରି ରହିଥିଲା ।

ମଧ୍ୟରାତ୍ରି ସୁଦ୍ଧା ଏହି ଦାରୁଣ ଦୁଃସମ୍ବାଦ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧା ସମେତ ସାରା ରାଜ୍ୟରେ ବିଦ୍ୟୁତ୍ ବେଗରେ ପ୍ରଚାରିତ ହୋଇଯାଇଥିଲା । ସେହି ରାତ୍ରିରେ ବଙ୍ଗଳା କମ୍ୟୁନିଷ୍ଟ ପାର୍ଟିର କେତେକ ସାଥୀ, ସହଯୋଗୀ, ପ୍ରବାସୀ ଓଡ଼ିଆ ଓ ଆତ୍ମୀୟ ସ୍ୱଜନଙ୍କ ଉପସ୍ଥିତିରେ ଗଙ୍ଗାନଦୀ କୂଳବର୍ତ୍ତୀ କେଓରତାଲା ଶ୍ମଶାନର ବିଦ୍ୟୁତ୍ ଚୁଲାରେ ତାଙ୍କର ଶେଷକୃତ୍ୟ ସମାପନ କରାଗଲା । ୬ ତାରିଖ ସକାଳେ ଖୋର୍ଦ୍ଧା ସହରରେ ସ୍ୱତଃସ୍ଫୂର୍ତ୍ତ ଭାବେ ବନ୍ଦ ପାଳିତ ହୋଇଥିଲା । ପ୍ରିୟତମ ନେତାଙ୍କ ସମ୍ମାନାର୍ଥେ ସମସ୍ତ ଦୋକାନବଜାର, ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା । ଖୋର୍ଦ୍ଧାର ସମସ୍ତ ବରିଷ୍ଠ ନାଗରିକ ଓ

Digitized by PPRACHIN, SOA

ସାଧାରଣ ଲୋକେ ଏକ ଶୋକ ପଟୁଆରରେ ସହର ପରିକ୍ରମା କରିଥିଲେ, ଯାହାର ନେତୃତ୍ୱ ନେଇଥିଲେ ରାଷ୍ଟ୍ରପତି–ପୁରସ୍କାରପ୍ରାପ୍ତ ପ୍ରବୀଣ ପ୍ରଧାନଶିକ୍ଷକ ଦିବ୍ୟସିଂହ ପଟ୍ଟନାୟକ । କମ୍ୟୁନିଷ୍ଟ ପାର୍ଟିର ଆହ୍ୱାନକ୍ରମେ ରାଜ୍ୟର ସର୍ବତ୍ର ସର୍ବଦଳୀୟ ଶୋକସଭାମାନ ଅନୁଷ୍ଠିତ ହେଲା । କଟକ ଟାଉନ୍‌ହଲ୍‌ରେ ଆୟୋଜିତ ବିରାଟ ଶୋକସଭାରେ ଦଳମତ ନିର୍ବିଶେଷରେ ରାଜ୍ୟର ବହୁ ନେତୃସ୍ଥାନୀୟ ବ୍ୟକ୍ତି, ଯେପରି ଉଚ୍ଛ୍ୱସିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ, ତାହା କ୍ୱଚିତ୍ ଦେଖାଯାଏ । ରାଜ୍ୟର ଅଧିକାଂଶ ମୁଖ୍ୟ ସମ୍ବାଦପତ୍ର ପ୍ରଥମ ପୃଷ୍ଠାରେ ଖୁବ୍ ପ୍ରାଧାନ୍ୟ ଦେଇ ଫଟୋ ସହ ତାଙ୍କର ବିୟୋଗ ସମ୍ବାଦ ପରିବେଷଣ କରିବା ସଙ୍ଗେ ସଙ୍ଗେ ସମ୍ପାଦକୀୟ ଅଗ୍ରଲେଖାରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କୌଣସି କ୍ଷମତା ବା ପଦ-ପଦବୀରେ ନଥାଇ ମଧ୍ୟ ତାଙ୍କର ଏକାଦଶାହ ତିଥିରେ ବହୁ ସମ୍ବାଦପତ୍ର ବିଶେଷାଙ୍କ ପ୍ରକାଶ କରିଥିଲେ । ପ୍ରାଣନାଥ ଜୀବନରେ ତାଙ୍କ ନାମରେ କୌଣସି ସ୍କୁଲ କଲେଜ ପ୍ରତିଷ୍ଠାକୁ ତୀବ୍ର ବିରୋଧ କରିଥିଲେ ମଧ୍ୟ ଖୋର୍ଦ୍ଧାର ଜନସାଧାରଣ କୃତଜ୍ଞତାର ନିଦର୍ଶନ ସ୍ୱରୂପ ତାଙ୍କର ମାନସ ସନ୍ତାନ ପ୍ରାଣପ୍ରିୟ ଖୋର୍ଦ୍ଧା କଲେଜକୁ 'ପ୍ରାଣନାଥ କଲେଜ' ନାମରେ ନାମିତ କରିବା ପାଇଁ ଶୋକସଭାରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନେଇଥିଲେ । ତାଙ୍କର ଏକାଦଶାହ ଦିନ ଏକ ବିରାଟ ଶୋଭାଯାତ୍ରାରେ ତାଙ୍କ ଚିତାଭସ୍ମ ଖୋର୍ଦ୍ଧା ସହରର ପରିକ୍ରମା କରି କଲେଜ ପ୍ରାଙ୍ଗଣକୁ ଆସିଥିଲା ଏବଂ କଲେଜର ମୁଖ୍ୟ ଅଟ୍ଟାଳିକା ସମ୍ମୁଖରେ ସସମ୍ମାନେ ତାହାକୁ ସମାଧିସ୍ଥ କରାଯାଇଥିଲା । ଏହି ସ୍ଥାନରେ କିଛି ଦିନ ପରେ ତାଙ୍କର ଏକ ବ୍ରୋଞ୍ଜ୍ ପ୍ରତିମୂର୍ତ୍ତି ସ୍ଥାପନ କରାଗଲା । ୧୯୪୫ ମସିହାରେ ପ୍ରାଣନାଥ ସ୍ଥାପନ କରିଥିବା ଜଟଣୀ ହାଇସ୍କୁଲ ପରବର୍ତ୍ତୀ ଅବସ୍ଥାରେ ଏକ ବଡ଼ ସରକାରୀ ହାଇସ୍କୁଲରେ ପରିଣତ ହେବା ସଙ୍ଗେ ସଙ୍ଗେ ଓଡ଼ିଶା ସରକାର ଏହାକୁ 'ପ୍ରାଣନାଥ ହାଇସ୍କୁଲ' ନାମରେ ନାମିତ କରିଛନ୍ତି । ଏଠାରେ ମଧ୍ୟ ତାଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତି ଓଡ଼ିଶାର ପୂର୍ବତନ ରାଜ୍ୟପାଳ ନୁରୁଲ୍ ହାସାନ୍‌ଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି । ସମୟ ଯେତିକି ଯେତିକି ଅତିକ୍ରାନ୍ତ ହେଉଛି, ପ୍ରାଣନାଥଙ୍କ ନିଷ୍କପଟ ବ୍ୟକ୍ତିତ୍ୱର ଝଲକ୍ ସେତିକି ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହେବାରେ ଲାଗିଛି । ତାଙ୍କର ଅନ୍ୟତମ ସହକର୍ମୀ ଚିନ୍ତାମଣି ପାଣିଗ୍ରାହୀଙ୍କ ଭାଷାରେ- "ମୃତ୍ୟୁ ପ୍ରାଣନାଥ ବାବୁଙ୍କୁ ଛୁଇଁ ଭୁଲ କରିଛି, କାରଣ ମୃତ୍ୟୁ ପରେ ସେ ଅଧିକ ପରିବ୍ୟାପ୍ତ ହୋଇଛନ୍ତି ।"

■■■

Digitized by PPRACHIN, SOA

ଚତୁର୍ଦ୍ଦଶ ଅଧ୍ୟାୟ

ସାହିତ୍ୟ, ସଂସ୍କୃତି ଓ ଶିକ୍ଷାର ଉଦ୍‌ଗାତା

ଓଡ଼ିଶା ଭଳି ଉନ୍ନତ ସଂସ୍କୃତିର ପାରମ୍ପରିକ ମୂଲ୍ୟବୋଧର ରାଜ୍ୟରେ ବିଭିନ୍ନ ଐତିହାସିକ କାରଣରୁ ଏକ ପଶ୍ଚାତ୍‌ଗତି ଓ ସ୍ଥାଣୁତା ସ୍ୱାଧୀନତା ପରବର୍ତ୍ତୀ କାଳର ଆସିଯାଇଥିଲା । ସ୍ୱାଧୀନତା ପରେ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ବିଭଙ୍ଗତା ଓ ଏହାକୁ ଅତିକ୍ରମ କରିବାର ରାସ୍ତା ବାଛି ନେବାରେ ନାନା ବିଭ୍ରାନ୍ତି ଆସିଥିଲା । ସାହିତ୍ୟ କ୍ଷେତ୍ରରେ ମଧ୍ୟ ତା'ର ପ୍ରତିଫଳନ ଘଟୁଥିଲା, ଯଦିଚ ସୃଜନଶୀଳ ଉନ୍ନତମାନର ସାରସ୍ୱତ ଧାରାର କ୍ଷୀଣ ସ୍ରୋତ ଓଡ଼ିଶାରେ ସେ କାଳରେ ପ୍ରବାହିତ ହେଉଥିଲା । ଅତୀତ ଦିନର, ବିଶେଷତଃ ମଧ୍ୟକାଳୀନ ସାହିତ୍ୟ ଓ ଆଧୁନିକ ଯୁଗର ସାହିତ୍ୟ ପ୍ରତି ଅନୁରାଗ ଶିକ୍ଷକ ସମାଜର ମନୋରାଜ୍ୟରେ ଭରି ରହିଥିଲା । ମାତ୍ର ତା'ର ଯଥାର୍ଥ ଅନୁଶୀଳନ, ଅଧ୍ୟୟନ ଓ ଆଲୋଚନା ଏକ ଗତାନୁଗତିକ ପଦ୍ଧତିରେ ଚାଲିଥିଲା । ପ୍ରସିଦ୍ଧ ଇଂରେଜୀ ଲେଖକ ମାଥ୍ୟୁ ଆର୍‌ନୋଲ୍ଡ କଦାଚିତ କହିଥିଲେ, "ସାହିତ୍ୟ ହେଉଛି ଜୀବନର ଆଲୋଚନା (Literature is criticism of Life)" ସେ କଥାକୁ ଓଡ଼ିଶାର ଅଧିକାଂଶ ଲେଖକ ତଥା ସାହିତ୍ୟସମାଲୋଚକ ଗ୍ରହଣ କରୁଥିଲେ । ଅନ୍ୟ ପକ୍ଷରେ ଓଡ଼ିଶାର ଅତୀତର ଗୌରବ ତଥା ବୀରତ୍ୱର ପ୍ରତୀକ କୃଷକଯୋଦ୍ଧା, ଯେଉଁମାନେ ଖୋର୍ଦ୍ଧା ଓ ଅନ୍ୟ ସ୍ଥାନମାନଙ୍କରେ ରହିଥିଲେ, ସେମାନଙ୍କୁ ପାଇକ ବିଦ୍ରୋହର ଦମନ କାଳରେ ନିଷ୍ଠୁର ଭାବରେ ଯନ୍ତ୍ରଣା ଦେଇ ସେମାନଙ୍କୁ ଓ ସେମାନଙ୍କର ବୀରତ୍ୱ ପୂର୍ଣ୍ଣ ସାଂସ୍କୃତିକ ପ୍ରକାଶ, ବୀରବାଦ୍ୟ ବାଦନ, ଯୁଦ୍ଧରେ ବ୍ୟବହୃତ ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ପ୍ରଦର୍ଶନକୁ ନିଷେଧ କରିଥିଲା । ଐତିହାସିକ ଖୋର୍ଦ୍ଧାମାଟିକୁ ଏତେ ତ୍ରସ୍ତ, ଅବଦମିତ କରି ରଖାଯାଇଥିଲା ଯେ, ସେମାନେ ଶାଣିତ ଅସ୍ତ୍ରଶସ୍ତ୍ରର ସାଂସ୍କୃତିକ ପ୍ରଦର୍ଶନ କରିବା ତ ଦୂରର କଥା, ଛଅ ଇଞ୍ଚର ଛୁରୀ ମଧ୍ୟ ବ୍ୟବହାର କରି ପାରୁନଥିଲେ । ପ୍ରତ୍ୟେକ ପାଇକର ଘରେ ପିତା, ପିତାମହ, ପ୍ରପିତାମହଙ୍କ ସମୟରେ ପାରମ୍ପରିକ ଅସ୍ତ୍ର ଶସ୍ତ୍ର

Digitized by PPRACHIN, SOA

କଳଙ୍କି ଲାଗି ପଡି ରହିଥିଲା । ପାଇକ ବୀରଙ୍କ ପାଟ କୀଟଦଷ୍ଟ ଓ ପାପରା ହୋଇ ଯାଇଥିଲା । ଖୋର୍ଦ୍ଧା ଜନସାଧାରଣଙ୍କୁ ପ୍ରାଣନାଥ ଏପରି ଜାଗରିତ କରିଥିଲେ ଯେ, ଏହାର ଗୁରୁଜଙ୍ଗ ପଡିଆରେ ୧୯୩୭ରେ ସଂଗଠିତ ଜନସମାବେଶ ପୂର୍ବର ଶୋଭାଯାତ୍ରାରେ ଖୋର୍ଦ୍ଧା ମାଟିର ପାଇକ ଯୁବକ ପୁରୁଣା ପାଟ ପିନ୍ଧି, ନିଜର ଘରେ ପଡିଥିବା ପୁରୁଣା ଅସ୍ତ୍ରକୁ ମାଜି ବୀର ବେଶରେ ନୃତ୍ୟଗୀତରେ ରାଜରାସ୍ତାକୁ ପ୍ରକମ୍ପିତ କରି ବିପୁଳ ପଟୁଆରରେ ବାହାରି ପଡିଥିଲେ । ଚମକପ୍ରଦ ଥିଲା ଏ ସଂବାଦ । ପୁନଶ୍ଚ ଖୋର୍ଦ୍ଧା କଲେଜ ପାଣ୍ଠିକୁ ଅର୍ଥ ଯୋଗାଡ ପାଇଁ ପ୍ରାଣନାଥ ଓଡିଶାର କଳାକାର ମାନଙ୍କର ଯେଉଁ ସାଂସ୍କୃତିକ ଉତ୍ସବ କଲିକତାର ମହାଜାତି ସଦନରେ କରାଇଲେ, ତାହା ଥିଲା ପ୍ରବାସୀ ଉତ୍କଳୀୟମାନଙ୍କ ପାଇଁ ସ୍ମରଣୀୟ ଘଟଣା । ମହାଜାତି ସଦନରେ ଏହି ପ୍ରଦର୍ଶନ ସରିବା ପରେ ସଂଗଠକମାନେ ଦେଖିଲେ ଯେ ଆୟକୁ ବ୍ୟୟ ବଳି ପଡିଛି । ମାତ୍ର ପ୍ରଫୁଲ୍ଲ ଚିତ୍ତରେ ପ୍ରାଣନାଥ କହିଥିଲେ ଯେ, କଲିକତା ମହାନଗରୀରେ ଓଡିଶାର ସଂସ୍କୃତିକୁ ପ୍ରଦର୍ଶନ କରିବା ଅପରିହାର୍ଯ୍ୟ ଥିଲା । ଆମ ପ୍ରଦେଶର ସମୃଦ୍ଧ କଳା ସଂସ୍କୃତିର ଏ ପ୍ରକାର ସମାରୋହ ଆହୁରି କରାଯିବ । ଏହା ହେଉଛି ତାଙ୍କର ନିଜ ରାଜ୍ୟର ସାଂସ୍କୃତିକ ମୂଲ୍ୟବୋଧ ପ୍ରତି ଅସୀମ ମମତାର ନିଦର୍ଶନ । ଆଜି ପ୍ରଦର୍ଶିତ ହେଉଥିବା ପାଇକ ଆଖଡା, ବୀରବାଦ୍ୟ, ନୃତ୍ୟର ପ୍ରଦର୍ଶନ ପ୍ରାଣନାଥ ବାବୁ ସଂଗଠିତ କରିଥିଲେ ୧୯୩୭ରୁ ।

ବ୍ରିଟିଶ୍ ଶାସନ କାଳରୁ ପ୍ରାଣନାଥ ବାବୁ ଅନୁଭବ କରିଥିଲେ ଯେ ଓଡ଼ିଶାର ଶିକ୍ଷାର ପଶ୍ଚାତ୍‌ପଦତା ବିପୁଳ ଐତିହ୍ୟଭରା ରାଜ୍ୟର ଜନସାଧାରଣଙ୍କର ଅଧିକାଂଶ କୁସଂସ୍କାର, ଅନ୍ଧବିଶ୍ୱାସ, ନିରକ୍ଷରତା, ଜନତାକୁ ସଢ଼ାଇ ମାରୁଛି । ତାଙ୍କ ନିଜ ଗ୍ରାମ ଡିମିରିରେ ଅଛବଶ୍ରେଣୀ ଓ ଗ୍ରାମ୍ୟ ଗରିବ ଜନସାଧାରଣ ଶିକ୍ଷାବିନା ଯେପରି ଦାରିଦ୍ର୍ୟ ଓ ଜ୍ଞାନର ଆଲୋକଠାରୁ ଦୂରରେ ଥିଲେ, ତାଙ୍କୁ ଏହା ବାଲ୍ୟକାଳରୁ ପୀଡା ଦେଉଥିଲା । କିପରି ଏହି ଅନ୍ଧାର ଘୁଞ୍ଚିବ, ଏହାଥିଲା ପ୍ରଶ୍ନ । ସେହିକାଳୁ ସେ ଖୋର୍ଦ୍ଧା ମାଟିରେ ଶିକ୍ଷାର ବିକାଶ ସାଧନ କରିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ । ଶିକ୍ଷାର ଅଂଜନ ଗରିବ, ନିପୀଡିତ ଜନ ସାଧାରଣଙ୍କୁ ଶିକ୍ଷିତ କରିବା ସାଙ୍ଗକୁ ନିଶ୍ଚେଷ୍ଟତା-ଅନ୍ଧକାରକୁ ଦୂର କରିବ ଓ ଚେତନଶୀଳତାର ଏକ ଉଜ୍ଜ୍ୱଳ ମଶାଲ ଜାଳିଦେବ, ଏହା ଥିଲା ତାଙ୍କର ବିବେଚନା । ଏହାର ଫଳଶ୍ରୁତି ସ୍ୱରୂପ ବ୍ରହ୍ମପୁର ଜେଲରୁ ଖଲାସ ହୋଇ ଜଟଣୀ ଠାରେ ଏକ ହାଇସ୍କୁଲ ଓ ୧୯୫୯ରେ ଖୋର୍ଦ୍ଧାରେ ଏକ କଲେଜ ନିର୍ମାଣ ପାଇଁ ମନପ୍ରାଣ ଢାଳି ଦେଇଥିଲେ । ଓଡିଶାରେ ଶିକ୍ଷାର ପ୍ରସାର କ୍ଷେତ୍ରରେ ତାଙ୍କର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଶିକ୍ଷାକୁ ସେ ସାମାଜିକ ପରିବର୍ତ୍ତନ ମାଧ୍ୟମ ରୂପେ ଗ୍ରହଣ କରିଥିଲେ । ସେହିପରି ସାହିତ୍ୟକୁ ସମାଜର ବାହକ ରୂପେ ପ୍ରକାଶ କରି ଯାଇଛନ୍ତି ।

ଏହି ସାମାନ୍ୟ କଥନ ପରେ ଆମେ ତାଙ୍କର ସାରସ୍ୱତ କୃତି ଓ ଶିକ୍ଷା କ୍ଷେତ୍ରରେ ସ୍ମରଣୀୟ ଅବଦାନକୁ ବିଶେଷ ଭାବେ ଆଲୋଚନା କରିବା । ୧୯୩୬ରେ 'ଝିଙ୍କ'

Digitized by PPRACHIN, SOA

ଗଳ୍ପର ଲେଖକ ଭଗବତୀ ଚରଣଙ୍କ ନେତୃତ୍ୱରେ ଗଠିତ ନବଯୁଗ ସାହିତ୍ୟ ସଂସଦ ଓ ପ୍ରଗତିଶୀଳ ସାରସ୍ୱତ ଆନ୍ଦୋଳନ ସମ୍ବନ୍ଧରେ ପ୍ରାଣନାଥ ସମସ୍ତ ଖବର ରଖିଥିଲେ । ବିପ୍ଳବୀ କବି ଅନନ୍ତ ପଟ୍ଟନାୟକ ତାଙ୍କର ଅନବଦ୍ୟ କବିତା, "ନବୀନ ଯୁଗର ତରୁଣ ଜାଗରେ ଜାଗ ବନ୍ଧନ ହର", ଯାହା ମାଳତୀ ଚୌଧୁରୀଙ୍କ କଣ୍ଠରେ ସଂସଦର ପ୍ରାରମ୍ଭ ଉତ୍ସବରେ ଝଂକୃତ ହୋଇଥିଲା, ତାହା ପ୍ରାଣନାଥଙ୍କୁ ତନ୍ଦ୍ରାଚ୍ଛନ୍ନ କରିଥିଲା । ରାଜ୍ୟ କୃଷକ ସଭାର ଗଠନ କାଳରେ କବି ଅନନ୍ତ ପଟ୍ଟନାୟକଙ୍କର "ଜୀବନ ଧରି ହେ ଢ଼ାଳିଲୁ ରକ୍ତ ତୋଳିଲୁ ସଉଧ ମାଳା" ସଂଗୀତ ସେ ନିବିଷ୍ଟ ଭାବେ ଶୁଣିଥିଲେ । କବି ମନମୋହନ ମିଶ୍ରଙ୍କ କବିତାର ସାଙ୍ଗୀତିକ ମୂର୍ଚ୍ଛନା ବିଭିନ୍ନ ଜେଲରେ ତାଙ୍କର ପ୍ରିୟଥିଲା । ଗୁରୁଚରଣ ପଟ୍ଟନାୟକଙ୍କ ମନନଶୀଳ ପ୍ରବନ୍ଧ ଓ ପଡୋଶୀ ରାଜ୍ୟର କ୍ରାନ୍ତିକାରୀ ଲେଖା ତାଙ୍କର ପ୍ରିୟ ଥିଲା । ନିରୋଳା ବେଳେ ବିଦଗ୍ଧ ପତ୍ନୀ ମଂଜରୀ ଦେବୀଙ୍କ ସହିତ ସେ ସାହିତ୍ୟ ଆଲୋଚନା କରୁଥିଲେ । ଏକ ସାଂସ୍କୃତିକ ପୁନଃଜାଗରଣ ଆଣିଥିଲା ପ୍ରଗତି ଯୁଗ । କବି ସଚ୍ଚି ରାଉତରା ତାଙ୍କର ଅନ୍ତରଙ୍ଗ ଥିଲେ ।

ଆସନ୍ତାକାଲିର ସାହିତ୍ୟ—ସାହିତ୍ୟ ଆଲୋଚନାରେ ଏକ ମାଇଲଖୁଣ୍ଟ

ପ୍ରାଣନାଥଙ୍କ ହୃଦୟ ଯେ ସାହିତ୍ୟ ସଂସ୍କୃତିର ନିର୍ଯ୍ୟାସରେ ପରିପୂର୍ଣ୍ଣ ଥିଲା, ତାର ସୂଚନା ମିଳିଥିଲେ ହେଁ ୧୯୫୫ରେ ତାଙ୍କର କଲିକତାରେ ଅବସ୍ଥାନ କାଳରେ ସେ 'ଆସନ୍ତାକାଲି'ର ସଂପାଦକ ରାମଚନ୍ଦ୍ର ହରିଚନ୍ଦନ ଓ ଅନ୍ୟ ବନ୍ଧୁମାନଙ୍କ ଦ୍ୱାରା ଅନୁରୁଦ୍ଧ ହୋଇ ମାସ ପରେ ମାସ ସେହି ବହୁଳ ପ୍ରସାରିତ ସାହିତ୍ୟ ପତ୍ରିକାରେ 'ଆସନ୍ତାକାଲିର ସାହିତ୍ୟ' ଶୀର୍ଷକ ପ୍ରବନ୍ଧ ଲେଖିଚାଲିଲେ । ସେ ସବୁ ପ୍ରବନ୍ଧ ଏକତ୍ରିତ ହୋଇ ସାହିତ୍ୟ ଆଲୋଚନା ଗ୍ରନ୍ଥ ରୂପେ ୧୯୭୦ ଅଗଷ୍ଟ ମାସରେ କଲିକତାରୁ ପ୍ରକାଶିତ ହେଲା । ଓଡିଆ ସାହିତ୍ୟ ବିଶେଷତଃ ମାର୍କ୍ସବାଦୀ ଦୃଷ୍ଟିକୋଣରୁ ଲିଖିତ ବୈଜ୍ଞାନିକ ଗବେଷଣାତ୍ମକ ପ୍ରବନ୍ଧକୁ ଓଡିଆ ସାହିତ୍ୟର ଇତିହାସରେ ଏକ ମାଇଲଖୁଣ୍ଟ ରୂପେ ପରିଗଣନା କରାଯାଏ । ସମାଜବାଦୀ— ଦୃଷ୍ଟିକୋଣର ଆଧାରରେ ଲିଖିତ "ଆସନ୍ତା କାଲିର ସାହିତ୍ୟ"କୁ ଆଡେଇ ଦେଇ ପ୍ରଗତି ଯୁଗର ସାହିତ୍ୟକୁ ଆଲୋଚନା କରାଯାଇପାରିବ ନାହିଁ । ତାଙ୍କର ମୃତ୍ୟୁପରେ ଆଜି ମଧ୍ୟ ଓଡିଆ ସାହିତ୍ୟର ବରିଷ୍ଠ ସମାଲୋଚକମାନେ ଉକ୍ତ ଯୁଗର ଆଲୋଚନା କଲାବେଳେ ପ୍ରାଣନାଥ ବାବୁଙ୍କ ପୁସ୍ତକରେ ପ୍ରକାଶିତ ସୁଚିନ୍ତିତ ମନ୍ତବ୍ୟ ତଥା ଆଲୋଚନାକୁ ଉଦ୍ଧାର କରନ୍ତି । ଶାଣିତ ଯୁକ୍ତିସମ୍ମତ ଚିନ୍ତାଧାରର ସ୍ୱଚ୍ଛନ୍ଦ ପ୍ରକାଶରେ 'ଆସନ୍ତାକାଲିର ସାହିତ୍ୟ' ହେଉଛି ଉର୍ଜ୍ଜସ୍ୱଳ । ବିଗତ କାଳର ଦାସ ଯୁଗୀୟ, ସାମନ୍ତ ବାଦ ଓ ଧନତାନ୍ତ୍ରିକ ଯୁଗର ସାହିତ୍ୟର ସମାଲୋଚନା କଲାବେଳେ ସେ ଅତୀତ ଦିନର ଶାଶ୍ୱତ ମୂଲ୍ୟବୋଧର ସାହିତ୍ୟ ପ୍ରତି ଅବିଚାର କରିନାହାନ୍ତି । କୃତଜ୍ଞତା ଜ୍ଞାପନର ଆରମ୍ଭରେ ପ୍ରାଣନାଥ କହିଛନ୍ତି– "ଆସନ୍ତାକାଲିର ସାହିତ୍ୟ ହିଁ ପ୍ରଗତିଶୀଳ ସାହିତ୍ୟର ସ୍ୱରୂପ, ଯାହାକି ବିଗତ କାଲିର ସାହିତ୍ୟ ଠାରୁ ଓ ଆଜିର ସାଧାରଣ ସାହିତ୍ୟଠାରୁ ସ୍ୱତନ୍ତ୍ର ଏବଂ ଆମ ସମାଜରେ ତାହାର ସ୍ୱତନ୍ତ୍ର ଭୂମିକା ରହିଛି ।" ମାତ୍ର ନିଜ ଲେଖାରେ

Digitized by PPRACHIN, SOA

ବିଭିନ୍ନ ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ବ୍ୟବସ୍ଥାର ସାହିତ୍ୟରେ କିପରି ପ୍ରତିଫଳନ ଘଟିଛି, ତାର ବିଶ୍ଳେଷଣ ଛ' ଗୋଟି ନିବନ୍ଧରେ କରିଛନ୍ତି । ରାଜନୈତିକ କାମଦାମ ଓ ନିର୍ବାଚନର ଚାପରେ ପ୍ରାଣନାଥ ବାବୁ ଆଉ ଲେଖିପାରିନଥିଲେ । ବିଶ୍ୱ ସାହିତ୍ୟ, ବିଶେଷତଃ ଆନ୍ତର୍ଜାତିକ ସମାଜବାଦୀ ସାହିତ୍ୟ ସମ୍ବନ୍ଧରେ ଆଲୋଚନା କରିବା ତାଙ୍କର ଅଭିପ୍ରାୟ ଥିଲା । ୧୯୭୦ ମସିହାରେ ଚିକିତ୍ସା ଉଦ୍ଦେଶ୍ୟରେ କଲିକତାରେ ରହିବା ବେଳେ ଶାରୀରିକ ଯନ୍ତ୍ରଣା ଭିତରେ ମଧ୍ୟ ସେ ଆନ୍ତର୍ଜାତିକ ସମାଜବାଦୀ ସାହିତ୍ୟ ସମ୍ବନ୍ଧରେ ଆଲୋଚନା କରିବାର ଅବକାଶ ପାଇଲେ । ତେଣୁ ତାଙ୍କର 'ଆସନ୍ତାକାଲି' ପତ୍ରିକାରେ ବାହାରି ଥିବା ଛ'ଟି ଅଧ୍ୟାୟ ପୁସ୍ତକର ୮୮ ପୃଷ୍ଠା ପର୍ଯ୍ୟନ୍ତ ସ୍ଥାନ ପାଇବା ପରେ ଅନ୍ୟ ଅଂଶ ପୂର୍ବାର୍ଦ୍ଧ ଓ ପଶ୍ଚିମାର୍ଦ୍ଧ ଭାବେ ପରିଗଣନା କରାଯାଇପାରେ । ମାତ୍ର ଏସବୁ ସତ୍ତ୍ୱେ ତାଙ୍କର ସ୍ୱଚ୍ଛ ଚିନ୍ତାଧାରା ଯୋଗୁଁ ପାର୍ଥକ୍ୟ ବାରିହୁଏ ନାହିଁ । ସଂହତି ରକ୍ଷା କରି ସେ ଓଡ଼ିଆ ସାହିତ୍ୟର ଆଲୋଚନା କରିବା ସହିତ ସମାଜବାଦୀ ବିଶ୍ୱ ସାହିତ୍ୟର ଆଲୋଚନା କରିଛନ୍ତି ।

ପ୍ରାଣନାଥ ବାବୁଙ୍କ ସାହିତ୍ୟ ଆଲୋଚନାର ପଦ୍ଧତି ଓ ରୀତି ଅଣପାରମ୍ପରିକ ଥିଲା । ମାର୍କ୍ସବାଦର ଦ୍ୱନ୍ଦ୍ୱାତ୍ମକ ଚିନ୍ତାଧାରାର ପଦ୍ଧତିରେ ସେ କଳା ଓ ସାହିତ୍ୟର ବିଚାର କରୁଥିଲେ । ଶ୍ରମ ହେଉଛି ସକଳ ସୃଷ୍ଟି, କଳା, ସାହିତ୍ୟ ଓ ସ୍ଥାପତ୍ୟର ରୂପାୟନର ମୂଳକଥା ବୋଲି ସେ କହିଛନ୍ତି । ବିଭିନ୍ନ ସମାଜରେ ବିଦ୍ୟମାନ ସଂସ୍କୃତି ଓ ସାହିତ୍ୟକୁ ସେ ଯୁଗରେ ଥିବା ଉତ୍ପାଦନ ପ୍ରଣାଳୀ ଓ ଉତ୍ପାଦନ ସମ୍ପର୍କ ସଂପୃକ୍ତ ସମାଜର ସମସ୍ତ ପ୍ରକାର ରାଜନୈତିକ ଅନୁଷ୍ଠାନ, କଳା, ସାହିତ୍ୟ ଓ ସଂସ୍କୃତିର ଜନ୍ମଦାତା । ସେହି ଉତ୍ପାଦନ ପ୍ରଣାଳୀ ଆଦିମ କମ୍ୟୁନିଜମ୍ ସମାଜରୁ ସମାଜବାଦୀ ସମାଜ ପର୍ଯ୍ୟନ୍ତ– ବଢ଼ିଚାଲିଛି । ନିର୍ଦ୍ଦିଷ୍ଟ ଯୁଗରେ ଥିବା ଅର୍ଥନୀତି ରାଜନୀତିକୁ ପରିଚାଳିତ କରେ ଓ ସେଥିରୁ ଶ୍ରେଣୀଦର୍ଶନ ଜନ୍ମଲାଭ କରେ ଓ ବିକଶିତ ହୁଏ । ସେହି ଶ୍ରେଣୀ ଦର୍ଶନ ଅନୁସାରେ ଶ୍ରେଣୀ ସାହିତ୍ୟ ସୃଷ୍ଟିହୁଏ । ଏହି ଉପଲବ୍ଧି ଅନୁସାରେ ସେ ଓଡ଼ିଆ ସାହିତ୍ୟରେ ରହିଥିବା ବିଭିନ୍ନ ଶ୍ରେଣୀର ବିଭାଗ କରିଛନ୍ତି ଓ ନିର୍ଦ୍ଦିଷ୍ଟ ଯୁଗୀୟ ସାହିତ୍ୟର ବିଶ୍ଳେଷଣ କରିଛନ୍ତି । ସୁନ୍ଦର ଭାବେ ସେ ଆଲୋଚନାର ପର୍ଯ୍ୟାୟକୁ ନିର୍ଦ୍ଧାରଣ କରିଛନ୍ତି । ନିଜର ଦାର୍ଶନିକ ଆଭିମୁଖ୍ୟକୁ ବଜାୟ ରଖିବା ସଙ୍ଗେ ସଙ୍ଗେ ବିଭିନ୍ନ ଯୁଗୀୟ ସାହିତ୍ୟର ପରିଚୟ ଦେଉଥିବା କବିତାର ଅସଂଖ୍ୟ ଉଦ୍ଧୃତି ଦେଇ ନିଜର ସାରସ୍ୱତ ବକ୍ତବ୍ୟକୁ ଉପସ୍ଥାପନ କରିଛନ୍ତି । "ସାହିତ୍ୟ ସମାଜର ବାହନ" ଏହି ଅଧ୍ୟାୟର ପ୍ରାରମ୍ଭରେ ପ୍ରାଣନାଥ କହିଛନ୍ତି– "କଳା ସାହିତ୍ୟ ପ୍ରଭୃତି ସମାଜର ଓ ସଂସ୍କୃତିର ଆଧାର ଏବଂ କୌଣସି ଗୋଟିଏ ଜାତିର ତୁଳନାତ୍ମକ ପ୍ରାଣସ୍ପନ୍ଦନର ନିଦର୍ଶନ x x x x ସଂପୃକ୍ତ ସମାଜର ପରିବର୍ତ୍ତନ ସଙ୍ଗେ ସଙ୍ଗେ ତାହାର ବାହକ ଏହି ସଂସ୍କୃତିର ଆଧାର ଗୁଡ଼ିକର ରୂପ ଓ ନିର୍ଯ୍ୟାସର ପରିବର୍ତ୍ତନ ହୁଏ ।" ଆସନ୍ତାକାଲିର ସାହିତ୍ୟରେ ଲିପିବଦ୍ଧ ଏସବୁ ବିଭବ ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନାରୁ ତାଙ୍କ ଲେଖାର ସମ୍ପୂର୍ଣ୍ଣ ଝଲକ ଦିଆଯାଇ ପାରୁନାହିଁ ।

Digitized by PPRACHIN, SOA

ନୂତନ ସମାଜର ସାହିତ୍ୟ 'ଆସନ୍ତାକାଲିର ସାହିତ୍ୟ' ପ୍ରସଙ୍ଗରେ ଆଗେଇବା ପୂର୍ବରୁ ଲେଖକ ବିଗତ ଯୁଗର ସାହିତ୍ୟର ପ୍ରତିକ୍ରିୟାଶୀଳ ଦିଗ ଓ ପ୍ରଗତିଶୀଳ ଦିଗ ଉଭୟର ସମ୍ବନ୍ଧରେ ଆଲୋଚନା କରିଛନ୍ତି । ରାଜତନ୍ତ୍ର-ସାମନ୍ତତନ୍ତ୍ରରେ ସାହିତ୍ୟ ରାଜାରାଣୀର ଜୟଗାନ କରେ ଏବଂ ସେମାନଙ୍କ ଦିଗ୍‌ବିଜୟ ପ୍ରଭୃତିର ବର୍ଣ୍ଣନାରେ ପ୍ରାଚୀନ କାଳର ସାହିତ୍ୟ ଭରପୂର । ରାଜାଙ୍କର ମନ ପରିତୋଷକ ନହେଲେ ତାହା ସାହିତ୍ୟ ପଦବାଚ୍ୟ ହେଉନଥିଲା । ପୁରୁଣା ସମାଜର ସାମନ୍ତବାଦୀ ବ୍ୟବସ୍ଥାର ନିଗଡ କାଟିବା ପାଇଁ ଫରାସୀ ବିପ୍ଳବ ପୂର୍ବରୁ ତାର ପୁନାଦି ଉପରେ ପୁଞ୍ଜିବାଦୀ ସମାଜ ଗଠନ ପାଇଁ ରୁଷୋ, ଭଲଟେୟାର୍ ନୂତନ ଜାତୀୟବାଦୀ ଚିନ୍ତାଧାରାର ସୂତ୍ରପାତ କରିଥିଲେ– ତାହାବି ପ୍ରାଣନାଥ ଉଲ୍ଲେଖ କରିଛନ୍ତି । ସମାଜର ସ୍ତରଭେଦରେ ସାହିତ୍ୟର ଗତି ନିୟନ୍ତ୍ରିତ ହୁଏ ଓ ପୁରାତନ ଚିନ୍ତାଧାରା ସହିତ ନୂତନର ସଂଘର୍ଷ ହୁଏ । ପ୍ରାଚୀନ କାଳର ସାହିତ୍ୟ ଦେବଦେବୀଙ୍କ ମାହାତ୍ମ୍ୟ, ସେମାନଙ୍କପ୍ରେମ, ଯୁଦ୍ଧ ଓ ବିଭିନ୍ନ ଅଲୌକିକ କାହାଣୀରେ ଭରା । ଓଡ଼ିଆ ସାହିତ୍ୟରେ ରୀତିଯୁଗରେ ରାଧାକୃଷ୍ଣ ପ୍ରେମକୁ ଦୀନକୃଷ୍ଣ ଓ ଅଭିମନ୍ୟୁ ଯେପରି ପ୍ରକାଶ କରିଛନ୍ତି, ପ୍ରାଣନାଥ ତାର ସୂଚନା ଦେଇଛନ୍ତି । ପ୍ରାଚୀନ ସମୃଦ୍ଧ ସଂସ୍କୃତ ସାହିତ୍ୟକୁ ସେ "ଗଣସାହିତ୍ୟ ନୁହେଁ, ଜଣ ସାହିତ୍ୟ ବା ସମ୍ଭ୍ରାନ୍ତ ବଂଶୀୟ ସାହିତ୍ୟ" ନାମରେ ଅଭିହିତ କରିଛନ୍ତି । ଶୋଷିତ ଶ୍ରେଣୀ ଦୃଷ୍ଟିକୋଣ (cleam outlook)ରୁ ସାହିତ୍ୟର ଏପରି ସାହସିକ ବିଶ୍ଳେଷଣ ଓଡ଼ିଆ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଆଗରୁ ଆସିନଥିଲା । ଆସନ୍ତାକାଲିର ସାହିତ୍ୟ ଥିଲା ମାର୍କ୍ସବାଦୀ ଦର୍ଶନ ଓ ତତ୍ତ୍ୱ ଉପରେ ଆଧାରିତ । ସାମାନ୍ତବାଦୀ ଯୁଗରେ ସଂସ୍କୃତ ସାହିତ୍ୟ ଠାରୁ ଓଡିଆ ସାହିତ୍ୟ ପର୍ଯ୍ୟନ୍ତ ସର୍ବତ୍ର ଶୃଙ୍ଗାର ରସର ଆଧିକ୍ୟ ଉପରେ ଆଲୋଚନା କରି ଏହା ଦୋଷଦୁଷ୍ଟ ବୋଲି କହିବା ସଙ୍ଗେ ସଙ୍ଗେ କାଳିଦାସ, ଶ୍ରୀହର୍ଷଙ୍କ ଠାରୁ ଆରମ୍ଭ କରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବି ଦୀନକୃଷ୍ଣ, ଅଭିମନ୍ୟୁ ସାମନ୍ତ ସିଂହାର ପ୍ରମୁଖଙ୍କ କବିତାର ଉଦ୍ଧାର କରିଛନ୍ତି । ମାତ୍ର ସଂସ୍କୃତ ସାହିତ୍ୟ ଠାରୁ ଅଲଗା କରି ସ୍ୱକୀୟ ଭାଷାରେ ଉପମା, ଯମକ, ଅଳଙ୍କାର ଓ ଶବ୍ଦ ସୌଷ୍ଠବ ସଂଗୀତ ମାଧ୍ୟମରେ ଭରି ଦେଇ ମଧ୍ୟଯୁଗୀୟ କବିମାନେ ଯେଉଁ ସୃଷ୍ଟି ସମ୍ଭାର ରଖିଯାଇଛନ୍ତି, ତାହାର ପ୍ରଶଂସା କରିଛନ୍ତି ପ୍ରାଣନାଥ । ଏ ଚିରନ୍ତନ ଅବଦାନର ଅନୁସରଣ କରି ସୃଷ୍ଟି ହୋଇଛି ପରବର୍ତ୍ତୀ କାଳର ସାହିତ୍ୟ ।

ମାତ୍ର ସାମନ୍ତବାଦୀ ଯୁଗର ପ୍ରବଳ ପ୍ରଭାବ ମଧ୍ୟରେ ସେକ୍ସପିୟରଙ୍କ ଭଳି କବି "ମାର୍ଚ୍ଚାଣ୍ଟ ଅଫ୍ ଭେନିସ" ଓ "ଟ୍ରାଜେଡି ଅଫ୍ କରିଲେନ୍‌ସ" ଓ "ଅଥେଲୋ" ପ୍ରଭୃତି ନାଟକରେ ବିତ୍ତଶାଳୀର ଆମାପ ଲୋଭ ଓ ଅତ୍ୟାଚାର ବିରୋଧରେ ଶୋଷିତ ଜନ ସାଧାରଣଙ୍କର ବିଦ୍ରୋହକୁ ଯେପରି ଚିତ୍ରଣ କରିଛନ୍ତି, ତାହା ତାଙ୍କୁ ସାହିତ୍ୟ ଦରବାରରେ ଉଚ୍ଚ ଆସନ ଦେଇଛି ବୋଲି ସେ କହିଛନ୍ତି । ପୁନଶ୍ଚ ଶୂଦ୍ରମୁନି ଶାରଳା ଦାସଙ୍କ ମହାଭାରତ ସାମନ୍ତବାଦୀ ଯୁଗର ସାହିତ୍ୟ ହୋଇଥିଲେ ହେଁ ସେ ଥିଲେ ସମାଜ

Digitized by PPRACHIN, SOA

ଚିତ୍ରର ନିପୁଣ ଚିତ୍ରକର । ସାମାଜିକ ଚିତ୍ର ଫୁଟାଇବାରେ ଏହା କେତେଦୂର ସଫଳ ହୋଇଛି, ତାହା ଆଣିଛନ୍ତି ପ୍ରାଣନାଥ ଆଲୋଚନା ପ୍ରସଙ୍ଗରେ । ସାରଳା ମହାଭାରତରେ ଯୁଧିଷ୍ଠିରଙ୍କୁ ଭୀଷ୍ମଙ୍କ ପରାମର୍ଶ ହେଉଛି ଲୋକାଭିମୁଖୀ ସାହିତ୍ୟର ନିଦର୍ଶନ ।

ସାମନ୍ତବାଦ ପରେ ପୁଞ୍ଜିବାଦ୍ ଓ ସାମ୍ରାଜ୍ୟବାଦର ଯେଉଁ ପ୍ରଭାବ ସମାଜ କ୍ଷେତ୍ରରେ ଆସିଛି, ତାର ପ୍ରତିଫଳନ ଘଟିଛି ସାହିତ୍ୟରେ । ପ୍ରାଣନାଥଙ୍କ ଭାଷାରେ କୌଣସି ସାହିତ୍ୟ ତାର ଆର୍ଥିକ ସ ରାଜନୈତିକ ଅବସ୍ଥାରୁ ମୁକ୍ତ ହେବା ମସ୍ତବଡ ଭୁଲ ହେବ । ପୁଞ୍ଜିବାଦରୁ ଜାତୀୟ ବାଦର ଜନ୍ମ, ତେଣୁ ପୁଞ୍ଜିବାଦୀ ଯୁଗର ସାହିତ୍ୟରେ ଜାତୀୟବାଦ ପ୍ରବେଶ କରିଛି ଓ ପ୍ରକାଶ ପାଇଛି । ଏ ସଂକ୍ରାନ୍ତରେ ପ୍ରାଣନାଥ ରାଧାନାଥ ରାୟଙ୍କ 'ମହାଯାତ୍ରା', 'ଭାରତ ଗୀତିକା' ଓ 'ଦରବାର' ପ୍ରଭୃତି କାବ୍ୟକବିତାରେ ପ୍ରକାଶିତ ଜାତୀୟବାଦୀ ଚେତନାର ପ୍ରଶଂସା କଲାବେଳେ, ବ୍ରିଟିସ୍ ସାମ୍ରାଜ୍ଞୀ ମାତା ଭିକ୍ଟୋରିଆ ଓ "ସୁନୀଳ ସାଗରେ ରାଜେ ଶ୍ୱେତଦ୍ୱୀପ, ଅଜେୟ ଜଗତେ ନାମ ବ୍ରିଟାନିଆ" ଇତ୍ୟାଦି ପଦାବଳୀରେ ପ୍ରକାଶିତ ଦାସ ମନୋଭାବର ସମାଲୋଚନା କରିଛନ୍ତି । ସେହିପରି ଭକ୍ତ କବି ମଧୁସୂଦନଙ୍କ ଭାରତ ବନ୍ଦନା "ତୁହିମା ଜନମଭୂମି, ପବିତ୍ର ଭାରତ ଭୂମି" କବିତାର ଉଚ୍ଚ ପ୍ରଶଂସା କଲାବେଳେ ମାତା ଭିକ୍ଟୋରିଆଙ୍କ ନାମରେ ଶୋକ ଗୀତିକାକୁ ସମାଲୋଚନା କରିଛନ୍ତି । ତାଙ୍କ ଲେଖନୀମୁନରେ ପ୍ରଶଂସିତ ହୋଇଛନ୍ତି ବ୍ୟାସକବି ଫକୀରମୋହନ । "ଗଦ୍ୟ ସାହିତ୍ୟ ମଧ୍ୟରେ ଉପନ୍ୟାସ ଜରିଆରେ ସ୍ୱର୍ଗୀୟ ଫକିର ମୋହନଙ୍କ ସାହିତ୍ୟ ସାମନ୍ତବାଦ ଓ ଅମଲାତନ୍ତ୍ରର ନଗ୍ନ କାଳିମା ବିରୋଧରେ ଏକ ଶକ୍ତିଶାଳୀ ଆଲୋକମାଳା । ଆଉ ମଧ୍ୟ ପ୍ରଶଂସିତ ହୋଇଛନ୍ତି ସ୍ୱଭାବକବି ଗଙ୍ଗାଧର ମେହେର ପ୍ରକୃତି ଚିତ୍ରଣ, ପଦ୍ୟର ଲାଳିତ୍ୟ ଓ ଉପମାର ସୌଷ୍ଠବ ପାଇଁ । ମାତ୍ର ମାତ୍ରାଧିକ ଭାବେ ପ୍ରାଚୀନ କାଳରେ ଓ ରୀତିଯୁଗରେ ପ୍ରେମନାମରେ ଯୌନତା ଚିତ୍ରଣକୁ ସାମନ୍ତବାଦୀ କଳାଚେତନାର ବାହକ ବୋଲି ପ୍ରାଣନାଥ ବାବୁ ସ୍ପଷ୍ଟଭାବେ ପ୍ରକାଶ କରିଛନ୍ତି ।

ପ୍ରାଣନାଥଙ୍କ ଦୃଷ୍ଟି ଓଡିଆ ସାହିତ୍ୟରେ ପ୍ରବଳ ଜାତୀୟବାଦୀ ସ୍ରୋତରେ ଉତ୍କଳମଣି ଗୋପବଂଧୁଙ୍କ ସାହିତ୍ୟଠାରୁ । ଏହି ଜାତୀୟବାଦର ପ୍ରଭାବ ଉତ୍କଳମଣି ଗୋପବଂଧୁ, ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, କାନ୍ତକବି ଲକ୍ଷ୍ମୀକାନ୍ତ, ଜାତୀୟକବି ବୀରକିଶୋର, ବାଞ୍ଛାନିଧି, କୁନ୍ତଳାକୁମାରୀ, କବି କୃଷ୍ଣମୋହନ ଇତ୍ୟାଦି ଲେଖକମାନଙ୍କ ଉପରେ ପଡିଥିଲା । ଏହା ଉପରେ "ଆସନ୍ତାକାଲିର ସାହିତ୍ୟ"ର ଅନେକ କବିତା ଉଦ୍ଧୃତ ହୋଇଛି ।

ଆସନ୍ତାକାଲିର ସାହିତ୍ୟ ଭାବେ ପ୍ରାଣନାଥ ନେଇଛନ୍ତି ପ୍ରଗତିଶୀଳ ସାହିତ୍ୟକୁ ଯାହାର ମୁଖ୍ୟ ଦୁଇ ଉପାଦାନ ହେଲା– ଆଧାର ଓ ଆଧେୟ । "ଯେଉଁ କ୍ଷେତ୍ରରେ ବିଗତ ସାହିତ୍ୟର ଉଭୟ ଆଧାର ଓ ଆଧେୟ ଉଚ୍ଚକୋଟୀର ଓ ଲୋକମୁଖୀ, ତାହା ଅପେକ୍ଷାକୃତ ପ୍ରଗତିଶୀଳ ଓ ଗଣସାହିତ୍ୟ ପଦବାଚ୍ୟ" x x xପୁନଶ୍ଚ "ସାମାଜିକ

Digitized by PPRACHIN, SOA

ଶୋଷଣ ଓ ଅତ୍ୟାଚାର ବିରୋଧରେ ସଂଗ୍ରାମ କରିବା, ସମାଜଶତ୍ରୁକୁ ନିପାତ କରିବା ଓ ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ରୂପ ଦେବା ଓ ପ୍ରଗତିଶୀଳ ସମାଜ ପ୍ରତିଷ୍ଠା କରିବା ପାଇଁ ଯେଉଁ ସାହିତ୍ୟ ଯେଉଁ ସମାଜର ଯେଉଁ ସ୍ତରରେ ଓ ଯେଉଁ ପରିପ୍ରେକ୍ଷୀରେ ଆହ୍ୱାନ ଦେଇଛି, ସେ ସାହିତ୍ୟ ନିଶ୍ଚୟ ଯୁଗେ ଯୁଗେ ପ୍ରଗତିଶୀଳ ସାହିତ୍ୟ ପଦବାଚ୍ୟ, ଏଥିରେ ସନ୍ଦେହ ନାହିଁ। ତେଣୁ ବିଭିନ୍ନ ଚିନ୍ତାଧାରାରେ ସାହିତ୍ୟ ପୁରୁଣା ଓ ନୂଆ ଚିନ୍ତାଧାରାର ସାହିତ୍ୟ ମଧ୍ୟରେ ସଂଘର୍ଷ ଚାଲିବ।'' ସାମନ୍ତବାଦୀ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସାହିତ୍ୟ ମଧ୍ୟରେ ଯେଉଁ ପ୍ରଚଣ୍ଡ ସ୍ୱର କବି ଘନଶ୍ୟାମ ମହାନ୍ତିଙ୍କ ଦଶହରା ଭେଟି ଓ ଶ୍ରୀନିବାସ ମିଶ୍ରଙ୍କ କବିତାରେ ରହିଛି, ତାହାର ଦୁଇଟି ଉଦାହରଣ ଆସନ୍ତାକାଲିର ସାହିତ୍ୟରେ ଦେଇଛନ୍ତି। ପ୍ରାଣନାଥଙ୍କ ଭାଷାରେ ଆସନ୍ତା କାଲିର ସାହିତ୍ୟ ବିଷୟ ଆଲୋଚନା କଲାବେଳେ ଆଜିର ସାହିତ୍ୟ ନିଶ୍ଚୟ ଆଲୋଚନା ଭିତରକୁ ଆସିବ। ସମାଜର କଳା ସାହିତ୍ୟ ପ୍ରଭୃତି ତାହାର ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ପରିସ୍ଥିତିର ପ୍ରତିଛବି। ସେମାନେ ସ୍ୱାଧୀନ ଓ ଆତ୍ମପରିଚାଳିତ ନୁହଁନ୍ତି। ସେହି ଦୃଷ୍ଟିକୁ ଆଜିର ସାହିତ୍ୟରୁ - ଆଜିର ସମାଜର ଛବି ବୁଝାଯାଇ ପାରିବ ଓ କଳନା କରିହେବ। ସାହିତ୍ୟ ସମାଜ ବିପ୍ଳବର ଛାମୁଆଁ ବାହିନୀ ରୂପେ ଯୁଗେ ଯୁଗେ ପରିଚିତ। ପ୍ରାଣନାଥଙ୍କ ସାହିତ୍ୟାଦର୍ଶ ଅନୁସାରେ ''କଳା ଓ ସାହିତ୍ୟ ମଣିଷ ପାଇଁ ଓ ଜୀବନ ପାଇଁ। ତେଣୁ କଳା କଳା ପାଇଁ ବା ସାହିତ୍ୟ ସାହିତ୍ୟ ପାଇଁ ନୁହେଁ।'' ସେ ଆଧୁନିକ ଯୁଗର ବହୁ ପ୍ରତିନିଧି ସ୍ଥାନୀୟ କବିମାନଙ୍କ କବିତାର ବିଶଦ ଆଲୋଚନା କରି ଯେଉଁମାନଙ୍କ କବିତାରେ ଜାତୀୟବାଦୀ ସ୍ଫୁଲିଙ୍ଗ ଓ ଜୀବନଧର୍ମୀ ପ୍ରଗତିବାଦର ଝଲକ ରହିଛି, ସେମାନଙ୍କର ପ୍ରଶଂସା କରିଛନ୍ତି। ମାତ୍ର ଆଲୋଚନା ତୀକ୍ଷ୍ଣ ହେବା ସତ୍ତ୍ୱେ ତାହା ତାଙ୍କର ବକ୍ତବ୍ୟରୁ ପରିଷ୍କାର ଭାବେ ପ୍ରକାଶ ପାଇଛି। ପ୍ରାଣନାଥବାବୁ ଆସନ୍ତାକାଲିର ସାହିତ୍ୟରେ ସ୍ପଷ୍ଟ ମତ ପ୍ରକାଶ କରିଛନ୍ତି ଯେ ଆସନ୍ତା କାଲିର ସାହିତ୍ୟ ହେବ ସ୍ୱାଧୀନତା, ସାମ୍ୟ, ନ୍ୟାୟ ଓ ଭ୍ରାତୃତ୍ୱ ଉପରେ ପ୍ରତିଷ୍ଠିତ ସମାନ ବ୍ୟବସ୍ଥାର ମଙ୍ଗଳ ସଂଗୀତ। ସାହିତ୍ୟ ନିରୁଦ୍ଦେଶ୍ୟ ଭାବେ ଲେଖକର କେବଳ କଳ୍ପନାବିଳାସର ସାହିତ୍ୟ ହେବନାହିଁ। ଆସନ୍ତା କାଲିର ସାହିତ୍ୟରେ ସୃଜନଶୀଳ ସାରସ୍ୱତ ଶିଳ୍ପୀର ଲେଖନୀରେ ସମାଜର ପ୍ରତିଛବି ଫୁଟିଉଠିବ। ସାହିତ୍ୟ ମଣିଷ, ତାର ଜୀବନ ଓ ସମାଜ ଠାରୁ ବିଚ୍ଛିନ୍ନ ଏକ ସୂକ୍ଷ୍ମକଳା ହେବ ନାହିଁ। ତାହା ସମାଜ ପରିବର୍ତ୍ତନର ବାହକ ହେବ। ସାହିତ୍ୟିକ ହେବ 'ଆତ୍ମାର କାରିଗର'। ତେଣୁ ସାହିତ୍ୟର ଶାଶ୍ୱତ ଆବେଦନକୁ ଆଦର କରି ନୂତନ ଧାରାର ସାହିତ୍ୟ ସୃଷ୍ଟି କରିବାକୁ ହେବ। ଏହାହେଉଛି ଆସନ୍ତାକାଲିର ସାହିତ୍ୟର ମର୍ମବାଣୀ। ତାର ପ୍ରତି ପୃଷ୍ଠାରେ ପ୍ରାଣନାଥବାବୁଙ୍କର ଚିନ୍ତା ଓ ସାରସ୍ୱତ ଚେତନାର ଝଲକ ପ୍ରକାଶିତ।

ଏଠାରେ ପ୍ରସିଦ୍ଧ ଓଡ଼ିଆ କଥାକାର ଅଖିଳ ମୋହନ ପଟ୍ଟନାୟକଙ୍କର ପ୍ରାଣନାଥଙ୍କ ସାହିତ୍ୟିକ ଅଭିମୁଖ୍ୟ ସମ୍ବନ୍ଧରେ ଗୋଟିଏ ଘଟଣା କଥା ସ୍ମରଣରେ ଆସୁଛି। ମୃତ୍ୟୁର ପ୍ରାୟ ଦୁଇ ବର୍ଷ ପୂର୍ବରୁ ପ୍ରାଣନାଥ ବାବୁ ଖୋର୍ଦ୍ଧା କଲେଜ ସଂକ୍ରାନ୍ତରେ ଅଖିଳ ବାବୁଙ୍କ

Digitized by PPRACHIN, SOA

ଘରକୁ ଯାଇଥିଲେ । ଅଖିଳବାବୁଙ୍କୁ ହତବାକ୍ କରି ପ୍ରାଣନାଥ ବାବୁ କହିଲେ, "ତମର ଅମୁକ ଗପଟା ପଢ଼ିଲି– ଭଲ ହୋଇଛି । କିନ୍ତୁ ହେଲା କଣ ? ମୋ ପାଖରେ ତାପର ଗୋଟିଏ ମାତ୍ର ମାପ କାଠି । ତମେ ତୁମର ପ୍ରତିଭା ବା ଲେଖନୀ ଶୈଳୀ ଫଳରେ ଚାଷୀ ମୂଲିଆମାନଙ୍କୁ ଆଗେଇ ନେବାର କିଛି ଉପାଦାନ ଦେଇ ନାହଁ । ସେ ଦିଗରୁ ତମର ଗଳ୍ପ ମୋତେ ହତାଶ କଲା । ସେ ଆଧୁନିକ ସାହିତ୍ୟର ଧାରା ଓ ଗତିକୁ ସାବଧାନତା ସହ ଅଧ୍ୟୟନ କରୁଥିଲେ ଓ ତାହାର ସଫଳତା ବା ବିଫଳତା ବିଷୟରେ ସଂପୂର୍ଣ୍ଣ ଅବଧାନ ଥିଲେ ।

ପ୍ରାଣନାଥବାବୁ ଯେଉଁ ଅସୁମାରି ରାଜନୈତିକ ପ୍ରବନ୍ଧମାନ ଲେଖିଛନ୍ତି ସେଥିରେ ତାଙ୍କର ସାବଲୀଳ ସୁକୁମାର ସାହିତ୍ୟିକ ଶୈଳୀ ଓ ସରଳ ଭାଷାର ମାଧୁରୀ ଅନୁଭବ କରେ । ଏସବୁ ଛଡା ସେ ଭଗବତ୍ ଗୀତାର ସାମାଜିକ ଗୁରୁତ୍ୱ ଓ ଦୋଳଯାତ୍ରାର ଐତିହାସିକ ଓ ସାମାଜିକ ଗୁରୁତ୍ୱ ଉପରେ ଦୁଇଟି ପ୍ରବନ୍ଧ ଲେଖିଛନ୍ତି । କବିତା ଲେଖା ପ୍ରତି ତାଙ୍କର ପ୍ରବଳ ଅନୁରାଗ ଥିଲା, ମାତ୍ର ସେଥିପାଇଁ ସେ ସମୟ ପାଇନଥିଲେ । ମାତ୍ର ଖୋର୍ଦ୍ଧା କଲେଜର ପ୍ରବେଶ ପଥରେ ଏକ ଫଳକ ଉପରେ ତାଙ୍କର ଯେଉଁ କବିତାଟି ଲେଖାଯାଇଛି ତାହା ଏକ ଅମୂଲ୍ୟ ରତ୍ନ । କବିତାଟି ହେଲା:-

"ହେ ଅତିଥି, ହୁଅ ତୁମେ ଛାତ୍ର ଶିକ୍ଷାବ୍ରତ,
  ଅବା ବରେଣ୍ୟ ନାୟକ,
ସଧୀରେ ସଂଚାଳି ପାଦ, ସ୍ମର ବାରେ ଶିକ୍ଷାପ୍ରେମୀ
  ଦାତା, ସୁସାଧକ ।
ଯାହାଙ୍କ ରକତେ ଗଢ଼ା ଏହି ଉତ୍ସ–
ଝରାଇବ ସାମ୍ୟଯୁଗଧାରା,
ଭାବୀ ଶିକ୍ଷା ପତଙ୍ଗ ଜୀବନ ସଂଗ୍ରାମେ
  ସେହିଦେବ ପ୍ରଗତି ପସରା ।

ରାଧାନାଥୋତ୍ତର ସାରସ୍ୱତ ଯୁଗର ବିଶିଷ୍ଟ ତଥା ମଂଜୁଳ କବି କୃଷ୍ଣମୋହନ ପଟ୍ଟନାୟକଙ୍କର ବିକ୍ଷିପ୍ତହୋଇ ପଡିଥିବା, ଅନେକ କବିତା ଲୁପ୍ତ ଅବସ୍ଥାକୁ ଆସିଥିବା ବେଳେ ପ୍ରାଣନାଥବାବୁ ଗୀତିକବିତାର ବିଶିଷ୍ଟ କବି ପ୍ରଫେସର ଜାନକୀ ବଲ୍ଲଭ ମହାନ୍ତି (ଭରଦ୍ୱାଜ)ଙ୍କ ସହ ଯୁଗ୍ମ ସଂପାଦକ ଭାବେ ଯେଉଁ କାର୍ଯ୍ୟ କରିଯାଇଛନ୍ତି, ତାର ଫଳ ସ୍ୱରୂପ ପ୍ରାୟ ପଞ୍ଚଶତ ପୃଷ୍ଠାର "କୃଷ୍ଣମୋହନ ଗ୍ରନ୍ଥାବଳୀ ୧୯୬୬ ଦୋଳ ଉତ୍ସବ ବେଳେ ଆତ୍ମପ୍ରକାଶ କରିଅଛି । ଏହି ମହତ୍ କାର୍ଯ୍ୟରେ କୃଷ୍ଣମୋହନଙ୍କ ଦ୍ୱିତୀୟା କନ୍ୟା ମଂଜରୀ ଦେବୀଙ୍କର କମ୍ ଅବଦାନ ନଥିଲା । ଆଦ୍ୟ କାଳରେ ଆଦର୍ଶବାଦୀ ଯୁବକ କୃଷ୍ଣମୋହନ କଲିକତାରେ ଅରବିନ୍ଦ ପ୍ରମୁଖ "ବନ୍ଦେମାତରମ୍" ଆନ୍ଦୋଳନର ଦେଶଭକ୍ତଙ୍କ ସହ ସଂଯୋଗ ରଖି ବ୍ରିଟିଶ୍ ସାମ୍ରାଜ୍ୟବାଦ ବିରୋଧରେ ସମସ୍ତ ସଂଗ୍ରାମରେ ଭାଗ ନେବା ଅବସ୍ଥାରେ ପହଞ୍ଚିଲେ । ମାତ୍ର ଛିନ୍ନ ବିଚ୍ଛିନ୍ନ- ବିଖଣ୍ଡିତ ଓଡିଶା ତାଙ୍କୁ

Digitized by PPRACHIN, SOA

ଫେରାଇ ଆଣିଥିଲା । ସେ ଥିଲେ ପ୍ରାଣନାଥଙ୍କର ଶଶୁର ଚଣାହାଟର ଅଭିଜାତ ପରିବାର ଭିତରେ ଉନ୍ନତ ସାଂସ୍କୃତିକ ରୁଚିରେ ପରିବର୍ଦ୍ଧିତ । ଅସାମାନ୍ୟ ପ୍ରତିଭାର ଅଧିକାରୀ ଥିଲେ କୃଷ୍ଣମୋହନ । ଅପୂର୍ବ ଶବ୍ଦ ସମ୍ଭାର, ଭାବରାଜି ଓ ସାଂଗୀତିକତାରେ ଋଦ୍ଧିମନ୍ତ ଥିଲା ତାଙ୍କର ବିଭିନ୍ନ ଶ୍ରେଣୀର କବିତା । ବେଶ-ଭୂଷା, ବକ୍ତବ୍ୟ ଭିତରେ ଅଭିଜାତ ସୁଲଭ ସ୍ୱାଭିମାନ, ଉନ୍ନତ ରୁଚି ତାଙ୍କର ପ୍ରତିଭାବାନ୍ ବ୍ୟକ୍ତିତ୍ୱରେ ଫୁଟି ଉଠୁଥିଲା । ସ୍ନେହଶୀଳ, ବନ୍ଧୁପ୍ରେମୀ, ଉଦାରଚେତା ମଣିଷ ଓ ଏକ ମରମୀ ଦରଦୀ କବି ଥିଲେ କୃଷ୍ଣମୋହନ । ଦହିରେ ମହି ହେଲାଭଳି ସେ ଥିଲେ ସୁକଣ୍ଠ ଗାୟକ ଓ ନିଜର ସମସ୍ତ କବିତାର ସୁରକାର । ସାଂସ୍କୃତିକ ଶୂନ୍ୟତାରେ ଭରା ବିଖଣ୍ଡିତ ରାଜନୈତିକ ଓଡ଼ିଶା ଓ ପ୍ରବାସରେ କବି କୃଷ୍ଣମୋହନ ନିଜର କବିତାକୁ ସଂଗୀତ ରୂପରେ, ଏକ ହାରମୋନିୟମ୍‌ର ତାଳରେ ଯେତେବେଳେ ବୋଲୁଥିଲେ, ତାଙ୍କ ଚାରିପଟେ ହଜାର ହଜାର ସଂସ୍କୃତି-ସଙ୍ଗୀତ ପ୍ରେମୀ ବିଦଗ୍ଧ ଜନସାଧାରଣ ଘେରି ରହୁଥିଲେ । ଦିନେ ଦିନେ ନିଜର ସଂଗୀତ ବା କଳା ମୂର୍ଚ୍ଛନାରେ ଆତ୍ମହରା ହୋଇ କବି କୃଷ୍ଣମୋହନ ନିଜକୁ ହଜେଇ ପକାଉଥିଲେ । ସେ ଗୀତି କବିତା ଗୁଡ଼ିକରେ ସ୍ୱଦେଶପ୍ରେମ, ଦେଶର ସ୍ୱାଧୀନତାର ଅଭୀପ୍ସା, ଓଡ଼ିଶାର ଏକୀକରଣ, ଓଡ଼ିଆ ପ୍ରକୃତିର ଫଳଫୁଲଭରା ପ୍ରଦୋଷ, ଜୀବନ ଦର୍ଶନ, ଦୁଃଖସୁଖର ମଧୁର ସଂଗୀତ କୋକିଳର କୁହୁତାନ ଭଳି ଭାସି ଆସୁଥିଲା । ଓଡ଼ିଶାର ଜନସାଧାରଣଙ୍କର ସ୍ମୃତିକୋଷରେ ତାଙ୍କର ଅନେକ କବିତା ଖୁବ୍ ତାନରେ ସଂଜୀବିତ ରହିଥିଲା । ପ୍ରାଣନାଥ ବାବୁ ଓ ଅଧ୍ୟାପକ ମହାନ୍ତି ତାଙ୍କର କବିତାଗୁଡ଼ିକୁ ଗ୍ରନ୍ଥାବଳୀରେ "ବିବିଧ ଗୀତାବଳୀ, ଜାତୀୟ ସଂଗୀତ, ଶୋକୋଚ୍ଛ୍ୱାସ, ଭଜନ, ଶିଶୁ ସଂଗୀତ, କୁମାରୀ ସଂଗୀତ ଓ ଗାଥା ଗୀତିକା ଓ ବିବାହ ସଙ୍ଗୀତ- ଏହି ପରି ସାତ ଗୋଟି ପର୍ଯ୍ୟାୟ ଭୁକ୍ତ କରିଥିଲେ । କୃଷ୍ଣମୋହନଙ୍କର କେତେ ଈର୍ଷାକାତର ବନ୍ଧୁ କବିତା ଛପାଇବେ ବୋଲି ନେଇ ତାକୁ ମାଡ଼ି ବସିଥିଲେ । ଓଡ଼ିଶା ଦେଶରେ ଗୋଟେ ସାଂଘାତିକ ରୋଗ ଥିଲା ପରଶ୍ରୀକାତରତା ! ମାତ୍ର ନିର୍ଲିପ୍ତ ଥିଲେ କୃଷ୍ଣମୋହନ । ପ୍ରାଣନାଥ ବାବୁ ଏ ଲେଖକଙ୍କୁ ଧରି ଚାଲି ଚାଲି କୃଷ୍ଣମୋହନଙ୍କ କେତେ ବନ୍ଧୁଙ୍କ ଦ୍ୱାରସ୍ଥ ହୋଇ ନିରାଶ ହୋଇ ଫେରିଛନ୍ତି । ଶେଷକୁ ମଞ୍ଜରୀ ଦେବୀ, କୃଷ୍ଣମୋହନଙ୍କ ଅନ୍ୟ କନ୍ୟାଗଣ ପରିବାରର ପୁତୁରା ବିପ୍ଳବୀ କବି ଅନନ୍ତ ପଟ୍ଟନାୟକ ଓ ରାମାରଞ୍ଜନ ମହାନ୍ତିଙ୍କ ଅନ୍ୟ ବନ୍ଧୁମାନଙ୍କ ଠାରୁ ମିଳିଥିବା କବିତାଗୁଡ଼ିକୁ ଏକାଠି କରି ଗ୍ରନ୍ଥାବଳୀକୁ ଅନ୍ଧକାରରୁ ଆଲୋକ ଜଗତକୁ ଆଣିଥିଲେ । ଅଧ୍ୟାପକ ଜାନକୀ ବାବୁଙ୍କ ସମ୍ପାଦନାର ଅବଦାନ ମଧ୍ୟ କିଛି କମ୍ ନଥିଲା । ଜାତୀୟବାଦୀ କବି କୃଷ୍ଣମୋହନଙ୍କର ଅନବଦ୍ୟ ଜାତୀୟ ସଂଗୀତ ଓ ଯାହା ଓଡ଼ିଆ ଜନଜୀବନର ତନ୍ତ୍ରୀ ଧରାଇ ଦେଇଥିଲା । ତାହା ୧୯୦୬ରେ ସମ୍ବଲପୁର ଠାରେ ଉତ୍କଳ ସମ୍ମିଳନୀରେ ପ୍ରଥମେ ବୋଲାଯାଉଥିଲା । ତାର ପ୍ରଥମ ପଦ ହେଲା :- " ଆଜି ସାଗର, ଭୂଧରେ ପ୍ରାନ୍ତରେ ଅମ୍ବରେ, ଶୁଭୁ ଉତ୍କଳର ଜୟ ଗୀତି ।

ଯାଇଛି ଅତୀତ ହଜିନାହିଁ ବୀଣା ଦବି ନାହିଁ ତାନ ହେଲେହେଁ ପ୍ରାଚୀନା,
ନବଜାଗରଣେ, ନବ ଗୁଞ୍ଜରଣେ ଉଠୁ ସେ ତନ୍ତ୍ରରେ ନବ ପ୍ରୀତି ।

Digitized by PPRACHIN, SOA

ଅନ୍ୟ ଦେଶ ବନ୍ଦନା କବିତାରେ କବି ଦେଶର ସ୍ୱାଧୀନତାର ଜୟଗାନ କରି ବନ୍ଦେମାତରମ୍‌ରେ ଗମ୍ଭୀର ତାନ ତୋଳିଛନ୍ତି । ପ୍ରାଣନାଥଙ୍କର ଦୀର୍ଘ ସମୀକ୍ଷାତ୍ମକ ନିବନ୍ଧରେ ସଠିକ୍ ରୂପେ କହିଛନ୍ତି ଯେ କୃଷ୍ଣମୋହନ ରାଜା ମହାରାଜା ବା ବ୍ରିଟିଶ୍ ସାମ୍ରାଜ୍ୟବାଦୀ ଶାସନର ଜୟଗାନ ନିଜ କବିତାରେ କରି ନାହାନ୍ତି । ଜୀବନ ଦର୍ଶନକୁ ସୁକୁମାର କରୁଣ ସଂଗୀତରେ ସେ ପରିବେଷଣ କରିଛନ୍ତି । ନୈରାଶ୍ୟରେ ଜର୍ଜରିତ କବି ଅନେକ କବିତାରେ କରୁଣ ରସ ମନ୍ଦ୍ର ରାଗିଣୀ ତୋଳି, ଯେଉଁ ସବୁ ଗୂଢ଼ ଦାର୍ଶନିକ ଭାବନାକୁ ବ୍ୟକ୍ତ କରିଛନ୍ତି, ସେଥିରୁ ଜନମାନସରେ ଉତ୍‌କୀର୍ଣ୍ଣ ଏକ କବିତାର ପ୍ରଥମ ପଂକ୍ତି ଉଦ୍ଧୃତ କରୁଛି । ତାହା ହେଲା :-

"ଟିପି ଟିପି ହସୁରେ କିଆଁ   ମୋତେ ଚାହିଁ ସରଗ ତାରା
ଜାଣୁ ତ ମୁଁ ଜନମ ଦୁଃଖୀ   ହତାଶା ମୋ ଜୀବନସାରା ।
ଫୁଲକୁ ମୁଁ ଛୁଇଁଲେ ଖସେ,   ମେଳା ବାୟୁ ଲଟାରେ ପଶେ,
ନଦୀରେ ମୋ ପଡ଼ିଲେ ଛାଇ,   ଶୁଖିଯାଏ ଭୋଦୁଅ ଧାରା ।

କବି କୃଷ୍ଣମୋହନଙ୍କର କୃତି ସମ୍ବନ୍ଧରେ ପ୍ରାଣନାଥ ଲେଖିଥିବା ସୁଚିନ୍ତିତ ନିବନ୍ଧ "ବିଚାର କରିବା ପୂର୍ବରୁ ଏ ପୂର୍ବଭାଷ ଏକାନ୍ତ ଭାବେ ଆବଶ୍ୟକ । ପ୍ରାଣନାଥ ବାବୁଙ୍କ ନିବନ୍ଧରେ ତାଙ୍କର ସାହିତ୍ୟାଦର୍ଶର ଦାର୍ଶନିକ ଓ ମାନିବିକ ଦିଗର ଅବତାରଣା ତାଙ୍କ ନିବନ୍ଧର ଏକ ଆକର୍ଷଣୀୟ ବିଶେଷତ୍ୱ । ତା ପରେ କବି କୃଷ୍ଣମୋହନଙ୍କର ସାହିତ୍ୟର ବିଚାର କରି ସେ ଲେଖିଛନ୍ତି -:

"... ସମସାମୟିକ ସାହିତ୍ୟ କ୍ଷେତ୍ରରେ ଜାତୀୟ ସ୍ୱାଧୀନତା ଲାଭ ପାଇଁ ଓ ଦେଶର ଅଗ୍ରଗତି ପାଇଁ କୃଷ୍ଣମୋହନ ସାହିତ୍ୟର ଅବଦାନ ଅଧିକ । ଆଉ ଏକ ବକ୍ତବ୍ୟରେ ସେ ଲେଖିଛନ୍ତି, "କୃଷ୍ଣମୋହନ- ଜାତୀୟ ସାହିତ୍ୟର ବିଶେଷତ୍ୱ ହେଉଛି ସରଳ ସଂଗୀତ ମାଧ୍ୟମରେ ସମାଜର କୁମାରୀ, ସ୍ତ୍ରୀ, ଝିଅ ବୋହୂମାନଙ୍କ ହୃଦୟରେ ଜାତୀୟତା ଓ ସ୍ୱାଧୀନତା ଭାବଧାରା ତଥା ସାମ୍ରାଜ୍ୟବାଦ ବିରୋଧୀ ଭାବଧାରାର ଏକୀଭୂତ କଲ୍ଲୋଳ ବୁହାଇ ଏକ ସମନ୍ୱିତ ଉଚ୍ଛ୍ୱାସର ଉଦ୍ରେକ କରିବା । ସମାଜର ଗଭୀରତମ ସ୍ତର, ନାରୀ ମହଲରେ ବ୍ୟାପକ ଭାବେ ଜାତୀୟ ସାହିତ୍ୟର ଚର୍ଚ୍ଚାର ସମ୍ୟକ ବାୟୁମଣ୍ଡଳ ସୃଷ୍ଟିକରିବା । କୃଷ୍ଣମୋହନ ସାହତ୍ୟର କଳାପାଟବର ଆଲୋଚନା କରି ପ୍ରାଣନାଥବାବୁ ଗ୍ରନ୍ଥାବଳୀସ୍ଥ ସ୍ୱନିବନ୍ଧରେ କରିଛନ୍ତି, ".... ନିଖୁଣ କଳାପାଟବ କୁମାରୀ ସଂଗୀତରେ ଯେତେ ପରିମାଣରେ ପ୍ରାଣସ୍ପର୍ଶୀ ଅଭିବ୍ୟକ୍ତିର ପ୍ରକାଶ ପାଇଛି, ତାହା ଅନ୍ୟ ସାହିତ୍ୟିକମାନଙ୍କ ଠାରେ ସେତେ ପରିମାଣରେ ପରିଲକ୍ଷିତ ହୁଏ ନାହିଁ ।

'କବି କୃଷ୍ଣମୋହନଙ୍କର ସ୍ୱଭାବ ଓ ସ୍ୱାଧୀନତା ପ୍ରତି ଥିବା ଅସୀମ ଆଗ୍ରହ ଓ ଦାବୀ'ର ପ୍ରଶଂସା କରିବା ସଙ୍ଗେ ପ୍ରାଣନାଥ କବିଙ୍କର 'କୁମାରୀ ସଂଗୀତ ଉପରେ ଅଧିକ ଆଲୋକପାତ କରିଛନ୍ତି । "ସରଳ ସୁଲଭ ଭାଷାରେ ନିଜର ଅନୁଚିନ୍ତା ପ୍ରକାଶ କରିବାକୁ ଯାଇ (କବି) 'କୁମାରୀ ସଂଗୀତ ମାଧ୍ୟମରେ ପଲ୍ଲୀ ସଂଗୀତର ମାଧୁରୀ

Digitized by PPRACHIN, SOA

ଭିତରେ ଗାଁ ଗହଳର ଝିଅ ଓ ଅସଂଖ୍ୟ ପତ୍ନୀ-ସୀମନ୍ତିନୀଙ୍କ ପ୍ରାଣରେ ଅଭିନବ ପୁଲକ ସଂଚାର କରିବା ସଂଗେ ସଂଗେ ରାଜନୀତି, ଦେଶର ଅବସ୍ଥା, ସ୍ୱଦେଶପ୍ରେମ, କର୍ତ୍ତବ୍ୟ ନିଷ୍ଠାର ଯେଉଁ ଉଦ୍‌ବୋଧନ ସେ ଅପୂର୍ବ ସଫଳତାର ସହିତ ବିଞ୍ଚି ବୁଣି ଯାଇଛନ୍ତି, ତାର ନିଦର୍ଶନ ତାଙ୍କ ସାହିତ୍ୟର ପ୍ରତି ଛତ୍ରେ ଛତ୍ରେ ଅନୁଭୂତ ହୁଏ । ସାହିତ୍ୟରେ ଯୁଗ ଦର୍ଶନର ପ୍ରତିଫଳନ କଥାକୁ ଦର୍ଶାଇ ପ୍ରାଣନାଥ ଉକ୍ତ ନିବନ୍ଧରେ କରିଛନ୍ତି, ‘‘ବାସ୍ତବରେ ଏହି ସମସ୍ତ ସାହିତ୍ୟର ମୂର୍ଚ୍ଛନା ହିଁ କୃଷ୍ଣମୋହନ ସାହିତ୍ୟର ଭାବ ଓ ଭାଷାର ସ୍ୱଷ୍ଟ ଅଭିବ୍ୟକ୍ତି ଓ ଉଚ୍ଚାଙ୍ଗ ସାହିତ୍ୟର ପରିଚୟ ଦିଏ । ଏହି ସାହିତ୍ୟ ଏକାଧାରରେ କବିଜୀବନୀ, କବି ପ୍ରତିଭା ଏବଂ ଯୁଗଦର୍ଶନର ଏକ ପୁଞ୍ଜୀଭୂତ ପସରା ।

ପ୍ରାଣନାଥ ବାବୁ ‘‘୧୯୫୫ରେ ଲିଖିତ ଅନବଦ୍ୟ’’ ଆସନ୍ତାକାଲିର ସାହିତ୍ୟରେ ଯେଉଁ ବାମପନ୍ଥୀ କାବ୍ୟାଦର୍ଶର ଉତ୍କର୍ଷ ପ୍ରକାଶ କରିଥିଲେ, ତାର ଠିକ୍ ଦଶବର୍ଷ ପରେ ୧୯୬୫ରେ ପ୍ରକାଶିତ କୃଷ୍ଣମୋହନ ଗ୍ରନ୍ଥାବଳୀରେ ପ୍ରକାଶିତ ନିଜର ୨୯ପୃଷ୍ଠାର ନିବନ୍ଧରେ ଖୁବ୍ ସଂକ୍ଷେପ, ଶାଣିତ ଓ ଉଦ୍ଦୀପ୍ତ ଭାବେ ପ୍ରକାଶ କରିଛନ୍ତି । ପ୍ରାଣନାଥବାବୁଙ୍କ ସାହିତ୍ୟ ଆଲୋଚନା ଏକ ନକାରାତ୍ମକ ବିଭାବ ନହୋଇ ଅସ୍ତିବାଚକ ସ୍ୱଜନଶୀଳ ଗଦ୍ୟ ସାହିତ୍ୟ ରୂପରେ ପ୍ରକାଶିତ । ଏକ ନୂତନ ଧାରାର ସାହିତ୍ୟ ଚିନ୍ତନ ଓ ସରଳ ମନୋଜ୍ଞ ଭାଷାରେ ଚିନ୍ତନର ପ୍ରକାଶ ତାଙ୍କୁ ଏକ ସାର୍ଥକ ସାହିତ୍ୟ ସାଧକ ରୂପେ ସ୍ମରଣୀୟ କରି ରଖିବ ।

ଶିକ୍ଷାପ୍ରାଣ ପ୍ରାଣନାଥ

ପ୍ରାଣନାଥ ପଟ୍ଟନାୟକ ଓଡିଶା ରାଜ୍ୟରେ ବହୁ ଚାରିତ୍ରିକ ବିଭାବ ଓ ଉନ୍ନତ ଦେଶପ୍ରେମର ସଚ୍ଚା ଯୋଦ୍ଧା ଭାବେ ଯେତିକି ଜନପ୍ରିୟ, ଶିକ୍ଷାର ମହାନ୍ ସଂସ୍ଥାପକ ରୂପେ ସେହି ପରିମାଣରେ ଆଦୃତ । ନିଜର କିଶୋର ଜୀବନରୁ ସେ ଶିକ୍ଷା, ବିଶେଷତଃ ଉଚ୍ଚ ଶିକ୍ଷାର ଆବଶ୍ୟକତା ସମ୍ବନ୍ଧରେ ଅବଗତ ଥିଲେ । କେତେ ମେଧାବୀ ଛାତ୍ର ସଦ୍ୟ ପ୍ରସ୍ଫୁଟିତ ପ୍ରତିଭା କଳିକା ଅର୍ଥାଭାବ ଓ ସୁଯୋଗର ଅଭାବରୁ ଶିକ୍ଷାପ୍ରାପ୍ତିରୁ ବଞ୍ଚିତ ହେଉଥାନ୍ତି, ତାହା ତାଙ୍କର ଚିନ୍ତାରାଜ୍ୟକୁ ଆବୋରି ବସିଥିଲା । ଶିକ୍ଷା ଜ୍ଞାନର ଅଞ୍ଜନ ସାଙ୍ଗକୁ ଉନ୍ନତ ସଂସ୍କୃତି ଓ ଚେତନଶୀଳତାର ମାଧ୍ୟମ ଏହା ଥିଲା ତାଙ୍କର ବଦ୍ଧମୂଳ ଚିନ୍ତାଧାରା । ତାଙ୍କ ପାଇଁ ଶିକ୍ଷା ଥିଲା ସମାଜ ଗଠନ ଓ ବୈଷମ୍ୟର ଦୂରୀକରଣର କାରକ । ତେଣୁ ଘନଘୋର ସ୍ୱାଧୀନତା ସଂଗ୍ରାମରେ ବ୍ୟାପୃତ ଥିବା ବେଳେ ପ୍ରାଣନାଥବାବୁ ଖୋର୍ଦ୍ଧାମାଟିରେ ଶିକ୍ଷାର ବିକାଶ ପାଇଁ ଚିନ୍ତାରେ ମଗ୍ନ ଥିଲେ । ମାତ୍ର ବାରମ୍ବାର ଆନ୍ଦୋଳନରେ ଅଂଶ ଗ୍ରହଣ ଓ ଜେଲଯାତ୍ରା ଯୋଗୁ କିଛି ପଦକ୍ଷେପ ନେବା ଅସମ୍ଭବ ବ୍ୟାପାର ଥିଲା । କାଶୀ ବିଦ୍ୟାପୀଠରେ ବିଦ୍ୟାର୍ଥୀ ଥିବା ବେଳେ ପ୍ରାଣନାଥ ଖୋର୍ଦ୍ଧାର ଐତିହାସିକ ଭୂମିରେ ଏକ ଉନ୍ନତ ଶିକ୍ଷା ସାଧନାର କେନ୍ଦ୍ର- ଆବାସିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାର ସ୍ୱପ୍ନ ଦେଖିଥିଲେ । ମହାମାନ୍ୟ ମଦନ ମୋହନ ମାଲବ୍ୟଙ୍କ ବନାରସ୍

Digitized by PPRACHIN, SOA

ହିନ୍ଦୁ ବିଶ୍ୱବିଦ୍ୟାଳୟ, କାଶୀ ବିଦ୍ୟାପୀଠ, ଉତ୍କଳମଣିଙ୍କ ସତ୍ୟବାଦୀ ବନବିଦ୍ୟାଳୟ ଓ ରବି ଠାକୁରଙ୍କ ଶାନ୍ତିନିକେତନର ଗୌରବ ଓ ପ୍ରତିଷ୍ଠା ନେଇ ମହାନ୍ ଜାତୀୟବାଦୀ ନେତା ମୋତିଲାଲ ନେହେରୁଙ୍କ ନାମରେ ଏକ ବିଶ୍ୱବିଦ୍ୟାଳୟ ଇତିହାସର ରଂଗସ୍ଥଳୀ ବରୁଣେଇ ପାହାଡର ପାଦ ଦେଶରେ ଭଗ୍ନଦୁର୍ଗର ସାମନା ସାମ୍ନି ସ୍ଥାନରେ ଗଠନ କରିବା ପାଇଁ ସେ ନିରୂପିତ ଯୋଜନା ପ୍ରସ୍ତୁତ କରିଥିଲେ । ଶିକ୍ଷା ପ୍ରସାରରେ ତାଙ୍କର ଭୂୟୋଦୃଷ୍ଟି ଥିଲା ଅନନ୍ୟ । ଏକ ଦିଗରେ ଆଦର୍ଶବାଦୀ ଦୃଷ୍ଟିକୋଣ ଓ ଅନ୍ୟ ଦିଗରେ ବାସ୍ତବବାଦୀ କାର୍ଯ୍ୟକରଣର ସମ୍ମିଶ୍ରିତ ଭାବନା ଥିଲା ପ୍ରାଣନାଥଙ୍କର । ଶିକ୍ଷାର ଆଲୋକକୁ ଖୋରଧା ମାଟିରେ ବିଚ୍ଛୁରିତ କରି ସାରା ରାଜ୍ୟରେ ଏହାକୁ ଏକ ନିଦର୍ଶନ କରି ଥୋଇବାର ଲକ୍ଷ୍ୟ ତାଙ୍କର ଥିଲା ।

୧୯୪୫ ଫେବୃଆରୀରେ ବ୍ରହ୍ମପୁର ଜେଲରୁ ଖଲାସ ହୋଇ ଫେରିବା ପରେ ପ୍ରାଣନାଥ ଜଟଣୀଠାରେ ଏକ ହାଇସ୍କୁଲ ପ୍ରତିଷ୍ଠା କରିବା ପାଇଁ ଜନସାଧାରଣଙ୍କୁ ସଂଗଠିତ କରିଥିଲେ । ଏହାର ଫଳସ୍ୱରୂପ ଜଟଣୀ ହାଇସ୍କୁଲ ପ୍ରତିଷ୍ଠିତ ହେଲା । ପ୍ରାଣନାଥ ନିଜେ ସେହି ବିଦ୍ୟାନିକେତନର ପ୍ରତିଷ୍ଠାତା ସଂପାଦକ ହେଲେ । ନିଜେ ଶ୍ରେଣୀରେ ପାଠ୍ୟକ୍ରମ ଅନୁସାରେ ଶିକ୍ଷକ ଭାବେ ଛାତ୍ରଙ୍କୁ କିଛି ଦିନ ମଧ୍ୟ ବିଦ୍ୟାଦାନ କରିଥିଲେ । ପାରିତୋଷିକର ପ୍ରଶ୍ନ ନଥିଲା । ବ୍ରହ୍ମପୁର ଜେଲ୍‌ରେ ଥିବା ତାଙ୍କର ଘନିଷ୍ଠ ସାଥୀ, ମହାନ୍ ଚିନ୍ତାବିତ୍, ବିଦ୍ୱାନ୍ କମ୍ୟୁନିଷ୍ଟ ନେତା ବିଜୟ ଚନ୍ଦ୍ର ଦାସଙ୍କୁ ସେ ସାଦର ନିମନ୍ତ୍ରଣ କରି ଆଣିଥିଲେ ଓ ବିଜୟବାବୁ ପ୍ରଧାନ ଶିକ୍ଷକ ହୋଇଥିଲେ । ଶିକ୍ଷା ସାଙ୍ଗକୁ ଦେଶପ୍ରେମୀ ଚେତନାରେ ଉଦ୍‌ବୁଦ୍ଧ ଛାତ୍ରମାନଙ୍କୁ ତିଆରି କରିବା ଥିଲା ଉଦ୍ଦେଶ୍ୟ । ଖୋର୍ଦ୍ଧାରେ ମହାନ୍ ଦେଶପ୍ରେମୀ ଶହୀଦ ଜୟୀ ରାଜଗୁରୁଙ୍କ ନାମରେ ନାମିତ "ଜୟୀ ରାଜଗୁରୁ ହାଇସ୍କୁଲର ପ୍ରତିଷ୍ଠା ତାଙ୍କର ଅନ୍ୟତମ ମହାନ୍ ଅବଦାନ ଥିଲା ।

ମାତ୍ର ଶିକ୍ଷାକ୍ଷେତ୍ରରେ ପ୍ରାଣନାଥଙ୍କର ସମୁଜ୍ଜ୍ୱଳ ଉଦ୍ୟମର ଇମାରତ୍ ହେଉଛି ଏବକାର ରାଜ୍ୟର ବିଶାଳତମ ବେସରକାରୀ କଲେଜ ଖୋର୍ଦ୍ଧାକଲେଜ । ଗାଁ ଗାଁ ବୁଲି ଜନ ସାଧାରଣଙ୍କୁ ବୁଝାଇ ଏକ ମହତ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ଯେ ଯାହା ପାରୁଛି, ତାର ଦାନ ଦେଉ ବୋଲି ନମ୍ର ନିବେଦନ କରିଛନ୍ତି । ତିନି ବରଷିଆ ଏକ କ୍ଷୁଦ୍ର ଶିକ୍ଷାନୁଷ୍ଠାନ ଆଜି ବିଶାଳ ଶିକ୍ଷାନିକେତନ ଭାବେ ଉଭା ହୋଇଛି । ସ୍ୱାଧୀନତା ପ୍ରାପ୍ତି ପରେ ପ୍ରାଣନାଥ ପୂର୍ବତନ ସାମରିକ ଡାକ୍ତର ପ୍ରାଣକୃଷ୍ଣ ମହାପାତ୍ର, ଆଡ୍‌ଭୋକେଟ୍ ଯଦୁମଣି ପଟ୍ଟନାୟକ, ବକ୍ସି ଜଗବନ୍ଧୁ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶିକ୍ଷାବିତ୍ ଦିବ୍ୟସିଂହ ପଟ୍ଟନାୟକ ଓ ଖାଁ ବାହାଦୁର ମୁସାୟବ୍ ଖାଁଙ୍କ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଏକଜୁଟ କରି ଖୋର୍ଦ୍ଧାରେ ଏକ କଲେଜ ଠିଆ କରିବାର ଯୋଜନା ତିଆରି କଲେ । ମାତ୍ର ନାନା ପ୍ରତିବନ୍ଧକ ତାହା କରାଇଦେଲା ନାହିଁ । ପ୍ରାଣନାଥ ବାବୁ ଆତ୍ମଗୋପନରେ ଯିବା, ଆନ୍ଦୋଳନରେ ବ୍ୟସ୍ତ ରହିବା ଓ ଦୀର୍ଘକାଳ କାରାରୁଦ୍ଧ ହେବା ମୁଖ୍ୟ କାରଣ ଥିଲା ।

Digitized by PPRACHIN, SOA

ଖୋରଧା ମାଟିର ଶିକ୍ଷା ନିକେତନ

୧୯୫୭ରେ ଦ୍ୱିତୀୟ ସାଧାରଣ ନିର୍ବାଚନରେ କୋର୍ଦ୍ଧା ଜନସାଧାରଣଙ୍କର ସାମୁହିକ ଅଭୀପ୍ସା ପ୍ରକାଶ ପାଇଲା ଯେ ସେଠାରେ ମହାବିଦ୍ୟାଳୟ ଯେ ପ୍ରତିଷ୍ଠା କରିପାରିବେ, ସେହି ପ୍ରାର୍ଥୀଙ୍କୁ ଭୋଟ ଦିଆଯିବ। ଏହି ନିର୍ବାଚନରେ ରାଜନୈତିକ ପ୍ରଶ୍ନ ଉପରେ ପ୍ରବଳ ବିତର୍କରେ ମାତି ଉଠିଥିବା ପ୍ରାଣନାଥ ବାବୁ ନିଜ କାର୍ଯ୍ୟକ୍ରମରେ ଖୋର୍ଦ୍ଧାରେ ଏକ କଲେଜ ନିଶ୍ଚିତ ଭାବେ ପ୍ରତିଷ୍ଠା କରିବେ ବୋଲି ନମ୍ର ଘୋଷଣା କରିଥିଲେ, ଯେଉଁଥିରେ ଆନ୍ତରିକତାର ପ୍ରବାହ ଥିଲା ବୋଲି ଜନସାଧାରଣ ବିଶ୍ୱାସ ପୋଷଣ କଲେ। ଖୋର୍ଦ୍ଧାର ଜନସାଧାରଣଙ୍କ ସହଯୋଗ ସଦିଚ୍ଛା ତାଙ୍କ ପଛରେ ଥିଲା। ନିର୍ବାଚନରେ ଜୟଯୁକ୍ତ ହେବା ପରେ କଲେଜ ପ୍ରତିଷ୍ଠା ଉଦ୍ୟମରେ ପ୍ରାଣନାଥ ଲାଗି ପଡିଲେ। ୧୯୫୭ ମେ ୧୫ ତାରିଖରେ ସେ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲରେ ଦଳମତ ନିର୍ବିଶେଷରେ ପ୍ରତିନିଧି ସ୍ଥାନୀୟ ବୁଦ୍ଧିଜୀବୀ ଶିକ୍ଷକ, ଡାକ୍ତର, ଆଇନ୍‌ଜୀବୀ, ଉତ୍ସାହୀ ଯୁବକ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଗାଁ ଗହଳର ଶିକ୍ଷାପ୍ରେମୀ ମୁଖିଆ ଲୋକଙ୍କର ଏକ ସଭା ଡକାଇଲେ, ଯେଉଁଥିରେ ଅବସର ପ୍ରାପ୍ତ ଓ.ଏ. ଡିଡ୍‌ସ ୱାର୍ସ ସଭାପତିତ୍ୱ କରିଥିଲେ। ୧୯୫୮ ଜୁଲାଇରେ ଖୋର୍ଦ୍ଧାରେ ଏକ କଲେଜର ପ୍ରତିଷ୍ଠା ପାଇଁ ଏକ ସର୍ବସମ୍ମତ ନିଷ୍ପତ୍ତି ନିଆଗଲା ଓ ଏଥିପାଇଁ ଏକ ୨୩ ଜଣିଆ କମିଟି ଗଠିତ ହୋଇଥିଲା। ପ୍ରାଣନାଥ ଏହାର ଆବାହକ ରହିଲେ। ଖୋର୍ଦ୍ଧାର ନଗରାଞ୍ଚଳ ଓ ଗାଁ ଗଣ୍ଡାରେ ବିପୁଳ ଉତ୍ସାହରେ କଲେଜ ପାଇଁ ଜନସାଧାରଣଙ୍କ ଠାରୁ ପାଣ୍ଠି ସଂଗ୍ରହ କାମ ଚାଲିଲା। ତାଙ୍କୁ ବହୁ ଶିକ୍ଷାପ୍ରେମୀ ବିଶିଷ୍ଟ ବ୍ୟକ୍ତି ଓ ବିଶେଷତଃ ଡାକ୍ତର ପ୍ରାଣକୃଷ୍ଣ ମହାପାତ୍ର ସାହାଯ୍ୟ କରୁଥାନ୍ତି। ମାତ୍ର ପ୍ରାଣନାଥ ବାବୁଙ୍କ ସାଧୁ ଉଦ୍ୟମରେ ନାନା ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ପ୍ରାଣନାଥ ବାବୁ କିନ୍ତୁ କଲେଜ ପାଇଁ ପ୍ରବଳ ପରିଶ୍ରମ ଚଳାଇଲେ। ସେ ସମାଜର ଦରିଦ୍ରତମ ପରିମଳ କର୍ମଜୀବୀ (ଯେଉଁମାନେ ମାହାର ନାମରେ ପରିଚିତ)ଙ୍କ ସାହିକୁ ଯାଇ ଯତ୍ କିଞ୍ଚିତ ପାପ୍ତିକୁ ଆନନ୍ଦରେ ଗ୍ରହଣ କରିଥିଲେ। ଏତିକିବେଳେ ଓଡିଶା ସରକାରଙ୍କର ଶିକ୍ଷାମନ୍ତ୍ରୀ ଲିଙ୍ଗରାଜ ପାଣିଗ୍ରାହୀ ଘୋଷଣା କରିଥିଲେ ଯେ ସରକାର ସରକାରୀ କଲେଜ ପ୍ରତିଷ୍ଠା କରିପାରବେ ନାହିଁ। ବେସରକାରୀ ଉଦ୍ୟମରେ କଲେଜ ପ୍ରତିଷ୍ଠା କରିପାରିବେ ନାହିଁ। ବେସରକାରୀ ଉଦ୍ୟମରେ କଲେଜ ପ୍ରତିଷ୍ଠିତ ହେଲେ, ତାହା ନିର୍ଦ୍ଦିଷ୍ଟ ସର୍ତ୍ତମାନ ପୂରଣ କଲେ, ତେବେଯାଇ ସରକାର ସେମାନଙ୍କୁ ସ୍ୱୀକୃତି ଦେବେ ଓ ସେମାନେ ଅନୁଦାନ ରାଶି ପାଇବେ। ସେ ଏଥିରେ ମୁଖ୍ୟ ସର୍ତ୍ତ ଥିଲା କଲେଜର ବିଭିନ୍ନ ଶ୍ରେଣୀ ପାଇଁ କ୍ଲାସ୍‌ରୁମ୍ ଓ ଦରମା ଦେବା ପାଇଁ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଜମା ରଖିବା। ତେଣୁ ଅର୍ଥ ସଂଗ୍ରହ ପାଇଁ ପ୍ରାଣପଣେ ପ୍ରାଣନାଥ ବାବୁ ଓ ତାଙ୍କର ସହକର୍ମୀମାନେ ଲାଗି ପଡିଥିଲେ। ୧୯୫୮ ଜୁଲାଇ ପହିଲାରୁ ବି.ଜେ.ବି ହାଇସ୍କୁଲରେ କଲେଜର ନାମଦାମ, ନାମଲେଖା ଓ ଅଧ୍ୟାପନା ଆରମ୍ଭ ହେବାର ନିଷ୍ପତ୍ତି ନିଆଯାଇଥିଲା। ମାତ୍ର ଏ ଉଦ୍ୟମ ଭଣ୍ଡୁର କରିବା

Digitized by PPRACHIN, SOA

ପାଇଁ ୧୯୫୮ ଜୁନ୍ ୩୦ ତାରିଖ ଦିନ ଏପର୍ଯ୍ୟନ୍ତ ବେସରକାରୀ ଶିକ୍ଷାନୁଷ୍ଠାନ ଥିବା ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲକୁ ସରକାରୀ ଅନୁଷ୍ଠାନ ଭାବେ ସରକାର ଘୋଷଣା କଲେ । ତେଣୁ ନୂତନ କଲେଜ ଖୋଲିବାର ଆଶା ମଉଳିଗଲା । ଚିରପ୍ରଫୁଲ୍ଲ ପ୍ରାଣନାଥବାବୁ କ୍ଲାନ୍ତ ଶାନ୍ତ ଶରୀର ନୈରାଶ୍ୟ ଜର୍ଜରିତ ପ୍ରାଣରେ ଖୋର୍ଦ୍ଧାର ସେହି ଅର୍ଦ୍ଧଭଗ୍ନ ନୂଆଣିଆ ଚାଳଘର- ପାର୍ଟି ଅଫିସକୁ ଫେରି ଆସିଲେ । ସେଠି ଜୀବନର ଘନିଷ୍ଠତମ ସାଥୀ ଗୋକୁଳମୋହନ ରାୟ ଚୂଡାମଣି ଉପସ୍ଥିତ ଥିଲେ । ଜୀବନରେ ସେ ପ୍ରାଣନାଥବାବୁଙ୍କ ମୁହଁରେ ନିରାଶାର ବାଦଲ ଦେଖିନଥିଲେ । ଶିକ୍ଷାର ପ୍ରତିଷ୍ଠା ଯେପରି ପ୍ରାଣନାଥଙ୍କ ଶିରା ଧମନୀରେ ପ୍ରବାହିତ ହେଉଥିଲା । ଏଣେ ତାଙ୍କୁ ଆହୁରି-ଦୁଃଖୀ କରି ଅଜ୍ଞାତ ଶତ୍ରୁ ଥିବା ପ୍ରାଣନାଥ ବାବୁଙ୍କ ନାମରେ ନାନା କୁତ୍ସା ରଟନା କରି, ସେମାନେ ଦେଇଥିବା ଟଙ୍କାକୁ ଫେରସ୍ତ କରିବା ପାଇଁ ଅଡିବସିଲେ । ଗୋକୁଳଦା ସେଦିନ ଦମ୍ଭ ଦେଇ କହିଥିଲେ । କଲେଜ ଅଲବତ୍ ହେବ । ତାଙ୍କଛଡା ପ୍ରାଣନାଥଙ୍କ ସହିତ ସାନ ଭାଇ ଭଳି କଲେଜ କାମରେ ଲାଗି ପଡିଥିବା ଡାକ୍ତର ପ୍ରାଣନାଥ ମହାପାତ୍ର, ଗଂଗାଧର ପାଇକରାୟ ପ୍ରମୁଖ ବନ୍ଧୁମାନେ କଲେଜ ଗଠନ ଉଦ୍ୟମକୁ ସଫଳ କରିବା ପାଇଁ ଲାଗି ପଡିଥିଲେ । ପ୍ରାଣନାଥବାବୁ ଓ ତାଙ୍କର ବନ୍ଧୁଗଣ ଐତିହାସିକ ବରୁଣେଇ ପାହାଡ ସମ୍ମୁଖରେ ମୁକୁନ୍ଦ ପ୍ରସାଦ ଗ୍ରାମ ନିକଟରେ ୬୫ ଏକର ସରକାରୀ ଜମି ପଟ୍ଟା ନେଇ କଲେଜ ପ୍ରତିଷ୍ଠା ପାଇଁ ଲାଗିପଡିଲେ । ୧୯୫୯ ଜାନୁଆରୀ ୨୮ ତାରିଖ ଦିନ କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ମନ୍ତ୍ରୀ ପ୍ରଫେସର ହୁମାୟୁନ କବୀର ବିଶିଷ୍ଟ ଅତିଥି ଭାବେ କଲେଜର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ପ୍ରଫେସର ହୁମାୟୁନ କବୀର ଯେପରି ଏହି ଉତ୍ସବକୁ ଆସି ନପାରିବେ ସେଥିପାଇଁ ନ୍ୟସ୍ତସ୍ୱାର୍ଥାନ୍ଧ ଶକ୍ତି ନାନା ଷଡଯନ୍ତ୍ର ରଚନା କରିଥିଲେ । ମାତ୍ର ସେ ସମସ୍ତ ବାଧାକୁ ନିଜର ପ୍ରଭାବ ବଳରେ ଅକାମୀ କରି, ସମସ୍ତଙ୍କ ସହଯୋଗ କାମନା କରି ଓ କାହାରି ନିନ୍ଦା ଓ ପ୍ରଶଂସାରେ ପ୍ରଭାବିତ ନ ହୋଇ ପ୍ରାଣନାଥବାବୁ କଲେଜ ପାଇଁ ଅଣ୍ଟା ଭିଡି ବାହାରିଥିଲେ । ଡାକ୍ତର ପ୍ରାଣବନ୍ଧୁ ମହାପାତ୍ର କଲେଜ ପାଇଁ ଗୃହ ନିର୍ମାଣ କାମରେ ଲାଗି ପଡିଥିଲେ ଓ ପ୍ରାଣନାଥ ବାବୁ ରାଜ୍ୟ ଓ ପ୍ରବାସରୁ ନିଜର ବନ୍ଧୁମାନଙ୍କଠାରୁ ଅର୍ଥ ସଂଗ୍ରହ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ଖୋରଧା ଗାଁ ଗଣ୍ଡାରେ କଲେଜ ଗଠନର ବାର୍ତ୍ତା ପହଞ୍ଚାଇ ଏ କାର୍ଯ୍ୟରେ କଠୋର ପରିଶ୍ରମ କରିଥିଲେ ସେକାଳର ଉଦୀୟମାନ ଯୁବନେତା ଶିବାଜୀ ପଟ୍ଟନାୟକ । ୧୯୫୯ ଜୁଲାଇ ୧୯ରେ, ଅର୍ଥାତ ଶିକ୍ଷାବର୍ଷର ପ୍ରାରମ୍ଭରେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ଭିତରେ ଓଡିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ମହତାବ, ଅର୍ଥମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ଓ ବିକାଶ ମନ୍ତ୍ରୀ ରାଧାନାଥ ରଥଙ୍କ ଦ୍ୱାରା ଟାଙ୍ଗରା ଖୋର୍ଦ୍ଧା ମାଟିରେ କଲେଜ ଉଦ୍‌ଘାଟିତ ହେଲା । ଅଧ୍ୟାପକ ଅବନୀକୁମାର ବରାଳ (ପରବର୍ତ୍ତୀ କାଳରେ ଓଡିଶା ତଥା ଭାରତର ବରିଷ୍ଠ ଶିକ୍ଷକ ନେତା) ଅଧ୍ୟାପକ ବିଜୟ ମହାପାତ୍ର, ଅଧ୍ୟାପକ କ୍ଷୀରୋଦ ମହାନ୍ତି, ଅଧ୍ୟାପକ ସୁବୋଧ ମହାନ୍ତି ପ୍ରମୁଖ ବିଶିଷ୍ଟ ଶିକ୍ଷକମାନେ ଅଧ୍ୟାପନା କାର୍ଯ୍ୟରେ ଯୋଗ

Digitized by PPRACHIN, SOA

ଦେଲେ । କଲେଜର ସ୍ଥାନୀୟ ପିଲାମାନେ ଓ ଦୂରଦୂରାନ୍ତର ଛାତ୍ରମାନେ ସ୍ଥାନ ପାଇବା ପାଇଁ ଧାଡିଦେଲେ । ମୁହଁରେ ପ୍ରଶାନ୍ତି, ଆଶାର ଆଲୋକ ଧରି ପ୍ରାଣନାଥ ବାବୁ ଖୋର୍ଦ୍ଧା କଲେଜର ନୂଆ ନୂଆ ଶ୍ରେଣୀର ପାଠ୍ୟକ୍ରମ ଖୋଲିବା, ବିଜ୍ଞାନ ଛାତ୍ରମାନଙ୍କ ପାଇଁ ଲାବରେଟରୀ ସୁବିଧା, ଲାଇବ୍ରେରୀରେ ପର୍ଯ୍ୟାପ୍ତ ବହି, ବିଶେଷଜ୍ଞମାନଙ୍କ ନିର୍ଣ୍ଣୟ ଅନୁସାରେ ଭଲ ଶିକ୍ଷକଙ୍କୁ ଆଣିବା, ଦୂରର ଛାତ୍ରମାନଙ୍କ ପାଇଁ ଛାତ୍ରାବାସ ଖୋଲିବା, ଓ ତା ସହିତ କଲେଜର ପରିସରକୁ ସଂପ୍ରସାରିତ କରିବା ପାଇଁ ନୂଆ ଗୃହ, ଲେକ୍‌ଚର ଥିଏଟର ନିର୍ମାଣର କଳ୍ପନାକୁ ସାକାର କରିବା ପାଇଁ ସେ ପ୍ରାଣପାତ ପରିଶ୍ରମ କଲେ । ନିର୍ମାଣ କାର୍ଯ୍ୟର ମୁଖ୍ୟ ଦାୟିତ୍ୱ ପ୍ରାଣବନ୍ଧୁ ଓ ତାଙ୍କର ନିବିଡ ସାଥୀ ନେଇଥିଲେ । ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମକୁ ଠିକ୍ ଭାବେ ଅଧାପନାରେ ପିଲାଙ୍କୁ ଶିକ୍ଷା ଦେବା ସହିତ କଲେଜରେ ଏକ ନୂତନ ସାଂସ୍କୃତିକ ସାରସ୍ୱତ ଚେତନା ଓ ପ୍ରଗତିଶୀଳ ଆଭିମୁଖ୍ୟ ସୃଷ୍ଟି କରିବା ପାଇଁ ସେ ପଦ୍ୟାନ୍ତ, ସାଂସ୍କୃତିକ ପ୍ରତିଯୋଗିତା, ତର୍କସଭା ଇତ୍ୟାଦିର ବ୍ୟବସ୍ଥା କରିବା ସଂଗେ ସଂଗେ ଅଧାପକ ମଣ୍ଡଳୀ ଓ ଛାତ୍ରମାନଙ୍କର ଗଣତାନ୍ତିକ ଦାବୀ ସବୁର ପୂରଣ ନିମନ୍ତେ ସଜାଗ ଥିଲେ । କଲେଜ ବାବଦରେ ଆସୁଥିବା ସମସ୍ତ ପାଣ୍ଠିର ହିସାବକୁ ଖୋଲାଫର୍ଦ୍ଦ ରୂପେ ସେ ଥୋଇଥିଲେ । ତାରି ଭିତରେ ପାର୍ଟିର କୃଷକ ସଭାର କାର୍ଯ୍ୟ ବି ଚାଲିଥିଲା । ତାଙ୍କର ପ୍ରାଣପ୍ରିୟ ସନ୍ତାନମାନେ ଶିକ୍ଷା ଓ ଯୋଗ୍ୟତା ବଳରେ ସମ୍ମାନଜନକ କର୍ମସଂସ୍ଥାନରେ ନିଯୁକ୍ତ ହେବାପରେ ଦୁଃଖୀ ପରିବାରରେ ସ୍ୱଚ୍ଛଳତା ଆସିଲା । ମାତ୍ର ଦିନେ ଅଧେ ଭୁବନେଶ୍ୱର ଘରକୁ ଯିବା ଛଡା, ଅଧିକାଂଶ ସମୟ ଖୋର୍ଦ୍ଧାର ଚାଳଘର ପାର୍ଟି ଅଫିସ ଓ କଲେଜ ପରିସର ଭିତରେ କଟୁଥିଲା । କଲେଜର ବିଭିନ୍ନ ହଲକୁ ଓଡିଶାର ବୀର ସନ୍ତାନମାନଙ୍କ ନାମରେ ନାମିତ କରିବା, କଲେଜ ପରିସର ଭିତରେ ଫଳଫୁଲର ଉଦ୍ୟାନ- ଉପବନ ତିଆରି କରିବା କାମରେ ସମୟ ଲଗାଉଥିଲେ ପ୍ରାଣନାଥ ବାବୁ ! ତାଙ୍କର ଘନିଷ୍ଠ ବନ୍ଧୁ ଓଡିଶାର ମହାନ୍ ଶିକ୍ଷାବିତ୍ ଓ ଅର୍ଥନୀତିଜ୍ଞ ଡକ୍ଟର ସଦାଶିବ ମିଶ୍ର କଲେଜ ପରିସର ମଧ୍ୟରେ ଫଳ ପରିବାର ଉଦ୍ୟାନ କରି, ସେଥିରେ ଛାତ୍ରମାନେ ଖୁସି ଅନୁସାରେ କାମକରି ଛାତ୍ରବାସକୁ ପନିପରିବା ଯୋଗାଇବା ପ୍ରସ୍ତାବ ଦେଇଥିଲେ । ଏହା ଥିଲା ରଚନାତ୍ମକ କାର୍ଯ୍ୟର ଏକ ଆଭିମୁଖ୍ୟ । ଛାତ୍ରାବାସର ଅନ୍ତେବାସୀମାନେ ଖାଇବା ଖର୍ଚ୍ଚ ଦେବେ ନାହିଁ ବା ଖୁବ୍ କମ୍ ଦେବେ । ତାକୁ ସାକାର କରିବାକୁ ପ୍ରାଣନାଥ କଲେଜ ସନ୍ନିକଟସ୍ଥ ଆର୍ଦ୍ରଜମିରୁ ଉର୍ବରମାଟି ଉଠାଇ ଓ ପମ୍ପ ସାହାଯ୍ୟରେ ଜଳ ଉତ୍ତୋଳନ କରି ଏକ ଉପବନ ଗଠନର ଯୋଜନା କରିଥିଲେ । ମାତ୍ର ତାହା କାର୍ଯ୍ୟକାରୀ କରିବା ପୂର୍ବରୁ ତାଙ୍କର ଅକାଳ ମୃତ୍ୟୁ ଘଟିଲା । ତଥାପି ବହୁ ଫଳ ଫୁଲ ଗଛରେ କଲେଜ ପରିସର ମଣ୍ଡିତ ହେଲା—ରୀତିମତ ଜଳସେଚନ ଫଳରେ ସୁନ୍ଦର ଛାୟାଶୀତଳ ପରିବେଶ ଭିତରେ ଆଜି ଖୋର୍ଦ୍ଧା କଲେଜ ଏକ ବିଶାଳ ଶିକ୍ଷାନୁଷ୍ଠାନ ରୂପେ ଠିଆହୋଇଛି । ତାରି ଭିତରେ ପ୍ରାଣନାଥ ବାବୁଙ୍କର ସୂକ୍ଷ୍ମ ସାଧନା, ଶ୍ରମ ଓ ତପସ୍ୟା ଯେପରି ରୂପ ପରିଗ୍ରହ କରିଛି । କେତେ ରାଜ୍ୟସ୍ତରୀୟ ସାଂସ୍କୃତିକ କ୍ରୀଡ଼ା ଓ

Digitized by PPRACHIN, SOA

ବକ୍ତୃତା ପ୍ରତିଯୋଗିତା ସେକାଳୁ ହେଉଛି ଖୋର୍ଦ୍ଧା କଲେଜରେ । ସେ ରାଜ୍ୟର ଓ ବାହାରର କେତେ ଗୁଣୀ, ଜ୍ଞାନୀ, ମାନୀ ମନୀଷୀଙ୍କର ସମାଗମର ହୋଇଛି ଏହା ତୀର୍ଥସ୍ଥଳ । ଏଇଠି ରାଜ୍ୟର ରାଜନୀତି ବିଜ୍ଞାନର ଅଧ୍ୟାପକମାନଙ୍କର ସମ୍ମେଳନ ହୋଇଛି ତାଙ୍କର ଜୀବିତାବସ୍ଥାରେ, ଯେଉଁଥିରେ ସେ ଭାଗନେଇ ନିଜର ଉନ୍ନତ ରାଜନୈତିକ ଚିନ୍ତାଧାରାର ପରିଚୟ ଦେଇଛନ୍ତି । ଆଜି ବିଭିନ୍ନ ବିଷୟରେ ସ୍ନାତକୋତ୍ତର ତଥା ସ୍ନାତକ ଓ ତା ତଳଶ୍ରେଣୀର ବିପୁଳ ସଂଖ୍ୟକ ଛାତ୍ରମାନଙ୍କର ଓ ଉଚ୍ଚମାନର ଅଧ୍ୟାପନା କରୁଥିବା ଅଧ୍ୟାପକମାନଙ୍କର ଅଙ୍ଗ ହେଇଛି ଖୋର୍ଦ୍ଧା କଲେଜ, ଯାହାକୁ ଖୋର୍ଦ୍ଧାର ଜନସାଧାରଣ, ଛାତ୍ର ଓ ଅଧ୍ୟାପକମାନେ ଆଦରରେ ନାମିତ କରିଛନ୍ତି "ପ୍ରାଣନାଥ ମହାବିଦ୍ୟାଳୟ' ଖୋର୍ଦ୍ଧା । ତାରି ଗଠନରେ ପ୍ରାଣନାଥ ତିଳତିଳ କରି ନିଜର ଆୟୁକୁ ନିଃଶେଷ କରିଛନ୍ତି ।

ଏହି ମହତ ଶିକ୍ଷାନୁଷ୍ଠାନର ଆଦର୍ଶ ଓ ମାର୍ଗଦର୍ଶନକୁ ସ୍ପଷ୍ଟ ଭାବେ ପ୍ରାଣନାଥ ପଟ୍ଟନାୟକ କଲେଜର ଦ୍ୱାଦଶ ପ୍ରତିଷ୍ଠା ଦିବସ ଉପଲକ୍ଷେ କହିଥିଲେ, "x x x ଏହି ଶିକ୍ଷାନୁଷ୍ଠାନକୁ ଏକ ଆଦର୍ଶ ଅନୁଷ୍ଠାନ ରୂପେ ଗଢ଼ିତୋଳିବା ଶିକ୍ଷକମାନଙ୍କର ପ୍ରଥମ ଓ ପ୍ରଧାନ କାର୍ଯ୍ୟ । ଏହି ମହାନ୍ କର୍ତ୍ତବ୍ୟ ସେମାନେ କେତେଦୂର ସମ୍ପାଦନ କରୁଛନ୍ତି, ଭବିଷ୍ୟତ ତାର ପ୍ରମାଣ ଦେବ । ଶିକ୍ଷକତା ହିଁ ସ୍ୱେଚ୍ଛାପ୍ରଣୋଦିତ ଅଧ୍ୟାପନା ଓ ଅଧ୍ୟୟନ ଉପରେ ପ୍ରତିଷ୍ଠିତ—ଶିକ୍ଷା ପ୍ରତି ଆଗ୍ରହ ଓ ଅନୁରାଗରୁ ଏହାର ସୃଷ୍ଟି ଏବଂ ତାହା ଛାତ୍ରମାନଙ୍କର ସ୍ନେହ, ଶ୍ରଦ୍ଧା, ଭକ୍ତି, ଅନୁକରଣ ଓ ଆକର୍ଷଣର କଷଟି ପଥରରେ ପରୀକ୍ଷିତ । କଷଟି ପଥରର ଏହି ପରୀକ୍ଷା ଜରିଆରେ ଶିକ୍ଷକତାର ସାର୍ଥକତା ପ୍ରମାଣିତ ହୁଏ । ତାହାର ଉଦାହରଣ ସତ୍ୟବାଦୀ ବନବିଦ୍ୟାଳୟ ଅଥବା ଭାରତର କାଶୀ ବିଦ୍ୟାପୀଠ । x x x ଏହି ଆଦର୍ଶ ବ୍ୟତିରେକେ ଏହି ଅନୁଷ୍ଠାନ ଏକ ସୁରମ୍ୟ ଇଟା ପଥରର ସମାବେଶ ବ୍ୟତୀତ ଆଉ କିଛି ହେବନାହିଁ । ପୁଣି ନିଜ ବକ୍ତବ୍ୟରେ ପ୍ରାଣନାଥବାବୁ କହିଥିଲେ x x x ଏହି ମହାବିଦ୍ୟାଳୟ ତାହାର ଛାତ୍ରଛାତ୍ରୀଗଣଙ୍କ ପାଇଁ ଏକ ଉଚ୍ଚ ଆଦର୍ଶ ଓ ଲକ୍ଷ୍ୟ ପ୍ରତିଷ୍ଠା କରିବା ପାଇଁ ସତତ ଚେଷ୍ଟିତ । ଖୋର୍ଦ୍ଧା କଲେଜ ଛାତ୍ରମାନଙ୍କର ଶିକ୍ଷା ଏପରି ଉଚ୍ଚସ୍ତରକୁ ଉନ୍ନୀତ ହେବ ଯେ, କୌଣସି ସ୍ଥାନରେ ଓ ଯେ କୌଣସି କ୍ଷେତ୍ରରେ ସେମାନେ ଗୌରବ ଅର୍ଜନ କରିପାରିବେ । ତାହାହିଁ ଆମର ଅନ୍ତର୍ନିହିତ ବାସନା । ସେହିପରି ଜୀବନରେ ସାହସିକତା, ନିର୍ଭୀକତା, ନିର୍ଭୁଲତା ପାଇଁ ସୁଖ୍ୟାତି ଅର୍ଜନ କରିବେ । ଦେଶପ୍ରେମ ଓ ସମାଜସେବାକୁ ଜୀବନରେ ଉଚ୍ଚସ୍ଥାନ ଦେବେ । ନ୍ୟାୟ ଓ ନିରପେକ୍ଷତାକୁ ନିଜ ଜୀବନରେ ଅଭ୍ୟାସ କରିବା ସଙ୍ଗେ, ସମାଜର ଅନ୍ୟାନ୍ୟ ଲୋକଙ୍କ ପ୍ରତି ସାମାଜିକ ନ୍ୟାୟ ଯେପରି କାର୍ଯ୍ୟକାରୀ ହୁଏ, ସେଥିପାଇଁ ଆବଶ୍ୟକ ସଂଗ୍ରାମ କରିବେ—ବୈଜ୍ଞାନିକ ସମାଜବାଦ ପ୍ରତିଷ୍ଠା, ସମାଜର ସକଳ ସୁଖ ଓ କଲ୍ୟାଣ ପାଇଁ ଏହି ଅନୁଷ୍ଠାନର ସର୍ବବିଧ ଉନ୍ନତିରେ ସାହାଯ୍ୟ କରିବେ । ଶିକ୍ଷା ଓ ସମାଜର ବିକାଶ ପାଇଁ କେତେ ବିସ୍ତୀର୍ଣ୍ଣ ଭୂୟୋଦୃଷ୍ଟି ଥିଲା ପ୍ରାଣନାଥଙ୍କର ! ୪୦ ବର୍ଷ ତଳର କ୍ଷୁଦ୍ର ଶିଶୁ ଶିକ୍ଷାନୁଷ୍ଠାନ ଆଜି ବିଶାଳ ଶିକ୍ଷା ନିକେତନ । କବି ପଦ୍ମଚରଣ ଲେଖିବା ଭଳି,

Digitized by PPRACHIN, SOA

''କ୍ଷୁଦ୍ର ମଞ୍ଜି ଉପୁଜାଏ ମହାଦ୍ରୁମ ଶତ ଶତ, ଦେଶ ଭକ୍ତ ସାଧୁ ରକ୍ତ ନୁହେଁ ଭସ୍ମେ ପରିଣତ ।'' ଆଜି ପ୍ରାଣନାଥ ବାବୁ ନାହାନ୍ତି, ମାତ୍ର ତାଙ୍କର ''ମାନସ ସନ୍ତାନ'' ଖୋର୍ଦ୍ଧା କଲେଜ ଯେପରି ତାଙ୍କର ମହତ୍ତ୍ୱପୂର୍ଣ୍ଣ ଉଦ୍‌ଘୋଷଣା ନିଜେ ପ୍ରକାଶ କରୁଛି ।

ଶେଷରେ ଏତିକି:-

ପ୍ରାଣନାଥ ପଟ୍ଟନାୟକଙ୍କର ଦେହାବସାନ ପରେ ୨୮ ବର୍ଷ ବିତିଯାଇଛି । ତାଙ୍କର ବ୍ୟକ୍ତିତ୍ୱ, ସଂଗ୍ରାମ, ନିଷ୍ଠାପର ଲୋକନୀତି, ସାହିତ୍ୟିକ ଅବଦାନ ଓ ଶିକ୍ଷାର ସଂସ୍ଥାପନା ସମ୍ବନ୍ଧରେ ବିଭିନ୍ନ ଦୃଷ୍ଟିରୁ ଦଳମତ ନିର୍ବିଶେଷରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଥିବା ପ୍ରତିଷ୍ଠିତ ବ୍ୟକ୍ତିମାନେ ମୂଲ୍ୟାୟନ କରିଛନ୍ତି । ମଣିଷର ମୃତ୍ୟୁପରେ ତା'ର ଜୀବନର ଭଲ ମନ୍ଦର ସଠିକ ବିଚାର କରାଯିବା ସଂଗତ । ସେଥିପାଇଁ କୁହାଯାଇଛି :- ''ପ୍ରାଣୀର ଭଲମନ୍ଦବାଣୀ ମରଣ କାଳେ ତାହା ଜାଣି । ବିପ୍ଳବୀ କବି ମନମୋହନ ମିଶ୍ରଙ୍କ ଭାଷାରେ ତାଙ୍କର ଅତିସାଧାରଣତ୍ୱରେ ସେ ଥିଲେ ସାଧାରଣତମ- ''Most uncommon in his Commonness । ଧୂଳି ଧୂସରିତ ଓଡ଼ିଶା ମାଟିର ଓ ବିଶେଷତଃ ବୀର ମାଟିର କଙ୍କରିତ ଧରଣୀର ଗର୍ବର ସନ୍ତାନ ପ୍ରାଣନାଥଙ୍କର ସାରା ଜୀବନ ଥିଲା ଅଜସ୍ର ଛୋଟ ବଡ଼ ସଂଗ୍ରାମର ରୂପକଥାର କାହାଣୀ । ବାଲ୍ୟକାଳରୁ ନିଜର ପଲ୍ଲୀ ଗାଁ —ଡିମିରିର ହରିଜନ ଓ ଦୁର୍ବଳ ଶ୍ରେଣୀର ଦୁଃଖ ଦାରିଦ୍ର୍ୟ ଦେଖି ବିଗଳିତ ତାଙ୍କର କିଶୋର ପ୍ରାଣ ବିଦ୍ରୋହ କରି ଉଠିଥିଲା । ପୁରୀ ଜିଲ୍ଲା ସ୍କୁଲକୁ ଆସି ୧୯୧୯ରେ ଜାଲିଆନାୱାଲାବାଗ ନରସଂହାର ବିରୋଧରେ ହରତାଳରେ ସେ ଭାଗ ନେଇ ପାଠପଢ଼ା କିଛି ଦିନ ପାଇଁ ଛାଡ଼ିଥିଲେ । ତାହା ଥିଲା ସଂଗ୍ରାମୀ ଜୀବନର ଆଦିପର୍ବ— ଆଗାମୀ ପ୍ରସ୍ତୁତି ପୂର୍ବାଭାସ । ୧୯୩୦ ସାଲଠାରୁ ଦେଶମାତୃକାର ମୁକ୍ତିପାଇଁ ସଂଗ୍ରାମରେ ସେ ଦ୍ରୁମ ଭଳି ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ଜାତିପ୍ରେମର ହୋମାଗ୍ନିରେ । କେତେବାର ବ୍ରିଟୀସ ବିରୋଧୀ ସଂଗ୍ରାମରେ ଲହୁଲୁହାଣ ହୋଇଛନ୍ତି ସେ, କାରାଗାରର ମେଘନାଦ ପ୍ରାଚୀର ଭିତରେ ବନ୍ଦୀ ହୋଇଛନ୍ତି ବର୍ଷ ପରେ ବର୍ଷ । ବିବାହ ବେଳେ ସମସ୍ତ ସାମାଜିକ କୁସଂସ୍କାର - ମଣିଷ ଦ୍ୱାରା ମଣିଷ ସବାରି ପାଲିଙ୍କିରେ ସବାର୍ ହୋଇ ଯିବା ଚିରାଚରିତ ଘୃଣ୍ୟ ବ୍ୟବସ୍ଥା ବିରୋଧରେ ସେ ସଂଗ୍ରାମ କରି ହଇଚଇ ସୃଷ୍ଟି କରିଥିଲେ । ଗଡ଼ଜାତ ପ୍ରଜାମଣ୍ଡଳ ଆନ୍ଦୋଳନ ପଛରେ ଅଟଳ ମେରୁ ପରି ଠିଆ ହୋଇ ସଂଗ୍ରାମ ଚଳାଇଥିଲେ । ମହାତ୍ମା ଗାନ୍ଧୀଙ୍କର ଓଡ଼ିଶାରେ ମୁଷ୍ଟିମେୟ ନିର୍ବାଚିତ ନିୟାମକ ନେତା (ଯାହାଙ୍କୁ ଗାନ୍ଧିଜୀ କହୁଥିଲେ ଡିକ୍ଟେଟର) ରୂପେ ବଛା ହୋଇ ଏକୁଟିଆ ହଜାର ହଜାର ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ବ୍ରିଟିଶ୍ ସାମ୍ରାଜ୍ୟବାଦ ବିରୋଧରେ ସଂଗ୍ରାମରେ ଆଗୁଆନ୍ ସେନାପତି ହେଲେ । ସଂଗ୍ରାମର ଘାଟୀର କେତେ ପିଚ୍ଛିଳ ଦୁର୍ଗମ ପଥର ସେ ଥିଲେ ପଥିକ ଓ ଯୋଦ୍ଧା । ଜମିଦାର, ମହାଜନ, ସର୍ବରାକାର ଓ ମଠାଧୀଶଙ୍କ ବିରୋଧରେ ସଂଗ୍ରାମ କରି ଶେଷକୁ ହାସ୍ୟାସ୍ପଦ ଲଙ୍ଗଳଚୋରି ମାମଲାରେ ପଡ଼ିଥିଲେ ପ୍ରାଣନାଥ ! '' ଭାରତବର୍ଷକୁ ସ୍ୱାଧୀନତା ଆସିଲା !! କିନ୍ତୁ ବିପ୍ଳବୀ

Digitized by PPRACHIN, SOA

ପ୍ରାଣନାଥଙ୍କର ସଂଗ୍ରାମ ଶେଷ ହେଲା ନାହିଁ କି କାରାଗାର ଯିବା ବନ୍ଦ ହେଲା ନାହିଁ ।'' ଲେଖିଛନ୍ତି ସ୍ମୃତିଚାରଣରେ ଶେଖ ମତଲୁବ ଅଲ୍ଲୀ । ସେଥିରେ ପୁଣି ନିଜ ପରିବାର ସଢୁଥିଲା ଅତଳ ଦାରିଦ୍ର୍ୟ, ଅଭାବ, ଅନାଟନର ଗହ୍ୱର ଭିତରେ । ତା ବିରୋଧରେ ସେ ଓ ମଞ୍ଜରୀ ଦେବୀ ମିଳିତ ସଂଗ୍ରାମ ଚଳାଇଛନ୍ତି । ସ୍ୱାଧୀନତା ପରେ କ୍ଷମତା, ପଦବୀ, ଚୌକିର ମୋହ ଛାଡ଼ି ଚାଷୀ ମୂଲିଆ ଓ ଗରିବ ପ୍ରଜାର ପକ୍ଷ ନେଇ ପ୍ରାଣନାଥ କଲେ ଜୀବନ-ମରଣ ସଂଗ୍ରାମ । ଦୀର୍ଘ ଅନଶନ କରି ରକ୍ତ ବାନ୍ତିରେ ହୁଏତ ପ୍ରାଣବାୟୁ ଉଡ଼ିଯାଇଥାନ୍ତା ! ସେ ଥିଲା ମହାନ୍ ସଂଗ୍ରାମ । ମରୁଡ଼ି, ଦୁର୍ଭିକ୍ଷ, ମହାମାରୀ ବିରୋଧରେ ସଂଗ୍ରାମରେ ସେ ଥିଲେ ଅଗଣୀ ଯୋଦ୍ଧା । ବଡ଼ବିଲର ଅନ୍ଧାରୀ ମୂଲକରେ ଆଦିବାସୀ ଗରିବ ଲୋକଙ୍କ ଉପରେ ଅତ୍ୟାଚାରକୁ ସେ ସହ୍ୟ କରି ନପାରି ନିରସ୍ତ୍ର, ଏକେଲା ଚାଲିଲେ ଗୁଣ୍ଡା ଜାନୁଆର୍‌ଙ୍କ ମୁଖବ୍ୟାଦାନ ବିରୋଧରେ । ଏହା ବି ଥିଲା ମହାନ୍ ସଂଗ୍ରାମ, ଉନ୍ନତ ସାହିତ୍ୟ ସୃଷ୍ଟିର ମାର୍ଗ ଦର୍ଶନ ଦେବା ପାଇଁ ଧରାବନ୍ଧା ଆଲୋଚନା ବିରୋଧରେ ସାରସ୍ୱତ ଅଭିଯାନ କରି ସେ ଯେଉଁ ଆସନ୍ତାକାଲିର ସାହିତ୍ୟ ସୃଷ୍ଟି କଲେ, ତାହା ଥିଲା ତାଙ୍କର ସାରସ୍ୱତ ପ୍ରତିଭାର ପ୍ରତୀକ । ଖୋର୍ଦ୍ଧାର ଟାଙ୍ଗରା ଶୂରବୀରଙ୍କ ମାଟିରେ ବହୁ କଷ୍ଟ ସହି ସେ ଯେଉଁ ଶିକ୍ଷା ନିକେତନ ଠିଆ କଲେ, ତାହା ଥିଲା ଏକ ଅଭୁଲା ସ୍ମୃତି । ଏହା ଥିଲା –ଅଶିକ୍ଷା, ଅବିଦ୍ୟା ଅନ୍ଧକାର ବିରୋଧରେ କବିଙ୍କର ନବ ପ୍ରଭାତ ପାଇଁ ସଂଗ୍ରାମ ! ଜାନକୀ ବଲ୍ଲଭ ପଟ୍ଟନାୟକ କହିଛନ୍ତି- ''ପ୍ରାଣନାଥ ବାବୁ - ଏକ ବିଶାଳ ପ୍ରତିଭା । ହଁ ତାହା ଥିଲା ସଂଗ୍ରାମୀ ପ୍ରତିଭା । ନିତ୍ୟ ନୂତନ ସଂଗ୍ରାମର କଷଟି ପଥରରେ ପରୀକ୍ଷିତ –ଉଜ୍ଜ୍ୱଳ ବ୍ୟକ୍ତିତ୍ୱ । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏହି ମଣିଷ ସଂଗ୍ରାମ କରି ଚାଲିଥିଲା । ମୃତ୍ୟୁ ପୂର୍ବରୁ ଶତ ମାଇଲର ପଦଯାତ୍ରା - ଜାତି ଚେତନା ସୃଷ୍ଟି ପାଇଁ ଶେଷ ସଂଗ୍ରାମ ! ବିଶ୍ୱବିଦିତ ''ଇଣ୍ଟରନ୍ୟାସନାଲ'ର ପ୍ରାଣସ୍ପର୍ଶୀ ଗାନ୍–ଅନ୍ତିମ ସଂଗ୍ରାମେ ଆଗେ ଚାଲ୍, ବିଶ୍ୱ ଜନତାର ଅଭିଯାନ ! ସେହି ମହା ସଂଗ୍ରାମର ମହାଯୋଦ୍ଧା ଥିଲେ ପ୍ରାଣନାଥ ପଟ୍ଟନାୟକ । ଶାନ୍ତ, ସରଳ ଅଥଚ ବହ୍ନିମାନ କ୍ରାନ୍ତିକାରୀ ବ୍ୟକ୍ତିତ୍ୱ । ତାଙ୍କର ବିରଳ ଚରିତ୍ର ଭିତରେ ''ଉଦାରତା, ସହିଷ୍ଣୁତା'' ଥିଲା ଏକମାତ୍ର ଦୁର୍ବଳତା, ଯାର ଆଶ୍ରୟ ନେଇ ଅନେକ ତାଙ୍କୁ ଆଘାତ କରିଛନ୍ତି । ହୃଦୟ ବିଭାର ବିଲୋଳ ଫୁତ୍କାରରେ ସବୁକୁ ଉଡ଼ାଇଦେଇଛନ୍ତି ପ୍ରାଣନାଥ ବାବୁ । ମାତ୍ର ସାଧନାପୂର୍ଣ୍ଣ ଆଦର୍ଶଗତ ରାଜନୈତିକ ବିରୋଧିତା କରୁଥିବା ସାଥୀ ଓ ବନ୍ଧୁମାନଙ୍କ ପ୍ରତି ତାଙ୍କର ଶାଣିତ ଦୃଷ୍ଟିଭଙ୍ଗୀ ସତ୍ତ୍ୱେ, ସେ ଶେଷରେ ଲେଖିଛନ୍ତି, ''ମୁଁ ଚିତ୍ର ଆଙ୍କିପାରେ ନାହିଁ । ମୁଁ ଯଦି ତାଙ୍କର କାର୍ଟୁନ ଆଙ୍କନ୍ତି, ତାହାହେଲେ ଗୋଟିଏ ହସ ହସ ମୁହଁ ତିଆରି କରି ତାକୁ କିଛି ପତଳା ବାଳରେ ଛାଉଣି କରିଦିଅନ୍ତି । ଆଖିରେ ଏକ ଜୀର୍ଣ୍ଣ ଫ୍ରେମର ଚଷମା । ଏକ ସାଧାରଣ ମାପର ଲୋକ, ଯାହାକୁ କହନ୍ତି ନନ୍-ଡେସ୍କ୍ରିପ୍ଟ୍ । ଡେଙ୍ଗା ନୁହଁନ୍ତି କି ବାଙ୍ଗରା ନୁହଁନ୍ତି, ପତଳା ନୁହନ୍ତି କି ମୋଟା ନୁହନ୍ତି । ଦୁଇଟି ହାତରେ କିଛି ଖଇନି ଦଳି ଖୋର୍ଦ୍ଧା ଟାଙ୍ଗୀ ଉପରେ ଚାଲୁଛନ୍ତି ।

Digitized by PPRACHIN, SOA

କେବଳ ଖୋର୍ଦ୍ଧାର ଟାଙ୍ଗୀ ମାଟିରେ ନୁହେଁ, ସାରା ଉତ୍କଳର ଜନମାନସରେ ଏହି କ୍ରାନ୍ତିକାରୀ ଓଡ଼ିଶାର ମହାନ୍ ସନ୍ତାନ ଚିରନ୍ତନ ଭାବେ ଆସନ ଗ୍ରହଣ କରିଛନ୍ତି । ତାଙ୍କର ଘନିଷ୍ଠ ସାଥୀ ଗୁରୁଚରଣ ପଟ୍ଟନାୟକଙ୍କ ଭାଷାରେ "ଇତିହାସରେ ସ୍ରୋତର ଧକ୍କାରେ ଧକେଇ ଧକେଇ ନଭାସି ସେଇ ସ୍ରୋତର ସୃଷ୍ଟିରେ ଆପଣାକୁ ନିୟୋଜିତ କରିଛନ୍ତି । ପ୍ରାଣନାଥ ବାବୁ ଅଠାଇଶ ବର୍ଷ ତଳୁ ହୁଏତ ନଶ୍ୱର ଶରୀର ତ୍ୟାଗ କରିଛନ୍ତି । ମାତ୍ର ଏହି ମହାଯୋଦ୍ଧାର ସଂଗ୍ରାମ ଶେଷ ହୋଇନାହିଁ । ଜାତିର ସ୍ମୃତିକୋଷରେ ମଧୁକ୍ଷରା ହୋଇ ରହିଛି ଏ ମାଟିର ସେହି ଅବିସ୍ମରଣୀୟ ଆଗ୍ନେୟ ପୁରୁଷର ଜୀବନ ଦୃଷ୍ଟାନ୍ତ । କବିଙ୍କ ଭାଷାରେ,

"ତୁମ ମରଦେହ ଗ୍ରାସିଛି ଶ୍ମଶାନ,
ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ ।"

■■■

Digitized by PPRACHIN, SOA

ଆଶିଷ ମହାପାତ୍ରଙ୍କ ଜନ୍ମ ୧୯୩୮ ଅକ୍ଟୋବର ପହିଲାରେ - ଏକ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ।

ଏହି ଶତାବ୍ଦୀର ଷଷ୍ଠ ଦଶକରେ ଓଡ଼ିଶାର ଅବିସମ୍ବାଦିତ ବାମପନ୍ଥୀ ଛାତ୍ରନେତା ଭାବରେ ତାଙ୍କର ଅଭ୍ୟୁଦୟ ଘଟେ । ସେ ପୁରୀର ସାମନ୍ତ ଚନ୍ଦ୍ରଶେଖର କଲେଜ ଓ କଟକର ରେଭେନ୍ସା କଲେଜ ଛାତ୍ର ୟୁନିଅନର ସଭାପତି, ରାଜ୍ୟ ଛାତ୍ର ସଂଘର ସଭାପତି ଏବଂ ଅ.ଇ. କାର୍ଯ୍ୟକାରୀ କମିଟି ସଭ୍ୟ ରୂପେ ଏକ କର୍ମମୁଖର ତାରୁଣ୍ୟ ଅତିବାହିତ କରିଛନ୍ତି । ବହୁ ଆନ୍ଦୋଳନରେ ଯୋଗଦାନ କରିବା ସହିତ ଓଡ଼ିଶାରେ ସାମ୍ୟବାଦୀ ଚେତନାର ବାର୍ତ୍ତା ପ୍ରଚାର କରିଆସିଛନ୍ତି ।

ଯୁବ ଛାତ୍ର, କୃଷକ ଶ୍ରମିକ ଆନ୍ଦୋଳନର ଅଗ୍ରଭାଗରେ ରହି ବହୁବାର ସେ ଜେଲ୍ ଯାତ୍ରା କରିଛନ୍ତି । ଦ୍ୱିଦଶକରୁ ଊର୍ଦ୍ଧ୍ୱକାଳ ରାଜ୍ୟ କମ୍ୟୁନିଷ୍ଟ ପାର୍ଟିର ସର୍ବୋଚ୍ଚ ନିୟାମକ ନେତୃତ୍ୱରେ ରହିବା ସହିତ ଜାତୀୟ ପରିଷଦ ସଭ୍ୟ ଏବଂ ଶାନ୍ତି, ମୈତ୍ରୀ ଆନ୍ଦୋଳନର ପୁରୋଭାଗରେ ରହି ଶ୍ରୀ ମହାପାତ୍ର ନିଜର ବୈପ୍ଳବିକ ଭୂମିକା ନିଷ୍ଠାପର ଭାବରେ ନିର୍ବାହ କରିଆସିଛନ୍ତି ।

ପ୍ରାଣନାଥ ପଟ୍ଟନାୟକଙ୍କ ଜୀବନର ଶେଷ ଭାଗରେ ତାଙ୍କ ସହିତ ଘନିଷ୍ଠ ଭାବେ ସଂପୃକ୍ତ । ୧୯୬୮ରେ ଉତ୍କଳ ବିଶ୍ୱବିଦ୍ୟାଳୟ ସିନେଟ୍ ସିଣ୍ଡିକେଟ୍‌କୁ ନିର୍ବାଚିତ ।

ଶ୍ରୀ ମହାପାତ୍ର ସାରସ୍ୱତ କ୍ଷେତ୍ରକୁ ଅଜସ୍ର ରାଜନୈତିକ, ଅର୍ଥନୈତିକ ପ୍ରବନ୍ଧ ଓ ଅନେକ ସାହିତ୍ୟିକ ପ୍ରବନ୍ଧରେ ସମୃଦ୍ଧ କରିଛନ୍ତି ।

'ଏସିଆ ଓ ନିରପେକ୍ଷବାଦ', 'ସାମ୍ୟବାଦ କେନ୍ଦ୍ର ଏସିଆକୁ କିପରି ଆସିଲା' ପୁସ୍ତକର ଅନୁବାଦକ ସହିତ ରାମଚନ୍ଦ୍ର ମିଶ୍ରଙ୍କ ସହ ବିଶାଳ ଗ୍ରନ୍ଥ 'ବିଶ୍ୱ ଶ୍ରମିକ ଶ୍ରେଣୀ ଐକ୍ୟ' ପୁସ୍ତକର ମଧ୍ୟ ସେ ଯୁଗ୍ମ ଅନୁବାଦକ । ତାଙ୍କର ଅନବଦ୍ୟ 'କାର୍ଲମାର୍କ୍ସଙ୍କ ଜୀବନୀ' ବହୁ ସଂସ୍କରଣରେ ପ୍ରକାଶିତ । 'ଲାଲ ତାରକାର ଦେଶେ' ଭ୍ରମଣକାହାଣୀ 'ପ୍ରଜାତନ୍ତ୍ର' ପ୍ରକାଶନୀ ତରଫରୁ ପ୍ରକାଶିତ । 'ପ୍ରଜାତନ୍ତ୍ର' ସାହିତ୍ୟ ପୃଷ୍ଠରେ କୋଡ଼ିଏ ସପ୍ତାହ ଧରି ବିଶ୍ୱର ମୁକ୍ତି ସଂଗ୍ରାମ ତଥା ବିଭିନ୍ନ ରାଷ୍ଟ୍ର ବିପ୍ଳବର ଗାଥା – 'ଇତିହାସର ଲୋହିତ ଚକ୍ରବାଳ' ଓଡ଼ିଆ ପାଠକର ଅତି ପ୍ରିୟ— ପୁସ୍ତକ ହିସାବରେ ପ୍ରକାଶୋନ୍ମୁଖୀ । ସାହିତ୍ୟିକ ପ୍ରବନ୍ଧ- ଭିତରେ ଦୀର୍ଘ ଭାବ ଗର୍ଭିତ ପ୍ରବନ୍ଧ 'ସାହିତ୍ୟର ଆତ୍ମା', 'ସମାଜବାଦୀ ସାହିତ୍ୟରେ ନାନ୍ଦନିକ ମୂଲବୋଧ', 'ସାହିତ୍ୟ ଓ ବିଶ୍ୱୀକରଣ', 'ସାହିତ୍ୟରେ ସଂକଟ', 'ଭଗବତୀ ଚରଣଙ୍କର ସାହିତ୍ୟାଦର୍ଶ', 'ଏକବିଂଶ ଶତାବ୍ଦୀର ସାହିତ୍ୟ', 'ସାହିତ୍ୟ ସ୍ରଷ୍ଟା କାଳନ୍ଦୀ ଚରଣ', 'କ୍ରାନ୍ତିର କବି ମନମୋହନ', 'ପ୍ରାଣନାଥ - ସାହିତ୍ୟାଦର୍ଶ', 'ଦାସତ୍ୱ - ଶୋଷଣ ବିରୋଧରେ ସାହିତ୍ୟ', 'ସାହିତ୍ୟ ଓ ବିଶ୍ୱ ଚେତନା' ପ୍ରଭୃତି ଅନ୍ୟତମ । ଏ ପ୍ରବନ୍ଧଗୁଡ଼ିକ ସମାବେଶ, ଝଙ୍କାର, ଧରିତ୍ରୀ, ସହକାର, ଶତଦ୍ରୁ, ସାମ୍ୟବାଦୀ, ନୂଆ ଦୁନିଆ ଓ ପ୍ରଜାତନ୍ତ୍ର ପ୍ରଭୃତି ପତ୍ରପତ୍ରିକାରେ ପ୍ରକାଶିତ ।

ରମ୍ୟ ରଚନା ମଧ୍ୟରୁ 'ନିର୍ମୂଳିଲତା', 'ଅଘଟର ଘଟ ସମ୍ମେଳନ' ଉଲ୍ଲେଖଯୋଗ୍ୟ ।

Digitized by PPRACHIN, SOA